# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୧୪/୨୦୧୯ (୧୬ ପୃଷ୍ଠା ) Sambalpur, Thursday, March 14 / 2019 ★★

୧୫ଶ ଭାଗ ୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ଖ୍ୱାଜାଙ୍କ ଶତକରେ ଅଷ୍ଟ୍ରେଲିଆ ସିରିଜ ବିଜୟୀ**

ଉସମାନ ଖ୍ୱାଜାଙ୍କ ଶତକ ଏବଂ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ବୁଧବାର ୫ମ ଦିନିକିଆରେ ଭାରତକୁ ହରାଇ ୩-୨ରେ ସିରିଜ ଜିତିଛି । ୧୫

୧୨ **ସୋସିଆଲ ମିଡିଆ ନିଶା**

ପ୍ରଶଂସକଙ୍କ ସହ ମିଶିବାର ଆଉ ଏକ ମାଧ୍ୟମ ହେଲା ସୋସିଆଲ ମିଡିଆ। ଏଣୁ ଏବେ ଅଧିକାଂଶ ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଛନ୍ତି ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ।



# ମହିଳା ପ୍ରାର୍ଥୀ ଯୋଗାଡ଼ରେ କଂଗ୍ରେସ

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ)**

ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ପ୍ରାର୍ଥୀ ଚୟନକୁ ନେଇ ଜୋର୍‌ଦାର କସରତ ଆରମ୍ଭ ହୋଇଯାଇଛି। ନବୀନ ନିବାସରେ ଦୈନିକ ବିଜେଡି ଆଶାୟୀଙ୍କ ଭିଡ ଦେଖିବାକୁ ମିଳୁଛି। ସେହିପରି ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ଅବସ୍ଥା। ଅନ୍ୟପଟେ କିଛିଦିନ ତଳେ କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସ୍କ୍ରିନିଂ କମିଟି ଏବଂ ପ୍ରଦେଶ ଇଲେକ୍ସନ କମିଟି (ପିଇସି) ବୈଠକ ବସିବା ସମୟରେ ନେତାଙ୍କ ଭିଡ଼ ଲାଗିଥିଲା। କିନ୍ତୁ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକ ସଭା ନିର୍ବାଚନ ପାଇଁ ୩୩ପ୍ରତିଶତ ଆସନରେ ମହିଳା ପ୍ରାର୍ଥୀଙ୍କୁ ଟିକେଟ ମିଳିବ ବୋଲି କହିବା ପରେ ସବୁ ଓଲଟ ପାଲଟ ହୋଇଯାଇଛି। ନବୀନଙ୍କ ଏହି ଘୋଷଣା ବର୍ତ୍ତମାନ ଜାତୀୟସ୍ତରର ନେତାଙ୍କୁ ମଧ୍ୟ ପ୍ରଭାବିତ କରିଥିବା ଜଣାପଡିଛି। ଆସନ୍ତା ନିର୍ବାଚନ ପାଇଁ ଭାଜପା ଏହି ଫର୍ମୁଲା ଆପଣାଇବ ନା ନାହିଁ ସେନେଇ ମୁହଁ ଖୋଲୁ ନ ଥିବାବେଳେ କଂଗ୍ରେସ କିନ୍ତୁ ଏ ସମ୍ପର୍କରେ ଚିନ୍ତା କରୁଥିବା ଜଣାପଡିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ କରିବା ପାଇଁ ଦିଲ୍ଲୀ ଯାଇଥିଲେ। ମାତ୍ର ଅଧିକ ମହିଳା ପ୍ରାର୍ଥୀଙ୍କୁ ଆସନ୍ତା ନିର୍ବାଚନରେ ଟିକେଟ ଦେବାକୁ ହାଇକମାଣ୍ଡ ନିର୍ଦ୍ଦେଶ ଦେବା ପରେ ସେ ଦିଲ୍ଲୀରୁ ଫେରି ଆସିଥିବା କହିଛନ୍ତି।

ନିରଞ୍ଜନ କହିଛନ୍ତି ଯେ, ଦିଲ୍ଲୀଠାରେ ବସିଥିବା ବୈଠକରେ ୩ଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଛି। ୧୫ ଲୋକ ସଭା ଏବଂ ୧୦୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି। ସେହି ତାଲିକା ସେଣ୍ଟ୍ରାଲ ଇଲେକ୍ସନ କମିଟି (ସିଇସି)ରେ ଅନୁମୋଦିତ ହେବା ପରେ ପ୍ରକାଶ କରାଯିବ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିର୍ଦ୍ଦେଶ ଦେଇଛନ୍ତି ବିଜୟ ସମ୍ଭାବନା ଥିବା ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେବା ଲାଗି। ସେଥିପାଇଁ ଅଧିକ କସରତ କରିବାକୁ ପଡ଼ିବ। ୪ର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଆସନ ପାଇଁ ଏପର୍ଯ୍ୟନ୍ତ ତାଲିକା ପ୍ରସ୍ତୁତ କରାଯାଇ ନାହିଁ। ଆସନ୍ତା ୧୬ ତାରିଖରେ ପୁନର୍ବାର ଦିଲ୍ଲୀଠାରେ ସ୍କ୍ରିନିଂ କମିଟି ବୈଠକ ବସି ପ୍ରାର୍ଥୀ ତାଲିକା ଚୂଡାନ୍ତ ହେବ ବୋଲି ନିରଞ୍ଜନ କହିଛନ୍ତି।

ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଆସନ୍ତା ନିର୍ବାଚନ ପାଇଁ ଜନତାଙ୍କ ପ୍ରିୟ ଏବଂ ମନଲାଖି ପ୍ରାର୍ଥୀଙ୍କୁ ଚୟନ କରିବ ଭାଜପା। ☞ପୃଷ୍ଠା-୪

## ମାଓବାଦୀ ଲିଙ୍କ୍: ବ୍ଲକ ବିଜେଡି ସମ୍ପାଦକ ଗିରଫ

**ଦାରିଙ୍ଗବାଡ଼ି, ୧୩।୩(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ସାଧାରଣ ନିର୍ବାଚନ ପୂର୍ବରୁ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)କୁ ଜୋରଦାର କରାଯାଇଛି। ମାଓବାଦୀ ପ୍ରବଣ ଭ୍ରମରବାଡ଼ି ସମେତ ସୋନପୁର ଅଞ୍ଚଳରେ ପୋଲିସ ଚଢ଼ାଉ କରି ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିଛି। ଦାରିଙ୍ଗବାଡି ବ୍ଲକ ବିଜେଡି ସମ୍ପାଦକ ତଥା ଭ୍ରମରବାଡିର ଅଜୟ ପ୍ରଧାନଙ୍କୁ ବୁଧବାର ମାଓବାଦୀ ଲିଙ୍କରେ ଗିରଫ କରାଯାଇଥିବା ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି। ଅଜୟଙ୍କ ନାମରେ ୨୦୧୧ରେ ମାଓବାଦୀଙ୍କ ସହ ସମ୍ପର୍କ ନେଇ ଏକ ମାମଲା ରହିଥିବା ପୋଲିସ କହିଛି । ଅଜୟଙ୍କ ନାମରେ ନଂ.୮୦/୧୧ରେ ମାମଲା ରହିଥିଲା। ଏ ନେଇ ବିଜେଡି ସମ୍ପାଦକ ଅଜୟ କହିଛନ୍ତି, ମୋ ପାଖକୁ କିଛି ନୋଟିସ ପହଞ୍ଚି ନ ଥିବାରୁ କୌଣସି ମାମଲା ଥିବା ଜାଣି ନ ଥିଲି।



ଅଜୟ ପ୍ରଧାନ

## ବାପା-ପୁଅ ଟିକେଟ ନେଲେ ବିରୋଧ କରିବି: ତାରା

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ)**

ପ୍ରତି ପରିବାରରୁ ଜଣଙ୍କୁ ଟିକେଟ ଦିଆଯିବା ନେଇ ବିଗତ ଦିନରେ କଂଗ୍ରେସର ରାଜ୍ୟ ନେତୃବୃନ୍ଦ ମତ ରଖିଥିଲେ। ଏପରି କି ଓଡିଶା ପ୍ରଦେଶ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ ଦୃଢୋକ୍ତିର ସହ ଏହି କଥା କହିଥିଲେ। ପରିବାରରୁ ଜଣଙ୍କୁ ଟିକେଟ ମିଳିବ ବୋଲି ସେ ସିଧା ଦଳୀୟ ନେତାମାନଙ୍କୁ ଜଣାଇ ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ ଏବଂ ପ୍ରଦେଶ ଇଲେକ୍ସନ କମିଟି (ପିଇସି) ବୈଠକ ପରେ ଦଳର ବହୁ ବରିଷ୍ଠ ନେତା ପରିବାର ପିଛା ଦୁଇଟି ଲେଖାଏ ଟିକେଟ ନେବାକୁ ଯୋଜନା ରଖିଥିବା ଜଣାପଡିଛି, ଯାହାକୁ ନେଇ ବର୍ତ୍ତମାନ ଦଳ ଭିତରେ ଆରମ୍ଭ ହୋଇଯାଇଛି ବିଦ୍ରୋହ। ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହାକୁ କଡ଼ା ବିରୋଧ କରିଛନ୍ତି। ତାରା କହିଛନ୍ତି ଯେ, ବାପା ହେଉ କି ପୁଅ ଗୋଟିଏ ପରିବାରରୁ ଜଣଙ୍କୁ ଟିକେଟ ମିଳିବା ଆବଶ୍ୟକ। ବାପା-ପୁଅଙ୍କୁ ଟିକେଟ ମିଳିଲେ ସେ ବିରୋଧ କରିବେ। ଯଦି ଦଳ ଭିତରେ ଏପରି ହୁଏ ତେବେ ଆସନ୍ତା ନିର୍ବାଚନରେ ମୋତେ ଏବଂ ମୋ ସ୍ତ୍ରୀକୁ ଟିକେଟ ମିଳୁ ବୋଲି ଦାବି କରିବି। ସେ ହିଞ୍ଜିଳିକାଟୁ ଏବଂ ତାଙ୍କ ସ୍ତ୍ରୀକୁ ଜୟପୁରରୁ ଟିକେଟ ଦେବା ପାଇଁ କହିବେ ବୋଲି କହିଛନ୍ତି। ଏହାଛଡା ୩ଥର ହାରିଥିବା ପ୍ରାର୍ଥୀଙ୍କୁ ମଧ୍ୟ ଟିକେଟ ମିଳିବା ଉଚିତ ନୁହେଁ। ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କୁ ଟିକେଟ ଦେଲେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି। ☞ପୃଷ୍ଠା-୪

## ବାଇକ୍ ଉପରେ ମାଡ଼ିଗଲା ଡମ୍ଫର: ୩ ମୃତ

**ବାରିପଦା ଅଫିସ, ୧୩।୩**

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ଜାତୀୟ ରାଜପଥ ଦାନ୍ତିଆମୁହାଁ ଛକରେ ବୁଧବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଚଳନ୍ତା ବାଇକ ଉପରେ ଡମ୍ଫର ମାଡ଼ିଯିବାରୁ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଡ଼ସାହି ଥାନା ତ୍ରିଲୋଚନପୁରର ମଙ୍ଗ ସିଂ ଓ ଗାଲ ସିଂ ଏବଂ ବୈଶିଙ୍ଗା ଥାନା ନଡ଼ପୁରର ଘନ ସିଂ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାବେଳେ ଉତ୍ୟକ୍ତ ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ବେତନଟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛି। ବେତନଟୀ ଆଡୁ ବାଇକ( ନଂ. ଓଡି୧୧ଆର୦୬୭୯)ରେ ୩ ଜଣ ବ୍ୟକ୍ତି ଆସୁଥିବା ବେଳେ ତାଙ୍କ ପଛରେ ଆସୁଥିବା ଡମ୍ଫର (ନଂ. ଜିଜେ ୧୬ଏଫ୍‌୫୧୬ )ବାଇକ ଉପରେ ମାଡ଼ିଯାଇଥିଲା। ଫଳରେ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇଥିବା ଡମ୍ଫର ଏକ ନିର୍ମାଣକାରୀ ସଂସ୍ଥାରେ ନିୟୋଜିତ ଥିବା ଜଣାପଡ଼ିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ମେଡିକାଲକୁ ପଠାଇଛି।

### ବାଇକ୍ ଦୁର୍ଘଟଣାରେ ୨ ମୃତ

**ବାଲିଗୁଡ଼ା, ୧୩।୩(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଧୀନ ଗୁଇବନ୍ଧା ବ୍ରିଜ୍ ନିକଟରେ ବୁଧବାର ସନ୍ଧ୍ୟାରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସାରଙ୍ଗଗଡ଼ ପଞ୍ଚାୟତ ବିଲାବାଡି ଗ୍ରାମର ବଳରାମ ପ୍ରଧାନ ଓ ରାଜୁ ପୂଜାରୀ। ବଳରାମ ଓ ରାଜୁ ବାଲିଗୁଡ଼ାରୁ ବାଇକ୍ ଯୋଗେ ନିଜ ଗ୍ରାମକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ଗୁଇବନ୍ଧା ବ୍ରିଜ୍ ପୋଲରେ ପିଟି ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ବଳରାମଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରାଜୁଙ୍କ ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

■ ଲିଙ୍ଗରମାହା ଜଙ୍ଗଲରେ ଗୁଳି ବିନିମୟ

# କ୍ୟାଡର ମହିଳା ମାଓବାଦୀ ନିହତ

■ ସିପିଆଇ(ମାଓବାଦୀ)ର ବହୁ ସଦସ୍ୟ ଆହତ ସୂଚନା

■ ରାଇଫଲ, ଗ୍ରେନେଡ୍, ଲ୍ୟାଣ୍ଡମାଇନ, ବିସ୍ଫୋରକ ଜବତ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)/ ଫୁଲବାଣୀ ଅଫିସ**

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଲିଙ୍ଗରମାହା ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ବୁଧବାର ସକାଳୁ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ଜଣେ କ୍ୟାଡର ମହିଳା ମାଓବାଦୀଙ୍କ ମୃତ୍ୟୁ ଘଟିଛି। ସୁରକ୍ଷା କର୍ମୀମାନେ ଘଟଣାସ୍ଥଳରୁ ୪ ବନ୍ଧୁକ, ୩ ଗ୍ରେନେଡ୍, ଗୋଟିଏ ଲ୍ୟାଣ୍ଡମାଇନ୍, ବିପୁଳ ବିସ୍ଫୋରକ ସହ ବହୁ ମାଓବାଦୀ ସାମଗ୍ରୀ ଜବତ କରିଛନ୍ତି। ମୃତ ମହିଳାଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ସିପିଆଇ(ମାଓବାଦୀ) ବଂଶଧାରା ଘୁମୁସର ଡିଭିଜନର ସଦସ୍ୟ ବୋଲି ଜଣାପଡିଛି। ତେବେ ଗୁଳି ବିନିମୟ ବେଳେ ବହୁ ମାଓବାଦୀ ଆହତ ହୋଇଥିବା ଅନୁମାନ କରାଯାଉଥିବା ପୋଲିସ ଡିଜି ଡ. ଆର୍.ପି. ଶର୍ମା କହିଛନ୍ତି।

ବୁଧବାର ଭୁବନେଶ୍ୱରସ୍ଥିତ କ୍ୟାମ୍ପ ଅଫିସ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଜିପି ଶର୍ମା କହିଲେ, ନିର୍ବାଚନ ପୂର୍ବରୁ ସୁରକ୍ଷାକର୍ମୀଙ୍କ ଏହା ଏକ ବଡ଼ ସଫଳତା। ଲୋକ ସଭା ଓ ବିଧାନସଭା ନିର୍ବାଚନ ଘୋଷଣା ହେବା ପରେ ସିପିଆଇ(ମାଓବାଦୀ) ଏହି ☞ପୃଷ୍ଠା-୪



## ୩ ମିଲିସିଆ ଗିରଫ

**ମାଲକାନଗିରି, ୧୩।୩(ସ୍ୱ.ପ୍ର.)**

ମାଓବାଦୀ ସଙ୍ଗଠନର ୩ଜଣ ମିଲିସିଆଙ୍କୁ ସୀମାନ୍ତ ଆନ୍ଧ୍ରର ଭଦ୍ରାଚଳମ୍ ପୋଲିସ ଗିରଫ କରିଛି। ସେମାନେ ହେଲେ ଛତିଶଗଡ ସୁକୁମା ଜିଲା ସୋଡି ଡୁଡଭା, କାଲୁମ ଜୋଗା ଓ ପୋଡିୟମ । ସୋଡି ନିମଲାଗୁଡେମ୍ କମିଟିର ମିଲିସିଆ କମାଣ୍ଡର ରୂପେ କାର୍ଯ୍ୟ କରୁଥିଲେ। ସମସ୍ତଙ୍କ ଘର ସୁକୁମା ଜିଲାରେ। ଏମାନଙ୍କ ନିକଟରୁ ୧୦ଟି ଡେଟୋନେଟର, ୨୦ ମିଟର ତାର ଜବତ ହୋଇଛି। ଏମାନେ ଯବାନଙ୍କ ପାଇଁ ଲ୍ୟାଣ୍ଡମାଇନ୍ ବିଛାଇବା ଲାଗି ଆସୁଥିବା ବେଳେ ଜିଲା ପୋଲିସର ସ୍ପେଶାଲ ଫୋର୍ସ ଓ ୧୪୧ ବାଟାଲିୟନ ସିଆରପିଏଫ ଯବାନଙ୍କ ହାତରେ ଧରାପଡିଥିଲେ।

# ଭୋଟ ବର୍ଜନ ପାଇଁ ମାଓବାଦୀଙ୍କ ଆହ୍ୱାନ




କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳରେ ଲାଗିଥିବା ପୋଷ୍ଟର ।

**ଭୁବନେଶ୍ୱର, ୧୩।୩ (ବ୍ୟୁରୋ)/ବାଲିଗୁଡ଼ା, (ଡି.ଏନ୍.ଏ.)**

ଏପ୍ରିଲ୍ ୧୧ରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଶାନ୍ତିପୂର୍ଣ୍ଣ ତଥା ସୁରକ୍ଷିତ ନିର୍ବାଚନ ପାଇଁ ପୋଲିସ ପ୍ରସ୍ତୁତି ଚଳାଇଥିବାବେଳେ ରାଜ୍ୟର ବିଭିନ୍ନ ଜିଲାରେ ମାଓବାଦୀ ସକ୍ରିୟ ହୋଇଉଠିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବରୁ ଗୋଇନ୍ଦା ସୂଚନା ମିଳିଛି। ବୁଧବାର କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ଲିଙ୍ଗରମାହା ଜଙ୍ଗଲରେ ଗୁଳିବିନିମୟ ମାଓବାଦୀଙ୍କ ଉପସ୍ଥିତିକୁ ଜାହିର କରିଛି। ସେହିପରି ବାଲିଗୁଡ଼ା ବ୍ଲକ୍ ପରମପଙ୍ଗା ପଞ୍ଚାୟତ ସୁକୁଙ୍ଗିଆ ଛକରେ ମାଓବାଦୀ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଚଳିତ ସାଧାରଣ ନିର୍ବାଚନରେ ଭୋଟ ☞ପୃଷ୍ଠା-୪

## ୪ ଟ୍ରାକ୍ଟର ଜାଳିଦେଲେ

**ମାଲକାନଗିରି, ୧୩।୩(ସ୍ୱ.ପ୍ର.)**

ଆଗକୁ ନିର୍ବାଚନ ଥିବାରୁ ମାଓବାଦୀମାନେ ସକ୍ରିୟ ହୋଇପଡିଛନ୍ତି। ସେମାନେ ବିଭିନ୍ନ ସ୍ଥାନରେ ହିଂସା ଘଟାଇବାରେ ଲାଗିଛନ୍ତି। ନିକଟରେ ମାଲାକନଗିରି ଜିଲା ମାଥିଲିରେ ରାସ୍ତାକାମରେ ନିୟୋଜିତ ଗାଡି ପୋଡି ଜଣେ ଠିକାଦାରଙ୍କ ସମ୍ପର୍କୀୟ ଭାଇଙ୍କୁ ହତ୍ୟା କରିଥିଲେ। ମଙ୍ଗଳବାର ରାତିରେ ଛତିଶଗଡ ସୀମାନ୍ତ ଏଟାପାଲିରେ ହିଂସା ଘଟାଇଛନ୍ତି। ୨୦ରୁ ୩୦ ମାଓବାଦୀ ପହଞ୍ଚି ୪ଟି ଟ୍ରାକ୍ଟରକୁ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ ପୋଡି ଦେଇଛନ୍ତି। ଆଗାମୀ ଲୋକସଭା ନିର୍ବାଚନ ବର୍ଜନ କରିବା ଲାଗି ସେମାନେ ଆହ୍ୱାନ ଦେଇଛନ୍ତି।



ମାଓବାଦୀମାନେ ପୋଡ଼ି ଦେଇଥିବା ଟ୍ରାକ୍ଟର ।

**ଆଜିର ସମ୍ପାଦକୀୟ**

**ମାଂସରେ ଡ୍ରଗ୍ସ**

**ଆଜିର ମନ୍ତବ୍ୟ**

"କଂଗ୍ରେସ ଶାସନ କାଳରେ ୧୫ ଥର ସର୍ଜିକାଲ ଷ୍ଟ୍ରାଇକ୍ ହୋଇଛି।

-ଅଶୋକ ଗେହଲଟ୍, ରାଜସ୍ଥାନ ମୁଖ୍ୟମନ୍ତ୍ରୀ


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguga Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 13.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 84 | 137 | 147 |
| BLS | 84 | 137 | 147 |
| ANG | 82 | 135 | 145 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


■ ମମତାଙ୍କ ଗଡ଼ରେ ଛକାପଞ୍ଝା

# ବାଟ ଖୋଜୁଛି ଭାଜପା

■ ଭାଜପା ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ

■ ପଶ୍ଚିମବଙ୍ଗକୁ ଅତି ସମ୍ବେଦନଶୀଳ ରାଜ୍ୟ ଘୋଷଣା କରାଯାଉ: ରବିଶଙ୍କର

■ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛନ୍ତି ଟିଏମ୍‌ସି, ଭାଜପା: କଂଗ୍ରେସ

■ ଭାଜପା ଗୋଟିଏ ଆସନ ବି ଜିତିପାରିବ ନାହିଁ: ମମତା



**ନୂଆଦିଲ୍ଲୀ/କୋଲକାତା, ୧୩।୩**

ପଶ୍ଚିମବଙ୍ଗ ଉପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ନଜର ରହିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ମାତ୍ ଦେଇ ଏଠାରେ ଅଧିକରୁ ଅଧିକ ଆସନ ଦଖଲ ଲକ୍ଷ୍ୟରେ ରଣନୀତି ପ୍ରସ୍ତୁତ କରିଛି ଗୈରିକ ଦଳ। ସେପଟେ କଂଗ୍ରେସ ଏବଂ ବାମପନ୍ଥୀ ଦଳଗୁଡ଼ିକ ମଧ୍ୟ ନିଜ ନିଜ ଶୈଳୀରେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ମମତା ମହିଳା କାର୍ଡ ଖେଳିବା ପରେ ଟିଏମ୍‌ସି ସମସ୍ତ ୪୨ ଆସନ ଅକ୍ତିଆର କରିବ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି।

ମୁଖ୍ୟ ନିର୍ବାଚନ କମିଶନ (ସିଇସି) ସୁନୀଲ ଆରୋରା ରବିବାର ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରିବା ପରେ ସାରା ଦେଶରେ ରାଜନୈତିକ ଉଷ୍ମତା ବୃଦ୍ଧିପାଇଛି। ରାଜନୈତିକ ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ମମତା ବାନାର୍ଜୀଙ୍କ ଗଡ଼ ପଶ୍ଚିମବଙ୍ଗରେ ସମସ୍ତ ୭ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଏପ୍ରିଲ ୧୧ରେ ୨ ଆସନ, ୧୮ରେ ୩, ୨୩ରେ ୫, ମେ ୪ରେ ୮, ୬ରେ ୭, ୧୨ରେ ୮ ଓ ୧୯ ତାରିଖରେ ୯ ଆସନରେ ମତଦାନ କରାଯିବ ବୋଲି ଘୋଷଣା କରାଯାଇଛି। ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ସୁବିଧା ଅନୁସାରେ ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଇଛନ୍ତି ବୋଲି ସେ ଟାର୍ଗେଟ କରିଛନ୍ତି। ଏହାର ଦିନକ ପରେ ଭାଜପା ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ଭାଜପାର ଏକ ପ୍ରତିନିଧି ଦଳ ବୁଧବାର ଇସିଙ୍କୁ ଭେଟି ପଶ୍ଚିମବଙ୍ଗକୁ 'ଅତି ସମ୍ବେଦନଶୀଳ ରାଜ୍ୟ' ଭାବେ ଘୋଷଣା କରିବାକୁ ଅନୁରୋଧ କରିବା ସହ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଦାବି ଜଣାଇଛି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ, ନିର୍ମଳା ସୀଥାରାମନ୍, ଜେ.ପି. ନଡ୍ଡା ଏବଂ ଭାଜପା ସମ୍ପାଦକ ଭୂପିନ୍ଦର ଯାଦବ ଓ କୈଳାସ ବିଜୟଭର୍ଗୀୟ ନିର୍ବାଚନ ସଦନରେ ବରିଷ୍ଠ ଅଧିକାରୀମାନଙ୍କୁ ସାକ୍ଷାତ କରି ଦଳର ଦାବି ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରତ୍ୟେକ ବୁଥ୍‌ରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଉ। ରାଜୀବ କୁମାରଙ୍କ ସମେତ ଯେଉଁ ପୋଲିସ ଅଧିକାରୀମାନଙ୍କ ନିରପେକ୍ଷତାକୁ ନେଇ ପ୍ରଶ୍ନ ଉଠୁଛି, ସେମାନଙ୍କୁ ପଶ୍ଚିମବଙ୍ଗରୁ ଅନ୍ୟ ରାଜ୍ୟକୁ ବଦଳି କରାଯାଉ ବୋଲି ଭାଜପା ଦାବି କରିଛି। ସେହିପରି ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ମଙ୍ଗଳବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅହମଦାବାଦରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଆଣିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି ବୋଲି ସାକ୍ଷାତ ପରେ ରବିଶଙ୍କର ଗଣମାଧ୍ୟମକୁ ଜଣାଇଛନ୍ତି। ମମତା କହିଛନ୍ତି, ଭାଜପା କେନ୍ଦ୍ରୀୟ ବଳ ପଛରେ ଲୁଚିବାକୁ ଉଦ୍ୟମ କରୁଛି। ଏହା ରାଜ୍ୟବାସୀଙ୍କ ପାଇଁ ଏକ ଅପମାନ। ସାଧାରଣ ନିର୍ବାଚନରେ ଏହି ଦଳ ପଶ୍ଚିମବଙ୍ଗରେ ଗୋଟିଏ ବି ଆସନରେ ଜିତିପାରିବ ନାହିଁ। ଟିଏମ୍‌ସି ସମସ୍ତ ୪୨ ଆସନ ଦଖଲ କରିବ ବୋଲି ଭାଜପାକୁ ଚ୍ୟାଲେଞ୍ଜ କରିଛନ୍ତି ଦଳର ସୁପ୍ରିମୋ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର କଂଗ୍ରେସ ନେତାମାନେ ମଧ୍ୟ ବୁଧବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରିଜ୍ ଅଫ୍‌ତାଫ୍‌ଙ୍କୁ ସାକ୍ଷାତ କରିଛନ୍ତି। ଟିଏମ୍‌ସି ଏବଂ ଭାଜପା ଲୋକଙ୍କ ମନରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ଲୋକଙ୍କ ଭୟ ଦୂର କରିବା ପାଇଁ ରାଜ୍ୟର ୭୭,୦୦୦ ବୁଥ୍‌କୁ ☞ପୃଷ୍ଠା-୪



**ପଶ୍ଚିମବଙ୍ଗ: ୪୨ ଆସନ**

■ ପଶ୍ଚିମବଙ୍ଗରେ ୨୦୧୪ରେ ଏପ୍ରିଲ ୧୭ରୁ ମେ ୧୨ ମଧ୍ୟରେ ୫ ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ହୋଇଥିଲା।

■ ମମତା ବାନାର୍ଜୀଙ୍କ ଶାସକ ଟିଏମ୍‌ସି ୩୪ ଆସନରେ ବିଜୟୀ ହୋଇଥିଲା।

■ କଂଗ୍ରେସକୁ ୪ ଆସନ ମିଳିଥିବାବେଳେ ଭାଜପା ଏବଂ ସିପିଆଇଏମ୍ ୨ଟି ଲେଖାଏ ଆସନରେ ବିଜୟୀ ହୋଇଥିଲେ।

■ ୨୦୧୯ ସାଧାରଣ ନିର୍ବାଚନରେ ସମସ୍ତ ୭ ପର୍ଯ୍ୟାୟରେ ଭୋଟଗ୍ରହଣ କରାଯିବ।

■ ଏପ୍ରିଲ ୧୧ରେ ୨ ଆସନ, ୧୮ରେ ୩, ୨୩ରେ ୫, ମେ ୪ରେ ୮, ୬ରେ ୭, ୧୨ରେ ୮ ଓ ୧୯ ତାରିଖରେ ୯ ଆସନରେ ମତଦାନ।

■ ଏଥିପାଇଁ ଟିଏମ୍‌ସି ପକ୍ଷରୁ ମଙ୍ଗଳବାର ୪୨ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି।

■ ପ୍ରାୟ ୪୧% ମହିଳାଙ୍କୁ ଟିଏମ୍‌ସି ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଛି।



" ପାକିସ୍ତାନ ସହ ଉତ୍ତେଜନା ବୃଦ୍ଧି ପାଉ ବୋଲି ଭାରତ ଚାହେଁ ନାହିଁ। କିନ୍ତୁ ପୁଲଓ୍ବାମା ଆକ୍ରମଣକୁ ଭାଗ୍ୟ ବୋଲି ଧରିନେଇ ଚୁପ୍ ବସିବ ନାହିଁ ନୂଆଦିଲ୍ଲୀ।

–ସୁଷମା ସ୍ଵରାଜ, ବହିର୍ବ୍ୟାପାର ମନ୍ତ୍ରୀ



ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ ଲଣ୍ଡନସ୍ଥିତ ପାର୍ଲାମେଣ୍ଟରେ ଆଇନପ୍ରଣେତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି।



ସାରା ଭାରତରୁ ଭୋପାଳରେ ଏକତ୍ରିତ ହୋଇଥିବା ନ୍ୟାଶନାଲ ସର୍ଭିସ ସ୍କିମ୍ ସ୍ୱେଚ୍ଛାସେବୀ ମତଦାନ ଅଧିକାର ନେଇ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି।



ଚେନ୍ନାଇସ୍ଥିତ ଷ୍ଟେଲା ମାରିସ୍ ମହିଳା ମହାବିଦ୍ୟାଳୟ ଛାତ୍ରୀମାନେ ବୁଧବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସହ ସେଲ୍ଫି ନେଉଛନ୍ତି।

## ସଂକ୍ଷେପରେ

### ଆତଙ୍କବାଦୀଙ୍କ ଗୁଳିରେ ପୂର୍ବତନ ଏସ୍‌ପିଓ ନିହତ

**ଶ୍ରୀନଗର,୧୩।୩(ପି.ଟି.):** ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଜିଲାରେ ବୁଧବାର ଜଣେ ପୂର୍ବତନ ସ୍ଵତନ୍ତ୍ର ପୋଲିସ ଅଫିସର (ଏସ୍‌ପିଓ) ଆତଙ୍କବାଦୀଙ୍କ ଗୁଳିରେ ନିହତ ହୋଇଛନ୍ତି। ତାଙ୍କ ନାମ ଆଶିକ୍ ଅହମ୍ମଦ ନାୟେକ। ସେ ପିଙ୍ଗ୍‌ଲିନା ଅଞ୍ଚଳରେ ଚାଲି ଚାଲି ଯାଉଥିବାବେଳେ ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ଆତଙ୍କବାଦୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗତ ମାସ ୧୮ରେ ଉକ୍ତ ଅଞ୍ଚଳରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଥିଲେ। ୨୫ ବର୍ଷୀୟ ନାୟେକ ସେନାର ଜମ୍ମୁ-କଶ୍ମୀର ଲାଇଟ ଇନ୍‌ଫାଣ୍ଟ୍ରିରେ ଯୋଗଦେଇଥିଲେ। କଷ୍ଟକର ତାଲିମ ନେଇ ନ ପାରି ସେ ଅଧାରୁ ଚାକିରି ଛାଡିଦେଇଥିଲେ।

### ମଙ୍ଗଳରେ ପାଦ ରଖିବେ ଜଣେ ମହିଳା

**ୱାଶିଂଟନ,୧୩।୩(ପି.ଟି.):** ମଙ୍ଗଳ ଗ୍ରହରେ ପ୍ରଥମ ବ୍ୟକ୍ତି ଭାବେ ଜଣେ ମହିଳା ପାଦ ରଖିବା ସମ୍ଭାବନା ରହିଛି ବୋଲି ନାସା ପ୍ରଶାସକ ଜିମ୍ ବ୍ରିଡେନଷ୍ଟାଇନ୍ କହିଛନ୍ତି। ସେ ଉକ୍ତ ମହିଳାଙ୍କ ପରିଚୟ ଦେଇ ନାହାନ୍ତି। ତେବେ ଆମେରିକା ମହାକାଶ ଏଜେନ୍ସିର ଆଗାମୀ ଯୋଜନାରେ ମହିଳାମାନେ ଆଗଧାଡ଼ିରେ ଥିବା ସୂଚନା ଦେଇଛନ୍ତି। ଚନ୍ଦ୍ରରେ ପରବର୍ତ୍ତୀ ବ୍ୟକ୍ତି ମଧ ଜଣେ ମହିଳା ହୋଇପାରନ୍ତି ବୋଲି ବ୍ରିଡେନଷ୍ଟାଇନ୍ କହିଛନ୍ତି। ମାର୍ଚ୍ଚ ଶେଷ ଭାଗରେ କେବଳ ମହିଳା ମହାକାଶଚାରୀମାନଙ୍କର ଏକ ଦଳ ସ୍ପେସ୍‌ୱାକ୍ କରିବେ ବୋଲି ନାସା ପୂର୍ବରୁ ଘୋଷଣା କରିଥିଲା।

### ଦିଲ୍ଲୀରେ ଖଲିସ୍ତାନୀ ଆତଙ୍କବାଦୀ ଗିରଫ



**ନୂଆଦିଲ୍ଲୀ,୧୩।୩(ପି.ଟି.):** ବେଆଇନ ଘୋଷିତ ଆତଙ୍କବାଦୀ ସଂଗଠନ ଖଲିସ୍ତାନ କମାଣ୍ଡୋ ବାହିନୀ (କେସିଏଫ୍)ର ସଦସ୍ୟ ଗୁର୍‌ସେବକ ସିଂ (୫୩)ଙ୍କୁ ଦିଲ୍ଲୀ ପୋଲିସ ବୁଧବାର ଗିରଫ କରିଛି। ୧୯୮୪ର ବ୍ଲୁ ଷ୍ଟାର ଅପରେଶନ ବେଳେ ନିହତ ଜର୍ନାଇଲ ସିଂ ଭିନ୍ଦ୍ରେନ୍‌ୱାଲାଙ୍କର ସେ ସହଯୋଗୀ ବୋଲି ଜଣାପଡିଛି। ପାକିସ୍ତାନରେ ରହୁଥିବା କେସିଏଫ୍ ମୁଖ୍ୟ ପରମଜିତ ସିଂ ପଞ୍ଜୱାଡଙ୍କ ନିର୍ଦ୍ଦେଶରେ ସେ ଖଲିସ୍ତାନୀ ସଂଗଠନ ପୁନର୍ଗଠନ ଯୋଜନାରେ ଥିବା ଅଭିଯୋଗ ହୋଇଛି। ସେ ଜଗତାର ସିଂ ହାୱାରା ଏବଂ ତିହାର ସମେତ ବିଭିନ୍ନ ଜେଲ୍‌ରେ ଥିବା ଆତଙ୍କବାଦୀଙ୍କ ସହ ଯୋଗାଯୋଗ ରଖିଥିଲେ ବୋଲି ପୋଲିସ କହିଛି। ପୋଲିସ ଅଫିସରଙ୍କୁ ହତ୍ୟା, ବ୍ୟାଙ୍କ ଡକାୟତି ସମେତ ୫୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ କାର୍ଯ୍ୟକଳାପରେ ଗୁର୍‌ସେବକ ସମ୍ପୃକ୍ତ। ସେ ବିଭିନ୍ନ ମାମଲାରେ ୨୬ ବର୍ଷରୁ ଅଧିକ ଜେଲ୍‌ରେ ରହିଥିଲେ ଏବଂ ପାକିସ୍ତାନର କେତେଜଣ ଆତଙ୍କବାଦୀଙ୍କ ସହ ନିୟମିତ ଯୋଗସୂତ୍ରରେ ଥିଲେ ବୋଲି ଅତିରିକ୍ତ ପୋଲିସ କମିଶନର (ଅପରାଧ) ଅଜିତ କୁମାର ସିଙ୍ଗ୍‌ଲା କହିଛନ୍ତି।

### [ଇତିହାସର ଆଇନାରେ] ମାର୍ଚ୍ଚ ୧୪ର ପ୍ରମୁଖ ଘଟଣା

୧୯୨୬ ମାର୍ଚ୍ଚ ୧୪ରେ କୋଷ୍ଟାରିକାରେ ଏକ ଟ୍ରେନ ଦୁର୍ଘଟଣାରେ ୨୪୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଏଥିରେ ୯୩ ଜଣ ଆହତ ହୋଇଥିଲେ। ରବିବାର ଭ୍ରମଣରେ ଲୋକମାନେ ଲସ୍ ଆଞ୍ଜେଲସ୍‌ର ବାସିଲିକା ଡେ ନୁଏଷ୍ଟ୍ରା ସେନୋରାସ୍ଥିତ ଲା ନେଗ୍ରିଟା ଦେବୀଙ୍କୁ ଦର୍ଶନ କରିବାକୁ ଯାଉଥିବାବେଳେ ଭିରିଲା ନଦୀରେ ଟ୍ରେନ୍‌ଟି ଖସିପଡିଥିଲା।

୧୯୬୫ ମାର୍ଚ୍ଚ ୧୪ରେ ବଲିଉଡ ଅଭିନେତା ଆମିର ଖାନଙ୍କ ଜନ୍ମ ବମ୍ବେରେ ହୋଇଥିଲା। ତାଙ୍କ ପୂରାନାମ ମହମ୍ମଦ ଆମିର ହୁସେନ୍ ଖାନ୍। ୩୦ ବର୍ଷର ଫିଲ୍ମ କ୍ୟାରିୟର ମଧରେ ସେ ନିଜକୁ ଭାରତୀୟ ସିନେମାରେ ସବୁଠୁ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ଅଭିନେତା ଭାବେ ପ୍ରତିଷ୍ଠିତ କରିପାରିଛନ୍ତି।

## ଉତ୍ତର-ପୂର୍ବରେ ଏନ୍‌ଡିଏ ମେଣ୍ଟର ମଙ୍ଗ ଧରିଲା ଭାଜପା

# ୨୨ ଆସନ ଉପରେ ନଜର

**ଗୁଆହାଟୀ,୧୩।୩(ପି.ଟି.)**

ଉତ୍ତର-ପୂର୍ବରେ ବିରୋଧୀ ଦଳଗୁଡ଼ିକ ମହାମେଣ୍ଟ ପାଇଁ ଯୋଜନା ଚଳାଇଥିବାବେଳେ ସହଯୋଗୀଙ୍କୁ ନେଇ ମେଣ୍ଟ ଚୂଡ଼ାନ୍ତ କରିଛି ଭାଜପା। ୮ ରାଜ୍ୟର ୨୫ ଲୋକ ସଭା ଆସନ ମଧ୍ୟରୁ ୨୨ଟି ଆସନ ଦଖଲ କରିବା ପାଇଁ ଭାଜପା ଲକ୍ଷ୍ୟ ରଖିଛି ବୋଲି ଦଳର ସାଧାରଣ ସମ୍ପାଦକ ରାମ ମାଧବ ବୁଧବାର ସ୍ପଷ୍ଟ କରିଛନ୍ତି। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଭାଜପା ପ୍ରଭାରୀ ରାମ ମାଧବ କହିଛନ୍ତି, ଅସମ ଗଣପରିଷଦ (ଏଜିପି),




ରାମ ମାଧବ

ବୋଡୋଲାଣ୍ଡ ପିପୁଲ୍ସ ପାର୍ଟି (ବିପିଏଫ୍), ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି), ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି), ନ୍ୟାଶନାଲିଷ୍ଟ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଏନ୍‌ଡିପିପି) ଏବଂ ସିକିମ କ୍ରାନ୍ତିକାରୀ ମୋର୍ଚ୍ଚା (ଏସ୍‌କେଏମ୍) ସହ ଦୁଇଦିନ ଧରି ମାରାଥନ ବୈଠକ ହୋଇଛି। ଉତ୍ତର-ପୂର୍ବ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଇଡିଏ) ସହଯୋଗୀ ଦଳଗୁଡ଼ିକ ଏକାଠି ଲଢ଼ିବେ। ଏହି ମେଣ୍ଟର ପ୍ରାର୍ଥୀମାନେ ୨୫ ଆସନ ମଧ୍ୟରୁ ୨୨ରେ ଜିତିବା ସମ୍ଭାବନା ଅଧିକ। ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଆସନରେ ବସାଇବା ପାଇଁ ଏନ୍‌ଇଡିଏ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାମ ମାଧବ ଦୃଢ଼ୋକ୍ତି ବାଢ଼ିଛନ୍ତି। ସେପଟେ ଭାଜପା ଶାସନାଧୀନ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଏବଂ ଆଇପିଏଫ୍‌ଟି ନେତାଙ୍କ ମଧ୍ୟରେ ଅଗରତାଲାରେ ବୁଧବାର ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ରାମ ମାଧବ ମଙ୍ଗଳବାର ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଫିଉ ରିଓ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସଙ୍ଗମା, ମଣିପୁର ମୁଖ୍ୟମନ୍ତ୍ରୀ ବୀରେନ ସିଂ, ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ଏବଂ ଏନ୍‌ଇଡିଏ ଆବାହକ ହିମନ୍ତ ବିଶ୍ୱଶର୍ମାଙ୍କୁ ଭେଟି ମେଣ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ବିରୋଧୀ ଦଳଗୁଡ଼ିକ ମହାମେଣ୍ଟ ପାଇଁ ଆଲୋଚନା ଜାରି ରଖିଥିବାବେଳେ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରିନାହିଁ। ପ୍ରସ୍ତାବିତ ମହାମେଣ୍ଟକୁ ଏନ୍‌ଇଡିଏ ପ୍ରତିହତ କରିବାକୁ ସକ୍ଷମ ବୋଲି ରାମ ମାଧବ ଟୁଇଟ୍ କରିଛନ୍ତି। ଏନ୍‌ଇଡିଏ ଆବାହକ ହିମନ୍ତ କହିଛନ୍ତି, କେଉଁ ରାଜ୍ୟରେ କେଉଁ ଦଳକୁ କେତେ ଆସନ ଦିଆଯିବ ତାହା ନୂଆଦିଲ୍ଲୀରେ ଆସନ୍ତା ୧୬ ତାରିଖରେ ଘୋଷଣା କରାଯିବ। ୨୦୧୪ ସାଧାରଣ ନିର୍ବାଚନରେ ୨୫ ଆସନ ମଧ୍ୟରୁ ମାତ୍ର ୮ଟି ଦଖଲ କରିବାରେ ସକ୍ଷମ ହୋଇଥିଲା।

### ୮ ରାଜ୍ୟ: ୨୫ ଆସନ

| ପର୍ଯ୍ୟାୟ | ତାରିଖ | ରାଜ୍ୟ (ଆସନ) |
|---|---|---|
| ପ୍ରଥମ | ଏପ୍ରିଲ ୧୧ | ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ସିକିମ (୧), ତ୍ରିପୁରା (୧) |
| ଦ୍ୱିତୀୟ | ଏପ୍ରିଲ ୧୮ | ଆସାମ (୫), ମଣିପୁର (୧), ତ୍ରିପୁରା (୧) |
| ତୃତୀୟ | ଏପ୍ରିଲ ୨୩ | ଆସାମ (୪) |




## ଏନ୍‌ଡିଏକୁ ଫେରିଲା ଏଜିପି

**ଗୁଆହାଟୀ,୧୩।୩(ପି.ଟି.):** ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଅସମ ଗଣ ପରିଷଦ (ଏଜିପି) ବୁଧବାର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଫେରିଛି। ଲୋକ ସଭା ନିର୍ବାଚନ ଭାଜପା ସହ ମିଶି ଲଢ଼ିବାକୁ ଏଜିପି ଘୋଷଣା କରିଛି। କେନ୍ଦ୍ରର ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ନେଇ ବିବାଦ ଉଠିବା ପରେ ଏଜିପି ଗତ ଜାନୁୟାରୀ ୭ରେ ଏନ୍‌ଡିଏରୁ ଓହରିଯାଇଥିଲା। ଉକ୍ତ ବିବାଦୀୟ ବିଲ୍‌କୁ ନେଇ ଏଜିପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିବା ପରେ ଭାଜପା ସହ ତିକ୍ତତା ବୃଦ୍ଧି ପାଇଥିଲା। ଏହାର ଦୁଇମାସ ପରେ ଏକାଠି ନିର୍ବାଚନ ଲଢ଼ିବା ପାଇଁ ମଙ୍ଗଳବାର ରାତିରେ ପୁଣି ସହମତି ପ୍ରକାଶ ପାଇଛି। ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଏବଂ ଏଜିପି ରାଜ୍ୟ ସଭାପତି ଅତୁଲ ବୋରାଙ୍କ ମଧ୍ୟରେ ଆଲୋଚନା ପରେ ଏହି ମେଣ୍ଟ ଘୋଷଣା କରାଯାଇଛି।



## 'ଆସାମବାସୀଙ୍କୁ ଧୋକା ଦେଇଛି ଏଜିପି'

**ଗୁଆହାଟୀ,୧୩।୩(ପି.ଟି.):** ପାର୍ଲାମେଣ୍ଟରେ ନାଗରିକତ୍ୱ (ସଂଶୋଧନ) ବିଲ୍‌କୁ ଗୃହୀତ କରିବା ଲାଗି ଉଦ୍ୟମ କରିଥିବା ଭାଜପା ସହ ପୁଣିଥରେ ମେଣ୍ଟ କରି ଅସମ ଗଣ ପରିଷଦ (ଏଜିପି) ଆସାମବାସୀଙ୍କୁ ଧୋକା ଦେଇଛି। ଏହା ଏକ ଲଜ୍ଜାଜନକ ବିଷୟ ବୋଲି ବୁଧବାର ଆସାମ ବିଧାନସଭାର ବିରୋଧୀ ଦଳ ନେତା ଦେବବ୍ରତ ସାଇକିଆ ସମାଲୋଚନା କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଦେବବ୍ରତ କହିଛନ୍ତି, ଭାଜପା କେନ୍ଦ୍ରରେ ପୁଣି କ୍ଷମତାସୀନ ହେଲେ ନାଗରିକତ୍ୱ ବିଲ୍‌କୁ ପାସ୍ କରାଇବା ପାଇଁ ପୁଣି ଉଦ୍ୟମ କରିବ। ଏହା ଜାଣି ଏଜିପି କ୍ଷମତା ଲୋଭରେ ଆଞ୍ଚଳିକ ଦଳ ଭାବେ ନିଜ ଉତ୍ତରଦାୟିତ୍ୱ ଭୁଲିଯାଇଛି। ଏହା ଛଳନାପୂର୍ଣ୍ଣ ଓ ସୁବିଧାବାଦୀ ରାଜନୀତି ବୋଲି ଦେବବ୍ରତ କହିଛନ୍ତି।



## କ୍ଷମତାକୁ ଆସିଲେ ନିଯୁକ୍ତିରେ ମହିଳାଙ୍କୁ ୩୩% ସଂରକ୍ଷଣ: ରାହୁଲ

**ଚେନ୍ନାଇ,୧୩।୩(ଆଇଏଏନ୍‌ଏସ୍)**

କେନ୍ଦ୍ରରେ ଉପା କ୍ଷମତାକୁ ଆସିଲେ ମହିଳାଙ୍କ ଲାଗି ସରକାରୀ ନିଯୁକ୍ତି କ୍ଷେତ୍ରରେ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରାଯିବା ସହ ଲୋକ ସଭାରେ ସେମାନଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ବିଲ୍‌କୁ ଗୃହୀତ କରାଯିବ ବୋଲି ବୁଧବାର କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଏଥିସହିତ ଉପା ସରକାର ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)କୁ ଅଧିକ ସରଳ କରିବା ସହ ଏକକ ଟିକସ ହାର କମାଇବ ବୋଲି ଷ୍ଟେଲା ମାରିସ୍ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଆଲୋଚନା ବେଳେ ରାହୁଲ କହିଛନ୍ତି।

ଛାତ୍ରୀମାନେ କଂଗ୍ରେସ ଅଧ୍ୟକ୍ଷଙ୍କୁ ଉପାର ଆର୍ଥିକ ଅଭିବୃଦ୍ଧି ଯୋଜନା, ଜମ୍ମୁ-କଶ୍ମୀରରେ ଶାନ୍ତି ଫେରାଇଆଣିବା, ରବର୍ଟ ଭଦ୍ରାଙ୍କ ବିରୋଧରେ ଅଭିଯୋଗ ଏବଂ ପାର୍ଲାମେଣ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଲିଙ୍ଗନ କରିବା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ କରିଥିଲେ।

ଆଇନ କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ କ୍ଷେତ୍ରରେ ଲାଗୁ ହେବା ଉଚିତ ନୁହେଁ, ଯଦି ତାଙ୍କ ଭିଣୋଇ ଭଦ୍ରାଙ୍କ ବିରୋଧରେ ତଦନ୍ତ ଚାଲିପାରୁଛି, ରାଫାଲ ଦୁର୍ନୀତି ମାମଲାରେ ମଧ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ତଦନ୍ତ ହେବା ଆବଶ୍ୟକ ବୋଲି ରାହୁଲ କହିଥିଲେ। ରାଷ୍ଟ୍ରର ମନୋଭାବ ସହ ଆର୍ଥିକ ଅଭିବୃଦ୍ଧି ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ। ନକାରାତ୍ମକ ଓ ଭୟର ବାତାବରଣରେ ଏହା ଆଶା କରାଯାଇ ନପାରେ ବୋଲି ରାହୁଲ ମତ ଦେଇଛନ୍ତି। ମୋଦିଙ୍କୁ ଆଲିଙ୍ଗନ କରିବା ପ୍ରସଙ୍ଗରେ ରାହୁଲ କହିଥିଲେ, ତାଙ୍କ ପ୍ରତି ସ୍ୱାଭାବିକ ସ୍ନେହ ରହିଛି। ସେ ପାର୍ଲାମେଣ୍ଟରେ ଖୁବ୍ ରାଗିଯାଇଥିବା ଅନୁଭବ କରି ତାଙ୍କୁ ଆଲିଙ୍ଗନ କରିଥିଲେ ବୋଲି କଂଗ୍ରେସ ଅଧ୍ୟକ୍ଷ ଉତ୍ତର ରଖିଛନ୍ତି।

## ନାଇଜେରିଆରେ ସ୍କୁଲ୍ ବିଲ୍ଡିଂ ଭୁଶୁଡ଼ିଲା


# ଫସିଛନ୍ତି ୧୦୦ ପିଲା

**ଲାଗୋସ୍,୧୩।୩**

ନାଇଜେରିଆର ବାଣିଜ୍ୟିକ ରାଜଧାନୀ ଭାବେ ପରିଚିତ ଲାଗୋସ୍ ସହରରେ ଏକ ପ୍ରାଥମିକ ବିଦ୍ୟାଳୟ ବିଲ୍ଡିଂ ବୁଧବାର ଭୁଶୁଡ଼ି ପଡ଼ିବା ଫଳରେ ଶତାଧିକ ଛାତ୍ରୀଛାତ୍ର ଓ ଅନ୍ୟମାନେ ଏହା ତଳେ ଫସିରହିଥିବା ଆଶଙ୍କା କରାଯାଉଛି। ଭଗ୍ନାବଶେଷ ତଳୁ ୮ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଛି। ହଜାର ହଜାର ଲୋକ ଘଟଣାସ୍ଥଳରେ ରୁଣ୍ଡ ହୋଇ ପିଲାମାନଙ୍କ ଉଦ୍ଧାର ଅପେକ୍ଷାରେ ଅଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି। ଉକ୍ତ ବିଲ୍ଡିଂର ତୃତୀୟ ମହଲାରେ ସ୍କୁଲ ଚାଲିଥିଲା ଯେଉଁଠି ଶତାଧିକ ପିଲା ପଢ଼ୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ପୋଲିସ ଓ ରେଡକ୍ରସ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ନାଇଜେରିଆରେ ନିମ୍ନ ମାନର ନିର୍ମାଣ ସାମଗ୍ରୀର ବ୍ୟବହାର ଏବଂ ନିୟମାବଳୀର ଉପଯୁକ୍ତ ପାଳନ କରାଯାଉ ନଥିବାରୁ ଅନେକ ସମୟରେ ବିଲ୍ଡିଂ ଭୁଶୁଡ଼ିଥାଏ। ୨୦୧୬ରେ ଏକ ଚର୍ଚ୍ଚ ଭୁଶୁଡି ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।



ସ୍କୁଲ ବିଲ୍ଡିଂରେ ଫସିରହିଥିବା ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରାଯାଉଛି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ଆଂଶିକ ମେଘୁଆ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସାମାନ୍ୟ ବର୍ଷା କିମ୍ବା ଘଡଘଡି ସହ ବର୍ଷା ହୋଇପାରେ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୩ | ୨୩.୨ |
| ଚାନ୍ଦବାଲି | ୩୭.୭ | ୨୫.୩ |
| କଟକ | ୩୭.୫ | ୨୩.୫ |
| ପାରାଦ୍ୱୀପ | ୩୧.୧ | ୨୬.୧ |
| ଭୁବନେଶ୍ୱର | ୩୭.୯ | ୨୪.୮ |
| ଗୋପାଳପୁର | ୩୨.୦ | ୨୫.୬ |
| ପୁରୀ | ୩୩.୦ | ୨୬.୬ |
| ଅନୁଗୋଳ | ୩୮.୧ | ୨୦.୬ |
| ବାରିପଦା | ୩୫.୬ | ୨୪.୦ |
| ଝାରସୁଗୁଡ଼ା | ୩୭.୧ | ୨୨.୬ |
| କେନ୍ଦୁଝର | ୩୪.୪ | ୨୧.୧ |
| ସମ୍ବଲପୁର | ୩୭.୪ | ୨୧.୫ |
| ସୁନ୍ଦରଗଡ଼ | ୩୫.୫ | ୧୬.୦ |
| ହୀରାକୁଦ | ୩୬.୭ | ୨୨.୩ |
| ତାଳଚେର | --- | ୨୧.୫ |
| ଭବାନୀପାଟଣା | ୩୮.୦ | ୨୩.୫ |
| ବଲାଙ୍ଗୀର | ୩୭.୫ | ୨୧.୦ |
| କୋରାପୁଟ | ୩୪.୬ | ୧୬.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୦.୮ |
| ମାଲକାନଗିରି | --- | ୨୦.୦ |
| ସୋନପୁର | ୩୮.୬ | ୧୮.୬ |
| ଦାରିଙ୍ଗିବାଡ଼ି | ୩୨.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

# ଭାରତରେ ଉଡ଼ିବନି ୭୩୭ ମାକ୍ସ ୮

**ନୂଆଦିଲ୍ଲୀ,୧୩।୩**

ଇଥିଓପିଆରେ ବୋଇଂ କମ୍ପାନୀର ୭୩୭ ମାକ୍ସ ୮ ବିମାନ ଦୁର୍ଘଟଣାରେ ୧୫୭ଜଣଙ୍କ ମୃତ୍ୟୁ ହେବା ପରେ ଗୋଟିଏ ପରେ ଗୋଟିଏ ଦେଶ ଏହି ବିମାନ ଉଡାଣ ବନ୍ଦ କରିଚାଲିଛନ୍ତି। ବର୍ତ୍ତମାନ ସୁଦ୍ଧା ୪୫ରୁ ଅଧିକ ଦେଶ ଏହି ମଡେଲ୍‌ର ବିମାନ ଚଳାଚଳ ରଦ୍ଦ କରିସାରିଲେଣି। ଭାରତୀୟ ଏୟାରଲାଇନ୍ସ ଚଳାଉଥିବା ବୋଇଂ କମ୍ପାନୀର ସମସ୍ତ ୭୩୭ ମାକ୍ସ୍ ୮ ବିମାନ ଚଳାଚଳକୁ ମଙ୍ଗଳବାର ରାତିରୁ ବନ୍ଦ କରାଯାଇଛି। ଫଳରେ ଗୁରୁବାର ଏୟାରଲାଇନ୍ସ ପାଇଁ ଏହା ଚ୍ୟାଲେଞ୍ଜର ଦିନ ହେବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସଚିବ ପି.ଏସ୍. ଖରୋଲା କହିଛନ୍ତି। ବିଭିନ୍ନ ଏଜେନ୍ସିରୁ ତଥ୍ୟ ସଂଗ୍ରହ ପରେ ନିଷିଦ୍ଧାଦେଶ ଉଠିବା ନେଇ ବିଚାର କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ମୁଖ୍ୟ ବି.ଏସ୍. ଭୁଲାର୍ କହିଛନ୍ତି। ସ୍ୱାଇସ୍ ଜେଟ ଚଳାଉଥିବା ଏହି ମଡେଲର ୧୨ଟି ବିମାନ ଉଡ଼ାଣ ବନ୍ଦ ହୋଇଛି। ଜେଟ୍ ଏୟାରୱେଜ ପୂର୍ବରୁ ଏହାର ୫ଟି ବିମାନ ଚଳାଚଳ ବନ୍ଦ କରିଥିଲା। ସ୍ୱାଇସ୍ ଜେଟ ଏହାର ଅନ୍ୟ ବିମାନରେ ଉକ୍ତ ଯାତ୍ରୀଙ୍କୁ ପରିବହନ କରିବ ଏବଂ ଆବଶ୍ୟକ ପଡିଲେ ଅନ୍ୟ ଏୟାରଲାଇନ୍ସର ସହଯୋଗ ନିଆଯିବ ବୋଲି ଖରୋଲା କହିଛନ୍ତି। ତେବେ ଭୁବନେଶ୍ୱର ବିମାନ ବନ୍ଦରକୁ ଏହି ମଡେଲର ବିମାନ ଚଳାଚଳ କରୁ ନ ଥିବାରୁ ଓଡ଼ିଶା ଯାତ୍ରୀଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ଜଣାପଡିଛି।




**୪୫ ଦେଶରେ ବୋଇଂର ଏହି ମଡେଲ ବନ୍ଦ ହେଲାଣି**


**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର–(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ–(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି–09999032822, କଟକ ଅଫିସ–(0671)2321004, 2322004, ସମ୍ବଲପୁର–(0663) 2405816, ଢେଙ୍କାନାଳ ଅଫିସ–(06762)224254, ଫୁଲବାଣୀ ଅଫିସ–(06842)253116, 9438367053, ବଲାଙ୍ଗୀର ଅଫିସ–(06652)234333, ବରଗଡ ଅଫିସ–(06646)234789, ଅନୁଗୋଳ–(06764)237556, (ତାଳଚେର–(06760)241177, ରାଉରକେଲା ଅଫିସ–(0661)2643242, ସୁନ୍ଦରଗଡ଼–9437346088, ଯାଜପୁର ଅଫିସ–8895242449, ପାରାଦୀପ–(06722)221081, ବାଲେଶ୍ୱର ଅଫିସ–(06782)240604, ବାରିପଦା ଅଫିସ–9437018073, ଭବାନୀପାଟଣା–9437153870, ରାୟଗଡା ଅଫିସ–(06856)225625, 9437090496, କୋରାପୁଟ ଅଫିସ–06852252599, ଜୟପୁର–9437182105, ନବରଙ୍ଗପୁର–9437119068, ସୋନପୁର–9438739383, ଯାଜପୁର ରୋଡ଼–(06726)265030, ଖୋର୍ଦ୍ଧା ଅଫିସ–(06755)223444, ପୁରୀ ଅଫିସ–(06752)221922, ଆସ୍କା–(06822)273440, 272144, କେନ୍ଦୁଝର–9437197395, ଜଗତ୍‌ସିଂହପୁର ଅଫିସ–(06724)224030, 8763968203, ନୟାଗଡଅଫିସ–(06753)252710, ଭଦ୍ରକଅଫିସ–(06784)242101, ନୂଆପଡ଼ାଅଫିସ–(06678)223068, ଝାରସୁଗୁଡ଼ାଅଫିସ–(06645)272799, ଦେବଗଡ–9437121562, କେନ୍ଦ୍ରାପଡ଼ାଅଫିସ–06727233825, ପାରଳାଖେମୁଣ୍ଡି–9437140002.

## ସଂକ୍ଷେପରେ


ବଲାଙ୍ଗୀର ପାର୍ସଲ ବୋମା ବିସ୍ଫୋରଣ ଘଟଣା

### ପୁଞ୍ଜିଲାଲଙ୍କ ଜାମିନ ଆବେଦନର ଶୁଣାଣି ଶେଷ

**କଟକ ଅଫିସ, ୧୩।୩:** ରାଜ୍ୟର ବହୁଚର୍ଚ୍ଚିତ ବଲାଙ୍ଗୀର ପାର୍ସଲ ବୋମା ବିସ୍ଫୋରଣ ଘଟଣାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେରଙ୍କ ଜାମିନ ଆବେଦନର ଶୁଣାଣି ହାଇକୋର୍ଟରେ ଶେଷ ହୋଇଛି। ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁ ଏହାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଛନ୍ତି। ୨୦୧୮ ଫେବୃୟାରୀ ୨୩ ତାରିଖରେ ଏହି ସ୍ୱର୍ଣ୍ଣକାତର ଘଟଣା ଘଟିଥିଲା। ପାଟଣାଗଡ଼ ଅଞ୍ଚଳର ସୌମ୍ୟଶେଖର ସାହୁ ୨୦୧୮ ଫେବୃୟାରୀ ୧୮ ତାରିଖରେ ରୀମା ନାମକ ଯୁବତୀଙ୍କୁ ବିବାହ କରିଥିଲେ। ବିବାହର ୫ ଦିନ ପରେ ସୌମ୍ୟଶେଖରଙ୍କ ନିକଟକୁ ଏକ ପାର୍ସଲ ଆସିଥିଲା। ବିବାହ ଉପହାର ଭାବି ସୌମ୍ୟ ଏହାକୁ ଖୋଲିବାରୁ ପାର୍ସଲଟି ବିସ୍ଫୋରଣ ହୋଇଥିଲା। ଉକ୍ତ ବିସ୍ଫୋରଣରେ ସୌମ୍ୟଙ୍କ ସମେତ ତାଙ୍କ ଜେଜେମା' ଜେମାମଣୀଙ୍କର ମୃତ୍ୟୁ ଘଟିଥିଲା। ବିସ୍ଫୋରଣରେ ନବବଧୂ ରୀମା ଗୁରୁତର ଆହତ ହୋଇଥିଲେ। ଏହି ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ନେଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯାଇ ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କୁ ୨୦୧୮ ଏପ୍ରିଲ ୨୫ ତାରିଖରେ ଗିରଫ କରାଯାଇଥିଲା। ନିମ୍ନ ଅଦାଲତରେ ପୁଞ୍ଜିଲାଲଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**ଭୁବନେଶ୍ୱର, ୧୩।୩(ବ୍ୟୁରୋ):** ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀର ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ବାସୁଦେବ ରଥଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି। ଗତ ୩ମାସ ହେବ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଦେଖାଯାଇଥିବା ବେଳେ ଗତ ଶୁକ୍ରବାର ତାଙ୍କୁ ଗୁରୁତର ଅବସ୍ଥାରେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ଏଭଳିସ୍ଥଳେ ରାଜ୍ୟ ସରକାର ତାଙ୍କ ଚିକିତ୍ସା ପାଇଁ କଳାକାର ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଦୀର୍ଘବର୍ଷ ଧରି ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରୀ ସହ ଜଡ଼ିତ ଥିବା ଏହି ସଙ୍ଗୀତଜ୍ଞ ୭୦ ଓ ୮୦ ଦଶକରେ ଜଣେ ଖ୍ୟାତନାମା ସଙ୍ଗୀତ ନିର୍ଦ୍ଦେଶକ ଭାବେ ପରିଚିତ ଥିଲେ।





# ଦିଲ୍ଲୀ 'ଆଜାଦୀ କେ ଦିୱାନେ' ମ୍ୟୁଜିୟମରେ ବାଜି ରାଉତ, ନନ୍ଦିନୀ ଶତପଥୀ

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

ଦିଲ୍ଲୀ ଲାଲକିଲ୍ଲାଠାରେ ଗତ ଜାନୁୟାରୀ ୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା 'ଆଜାଦୀ କେ ଦିୱାନେ' ମ୍ୟୁଜିୟମ୍‌ରେ ସ୍ଥାନ ପାଇଛନ୍ତି ଶହୀଦ ବାଜି ରାଉତ ଓ ଲୌହମାନବୀ ନନ୍ଦିନୀ ଶତପଥୀ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୨ତମ ଜୟନ୍ତୀ ଅବସରରେ ଲୋକାର୍ପିତ ଏହି ନୂତନ ସଂଗ୍ରହାଳୟରେ ଓଡ଼ିଶାର ଦୁଇ ମହାନ୍ ଓଡ଼ିଆଙ୍କ ବିଷୟରେ ଉଲ୍ଲେଖ କରାଯାଇଛି।

ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ କରିଥିବା ଭାରତର ଶିଶୁ ତଥା କିଶୋର ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଏହି ମ୍ୟୁଜିୟମ୍‌ରେ ଏକ ସ୍ୱତନ୍ତ୍ର ଗ୍ୟାଲେରି ଖୋଲାଯାଇଥିବା ବେଳେ ଏଠାରେ ବ୍ରିଟିଶଙ୍କ ଗୁଳିରେ ଶହୀଦ ହୋଇଥିବା ଓଡ଼ିଶାର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବାଜି ରାଉତଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। ସେହିଭଳି ମାତ୍ର ୮ବର୍ଷ ବୟସରେ ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ବୀର ସଂଗ୍ରାମୀ ତଥା ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଉକ୍ତ ଗ୍ୟାଲେରିରେ ସ୍ଥାନ ପାଇଛନ୍ତି। କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡ. ମହେଶ ଶର୍ମା ଗ୍ୟାଲେରି ଉଦ୍‌ଘାଟନ କରି କହିଥିଲେ, ଅତୀତରେ ଭୁଲ୍ ଲେଖାଯାଇଥିବା ଇତିହାସକୁ ଠିକ୍ କରିବାକୁ ଏହି ସଂଗ୍ରହାଳୟ ମାଧ୍ୟମରେ ପ୍ରୟାସ କରାଯାଇଛି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ବାସ୍ତବ ଇତିହାସ ଓ ବୀର ସଂଗ୍ରାମୀମାନଙ୍କୁ ଲୋକଙ୍କ ସମ୍ମୁଖକୁ ଆଣିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିବ। ଭାରତର ସ୍ୱାଧୀନତା ସଂଗ୍ରାମର ଯାତ୍ରା ସମ୍ପର୍କରେ ଆଗାମୀ ପିଢ଼ିଙ୍କୁ ସ୍ୱତନ୍ତ୍ର ଡକ୍ୟୁମେଣ୍ଟେଶନ ମାଧ୍ୟମରେ ସଂଗ୍ରହାଳୟ ଅବଗତ କରାଇବ।




# ଉତ୍ତର ଓଡ଼ିଶାରେ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

- ୧୯ ଜିଲ୍ଲାକୁ ସତର୍କ ସୂଚନା
- ୩୭ ଡିଗ୍ରୀ ଉପରେ ୮ ଜିଲ୍ଲାର ପାରଦ

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ୧୯ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବା ସମ୍ଭାବନା ରହିଛି। ସେଗୁଡ଼ିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ଗଜପତି, କନ୍ଧମାଳ, ନୟାଗଡ଼, ଗଞ୍ଜାମ, ଖୋର୍ଦ୍ଧା ଏବଂ କଟକ ଉପରୋକ୍ତ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ଅଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ଆସନ୍ତା ୧୫ ତାରିଖରେ ଉତ୍ତର ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଝଡ଼ବର୍ଷା ହେବ। ଛତିଶଗଡ଼ ଏବଂ ଓଡ଼ିଶା ଉପରେ ଏକ ଟ୍ରଫ୍‌ଲାଇନ ସୃଷ୍ଟିହେବ। ଏହାର ପ୍ରଭାବରେ ଆସନ୍ତା ୧୭ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ଘୂର୍ଣ୍ଣିଝଡ଼ ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିଯୋଗୁ ରାଜ୍ୟରେ ପାରଦ ତଳମୁହାଁ ହେବ। ଉପକୂଳ , ଆଭ୍ୟନ୍ତରୀଣ ଜିଲ୍ଲାରେ ଝଡ଼ବର୍ଷା ହେବା ସମ୍ଭାବନା ଥିବା ବେଳେ ଦକ୍ଷିଣ ଓଡ଼ିଶାରେ ପାଗ ଶୁଖିଲା ରହିବ ଓ ତାତି ବଢ଼ିବ ।

ଗତଦୁଇଦିନମଧ୍ୟରେସର୍ବୋଚ୍ଚତାପମାତ୍ରା୩ରୁ୪ଡିଗ୍ରୀସେଲସିୟସଉପରକୁ ଉଠିଛି। ୮ଟି ଜିଲ୍ଲାରେ ପାରଦ ୩୭ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୁଧବାର ସୋନପୁରରେ ସର୍ବାଧିକ ତାପମାତ୍ରା ୩୮.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ବିଧାୟକ ଦାମୋଦର ରାଉତଙ୍କୁ ଆଶ୍ୱସ୍ତି

ନିମ୍ନ ଅଦାଲତ ମାମଲାକୁ ରଦ୍ଦ କଲେ ହାଇକୋର୍ଟ

**କଟକ ଅଫିସ, ୧୩।୩**

ପୂର୍ବତନ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ୨୦୧୦ ମସିହାରେ ଦାମୋଦର କୁଜଙ୍ଗରେ ଆୟୋଜିତ ଏକ ସଭାରେ ଜଗତ୍‌ସିଂହପୁରର ତତ୍କାଳୀନ ବିଧାୟକ ବିଷ୍ଣୁ ଚରଣ ଦାସ, ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଉପେନ୍ଦ୍ର ନାଥ ମଲ୍ଲିକଙ୍କ ବିରୋଧରେ ଜାତିଆଣ ଆକ୍ଷେପ କରିଥିଲେ। ଏ ନେଇ ମନୋଜ ଭୋଇ ନାମକ ଜଣେ ବ୍ୟକ୍ତି ୨୦୧୦ ଅଗଷ୍ଟ ୨୧ ତାରିଖରେ କୁଜଙ୍ଗ ଥାନାରେ ଦାମୋଦରଙ୍କ ବିରୋଧରେ ଏତଲା ଦାଏର କରିଥିଲେ। ବିଧାୟକ ରାଉତ ଏଭଳି ମନ୍ତବ୍ୟ ଦେବା ଦ୍ୱାରା ଉପରୋକ୍ତ ବ୍ୟକ୍ତିବିଶେଷଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଛି। ତେଣୁ ମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନୋଜ ଏତଲାରେ ଉଲ୍ଲେଖ କରିଥିଲେ। ଉକ୍ତ ଏତଲା ଆଧାରରେ ଥାନାରେ ମାମଲା ରୁଜୁ ହେବା ସହିତ ନିମ୍ନ ଅଦାଲତରେ ଏହାର ଶୁଣାଣି ଆରମ୍ଭ ହୋଇଥିଲା। ମାତ୍ର ଏହା ବିରୋଧରେ ଦାମୋଦର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାକୁ ରଦ୍ଦ କରିବା ପାଇଁ ଦାମୋଦର ପିଟିଶନରେ ଆବେଦନ କରିଥିଲେ। ଗତ ୬ ତାରିଖରେ ଦାମୋଦରଙ୍କ ଆବେଦନର ଶୁଣାଣି ହାଇକୋର୍ଟରେ ହୋଇଥିଲା। ବିଚାରପତି ଜଷ୍ଟିସ ଅକ୍ଷୟ କୁମାର ମିଶ୍ର ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ। ବୁଧବାର ଉକ୍ତ ରାୟ ପ୍ରକାଶ ପାଇଛି। ରାୟରେ ଦାମୋଦରଙ୍କ ବିରୋଧରେ ଚାଲିଥିବା ମାମଲାକୁ ରଦ୍ଦ କରିବା ପାଇଁ ବିଚାରପତି ଆଦେଶ ଦେଇଛନ୍ତି। ବରିଷ୍ଠ ଆଡଭୋକେଟ ବିଜନ ରାୟ ଦାମୋଦରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।


LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

ଭାରତର ବୃହତ୍ତମ ତଥା ସବୁଠାରୁ ବିଶ୍ୱସ୍ତ ବୀମାକର୍ତ୍ତା
ଲାଇଫ୍ ଇନ୍‌ସ୍ୟୁରାନ୍‌ସ କର୍ପୋରେଶନ ଅଫ୍ ଇଣ୍ଡିଆ
ଉତ୍ସାହୀ ତଥା ଯୁବ ଦକ୍ଷତା ସମ୍ପନ୍ନ ସ୍ନାତକ ଡିଗ୍ରୀ ପ୍ରାର୍ଥୀମାନଙ୍କଠାରୁ
ଜେନେରାଲିଷ୍ଟ ଓ ସ୍ପେଶିଆଲିଷ୍ଟ ଷ୍ଟ୍ରିମ୍‌ରେ

**ସହକାରୀ ପ୍ରଶାସନିକ ଅଧିକାରୀ (AAOs)**
ପଦରେ ଯୋଗଦାନ ପାଇଁ ଆବେଦନ ଆମନ୍ତ୍ରଣ କରୁଅଛି।

**ମୋଟ ଶୂନ୍ୟପଦ ସଂଖ୍ୟା – ୫୯୦**
(ଜେନେରାଲିଷ୍ଟ/ଇନ୍‌ଫରମେଶନ ଟେକ୍‌ନୋଲୋଜି/ଆକଚୁଆରିଆଲ/ଚାର୍ଟାର୍ଡ ଆକାଉଣ୍ଟାଣ୍ଟ/ରାଜଭାଷା)

ମନୋନୀତ ପ୍ରାର୍ଥୀମାନେ ଦେଶର ବୃହତ୍ତମ ସୁଦୃଢ଼ ଆର୍ଥିକ ସଂସ୍ଥା ଲାଇଫ୍ ଇନ୍‌ସ୍ୟୁରାନ୍‌ସ କର୍ପୋରେଶନ ଅଫ୍ ଇଣ୍ଡିଆର ଅଭିବୃଦ୍ଧି ଓ ବିକାଶ ପାଇଁ କାର୍ଯ୍ୟ କରିବେ ଏବଂ ବୃହତ୍ତମ ବୀମାକର୍ତ୍ତା ଲାଇଫ୍ ଇନ୍‌ସ୍ୟୁରାନ୍‌ସ କର୍ପୋରେଶନ ଅଫ୍ ଇଣ୍ଡିଆ ସହିତ ମିଶି ନିଜ କ୍ୟାରିୟରକୁ ଆଗେଇନେବେ। ବିଭିନ୍ନ ପ୍ରକାର କାର୍ଯ୍ୟଧାରା ଯଥା– ମାର୍କେଟିଙ୍ଗ୍, ଫାଇନାନ୍ସ, ଅଣ୍ଡରରାଇଟିଙ୍ଗ୍, ଆକଚୁଆରିଆଲ, କଷ୍ଟମର ରିଲେସନ, ନିବେଶ ଏବଂ ଆଇଟି ଇତ୍ୟାଦି କାର୍ଯ୍ୟ ପାଇଁ ଲାଇଫ୍ ଇନ୍‌ସ୍ୟୁରାନ୍‌ସ କର୍ପୋରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରାଯିବ।
ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆର୍ଥିକ ସଂସ୍ଥାମାନଙ୍କ ପାଇଁ ପ୍ରଯୁଜ୍ୟ ଦରମା ଓ ଅନ୍ୟାନ୍ୟ ଅଫର ବ୍ୟବସ୍ଥା ରହିଛି।
କାର୍ଯ୍ୟକ୍ରମର ସୂଚୀ ନିମ୍ନ ପ୍ରକାର:

| | |
|---|---|
| ଅନଲାଇନ୍ ପଞ୍ଜୀକରଣ/ଫି ପ୍ରଦାନ | ୦୨।୦୩।୨୦୧୯ରୁ ୨୨।୦୩।୨୦୧୯ ତାରିଖ ପର୍ଯ୍ୟନ୍ତ |
| ଅନଲାଇନ୍ ପ୍ରିଲିମିନାରୀ ପରୀକ୍ଷାର ସମ୍ଭାବ୍ୟ ତାରିଖ | ୦୪ ଏବଂ ୦୫ ମେ, ୨୦୧୯ |
| ଅନଲାଇନ୍ ମେନ୍ ପରୀକ୍ଷାର ସମ୍ଭାବ୍ୟ ତାରିଖ | ୨୮ ଜୁନ୍ ୨୦୧୯ |

ସବିଶେଷ ନିଯୁକ୍ତି ବିଜ୍ଞାପନ ଆମର ୱେବସାଇଟ୍ **www.licindia.in**ର 'କ୍ୟାରିୟର' ବିଭାଗ ଅଧୀନରେ ସ୍ଥାନିତ କରାଯାଇଛି।
ତା: ୧୪।୦୩।୨୦୧୯ **ନିର୍ବାହୀ ନିର୍ଦ୍ଦେଶକ (ପର୍ସୋନେଲ)**


## ପ୍ରଥମ ପର୍ଯ୍ୟାୟ ପାଇଁ ବିଜେଡିର ଅଙ୍କକଷା

# ୪ ଲୋକ ସଭା, ୨୮ ବିଧାନସଭା ପ୍ରାର୍ଥୀ ତାଲିକା ନେଇ ଆଲୋଚନା ସରିଲା

**ଭୁବନେଶ୍ୱର, ୧୩।୩(ବ୍ୟୁରୋ)**

- ଘୋଷଣାକୁ ଅପେକ୍ଷା
- ମହିଳାଙ୍କୁ ଯିବ କୋରାପୁଟ ଲୋକ ସଭା

ପ୍ରଥମ ପର୍ଯ୍ୟାୟର ୪ ଲୋକ ସଭା ଏବଂ ୨୮ ବିଧାନସଭା ପାଇଁ ବିଜେଡିର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନବୀନ ନିବାସରେ ବୁଧବାର ଦିନତମାମ ଏଥିପାଇଁ ଗହଳଚହଳ ଦେଖିବାକୁ ମିଳିଥିଲା। ବିଶେଷକରି ୪ ଲୋକ ସଭା ପ୍ରାର୍ଥୀ ନେଇ ବିଜେଡି ନେତୃତ୍ୱ ବିଭିନ୍ନ ଦିଗକୁ ଧ୍ୟାନ ଦେଇଛନ୍ତି। ପର୍ଯ୍ୟବେକ୍ଷକମାନେ ଜିଲାରେ ଦଳୀୟ ସ୍ଥିତି ସମ୍ପର୍କରେ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ପର୍ଯ୍ୟବେକ୍ଷକମାନେ ହେଉଛନ୍ତି ମହେଶ୍ୱର ମହାନ୍ତି (ଗଞ୍ଜାମ), ସଞ୍ଜୟ ଦାସବର୍ମା(ନବରଙ୍ଗପୁର), ନିରଞ୍ଜନ ପୂଜାରୀ(କଳାହାଣ୍ଡି) ଏବଂ ପ୍ରଣବପ୍ରକାଶ ଦାସ (କୋରାପୁଟ)। ନବରଙ୍ଗପୁର ସଂରକ୍ଷିତ ଲୋକ ସଭା ପାଇଁ ରମେଶ ମାଝିଙ୍କ ନାମରେ ମୋହର ବାଜିବାର ଯଥେଷ୍ଟ ସମ୍ଭାବନା ରହିଛି। ଲଗାତର ଦୁଇଦିନ ଧରି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ମନ୍ତ୍ରୀ ରମେଶ ମାଝି ଏବଂ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସବୁ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ତେଣୁ ନବରଙ୍ଗପୁର ଲୋକ ସଭା ଏବଂ ଏହା ଅନ୍ତର୍ଗତ ବିଧାନସଭା ପ୍ରାର୍ଥୀ ତାଲିକା ନେଇ କୌଣସି ବାଧା ନାହିଁ।

କୋରାପୁଟ ଜିଲାରେ ଜଣେ ମାତ୍ର ବିଜେଡି ବିଧାୟକ ଗତ ନିର୍ବାଚନରେ ସଫଳତା ପାଇଥିଲେ। କଂଗ୍ରେସ ଏଠି ବହୁତ ଭଲ ପ୍ରଦର୍ଶନ କରିଥିଲା। ଏହି ଆସନଗୁଡ଼ିକରେ କଂଗ୍ରେସର ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ୍ ରହିଛି। ହେଲେ ଦଳର ଦୁଇ ପୁରୁଖା ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଏବଂ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ ଭାଜପାରେ ଯୋଗ ଦେଇଛନ୍ତି। ତେଣୁ କୋରାପୁଟ ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଯୋଗିତା ଦେଖିବାକୁ ମିଳିବ। ସେଠାରୁ ଝିନ ହିକ୍କା କିମ୍ବା ତାଙ୍କ ପତ୍ନୀ କୌଶଲ୍ୟା ହିକ୍କାଙ୍କୁ ପ୍ରାର୍ଥୀ କରାଯିବ। ମହିଳା ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯାଉଥିବାରୁ କୌଶଲ୍ୟାଙ୍କ ପ୍ରାର୍ଥିତ୍ୱକୁ ମୋହର ବାଜିବାର ସମ୍ଭାବନା ବେଶି। ସେହିପରି ବ୍ରହ୍ମପୁର ଲୋକ ସଭା ପାଇଁ ଚନ୍ଦ୍ରଶେଖର ସାହୁଙ୍କ ପ୍ରାର୍ଥିତ୍ୱକୁ ଦଳୀୟ ସ୍ୱୀକୃତି ମିଳିପାରେ ବୋଲି ସୂତ୍ରରୁ ପ୍ରକାଶ। ଉପରୋକ୍ତ ୩ ଆସନକୁ ଛାଡିଦେଲେ କଳାହାଣ୍ଡି ଲୋକ ସଭା ଆସନ ବିଜେଡିର ମୁଣ୍ଡବିନ୍ଧାର କାରଣ ହୋଇଛି। ଅର୍କକେଶରୀ ଦେଓଙ୍କୁ ପୁନର୍ବାର ପ୍ରାର୍ଥୀ କରିବାକୁ ଦଳ ଏତେଟା ଆଗ୍ରହ ପ୍ରଦର୍ଶନ କରୁନି। ତାଙ୍କ ସ୍ଥାନରେ ପୁଷ୍ପେନ୍ଦ୍ର ସିଂଦେଓ, ଦିବ୍ୟଶଙ୍କର ମିଶ୍ର, ସୁଜିତ କୁମାରଙ୍କ ନାଁ ନେଇ ଆଲୋଚନା ଚାଲିଛି। ଏହି ଆସନରେ ଭାଜପା କାହାକୁ ପ୍ରାର୍ଥୀ କରିବ, ତା' ଉପରେ ବିଜେଡି ନଜର ରଖିଥିବା ଜଣାପଡ଼ିଛି। ଆବଶ୍ୟକ ହେଲେ ଅନ୍ୟ ଦଳର ପ୍ରାର୍ଥୀ ଆଣି ବିଜେଡି ଟିକେଟ୍ ଦେବ ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି। ପର୍ଯ୍ୟବେକ୍ଷକମାନଙ୍କ ବ୍ୟତୀତ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବିଧାୟକ ଅନାମ ନାଏକ, ବଳଭଦ୍ର ମାଝି, ଏମ୍‌ପି ଅର୍କକେଶରୀ ଦେଓଙ୍କୁ ମଧ୍ୟ ବୁଧବାର ନବୀନ ନିବାସରେ ଦେଖିବାକୁ ମିଳିଥିଲା। ସଭାପତି ଏବଂ ବରିଷ୍ଠ ନେତାମାନେ ମଧ୍ୟ ଦଳର ଶୀର୍ଷ ନେତୃତ୍ୱ ଆଲୋଚନା କରିଥିଲା।

ଶୀର୍ଷ ନେତୃତ୍ୱ ସହ ଆଲୋଚନା ପରେ ଗଞ୍ଜାମ ପର୍ଯ୍ୟବେକ୍ଷକ ମହେଶ୍ୱର ମହାନ୍ତି କହିଛନ୍ତି ଯେ, ବିଭିନ୍ନ ଆସନରେ ଜିତିବା ସମ୍ଭାବନାକୁ ଆଧାର କରି ପ୍ରାର୍ଥୀମାନଙ୍କ ସମ୍ପର୍କରେ ଆଲୋଚନା କରାଯାଇଛି। ଖୁବଶୀଘ୍ର ରିପୋର୍ଟ ଆଧାରରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ମହାନ୍ତି କହିଛନ୍ତି। ସେହିପରି ଦଳର ସଭାପତି ଯେଉଁ ନିଷ୍ପତ୍ତି ନେବେ, ତାହା ଅନୁପାଳନ କରିବା ନେଇ ପୁଷ୍ପେନ୍ଦ୍ର, ଅର୍କକେଶରୀ ଏବଂ ଦିବ୍ୟଶଙ୍କର ମତ ରଖିଛନ୍ତି।

### ଆଶାୟୀ ଅଧିକ ଥିଲେ ଲଟେରି

**ଭୁବନେଶ୍ୱର, ୧୩।୩(ବ୍ୟୁରୋ):** ପ୍ରଥମ ପର୍ଯ୍ୟାୟରେ ୨୮ ବିଧାନସଭା ଆସନକୁ ନେଇ ବିଜେଡି ଭିନ୍ନ ରଣନୀତି ଆପଣାଇଛି। ବିଦ୍ରୋହକୁ ଦମନ କରିବା ସହ ଶାସକ ଦଳ ଭୋଟ୍ ଯେପରି ବିଭାଜିତ ନ ହୁଏ, ସେଥିପ୍ରତି ଦୃଷ୍ଟି ଦିଆଯାଇଛି। କ୍ଷମତାରେ ଥିବାରୁ ବିଜେଡି ଟିକେଟ୍ ହାତେଇବା ପାଇଁ ପ୍ରତି ଆସନରେ ଏକାଧିକ ଆଶାୟୀ ରହିଛନ୍ତି। କେତେକ ଆଶାୟୀ ଆର୍ଥିକ ଭାବରେ ସ୍ୱଚ୍ଛଳ ଥିବାରୁ ବିଦ୍ରୋହୀ ପ୍ରାର୍ଥୀ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ତେଣୁ ଏହାକୁ ପ୍ରଶମିତ କରିବା ପାଇଁ ବୁଧବାର ଦଳୀୟ ଶିବିରରେ ଆଲୋଚନା ହୋଇଛି। ୪ଟି ଜିଲାର ଜିଲା ସଭାପତି ଏବଂ ପର୍ଯ୍ୟବେକ୍ଷକମାନଙ୍କୁ ନେଇ ସମସ୍ତ ଆଶାୟୀଙ୍କ ସମ୍ପର୍କରେ ଆଲୋଚନା କରାଯାଇଛି।

ଆସନୱାରୀ ବିଜୟ ସମ୍ଭାବନା ଥିବା ପ୍ରାର୍ଥୀଙ୍କ ଶର୍ଟଲିଷ୍ଟ କରାଯାଇଛି। ଯେଉଁଠି ବିଦ୍ରୋହର ସମ୍ଭାବନା ରହିଛି, ସେଠାରେ ୨ କିମ୍ବା ୩ ନାମକୁ ନେଇ ଲଟେରି କରାଯିବ ବୋଲି ସୂତ୍ରରୁ ପ୍ରକାଶ। ଲଟେରିରେ ଯାହା ନାଁ ବାହାରିବ, ତାହାକୁ ସମସ୍ତେ ସମର୍ଥନ କରିବା ନେଇ ଲିଖିତ ସ୍ୱାକ୍ଷର ମଧ୍ୟ ନିଆଯିବ ବୋଲି ଜଣାପଡ଼ିଛି। ଟିକେଟ୍‌ରୁ ବଞ୍ଚିତ ହୋଇଥିବା ଆଶାୟୀଙ୍କୁ ସୁବିଧା ଦେଖି ଦଳୀୟ ପଦବୀ କିମ୍ବା ଅନ୍ୟାନ୍ୟ ଲାଭଜନକ ପଦବୀରେ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ଦଳ ଭିତରେ ବିଦ୍ରୋହକୁ ଦମନ କରିବା ପାଇଁ ଏ ପ୍ରକାର ରଣନୀତି କେତେ କାମ ଦେଉଛି, ତାହା ସମୟ ଆସିଲେ ଜଣାପଡ଼ିବ ବୋଲି ସମୀକ୍ଷକମାନେ ମତ ଦେଇଛନ୍ତି।


SIVANANDA CENTENARY BOYS' HIGH SCHOOL
BHUBANESWAR
CHIDANANDA VIHAR, KHANDAGIRI

ADMISSIONS OPEN
for Std. VI, VII, VIII (Session 19-20)
in C.B.S.E Curriculum

- An unique Residential Gurukul campus with delicious Vegetarian Diet
- Prayer, Yoga, Meditation by trained Yoga Teachers
- Smart Classes, well equipped Computer & Science labs, modern hostel facilities, State-of-the-Art Auditorium, Activity centre for indoor games & spacious playground for outdoor games, the entire campus under CCTV Surveillance
- Trained & Qualified Faculties & House Masters to take parental care of the students in the hostel. Overall management of the school by Swamijis & Highly Placed Officers
- Special Bridge courses available for students from Odia Medium

Inviting applications for Scholarship under 'Swami Chidananda Vidya Dana' Scheme for economically backward parents seeking admission for their meritorious boys in Standard VI & VII

ADMISSION FORMS & PROSPECTUS AVAILABLE
Last date for submission of forms - 31.03.19
Dates for Personal Interview & Admission :
Std. VI - 02.04.19 | Std. VII - 03.04.19 | Std. VIII - 04.04.19
CONTACT : 9124493507 / 8917485130 / 8895555843


■ ରାଫାଲ ମାମଲା: ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କଲା କେନ୍ଦ୍ର

# ଦସ୍ତାବିଜ ପ୍ରଘଟକରି ଦେଶର ସୁରକ୍ଷା ପ୍ରତି ବିପଦ ଆଣିଛନ୍ତି ଆବେଦନକାରୀ

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

ରାଫାଲ ମାମଲା ରାୟର ସମୀକ୍ଷା ଲାଗି ଆବେଦନକାରୀ ଦାଖଲ କରିଥିବା ଦସ୍ତାବିଜ୍ ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି ବୋଲି କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ଏହି ଦସ୍ତାବିଜ ଦେଶର ସୁରକ୍ଷା ପ୍ରତି ସମ୍ବେଦନଶୀଳ ଏବଂ ଲଢୁଆ ବିମାନର ଯୁଦ୍ଧକ୍ଷମତା ସମ୍ପର୍କିତ ତଥ୍ୟ ପ୍ରଘଟ ହୋଇଥିବା ସରକାର ସତ୍ୟପାଠ ମାଧ୍ୟମରେ ଅଦାଲତଙ୍କୁ ଜଣାଇଛନ୍ତି।

ରାଫାଲ ସମ୍ପର୍କିତ ପୂର୍ବ ରାୟର ସମୀକ୍ଷା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା, ଅରୁଣ ସୌରୀ ଏବଂ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଦାଖଲ କରିଥିବା ଦସ୍ତାବିଜ୍ ପ୍ରଘଟ ହେବା ଫଳରେ ଏହା ଦେଶର ଶତ୍ରୁଙ୍କ ହାତରେ ପଡିଛି, ଯାହା ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରିଛି। କେନ୍ଦ୍ର ସରକାରଙ୍କ ବିନା ଅନୁମତି କିମ୍ବା ସହମତିରେ ଏହି ସମ୍ବେଦନଶୀଳ ଦସ୍ତାବିଜ୍‌ର ଫଟୋ କପି କରି ଏହାକୁ ରିଭ୍ୟୁ ପିଟିଶନରେ ସଂଯୋଗ କରିବା ଚୋରି ଭାବେ ଗ୍ରହଣ କରାଯିବ। ଏହା ଦେଶର ସାର୍ବଭୌମତ୍ୱ, ନିରାପତ୍ତା ଏବଂ ବିଦେଶୀ ରାଷ୍ଟ୍ରଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଗୁରୁତର ପ୍ରଭାବିତ କରିଥିବା ସତ୍ୟପାଠରେ କୁହାଯାଇଛି। ଆବେଦନକାରୀ ବିନା ଅନୁମତିରେ ସମ୍ବେଦନଶୀଳ ତଥ୍ୟ ପ୍ରଘଟ କରି ସରକାରୀ ଗୋପନୀୟତାର ଉଲ୍ଲଂଘନ ସମେତ ଚୁକ୍ତିନାମା ନିୟମାବଳୀର ଉଲ୍ଲଂଘନ କରିଥିବା ସରକାର କହିଛନ୍ତି।

ପୂର୍ବ ଶୁଣାଣି ବେଳେ ରାଫାଲ ଦସ୍ତାବିଜ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ଚୋରି ହୋଇଥିବା ସରକାର ଅଦାଲତଙ୍କୁ ଜଣାଇଥିଲେ। ଏହାକୁ ନେଇ ବିରୋଧୀ ସମାଲୋଚନା କରିବା ପରେ ଦସ୍ତାବିଜ ଚୋରି ହୋଇନି ଏହାର ଫଟୋ କପି କରାଯାଇଛି ବୋଲି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ସ୍ପଷ୍ଟ କରିଥିଲେ। ସରକାରଙ୍କ ଏଭଳି ଆଭିମୁଖ୍ୟକୁ ଏଡିଟର୍ସ ଗିଲ୍ଡ ପକ୍ଷରୁ ସମାଲୋଚନା କରାଯାଇଥିଲା। ଗଣମାଧ୍ୟମ ବିରୋଧରେ ସରକାରୀ ଗୋପନୀୟତା ଆଇନକୁ ବ୍ୟବହାର କରିବା ଉଦ୍ୟମ ଜଣେ ଖବରଦାତାଙ୍କୁ ତାଙ୍କ ରିପୋର୍ଟର ସୂତ୍ର ସମ୍ପର୍କରେ ପଚାରିବା ଭଳି ନିନ୍ଦନୀୟ ବୋଲି ଏଡିଟର୍ସ ଗିଲ୍ଡ କହିଥିଲା। ହିନ୍ଦୁ ପବ୍ଲିଶିଂ ଗ୍ରୁପ୍‌ର ଅଧ୍ୟକ୍ଷ ଏନ୍. ରାମ କହିଥିଲେ, ଜନସ୍ୱାର୍ଥରେ ଏହି ଦସ୍ତାବିଜ୍ ଛପାଯାଇଥିଲା। ତଥ୍ୟର ସୂତ୍ର କାହାକୁ ଦିଆଯାଇନାହିଁ। ଆମେ ଏହାକୁ ଚୋରି କରିନାହୁଁ, ଗୋପନ ସୂତ୍ରରୁ ପାଇଛୁ, ଯାହାକୁ ଗୋପନ ରଖିବାକୁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।


ଅମ୍ଲାନ
ଟସର ଓ ରେଶମ ବସ୍ତ୍ର ଓଡ଼ିଶାର ଗୌରବ
ବିଶେଷ ରିହାତି
୧୪.୦୩.୨୦୧୯ ରୁ ୨୦.୦୩.୨୦୧୯ ପର୍ଯ୍ୟନ୍ତ
ଭୁବନେଶ୍ୱର, ପୁରୀ, ସୁନାବେଡ଼ା ଓ ବାରିପଦା ଶାଖାରେ ଉପଲବ୍ଧ
୧୦% + ୨୦%
ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ମନିଷା
ପରିବାରବର୍ଗ


ପ୍ରନିଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୮୭ ସ୍ଥାନରେ ବିଏମ୍‌ସି ଖୋଲିବ କିଓସ୍କ

ଭୁବନେଶ୍ୱର,୧୩।୩(ବ୍ୟୁରୋ)-ରାଜ୍ୟରେ ପ୍ରବଳ ଖରା ସାଙ୍ଗକୁ ତାତି ବୃଦ୍ଧି ପାଇ ଚାଲିଛି। ରାଜଧାନୀ ଭୁବନେଶ୍ୱରରେ ମଧ ପାରଦ ଅନ୍ୟାନ୍ୟ ସ୍ଥାନଠାରୁ ସର୍ବାଧିକ ରହୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୮୭ଟି ସ୍ଥାନରେ ଅସ୍ଥାୟୀ ପିଇବା ପାଣି କିଓସ୍କ(ଜଳଛତ୍ର)ଖୋଲିବାକୁ ନିଷ୍ପତ୍ତି ନେଇଛି। ଏଥିସହିତ ଅଧିକ ପାନୀୟ ଜଳଛତ୍ର ଖୋଲି ପଥଚାରୀଙ୍କୁ ଯୋଗାଇ ଦେବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ ସହ ଆଲୋଚନା କରାଯାଉଛି ବୋଲି ବିଏମ୍‌ସି କମିଶନର ସମର୍ଥ ବର୍ମା କହିଛନ୍ତି। ଅସ୍ଥାୟୀ ସେଡ୍ ଏବଂ ମାଟିପାତ୍ର ବିଏମ୍‌ସି ପକ୍ଷରୁ ଯୋଗାଇ ଦିଆଯିବ। ଘରୋଇ ସଂସ୍ଥାର କର୍ମଚାରୀମାନେ ଜଳଛତ୍ର ପରିଚାଳନା କରିବେ। ଏହାଛଡ଼ା ସହରରେ ଥିବା ୱାଟର ଏଟିଏମ୍ ଏବଂ ଆର୍‌ଓ ୟୁନିଟ୍‌ଗୁଡ଼ିକ ପଥଚାରୀ ଏବଂ ଯାତ୍ରୀମାନଙ୍କ ପାଇଁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବର୍ମା କହିଛନ୍ତି।

# ୨.୭୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ,୧୩।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବୁଧବାର ପୃଥକ ସ୍ଥାନରେ ଚଢାଉ କରି ୨ କୁଇଣ୍ଟାଲ ୭୦ ଜବତ ଗଞ୍ଜେଇ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନିରଞ୍ଜନ କହଁର ଓ ଶୁଭ୍ରାଂଶୁ କର୍ମୀ। ସୂଚନା ମୁତାବକ, ଅବକାରୀ ଅଧୀକ୍ଷକ ଡ. ଶାନ୍ତନୁ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗର ଏକ ଦଳ ବୁଧବାର ମନମୁଣ୍ଡା ଥାନାର ଏକୁନ ଗ୍ରାମର ନିରଞ୍ଜନ କହଁରଙ୍କ ଘର ଉପରେ ଚଢାଉ କରିଥିଲେ । ନିରଞ୍ଜନଙ୍କ ପୁଅ ଅଶୋକ ଏକ ବାଇକ୍ ଯୋଗେ ଗଞ୍ଜେଇ ଧରି ବିକ୍ରୟ ପାଇଁ ବାହାରୁଥିବାବେଳେ ହଠାତ୍ ଅବକାରୀ କର୍ମଚାରୀଙ୍କୁ ଦେଖି ଫେରାର ହୋଇଯାଇଥିଲେ । ନମ୍ବର ବିହିନ ନୂତନ ବାଇକ ସହିତ ୩୦ କିଲୋ ଗଞ୍ଜେଇ ଜବତ କରି ତାଙ୍କ ଘର ତଲାସି କରାଯିବା ପରେ ଆହୁରି ୪୦ କିଲୋ ଗଞ୍ଜେଇ ବାହାରିଥିଲା । ଏହି ମାମଲାରେ ଅଶୋକଙ୍କ ପିତା ନିରଞ୍ଜନଙ୍କୁ ଗିରଫ କରାଯାଇଥିବା ବେଳେ ଉଭୟଙ୍କ ନାମରେ ବୌଦ୍ଧ ଅବକାରୀ ବିଭାଗରେ ଏକ ମାମଲା (ନଂ.୧୯/୧୯) ରୁଜୁ ହୋଇଛି । ଏହି ଚଢାଉରେ ଅବକାରୀ ଇନ୍ସପେକ୍ଟର ବିଜୟ କୁମାର ଧରୁଆ, ବୌଦ୍ଧ ଓଆଇସି କୃଷ୍ଣଚନ୍ଦ୍ର ପରିଡା, ମନମୁଣ୍ଡା ଓଆଇସି ରମେଶ ମହାନ୍ତି, ଏଏସଆଇ ରୂପେଶ ମୁଖୀ ଓ ପ୍ରିୟଜନ କହଁର ସାମିଲ ହୋଇଥିଲେ । ସେହିପରି କଣ୍ଟାମାଳ ପୋଲିସ ଶୁଳିଆ ଜଙ୍ଗଲ ମଧ୍ୟରେ ଗଞ୍ଜେଇ ପ୍ୟାକିଂ ଚାଲିଥିବା ସମୟରେ ପୋଲିସ ଚଢାଉ କରି ୨ କୁଇଣ୍ଟାଲ ଗଞ୍ଜେଇ ଜବତ କରିବା ସହିତ ଶୁଭ୍ରାଂଶୁ କର୍ମୀଙ୍କୁ ଗିରଫ କରିଛି। ଚଢାଉ ସମୟରେ ୭ ଜଣ ଯୁବକ ଫେରାର ହୋଇଯାଇଥିବା ଜଣାଯାଇଛି ।



ବୌଦ୍ଧରେ ଜବତ ହୋଇଥିବା ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ।

# ପୁଣି ଦନ୍ତା ନେଲା ଜୀବନ

କାମାକ୍ଷାନଗର, ୧୩।୩(ଡି.ଏନ.ଏ)

ଢେଙ୍କାନାଳ ବନଖଣ୍ଡରେ ହାତୀ ଆତଙ୍କ ଥମିବାର ନାଁ ଧରୁନି। ଜନବସତି ମୁହାଁ ହାତୀପଲ ବ୍ୟାପକ ଉପଦ୍ରବ ସୃଷ୍ଟି କରିବା ସହ ଧନଜୀବନ ହାନି କରିଚାଲିଛନ୍ତି। କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ କଦଳୀପାଳ ଗ୍ରାମରେ ବୁଧବାର ଦନ୍ତା ଆକ୍ରମଣରେ ଗୌରାଙ୍ଗ ପଲେଇ (୫୫) ପ୍ରାଣ ହରାଇଛନ୍ତି। ସପ୍ତାହକ ମଧରେ ଏହା ହେଉଛି ତୃତୀୟ ଘଟଣା। ଏଥିପୂର୍ବରୁ ଗତ ଶନିବାର ରୋଡ୍ ପଞ୍ଚାୟତ ଅଧୀନ ଗଇଲୋ ଗ୍ରାମର ଚାଷୀ କୁମୁଦ ସାହୁ ଏବଂ ରବିବାର ବିଳମ୍ବିତ ରାତିରେ ଖଲିବୋରେଇ ସେକ୍ସନ ଚିଲତଇଲା ଗ୍ରାମର କେତୁକା ସାମଲଙ୍କ ଦନ୍ତା ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଗୌରାଙ୍ଗ ଘର ପଛପଟ ବଗିଚାରେ ଥିବାବେଳେ ହଠାତ୍ ଏକ ଦନ୍ତା ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୀର୍ଘଦିନ ହେଲା ଅଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ହାତୀପଲଙ୍କୁ ଘଉଡ଼ାଇବା ଦିଗରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ଏହାର ପ୍ରତିବାଦରେ ଉତ୍ୟକ୍ତ ଲୋକେ ଭାଲୁମୁଣ୍ଡା-ସାଆନ୍ଦା ରାସ୍ତା ଅବରୋଧ କରିଥିଲେ। ରେଞ୍ଜର ବିଭୁଦାନନ୍ଦ ମିଶ୍ର, ତୁମୁସିଂହା ଥାନାଧିକାରୀ ବିଷ୍ଣୁ ଚରଣ ବାରିକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି।

## କିଛି ତଥ୍ୟ

ମାନୁଫାକଚରିଂ କ୍ଷେତ୍ରରେ ଘରୋଇ କମ୍ପାନୀଙ୍କ ଲାଭ ଚଳିତ ଆର୍ଥିକ ବର୍ଷରେ ଡିସେମ୍ବର ତ୍ରୈମାସରେ ୨୪.୯୦ ପ୍ରତିଶତ ବଢ଼ିଛି।

– ଭାରତୀୟ ରିଜର୍ଭ ବ୍ୟାଙ୍କ

# ଅଧିକ ମତଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୩।୩(ବ୍ୟୁରୋ): ଆସନ୍ତା ସାଧାରଣ ନିର୍ବାଚନରେ ଅଧିକ ସଂଖ୍ୟାରେ ଯେପରି ମତଦାତା ଭୋଟ୍ ଦେବାକୁ ଆସିବେ ସେ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ରାଜନୈତିକ ଦଳ ମୁଖିଆ, କ୍ରୀଡ଼ାବିତ୍, କଳାକାର ଏବଂ ପ୍ରତିଷ୍ଠିତ ବ୍ୟବସାୟୀଙ୍କୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେସିଆର ଗାରୁ, ଏଚ.ଡି. କୁମାରସ୍ୱାମୀ, ଏନ୍‌ସିବିଏନ୍ ଏବଂ ୱାଇଏସ୍ ଜଗନଙ୍କୁ ଟୁଇଟ୍ କରି ପ୍ରଧାନମନ୍ତ୍ରୀ ଆସନ୍ତା ଲୋକ ସଭା ନିର୍ବାଚନରେ ଯେପରି ଅଧିକ ମତଦାତା ଭୋଟ ଦେବେ ସେ ନେଇ ସଚେତନତା ଜୋରଦାର କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ମୋଦି ଅଖିଳ ଭାରତ କଂଗ୍ରେସ କମିଟି ସଭାପତି ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଏନ୍‌ସିପି ମୁଖ୍ୟ ଶରଦ ପାୱାର, ବିଏସ୍‌ପି ସୁପ୍ରିମୋ ମାୟାବତୀ, ସାମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆରଜେଡି ନେତା ତେଜେଶ୍ୱି ଯାଦବ ଏବଂ ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍‌ଙ୍କୁ ମଧ ଟୁଇଟ୍ କରି ଆସନ୍ତା ଲୋକ ସଭା ନିର୍ବାଚନରେ ଅଧିକ ସଂଖ୍ୟକ ମତଦାତା ଯେପରି ଭୋଟ ଦେବେ ସେ ନେଇ ସମସ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ଭୋଟ ବର୍ଜନ ପାଇଁ ...

ବର୍ଜନ କରିବାକୁ ସିପିଆଇ(ମାଓବାଦୀ) ବାଘୁନା ଡିଭିଜନାଲ କମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚନକୁ ସିପିଆଇ(ମାଓବାଦୀ) ବିରୋଧ କରି ଆସୁଥିବାବେଳେ ବାରମ୍ବାର ପୋଷ୍ଟର ଲାଗିବା ରାଜ୍ୟ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏପରିସ୍ଥଳେ ମାଓବାଦୀ ପ୍ରବଣ ଜିଲାରେ ଆଗାମୀ ସାଧାରଣ ନିର୍ବାଚନକୁ ନେଇ ପୋଲିସର ଚିନ୍ତା ବଢ଼ିଛି।

ଅନ୍ୟପକ୍ଷରେ ଘଟଣାକୁ ଅତି ଗୁରୁତ୍ୱର ସହ ନେଇଛି ରାଜ୍ୟ ପୋଲିସ। ବୁଧବାର ଭୁବନେଶ୍ୱରସ୍ଥିତ କ୍ୟାମ୍ପ୍ ଅଫିସ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଜିପି ଶର୍ମା କହିଛନ୍ତି, ନିର୍ବାଚନକୁ ଆଖି ଆଗରେ ରଖି ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବା ସହ ବ୍ୟାପକ ଫୋର୍ସ ମୁତୟନ କରାଯିବ। ଏଥିପାଇଁ ଆବଶ୍ୟକ ସିଆର୍‌ପିଏଫ୍ ପଠାଇବାକୁ ଭାରତ ସରକାରଙ୍କୁ ଚିଠି ଲେଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୯ କମ୍ପାନୀ ଫୋର୍ସ ପଠାଇବା ନେଇ ନିଶ୍ଚିତ କରି ସାରିଛନ୍ତି କେନ୍ଦ୍ର ସରକାର। ଏହି ଫୋର୍ସ ପହଞ୍ଚିବା ପରେ ପ୍ରାଥମିକ ପର୍ଯ୍ୟାୟରେ ମାଓବାଦୀପ୍ରବଣ ଜିଲାଗୁଡିକର ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ଦାୟିତ୍ୱରେ ରହିବେ। ଆବଶ୍ୟକ ପଡିଲେ ଆଉ ଅଧିକ ଫୋର୍ସ ମଗାଯିବ ବୋଲି ଡିଜିପି କହିଛନ୍ତି। ଅଧିକ ସୂଚନା ଦେଇ ସେ କହିଲେ, ଓଡିଶା ସୀମାକୁ ଲାଗି ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ରେ ଯେଉଁ ମାଓବାଦୀ ପ୍ରବଣ ଅଞ୍ଚଳଗୁଡିକ ରହିଛି ସେଠାରେ ଅଧିକ ସୁରକ୍ଷା କର୍ମୀ ମୁତୟନ କରାଯିବ। ସେ ନେଇ ଗୋଇନ୍ଦା ତଥ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯେପରି ଆଗାମୀ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ ସେଥିପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ମାଓବାଦୀ ସକ୍ରିୟ ଥିବା ଅଞ୍ଚଳରେ ନିର୍ବାଚନ ପ୍ରଚାର ସମୟରେ ଏସ୍‌ଓପି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଯେପରି ବିଭିନ୍ନ ରାଜନୈତିକ ଦଳର ଭିଭିଆଇପି ଓ ନେତାମନ୍ତ୍ରୀଙ୍କୁ ସୁରକ୍ଷା ଦିଆଯାଇପାରିବ, ସେନେଇ ସ୍ୱତନ୍ତ୍ରଭାବେ ସୁରକ୍ଷାକର୍ମୀମାନଙ୍କୁ ଟ୍ରେନିଂ ଦିଆଯାଇଛି। ସେହିପରି ଆନ୍ତଃରାଜ୍ୟ ଅପରାଧୀଙ୍କ କାର୍ଯ୍ୟକଳାପକୁ ନଜରରେ ରଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଜିଲାର ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚୋରା ନିଶା କାରବାର ଓ ନକଲି ଟଙ୍କା କାରବାର ଉପରେ ମଧ ତୀକ୍ଷ୍ଣ ନଜର ରଖାଯାଇଥିବା ଡିଜିପି ଶର୍ମା କହିଛନ୍ତି।

## ବାଟ ଖୋଜୁଛି ...

ସମ୍ବେଦନଶୀଳ ଘୋଷଣା କରି ସେଗୁଡ଼ିକରେ ପର୍ଯ୍ୟାପ୍ତ କେନ୍ଦ୍ରୀୟ ବଳ ମୁତୟନ ଲାଗି ସେମାନେ ଦାବି କରିଛନ୍ତି। ନିର୍ବାଚନ କମିଶନ ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ କରାଇବା ପାଇଁ ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ସୋମେନ ମିତ୍ର ଦାବି କରିଛନ୍ତି।

## ବାପା-ପୁଅ ଟିକେଟ...

ଆସନ୍ତା ନିର୍ବାଚନରେ କଂଗ୍ରେସର ବହୁ ଆଗଧାଡ଼ିର ନେତାମାନଙ୍କ ପରିବାରରୁ ଦୁଇଜଣ ଲେଖା ନିର୍ବାଚନ ଲଢ଼ିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ତାଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏବଂ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ର, ଦଳର ବରିଷ୍ଠ ନେତା ଅନନ୍ତ ସେଠୀ ଏବଂ ତାଙ୍କ ପୁଅ କୁମାର ଚିରଞ୍ଜୀବ ମଧ ଦଳୀୟ ଟିକେଟରେ ନିର୍ବାଚନ ଲଢ଼ିବେ ବୋଲି ଶୁଣିବାକୁ ମିଳୁଛି। ଏମାନଙ୍କ କ୍ଷେତ୍ରରେ ଯଦି ସେଭଳି ହୁଏ ତେବେ ତାରା କି ନିଷ୍ପତ୍ତି ନେବେ ତାକୁ ନେଇ ମଧ ଚର୍ଚ୍ଚା ଜୋର୍ ଧରିଛି।

ବରିଷ୍ଠ କଂଗ୍ରେସ ନେତା ଅନନ୍ତ ସେଠୀ କହିଛନ୍ତି ଯେ, ଏ ସମ୍ପର୍କରେ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଯାହା ନିଷ୍ପତ୍ତି ନେବ। ତାରା ଯାହା କହିଛନ୍ତି ତାହା ହେଉଛି ତାଙ୍କର ବ୍ୟକ୍ତିଗତ ମତ ବୋଲି ସେ କହିଛନ୍ତି।

## ମହିଳା ପ୍ରାର୍ଥୀ ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଯୋଜନାର ସଫଳ ରୂପାୟନ ଏବଂ ନିଜ ଅଞ୍ଚଳର ଲୋକଙ୍କ ପାଖରେ ପହଞ୍ଚାଇ ପାରିବା ଭଳି ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ। ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଯେଉଁ ନେତୃବୃନ୍ଦ ସାମିଲ ଅଛନ୍ତି, ସେମାନେ ନିୟମିତ ଭାବେ ଏନେଇ ବୈଠକ ଏବଂ ଆଲୋଚନା କରୁଛନ୍ତି। ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଓ ଖୁବ୍‌ଶୀଘ୍ର ଏହାର ତାଲିକା ପ୍ରସ୍ତୁତ କରାଯିବ ବୋଲି ସମୀର କହିଛନ୍ତି।

## କ୍ୟାଡର ମହିଳା ...

ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିବା ନେଇ ଗୋଇନ୍ଦା ସୂଚନା ମିଳିଥିଲା। ବିଶେଷକରି କନ୍ଧମାଳ ଜିଲାରେ ଏହି ସଂଗଠନର ସଦସ୍ୟମାନେ କ୍ୟାମ୍ପ କରିବା ସହ ସକ୍ରିୟ ହୋଇଉଠିଥିବା ଖବର ପହଞ୍ଚିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ଦୁଇ ଏସ୍‌ଓଜି ଓ ଗୋଟିଏ ଡିଭିଏଫ୍ ଟିମ୍ ଗତ ୧୧ତାରିଖରୁ ନାକୁଡିପଡ଼ା, ଲିଙ୍ଗରମାହା, ଜନଗଡ଼ ଓ ରାମପଦର ଅଞ୍ଚଳରେ ଥିବା ଜଙ୍ଗଲରେ କୋମ୍ବିଂ ଅପରେଶନ ଚଳାଇଥିଲେ। ବୁଧବାର ସକାଳ ପ୍ରାୟ ୮ଟା ୧୫ରେ ଲିଙ୍ଗରମାହା ଜଙ୍ଗଲରେ ଯବାନମାନେ ଆଗକୁ ବଢ଼ୁଥିବାବେଳେ ସେମାନଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ ହୋଇଥିଲା। ଯବାନମାନେ ତୁରନ୍ତ ପୋଜିଶନ ନେବା ସହ ମୁକାବିଲା କରିଥିଲେ। ପ୍ରାୟ ୩୦ ମିନିଟ୍ ଧରି ଯବାନ ଓ ମାଓବାଦୀଙ୍କ ମଧରେ ଗୁଳିବିନିମୟ ଚାଲିଥିଲା। ଶେଷରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଖସି ପଳାଇଥିଲେ। ଘଟଣା ପରେ ସେଠାରୁ ଜଣେ ମହିଳା କ୍ୟାଡର ମାଓବାଦୀଙ୍କ ମୃତଦେହ ଓ ଅନ୍ୟାନ୍ୟ ସାମଗ୍ରୀ ଠାବ କରାଯାଇଛି। ତେବେ ଏହି ଦଳରେ ୧୫ରୁ ୨୦ ମାଓବାଦୀ ଥିବାବେଳେ ଯବାନଙ୍କ ଗୁଳିରେ ଅଧିକାଂଶ ଆହତ ହୋଇଥିବା ସୂଚନା ମିଳିଛି। ଗୁଳିବିନିମୟ ବେଳେ ୬ଯବାନ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଘଟଣା ପରେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଥିବା କନ୍ଧମାଳ ଏସ୍‌ପି ପ୍ରତୀକ ସିଂ କହିଛନ୍ତି।

ଅନ୍ୟପକ୍ଷରେ ଚଳିତ ବର୍ଷ ଅଦ୍ୟାବଧି ରାଜ୍ୟର ୧୩ ସ୍ଥାନରେ ମାଓବାଦୀ ସକ୍ରିୟ ରହିଥିବାବେଳେ ଦୁଇଟି ସ୍ଥାନରେ ସୁରକ୍ଷା ବଳ ଓ ସିପିଆଇ(ମାଓବାଦୀ) ମଧରେ ଗୁଳି ବିନିମୟ ହୋଇଛି। ମାଓବାଦୀଙ୍କ ଗୁଳିରେ ୪ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ଯବାନଙ୍କ ଗୁଳିରେ ଜଣେ ମହିଳା କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସେହିଭଳି ପୋଲିସ ୧୫ଜଣ ମାଓବାଦୀଙ୍କୁ ଗିରଫ କରିଛି ଓ ୩ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏଥିସହ ଅନେକ ମାଓବାଦୀ କ୍ୟାମ୍ପକୁ ନଷ୍ଟ କରାଯାଇ ବିପୁଳ ବିସ୍ଫୋରକ, ଲ୍ୟାଣ୍ଡମାଇନ୍, ଆଇଇଡି, ବନ୍ଧୁକ ଓ ମାଓବାଦୀ ସାମଗ୍ରୀ ଜବତ କରାଯାଇଛି ବୋଲି ଡିଜିପି ଡ. ଶର୍ମା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ମଙ୍ଗଳଙ୍କ ପ୍ରଭାବରେ ଟେନ୍ସନ ଲାଗିରହିଲେ ମଧ ସାହସିକ ପଦକ୍ଷେପ ନେଇ ପ୍ରତ୍ୟେକ କାର୍ଯ୍ୟକୁ ସମ୍ପନ୍ନ କରିପାରିବେ। ବହୁତ ଦିନରୁ ଚେଷ୍ଟା କରୁଥିବା କାମରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ପରିଲକ୍ଷିତ ହେବାରୁ ମନୋବଳ ବୃଦ୍ଧି ପାଇବ। କେତେକ କ୍ଷେତ୍ରରେ ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି କ୍ଷୁବ୍ଧ ହୋଇପାରନ୍ତି।

**ବୃଷ** - ରାଶ୍ୟାଧିପ ନବମସ୍ଥ ହୋଇ ଧାର୍ମିକ ଅନୁଷ୍ଠାନରେ କିମ୍ବା ବନ୍ଧୁବର୍ଗଙ୍କ ସକାଶେ ଖର୍ଚ୍ଚାନ୍ତ ହୋଇପାରନ୍ତି। ଭ୍ରମଣ ହେତୁ ମନ ପ୍ରଫୁଲ୍ଲ ରହିବ। ଏକ ନୂତନ ପରିବେଶ ମଧ୍ୟରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବ୍ୟବସାୟ, ବାଣିଜ୍ୟ, ସାହିତ୍ୟ,କଳା, ସଙ୍ଗୀତ, ସାମ୍ବାଦିକତା, ଏଜେନ୍ସିପ୍, ପ୍ରଶାସନ ଓ ପରିବହନରେ ସମସ୍ୟା ଦୂର ହେବ।

**ମିଥୁନ** - ବୁଧ କର୍ମଭାବସ୍ଥ ହୋଇ ଚନ୍ଦ୍ରଙ୍କ ଏକାଦଶସ୍ଥ ଯୋଗୁ କର୍ମକ୍ଷେତ୍ରର ସ୍ଥଗିତକାର୍ଯ୍ୟ ସହଜରେ ସମ୍ପନ୍ନ କରିପାରିବେ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ରଙ୍କ ଯୋଗୁ ସାଧାରଣ କଥାରେ ଯୁକ୍ତିତର୍କ କଲେ କଳହକୁ ନିମନ୍ତ୍ରଣ କରିପାରନ୍ତି। ସରକାରୀ ସ୍ତରରେ ଉପରିସ୍ଥଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ। ପରିବାରର ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ।

**କର୍କଟ** - ଏକାଦଶସ୍ଥ ଚନ୍ଦ୍ର କୋଣଭାବକୁ ଦେଖୁଥିବାରୁ ସନ୍ତାନଙ୍କର କୌଣସି ବିଷୟକୁ ନେଇ ଚିନ୍ତିତ ରହିପାରନ୍ତି। ବନ୍ଧୁଙ୍କ ବ୍ୟବହାରରେ ବିପରୀତ ପ୍ରତିକ୍ରିୟା ପରିଲକ୍ଷିତ ହେବ, ଯାହାକି ମାନସିକ ଚିନ୍ତାକୁ ବଢ଼ାଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ଲକ୍ଷ୍ୟହାସଲ କରିପାରିବେ।

**ସିଂହ** - ଅନୁକୂଳ ଗ୍ରହସ୍ଥିତି ପ୍ରଭାବରେ ଆଜି ଯେଉଁ କାମରେ ହାତଦେବେ ନିଶ୍ଚିତ ସଫଳତା ହାସଲ କରିପାରିବେ। ସ୍ୱସ୍ଥାନହନ୍ତା ବୃହସ୍ପତି ପାରିବାରିକ ଜୀବନର ସୁଖ, ସୌହାର୍ଦ୍ଦ୍ୟକୁ ନଷ୍ଟକରିପାରେ। ନୂତନ ନିଯୁକ୍ତି, ସ୍ଥାନାନ୍ତର ସକାଶେ ସାଧାରଣ ବ୍ୟସ୍ତତା ମଧ୍ୟରେ ଆଜିର କାର୍ଯ୍ୟ ସମ୍ପାଦିତ ହେବ। ବ୍ୟବସାୟ, ଜମିଜମା, ନିର୍ମାଣାଧୀନ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ।

**କନ୍ୟା** - ପ୍ରତ୍ୟେକ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରଥମେ କରିବେ। କର୍ମ କ୍ଷେତ୍ରରେ ନିକଟସ୍ଥ ବ୍ୟକ୍ତିମାନଙ୍କୁ ସରଳ ବିଶ୍ୱାସ କରି ଠକିଯିବେ। ଅତୀତ ଘଟଣା, ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ବ୍ୟବସାୟରେ ଅର୍ଥ ସମ୍ପର୍କରୁ ଖୁସି ରହିବେ। ମହିଳାମାନେ କୌଣସି ଶୁଭ କାମରେ ଯୋଗ ଦେଇ ଖୁସି ମନେଇବେ।

**ତୁଳା** - ଦୁଃସ୍ଥାନରୁ ମଙ୍ଗଳ ସ୍ୱଗୃହସ୍ଥ ବୃହସ୍ପତିଙ୍କୁ ଦେଖୁଥିବା କାରଣରୁ ଅର୍ଥ ସମ୍ପର୍କକୁ ନେଇ ପାରିବାରିକ କଳହର ସୂଚନା ରହିଛି। ଆନୁଷ୍ଠାନିକ କାମରେ ଆସନ୍ତାକାଲିର କାର୍ଯ୍ୟକ୍ରମ ସକାଶେ କର୍ମବ୍ୟସ୍ତତା ବଢ଼ିଯିବ। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାରେ ପଡିପାରନ୍ତି। ଦୀର୍ଘଦିନରୁ ରହିଆସିଥିବା ଶତ୍ରୁ ଉପଦ୍ରବ କେତେକାଂଶରେ କମିଯାଇପାରେ।

**ବିଛା** - ନୂଆ ନୂଆ କାମ, ନୂତନ ଚିନ୍ତା ଓ ଆଲୋଚନା ମଧ୍ୟରେ ଆଜିର ଦିନଟିକୁ ଅତିବାହିତ କରିବେ। ଅନ୍ୟମାନଙ୍କ ବିଷୟ ଚିନ୍ତା କରି ନିଜ ପ୍ରତି ଅବହେଳା କରିପାରନ୍ତି। ପୂର୍ବରୁ ଆଲୋଚନା କରିଥିବା ଅନୁଯାୟୀ ବନ୍ଧୁଙ୍କ ଠାରୁ ଆପଣଙ୍କ ପ୍ରାପ୍ୟ ଅବଶ୍ୟ ପାଇବେ। ପାରିବାରିକ ସମସ୍ୟାକୁ ସୁଧାରିବାକୁ ଯାଇ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ।

**ଧନୁ** - ନବମ ସ୍ଥାନରୁ ମଙ୍ଗଳ ଚତୁର୍ଥଭାବକୁ ଦେଖୁଥିବାରୁ ପାରିବାରିକ ସ୍ଥିତି, ଭ୍ରାତୃ ସମ୍ପର୍କ ପ୍ରାୟତଃ ଭଲ ରହିବ। ରାଜନୈତିକ ସ୍ତରରେ ସମସ୍ୟାର ସରଳ ସମାଧାନ ହୋଇ ପରିସ୍ଥିତି ସ୍ୱାଭାବିକ ହେବ। ମୂଲ୍ୟବାନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ଖେଳକୁଦରେ ପ୍ରଶଂସା ପାଇବେ।

**ମକର** - ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବ। ପିଲାମାନଙ୍କ ବୈବାହିକ ସମ୍ବନ୍ଧ ନେଇ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ। ସଙ୍ଗଠନ, ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ପ୍ରିୟ ବନ୍ଧୁମାନଙ୍କ ଠାରୁ ଆଦର ଅଭ୍ୟର୍ଥନା ମିଳିବ। ବନ୍ଧୁଙ୍କ ଦ୍ୱାରା ପ୍ରେରିତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କୁମ୍ଭ** - ପରିସ୍ଥିତିରେ ପଡି ଆର୍ଥିକ ଅନଟନ, କାର୍ଯ୍ୟହାନି, ବିଭିନ୍ନ ପ୍ରକାରର ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ଯାହା କହିବା ପାଇଁ ଭାବୁଥିବେ ତାହା ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ ଏବଂ ଆଜିର ଯାତ୍ରା ସଫଳ ହେବ। ମାଲି ମକଦ୍ଦମାରେ ଏକ ପ୍ରକାର ଆଶ୍ୱସ୍ତିଲାଭ କରିବେ।

**ମୀନ** - ଦୀର୍ଘଦିନର ବାଦବିବାଦର ଆପୋସ ସମାଧାନ ଘଟିବ। ପରିବାରରେ ଲାଗି ରହିଥିବା ଦୀର୍ଘଦିନର ଅଶାନ୍ତି ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ। ମନକଥା ମନରେ ରଖି ବନ୍ଧୁଙ୍କ ସକାଶେ କାମ କରିବାକୁ ବାଧ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ପରିବହନ, ସଭାସମିତି ପ୍ରଭୃତି ମନ ପସନ୍ଦ ଅନୁଯାୟୀ କରିପାରିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ଅଷ୍ଟମୀ ଗୁରୁବାର, ମାସାନ୍ତ, ମାର୍ଚ୍ଚ-୧୪ ତାରିଖ, ରାଶି ନକ୍ଷତ୍ର-ମୃଗଶିରା/ବୃଷ, କନ୍ୟା ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୧୦।୨୬ମି. ଗତେ ଘ୧୧।୫୫ମି. ମଧ୍ୟେ, ଘ୧।୨୪ମି. ଗତେ ଘ୨।୫୩ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୨୮ମି. ମଧ୍ୟେ ଘ୧୧।୫୫ମି. ଗତେ ଘ୧।୨୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୫ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


# classified


real estate


to-let

## SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

ଭୁବନେଶ୍ୱର ପିତାପଲ୍ଲୀଠାରୁ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65854

Gharabadi yellowzone plot near AIIMS Hospital, immediate possession. 9938670164, 6370907396. D-66027

Twincityର middle point (Phulnakhara)ରେ ନିର୍ମିତ Grandbazar NH-5ରୁ walk-able distanceରେ ଘରବାରି ପ୍ଲଟ କିଣନ୍ତୁ। Biswanath: 7789062619. D-65380

2/3 BHK flat near Infocity, Chandrasekharpur, Contact: 9337737185, 9439197755. D-49288

Ready to move 3 BHK Flat near Budheswari Temple, Cuttack Road, Contact: 9439197755, 9337737185. D-49289

Residential plots available with compoundwall, electricity at Balianta, Pahala, DPS, Dadhichi, Koradakanta and Satyabhamapur. 9040537669. D-65390


2BHK at Aerodrome area, Pallaspally, Bhubaneswar forresidence. 9437082192, 9437119146. D-65622

Small office space in Esplanade-1, Rasulgarh, Rent: Rs. 25,000/-, Contact: 9338556528, 9337737185. D-49290

## AFFIDAVIT

I Arati Kumari Sah, R/o-At-Buromal, Dist. Jharsuguda declared that my name has been mentioned as Arati Kumari Sah in Aadhaar Card, CHSE and B.Sc. Certificate. Whereas my name has been mentioned as Arati Ku. Sah in HSC Board Certificate. That the name's Arati Kumari Sah and Arati Ku. Sah relates to same and one person. D-37363

## Birthday Wish


**Manisha Sukalyani**
Khandagiribari, Bhubaneswar
May God bless you with everything you desire, May you get to new heights of success, and always see higher.
Happy Birthday dear stay blessed
D-11593

## ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା


**ପ୍ରନୀଲ**
ମିଶ୍ରପଡ଼ା, ଅନୁଗୁଳ
ଏହି ଶୁଭଦିନରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ନୀରୋଗ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: **ବାପା, ମାମା, ଜେପା, ଜେମା, ଆଇ, ସୋନୁ, ବନ୍ଧୁ ଓ ପରିବାରବର୍ଗ।**
ଧ-୧୧୬୪୩

Now Matrimonial ads. only on Wednesday & Sunday
Book 1 Get 1 FREE

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65388


**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି


### ଶ୍ରଦ୍ଧା ସୁମନ
### ପ୍ରଥମ ଶ୍ରାଦ୍ଧ ବାର୍ଷିକୀ


**✓ବିରେନ୍ଦ୍ର କୁମାର ପଟ୍ଟନାୟକ**
ଗାଲ୍ଲୁପଡା, ଜଗତସିଂହପୁର
ତିରୋଧାନ : ୨୩.୦୨.୨୦୧୮
ବାପା ଆପଣଙ୍କର ବିୟୋଗ ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମର ସ୍ନେହ ଶ୍ରଦ୍ଧା ଆଦର୍ଶ କର୍ତ୍ତବ୍ୟପରାୟଣତା ଓ ସରଳ ଜୀବନଶୈଳୀ ଆମର ଚିର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
ଧ-୬୬୦୩୪

### ଶ୍ରଦ୍ଧାଞ୍ଜଳି


**ସ୍ୱର୍ଗତ ନରେଶ ଚନ୍ଦ୍ର ସାହୁ**
ଆବିର୍ଭାବ: ୨୯।୦୧।୧୯୬୦
ତିରୋଧାନ: ୨୩।୦୨।୨୦୧୮
ବାପା ଆମ୍ଭମାନଙ୍କୁ ଛାଡି ଚାଲିଗଲ, ଟିକେ ହେଲେ ସୁଯୋଗ ଦେଲ ନାହିଁ ତୁମ୍ଭର ସେବା କରିବା ପାଇଁ। ଆମ୍ଭେମାନେ ତୁମ୍ଭର ସମସ୍ତ ଇଚ୍ଛା ପୂରଣ କରିବୁ। ତୁମ୍ଭର ଅମର ଆତ୍ମାର ଶାନ୍ତି ପାଇଁ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ-ନଳିନୀ, ପୁତ୍ର-ସ୍ୱଦେଶ, ପୁତ୍ରୀ-ସ୍ୱର୍ଣ୍ଣ ଓ ଆତ୍ମୀୟସ୍ୱଜନ।
ଧ-୧୧୬୦୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
### ୩ୟ ଶ୍ରାଦ୍ଧବାର୍ଷିକୀ


**ସ୍ୱର୍ଗତ ରାଜେନ୍ଦ୍ର କୁମାର ସାହୁ (ରାଜା)**
ଆବିର୍ଭାବ: ୧୬।୧୧।୧୯୯୯
ତିରୋଧାନ: ୧୬।୦୩।୨୦୧୬
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଏହି ଅକାଳ ବିୟୋଗରେ ତୋର ଆତ୍ମାକୁ ଚିର ଶାନ୍ତି ଦିଅନ୍ତୁ। ତୋର ଉପସ୍ଥିତି ଆମେ ସବୁବେଳେ ପାଖରେ ଅନୁଭବ କରିପାରୁଛୁ। ତୋର ତ୍ୟାଗ, ସାହସ, ନିଷ୍ଠାପରାୟଣ, ପରୋପକାର ମନୋଭାବ, ଭଲପାଇବା ସମସ୍ତଙ୍କ ମନରେ ଚିରସ୍ମରଣୀୟ ହୋଇରହିଥିବ। ତୋର ଶୋକସନ୍ତପ୍ତ: ପିତା, ମାତା, ଭାଇ, ଭଉଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୧୬୪୪

**ସଂକ୍ଷେପରେ**

## ଜଙ୍ଗଲୀ ଜନ୍ତୁ ଆକ୍ରମଣ
# ୭ ଛେଳି, ୩ ମେଣ୍ଢା ମୃତ

ମାଲକାନଗିରି,୧୩।୩ (ଡି.ଏନ୍.ଏ.):ଜଙ୍ଗଲୀ ଜନ୍ତୁ ଆକ୍ରମଣରେ ମଙ୍ଗଳବାର ୭ ଛେଳି ଓ ୩ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଗୋଟିଏ ମେଣ୍ଢା ଓ ଛେଳି ଗୁରୁତର ହୋଇଛନ୍ତି। ମାଲକାନଗିରି ସଦର ବ୍ଲକ ସିଆଡିମାଳ ପଞ୍ଚାୟତ ଡଙ୍ଗସ୍କାଲ ଗ୍ରାମରେ ଏହି ଘଟଣା ଘଟିଛି। ଉପରୋକ୍ତ ଗ୍ରାମର କେତେ ଜଣ ଚରାଳି ଛେଳି ମେଣ୍ଢାଙ୍କୁ ଜଙ୍ଗଲରେ ଛାଡି ମହୁଲ ଫୁଲ ସଂଗ୍ରହ ପାଇଁ ଯାଇଥିଲେ। ଅପରାହ୍ନ ୫ଟାରେ ଛେଳି ମେଣ୍ଢାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଏବଂ ଚରାଳି ସେଠାରେ ପହଞ୍ଚିଥିଲେ। ସେତେବେଳକୁ କୌଣସି ଅଜଣା ଜନ୍ତୁ ୭ ଛେଳି ୩ ମେଣ୍ଢାକୁ ମାରି ସାରିଥିଲା। ସମସ୍ତଙ୍କ ମୃତଦେହ ସେଠାରେ ପଡିଥିଲା। ଦୁଇଟି ଛେଳି, ମେଣ୍ଢା ଗୁରୁତର ଅବସ୍ଥାରେ ପଡି ରହିଥିଲେ। ଆଖପାଖ ଅଞ୍ଚଳ ତଲାସି କରିବା ପରେ ମଧ କୌଣସି ବନ୍ୟଜନ୍ତୁଙ୍କୁ ଗ୍ରାମବାସୀ ଦେଖିବାକୁ ପାଇ ନ ଥିଲେ। ଏ ସମ୍ପର୍କରେ ସେମାନେ ରାତିରେ ବିଧାୟକ ମାନସ ମାଡକାମିଙ୍କୁ ଜଣାଇଥିଲେ। ମାଡକାମି ଏ ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ.ପ୍ରଦୀପ କୁମାର ଦାସଙ୍କୁ ଜଣାଇବା ପରେ ବିଭାଗୀୟ ଅଧିକାରୀମାନେ ତଦନ୍ତ ଆରମ୍ଭ କରିଛନ୍ତି । ଏ ନେଇ ଜିଲା ମୁଖ୍ୟପ୍ରାଣୀ ଚିକିତ୍ସାଧିକାରୀ ଦାସଙ୍କୁ ପଚାରିବାରୁ ଛେଳି ମେଣ୍ଢାଙ୍କ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି।

## ■ ପୁରୀ ଉପକୂଳରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ
# ୨୬୩ ବସାରୁ ୩୦ ହଜାର ଅଣ୍ଡା ସଂଗ୍ରହ


**ପୁରୀ ଅଫିସ,୧୩।୩**

ପୁରୀ ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି। ଚଳିତ ମାସ ୧୩ ସୁଦ୍ଧା ୨୬୩ଟି ବସାରୁ ୩୦,୬୮୩ ଅଣ୍ଡା ସଂଗ୍ରହ କରିଛି ବନ ବିଭାଗ। ବର୍ତ୍ତମାନର ସଂଖ୍ୟାକୁ ଦେଖିଲେ ଗତବର୍ଷ ଅଣ୍ଡାସଂଖ୍ୟା ଛୁଇଁବା ନେଇ ଆଶଙ୍କା ପ୍ରକାଶ ପାଇଛି।

ପ୍ରତିବର୍ଷ ନଭେମ୍ବରରୁ ଅଲିଭ ରିଡ୍‌ଲେ ବହୁସଂଖ୍ୟାରେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରନ୍ତି। ଡିସେମ୍ବରରେ ହଜାର ହଜାର ଅଲିଭ ରିଡ୍‌ଲେ ପୁରୀ ଜିଲାର ବାଲି ହରଚଣ୍ଡୀଠାରୁ ଦେବୀ ମୁହାଣ ଇଲାକାକୁ ଆସିଥାନ୍ତି। କିନ୍ତୁ କୋଣାର୍କଠାରୁ ଦେବୀନାସୀ ବେଳାଭୂମି ଇଲାକାରେ ଏମାନେ ଅଣ୍ଡା ଦେଇଥାନ୍ତି। ଗହୀରମଥା ଓ ରୁଷିକୂଲ୍ୟା ମୁହାଣ ସଂଲଗ୍ନ ବେଳାଭୂମିରେ ଅଲିଭ ରିଡ୍‌ଲ ସାମୂହିକ ଭାବେ ଅଣ୍ଡା ଦେଉଥିବାବେଳେ ପୁରୀ ଜିଲା ଉପକୂଳ ବେଳାଭୂମିରେ ଏମାନେ ସ୍ଥାନେ ସ୍ଥାନେ ଅଣ୍ଡା ଦେଇଥାନ୍ତି। ପୁରୀ ଜିଲା ଉପକୂଳରେ ଅଲିଭ ରିଡ୍‌ଲେ ବେଳାଭୂମିର ସ୍ଥାନେ ସ୍ଥାନେ ଅଣ୍ଡା ଦେଉଥିବାରୁ ଜଙ୍ଗଲ ବିଭାଗ ପକ୍ଷରୁ କୃତ୍ରିମ ହାଚେରି କରାଯାଇଛି। ପ୍ରତ୍ୟହ ଅଣ୍ଡାଗୁଡିକୁ (କଇଁଛ ଅଣ୍ଡା ଦେଉଥିବା ସ୍ଥାନ) ବସାରୁ ସଂଗ୍ରହ କରି ଜଙ୍ଗଲ ବିଭାଗ କର୍ମଚାରୀମାନେ ସେଗୁଡିକ ଆଣି ହାଚେରିରେ ରଖିଥାନ୍ତି। ଏଥର କୋଣାର୍କର ଚନ୍ଦ୍ରଭାଗା, କଇଁରପୁର, ଅସ୍ତରଙ୍ଗର ଜାହାନିଆ, ଡାଲୁଅକଣି ଏବଂ ନୂଆନଈଠାରେ ଜଙ୍ଗଲ ବିଭାଗ ପକ୍ଷରୁ କୃତ୍ରିମ ହାଚେରି ନିର୍ମାଣ କରାଯାଇଛି।

ଜିଲା ବନଖଣ୍ଡ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, ଚଳିତମାସ ୧୩ ତାରିଖ ସୁଦ୍ଧା ୨୬୩ ବସାରୁ ମୋଟ ୩୦,୬୮୩ ଅଣ୍ଡା ସଂଗ୍ରହ କରାଯାଇ ହାଚେରିରେ ରଖାଯାଇଛି। ସହକାରୀ ବନ ସଂରକ୍ଷକ ରବୀନ୍ଦ୍ର କୁମାର ମହାପାତ୍ରଙ୍କ ସୂଚନା ମୁତାବକ, କଇଁରପୁରର ୪୨ଟି ବସାରୁ ୫,୧୮୬, ଚନ୍ଦ୍ରଭାଗାର ୨୧ଟି ବସାରୁ ୨,୭୬୭, ଦେବୀନାସୀର ୭୩ଟି ବସାରୁ ୮,୬୯୭, ଗଙ୍ଗାନଦୀର ୩୨ ବସାରୁ ୩,୬୦୫, ଜାହାନିଆର ୩୯ ବସାରୁ ୪,୨୧୯, ଡାଲୁଅକଣିର ୪୦ ବସାରୁ ୪,୪୦୧, ବେଲେଶ୍ୱରର ୬ ବସାରୁ ୬୬୪ ଏବଂ ନୂଆନଈର ୧୦ଟି ବସାରୁ ୧୧୪୪ଟି ଅଣ୍ଡା ସଂଗ୍ରହ କରାଯାଇ ହାଚେରିରେ ରଖାଯାଇଛି। ଏଗୁଡ଼ିକ ଛୁଆ ଫୁଟିବା ପରେ ସମୁଦ୍ରରେ ଛାଡ଼ି ଦିଆଯିବ। କିନ୍ତୁ ଦେବୀ ଆଇଲାଣ୍ଡରେ ଥିବା ୧୦୧ଟି ବସାରୁ ଅଣ୍ଡା ସଂଗ୍ରହ





**■ ଗତବର୍ଷ ସଂଖ୍ୟା ଛୁଇଁ ନ ପାରେ**

ହୋଇ ନ ଥାଏ। ସେଠାରେ ସ୍ୱତଃପ୍ରବୃତ୍ତ ଅଣ୍ଡାରୁ ଛୁଆ ଫୁଟି ସମୁଦ୍ରକୁ ଯାଇଥାନ୍ତି।

ଗତ ୫ ବର୍ଷର ସଂଖ୍ୟାକୁ ଦେଖିଲେ ୨୦୧୩-୧୪ରେ ୪୯୫ଟି ବସାରୁ ୬୦,୪୯୪ ଅଣ୍ଡା ସଂଗ୍ରହ କରାଯାଇଥିଲା। ସେହିପରି ୨୦୧୪-୧୫ରେ ୧୨୦୬ଟି ବସାରୁ ୯୫,୯୫୭, ୨୦୧୫-୧୬ରେ ୧୦୧୪ଟି ବସାରୁ ୪୫,୮୧୮, ୨୦୧୬-୧୭ରେ ୩୦୪୩ଟି ବସାରୁ ୧,୨୧,୮୭୪ ଏବଂ ୨୦୧୭-୧୮ରେ ୧୬୧୬ଟି ବସାରୁ ବନ ବିଭାଗ ୮୪,୧୩୨ଟି ଅଣ୍ଡା ସଂଗ୍ରହ କରିଥିଲା। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ ହଜାର ଅଣ୍ଡା ସଂଗ୍ରହ ହୋଇଥିବାରୁ ଗତବର୍ଷର ସଂଖ୍ୟା ୮୪,୧୩୨ ସଂଖ୍ୟାକୁ ଛୁଇଁବା ସମ୍ଭବ ହୋଇ ନ ପାରେ ବୋଲି ଆଶଙ୍କା କରାଯାଉଛି। ଚଳିତ ବର୍ଷ ପ୍ରତିକୂଳ ପାଗ ଯୋଗୁ କଇଁଛଙ୍କ ଆସିବା ବିଳମ୍ବ ଏବଂ ବେଆଇନ ଟ୍ରଲର ଚଳାଚଳକୁ ପରିବେଶବିତ୍‌ମାନେ ଦାୟୀ କରିଛନ୍ତି। ଫଳରେ ପୁରୀ ଜିଲା ଉପକୂଳକୁ ଏମାନଙ୍କ ସଂଖ୍ୟା କମିବାରେ ଲାଗିଥିବା ଚଳିତବର୍ଷର ଅଣ୍ଡାଦାନ ପ୍ରକ୍ରିୟାରୁ ସ୍ପଷ୍ଟ ହେଉଛି।

## ଖଟି ରେ ଖଟିରେ

### କିଛି ମିଳିବନି ଖାଲି ବୁଲିବ

କୁଆଡୁ ପଙ୍ଝେ ଆସୁଛନ୍ତି ସବୁ କାମ ଗୋଳମାଳିଆ କରି ପକାଉଛନ୍ତି। ମନେ ମନେ ଭାବୁଛନ୍ତି, ଟିଭି ଆଗରେ ଠିଆ ହେଇ ପଦେ ଦି'ପଦ କହିଦେଲେ ବୋଧେ ନେତା ହେଇଯିବେ। ସକାଳ ଦି'ପହରରୁ ଆସି କାର୍ଯ୍ୟାଳୟ ଭିତରେ ଗୁଡ଼ାଏ ଲୁଙ୍ଗୁପୁଙ୍ଗୁ ହଉଛନ୍ତି। ଆଉ ଯେମିତି ଟିଭି ବାଲାଏ ଆସୁଛନ୍ତି କ'ଣ ଟିକେ କହିଦେବେ ବୋଲି ସେମାନଙ୍କ ପଛରେ ବୁଲୁଛନ୍ତି। ତେବେ ଆମ ଦଳ ତରଫରୁ କହିବା ପାଇଁ ମାନ୍ୟତା ପାଇଥିବା ନେତାମାନେ କୁଆଡ଼େ ଯିବେ କେଜାଣି। ଗେରୁଆ ଦଳ ଅଫିସ ସାମ୍ନାରେ ଥିବା ଏକ ଚା ଖଟିରେ ଦୁଇ କାର୍ଯ୍ୟକର୍ତ୍ତା ବାବୁ ଏମନ୍ତ ଆଲୋଚନା ଚଳାଇଥାଆନ୍ତି। କଥାଟା ଟିକେ ଭଲ ଭାବେ ଶୁଣିବାକୁ ଚେଷ୍ଟା କରାଯିବାରୁ ଜଣାପଡ଼ିଲା, କେଉଁ ଏକ ଜିଲାରୁ ଜଣେ ଆଶାୟୀ ବାବୁ ଆସି ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ଆଉ ଟିକଟ ନବାକୁ ସକାଳ ପହରୁ ଏପଟସେପଟ ହଉଥାଆନ୍ତି। କିଛି ଖବରଦାତା ବନ୍ଧୁ ଯେମିତି ଆସି ମତାମତ ନବାକୁ ପହଞ୍ଚିଛନ୍ତି, ଆଶାୟୀ ଜଣକ ନିଜଆଡୁ ମତ ଦେବାକୁ ଆଗ୍ରହ ଦେଖାଇ ଇଆଡୁସିଆଡୁ କହିଦେଇଛନ୍ତି। ଏତିକିରେ କାର୍ଯ୍ୟାଳୟର ଜଣେ କାର୍ଯ୍ୟକର୍ତ୍ତା ପୁରାଗରମ। ତମକୁ କିଏ କହିଲା ଏଠି ଆସି ମତ ରଖିବାକୁ। ଖାଲି ଗୁଲୁଗୁଲୁ ଲାଗୁଛି ଟିଭି ଆଗରେ ମୁହଁ ଦେଖେଇବାକୁ। ଏମିତି ହେଲେ କିଛି ମିଳିବନି, ଖାଲି ବୁଲିବ।

### ଅନୁକମ୍ପା

ନିର୍ବାଚନ ବିଗୁଲ ବାଜିଲାଣି। ଏନେଇ ସବୁ ଦଳରେ ଟିକଟ ଦୌଡ଼ ଆରମ୍ଭ ହେଇଗଲାଣି। ପାପୁଲି ଦଳର ନିର୍ବାଚନୀ କସରତ ଟିକେ ଅଲଗା। ପଲ୍ଲୀର ଟିକଟ ଦିଲ୍ଲୀରେ ନିଷ୍ପତ୍ତି ହୁଏ। ତେଣୁ ସବୁ ଛାଡ଼ି ଆଶାୟୀ ଦିଲ୍ଲୀରେ ଡେରା ପକାଇଛନ୍ତି। ଓଡ଼ିଶା ସଦନରେ ପାପୁଲି ନେତା ମାଳମାଳ। ସେଠାରେ ନିର୍ବାଚନୀ ଖଟି ଭାରି ଜମୁଛି। ସେଠାକୁ ଯାଇଥିବା ଜଣେ ବ୍ୟକ୍ତି ଓଡ଼ିଶା ଫେରି ଖଟିରେ ଆଲୋଚନାକୁ ସରଗରମ କଲେ। କହୁକହୁ କହିଦେଲେ, ଏଥର ଆମେ ବହୁ ଗୁରୁତ୍ୱପୂର୍ଣ୍ଣ ଆସନ ଜିତିବୁ। ସେଠାରେ ଥିବା ଅନ୍ୟ ଜଣେ କହିଲେ, କେଉଁ ଆସନ ଜିତିବ ମ! ଏହା ଶୁଣି ପାପୁଲି ଦଳିଆ ସଦସ୍ୟ କହିଲେ, ଜଗତ୍‌ସିଂହପୁର, ଭଣ୍ଡାରିପୋଖରୀ, ଜୟପୁର, ବେଗୁନିଆ ବିଧାନସଭା ଆସନ ଆଉ ବାଲେଶ୍ୱର ଲୋକ ସଭା। ଏହା ଶୁଣି ଖଟିର ଅନ୍ୟ ଜଣେ ସଦସ୍ୟ କହିଲେ, କିପରି ଏସବୁ ଆସନ ପାପୁଲି ପକେଟକୁ ଆସିବ! ଏହିସବୁ ଆସନରେ ଶଙ୍ଖ ଦଳିଆ କୋହଳ ହେବେ, ତେଣୁ ଆମେ ବାଜି ମାରିବୁ। ସେଟିଂ ହୋଇଛି ବୋଲି ଉତ୍ତର ମିଳିଲା। ସେଟିଂ ଶବ୍ଦ ଶୁଣି କେତେଜଣ ଖଟି ସଦସ୍ୟଙ୍କ କାନ ଛିଡ଼ା ହୋଇଗଲା। କହିଲେ କ'ଣ ପାଇଁ ଏ ସେଟିଂ! ପୁଣି ଉତ୍ତର ମିଳିଲା ଏସବୁ ଆସନରେ ପାପୁଲି ମୁଖିଆମାନେ ପ୍ରାର୍ଥୀ ହେବେ, ତେଣୁ ସେମାନଙ୍କ ପାଇଁ ହାଲୁକା ଅନୁକମ୍ପା। କିନ୍ତୁ ପାଗଯୋଗ ଦେଖି ଉଠିଯାଇପାରେ ଅନୁକମ୍ପା।

# ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି ଅର୍ଥମନ୍ତ୍ରୀ

**ଭୁବନେଶ୍ୱର,୧୩।୩ (ବ୍ୟୁରୋ)**

ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ମଧ ମନ୍ତ୍ରୀ ତଥା ଶାସକ ବିଜେଡିର ନେତାମାନେ ଏହାକୁ ବାରମ୍ବାର ଉଲ୍ଲଂଘନ କରିଚାଲିଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି । କାଳିଆ ଯୋଜନା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ନେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଘୋଷଣା କରିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ନିକଟରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ବୁଧବାର ଅଭିଯୋଗ କରିଛନ୍ତି। ଅନ୍ୟପଟେ କାଳିଆ ଯୋଜନାରେ ଯେଉଁ ଅର୍ଥ ପଠାଯାଉଛି ସେଥିରେ ରାଜ୍ୟ ସରକାର ସ୍ୱଚ୍ଛତା ଅବଲମ୍ବନ କରିନାହାନ୍ତି। ଦଳୀୟ ଭିତ୍ତିରେ କାଳିଆ ଯୋଜନାର ଅର୍ଥ ପ୍ରେରଣ କରି ଭୋଟ ହାତେଇବା ପାଇଁ ଶାସକ ବିଜେଡି ହୀନ ପ୍ରୟାସ କରୁଛି। ଏହା ନିର୍ବାଚନ କମିଶନଙ୍କ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛି। ଏହା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନା ନାଁରେ ବିଜେଡି କର୍ମୀ ଏବଂ ବିଜୁ ଯୁବ ବାହିନୀ ସଦସ୍ୟଙ୍କ ଆକାଉଣ୍ଟକୁ ଟଙ୍କା ପଠାଉଛନ୍ତି । ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟ କରାଯାଉଛି ବୋଲି ଭାଜପା ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ୩ବର୍ଷରୁ ଅଧିକ ଦିନ ଗୋଟିଏ ସ୍ଥାନରେ କାର୍ଯ୍ୟ କରିପାରିବେ ନାହିଁ ବୋଲି ଭାରତର ମୁଖ୍ୟ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଏହି ନିୟମକୁ ପାଳନ କରୁ ନ ଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି।




ଭାଜପା ପକ୍ଷରୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

**■ ଅଭିଯୋଗ ଆଣିଲା ଭାଜପା**

**■ ଅସହିଷ୍ଣୁ ହୋଇ ହୀନ ରାଜନୀତି କରୁଛି ଭାଜପା: ବିଜେଡି**

ଏନେଇ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଲୋକପ୍ରିୟ କାଳିଆ ଯୋଜନାକୁ ଦେଖି ଭାଜପା ଅସହିଷ୍ଣୁ ହୋଇପଡିଛି। ସେଥିଲାଗି ହୀନ ରାଜନୀତି କରି ଚାଷୀଙ୍କ ପେଟକୁ ନାତ ମାରିବାକୁ ଉଦ୍ୟମ କରୁଛି। କାଳିଆ ଯୋଜନାରେ ୪୦ଲକ୍ଷ ଚାଷୀ ଉପକୃତ ହେବାକୁ ଥିବାବେଳେ ଭାଜପା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଏନେଇ ଆପତ୍ତି ଉଠାଇବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। କାଳିଆ ଯୋଜନା ସମ୍ପର୍କରେ ଅର୍ଥମନ୍ତ୍ରୀ ଯେଉଁ ସୂଚନା ଦେଇଛନ୍ତି ତାହା ଆଚରଣ ବିଧି ଉଲ୍ଲଂଘନ ନୁହେଁ ବୋଲି ସସ୍ମିତ କହିଛନ୍ତି।

# ଗଛରେ ପିଟିହେଲା ବରଯାତ୍ରୀ ବସ୍ | ଡ୍ରାଇଭର ମୃତ, ୯ ଗୁରୁତର

**ନବରଙ୍ଗପୁର/ ଝରିଗାଁ, ୧୩।୩ (ବି.ପ୍ର/ସ୍ୱ.ପ୍ର)**

ଛତିଶଗଡରୁ ବରଯାତ୍ରୀଙ୍କୁ ନେଇ ଆସୁଥିବା ବସ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ଟେଣ୍ଡକାଡଙ୍ଗରୀ ଗାଁ ନିକଟରେ ଏକ ଗଛକୁ ଧକ୍କା ଦେଇ ଓଲଟି ପଡିବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୨୭ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧରୁ ୯ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ମଧରେ ୪ ନାବାଳକ ଅଛନ୍ତି। ମୃତ ଡ୍ରାଇଭର ଜଣକ ହେଲେ ଛତିଶଗଡ ଗରିଆବନ୍ଧ ଗାଁର ରହିତ ଗୌଡ।

ଛତିଶଗଡ ରାଜ୍ୟ ଦେଓଭୋଗ ବ୍ଲକ ଅଧୀନ ପାଲୁଆପାଲି ଗାଁର ଦୁଲବ ନାୟକଙ୍କ ପୁଅ ଆତ୍ମାରାମଙ୍କ ସହ ନବରଙ୍ଗପୁର ରାଇଘର ବ୍ଲକ ଗୋନା ହଳଦୀ ଗାଁର ଲକ୍ଷେଶ୍ୱର ମାଳୀଙ୍କ ଝିଅ ଉମେ ମାଳୀଙ୍କ ବିବାହ ପାଇଁ ବୁଧବାର ଦିନଧାର୍ଯ୍ୟ ହୋଇଥିଲା। ସେଥିପାଇଁ ବରଘର ପକ୍ଷରୁ ଏକ ବସ (ନଂ ଓଡି୨୪ଡି୨୫୭୬)ରେ ୫୦ ଜଣ ବରଯାତ୍ରୀ ଚନ୍ଦାହାଣ୍ଡି-ଝରିଗାଁ ରାସ୍ତା ଦେଇ ରାଇଘର ଗୋନା ହଳଦୀ ଗାଁକୁ ଯାଉଥିଲେ। ବସଟି ଝରିଗାଁରୁ ୩ କି.ମି ଦୂର ଟେଣ୍ଡକାଡଙ୍ଗରୀ ଗାଁ ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଓଲଟି ପଡିଥିଲା। ଡ୍ରାଇଭର ରହିତ ବସ ତଳେ ଚାପିହୋଇ ରହିଯାଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ୨୭ ଜଣ ଆହତଙ୍କୁ ଉଦ୍ଧାର କରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡ୍ରାଇଭର ରହିତ ଗୌଡଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

**ସିଣ୍ଡିକେଟ୍ ବ୍ୟାଙ୍କ** (ସିଣ୍ଡିକେଟବୈଙ୍କ SyndicateBank)
**ସୋନ୍‌ପୁର ଶାଖା**, ପ୍ଲଟ ନଂ.-୪୦୩, ପ୍ୟାଲେସ୍ ଗାର୍ଡେନ ଛକ, ସୋନ୍‌ପୁର-୭୬୭୦୧୭, ଜିଲ୍ଲା-ସୁବର୍ଣ୍ଣପୁର, ଓଡିଶା, ଫୋନ୍: ୦୬୬୫୪-୨୨୦୫୦୦

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନଦର୍ଶିତ ଋଣଗ୍ରହୀତାମାନେ ସିଣ୍ଡିକେଟ୍ ବ୍ୟାଙ୍କର **ସୋନ୍‌ପୁର ଶାଖା**ରୁ ସୁନା ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପଇଠ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରି ଡ଼ାକ ଯୋଗେ ନୋଟିସ୍ ପଠାଇ ଦିଆଯାଇଛି କିନ୍ତୁ କୌଣସି ଉତ୍ତର ମିଳି ନାହିଁ । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇଦିଆଯାଉଛିଯେ ଆଗାମୀ ତା ୨୭.୦୩.୨୦୧୯ ରିଖ ସୁଦ୍ଧା ଋଣ ପରିଶୋଧ କରିବାରେ ସେମାନେ ବିଫଳ ହେଲେ **ତା. ୨୮.୦୩.୨୦୧୯** ରିଖ ପୂର୍ବାହ୍ନ ୧୦.୩୦ ଘଟିକା କିମ୍ବା ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ କୌଣସି ତାରିଖରେ କୌଣସି ନୋଟିସ୍ ଦିଆନଯାଇ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡ଼ିକୁ ବ୍ୟାଙ୍କର ନିଜସ୍ୱ ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତା ଦାୟୀ ରହିବେ ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ. ଏବଂ ଋଣଗ୍ରହୀତାଙ୍କ ନାମ | ବକେୟା ଋଣ / ମୋଟ ଓଜନ(ଗ୍ରାମ୍‌ରେ) |
|---|---|---|
| ୧. | ଆକାଉଣ୍ଟ ନଂ-୮୦୯୭.୯୯୪.୮୬୩, ମହାରଣ୍ଡୁ ଦେହେରୀ | ଟ.୨୨,୭୨୮.୩୭ / ୧୨.୫୦୦ ଗ୍ରାମ୍ |
| ୨. | ଆକାଉଣ୍ଟ ନଂ-୮୦୯୭.୯୯୪.୧୨୨୦, ବୃନ୍ଦାବନ ନାଏକ | ଟ.୧୭,୧୩୮.୫୮ / ୧୦.୦୦୦ ଗ୍ରାମ୍ |
| ୩. | ଆକାଉଣ୍ଟ ନଂ-୮୦୯୭.୯୯୪.୧୫୫୪, କିଶୋର ନେଗୀ | ଟ.୨୮,୪୬୪.୧୪ /୧୬.୨୦୦ ଗ୍ରାମ୍ |
| ୪. | ଆକାଉଣ୍ଟ ନଂ-୮୦୯୭.୯୯୪.୧୮୩୯, ରବି ମେହେର | ଟ.୫୨,୪୮୩.୧୮ /୩୨.୧୧୦ ଗ୍ରାମ୍ |
| ୫. | ଆକାଉଣ୍ଟ ନଂ-୮୦୯୭.୮୨୫.୪୯୭୭, ତ୍ରିପତୀ ବିଶ୍ୱାଳ | ଟ.୨୨,୮୮୯.୨୨ /୧୪.୦୦ ଗ୍ରାମ୍ |

ତା ୧୩.୦୩.୨୦୧୯ — କ୍ଷମତାପ୍ରାପ୍ତ ଅଧୀକାରୀ

**ପୂର୍ବ ତଟ ରେଳପଥ**

**ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2019-03, ତା.08.03.2019ରିଖ

**କାର୍ଯ୍ୟର ନାମ:** ତିନି ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର ରହେନବଟା, ମୁରିବାହାଲ, ଗୋଡ଼ଭଗା, ହୀରାକୁଦ, ଅତାବିରା, ଦେବାହାଲ, ବରପାଲି ଏବଂ ଡୁଙ୍ଗୁରିପାଲି ଷ୍ଟେସନଗୁଡ଼ିକ ଠାରେ ମେଧା (MEDHA) ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମ୍‌ର ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,46,28,000/-, EMD (ଟଙ୍କାରେ): 2,23,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/- ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.04.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ସମ୍ବଲପୁର

PR-541/J/18-19




# ବିଜେଡିରେ ସାମିଲ ହେଲେ ରାମକୁମାର ସୋରେନ



ନବୀନରାମକୁମାର ସୋରେନ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି।

**ଭୁବନେଶ୍ୱର,୧୩।୩(ବ୍ୟୁରୋ):** ମୟୂରଭଞ୍ଜ ଜିଲା ସାରସକଣା ନିର୍ବାଚନମଣ୍ଡଳୀର ବିଶୋୟୀ ମଣ୍ଡଳ ଅନୁସୂଚିତ ଜନଜାତି(ଏସ୍‌ସି) ମୋର୍ଚ୍ଚା ସଭାପତି ରାମକୁମାର ସୋରେନ ନିଜ ସମର୍ଥକମାନଙ୍କ ସହ ବୁଧବାର ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ନିବାସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣପର୍ବ ଅନୁଷ୍ଠିତ ହୋଇଥିଲା। ରାମକୁମାରଙ୍କ ବ୍ୟତୀତ ବିଶୋୟୀ ମଣ୍ଡଳ ଭାଜପା ସଂଖ୍ୟାଲଘୁ ସଭାପତି ସାହେବ ଅଲ୍ଲୀ ଖାଁ, ଅନୁସୂଚିତ ଜାତି ବିଶୋୟୀ ମଣ୍ଡଳ ମୋର୍ଚ୍ଚା ସଭାପତି ପଙ୍କଜ କୁମାର ପାତ୍ର, ମହିଳା ନେତ୍ରୀ ଜୟନ୍ତୀ ପାତ୍ର, ଭାଜପା ଯୁବ ବିଶୋୟୀ ବ୍ଲକ ସଭାପତି ନାରାୟଣ ହେମ୍ବ୍ରମ୍, ଅନୁସୂଚିତ ଜନଜାତି ମଣ୍ଡଳ ଜୋନ୍ ସଭାପତି ଶେଖର ମହାବୀ, ଭାଜପା ମହିଳା ସଂଖ୍ୟାଲଘୁ ବ୍ଲକ ସଭାପତି ପୱନ ବିବି ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି।

ବିଜେଡିସଭାପତିନବୀନପଟ୍ଟନାୟକରାମକୁମାରଙ୍କ ଯୋଗଦାନକୁ ସ୍ୱାଗତ କରିଛନ୍ତି। ସେହିପରି ଦଳରେ ସାମିଲ ହେବା ପରେ ସୋରେନ କହିଥିଲେ, ସେ ଦୀର୍ଘଦିନ ହେଲା ଭାଜପାରେ ରହି କାମ କରିଆସୁଥିଲେ। କିନ୍ତୁ ତାଙ୍କ ପ୍ରତି କିମ୍ବା ତାଙ୍କ ବର୍ଗଙ୍କ ପ୍ରତି ଦଳ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଗଲା ନାହିଁ। ତେଣୁ ସାରସକଣା ନିର୍ବାଚନମଣ୍ଡଳୀର ୭ଟି ମଣ୍ଡଳ ସଭାପତିଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିବା ସେ କହିଛନ୍ତି। ଅନ୍ୟମାନଙ୍କ ମଧରେ ଏହି ମିଶ୍ରଣପର୍ବରେ ମୟୂରଭଞ୍ଜ ଜିଲା ବିଜେଡି ପର୍ଯ୍ୟବେକ୍ଷକ ଡ. ଅରୁଣ କୁମାର ସାହୁ, ବିଧାୟକ ପ୍ରଣବ ପ୍ରକାଶ ଦାସ, ସାରସକଣା ବିଧାୟକ ଭାଦବ ହାଁସଦା, କନ୍ଧମାଳ ବିଧାୟକ ମହିଧର ରଣା, ବିଶୋୟୀ ବ୍ଲକ ଅଧ୍ୟକ୍ଷା ତୁଳସୀ ସିଙ୍କିରୀ ହାଁସଦା, ବ୍ଲକ ଯୁବ ବିଜେଡି ସଭାପତି କ୍ଷୀରୋଦ ନନ୍ଦ, ରାଜ୍ୟ ସମ୍ପାଦକ ପ୍ରୀତିରଞ୍ଜନ ସାହୁ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରକାଶ ଡାଙ୍ଗ, ଯୁବନେତା ଅବିନାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରଭୁ ! ଆମର ଆସ୍ପୃହା ଅନୁଯାୟୀ ଆମକୁ ବୀର ଯୋଦ୍ଧା କରି ଗଠନ କର । ଅତୀତ ବକ୍ଷି ରହିବାକୁ ଚାହେଁ । ଆମେ ଯେପରି ତା'ସହିତ ଯୁଦ୍ଧ କରି ସେଥିରେ ବିଜୟୀ ହେଉ । ତା'ଫଳରେ ନୂତନ ବିଷୟ ସବୁ ସୃଷ୍ଟି ହେଉ ଏବଂ ସେଗୁଡ଼ିକୁ ଗ୍ରହଣ କରିବାକୁ ଆମେ ପ୍ରସ୍ତୁତ ହେଉ । -ଶ୍ରୀମା





## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ମାଂସରେ ଡ୍ରଗ୍ସ

କୁକୁଡ଼ା କିମ୍ବା ଅନ୍ୟ ମାଂସ ରାନ୍ଧିବା ବେଳେ ଲୋକମାନେ ତାକୁ ଭଲଭାବେ ଧୋଇବା ଓ ଯତ୍ନର ସହ ରାନ୍ଧିବାକୁ ଭୁଲନ୍ତି ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା, ଯେତେ ଭଲଭାବେ ଧୋଇଲେ, ସିଝାଇଲେ ବା ରାନ୍ଧିଲେ ବି ସେଥିରେ ଥିବା କିଛି ଜିନିଷ ଆଦୌ ସଫା ହୁଏ ନାହିଁ ଏବଂ ତାହା ହେଲା ଡ୍ରଗ୍ସ ବା ଔଷଧ। ମାଂସରେ କିଛି ପରିମାଣର ଡ୍ରଗ୍ସ ରହିଥାଏ, ଯାହା ସଫାସୁତୁରା କରିବା ଓ ରନ୍ଧନର ସବୁ ପ୍ରକ୍ରିୟା ପରେ ବି ସମ୍ପୂର୍ଣ୍ଣରୂପେ ଆପଣଙ୍କ ପେଟକୁ ଯିବାଟା ଥୟ। ସାରା ବିଶ୍ୱରେ ମାଂସ ଉତ୍ପାଦନର ମୁଖ୍ୟ ଆଧାର ହେଉଛି ଡ୍ରଗ୍ସ ଏବଂ ଭାରତୀୟ ଉତ୍ପାଦକମାନେ ମଧ୍ୟ ସେଇ ବିଦେଶୀ ପଦ୍ଧତି ଅବଲମ୍ବନ କରୁଛନ୍ତି, ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ଲାଭ ଅର୍ଜନ- ପ୍ରାଣୀ ବା ମଣିଷର ସ୍ୱାସ୍ଥ୍ୟ ନୁହେଁ। ୨୦୧୮ ମସିହାରେ ଭାରତ ୪.୩ ନିୟୁତ ଟନ୍ ମଇଁଷି ଓ ଗୋରୁ ମାଂସ ଉତ୍ପାଦନ କରିଥିଲା, ଯାହା ୨୦୧୭ ମସିହା ତୁଳନାରେ ୧.୫% ଅଧିକ। କୁକୁଡ଼ା ମାଂସ ୨୦୧୩-୧୪ରେ ୧.୯ ନିୟୁତ ଟନ୍ ଉତ୍ପାଦନ ହୋଇଥିବା ବେଳେ ୨୦୧୬-୧୭ରେ ତାହା ୩.୪୬ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ସେହି ସମୟ ମଧ୍ୟରେ ଛେଳିମାଂସର ପରିମାଣ ୦.୯୭ ନିୟୁତ ଟନ୍‌ରୁ ୧.୪ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ସେହିପରି ମେଣ୍ଢାମାଂସ ଉତ୍ପାଦନ ୦.୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଆକଳନ ଅନୁସାରେ ୨୦୧୬-୧୭ ମସିହାରେ ମାଂସ ପାଇଁ ୨୩୮ କୋଟି କୁକୁଡ଼ା ଓ ୧.୨ କୋଟି ଘୁଷୁରିଙ୍କୁ ହତ୍ୟା କରାଯାଇଛି। ସର୍ବମୋଟ ୧୦ ନିୟୁତ ଟନ୍ ମାଂସ ଉତ୍ପାଦନ ହୋଇଛି।

ତେବେ କୋଟି କୋଟି ସଂଖ୍ୟାରେ ପ୍ରାଣୀଙ୍କୁ ବିନା ଅତିରିକ୍ତ ଖାଦ୍ୟରେ ଅଳ୍ପ ସମୟ ଭିତରେ ମୋଟାସୋଟା କରି ମାଂସ ପାଇଁ ହଣାହେବାର ଉପଯୁକ୍ତ କରିବା କେବଳ ସମ୍ଭବ ହୋଇପାରୁଛି ବିପୁଳ ପରିମାଣର ଡ୍ରଗ୍ସ ପ୍ରୟୋଗ ଦ୍ୱାରା। ଗୋଟିଏ ମୁଖ୍ୟ ଡ୍ରଗ୍ସ ହେଲା ରାକ୍ଟୋପାମାଇନ୍। ଏହି ଔଷଧକୁ ଏଫ୍‌ଡିଏ ୧୬ ବର୍ଷ ତଳେ ୨୦୦୩ରେ ଅନୁମୋଦନ ଦେଇଥିଲା। ଏହା ହେଉଛି ଏକ ବିଟା-ଆଗୋନିଷ୍ଟ ଡ୍ରଗ୍। ଏହା ପ୍ରାଣୀଙ୍କ ଚର୍ବି ଓ ମାଂସପେଶୀରେ ବାନ୍ଧି ହୋଇ ଚର୍ବିର ବିପାକକୁ ହ୍ରାସ କରି ମାଂସପେଶୀ ତନ୍ତୁର ଆକାର ବୃଦ୍ଧି କରେ। ଫଳତଃ ପ୍ରାଣୀଟି ଅଧିକ ମାଂସଳ ହୁଏ ଏବଂ ପ୍ରାଣୀ ପିଛା ଲାଭର ପରିମାଣ ବୃଦ୍ଧି ପାଏ। କାରଣ ଅଳ୍ପ ଖାଦ୍ୟ ଦେଇ ମଧ୍ୟ ପ୍ରାଣୀକୁ ଅଧିକ ମୋଟା, ବଡ଼ ଓ ମାଂସଳ କରାଯାଇପାରେ।

ତେବେ ପ୍ରାଣୀଙ୍କୁ ଯେଉଁ ରାକ୍ଟୋପାମାଇନ୍ ଔଷଧ ଦିଆଯାଏ, ତା'ର ୨୦% ତାଙ୍କ ମାଂସରେ ରହିଯାଏ ଯାହା ଆମ ପେଟ୍ ପର୍ଯ୍ୟନ୍ତ ପହଞ୍ଚିଯାଏ। ଏହି ଔଷଧର ମାତ୍ରା ମଣିଷ ଦେହରେ ଏତେ ଅଧିକ ପରିମାଣରେ ରହେ ଯେ, ତାହା ଡୋପ୍ ଟେଷ୍ଟରେ ଧରାପଡ଼େ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସାଇକେଲ ଚାଳକ ଆଲ୍‌ବର୍ଟୋ କଣ୍ଟାଡର ମାଂସ ଖାଇବା ଯୋଗୁ ତାଙ୍କ ଦେହରେ ଯେଉଁ ଡ୍ରଗ୍ସ ରହିଥିଲା, ତାହା ୨୦୧୦ରେ ଡୋପ୍ ଟେଷ୍ଟରେ ଧରାପଡ଼ିଥିଲା। ରାକ୍ଟୋପାମାଇନ୍ ଆମେରିକାରେ ବ୍ୟବହାର ହେଉଥିବା ବେଳେ ଏହା ୟୁରୋପ, ଚାଇନା ଓ ଅନ୍ୟ ୧୬୦ଟି ଦେଶରେ ନିଷିଦ୍ଧ, କାରଣ ଏହା ଉଭୟ ପ୍ରାଣୀ ଓ ମଣିଷଙ୍କ ପାଇଁ କ୍ଷତିକାରକ। ଆମେରିକାରେ ରାକ୍ଟୋପାମାଇନ୍ ବ୍ୟବହାର ହେଉଥିବାରୁ ତାଇୱାନରେ ଆମେରିକୀୟ ଗୋମାଂସ ନିଷିଦ୍ଧ। ଭାରତରେ ଏହି ଔଷଧ ପ୍ରାଣୀମାନଙ୍କୁ ଦିଆଯାଉଛି। ରାକ୍ଟୋପାମାଇନ୍ ପ୍ରାଣୀମାନଙ୍କ ପ୍ରଜନନ କ୍ରିୟାରେ ବାଧା ସୃଷ୍ଟି କରିବା ସହ ସେମାନଙ୍କଠାରେ ଅସ୍ଥିରତା, ଅଙ୍ଗଭଙ୍ଗ, ଜନ୍ମବିକୃତି, ହୃଦୟର ଆକାର ବୃଦ୍ଧି, ମାନସିକ ଚାପ, ଛୋଟା ହେବା ଓ ଅକାଳ ମୃତ୍ୟୁ ଆଦିର କାରଣ ହୋଇଥାଏ। ଯେଉଁ ପ୍ରାଣୀ ନିଜେ ଏତେ ରୁଗ୍ଣ, ସେ କିପରି ଆହାରଯୋଗ୍ୟ ଭଲ ମାଂସ ଦେଇପାରିବ?

ଶ୍ୱାସରୋଗୀମାନେ ବିଟା-ଆଗୋନିଷ୍ଟ ଔଷଧ ଆଘ୍ରାଣ କରିଥାନ୍ତି, ଯାହା ସେମାନଙ୍କ ମାଂସପେଶୀକୁ ଆରାମ ଦେବା ସହ ଶ୍ୱାସ ସମସ୍ୟା ଦୂର କରିଥାଏ। ଅପ୍ରାକ ଗର୍ଭବେଦନା ଆସିଲେ ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ବିଟା-ଆଗୋନିଷ୍ଟ ଦିଆଯାଏ, ଯାହା ସେମାନଙ୍କ ମାଂସପେଶୀକୁ ଆରାମ ଦେଇ ସଅଳ ପ୍ରସବକୁ ରୋକିଥାଏ। କିନ୍ତୁ ଯଦି ସେମାନେ ମାଂସାହାର ମାଧ୍ୟମରେ ରାକ୍ଟୋପାମାଇନ୍ (ଅକ୍ଟୋପ୍ଲେକ୍ସ) ସେବନ କରନ୍ତି, ତେବେ ସେମାନଙ୍କର ହୃତ୍‌ସ୍ପନ୍ଦନ ହାର ବୃଦ୍ଧି ପାଇବା ସହ ଉଚ୍ଚ ରକ୍ତଚାପ, ଗୁଣସୂତ୍ରୀୟ ଅସ୍ୱାଭାବିକତା, ଉଦ୍‌ବିଗ୍ନତା, ଉଗ୍ରତା, କମ୍ପନ, ମୁଣ୍ଡବିନ୍ଧା, ପେଶୀ ସଂକୋଚନ ଓ ଅନେକ ପ୍ରକାର ସମସ୍ୟା ଦେଖାଯାଏ। ପିଲା ଓ ହୃଦ୍‌ରୋଗୀମାନଙ୍କ ପାଇଁ ଏହା ଅତ୍ୟନ୍ତ ବିପଦ ସୃଷ୍ଟି କରେ।

ରାକ୍ଟୋପାମାଇନ୍‌ଠାରୁ ଆହୁରି ମାରାତ୍ମକ ହେଲା ପ୍ରାଣୀଙ୍କ ଓଜନ ବୃଦ୍ଧି ପାଇଁ ଦିଆଯାଉଥିବା ଜିଲ୍‌ମାକ୍ସ ବା ଜିଲ୍‌ପାଟେରୋଲ। ଏହା ପରି ବିଟା-ଆଗୋନିଷ୍ଟ ଔଷଧ। ଜିଲ୍‌ପାଟେରୋଲକୁ ଏଫ୍‌ଡିଏ ୨୦୦୬ ମସିହାରେ ଅନୁମୋଦନ ଦେଇଥିଲା। ଗୋରୁ ଓ ଘୁଷୁରି ପାଳକମାନେ ପ୍ରାଣୀମାନଙ୍କ ଓଜନ ବୃଦ୍ଧି ପାଇଁ ସେମାନଙ୍କୁ ଖାଦ୍ୟରେ ଜିଲ୍‌ମାକ୍ସ ଦେଇଥାନ୍ତି। ଏହା ଗୋଟିଏ ଗୋରୁ ବା ମଇଁଷିଠାରେ ଅନେକ ପାଉଣ୍ଡ ଓଜନ ବୃଦ୍ଧି କରିଥାଏ।

ଏନ୍‌ସାଇକ୍ଲୋପିଡ଼ିଆ ଅଫ୍ ମିଟ୍ ସାଇନ୍ସ (ଡେକେମାନ ଓ ଡେଭାଇନ୍ ୨୦୦୪)ର ରିପୋର୍ଟ ଅନୁସାରେ ଅସ୍ୱାଭାବିକ ବିନା ଅତିରିକ୍ତ ଖାଦ୍ୟରେ ଦୈନିକ ୧୫ରୁ ୨୫% ଓଜନ ବୃଦ୍ଧି କରିଥାଏ। ଜିଲ୍‌ମାକ୍ସର ପ୍ରୟୋଗ ଦ୍ୱାରା ଏହାଠାରୁ ଆଉ କିଛି ଅଧିକ ଫଳ ମିଳିଥାଏ। ପ୍ରାୟ ୭୦୦ ନିୟୁତ ଘୁଷୁରିଙ୍କୁ ବିଟା-ଆଗୋନିଷ୍ଟ ଦିଆଯାଉଛି ଏବଂ ଏହାଦ୍ୱାରା ପ୍ରତ୍ୟେକ ଘୁଷୁରି ଅଧିକ ଛଅ ପାଉଣ୍ଡର ମାଂସ ଦେଉଥାନ୍ତି। କିନ୍ତୁ ଏହାଦ୍ୱାରା ସେମାନେ ସାଂଘାତିକ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବା ସହ ଅକାଳ ମୃତ୍ୟୁ ମଧ୍ୟ ବରଣ କରିଥାନ୍ତି। ୨୦୦୭ରେ ଆମେରିକାରେ ଜିଲ୍‌ମାକ୍ସର ପ୍ରବର୍ତ୍ତନ ହେବା ପରେ ଶହ ଶହ ଗୋରୁ ଅକାଳ ମୃତ୍ୟୁ ଲଭିଛନ୍ତି। ଏହି ଔଷଧ ବ୍ୟବହାରର ମାତ୍ର ଦୁଇବର୍ଷ ଭିତରେ ମାଂସ ଉତ୍ପାଦନ କେନ୍ଦ୍ରଗୁଡ଼ିକରେ ଗୋରୁଙ୍କ ଅସୁସ୍ଥ ଯନ୍ତ୍ରଣାରୁ ମୁକ୍ତି ନିମନ୍ତେ ମାରିବା ହାର ୧୭୬% ବୃଦ୍ଧି ପାଇଛି। ୨୦୧୩ରେ ଏହି ଔଷଧ ପ୍ରୟୋଗ ସମ୍ବନ୍ଧରେ ସମୀକ୍ଷା କରାଯାଇଥିଲା। ଭେଟରିନେରି ସହ ଏକ ସାକ୍ଷାତ୍‌କାରରେ ଡ. ଗ୍ରାଣ୍ଡିନ୍ ସୂଚନା ଦେଇଥିଲେ ଯେ, ଏହି ଔଷଧ ପ୍ରୟୋଗ ଦ୍ୱାରା ଗୋରୁଙ୍କଠାରେ କଠିନତା (ଷ୍ଟିଫ୍‌ନେସ୍), ପ୍ରାଦ୍ରା ଏବଂ ହିଟ୍ ଷ୍ଟ୍ରେସ୍ ଦେଖିବାକୁ ମିଳିଛି। ରାକ୍ଟୋପାମାଇନ୍‌ଠାରୁ ଜିଲ୍‌ମାକ୍ସ ୧୨୫ ଗୁଣ ଅଧିକ କ୍ଷତିକାରକ ବୋଲି ବିବେଚନା କରାଯାଉଛି। ସେଥିପାଇଁ ଜିଲ୍‌ମାକ୍ସ ତୁଳନାରେ ରାକ୍ଟୋପାମାଇନ୍‌ର ପାର୍ଶ୍ୱପ୍ରତିକ୍ରିୟାକୁ ଅଣଦେଖା କରାଯାଉଛି। ଆମେରିକାରେ ୬୦ରୁ ୮୦ ପ୍ରତିଶତ ଗୋରୁଙ୍କୁ ବିଟା-ଆଗୋନିଷ୍ଟ ଦିଆଯାଉଛି। ଗୋଖାଦ୍ୟରୁ ବିଟା-ଆଗୋନିଷ୍ଟକୁ ବାଦ୍ ଦେବା ପାଇଁ ଆମେରିକା ଚାହୁଁନାହିଁ। କାରଣ ଏହାଦ୍ୱାରା ପ୍ରତି ଗୋରୁର ଓଜନ ୧୦ରୁ ୧୫ ପ୍ରତିଶତ କମିଯିବ। ଫଳରେ ମାଂସ ଉତ୍ପାଦନ ହ୍ରାସ ପାଇବ। ସମାନ ଓଜନ ହାସଲ ପାଇଁ ଗୋରୁଙ୍କୁ ଅଧିକ ଶସ୍ୟ ଖୁଆଇବାକୁ ପଡ଼ିବ। ଏହାଦ୍ୱାରା ମାଂସର ମୂଲ୍ୟ ବୃଦ୍ଧି ପାଇବ।

ମାଂସରେ ରହିଥିବା ଆଉ ଏକ ପ୍ରଦୂଷକ ହେଉଛି ଗ୍ଲିଫୋସେଟ୍। ଏଥିରେ ଗୋଟିଏ ଉପାଦାନ ଅଛି ଯାହା ଭାରତରେ ତୃଣନାଶକ ଭାବେ ବ୍ୟବହୃତ ହୁଏ। ଭାରତରେ ୨୦୧୪-୧୫ ମସିହାରେ ୧୪୮ ନିୟୁତ ଟନ୍ ଗ୍ଲିଫୋସେଟ୍ ବ୍ୟବହାର କରାଯାଇଛି, ଯାହା ଅନ୍ୟ ଯେକୌଣସି ତୃଣନାଶକଠାରୁ ଅଧିକ। ପ୍ରାଣୀଙ୍କୁ ଏହି ଔଷଧ ଦିଆଯିବା ଯୋଗୁ ତାଙ୍କଠାରେ ରହିଯାଉଥିବା ଅବଶେଷ ମାଂସାହାରୀ ମଣିଷଙ୍କ ଦେହକୁ ଯାଏ। ଅଧ୍ୟୟନରୁ ଜଣାପଡ଼ିଛି ଯେ, ଏହି ଔଷଧ କ୍ୟାନ୍ସରଠାରୁ ଆରମ୍ଭ କରି ଜିନୀୟ ବିକୃତି ଏବଂ ଅନ୍ତଃସ୍ରାବୀ ଗ୍ରନ୍ଥିଗୁଡ଼ିକର ସ୍ୱାଭାବିକ କ୍ରିୟାରେ ବାଧା ସୃଷ୍ଟିର କାରଣ ହୋଇଥାଏ। ତେଣୁ ଏହାକୁ ହାଲୁକା ଭାବେ ନିଆଯିବା ଉଚିତ ନୁହେଁ। ଏହିପରି ପେଷ୍ଟିସାଇଡ୍ ଯୋଗୁ ୨୦୧୫ରେ ମରିଥିବା ଲୋକଙ୍କ ସଂଖ୍ୟା ୭୦୦୦ ବୋଲି ଆକଳନ କରାଯାଇଛି। ତଥାପି ମାଂସ ମାଧ୍ୟମରେ ଏହି ଔଷଧ ସେବନ କରି କ୍ୟାନ୍ସର ହେଉଥିବା ବିଷୟରେ କେହି କହୁନାହାନ୍ତି। ଏହି ଔଷଧକୁ କେବଳ ଚା ଚାଷରେ ବ୍ୟବହାର ପାଇଁ ଅନୁମତି ମିଳିଥିଲା। କିନ୍ତୁ ସାରା ଭାରତରେ ଚା ଚାଷ ହେଉ ନ ଥିବା ଅଞ୍ଚଳରେ ଏହା ବିକ୍ରି ହେଉଛି। ଏହାକୁ କିଟ କପା ଚାଷରେ ମଧ୍ୟ ବ୍ୟବହାର କରାଯାଉଛି ଏବଂ ଏହାକୁ ଗୋରୁଙ୍କୁ ଖାଇବାକୁ ଦିଆଯାଉଛି। ଲୋକେ ଯଦି ମାଂସ ଖାଇବେ ନାହିଁ, ତା'ହେଲେ ଚାହିଦା କମିବ ଏବଂ ଏଭଳି ମାରାତ୍ମକ ରାସାୟନିକଗୁଡ଼ିକର ବ୍ୟବହାର ମଧ୍ୟ କମିବ।

Email: gandhim@nic.in

# ନିଶାଡ଼ି ଚାଳକ, ସଜାଗ ଯାତ୍ରୀ



ଛନ୍ଦା ମିଶ୍ର

ଦୃଢ଼ ଭରସାର ସହ ନିଜ ଖାଇବୁହା ଧନ ଦେଇ, ଟିକେଟ କାଟି ଆମେ ବସ୍, ଟ୍ରେନ୍ ଅବା ଏରୋପ୍ଲେନ୍ ଇତ୍ୟାଦିରେ ପାଦଦେଉ ଏଇ ଆଶା ନେଇ ଯେ, ବେଶ୍ ସୁରକ୍ଷିତ ଭାବେ ତାହା ଆମକୁ ଆମ ଗନ୍ତବ୍ୟସ୍ଥଳରେ ପହଞ୍ଚାଇଦେବ। ଦୈବୀ ଦୁର୍ବିପାକକୁ ତ ହାତ ନାହିଁ, ମାତ୍ର ମନୁଷ୍ୟ ଯେବେ ହୁଏ ଦାୟିତ୍ୱହୀନ, ଯଦି ଜଣକ ଅବହେଳା ପାଇଁ ଅନେକଙ୍କ ଜୀବନ ହୁଏ ଅସୁରକ୍ଷିତ, ତେବେ ଉପାୟ କ'ଣ! ଏଇ ନିକଟରେ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ (ଡିଜିସିଏ) ଅରବିନ୍ଦ କଠପାଲିଆ ନାମକ ଜଣେ ଏଆର ଇଣ୍ଡିଆର ପାଇଲଟ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବନ ଆଦେଶ ଦେଇଛନ୍ତି, ନିର୍ଦ୍ଧାରିତ ଫ୍ଲାଇଟ୍‌ରେ ପାଇଲଟ୍ ଭାବେ ଯୋଗଦେବା ପୂର୍ବରୁ 'ଆଲକୋହଲ୍ ଟେଷ୍ଟ'ରେ ଅକୃତକାର୍ଯ୍ୟ ହେବାରୁ।

ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଙ୍କ ତଥ୍ୟ ଅନୁଯାୟୀ, ଗତ ତିନିବର୍ଷ ମଧ୍ୟରେ ଏରୋପ୍ଲେନ୍ ଚଳାଇବା ପୂର୍ବରୁ ୧୩୨ ଜଣ ପାଇଲଟ୍ ମଦ୍ୟପାନ କରିଥିବା ଜଣାପଡ଼ିଛି। ଏହା ଜଣାପଡ଼ିଲା ପରେ ପ୍ରଥମେ ସେମାନଙ୍କୁ ଚେତାବନୀ ଦେବା ସହ ତିନିମାସ ପାଇଁ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯାଇଥିଲା। ମାତ୍ର ଏମାନଙ୍କ ମଧ୍ୟରୁ ଦ୍ୱିତୀୟଥର ମଦ୍ୟପାନ କରି ପନ୍ଦର ଜଣ ପୁଣି ଧରାପଡ଼ିଥିଲେ। ଏମାନଙ୍କ ଲାଇସେନ୍ସ ତିନିବର୍ଷ ପାଇଁ ରଦ୍ଦ କରିବା ସହ 'ତୃତୀୟଥର ଧରାପଡ଼ିଲେ ଲାଇସେନ୍ସକୁ ସବୁଦିନ ପାଇଁ ଅଚଳ କରିଦିଆଯିବ' ବୋଲି ଡିଜିସିଏ ଚେତାବନୀ ଦେଇଛନ୍ତି। ଡିଜିସିଏଙ୍କ ନିୟମାବଳୀ ଅନୁଯାୟୀ, ଉଡ଼ାଜାହାଜର କୌଣସି କର୍ମଚାରୀ ଉଡ଼ାଜାହାଜକୁ ଚଢ଼ିବାର ବାରଘଣ୍ଟା ପୂର୍ବରୁ କୌଣସି ପ୍ରକାର ମାଦକଦ୍ରବ୍ୟ ସେବନ କରିପାରିବେ ନାହିଁ। ପୁଣି ଡିଜିସିଏ କହନ୍ତି ଯେ, ମାଦକଦ୍ରବ୍ୟ ଗ୍ରହଣ କରିବାର ବାରଘଣ୍ଟା ପରେ ରକ୍ତରେ ତା'ର ଉପସ୍ଥିତି ଜଣାପଡ଼େ ନାହିଁ, ମାତ୍ର ବ୍ୟକ୍ତି ମାନସିକ ଭାରାକ୍ରାନ୍ତ ରହେ। ତେଣୁ ତାହା ମଧ୍ୟ ଜଣେ ପାଇଲଟ୍ ପାଇଁ ସ୍ୱାସ୍ଥ୍ୟକର ନୁହେଁ।

ଏଠାରେ ସ୍ୱତଃ ମନରେ ପ୍ରଶ୍ନ ଉଠେ, ଏହି ସମାନ ନିୟମଟି ଟ୍ରେନ୍, ବସ୍, ଟ୍ରକ୍, ଅଟୋ ବା ଅନ୍ୟାନ୍ୟ ଗାଡ଼ିଚାଳକମାନଙ୍କ ପାଇଁ ଲାଗୁ କରାଯାଇଛି କି? ଯଦି ଲାଗୁ କରାଯାଇଛି, ତେବେ ଏହା କଡ଼ାକଡ଼ି ଭାବେ ପାଳନ ହୁଏ କି? କାହା ସ୍ୱାର୍ଥରେ ରାଜପଥରେ ମାଦକଦ୍ରବ୍ୟଗୁଡ଼ିକର ଖୋଲାଖୋଲି ବିକ୍ରି ଚାଲିଛି? କ'ଣ ମଣିଷ ଜୀବନର ପ୍ରତିବଦଳରେ ସରକାର ନିଜ ରାଜସ୍ୱ ଆଦାୟର ଲୋଭକୁ ଚରିତାର୍ଥ କରିବାକୁ ଚାହାନ୍ତି ବୋଲି ନା ଉଡ଼ାଜାହାଜରେ ଉଡ଼ୁଥିବା ଯାତ୍ରୀଙ୍କ ଜୀବନ ସଡ଼କରେ ଯାଉଥିବା ଯାତ୍ରୀଙ୍କଠାରୁ ଅଧିକ ମୂଲ୍ୟବାନ ବୋଲି?

ଟ୍ରେନ୍, ଟ୍ରକ୍, ବସ୍ ପରି ଭାରିଯାନଗୁଡ଼ିକ ଯେତେବେଳେ ଦୁର୍ଘଟଣା ଘଟାନ୍ତି, ବହୁତ ଅମୂଲ୍ୟ ଜୀବନ ଅକାଳରେ ନଷ୍ଟ ହୁଏ। ଏସବୁ ଦୁର୍ଘଟଣାରେ ମନୁଷ୍ୟକୃତ ଅବହେଳା ହିଁ ଅଧିକତର ହେତୁ ସାଜେ। ତାହା ଦେଖି ହୃଦୟ ବିଦୀର୍ଣ୍ଣ ହୋଇଯାଏ। ଟିକିଏ ସାବଧାନତା ଓ ସଚେତନତା ଏହି ବହୁମୂଲ୍ୟ ପ୍ରାଣଗୁଡ଼ିକୁ ହୁଏତ ବଞ୍ଚାଇପାରିଥାନ୍ତା- ଏପରି ମନେହୁଏ।

ଗାଡ଼ି ମାଲିକଙ୍କଠାରୁ ଗାଡ଼ିଚାଳକ ପର୍ଯ୍ୟନ୍ତ ଗାଡ଼ି ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ପରିବାର ଯାତ୍ରୀମାନଙ୍କ ଖାଇବୁହା ଧନରେ ଚାଲନ୍ତି ପ୍ରତିପାଳିତ। ଗାଡ଼ିଭଡ଼ା ନେଲାବେଳେ ସେମାନେ ଯେପରି ନିର୍ଦ୍ଧାରିତଠାରୁ କମ୍ ଟଙ୍କା ନେବା ପାଇଁ ରୋକ୍‌ଠୋକ୍ ନାସ୍ତିବାଣୀ ଶୁଣାଇ ଯାତ୍ରୀଙ୍କୁ ସର୍ବସମକ୍ଷରେ ଅପମାନ ଦେଇ ଗାଡ଼ିରୁ ଓହ୍ଲାଇଦିଅନ୍ତି, ଠିକ୍ ସେହିପରି ଯାତ୍ରୀମାନଙ୍କୁ ସୁରକ୍ଷିତ, ଶୃଙ୍ଖଳିତ ତଥା ଉପଯୁକ୍ତ ମର୍ଯ୍ୟାଦାର ସହ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ସେମାନଙ୍କର ପରମ କର୍ତ୍ତବ୍ୟ ଓ ଚରମ ଦାୟିତ୍ୱ। ଅନ୍ୟଥା ଏଥିପାଇଁ ସେମାନଙ୍କୁ ଉତ୍ତରଦାୟୀ ରହିବାକୁ ହେବ। ଗାଡ଼ି ଚାଳକ ଷ୍ଟିଅରିଂ ଧରିବା ପୂର୍ବରୁ ଗାଡ଼ିରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ଗାଡ଼ିର ଡ୍ରାଇଭର ଓ କଣ୍ଡକ୍ଟରଙ୍କ 'ଫିଟ୍‌ନେସ୍' ବାବଦରେ ଜିଜ୍ଞାସା କରି ଉତ୍ତର ପାଇବାର ଅଧିକାର ରଖନ୍ତି। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟ ଅନୁଯାୟୀ, ବର୍ଷକୁ ୭,୦୬୧ଟି ରାସ୍ତା ଦୁର୍ଘଟଣା କେବଳ ମାଦକଦ୍ରବ୍ୟ ସେବନ ପାଇଁ ହୋଇଥାଏ। ଯାତ୍ରୀ ପରିବହନ ସହ ସମ୍ପୃକ୍ତ ସରକାରୀ ସଂସ୍ଥାଗୁଡ଼ିକ ଏହି ସମସ୍ୟାର ସମାଧାନ ବିଗରେ କେତେ ସଚେତନ ତାହା ତର୍ଜମା କରି ସମୟ ସାରିବା ଆମର ଉଦ୍ଦେଶ୍ୟ ନୁହେଁ। ବରଂ ପ୍ରତ୍ୟେକ ଯାତ୍ରୀ, ଯେ କି ନିଜ ପରିବାର ଓ ନିଜ ଜୀବନକୁ ଭଲପାଆନ୍ତି, ସେମାନେ ଗାଡ଼ିରେ ପାଦ ଥାପିବା ପୂର୍ବରୁ ଗାଡ଼ିର ଡ୍ରାଇଭରଙ୍କ ଦାୟିତ୍ୱବୋଧତା ନେଇ ପ୍ରଶ୍ନ ଉଠାନ୍ତୁ 'ଆପଣ ଭରସା ଯୋଗ୍ୟ ତ?' ଯେଉଁଦିନ ପ୍ରତ୍ୟେକ ଯାତ୍ରୀ ମଦ୍ୟପାନ କରିଥିବା ଗାଡ଼ିଚାଳକର ଗାଡ଼ିକୁ ପ୍ରତ୍ୟାଖ୍ୟାନ କରି 'କେବେ ନ ପହଞ୍ଚିବାଠାରୁ ବିଳମ୍ବରେ ପହଞ୍ଚିବା'କୁ ଶ୍ରେୟସ୍କର ମଣିବେ, ଏ ସମସ୍ୟାଟିର ସେହିଦିନ ସମାଧାନ ହୋଇପାରିବ।

୩ ଆର/୬, ବିଜେବି ନଗର,
ମୋ: ୯୪୩୭୪୫୪୭୬୧୦,
chhandamishra74@gmail.com

## ଏଇ ଭାରତରେ

ମୃତଦେହ ସଂସ୍କାର ଲାଗି କବର ଖୋଳାଯାଏ। କିନ୍ତୁ ଜଣେ ବ୍ୟକ୍ତି ବଞ୍ଚିଥାଉଥାଉ ନିଜ ପାଇଁ କବର ଖୋଳିବା ଆଶ୍ଚର୍ଯ୍ୟ ହେଲେ ବି ସତ। ଏପରି ଏକ ଘଟଣା ଆନ୍ଧ୍ରପ୍ରଦେଶରେ ଘଟିଛି। ପ୍ରଚଳିତ ଆଇନ ବ୍ୟବସ୍ଥା ପ୍ରତି ଜଣେ ବୃଦ୍ଧଙ୍କ ମନରେ ବିତୃଷ୍ଣା ଭାବ ଆସିବାରୁ ସେ ପ୍ରତିବାଦ ସ୍ୱରୂପ ନିଜ ପାଇଁ ଏକ କବର ଖୋଳିଛନ୍ତି। ଆନ୍ଧ୍ରପ୍ରଦେଶର ଗନବରମ୍ ଗାଁରେ ବାସ କରୁଥିବା ୭୦ବର୍ଷ ବୟସ୍କ ଚଉରେଡ୍ଡୀ ଲକ୍ଷ୍ମି ଏଭଳି କରି ପ୍ରଶାସନ ବିରୋଧରେ ପ୍ରତିବାଦ ଜଣାଉଛନ୍ତି। ସେ ନିଜ ପାଇଁ ୫ଫୁଟ ଗଭୀରତାର ଏକ କବର ଖୋଳି ଏଥିରେ ତାଙ୍କୁ ଜୀବନ୍ତ ପୋତିଦେବାକୁ ପଡ଼ିଶା ଲୋକଙ୍କୁ କହିଥିଲେ। ଏହା ପ୍ରଚାରିତ ହେବାପରେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏଭଳି କରିବା ଆତ୍ମହତ୍ୟା ବୋଲି ତାଙ୍କୁ ସଚେତନ କରାଯାଇଛି। ଏହା ଘୋଷଣା କରିବା ମଧ୍ୟ ଅପରାଧ ବୋଲି ପ୍ରଶାସନିକ ଅଧିକାରୀ ଲକ୍ଷ୍ମିଙ୍କୁ ଜଣାଇବା ସହିତ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଘଟଣା ସୋସିଆଲ ମିଡ଼ିଆରେ ଭାଇରାଲ୍ ହୋଇଛି।

## ଚିରନ୍ତନୀ

ନ ଲାଗୁଣୁ ଶିଶୁ ମୁଖେ ଆଲୋକର ଚାରୁ ହାସରେଖା
ମୃତ୍ୟୁର ମଳିନ ଛବି ଅଧର କୋଣରେ ଦେଲେ ଦେଖା
ସ୍ଥିର ହେଲେ ଜୀବନର ସଧୀର ଚାଳନା
ଅଚଞ୍ଚଳ ତବଧ ଚେତନା।
ମୁହୂର୍ତ୍ତକେ ଉଦେ ହୋଇ ମୁହୂର୍ତ୍ତକେ ପଡ଼ିଲେ ମଉଳି
ନବୋଦ୍‌ଗତ ଅଙ୍କୁରଟି ରବିକରେ ନଇଁଲେ ଝାଉଁଳି,
ଅକାରଣ ନୁହେ ତା'ର କ୍ଷଣିକ ବିକାଶ-
ଅକଳଙ୍କ ସୃଷ୍ଟିର ନିର୍ଯ୍ୟାସ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 8 | 1 | | D | A | 5 | | 4 |
| | | | | | 4 | | 0 | | 2 | | | | | 3 |
| | | C | | 8 | E | | | | | | | | | |
| | | | 9 | | | E | C | 6 | 0 | | | D | | |
| E | | | 2 | | | | | | 5 | | 7 | 0 | | 8 |
| | | | | | | | 1 | | 7 | | 6 | D | | |
| | | | E | B | | | D | | | | 3 | | 9 | |
| | 3 | 0 | 4 | | | A | | | | | 9 | | 2 | |
| | E | 7 | 0 | A | | 6 | | 4 | 8 | | D | | | |
| | | 6 | | 2 | 9 | | | C | A | 1 | | | 8 | |
| | | | C | | 3 | | | | E | 8 | | 2 | 4 | |
| | 9 | | | 6 | | D | 2 | | C | B | 4 | | | |
| | 6 | | | | | | | | | | | E | | |
| | | 1 | B | 7 | | | C | | | 6 | | 9 | | |
| | | | | | | | 9 | A | | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହିରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର



# ମାନବିକତାର ଆଦିଭୂଇଁ

ବିଚିତ୍ର ବିଶ୍ୱାଳ

ସେଦିନ କଥା ହେଉ ହେଉ ମୁନିଗୁଡ଼ା ବ୍ଲକ ଚୋଇପଦର ଗାଁର ୬୪ ବର୍ଷୀୟା ଡାୟେ ମା' କହିଲା, ସେ ଆମ୍ବ ଗଛଟା ସିନା ମୋ ଜାଗାରେ ଅଛି, ହେଲେ ତା' ଫଳ କ'ଣ କେବଳ ମୋର! ତା' ଫଳ ପା ଆମ ସମସ୍ତଙ୍କ ପାଇଁ। ଦ୍ୱିତୀୟ ଶ୍ରେଣୀରେ 'ଗଛ ଲଗାଇବା କାହା ପାଇଁ' ବିଷୟରେ ଆମେ ପଢ଼ିଥିଲୁ- ଅଜା ବୁଢ଼ାଟି କହୁଛି, ମୁଁ ଆଜି ଗଛ ଲଗାଉଛି, ମୁଁ ସିନା ଫଳ ଖାଇ ପାରିବିନି, କିନ୍ତୁ ମୋ ନାତିନାତୁଣୀମାନେ ତ ଖାଇବେ। କିନ୍ତୁ ଆଦିବାସୀ ଗାଁର ଏହି ବୁଢ଼ୀଟି ଏବେ ୨୦୧୯ ମସିହାରେ କହୁଛି- ଗଛଟା ସିନା ମୋ ଜାଗାରେ ଅଛି, କିନ୍ତୁ ତା' ଫଳ ସମସ୍ତେ ଖାଇବେ। କେବଳ ସେ ଏତିକି କହିଲାନି, ସେ ଆହୁରି ବି କହିଲା- କେବଳ ମଣିଷ ଖାଇବେନି ଆଜ୍ଞା, ସେ ଫଳକୁ ଚଢ଼େଇ, ଡାଙ୍କି (ଚିମ୍ପୁଡ଼ି), କେତେ କେତେ ଜୀବଜନ୍ତୁ ଖାଇବେ। ଆମେ ଗଛ ଲଗେଇଛୁ ବୋଲି ଓ ଆମ ଜାଗାରେ ହୋଇଛି ବୋଲି କ'ଣ ଆମେ ଏକା ତାକୁ ଖାଇବୁ? ତାକୁ ସବୁ ଲୋକ ଖାଇବେ। କେତେ ମହାନ ବିଚାର! କେଉଁ ଧର୍ମଗୁରୁ ଭଳି ସେ ପ୍ରବଚନ ଦେଉ ନ ଥିଲା କି ଆମକୁ ଆଦର୍ଶ ଜୀବନ ବିଷୟରେ କହୁ ନ ଥିଲା। ସେ କନ୍ଧ ସମାଜର ପ୍ରଚଳିତ ଜୀବନଶୈଳୀକୁ ତା' ନିଜ ଭାଷାରେ କହୁଥିଲା, ଯାହା ଏବେ ବି ବଳବତ୍ତର ଅଛି ସେମାନଙ୍କ ସମାଜରେ। କେବଳ ଚୋଇପଦର ଗାଁ ନୁହେଁ, ରାୟଗଡ଼ା ବ୍ଲକର ପ୍ରାୟ ସବୁ କନ୍ଧ ଗାଁଗୁଡ଼ିକରେ, ଯେଉଁଠି ଏଯାଏ ବଜାର ସଂସ୍କୃତି ଓ ତଥାକଥିତ ଶିକ୍ଷାର ବିକାଶ ପହଞ୍ଚିନି, ସେଠି ଏହା ହିଁ କନ୍ଧମାନଙ୍କର ଜୀବନଶୈଳୀ। ଏମିତି ଜୀବନଶୈଳୀ ଓ ପରମ୍ପରାକୁ ଆମ ଆଧୁନିକ ମନ ସହଜରେ ବିଶ୍ୱାସ କରିପାରିବ ନାହିଁ। ସେହି କନ୍ଧମାନେ ତଥାକଥିତ ସଭ୍ୟ ସମାଜର ମଣିଷମାନଙ୍କ ପରି ଅଧିକ ବସ୍ତିପଡ଼ି ପଡ଼ି ନ ଥାଇପାରନ୍ତି, ସେମାନଙ୍କ ପାଖରେ ବିଳାସବ୍ୟସନର ସାମଗ୍ରୀ ସବୁ ନ ଥାଇପାରେ, କିନ୍ତୁ ସେମାନଙ୍କ ପାଖରେ ଯେଉଁ ଜୀବନଶୈଳୀ ଅଛି, ତାହା ଆଜିର ମଣିଷ ଜୀବନ ପାଇଁ ବଡ଼ିପର ସଦୃଶ। ଆଜି ଯେତେବେଳେ ଆମେ ସମସ୍ତେ ଅଭିଯୋଗ କରୁଛେ ଯେ, ସମାଜରୁ ମାନବିକତା ଲୋପପାଇଗଲାଣି, ମଣିଷର ମଣିଷ ପାଇଁ ଆଉ ସମ୍ବେଦନା ନାହିଁ, ମଣିଷ ପ୍ରକୃତିକୁ ଭୀଷଣ ଭାବେ ଲୁଟ୍ କରିଚାଲୁଛି, ସାମାଜିକ ଜୀବନର ସଭା ଆଜି ଆଉ ନାହିଁ, ସେହି ସମୟରେ ଆଦିବାସୀ ଗାଁର ଜଣେ ଅଶିକ୍ଷିତ (ଆମ ଭାଷାରେ) ବୁଢ଼ୀ କହୁଛି, ତା' ନିଜ ଡଙ୍ଗରରେ ଥିବା ଗଛର ଫଳ ସମସ୍ତଙ୍କ ଖାଇବା ପାଇଁ ଉଦ୍ଦିଷ୍ଟ। ଏହି ଶିକ୍ଷା ଆମକୁ କେଉଁ ବହି କିମ୍ବା ବିଶ୍ୱବିଦ୍ୟାଳୟର ଚାରି କାନ୍ଥ ଭିତରୁ ମିଳିବନି। ସବୁଠୁ ବଡ଼ କଥା ହେଲା, ଏବେ ବି ଜୀବିତ ଅଛି ଏହି ମୂଲ୍ୟବୋଧର ଜୀବନଶୈଳୀ। ଆମେ ସମସ୍ତେ 'ବସୁଧୈବ କୁଟୁମ୍ବକମ୍' କଥା କହୁଛେ। କିନ୍ତୁ କନ୍ଧ ଆଦିବାସୀ ସମାଜ ତାହାକୁ ନିଜ ଚଳଣିରେ ବଞ୍ଚେଇ ରଖିଛନ୍ତି।

କେବଳ ଏହି ଗୋଟିଏ କଥା ନୁହେଁ, ଆହୁରି ବି ଅନେକ କଥା ଏବେ ବି କନ୍ଧମାନଙ୍କ ଚଳଣିର ଅଂଶ ହୋଇ ରହିଛି, ଯାହାକୁ ସାରା ଦୁନିଆ ଆପଣେଇବାର ଆବଶ୍ୟକତା ଅଛି। ସେମାନେ ଶିକାର କରି ଆଣିଲେ, ତାକୁ ସାରା ଗାଁ ଲୋକେ ଭାଗ ବାଣ୍ଟି ନିଅନ୍ତି ଓ ଖାଆନ୍ତି। ଯିଏ ଶିକାର କଲା, ସେ ଶିକାରଟା ତା'ର ବୋଲି ଗଣତି ହୁଏ ନାହିଁ। କନ୍ଧ ଆଦିବାସୀଙ୍କର ଗୋଷ୍ଠୀ ଜୀବନର ନିର୍ଦ୍ଦେଶନ ଓ ସାମୁଦାୟିକ ନିଷ୍ପତ୍ତିର କଥା କହିଲେ ସରିବ ନାହିଁ। ପ୍ରଥମ ବର୍ଷା ପଡ଼ିଲେ, ଚାଷ କାମ ଆରମ୍ଭ ହେଲେ ସେମାନେ ଏକାଠି ବସି ବିଚାର କରନ୍ତି, ଏ ବର୍ଷ କି ଚାଷ କରିବା, ଡଙ୍ଗରରେ କ'ଣ ବୁଣିବା, ଘୁଞ୍ଚିଆ ଜମିରେ କ'ଣ ବୁଣିବା ଇତ୍ୟାଦି। ଏପରିକି ସେମାନେ କେଉଁ ଡଙ୍ଗର ନାଡ଼ି ଚାଷ କରିବେ ତାହା ବି ସାମୂହିକ ଭାବେ ନିଷ୍ପତ୍ତି ନିଅନ୍ତି। ଅବଶ୍ୟ ଏବେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ସେମାନଙ୍କର ଏହି ସାମୁଦାୟିକ ନିଷ୍ପତ୍ତି ନେବାକାର୍ଯ୍ୟରେ ପ୍ରଭାବିତ ହେଉଥିବାର ଦେଖାଯାଉଛି।

ଯେତେବେଳେ ଆଜି ସାରା ଦେଶରେ ମହିଳାମାନଙ୍କର ମନ୍ଦିର ପ୍ରବେଶକୁ ନେଇ ପ୍ରଶ୍ନ ଉଠୁଛି ଏବଂ ସୁପ୍ରିମକୋର୍ଟର ନିଷ୍ପତ୍ତି ପରେ ବି କେତେକ ଲୋକ ତାହାକୁ କାର୍ଯ୍ୟକାରୀ କରେଇ ଦେଉନାହାନ୍ତି, ସେତେବେଳେ ଆମେ ଦେଖିବାକୁ ପାଉ, କନ୍ଧ ସମାଜରେ ଜଣେ ମହିଳା ହିଁ ବେଜୁଣୀ (ପୂଜକ)ର ଭୂମିକା ନିର୍ବାହ କରିଥାନ୍ତି। କନ୍ଧ ସମାଜରେ ଯୌତୁକ ପ୍ରଥା ତଥାକଥିତ ସଭ୍ୟ ସମାଜ ପରି ଆଦୌ ନାହିଁ ବୋଲି କହିଲେ ଚଳେ। କନ୍ଧ ସମାଜରେ ଜଣେ ମହିଳା ପୁରୁଷକୁ ବାହାଘର ବେଳେ ମୋଟା ଅଙ୍କର ଯୌତୁକ ଦେଇ ନ ଥାଏ ବରଂ ଓଲଟା ପୁରୁଷଟି ମହିଳାଙ୍କ ବାପାଙ୍କୁ ସ୍ୱଳ୍ପ ପରିମାଣର ଟଙ୍କା ବା ଯେକୌଣସି ସାମଗ୍ରୀ ଯଥା ପୋଡ଼, ଗାଇ ଆଦି ଦେଇଥାଏ, ଯାହାକୁ ଝୋଲା ବାନ୍ଧିବା କୁହାଯାଏ।

ଆଜି ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ ନଷ୍ଟ ଆଦି ଘଟଣାକୁ ଚିନ୍ତିତ ଥିବାବେଳେ କନ୍ଧମାନେ ଜଙ୍ଗଲକୁ ଦେବତା ମାନି ପୂଜା କରନ୍ତି। ଏପରିକି ସେମାନେ ଜଙ୍ଗଲକୁ ନିଜ ବାପା ଓ ମା' ଭାବେ ମାନ୍ୟ କରନ୍ତି। କାରଣ ସେମାନେ ଜଙ୍ଗଲରୁ ବିଭିନ୍ନ ଫଳମୂଳ ସଂଗ୍ରହ କରି ପେଟ ପୋଷନ୍ତି। କନ୍ଧ ଆଦିବାସୀମାନଙ୍କ ବିଚାରରେ ମାଟି ହେଉଛି ମା'। ମାଟି ମା' ତଥା ଜାକେରୀ ଦେବତା ବା ଧରଣୀ ଦେବତାର ପୂଜା କରନ୍ତି। ତେଣୁ ଆଦିବାସୀମାନେ ସେମାନଙ୍କ ଚାଷରେ ରାସାୟନିକ ସାର ଓ ବିଷ ପ୍ରୟୋଗ କରନ୍ତି ନାହିଁ। ସରକାର ଓ ବଡ଼ ବଡ଼ ବ୍ୟବସାୟୀଙ୍କ ତରଫରୁ ଆଦିବାସୀ ଅଞ୍ଚଳରେ ସାର, ବିଷର ପ୍ରୟୋଗ କରିବା ପାଇଁ ପରୋକ୍ଷ ଚାପ ପ୍ରୟୋଗ ହେବା ପୂର୍ବରୁ ଆଦିବାସୀମାନେ କେବେ ବି ସାର, ବିଷ ପ୍ରୟୋଗ କରୁ ନ ଥିଲେ।

କନ୍ଧ ଆଦିବାସୀଙ୍କ ପାଇଁ ଆଜି ଦିନଟି ହିଁ ସବୁକିଛି। ସେମାନେ ଆବଶ୍ୟକତାଠାରୁ ଅଧିକ ରୋଜଗାର କରିବାକୁ ଭାବନ୍ତି ନାହିଁ କି ତାକୁ ସଞ୍ଚୟ କରିବା ଚିନ୍ତାରେ ଆଜିକୁ ଉପଭୋଗ କରିବାକୁ ଭୁଲିଯାଆନ୍ତି ନାହିଁ। ସମ୍ପ୍ରତି ଦୁନିଆରେ କିଛି ଲୋକ ଭୋକରେ ମରୁଥିବା ବେଳେ ଆଉ କିଛି ଲୋକ ସମ୍ପତ୍ତି ଠୁଳ କରୁଛନ୍ତି, ଯାହା ଧନୀ-ଗରିବ ମଧ୍ୟରେ ବଢୁଥିବା ତାରତମ୍ୟର ମୁଖ୍ୟ କାରଣ। କନ୍ଧ ସମାଜରେ ଲୋକମାନେ ଆବଶ୍ୟକତାଠାରୁ ଅଧିକ ରୋଜଗାର କରି ସମ୍ପତ୍ତି ଠୁଳେଇବାର ଚିନ୍ତାଧାରାରେ କେବେ ବି ଆପଣାନ୍ତି ନାହିଁ। ସେମାନଙ୍କର ଯେତିକି ଆବଶ୍ୟକ ସେତିକି ଉତ୍ପାଦନ ବା ରୋଜଗାର କରିଥାନ୍ତି। ମାନବିକତାର ଆଦିଭୂଇଁ କନ୍ଧ ସମାଜର ଜୀବନଶୈଳୀ ସାରା ବିଶ୍ୱ ପାଇଁ ଏକ ଉଦାହରଣ।

ଭିରଙ୍ଗ, ତିରଣ, ଜଗତସିଂହପୁର,
bichitrabiswal@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଶୃଙ୍ଖଳିତ ନିର୍ବାଚନ

ମହାଶୟ,

ଆଉ ଅଳ୍ପଦିନ ପରେ ୨୦୧୯ ସାଧାରଣ ନିର୍ବାଚନ। ଓଡ଼ିଶାରେ ଏକା ସାଙ୍ଗରେ ଲୋକ ସଭା ଓ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରତିପକ୍ଷ ଶକ୍ତିକୁ ଦୁର୍ବଳ କରିବା ଲାଗି ରାଜନୈତିକ ଦଳଗୁଡ଼ିକ ସିବିଆଇ ଓ ପୋଲିସକୁ ବ୍ୟବହାର କରିବା ଆରମ୍ଭ କରିଦେଲେଣି। ଅତୀତରେ ରାଜନେତାମାନେ ନିଜ ଫାଇଦା ପାଇଁ ଗ୍ୟାଙ୍ଗଷ୍ଟରମାନଙ୍କୁ ବ୍ୟବହାର କରିସାରିଛନ୍ତି। ନିକଟ ଅତୀତରେ ଅନେକ ରାଜନୈତିକ ହତ୍ୟା ଓ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳିଛି। ଗତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ନିର୍ବାଚନ ସେଥିରୁ ବାଦ୍ ଯାଇନି। ତେଣୁ ଆଗାମୀ ସାଧାରଣ ନିର୍ବାଚନ ଯେପରି ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷ ହୁଏ, ସେଥିପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବିଶେଷକରି ପ୍ରଶାସନ ଏଥିପ୍ରତି ଅଧିକ ଧ୍ୟାନ ଦେଲେ ନିର୍ବାଚନ ଶୃଙ୍ଖଳିତ ହୋଇପାରିବ। ଜନସାଧାରଣଙ୍କୁ ମଧ୍ୟ ନିବେଦନ, ସେମାନେ କୌଣସି ରାଜନୈତିକ ଦଳର ହାତବାରିସି ନ ହୋଇ ବିବେକାନୁମୋଦିତ ଭୋଟ ଦେବା ସହ କୌଣସି ହିଂସାତ୍ମକ ଘଟଣାରେ ସାମିଲ ହୁଅନ୍ତୁ ନାହିଁ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଲାଡେନ ପରେ ମାସୁଦର ପାଳି

ଫେବୃୟାରୀ ୨୬ ତାରିଖ ରାତିରେ ପାକିସ୍ତାନ ସୀମାରୁ ୮୦ କି.ମି. ଭିତରକୁ ଯାଇ ଭାରତ ବାୟୁସେନାର ୧୨ଟି ମିରାଜ-୨୦୦୦ ବିମାନ ୩ଟି ଆତଙ୍କବାଦୀ ପ୍ରଶିକ୍ଷଣ କେନ୍ଦ୍ରରେ ୧୦୦୦ କେଜିର ୬ଟି ବୋମା ପକାଇଲା ପରେ ପାକିସ୍ତାନ ହିଂସ୍ର ହୋଇ ସୀମାରେ ଗୁଳିଗୋଳା ବର୍ଷଣ ଜାରି ରଖିଛି। ଭାରତରେ ବୁଦ୍ଧିଜୀବୀ ସ୍ତରରେ ମତ ପ୍ରକାଶ ପାଉଛି ଯେ, ଆମେରିକା ଯେପରି ଆକାଶ ପଥରେ ଯାଇ ପାକିସ୍ତାନରେ ଆତ୍ମଗୋପନ କରିଥିବା ଓସାମାବିନ ଲାଡେନ୍‌କୁ ମଧ୍ୟରାତ୍ରିରେ ତା' ଆସ୍ତାନା ମଧ୍ୟରେ ପ୍ରବେଶ କରି ମାଇଲେ, ଠିକ୍ ସେହିପରି ଭାରତୀୟ ସେନା ମଧ୍ୟ ମାସୁଦ ଆଜାହାରକୁ ଉଠାଇ ଆଣନ୍ତୁ ନ ହେଲେ ହତ୍ୟା କରନ୍ତୁ।

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୪ ମାର୍ଚ୍ଚ ୧୯୯୪

- ୧୦୦ ବର୍ଷ ଧରି ରହିଥିବା ପୁରୁଷପ୍ରାଧାନ୍ୟ ପ୍ରଥାକୁ ଭଙ୍ଗ କରାଯାଇ ବ୍ରିଷ୍ଟଲସ୍ଥିତ ଚର୍ଚ୍ଚ ଅଫ୍ ଇଂଲଣ୍ଡରେ ଜଣେ ମହିଳାଙ୍କୁ ଧର୍ମଯାଜକ ରୂପେ ଅଭିଷେକ କରାଯାଇଛି।
- କ୍ଷେପଣାସ୍ତ୍ର କୌଶଳ ନିୟନ୍ତ୍ରଣ ବ୍ୟବସ୍ଥାର ନିୟମକୁ ପାଳନ କରିବା ଏବଂ ପାକିସ୍ତାନକୁ କ୍ଷେପଣାସ୍ତ୍ର ବିକ୍ରି ନିମନ୍ତେ ଏକ ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ଆମେରିକାର ପରରାଷ୍ଟ୍ର ସଚିବ ଚାଇନାକୁ ପରାମର୍ଶ ଦେଇଛନ୍ତି।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ

## ସଂକ୍ଷେପରେ

### ଟ୍ରେନ୍ ଲାଇନରେ କଟି ବୃଦ୍ଧ ମୃତ

**ଝାରସୁଗୁଡ଼ା ଅଫିସ,୧୩।୩-** ଝାରସୁଗୁଡ଼ା ବଡ଼ମାଲ ଥାନା ବୃନ୍ଦାମାଲ କିଶାନପଡାଠାରେ ବୁଧବାର ଟ୍ରେନ୍ ଲାଇନରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ବୃନ୍ଦାମାଲର ମନାତନ ରକ୍ସା(୬୨)। ବେଦାନ୍ତକୁ ଯାଇଥିବା ଘରୋଇ ଟ୍ରେନ୍ ଲାଇନରେ କଟି ସନାତନଙ୍କ ମୃତ୍ୟୁ ଘଟିଛି। ଖବର ପାଇ ବଡମାଲ ପୋଲିସ ଘଟଣା ସ୍ଥଳରୁ ମୃତଦେହ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ରଖାଯାଇଛି।

### ଏବିଭିପିର ଜିଲା ସମ୍ମିଳନୀ

**ଝାରସୁଗୁଡ଼ା ଅଫିସ,୧୩।୩-** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଝାରସୁଗୁଡା ଶାଖା ତରଫରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏବିଭିପି ଓଡ଼ିଶା ପ୍ରାନ୍ତର ସହ ସମ୍ପାଦକ ବୁଧଦେବ ବାଘ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ରାଉତ ଉପସ୍ଥିତ ରହି ଭାରତ ଗୌରବ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ସମାଜରେ କିଭଳି ଉଦାହରଣ ସୃଷ୍ଟି କରିବା ଭଳି କାମ କରିବେ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ଏବିଭିପିର ରାଧେଶ୍ୟାମ ପ୍ରଧାନ, ଅଜୟ କୁମାର ସାହୁ, ସବିତା ସାହୁ, ରାମକୃଷ୍ଣ, ସୁର୍ବି ସିଂ, ଶିବାନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଗଡ,୧୩।୩ (ଡି.ଏନ.ଏ.) କଳାହାଣ୍ଡି ଜିଲା ଧର୍ମଗଡ ପାରଦେଶ୍ୱର ମନ୍ଦିର ନିକଟରେ ବୁଧବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଛନ୍ତି । ମୃତକଙ୍କ ନାଁ ଦିନବନ୍ଧୁ ବିହାରୀ ଓ ତାଙ୍କ ଘର ଧର୍ମଗଡ ଥାନା ଗୋଡଞ୍ଜା ବୋଲି ଜଣାପଡିଛି । ସୂଚନା ଅନୁସାରେ ଅପରାହ୍ନରେ ଦିନବନ୍ଧୁ ତାଙ୍କ ଶ୍ୱଶୁର ଘର ଗାଁ କୁଣ୍ଡାମାଲରୁ ବାଇକ୍ (ନଂ.ଓଆର୦୮ଏଫ-୫୦୧୯) ଯୋଗେ ଗୋଡଞ୍ଜାକୁ ଫେରୁଥିଲେ। ପାରଦେଶ୍ୱର ମନ୍ଦିର ସାମ୍ନାରେ ଅନ୍ୟ ଏକ ବାଇକ୍ (ନଂ.ସିଜି୦୪ ଡିଏଲ-୯୧୪୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟେ ଛିଟକି ପଡିଥିଲେ। ଏହି ସମୟରେ ଧର୍ମଗଡ ପଟୁ ଆସୁଥିବା ଏକ ଟାଟାଏସି ଗାଡି (ନଂ. ଓଆର୦୮ ଜି-୩୯୬୪) ଦିନବନ୍ଧୁଙ୍କୁ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣା ଡାକ୍ତରଖାନାକୁ ପଠାଯାଇଛି। ତାଙ୍କ ପରିଚୟ ମିଳିପାରି ନାହିଁ । ପୋଲିସ ଗାଡ଼ିସବୁ ଜବତ କରିଛି ।

# ମଦଭାଟି ବନ୍ଦ ପାଇଁ ପ୍ରଶାସନ ଦେଲା ପ୍ରତିଶ୍ରୁତି

- ଭାଲୁପତ୍ରା ମହିଳାଙ୍କ ବିଜୟ
- ଲାଇସେନ୍ସ ପୁନଃ ନବୀକରଣ ହେବନାହିଁ
- ଆଜି ମହିଳାମାନେ ବିଜୟ ଉତ୍ସବ ପାଳିବେ
- ମାମଲା ପ୍ରତ୍ୟାହାର ପାଇଁ ପ୍ରତିଶ୍ରୁତି

**ଝାରସୁଗୁଡା ଅଫିସ,୧୩।୩**

ଝାରସୁଗୁଡା ଜିଲା କିର୍ମିରା ବ୍ଲକ୍ ଭାଲୁପତ୍ରା ମଦଭାଟି ବନ୍ଦ ରହିବ ଏବଂ ଏହାର ଲାଇସେନ୍ସ ପୁନଃ ନବୀକରଣ ହେବନାହିଁ ବୋଲି ପ୍ରଶାସନିକ ପ୍ରତିଶ୍ରୁତି ମିଳିଛି। ଫଳରେ ଭାଲୁପତ୍ରା ମହିଳାଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଗୁରୁବାର ମହିଳାମାନେ ବିଜୟ ଉତ୍ସବ ପାଳନ କରିବେ ବୋଲି ସୂଚନା ମିଳିଛି। ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ରିଲେ ଅନଶନରେ ବସିଥିବା ଜନ ଜାଗରଣ ମଞ୍ଚର ସଦସ୍ୟଙ୍କ ସହ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ପିଡି ସତ୍ୟ ନାରାୟଣ ଦାଶ, ଅବକାରୀ ଅଧିକ୍ଷକ ନାରାୟଣ ମେହେର ପ୍ରମୁଖ ଆଲୋଚନା କରିଥିଲେ। ଆଲୋଚନା ବେଳେ ଭାଲୁପତ୍ରାର ମଦଭାଟି ବନ୍ଦ ରହିବ ବୋଲି ଅବକାରୀ ଅଧିକ୍ଷକ ପ୍ରତିଶ୍ରୁତି ଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ଏହି ଭାଟିର ଲାଇସେନ୍ସ ନବୀକରଣ ହେବନାହିଁ ବୋଲି କହିଥିଲେ। ସେହିପରି ମହିଳାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ଲାଗି ଏସ୍‌ପିଙ୍କ ସହ ଆଲୋଚନା କରାଯାଇ ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ସକରାତ୍ମକ ପ୍ରତିଶ୍ରୁତି ପରେ ଜନ ଜାଗରଣ ମଞ୍ଚ ତରଫରୁ ଭାଲୁପତ୍ରା ମହିଳାଙ୍କୁ ଅବଗତ କରାଯାଇଥିଲା। ପ୍ରଶାସନ ସହ ମଞ୍ଚର ରତ୍ନାକର ପ୍ରଧାନ, ପ୍ରଶାନ୍ତ ତ୍ରିପାଠୀ, ସୀଆରାମ ଦାସ, ଅଶୋକ ମିଶ୍ର, ବିଜୟ ଦାଶ, ରାମେଶ୍ୱର ତିୱାରୀ, ବିଜୟ ସାକୁନିଆ, ଅଜିତ ରଥ ଆଲୋଚନା କରିଥିଲେ। ମହିଳାମାନେ ଧାରଣା ପ୍ରତ୍ୟାହାର କରିଥିବା ନେଇ ମଞ୍ଚ ପକ୍ଷରୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୪୦ ଦିନ ହେବ ଭାଲୁପତ୍ରାର ମହିଳାମାନେ ଭାଟି ଉଚ୍ଛେଦ ଦାବିରେ ଧାରଣାରେ ବସିଥିଲେ। ଗତ ସପ୍ତାହରେ ପୋଲିସ ମହିଳାଙ୍କୁ ଧମକଚମକ ଦେବା ପରେ ସେମାନଙ୍କୁ ବିଭିନ୍ନ ମହଲରୁ ସମର୍ଥନ ମିଳିଥିଲା। ଏହାର ପ୍ରତିବାଦରେ ଜନଜାଗରଣ ମଞ୍ଚ ତରଫରୁ ୩ ଦିନିଆ ରିଲେ ଅନଶନ ଆରମ୍ଭ ହୋଇଥିଲା। ସାରଙ୍ଗଧର ମିଶ୍ର, ବିଜୟ କୁମାର ଦାସ, ସିଟୁ ପଟେଲ, ସିଆରାମ ଦାସ, ରତ୍ନାକର ପ୍ରଧାନ, ଅଶୋକ କୁମାର ମିଶ୍ର, ରିଣ୍ଟୁ ସୁତାର, ଅଜିତ ମାଝି, ଗିରିଧାରୀ ପାଣ୍ଡେ, ଅଜିତ କୁମାର ରଥ, ମନୋଜ ଦେହୁରୀ ପ୍ରମୁଖ ଅନଶନ ସ୍ଥଳରେ ଉପସ୍ଥିତ ଥିଲେ। ହେଲେ ବୁଧବାର ଅପରାହ୍ନରେ ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଭାଟି ଉଚ୍ଛେଦ ନେଇ ପ୍ରଶାସନିକ ପ୍ରତିଶ୍ରୁତି ମିଳିଛି।




ଭାଲୁପତ୍ରା ମଦଭାଟି ବନ୍ଦ ଦାବିରେ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ରିଲେ ଅନଶନରେ ବସିଥିବା ଜନ ଜାଗରଣ ମଞ୍ଚର ସଦସ୍ୟ।

## ଶ୍ରମମନ୍ତ୍ରୀ ଅସୁସ୍ଥ:ନୟାଗଡ଼ରେ ଚିକିତ୍ସିତ ହୋଇ ଫେରିଲେ

**ନୟାଗଡ଼ ଅଫିସ,୧୩।୩**

ରାସ୍ତାରେ ଯାଉଥିବାବେଳେ ଗାଡ଼ି ଭିତରେ ଅସୁସ୍ଥ ଅନୁଭବ କଲେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ। ତାଙ୍କୁ ନିକଟସ୍ଥ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସିତ ହେବାର କିଛି ସମୟ ପରେ ସୁସ୍ଥ ଅନୁଭବ କରିଥିଲେ ମନ୍ତ୍ରୀ। ପରେ ନିଜ ଗନ୍ତବ୍ୟସ୍ଥଳକୁ ଫେରିଯାଇଥିଲେ। ମିଳିଥିବା ସୂଚନା ଅନୁସାରେ, ବୁଧବାର ରାତିରେ ମନ୍ତ୍ରୀ ସିଂ ତାଙ୍କ କାର୍ ଯୋଗେ ଭୁବନେଶ୍ୱରରୁ ବରଗଡ଼ ଯାଉଥିବା ବେଳେ ନୟାଗଡ଼ଠାରେ ତାଙ୍କ ଦେହ ଅସୁସ୍ଥ ହୋଇ ପଡିଥିଲା। ରାତି ପ୍ରାୟ ୯ଟା ୫୦ ମିନିଟ୍ ସମୟରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଓପିଡ଼ିକୁ ଯାଇଥିଲେ। ସେଠାରେ ଥିବା ଡାକ୍ତର ମନୋଜ ତ୍ରିପାଠୀ ତାଙ୍କୁ ଚିକିତ୍ସା କରିଥିଲେ। ମନୋଜଙ୍କ କହିବା ଅନୁଯାୟୀ, ମନ୍ତ୍ରୀଙ୍କ ଆଜ୍ମା ଥିବାରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କୁ ସେ ଏକ ଇଞ୍ଜେକଶନ୍ ଦେଇଥିଲେ । ୧୫ ମିନିଟ ବିଶ୍ରାମ ନେବା ପରେ ମନ୍ତ୍ରୀ ସିଂ ସୁସ୍ଥ ହୋଇଥିଲେ। ପରେ ସେ ବରଗଡ଼ ଅଭିମୁଖେ ଯାତ୍ରା କରିଥିଲେ।

## ବନ୍ଧବାହାଲ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

**ଲଖନପୁର,୧୩।୩ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲରେ ବୁଧବାର ନବନିର୍ମିତ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ଗତ ରବିବାରଠାରୁ ଏହା ଆରମ୍ଭ ହୋଇଥିଲା । ପ୍ରଥମ ଦିବସରେ ଛତର ଶୋଭାଯାତ୍ରାରେ ଅଖଣ୍ଡଦୀପ ପ୍ରଜ୍ୱଳନ କରି ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରୁ ମା'ଙ୍କ ଆଜ୍ଞାମାଳ ବନ୍ଧବାହାଲ ଅଣାଯାଇଥିଲା । ଦ୍ୱିତୀୟ ଦିବସ ସୋମବାର ମଙ୍ଗଳାରୋପଣ, ୫୦୮ କଳସ ଯାତ୍ରା, ମା'ଙ୍କ ଅନାବରଣ ଆଦି ପୂଜା କାର୍ଯ୍ୟକ୍ରମ ହୋଇଥିଲା । ତୃତୀୟ ଦିବସ ମଙ୍ଗଳବାର ମଣ୍ଡପ ପୂଜନ, ଯୁପସ୍ନାନ, ଶୋଡଷସ୍ତମ୍ଭ ପୂଜା, ଦେବୀ ସ୍ନାନ, ଆରତୀ, ପୁଷ୍ପାଞ୍ଜଳି ଆଦି ପୂଜାକାର୍ଯ୍ୟ ହୋଇଥିଲା। ଦହନା ନାମକ ଏକ ସ୍ମରଣିକାକୁ ଉନ୍ମୋଚନ କରାଯାଇଥିଲା ।

ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ଏମ୍‌ସିଏଲ୍ ଜିଏମ୍ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ମନ୍ଦିର କମିଟି ସଭାପତି ସାମଲ ନାୟକ, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ଉପସଭାପତି ସାଳେଗ୍ରାମ ନାୟକ, ଶୁଭେନ୍ଦୁ ଶେଖର ମହାପାତ୍ର, ସ୍ମରଣିକା ସମ୍ପାଦକ ପ୍ରକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବୁଧବାର ମା'ଙ୍କ ନିତ୍ୟକ୍ରମ ପୂଜା, ଦେବୀଦେବଙ୍କ ପ୍ରାଣପ୍ରତିଷ୍ଠା, ଚଣ୍ଡୀ ହବନ, ହୋମଯଜ୍ଞରେ ଘୃତାହୂତି, ମନ୍ଦିର ଶିଖରେ କଳସ ଧ୍ୱଜା ସ୍ଥାପନ, ପୂର୍ଣ୍ଣାହୂତି ଆଦି ପୂଜାକାର୍ଯ୍ୟ ସମ୍ପାଦାନ ହୋଇଥିଲା। ଗୌନ୍ତିଆ ସଞ୍ଜୟ ସିଂହଙ୍କ ସ୍ତ୍ରୀ ପ୍ରିୟା ସିଂହ, ନିତ୍ୟାନନ୍ଦ ମହାପାତ୍ର ସ୍ତ୍ରୀ ଶୈଳେନ୍ଦ୍ରୀ ମହାପାତ୍ର, କୃଷ୍ଣଚନ୍ଦ୍ର ସିଂହ, ଗାୟତ୍ରୀ ସିଂହ, ପ୍ରଦୀପ ସେନାପତି, ପଦ୍ମିନୀ ସେନାପତି, ହରିବନ୍ଧୁ ସାହା ସ୍ତ୍ରୀ ସୌଦାମିନୀ ସାହା, ଦେବାନନ୍ଦ ପ୍ରଧାନ ସ୍ତ୍ରୀ ଲିତେଶ୍ୱରୀ ପ୍ରଧାନ, ପ୍ରଫୁଲ ବାରିକ ସ୍ତ୍ରୀ ନଳୀନି ବାରିକ, କିଶୋର ପାଢୀ ସ୍ତ୍ରୀ ସନ୍ତୋଷିନୀ ପାଢୀ, ମିତ୍ରଭାନୁ ପାଢୀ ସ୍ତ୍ରୀ ଶୈଳବାଳା ପାଢୀ, କମଳ ଲୋଚନ ନାୟକ, ଦିବ୍ୟଭାରତୀ ନାୟକ ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। ସେହିଭଳି ମୁଖ୍ୟ ପୂଜକ ନିରଞ୍ଜନ ପାଣିଗ୍ରାହୀ, ସହଯୋଗୀ ପୂଜକ କୈଳାସ ପଣ୍ଡା, ପିକେଶ ପୁରୋହିତ, ରିଙ୍କୁ ପଣ୍ଡା, ପ୍ରଣବ ମିଶ୍ର, ସଂସାର ପଣ୍ଡା, ସୁଶାନ୍ତ ଦେବତା, ପ୍ରଦୀପ ପୁରୋହିତ, ଦେବେନ୍ଦ୍ର ପୁରୋହିତ, ଦୁଃଖୀଶ୍ୟାମ ପୁରୋହିତ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ସାମଲ ନାୟକ, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ଉପସଭାପତି ସାଲେଗ୍ରାମ ନାୟକ, ଶୁଭେନ୍ଦୁ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ପ୍ରଦୀପ କରାଳୀ, ଘନଶ୍ୟାମ ସିଂହ, ତରଣୀ ବେହେରା, ଦ୍ରୋଣାଚାର୍ଯ୍ୟ ପାଢୀ, ଅଖିଳ ସ୍ୱାଇଁ, ସନ୍ତୋଷ ମହାନ୍ତି, ସୁବାସ ରାୟ, ରାଜେନ୍ଦ୍ର ନାୟକ, ଶିଶୁପାଳ ଦୁବେ, କିଶୋର ସିଂହ, ପ୍ରଫୁଲ ରାୟ ପ୍ରମୁଖ ସହଯୋଗ କରିଥିଲେ।

# ତଥ୍ୟରେ ରହୁନାହିଁ ତାଳମେଳ

- ମତଦାତାଙ୍କ ସଂଖ୍ୟା ଓଲଟପାଲଟ

**ଝାରସୁଗୁଡା ଅଫିସ,୧୩।୩**


ସାଧାରଣ ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ। ଘୋଷଣା ହୋଇସାରିଛି ଦିନାଙ୍କ। ନିର୍ବାଚନକୁ ଅବାଧ ଓ ଶୃଙ୍ଖଳିତ କରିବା ପାଇଁ ସରକାରୀ ଅଧିକାରୀ ଓ କର୍ମଚାରୀ ଲାଗି ପଡିଛନ୍ତି। ହେଲେ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ଲୋକଙ୍କ ପାଖକୁ ଯାଇଛି ଭୁଲ ତଥ୍ୟ। ଜିଲା କାର୍ଯ୍ୟାଳୟ ତରଫରୁ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ତଥ୍ୟ ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରେ ଫରକ ଦେଖିବାକୁ ମିଳିଛି। ଏହାସହ ଜିଲା ପ୍ରଶାସନ ଦେଇଥିବା ତଥ୍ୟ ଓଲଟପାଲଟ ହୋଇଥିବା ଅଭିଯୋଗ ହୋଇଛି।

ଭାରତୀୟ ନିର୍ବାଚନ ଆୟୋଗ ୱେବସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ଝାରସୁଗୁଡା ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ରହିଛି। ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ପୁରୁଷ ଓ ମହିଳା ମତଦାତାଙ୍କ ସଂଖ୍ୟା ୨୧୬୬୫୫ ରହିଥିବା ବେଳେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ମତଦାତାଙ୍କ ସଂଖ୍ୟା ୨୦୪୨୧୯ ରହିଛି। ହେଲେ ଜିଲା ପ୍ରଶାସନ ଦେଇଥିବା ତଥ୍ୟ ସହ ଏହା ତାଳମେଳ ରହୁନାହିଁ। ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ୨୦୪୪୭ ମତଦାତା ଏବଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ୨୧୬୬୫୯ ମତଦାତା ବୋଲି ଜିଲା ପ୍ରଶାସନ ଦର୍ଶାଇଛି। ତେବେ ଜିଲା ପ୍ରଶାସନ ଦେଇଥିବା ତଥ୍ୟରେ ଓଲଟପାଲ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଅଦଳବଦଳ ହେଲେ ମଧ ସଂଖ୍ୟାରେ ମଧ ଉଣା ଅଧିକ ରହିଛି। ଏହି ତଥ୍ୟ ଖବରଦାତା ସମ୍ମିଳନୀରେ ପ୍ରଦାନ କରାଯାଇଥିବାରୁ ଲୋକଙ୍କ ପାଖରେ ଭୁଲ୍ ତଥ୍ୟ ପହଞ୍ଚିଛି ବୋଲି ଅଭିଯୋଗ ହେଉଛି। ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ପ୍ରଶାସନର ଅବହେଳାକୁ କେତେକ ରାଜନୈତିକ ଦଳ ମନ୍ତବ୍ୟ ଦେଇଛନ୍ତି। ଏ ବାବଦରେ ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଗୋଲକ ବିହାରୀ ମଙ୍ଗରାଜଙ୍କୁ ପଚାରିବାରୁ ସେ କହିଲେ, ୧୮ ବର୍ଷ ହୋଇସାରିଥିବା ଅନେକ ମତଦାତା ଆବେଦନ କରିଥିଲେ। ଅନୁମୋଦନ ପାଇଁ ଅବଧି ରହିଥିବାରୁ ସେମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଛି। ତେଣୁ ସଂଖ୍ୟାରେ ତାରତମ୍ୟ ରହିଛି। ସେହିପରି ତଥ୍ୟରେ ଓଲଟପାଲଟ ହୋଇଥିଲେ ଏହାକୁ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି।

# ପରିବର୍ତ୍ତନ ସଂକଳ୍ପ ନେଇ ଆସୁଛନ୍ତି ରାହୁଲ-ଟି.ଏସ୍. ସିଂଦେଓ

**ବରଗଡ଼ ଅଫିସ୍,୧୩।୩**

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବରଗଡ଼ ଗସ୍ତରେ ଆସିବେ। ଏଥିପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମୀ ମହଲରେ ଉତ୍ସାହ ଦେଖାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ବରଗଡ଼ର ଏକ ହୋଟେଲ ସମ୍ମଳନୀ କକ୍ଷରେ ଖବରଦାତା ସମ୍ମିଳନୀ ହୋଇଥିଲା । ଏଥିରେ ଛତିଶଗଡ଼ର ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ଓଡ଼ିଶା ପ୍ରଭାରୀ ଟି.ଏସ୍ ସିଂଦେଓ ଯୋଗଦେଇ ରାହୁଲଙ୍କ ଗସ୍ତ ଉପରେ ସୂଚନା ଦେଇଥିଲେ । ନିର୍ବାଚନରେ କେବଳ ଦଳୀୟ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥାନ୍ତି, ତାହା ନୁହେଁ କଂଗ୍ରେସ ଦଳ ହିଁ ପ୍ରତିଦ୍ୱନ୍ଦିତା କରିଥାଏ ବୋଲି ସେ କହିଥିଲେ । ଏହି ଦୃଷ୍ଟିରୁ ସାଧାରଣ ନିର୍ବାଚନ ପୂର୍ବରୁ ରାହୁଲ ଏଠାକୁ ଆସୁଛନ୍ତି ଏବଂ ସେ ଦଳୀୟ ନେତା ଓ କର୍ମୀଙ୍କ ସମେତ ଅଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେବେ ବୋଲି ସିଂଦେଓ କହିଥିଲେ । କୃଷିଋଣ ଛାଡ଼, ଧାନର ଏମଏସପି ବୃଦ୍ଧି, ମହିଳାଙ୍କ ସମସ୍ୟା, ସର୍ବନିମ୍ନ ଆୟକର ଗ୍ୟାରେଣ୍ଟି ଆଦି ଉପରେ ରାହୁଲ ଘୋଷଣା କରି ଚାଲିଛନ୍ତି। ବରଗଡ଼ ଏକ କୃଷିଭିତ୍ତିକ ଜିଲା ଓ ଏଠାରେ ଚାଷୀ ଆତ୍ମହତ୍ୟା, ବିଦ୍ୟୁତ୍ କାଟ୍, ଶିକ୍ଷାରେ ଅବ୍ୟବସ୍ଥା ଆଦି ଥିବା ଯୋଗୁ ତାହା ଉପରେ ରାହୁଲ ଉଦ୍‌ବୋଧନ ଦେବେ। ସେହିପରି ଜିଏସଟି, ବିମୁଦ୍ରୀକରଣ, ରାଫେଲ ଦୁର୍ନୀତି ଆଦି ଯୋଗୁ ଗତ ୫ବର୍ଷରେ ଦେଶର ଅବସ୍ଥା ବିଗିଡ଼ି ଯାଇଛି। ଓଡ଼ିଶାରେ ଅମଲାତନ୍ତ୍ରୀଙ୍କ ଶାସନ ଚାଲିଛି। ଜନ ପ୍ରତିନିଧି ପଛରେ ପଡ଼ି ଯାଇଛନ୍ତି। ଫଳରେ ପରିବର୍ତ୍ତନର ସଂକଳ୍ପ ନେଇ ରାହୁଲ ଏଠାକୁ ଆସୁଥିବା ସେ କହିଥିଲେ । ସେହିପରି ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଏବଂ ନିୟନ କାନୁନ ଅନୁଯାୟୀ ମହାନଦୀ ବିବାଦର ସମାଧାନ ହେବ ଏବଂ କଂଗ୍ରେସ ଓଡ଼ିଶାରେ ଶାସନକୁ ଆସିଲେ ଏହା ଆହୁରି ସହଜ ହେବ ବୋଲି ସିଂଦେଓ କହିଥିଲେ । ଖବରଦାତା ସମ୍ମିଳନୀରେ ସହ ପ୍ରଭାରୀ ଶେକ୍ ମୁସ୍ତାନ ଅଲ୍ଲୀ, ବରଗଡ଼ ଜିଲା ପର୍ଯ୍ୟବେକ୍ଷକ ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ରାଜ୍ୟ ପ୍ରବକ୍ତା ହମ୍ମିଦ ହୁସେନ, ଯୁଗଳ ପ୍ରସାଦ ସିଂ, ସଞ୍ଜୟ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ ।




ଖବରଦାତା ସମ୍ମିଳନୀରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ତଥା ଛତିଶଗଡ଼ର ବରିଷ୍ଠ ମନ୍ତ୍ରୀ ଖବରଦାତାଙ୍କୁ ସମ୍ବୋଧିତ କରୁଛନ୍ତି ।

## ଭିତରେ ସମ୍ମିଳନୀ, ବାହାରେ ଧସ୍ତାଧସ୍ତି

**ବରଗଡ଼ ଅଫିସ୍,୧୩।୩**

ରାହୁଲଙ୍କ ଗସ୍ତ ପରିପ୍ରେକ୍ଷୀରେ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛତିଶଗଡ଼ର ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ଓଡ଼ିଶା ପ୍ରଭାରୀ ଟି.ଏସ୍ ସିଂଦେଓ ସୂଚନା ଦେଉଥିବାବେଳେ ସମ୍ମିଳନୀ କକ୍ଷ ବାହାରେ ଆସନ୍ତା ନିର୍ବାଚନ ପାଇଁ ଦଳର ଦୁଇ ଆଶାୟୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସମ୍ମିଳନୀ କକ୍ଷରେ ପଡ଼ିଥିବା ଚୌକିରେ କେତେକ ଦଳୀୟ କର୍ମୀ ବସିଥିବା ଯୋଗୁ ଖବରଦାତାମାନଙ୍କୁ ଛିଡ଼ା ହୋଇ ରହିବାକୁ ପଡ଼ିଥିଲ । ଏହା ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁଙ୍କ ଦୃଷ୍ଟିକୁ ଆସିବା ପରେ ସେ ଦଳୀୟ କର୍ମୀଙ୍କୁ ବାହାରକୁ ଯିବା ପାଇଁ ଅନୁରୋଧ କରିଥିଲେ । ଫଳରେ ଦଳୀୟ କର୍ମୀମାନେ ସେହି ସମ୍ମିଳନୀ କକ୍ଷ ବାହାରକୁ ଯାଇଥିଲେ ଏବଂ କିଛି ଦଳୀୟ ନେତୃବୃନ୍ଦ ସମ୍ମିଳନୀ କକ୍ଷ ଦ୍ୱାରରେ ପଛପଟ କବାଟକୁ ଠେଲି ରହିଥିଲେ। ଏହି ସମୟରେ ବାହାର ପଟୁ ଅନ୍ୟ ଜଣେ ଦଳୀୟ କର୍ମୀ ତଥା ଆଶାୟୀ କବାଟ ଠେଲି ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଏହାକୁ ନେଇ ସେଠାରେ ଉପସ୍ଥିତ ଦୁଇ ଆଶାୟୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ଦଳର ଓଡ଼ିଶା ପ୍ରଭାରୀ ତଥା ଛତିଶଗଡ଼ର ଜଣେ ବରିଷ୍ଠ ମନ୍ତ୍ରୀ ସମ୍ମିଳନୀ କକ୍ଷରେ ଖବରଦାତାଙ୍କୁ ସମ୍ବୋଧିତ କରୁଥିବାବେଳେ ବାହାରେ ଦୁଇ ଆଶାୟୀଙ୍କ ଏଭଳି ଧସ୍ତାଧସ୍ତି ଲୋକଙ୍କୁ ଚର୍ଚ୍ଚା ପାଇଁ ଖୋରାକ୍ ଯୋଗାଇଛି।

# ନିଶା ନିବାରଣ ସଚେତନତା ଅଭିଯାନ

**ବୌଦ୍ଧ,୧୩।୩(ସ୍ୱ.ପ୍ର)**

ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୌଦ୍ଧଠାରେ ବୁଧବାର ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି । ଏହି ଶୋଭାଯାତ୍ରାରେ ଜିଲାର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲେ । ଦିଲ୍ଲୀର ଆଚାର୍ଯ୍ୟ ସନ୍ତୋଷାନନ୍ଦ ଅବଧୂତ, ମିଳିତ ନିଶା ନିବାରଣ ମଞ୍ଚ ଆବାହକ କେଦାରନାଥ ସାହୁ, ପ୍ରଫେସର କୁଳମଣି ନାଏକ ଓ ସର୍ବେଶ୍ୱର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ଏହି ରାଲିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ସମୟରେ ନିଶା ବ୍ୟବହାର ଓ ପ୍ରସାର ଉପରେ ଅଂକୁଶ ଲଗାଇବା ଏବଂ ଯେଉଁ ରାଜନୈତିକ ଦଳ ଓ ପ୍ରାର୍ଥୀ ନିଶା ନିବାରଣ ପାଇଁ ପ୍ରତିଶ୍ରୁତି ଦେବ ସେମାନଙ୍କୁ ସମର୍ଥନ କରିବା ନେଇ ବାର୍ତ୍ତା ପ୍ରଦାନ କରାଯାଇଥିଲା । ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ନିର୍ବାଚନରେ ମଦ ବାଣ୍ଟୁଥିବା ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ପ୍ରଚାରପତ୍ର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା ।

# ଘରଡିହ ଯୁଗାବାରେ ପରଶାସନ ବିଫଲ

**ଜାମଟିକ୍ରା,୧୩।୩(ଡି.ଏନ.ଏ.):**

ଭୂମିହୀନମାନକୁ ସରକାର ବସୁନ୍ଧରା ଯୋଜନାରେ ଘର ଡିହ ଯୁଗେଇ ଦେଉଛନ୍। ତାହାକୁ ଭିନେ ଭିନେ ସରକାରୀ ଯୋଜନାରେ ସାମିଲ କରି ପକା ଘର ବି ଯୁଗେଇ ଦେଉଛନ୍। ହେଲେ ସରକାରକଁର ଇ ସବୁ ମହତ୍ ଯୋଜନା ବରଗଡ଼ ଜିଲା ଅତାବିରାରେ ବାଟବନା ହେଉଥିବାର ଦେଖିବାକେ ମିଲୁଛେ। ଖବର ନେବାରେ ଜନାଯାଇଛେ ଯେ, ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଁଚେତ୍‌ର କୁଲୁଣ୍ଡା ହାଇସ୍କୁଲପଡ଼ାର ୧୦ଟା ଭୂମିହୀନ ପରିବାର ଘରଡ଼ିହ ଲାଗି ବାରବାର ବ୍ଲକନୁ ଜିଲା ପରଶାସନ ତକ୍ ଗୁହାରି କରି ନିରାଶ ହେଇଛନ୍। ଏନ୍ତା କି ଜନଅଭିଯୋଗ ଶୁନାନିରେ ଇ ଦୁଖି ପରିବାରମାନେ ଗଲା ୫ ବଛର ହେଲା ଗୁହାରି କରିଆସୁଛନ୍। ହେଲେ କେହି ତାକର ଗୁହାରି ନାଇଁ ଶୁନୁଥିବାର ଅଭିଯୋଗ ହେଇଛେ। ୨୦୧୮ ଜୁଲାଇରେ ହେଇଥିବାର ଝରି ବର୍ଷାରେ ଇ ପରିବାରମାନକର ଘରଦୁଆର ଭାଂଗିଯାଇଥିଲା। ତାପରେ ଆଏଜ୍ ତକ୍ ଇ ପରିବାରମାନେ ବେସାହାରା ଜୀବନ୍ ବିତଉଛନ୍। ପରିବାରମାନେ ନିହାତି ଗରିବ୍ ଆର ଖଟିଖିଆ ବରଗର ହେଇଥିଲା ବେଲେ କେହି ଘରଖଁଡ଼େ ବନାବାର ଲାଗି ସକ୍ଷମ ନୁହଁନ୍। ଇଆଡ଼େ କାହାରି ଜମିବାଡ଼ି, ଘରଡ଼ିହ ନାଁଇଁନ। ଯେନ୍‌ଥିରଲାଗି ସରକାରୀ ଜାଗାରେ ଗୁଟେ ଗୁଟେ କୁରିଆ କରି ଖରା, ବର୍ଷା, ଶୀତ କାକରରେ ଜୀବନ୍ ବିତଉଛନ୍। ଯେତେ ଜଲ୍‌ଦି ହେବା ଇ ଗରିବ୍ ଦୁଖିକୁ ଘରଡ଼ିହ ସଂଗେ ସରକାରୀ ଯୋଜନାରେ ସାମିଲ କରି ପକାଘର ଖଁଡ଼େ ଲେଖେଁ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ାକୁଁ ପଚରାଲାରୁ ଯଦି ସେମାନେ ଭୂମିହୀନ ଆର ଘରଡିହ ଲାଗି ଆବେଦନ କରିଛନ୍ ତ ନିହାତି ଭାବେ ତାହାକୁ ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ଋଣଗ୍ରହୀତା: **ଶ୍ରୀ ମନୋରଞ୍ଜନ ମହାପାତ୍ର**ଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ.ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆଠଗଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମହାପାତ୍ର, ପିତା: ନିତ୍ୟାନନ୍ଦ ମହାପାତ୍ର, ସା: ବଡ଼ଭୁଇଁଦଳ, ପୋ: ବଡ଼ଭୁଇଁ, ଥାନା: ଆଠଗଡ଼, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୧୨୨୯୨୯୭୦୮ ଏବଂ ୩୨୮୩୮୭୦୦୪୫୭ | ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ଼ଭୁଇଁଦଳ, ଥାନା/ତହସିଲ: ଆଠଗଡ଼, ଜିଲ୍ଲା: କଟକ, ଖାତା ନଂ.: ୨୯୦/୩୪୫, ପ୍ଲଟ୍ ନଂ.: ୧୮୩୩, କ୍ଷେତ୍ର: ଏକର୦.୨୭ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଦିଗମ୍ବର ଦାସ, ପଶ୍ଚିମ: ରାହାସ ନରେନ୍ଦ୍ର, ଉତ୍ତର: ରାହାସ ନରେନ୍ଦ୍ର, ଦକ୍ଷିଣ: ରାସ୍ତା | ୦୧.୦୩.୨୦୧୯ | ୩୦.୦୪.୨୦୧୪ | ୧୬.୧୦.୨୦୧୮ ସୁଦ୍ଧା ଟ.୩୪,୭୧,୫୫୧.୫୭ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟରୁ ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୧୩.୦୩.୨୦୧୯, ସ୍ଥାନ : କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଶ୍ରମମନ୍ତ୍ରୀ ଅସୁସ୍ଥ: ନୟାଗଡ଼ରେ ଚିକିତ୍ସିତ ହୋଇ ଫେରିଲେ

**ନୟାଗଡ଼ ଅଫିସ,୧୩।୩**-ରାସ୍ତାରେ ଯାଉଥିବାବେଳେ ଗାଡ଼ି ଭିତରେ ଅସୁସ୍ଥ ଅନୁଭବ କଲେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ। ତାଙ୍କୁ ନିକଟସ୍ଥ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସିତ ହେବାର କିଛି ସମୟ ପରେ ସୁସ୍ଥ ଅନୁଭବ କରିଥିଲେ ମନ୍ତ୍ରୀ। ପରେ ନିଜ ଗନ୍ତବ୍ୟସ୍ଥଳକୁ ଫେରିଯାଇଥିଲେ। ମିଳିଥିବା ସୂଚନା ଅନୁସାରେ, ବୁଧବାର ରାତିରେ ମନ୍ତ୍ରୀ ସିଂ ତାଙ୍କ କାର୍ ଯୋଗେ ଭୁବନେଶ୍ୱରରୁ ବରଗଡ଼ ଯାଉଥିବା ବେଳେ ନୟାଗଡ଼ଠାରେ ତାଙ୍କ ଦେହ ଅସୁସ୍ଥ ହୋଇ ପଡ଼ିଥିଲା। ରାତି ପ୍ରାୟ ୯ଟା ୫୦ ମିନିଟ୍ ସମୟରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଓପିଡ଼ିକୁ ଯାଇଥିଲେ। ସେଠାରେ ଥିବା ଡାକ୍ତର ମନୋଜ ତ୍ରିପାଠୀ ତାଙ୍କୁ ଚିକିତ୍ସା କରିଥିଲେ। ମନୋଜଙ୍କ କହିବା ଅନୁଯାୟୀ, ମନ୍ତ୍ରୀଙ୍କ ଆଜ୍ମା ଥିବାରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କୁ ସେ ଏକ ଇଞ୍ଜେକଶନ୍ ଦେଇଥିଲେ । ୧୫ ମିନିଟ ବିଶ୍ରାମ ନେବା ପରେ ମନ୍ତ୍ରୀ ସିଂ ସୁସ୍ଥ ହୋଇଥିଲେ। ପରେ ସେ ବରଗଡ଼ ଅଭିମୁଖେ ଯାତ୍ରା କରିଥିଲେ।

### ୨୪ରେ ଅତିକ୍ଷୁଦ୍ର ନାଟକ ପ୍ରତିଯୋଗିତା

**ସମ୍ବଲପୁର,୧୩।୩ (ବ୍ୟୁରୋ)**
ଓଡିଶା ସାଂସ୍କୃତିକ ସମାଜ ଓ ଜନନାଟ୍ୟ ମଞ୍ଚ ମିଳିତ ଆନୁକୂଲ୍ୟରେ ଅତିକ୍ଷୁଦ୍ର ନାଟକ ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ଅନୁଷ୍ଠିତ ହେବ । ଏଥିରେ ସ୍କୁଲ ଛାତ୍ରୀଛାତ୍ରମାନେ ଭାଗ ନେଇ ପାରିବେ । ସର୍ବନିମ୍ନ ୫ ମିନିଟ ଓ ସର୍ବାଧିକ ୧୫ମିନିଟ ନାଟକ ମଞ୍ଚସ୍ଥ କରାଯିବ। କୃତୀ ଦଳମାନଙ୍କୁ ଆସନ୍ତା ୨୭ ତାରିଖ ଓଡିଶା ସାଂସ୍କୃତିକ ସଭା କକ୍ଷରେ ହେବାକୁ ଥିବା ବିଶ୍ୱ ନାଟ୍ୟ ଦିବସ ଉତ୍ସବରେ ପୁରସ୍କୃତ କରାଯିବ । ବୁଧବାର ଓଡିଶା ସାଂସ୍କୃତିକ ସମାଜ ସମ୍ପାଦକ ବୋଧରାମ ଦାସ ଏକ ପ୍ରେସ ବିବୃତି ରେ ଏହି ସୂଚନା ଦେଇଛନ୍ତି ।

### ୧୫ରେ ଫଗୁଣ ମେଳା


**ସମ୍ବଲପୁର, ୧୩।୩ (ବ୍ୟୁରୋ)**- ଶ୍ରୀ ଶ୍ୟାମମିତ୍ର ମଣ୍ଡଳ ପକ୍ଷରୁ ଆସନ୍ତା ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ମନ୍ଦଲିଆ ପଡିଆଠାରେ ଅନୁଷ୍ଠିତ ହେବ । ୪ ଦିନ ଧରି ହେବାକୁ ଥିବା ଏହି ମେଳାରେ ସମ୍ବଲପୁରୀ ରାଜସ୍ଥାନୀ, ଚକରି, କଚ୍ଛିଘୋଡ଼ି, ଚେରୀ, ଭୱାଇ, ଘୁମର, ଆଗ ଓ କାଲବେଲିଆ, ତେରାତାଲି, ମୟୁର, ହରିୟାଣାର ନୃତ୍ୟ ପରିବେଷିତ ହେବ। ସେହିପରି ସମ୍ବଲପୁରର ଅରୁଣ ସିହ୍ନା ଓ ସୋନୁ ସିଂହନିଆ, କୋଲକାତାର ମନିଷ ଶର୍ମା ଓ ଜୟପୁରର ଓମ ପ୍ରକାଶ ରାଣା ଭଜନ ପରିବେଷଣ କରିବେ । ଏନେଇ ଶ୍ରୀ ଶ୍ୟାମ ନୃତ୍ୟ ମଣ୍ଡଳ କର୍ମକର୍ତ୍ତା ଓ ସଭ୍ୟମାନେ ପ୍ରସ୍ତୁତିରେ ଲାଗି ପଡିଛନ୍ତି ।

## ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଆନ୍ଦୋଳନ ପ୍ରସଙ୍ଗ

# ୩ ମାସ ପାଇଁ ଆନ୍ଦୋଳନ ସ୍ଥଗିତ

**ସମ୍ବଲପୁର,୧୩।୩ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ଦୀର୍ଘ ବର୍ଷ ହେଲା ଆନ୍ଦୋଳନ ଚାଲି ଆସୁଛି। ଗତ ସେପ୍ଟେମ୍ବର ୫ ତାରିଖଠାରୁ ଓକିଲମାନେ ଲୋକଙ୍କ ସହଯୋଗରେ ଆନ୍ଦୋଳନ ଜୋରଦାର କରିଛନ୍ତି। ହେଲେ ଏହି ଆନ୍ଦୋଳନ ସାଧାରଣ ନିର୍ବାଚନକୁ ଆଖିବ ଆଗରେ ରଖି ସାମୟିକ ଭାବେ ସ୍ଥଗିତ ରହିଛି। ବୁଧବାର ଏ ନେଇ ନିଷ୍ପତ୍ତି ହୋଇଛି। ସାଧାରଣ ଲୋକଙ୍କ ସମସ୍ୟା, ନିର୍ବଚନୀ ଆଚରଣ ବିଧି ଲାଗୁ ହେବା ଯୋଗୁ ଓକିଲମାନେ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ଅବଶ୍ୟ ଓକିଲମାନେ ଜରୁରୀ ମାମଲାରେ କାମ କରିପାରିବେ । କୌଣସି କୋର୍ଟରେ ଶୁଣାଣିରେ କିନ୍ତୁ ଯୋଗ ଦେବେ ନାହିଁ । ମାର୍ଚ୍ଚ ୧୪ ତାରିଖଠାରୁ ରିଲେ ଅନଶନ ବନ୍ଦ ରହିବ। ଏବେ ନିର୍ବାଚନ ସମୟରେ ସରକାର କୌଣସି ଦପକ୍ଷେଗ ଗ୍ରହଣ କରିପାରିବେ ନାହିଁ । ତେଣୁ ୩ ମାସ ପାଇଁ ଆନ୍ଦୋଳନ ସ୍ଥଗିତ କରାଯାଉଛି । ଯଦି ୩ ମାସ ପରେ ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନା ନେଇ ପ୍ରକ୍ରିୟା ଆରମ୍ଭ ନ ହେଲା ତେବେ ପୁଣି ଆନ୍ଦୋଳନ କରାଯିବ। ଏଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୁଧବାର ସାଧାରଣ ପରିଷଦ ବୈଠକରେ ନିଆଯାଇଛି। ଜିଲା ଓକିଲ ସଂଘ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ବିଜିତେନ୍ଦ୍ରୀୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମାର୍ଚ୍ଚ ୧୫ ତାରିଖଠାରୁ ଷ୍ଟାମ୍ପଭେଣ୍ଡର ଓ ନୋଟାରୀ ଖୋଲିବ। ଜିଲା ସବ ରେଜିଷ୍ଟ୍ରାର ଅଫିସ ଓ ଅନ୍ୟାନ୍ୟ ବିଭାଗ ସହ କୋର୍ଟ ଖୋଲାଯିବ। ମାର୍ଚ୍ଚ ୨୫ ତାରିଖଠାରୁ ସିଭିଲ କୋର୍ଟ ଓ ଅନ୍ୟାନ୍ୟ କୋର୍ଟ ଖୋଲାଯିବ । ହେଲେ ଜରୁରୀ ମାମଲାକୁ ଛାଡି କୌଣସି କାମ ଓକିଲମାନେ କରିବେ ନାହିଁ । ନୂତନ ସରକାର ଗଠନ ହେବା ପର୍ଯ୍ୟନ୍ତ ୩ ମାସ ଧରି ଏହି ପରି ପରିସ୍ଥିତି ରହିବ। ସରକାର ଗଠନ ହେଲା ପରେ ପଦକ୍ଷେପ ଗ୍ରହଣ ନ କଲେ ପୁଣି ପୂର୍ବଭଳି ଆନ୍ଦୋଳନକୁ ଓକିଲ ସଂଘ ଫେରିବ ବୋଲି ନିଷ୍ପତ୍ତି ହୋଇଛି। ବେଦବ୍ୟାସ ସାଥୁଆ, ପ୍ରବୀଣ କୁମାର ସିଂଦେଓ, ଦୀପକ କୁଅଁର, ଅନୁପ ତରିଆ, ସୁତାପା ମିଶ୍ର, ଆଶୁତୋଷ ପାଣିଗ୍ରାହୀ, ମହେନ୍ଦ୍ର ବରେଇ, ଜିଲା କ୍ରୀୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରଦୀପ ବହିଦାର, ସୁରେଶ୍ୱର ମିଶ୍ର, ବରଦା ମାଧବ ଗୁରୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ୨୦୧୮ ସେପ୍ଟେମ୍ବର ୫ ତାରିଖ ଠାରୁ ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନା କରାଯାଉ ବୋଲି ଦାବି ନେଇ ଜିଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି । ଦୀର୍ଘ ୬ ମାସ ହେଲା ସରକାରୀ କଳ ଅଚଳ ରହିଥିଲା। ବିଭିନ୍ନ ସାମାଜିକ ଅନୁଷ୍ଠାନ ଏହି ଆନ୍ଦୋଳନକୁ ସମର୍ଥନ କରିଥିଲେ। ୨ ଦିନ ଧରି ମହାବନ୍ଦ ପାଳନ ହୋଇଥିଲା । ଏଥିରେ ସଂଗଠନକୁ ଜନ ସମର୍ଥନ ମିଳିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫେବୃୟାରୀ ମାସରେ ସମ୍ବଲପୁର ଗସ୍ତରେ ଆସିଥିବା ସମୟରେ ଓକିଲମାନଙ୍କ ଦାବି ଶୁଣି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ବଜେଟରେ ଅନୁମୋଦନ ହୋଇ ୧୦ କୋଟି ଟଙ୍କାର ବୟବାରଦ ହୋଇଛି।





ସମ୍ବଲପୁର ଜିଲା ଓକିଲ ସଂଘ ବୈଠକରେ ଉପସ୍ଥିତ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

- ଜରୁରୀ ମାମଲାର ବିଚାର ହେବ
- ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ ଅପେକ୍ଷା
- ନ ହେଲେ ପୁଣି ଆନ୍ଦୋଳନ କରିବେ ଓକିଲ

## ୨ ଦିନିଆ କର୍ମଶାଳା ଉଦ୍‌ଯାପିତ




ଜିଏମୟୁ ଅମୃତ ବିହାର ପରିସରରେ ଆୟୋଜିତ ୨ଦିନିଆ କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ସୁଧାଂଶୁ ଶେଖର ରଥ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

**ସମ୍ବଲପୁର,୧୩।୩(ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ଇଣ୍ଟିଗ୍ରେଟେଡ୍ ବିଇଡି ବିଭାଗ ପକ୍ଷରୁ ୨ଦିନିଆ କର୍ମଶାଳା ବୁଧବାର ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧ରେ ଉଦ୍‌ଯାପିତ ହୋଇ ଯାଇଛି। ଜିଏମୟୁ ପ୍ରଥମ କୁଳପତି ପ୍ରଫେସର ସୁଧାଂଶୁ ଶେଖର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷକ ଶିକ୍ଷା ଓ ଶିକ୍ଷାଦାନରେ ଗୁଣାତ୍ମକ ମାନ ଆଣିବା ସକାଶେ ଅନ୍ୱେଷଣ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କର୍ମଶାଳାର ଆବାହକ ଡ. ରାଜଶ୍ରୀ ବରାଳ ସ୍ୱାଗତ ଭାଷଣ, ଉପ କୁଳସଚିବ ଉମାଚରଣ ପତି ସୂଚନା ପ୍ରଦାନ କରିଥିଲେ। ଗଜାନନ ବେହେରା ବିବରଣୀ ଉପସ୍ଥାପନ କରିଥିଲେ । ଡ. ମହେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଙ୍ଗଠନିକ ଓ ନୀତି ଆଦର୍ଶ ଥିବା ବ୍ୟକ୍ତିଙ୍କୁ ଟିକେଟ ଦିଆଯାଉ

**ସମ୍ବଲପୁର, ୧୩।୩ (ବ୍ୟୁରୋ)**
ଭାଜପା ନୀତି ଆଦର୍ଶକୁ ନେଇ ପରିଚାଳିତ ହୋଇଥାଏ । ନେତାମାନେ ସାଂଗଠାନିକ କ୍ଷେତ୍ରରେ ମଧ୍ୟ ଭଲ ପ୍ରଦର୍ଶନ ରହିବା ଦରକାର । ତେଣୁ ସମ୍ବଲପୁର ଲୋକସଭା ପାଇଁ ଜଣେ ଭଲ ସାଂଗଠାନିକ ଓ ଦଳର ନୀତି ଆଦର୍ଶରେ କାମ କରୁଥିବା ଆଶାୟୀ ନେତାଙ୍କୁ ଟିକେଟ ପ୍ରଦାନ କରାଯାଉ ବୋଲି ଦାବି ହେଉଛି। ଏ ନେଇ ପୂର୍ବତନ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ସାହା ଓ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କୁ ଅନୁରୋଧ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ, ଟିକେଟ ଦାବି କରୁଥିବା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଝାରୀ ଅନେକ ସମୟରେ ଦଳର ନୀତି ନିୟମକୁ ପାଳନ କରୁନାହାନ୍ତି । ଗତ ନିର୍ବାଚନ ପୂର୍ବରୁ କଂଗ୍ରେସ ଓ ବିଜେଡିର ନେତା, କର୍ମକର୍ତ୍ତାମାନଙ୍କୁ ନେଇ ନିର୍ବାଚନରେ ସହଯୋଗ ନେଇଥିଲେ । ତେଣୁ ପରାଜୟର ସମ୍ମୁଖୀନ ହେବାକୁ ପଡିଥିଲା । ସେହିପରି ଗତ ପଞ୍ଚାୟତ ନିର୍ବାଚନରେ ଯୁଯୁମୁରା ବ୍ଲକରେ ଭାଜପା ଅଧ୍ୟକ୍ଷ କରିବା ପାଇଁ ପ୍ରସ୍ତୁତି କରିଥିଲା। ହେଲେ ଶେଷ ସମୟରେ କଂଗ୍ରେସ ସହ ବୁଝାମଣା କରିଥିଲା । ଅଧ୍ୟକ୍ଷ ପଦ ନିର୍ବଚନୀ ସମୟରେ ୨ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ହେବାରୁ ଶେଷରେ ବିଜେଡି ଦଳ ନିଜ କବଜାରେ ଅଧ୍ୟକ୍ଷ ପଦ ନେଇଥିଲା । ଏଥିପାଇଁ ସ୍ଥାନୀୟ ନେତା ଦେବେନ୍ଦ୍ର ମହାପାତ୍ର ଦାୟୀ ବୋଲି ଭାଜପା କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ । ହେଲେ ଏ ସମ୍ପର୍କରେ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଅଭିଯୋଗ କରିବା ପାଇଁ କାହାକୁ ମନା କରିହେବ ନାହିଁ । ପୂର୍ବରୁ ୨୦୧୪ ନିର୍ବାଚନରେ ଯୁଯୁମୁରା ବ୍ଲକରେ ଭାଜପାର ସ୍ଥିତି ଯାହା ଥିଲା ଏବେ ପଞ୍ଚାୟତ ନିର୍ବାଚନରେ ନୂତନ କର୍ମକର୍ତ୍ତା ଓ ସେ ଦାୟିତ୍ୱ ନେଲା ପରେ ଭାଜପା ସ୍ଥିତି ଭଲ ରହିଛି ଏବଂ ଭୋଟର ସଂଖ୍ୟା ବୃଦ୍ଧି ପାଇଛି । ନିର୍ବାଚନରେ ହାରିବା ଜିତିବା ଭିନ୍ନ କଥା ବୋଲି କହିଥିଲେ । ଏ ନେଇ ସୁରେଶ କହିଛନ୍ତି ଯେ, ସୂର୍ଯ୍ୟକାନ୍ତ ଦଳୀୟ ସକ୍ରିୟ କର୍ମକର୍ତ୍ତା ନୁହନ୍ତି। ସେ ମିଛରେ ଏଭଳି ଅଭିଯୋଗ କରୁଛନ୍ତି।



ହୀରାକୁଦ ବୁଢ଼ାକଟା କିଶାନ ପଡାରେ ଅଚଳ ହୋଇପଡିଥିବା ନଳକୂପ ।

## କିଷାନପଡ଼ାରେ ନଳକୂପ ଅଚଳ

**ସମ୍ବଲପୁର/ହୀରାକୁଦ, ୧୩।୩ (ବ୍ୟୁରୋ/ ଡି.ଏନ.ଏ.)**
ସମ୍ବଲପୁର ମହାନଗର ନିଗମ ଅଧୀନ ହୀରାକୁଦ ବୁଢ଼ାକଟା ଗ୍ରାମର କିଶାନ ପଡାରେ ନଳକୂପ ଅଚଳ ହୋଇ ପଡିଛି । ତେଣୁ ଗ୍ରାମବାସୀ ପାନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ମହିଳା ଓ ପୁରୁଷମାନେ ୩ଶହ ମିଟର ଦୂରରେ ଥିବା ହରିଜନପଡା ନଳକୂଅରୁ ପାଣି ସଂଗ୍ରହ କରୁଛନ୍ତି। ସୂଚନାଯୋଗ୍ୟ ଯେ, କିଶାନ ପଡାରେ ପ୍ରାୟ ୩୦ଟି କିଶାନ ସମ୍ପ୍ରଦାୟର ପରିବାର ରହୁଛନ୍ତି। ଏଠାରେ ୨ଟି ନଳକୂପ ରହିଛି । ୨ଟି ଯାକ ଦୀର୍ଘ ଦିନ ହେବ ଖରାପ ହୋଇ ପଡିରହିଛି। ମରାମତି କରିବାକୁ ଅଭିଯୋଗ କଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ ଦୃଷ୍ଟି ଦେଉନାହାନ୍ତି ।

## ଯୁବକଙ୍କୁ ଛୁରାମାଡ଼ କରି ୨ ଗିରଫ

**ସୁନ୍ଦରଗଡ଼, ୧୩।୩ (ଡି.ଏନ୍.ଏ)**
ସଦର ଥାନା ଅନ୍ତର୍ଗତ ଲଙ୍କାହୁଡା ଗ୍ରାମରେ ଜଣେ ଯୁବକଙ୍କୁ ଛୁରାମାଡ ଘଟଣାରେ ବୁଧବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ଜଣ ହେଲେ ସେହି ଗ୍ରାମର ସନ୍ୟାସୀ ପଟେଲ (୬୫) ଓ ଭଷ୍ମା ଥାନା ଠିଟେଇଟାଙ୍ଗର ଗ୍ରାମର ଅଭିନ୍ନ କମାର (୬୦)। ପୋଲିସ ସୂଚନା ମୁତାବକ ଅଭିନ୍ନ କମାରଙ୍କ ଠାରୁ ଲଙ୍କାହୁଡା ଗ୍ରାମର ଉମେଶ ପଟେଲ (୪୫) କିଛି କାଠ ଆଣିଥିଲେ। ମଙ୍ଗଳବାର ଅପରାହ୍ନରେ କାଠବାବଦ ଟଙ୍କା ମାଗିବାକୁ ଯାଇଥିବା ବେଳେ ଉମେଶଙ୍କ ସହିତ ଅଭିନ୍ନଙ୍କ ପାଟିତୁଣ୍ଡ ହୋଇଥିଲା। ଏହା ପରେ ଅଭିନ୍ନ ସେହି ଗ୍ରାମରେ ରହୁଥିବା ତାଙ୍କ ସାଙ୍ଗ ସନ୍ୟାସୀଙ୍କୁ ଡାକି ଆଣିଥିଲେ। ଘଟଣାସ୍ଥଳରେ ସନ୍ୟାସୀ ପହଞ୍ଚି ଏକ ଛୁରୀରେ ଉମେଶଙ୍କ ଛାତିରେ ଭୂଷି ଦେଇଥିଲେ। ଏହି ଘଟଣାରେ ଉମେଶଙ୍କୁ ଗୁରୁତର ଆହତ ଅବସ୍ଥାରେ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉମେଶଙ୍କ ବୟାନ ଓ ଏତାଲା କ୍ରମେ ସଦର ଥାନାରେ ଏକ କେଶ (ନଂ. ୪୭/୨୦୧୯) ରୁଜୁ ହୋଇଛି।

## ପ୍ରଜ୍ଞା ପୁରାଣ, ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଯାତ୍ରା

**ଜମନକିରା, ୧୩। ୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ସଦର ମହକୁମାସ୍ଥିତ ପୁରୁଣା ଥାନା ସାମନା କୃଷକ ଖଳାରେ ବୁଧବାର ଗାୟତ୍ରୀ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଜ୍ଞା ପୁରାଣ ଓ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ର ବୀରେନ୍ଦ୍ର ଚୌଧୁରୀ ପୂଜାର୍ଚ୍ଚନା କରିଥିବା ବେଳେ ମହାଯଜ୍ଞ ପାଇଁ ବରଗଡ଼ର ପ୍ରଶାନ୍ତ ସେଠ ପ୍ରଜ୍ଞା ପୁରାଣ କଥାବସ୍ତୁ ଓ ଗାୟତ୍ରୀ ମହାଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ପ୍ରିତମ କୁମାର ଦାନୀ ଓ ତାଙ୍କ ସ୍ତ୍ରୀ ପ୍ରଜ୍ଞା ପଟ୍ଟନାୟକ, ବିଭୁତି ଦାନୀ ଓ ସୁନୀତା ଦାନୀ, ପ୍ରଶାନ୍ତ ନାୟକ ଓ ପ୍ରତିଭାଞ୍ଜଳି ନାୟକ, ରମଣୀ ସାହୁ ଓ ସୁଶୀଳା ସାହୁ, ବଦ୍ରିନାରାୟଣ ସାହୁ ଏବଂ ସୁଷମା ସାହୁ ପ୍ରମୁଖ କଳସ ଧାରଣ କରିଥିଲେ। ସବିତା ସାହୁ, ବିଜୟାଲକ୍ଷ୍ମୀ ମହାନ୍ତି, ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ମୀରା ସାହାଣୀ, ଟୁନି ସାହାଣୀ, ପାର୍ବତୀ ମହାପାତ୍ର, ରବୀନ୍ଦ୍ର ମଲ୍ଲିକ, ସାଲେକରାମ ପଧାନ, ପ୍ରଶାନ୍ତ ପୃଷ୍ଟି, ଆଦିପ୍ରସାଦ ମହାକୁଳ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବ ନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313


ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.


SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ



### ଗୋପାଳ ନାୟକଙ୍କୁ ସଙ୍ଗୀତ ସଂଯୋଜକ ବିହାଇ ମାନ୍ୟତା

**ସମ୍ବଲପୁର, ୧୩।୩ (ବ୍ୟୁରୋ)**- କଣ୍ଠଶିଳ୍ପୀ ଗୋପାଳ ନାୟକଙ୍କୁ ବିହାଇ ସଙ୍ଗୀତ ସଂଯୋଜକ ଭାବେ ମାନ୍ୟତା ଦିଆଯାଇଛି। ଦିଲ୍ଲୀ ସେଣ୍ଟ୍ରାଲ ଅଡିଶନ ବୋର୍ଡ ପକ୍ଷରୁ ୨୦୧୮ ଜୁନ ୭ ତାରିଖରେ ଲଘୁ ସଙ୍ଗୀତ ସଂଯୋଜକ ଅଡଶନ ହୋଇଥିଲା । ଗତ ଫେବୃୟାରୀ ମାସରେ ଦିଲ୍ଲୀ ଅଲ୍ ଇଣ୍ଡିଆ ରେଡିଓ ମହାନିର୍ଦ୍ଦେଶକ ଏ ନେଇ ସ୍ୱୀକୃତି ପ୍ରଦାନ କରିଛନ୍ତି।

### ପୋଖରୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ରେଢ଼ାଖୋଲ, ୧୩।୩ (ଡି.ଏନ.ଏ.)**- ସମ୍ବଲପୁର ଜିଲା ଚାରମାଳ ଥାନା ପୋଲିସ ବୁଧବାର ସକାଳେ ୫୫ ନଂ ଜାତୀୟ ରାଜପଥ କଡରେ ଥିବା ନୂତନ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନିକଟସ୍ଥ ଏକ ପୋଖରୀରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରିଛି। ତାଙ୍କ ପରିଚୟ ଜଣା ପଡିନାହିଁ। ପୋଲିସ ତାଙ୍କ ପରିଚୟ ପାଇଁ ବୁର୍ଲା ନେଇ ମର୍ଗ ହାଉସରେ ରଖିଛି। ସେ ଏକ ବ୍ଲୁ ରଙ୍ଗର ଜିନ୍ସ ପ୍ୟାଣ୍ଟ ପିନ୍ଧିଛନ୍ତି। ତାଙ୍କ ବୟସ ଆନୁମାନିକ ୩୦ ବର୍ଷ ମଧ୍ୟରେ ହେବ ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ସେ ଗତ ୨ ଦିନ ତଳେ ଏକ ଟ୍ରକ୍‌ରୁ ଓହ୍ଲାଇ ଚାରମାଳରେ ବୁଲାବୁଲି କରୁଥିବା ଲୋକେ ଦେଖିଥିବା କହୁଛନ୍ତି। ତେବେ ସେ ବିହାର ଅଞ୍ଚଳର ବୋଲି ପୋଲିସ ସନ୍ଦେହ କରୁଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ. (୩/୧୯) ରୁଜୁ କରି ତଦନ୍ତ କରୁଛି।

### ଚାଇଲ୍ଡଲାଇନରେ ଶିଶୁ କଲ୍ୟାଣ ସମିତି ବୈଠକ

**କୁଚିଣ୍ଡା, ୧୩।୩ (ଡି.ଏନ.ଏ.)**- କୁଚିଣ୍ଡା ଚାଇଲ୍ଡଲାଇନରେ ଶିଶୁ କଲ୍ୟାଣ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସମିତିର ଅଧ୍ୟକ୍ଷ ବ୍ରଜେନ୍ଦ୍ର କିଶୋର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଡ. ଝରଣା ମିଶ୍ର, ପୁଷ୍ପାରାଣୀ ମହାପାତ୍ର ଏବଂ ବାଣୀ ମହାପାତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତୃପ୍ତିମୟୀ ଦାଶ, ସରୋଜ କୁମାର ପୃଷ୍ଟେଠ, ସସ୍ମିତା ବାରିକ ଏବଂ ସୁରେଶ୍ୱରୀ ପଶାୟତ ଉପସ୍ଥିତ ଥିଲେ।

### ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ବୈଠକ

**କୁଚିଣ୍ଡା, ୧୩।୩ (ଡି.ଏନ.ଏ.)**- ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର କୁମାର ନାଏକ, ସଞ୍ଜୟ କୁମାର ମିଶ୍ର, ସଞ୍ଜୟ ବେହେରା, ସଞ୍ଜୟ କୁମାର ପଟେଲ, ମଳୟ କୁମାର ବେହେରା, ବରଦାନନ୍ଦ ଶର୍ମା, ମୁରଲୀଧର କୁସୁମ, ଚନ୍ଦ୍ରଭାନୁ ପଟେଲ, ତୁଳାରାମ ବାଘ, କ୍ଷୀରୋଦ ଚନ୍ଦ୍ର ବାଘ, ଅଶ୍ୱିନୀ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ର କାର୍ଯ୍ୟକ୍ଷମ ହେଉ

**ସମ୍ବଲପୁର, ୧୩।୩ (ବ୍ୟୁରୋ)**- ସମ୍ବଲପୁରର ବହୁ ପୁରାତନ ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ର କାର୍ଯ୍ୟକ୍ଷମ ହେଉ। ଆବଶ୍ୟକ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ କରାଯାଉ ବୋଲି ମା' ସିଂହ ବାହିନୀ ଏସ୍‌ଏଚ୍‌ଜି ପକ୍ଷରୁ ଦାବି କରାଯାଉଛି। ଏ ନେଇ ସଦସ୍ୟମାନେ ମହାନଗର ନିଗମର ଅଧିକାରୀ ଶୁଭଙ୍କର ମହାନ୍ତିଙ୍କୁ ଭେଟି ଦାବି ଜଣାଇଛନ୍ତି । ଏହି ମେଡିକାଲରେ ଏନଆରଏଚ୍‌ଏମ୍ ଅଫିସ ଖୋଲି ଭୋଜି ଭାତ କରାଯାଉଛି । ବିରୋଧ କଲେ କର୍ମଚାରୀମାନେ ମହାନଗର ନିଗମ ପକ୍ଷରୁ ଅନୁମତି ମିଳିଥିବା କହୁଛନ୍ତି ବୋଲି ଅଭିଯୋଗ କରିଥିଲେ। ତେବେ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀ ମହାନ୍ତି ଏମାନଙ୍କୁ କହିଥିଲେ ।

---

ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁପୁତ୍ର ଚୋରି ଘଟଣାକୁ ୨ ବର୍ଷ ପୂରିବାକୁ ଯାଉଛି

# ପୋଲିସର ପାରିବାପଣିଆ ଫେଲ୍

**ସମ୍ବଲପୁର, ୧୩।୩ (ବ୍ୟୁରୋ)**

- ପାଟଣାଗଡ଼ ମେଡିକାଲରୁ ଶିଶୁପୁତ୍ର ଚୋରି ଘଟଣାରେ ୩ ଦିନରେ ପର୍ଦ୍ଦାଫାଶ
- ପୁଅକୁ ପାଇବାକୁ ଏବେ ବି ଅପେକ୍ଷା କରିଛନ୍ତି ମା' ବାପା

ସମ୍ବଲପୁର ଜିଲା ସଦର ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରୁ ଏକ ନବଜାତ ଶିଶୁପୁତ୍ର ଚୋରି ହେବା ଘଟଣାକୁ ଇତି ମଧ୍ୟରେ ୨ ବର୍ଷ ପୂରିବାକୁ ଯାଉଛି। ହେଲେ ଶିଶୁପୁତ୍ରଙ୍କୁ ପୋଲିସ ଉଦ୍ଧାର କରି ପାରିନି। ଏହି ଘଟଣାରେ ଜଡିତ ଅଭିଯୁକ୍ତ ମହିଳାଙ୍କୁ ମଧ୍ୟ ପୋଲିସ ଧରିବାରେ ବିଫଳ ହୋଇଛି। ଏଣୁ ସମ୍ବଲପୁର ପୋଲିସର ଅପାରଗତା ପଦାରେ ପଡିଛି। ଯେଉଁଠି ସମ୍ବଲପୁର ପୋଲିସ ୨ ବର୍ଷ ହେଲାଣି ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇ ପାରୁନି ସେଠି କିନ୍ତୁ ବଲାଙ୍ଗୀର ପୋଲିସ ୩ ଦିନରେ ସଫଳତା ପାଇଛି। ବଲାଙ୍ଗୀର ଜିଲା ପାଟଣାଗଡ଼ ମେଡିକାଲରୁ ନିକଟରେ ଏକ ଶିଶୁପୁତ୍ର ଚୋରି ହୋଇଥିଲା। ମାତ୍ର ୩ ଦିନରେ ସିସିଟିଭି ଫୁଟେଜକୁ ଆଧାର କରି ବଲାଙ୍ଗୀର ପୋଲିସ ଅଭିଯୁକ୍ତଙ୍କୁ ଧରିବା ସହ ଶିଶୁପୁତ୍ରକୁ ଉଦ୍ଧାର କରିଛି। ହେଲେ ସିସିଟିଭିର ଫୁଟେଜ ଥାଇ ବି ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁପୁତ୍ର ଚୋରି ଘଟଣାରେ ପୋଲିସ ପର୍ଦ୍ଦାଫାଶ କରିବା ବଦଳରେ ଶୋଇ ପଡିଛି। ଫଳରେ ଶିଶୁପୁତ୍ରର ମା', ବାପା ନିରାଶ ହୋଇଛନ୍ତି। ପୋଲିସ ଉପରେ ସେମାନଙ୍କ ଆସ୍ଥା ନାହିଁ।

୨୦୧୭ ମାର୍ଚ୍ଚ ୨୩ ତାରିଖ ଗୁରୁବାର। ଜିଲା ସଦର ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପ୍ରସବ ପାଇଁ ଭର୍ତ୍ତି ହୋଇଥିଲେ ଝୁଝୁମୁରା ଥାନା ଆମଲିପାଏନ ଗ୍ରାମର ଅନିରୁଦ୍ଧ ମାଝିଙ୍କ ସ୍ତ୍ରୀ ଗୀତାଞ୍ଜଳି । ମଧ୍ୟାହ୍ନ ୧୨ଟାରେ ସେ ଏକ ଶିଶୁପୁତ୍ରଙ୍କୁ ଜନ୍ମ ଦେଇଥିଲେ । ଅସ୍ତ୍ରୋପଚାର ପରେ ଗୀତାଞ୍ଜଳି ୨୩ ନମ୍ବର ବେଡ୍‌ରେ ଥିଲେ। ପାଖରେ ନବଜାତକ ବି ଶୋଇଥିଲା। ଗୀତାଞ୍ଜଳିଙ୍କ ମା' ମାଳତୀ ଭୋଇ ଓ ସ୍ୱାମୀ ଅନିରୁଦ୍ଧ ବେଡ୍ ନିକଟରେ ଥିଲେ । ମାତ୍ର ରାତି ପ୍ରାୟ ସାଢ଼େ ୨ଟାରେ ମା ପାଖରେ ନବଜାତ ଶିଶୁପୁତ୍ର ନ ଥିବା ଜାଣିବାକୁ ପାଇଥିଲେ । ଏ ନେଇ ଚିକିତ୍ସାଳୟ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜଣାଇ ଥିଲେ । ଖବର ପାଇ ଏଡିଏମ୍‌ଓ (ମେଡିକାଲ) ଡା. ରତନ କୁମାର ମିଶ୍ର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉପରଠାଉରିଆ ତଦନ୍ତ କରି ବସି ପଡିଛି। ମେଡିକାଲରେ ନିୟୋଜିତ ଘରୋଇ ଠିକା ସଂସ୍ଥାକୁ ହଟାଇ ଦିଆଗଲା। ରାଜନୀତି ଆରମ୍ଭ ହୋଇଗଲା। ହେଲେ ପିଲା ମିଳିଲାନି। ପିଲାକୁ ପାଇବାକୁ ମାଝି ଦମ୍ପତ୍ତି ଭୋକ ଉପାସରେ ପ୍ରାୟ ଦେଢବର୍ଷ ମେଡିକାଲ ପରିସରରେ ପଡି ରହିଲେ। ଏବେ ମେଡିକାଲ ଛାଡି ସହର ଉପକଣ୍ଠ ଭତରାରେ ରହୁଛନ୍ତି। ଆଶା ଅଛି କାଳେ ପୁଅ ମିଳିଯିବ। ପୋଲିସ ଡାକିବ। ଆଉ ସେମାନେ ପୁଅକୁ ନେଇ ଘରକୁ ଫେରିବେ। ହେଲେ ପୋଲିସ ଭୁଲି ଯାଇଛି ବୋଲି ମାଝି ଦମ୍ପତି ଅଭିଯୋଗ କରିଛନ୍ତି। ଏ ନେଇ ଏସ୍‌ପି ସଞ୍ଜୀବ ଆରୋରାଙ୍କୁ ପଚାରିବାରୁ କହିଛନ୍ତି ଯେ, ପାଟଣାଗଡ ମେଡିକାଲରୁ ଶିଶୁପୁତ୍ର ଚୋରି ଘଟଣାରେ ଗିରଫ ମହିଳାଙ୍କର କାଳେ ସମ୍ବଲପୁର ଘଟଣା ସହ ସମ୍ପର୍କ ଥିବା । ଏଣୁ ଆବଶ୍ୟକ ପଡିଲେ ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ। ହେଲେ ଏହା ସନ୍ତୋଷଜନକ ହେଉନି। ସମ୍ବଲପୁର ପୋଲିସର ବିଫଳତା, ଅପାରଗତା, ଅନାଗ୍ରହକୁ ଏସ୍‌ପି ସ୍ୱୀକାର ନ କରି କଥା ଏଡାଇବାକୁ ଚେଷ୍ଟା କରୁଛନ୍ତି।

# ବାଇକ୍ ଧକ୍କାରେ ବୃଦ୍ଧ ମୃତ: ୨ ଆହତ

**ସମ୍ବଲପୁର, ୧୩।୩ (ବ୍ୟୁରୋ)**

ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥକୁ ଚାରି ଧାଡିଆରେ ପରିଣତ କରାଯାଉଛି। କାମ ଆରମ୍ଭରୁ ଏହି ରାସ୍ତା ମରଣଯନ୍ତା ପାଲଟିଛି । ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟି ଲୋକାଙ୍କ ମୃତ୍ୟୁ ଘଟୁଛି । ବୁଧବାର ଅପରାହ୍ନ ୩ଟାରେ ମୁଣ୍ଡେର ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜମାଦାରପାଲି ଗ୍ରାମର ଉପେନ୍ଦ୍ର ନାଗ (୫୫)ଙ୍କ ମୃତ୍ୟୁ ଘଟିଛି । ଲଇଡା ଘଣ୍ଟମାଳ ଗ୍ରାମର ଅଜୟ ମୁଣ୍ଡା (୨୪) ଓ କ୍ଷେତ୍ରମୋହନ ମୁଣ୍ଡା ଆହତ ହୋଇଛନ୍ତି । ଏ ଦୁହେଁ ଜିଲା ସଦର ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି । ଝୁଝୁମୁରା ପୋଲିସ ଖବର ପାଇ ଘଟଣାର ତଦନ୍ତ କରୁଛି । ଘଣ୍ଟମାଳ ଗ୍ରାମରୁ ଡାଙ୍ଗୁମୁଣ୍ଡା ଗ୍ରାମକୁ ବାଇକ (ନଂ ଓଡି-୧୫-ଏଲ- ୬୨୩୨ ) ଯୋଗେ ଅଜୟ ଓ କ୍ଷେତ୍ରମୋହନ ବରାତି ଆସୁଥିଲେ । ଗୁଡୁଡିପଡା ନିକଟରେ ଉପନ୍ଦ୍ରେ ରାସ୍ତା ପାର ହେଉଥିଲେ । ଏହି ସମୟରେ ଉପେନ୍ଦ୍ରଙ୍କୁ ବାଇକ ଧକ୍କା ଦେଇଥିଲା । ବାଇକ ଆରୋହୀ କ୍ଷେତ୍ରମୋହନ ଓ ଅଜୟ ଛିଟିକି ପଡିଥିଲେ। ହେଲେ ଲୋକଙ୍କଠାରୁ ଖବର ପାଇ ବି ୧୦୮ ଆମ୍ବୁଲାନ୍ସ ପହଞ୍ଚି ନ ଥିଲା । ସେହ ରାସ୍ତା ଦେଇ ଅନ୍ୟ ଏକ ଆମ୍ବୁଲାନ୍ସ ଯାଉଥିଲା । ସ୍ଥାନୀୟ ଲୋକେ ଅନୁରୋଧ କଲାପରେ ମଧ୍ୟ ଆମ୍ବୁଲାନ୍ସ ଚାଳକ ମନା କରି ଦେଇ ସମ୍ବଲପୁର ଅଭିମୁଖେ ଚାଲି ଯାଇଥିଲେ। ସେହିବାଟ ଦେଇ ଯାଉଥିବା ଭାଜପା କର୍ମକର୍ତ୍ତା ଦାମୋଦର କର ଓ ତାଙ୍କ ସହଯୋଗୀ ୩ ଆହତଙ୍କୁ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ । ହେଲେ ଡାକ୍ତର ଉପନ୍ଦ୍ରେଙ୍କୁ ମୃତ ଘୋଷଣା କରିଥିଲେ । ପ୍ରକାଶ ଯୋଗ୍ୟ, ଏହି ରାସ୍ତା ପାଇଁ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ରାସ୍ତା ନିର୍ମାଣରେ ନିୟୋଜିତ ଠିକା କମ୍ପାନୀ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ନିୟମ ରହିଥିଲେ ମଧ୍ୟ ୩ ବର୍ଷ ହେଲୋ ସୁବିଧା କରିନାହିଁ । କମ୍ପାନୀ କହୁଛି ଯେ, ଆମ୍ବୁଲାନ୍ସ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଜାତୀୟ ରାଜପଥ ବିଭାଗ କହୁଛି ଯେ, ଠିକା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି । ଶୀଘ୍ର ପ୍ରତି ୫୦ କି.ମି.ରେ ଗୋଟିଏ ଆମ୍ବୁଲାନ୍ସ ରହିବ।




ଓଏମ୍‌ଏଲ୍‌ଟିଏର ନୂତନ କର୍ମକର୍ତ୍ତା।

ଓଏମ୍‌ଏଲ୍‌ଟିଏର ନୂତନ କର୍ମକର୍ତ୍ତା ଚୟନ

# ଯୁଧିଷ୍ଠିର ସଭାପତି, ଅକ୍ଷୟ ସମ୍ପାଦକ

**ଟିପିଲିମା, ୧୩।୩ (ଡି.ଏନ୍.ଏ.)**

ଓଡ଼ିଶା ମେଡିକାଲ ଲାବୋରେଟୋରି ଟେକ୍ନିସିଆନ ଆସୋସିଏଶନ୍ (ଓଏମ୍‌ଏଲ୍‌ଟିଏ)ର ରାଜ୍ୟସ୍ତରୀୟ ସମ୍ମିଳନୀ ବୁର୍ଲା ଭିମସାର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ କଟକ ଏସ୍‌ସିବିର ଯୁଧିଷ୍ଠିର ସେଠୀ, ଉପସଭାପତି ଭାବେ ବୁର୍ଲା ଭିମସାରର ସୁମନ୍ତ କୁମାର ସାହୁ, ସମ୍ପାଦକ ଭାବେ ପୁରୀ ମୁଖ୍ୟ ଚିକିତ୍ସାଳୟର ଅକ୍ଷୟ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଭାବେ କଟକ ଏସ୍‌ସିବିର ବିଶ୍ୱଜିତ ସେନାପତି ଓ କୋଷାଧ୍ୟକ୍ଷ ଭାବେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଲଳିତ କୁମାର ସ୍ୱାଇଁ ମନୋନୀତ ହୋଇଛନ୍ତି। ଏହି ଅବସରରେ ସାଂଗଠନିକ ଅଧ୍ୟକ୍ଷ ପ୍ରତାପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ତଥା ସମ୍ପାଦକ ତାପସ ରଞ୍ଜନ ମହନ୍ତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବିଶ୍ୱରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଭିମସାର ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର, ଡିନ ତଥା ଅଧ୍ୟକ୍ଷ ପ୍ରଫେସର ଡ. ବ୍ରଜମୋହନ ମିଶ୍ର, ଅଧୀକ୍ଷକ ପ୍ରଫେସର ଡ. ଜୟଶ୍ରୀ ଦୋରା, ପାଥୋଲୋଜି ମୁଖ୍ୟ ପ୍ରଫେସର ଡ. କୈଳାସ ଚନ୍ଦ୍ର ଅଗ୍ରୱାଲ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୫୦୦ରୁ ଊର୍ଦ୍ଧ୍ୱ ଲାବ୍ ଟେକ୍ନିସିଆନ୍ ଯୋଗ ଦେଇଥିଲେ। ସୁମନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


## ପିକ୍‌ଅପ୍ ଧକ୍କାରେ ନାବାଳକ ମୃତ

**ବାମରା, ୧୩।୩ (ସ୍ୱ.ପ୍ର.)**

ବାମରା-ଲଇକେରା ମୁଖ୍ୟ ରାସ୍ତା ବୁରୋଡିହି ଘାଟଠାରେ ବୁଧବାର ଏକ ପିକଅପ୍ ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧାରୁଆଡିହି ଥାନା ଅନ୍ତର୍ଗତ ବନ୍ଦରୁପଡାର ବାବୁଲାଲ କିସାନ ତାଙ୍କ ୧୧ ବର୍ଷିୟ ପୁଅ ହିମାଂଶୁ। ପୁଅକୁ ସାଇକେଲରେ ନେଇ ବାବୁଲାଲ ବାମରାଠାରେ ଜଣ୍ଡିସ ରୋଗ ଚିକିତ୍ସା ପାଇଁ ଯାଉଥିଲେ। ହେଲେ ବୁରୋଡିହି ଘାଟିଠାରେ ଏକ ପିକଅପ୍ (ଓଆର୍ ୨୩ ଇ- ୦୦୬୮) ସେମାନଙ୍କୁ ପଛ ପଟୁ ଧକ୍କା ଦେଇଥିଲା । ଏଥିରେ ସାଇକେଲ ପଛପଟରେ ବସିଥିବା ହିମାଂଶୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକ ତାଙ୍କୁ ପ୍ରଥମେ ଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ସୁନ୍ଦରଗଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୁନ୍ଦରଗଡ ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର ହୋଇଛି। ଏ ନେଇ ଏକ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ସାହାସପୁର ଫାଣ୍ଡି ପୋଲିସ ଦ୍ୱାରା ରୁଜୁ କରାଯାଇଛି । ଦୁର୍ଘଟଣାରେ ବାପା ବାବୁଲାଲ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ଗୋବିନ୍ଦପୁର ପୋଲିସ ଉକ୍ତ ପିକଅପ୍‌କୁ ଅଟକ ରଖିଛି।

# ଭତ୍ତା ପାଇଁ ୫ ବର୍ଷରେ ୧୦ ଥର ଆବେଦନ କଲେଣି

**ସମ୍ବଲପୁର, ୧୩।୩ (ବ୍ୟୁରୋ)**



ସତ୍ୟଭାମା ମିର୍ଦ୍ଧା ।

ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ ନଂ ୱାର୍ଡର ରାସନପୁର ଗ୍ରାମର ସତ୍ୟଭାମା ମିର୍ଦ୍ଧା। ୨୦୧୨ରେ ସ୍ୱାମୀ କୁନ୍ଦୁରୁ ମିର୍ଦ୍ଧା ଆରପାରିକୁ ଚାଲିଗଲେ। ୩ ପୁଅ ରାଜେଶ, ରାକେଶ, ମୁକେଶଙ୍କୁ ନେଇ ଘର ଚଳାଇବାକୁ କଷ୍ଟ ହେଉଛି। ବିଧବା ଭତ୍ତା ପାଇବାକୁ ସେ ୫ ବର୍ଷ ଭିତରେ ୧୦ ଥର ଆବେଦନ କଲେଣି। ହେଲେ କିଛି ଫଳପ୍ରଦ ହୋଇନି। ବାରମ୍ବାର ଏ ଅଫିସରୁ ସେ ଅଫିସ ଧାଇଁ ଧାଇଁ ଆଶା ହରେଇଲେଣି। ଅଷ୍ଟମ ଶ୍ରେଣୀରୁ ପାଠ ପଢା ଛାଡି ରାଜେଶ ପରିବାର ପାଇଁ ଆର୍ଥିକ ସହଯୋଗ କରିବା ପାଇଁ ରୋଜଗାରରେ ଲାଗି ପଡିଲେ । ମୁକେଶ ସରକାରୀ ସ୍କୁଲର ହଷ୍ଟେଲରେ ରହି ପାଠ ପଢୁଛନ୍ତି। ରାକେଶଙ୍କ ପାଠ ପଢା ନିୟମିତ ରହୁନାହିଁ। ଏବେ ସତ୍ୟଭାମା ବିଭିନ୍ନ ରୋଗରେ ପୀଡିତ। କାମ ଧନ୍ଦା ପାଇଁ ଆଉ ଯାଇ ପାରୁନାହାନ୍ତି । ଚିକିତ୍ସା ଓ ଔଷଧ ଖର୍ଚ୍ଚ ପାଇଁ ଟଙ୍କା ନାହିଁ। ତେବେ ସତ୍ୟଭାମାଙ୍କୁ ଦେଖିଲେ ଜଣା ପଡୁଛି ଯେ ସରକାରଙ୍କ ଭତ୍ତା ବଣ୍ଟନ ଯୋଜନା ଫେଲ୍ ମାରିଛି। ଉଚିତ ହିତାଧିକାରୀମାନଙ୍କ ପାଖରେ ଯୋଜନା ପହଞ୍ଚିପାରୁନାହିଁ । ଏ ସମ୍ପର୍କରେ ମହାନଗର ନିଗମ ଅଧିକାରୀ ଅପର୍ଣ୍ଣା ପାଢୀ କହିଛନ୍ତି ଯେ, ଯଦି ସେ ମହିଳା ଜଣକ ଆବେଦନ କରିଥିବେ ତାହା ହେଲେ ଅଫିସରେ ଆବେଦନପତ୍ର ଥିବା । ତାଙ୍କୁ ନିଶ୍ଚୟ ଭାବେ ଭତ୍ତା ଦେବାର ବ୍ୟବସ୍ଥା କରାଯିବ । ଏ ସମ୍ପର୍କରେ ଜିଲାପାଳ ଶୁଭମ ସକସେନାଙ୍କୁ ପଚାରିବାରୁ ଭତ୍ତା ଦେବାରେ ଏଭଳି ତ୍ରୁଟିକୁ ନେଇ ତଦନ୍ତ କରାଯିବ। ଶୀଘ୍ର ଭତ୍ତା ପ୍ରଦାନ କରାଯିବ ବୋଲି କହିଥିଲେ।

# ବନ୍ଦ ହେଲା ନାବାଳିକାଙ୍କ ବିବାହ

**ସମ୍ବଲପୁର, ୧୩।୩ (ବ୍ୟୁରୋ)**

ସମ୍ବଲପୁର ଜିଲାରେ ସଚେତନତା ଅଭାବରୁ ଦିନକୁ ଦିନ ବୟସ ହେବା ପୂର୍ବରୁ ଝିଅମାନଙ୍କୁ ବିବାହ କରାଯାଉଛି । ଅନେକ ସ୍ଥାନରେ ପ୍ରଶାସନ ପାଖକୁ ଖବର ନ ଆସିବାରୁ ବିବାହ ସମ୍ପୂର୍ଣ୍ଣ ହୋଇଯାଇଛି। ବାଲ୍ୟ ବିବାହ ରୋକିବାରେ ପ୍ରଶାସନ ଫେଲ୍ ମାରୁଛି ।

ସୋମବାର ସମ୍ବଲପୁର କ୍ଷେତରାଜପୁର ଥାନା ଅନ୍ତର୍ଗତ ଏକ ପଡାରେ ବାଲ୍ୟ ବିବାହ ବନ୍ଦ ହୋଇଥିଲା। ପୁଣି ବୁଧବାର ଝୁଝୁମୁରା ଥାନା ଅଞ୍ଚଳରେ ଏକ ବିବାହ ବନ୍ଦ କରାଯାଇଛି । ରେଢାଖୋଲ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ଡିଏସ୍‌ପି ସାର୍ଥକ ରାୟଙ୍କ ସମେତ ଝୁଝୁମୁରା ପୋଲିସ, ଚାରମାଲ ଚାଇଲ୍ଡଲାଇନ କର୍ମଚାରୀ, ଝୁଝୁମୁରା ସିଡିପିଓ ସବିତା ନାଏକ ଖବର ପାଇ ଚଢାଉ କରିଥିଲେ। ନାବାଳିକାଙ୍କୁ ଉଦ୍ଧାର କରି ଉଭୟ ପକ୍ଷକୁ ନେଇ ବୈଠକ କରିଥିଲେ। ନାବାଳିକା ବିବାହ ଆଇନଗତ ଅପରାଧ। ତେଣୁ ପ୍ରାପ୍ତ ବୟସ୍କ ହେଲେ ବିବାହ କରିବାକୁ ଉଭୟ ପରିବାରକୁ ପରାମର୍ଶ ଦିଆ ଯାଇଛି। ଉଭୟ ପରିବାର ମଧ୍ୟ ରାଜିନାମା ଲେଖିଛନ୍ତି।

## କାକା ଟାଙ୍ଗିଆ ଚୋଟରେ ପୁତୁରା ମୃତ

**ବାମରା, ୧୩।୩ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲି ଥାନା ପାରିମୁଣ୍ଡା ନିକ୍ରିମାଲରେ ମଙ୍ଗଳବାର ରାତିରେ କାକାର ଟାଙ୍ଗିଆ ଚୋଟରେ ପୁତୁରାର ମୃତ୍ୟୁ ଘଟିଛି। ମୃତକ ହେଲେ ପାଉଲୁସ ଖଡିଆ (୩୨)। ପାଉଲୁସଙ୍କ କାକା ପାତ୍ରିସ ଖଡିଆଙ୍କୁ ପୋଲିସ ଗିରଫ କରିଛି। ମହୁଲପାଲି ଥାନା ପୋଲିସ ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ପାଉଲୁସଙ୍କ ଖୁଡି ତଥା ପାତ୍ରିସଙ୍କ ସ୍ତ୍ରୀଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ କରୁଛି। ସାମାନ୍ୟ ବଚସା ଯୋଗୁ ଏହା ଘଟିଛି।

# ଅନ୍ଧାରରେ ଚକାମୁଣ୍ଡା ଗାଁର ବନ୍ଧପଡ଼ା

**ରେଢାଖୋଲ, ୧୩।୩ (ଡି.ଏନ.ଏ)**

ରେଢାଖୋଲ ବ୍ଲକ ରେଙ୍ଗାଲି ପଞ୍ଚାୟତର ଚକାମୁଣ୍ଡା ଗାଁର ବନ୍ଧପଡାକୁ ବିଦ୍ୟୁତ୍ ସଂଯୋଗ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ବିଶିକେଶନ ଦେହୁରିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀ ଦାବି କରିଛନ୍ତି ଯେ ବନ୍ଧପଡାରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଆଦିବାସୀ ଓ ହରିଜନ ଜାତିର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଚକାମୁଣ୍ଡା ଗ୍ରାମରୁ ଏହି ବସ୍ତି ମାତ୍ର ଦେଢ କି.ମି. ଦୂରରେ ଅବସ୍ଥିତ। ଚକାମୁଣ୍ଡା ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହୋଇଥିବା ବେଳେ ସେମାନଙ୍କ ବସ୍ତିକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ।

ବସ୍ତିବାସିନ୍ଦା ଏ ନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଘରେ ଘରେ ମିଟର ଲଗା ଯାଇଛି। ହେଲେ ପୋଲ ପଡିନି। ତାର ଟଣା ଯାଇନି। ଟ୍ରାନ୍ସଫର୍ମର ସ୍ଥାପନ ହୋଇନାହିଁ। କିଛି ନ ହେଇ ବି କେତେଜଣ ଗ୍ରାମବାସୀଙ୍କ ପାଖକୁ ବିଦ୍ୟୁତ୍ ବିଲ୍ ଆସିଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତି ଗାଁକୁ ବିଜୁଳି ଯୋଗାଇବା ସହ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରଙ୍କୁ ମାଗଣାରେ ବିଦ୍ୟୁତ ଯୋଗାଇ ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ଏବେ ମଧ୍ୟ ଅନେକ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଖୋଦ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଧ୍ୟ ଅନେକ ସଭାସମିତିରେ ଏହି ନିର୍ବାଚନ ମଣ୍ଡଳିର ୭ଶହ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବା କହୁଛନ୍ତି। ହେଲେ ବନ୍ଧପଡାକୁ ଦେଖିଲେ ଯୋଜନା ଲୋକଙ୍କ ପାଖରେ ପହଞ୍ଚି ପାରୁନି। କେବଳ ମିଛ ହିସାବ ଦିଆ ଯାଉଛି ବୋଲି ପ୍ରମାଣିତ ହୋଇଛି। ରେଙ୍ଗାଲି ପଞ୍ଚାୟତର ନାଏବ ସରପଞ୍ଚ ପ୍ରୀତିମୋହନ କଲତା, ରୀନା ମିର୍ଦ୍ଧା, ଶରତ ମିର୍ଦ୍ଧା, ବୃନ୍ଦାବନ ମିର୍ଦ୍ଧା, ତିଲୋମା ମିର୍ଦ୍ଧା, ଦେବେନ୍ଦ୍ର ମିର୍ଦ୍ଧା ପ୍ରମୁଖ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ସ୍ତ୍ରୀଙ୍କୁ ପିଟି ହତ୍ୟାକଲେ ସ୍ୱାମୀ

**ଲହୁଣୀପଡା, ୧୩।୩ (ଡି.ଏନ.ଏ)**

ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ ବାଡିରେ ପିଟିପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଲହୁଣୀପଡା ଥାନା ଅନ୍ତର୍ଗତ ବୁର୍ଡା ପଞ୍ଚାୟତର ରାମାରୁଡା ଗ୍ରାମରେ ମଙ୍ଗଳବାର ରାତି ପ୍ରାୟ ୧ଟାରେ ଏହି ଘଟଣା ଘଟିଛି। ରାତିରେ ଖାଇ ସାରି ସ୍ୱାମୀସ୍ତ୍ରୀ ଶୋଇଥିଲେ। କୌଣସି କାରଣ ଯୋଗୁ ରାମଚନ୍ଦ୍ର ମୁଣ୍ଡା (୨୭) ସ୍ତ୍ରୀ ଯମୁନା (୨୫)ଙ୍କ ସହିତ ଝଗଡା କରିଥିଲେ। ଯମୁନା ବିରୋଧ କରିବାରୁ ରାମଚନ୍ଦ୍ର ଅତ୍ୟଧିକ ରାଗି ଯାଇ ଏକ ବାଡିରେ ଯମୁନାଙ୍କୁ ବାରମ୍ବାର ପ୍ରହାର କରିଥିଲେ। ରକ୍ତାକ୍ତ ଅବସ୍ଥାରେ ସକାଳ ପର୍ଯ୍ୟନ୍ତ ଯମୁନା ପଡିରହିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାମଚନ୍ଦ୍ରଙ୍କ ଘର ସାହି ମଧ୍ୟରୁ ଅନତି ଦୂରରେ ଥିବାରୁ କେହି ଜାଣିପାରି ନ ଥିଲେ। କିନ୍ତୁ କୌଣସି ମତେ ଲୋକମାନେ ଜାଣି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିବା ସହିତ ବାଡିକୁ ମଧ୍ୟ ଜବତ କରିଥିଲେ।

# ଡ୍ରାଇଭରଙ୍କୁ ଛୁରା ମାରି ଲୁଟ୍ ଘଟଣା: ୩ ଗିରଫ

**ସମ୍ବଲପୁର, ୧୩।୩ (ବ୍ୟୁରୋ)**



ଗିରଫ ହୋଇଥିବା ଅଭିଯୁକ୍ତ ।

ସମ୍ବଲପୁର ଜିଲା ଶାସନ ଥାନା ମାଝିପାଲି ନିକଟରେ ୯ ତାରିଖ ବିଳମ୍ବିତ ରାତିରେ ଟ୍ରକ୍ ଡ୍ରାଇଭର ବିଶ୍ୱନାଥ ଧଳଙ୍କୁ ଛୁରା ମାରି ଲୁଟ୍ ହୋଇଥିଲା । ଏହି ଘଟଣାର ୩ ଦିନ ପରେ ଶାସନ ଥାନା ପୋଲିସ ପର୍ଦ୍ଦାଫାସ କରିଛି । ଜଣେ ନାବାଳକଙ୍କ ସମେତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ଠେଲକୋଲି ଥାନା ବଇଁଶିମାଳର ରାଜେନ୍ଦ୍ର ଭୋଇ (୨୪) ଓ ଶାସନ ଥାନା ଟିଠେଇପାଲି ଗ୍ରାମର ଗୌତମ ନେଟୀ (୨୫) । ଅଭିଯୁକ୍ତଙ୍କ ନିକଟରୁ ବ୍ୟବହୃତ ଛୁରୀ ଓ ବାଇକ ସହ ଲୁଟ୍ ହୋଇଥିବା ମୋବାଇଲ ଓ ୧ ହଜାରେ ଟଙ୍କା ଜବତ ହୋଇଛି ବୋଲି ଶାସନ ଥାନା ଅଧିକାରୀ ଜୟ ରଶ୍ମି ସେଠୀ କହିଛନ୍ତି । ଅଭିଯୁକ୍ତମାନଙ୍କ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ଯାଇଛନ୍ତି। ନାବାଳକ ଅଭିଯୁକ୍ତଙ୍କୁ ବାଳ ସୁଧା ଗୃହକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ଘଟଣାରେ ଜବତ ହୋଇଥବା ବାଇକ ଚୋରା ବୋଲି ଜଣା ପଡିଛି। ବାଇକଟି ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ସେଠି କହିଛନ୍ତି ।







# ବଦଳିପାରେ ସମୀକରଣ

**କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ**

| ୨୦୧୪ ନିର୍ବାଚନର ଫଳାଫଳ | | |
|---|---|---|
| ଅର୍କ କେଶରୀ ଦେଓ | ବିଜେଡି | ୩,୭୦,୮୭୧ |
| ପ୍ରଦୀପ୍ତ କୁମାର ନାଏକ | ଭାଜପା | ୩,୧୪,୫୨୪ |
| ଭକ୍ତ ଚରଣ ଦାସ | କଂଗ୍ରେସ | ୩,୦୭,୯୬୭ |

**ମୋଟ ଭୋଟର ସଂଖ୍ୟା**
୧୫, ୮୫,୦୮୩

**ପୁରୁଷ ଭୋଟର**
୮,୦୧,୫୫୦

**ମହିଳା ଭୋଟର**
୭,୮୩,୫୩୩

**ଉତ୍ତମ କୁମାର ଦାଶ**
ଭବାନୀପାଟଣା,୧୩।୩(ସ୍ୱ.ପ୍ର.)

ଓଡ଼ିଶାର ୨୧ ଲୋକ ସଭା ଆସନ ମଧ୍ୟରୁ କଳାହାଣ୍ଡି ନିର୍ବାଚନମଣ୍ଡଳୀର ସ୍ଥାନ ସ୍ୱତନ୍ତ୍ର। ନିର୍ବାଚନ ତାରିଖ ଘୋଷଣା ପରେ ଏହି ନିର୍ବାଚନମଣ୍ଡଳୀର ରାଜନୈତିକ ବାତାବରଣ ଉଷ୍ମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ। ଏଥିପାଇଁ ଆ।ଗୁ।ଆ। ପ୍ରାର୍ଥୀଙ୍କ ନାମ ଘୋଷଣା ହେବାର ସମ୍ଭାବନା ରହିଛି। ସେଥିପାଇଁ ବିଭିନ୍ନ ଦଳର ଆଶାୟୀମାନେ ନିଜ ଉଦ୍ୟମରେ ଟିକେଟ ହାସଲ ପାଇଁ ଲବି ଆରମ୍ଭ କରିଛନ୍ତି।



ବର୍ତ୍ତମାନ ସୁଦ୍ଧା ଦୃଶ୍ୟମାନ ହେଉଥିବା ରାଜନୈତିକ ଚିତ୍ର ଅନୁଯାୟୀ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ବହୁ ଆଶାୟୀ ଟିକେଟ୍ ଦୌଡ଼ରେ ରହିଛନ୍ତି। ବିଜେଡିରୁ ବର୍ତ୍ତମାନର ଏମ୍ପି ଅର୍କକେଶରୀ ଦେଓଙ୍କ ସମେତ ରାଜ୍ୟ ଯୋଜନା ବୋର୍ଡ ସ୍ୱତନ୍ତ୍ର ସଚିବ ସୁଜିତ କୁମାର ସେଠ୍, ଜିଲା ସଭାପତି ତଥା ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଓ ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ ଭୂପିନ୍ଦର ସିଂଙ୍କ ନାମକୁ ନେଇ ଚର୍ଚ୍ଚା ଚାଲିଛି। ଏହି ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିବା ସମ୍ଭାବନା ରହିଛି। ସେହିପରି ଭାଜପାରୁ ପୂର୍ବତନ ମନ୍ତ୍ରୀ ତଥା ଭାଜପା ଜିଲା ସଭାପତି ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ମହାରାଣୀ ପଦ୍ମଜା ମଞ୍ଜରୀ ଦେଓଙ୍କ ନାମ ସାମ୍‌ନାକୁ ଆସିଛି। ଗତ ନିର୍ବାଚନରେ ପରାଜିତ ହୋଇଥିବା ପ୍ରଦୀପ୍ତ ଟିକେଟ୍ ଦୌଡରେ ଆଗରେ ରହିଥିବା ଦଳୀୟ କର୍ମୀମାନେ କହିଛନ୍ତି। ସେହିପରି କଂଗ୍ରେସରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସ, ଜୁନାଗଡ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାଶ, ପୂର୍ବତନ ଏମ୍ପି ଜଗନ୍ନାଥ ପଟ୍ଟନାୟକ ପ୍ରମୁଖଙ୍କ ମଧ୍ୟରୁ ଜଣେ ଟିକେଟ୍ ପାଇବେ ବୋଲି ଜଣାପଡିଛି।

ସ୍ୱାଧୀନତା ପରଠାରୁ ଏହି ଲୋକ ସଭା ନିର୍ବାଚନମଣ୍ଡଳୀରୁ ୧୬ଜଣ ଏମ୍ପି ନିର୍ବାଚିତ ହୋଇଛନ୍ତି।

୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ କଂଗ୍ରେସର ଭକ୍ତଚରଣ ଦାସ ଏମ୍ପି ଥିଲେ। ୨୦୧୪ରୁ ବର୍ତ୍ତମାନ ଯାଏଁ ବିଜେଡିର ଅର୍କକେଶରୀ ଦେଓ ଏମ୍ପି ରହିଛନ୍ତି। ଗତ ନିର୍ବାଚନରେ ଏଠାରେ ଭାଜପାର ପ୍ରଦୀପ୍ତ କୁମାର ନାଏକ ୫୫ ହଜାର ଭୋଟ ବ୍ୟବଧାନରେ ହାରିଥିଲେ। ହେଲେ ତାଙ୍କ ଭୋଟ ପ୍ରତିଶତ ବଢ଼ିଥିଲା। ପ୍ରଦୀପ୍ତଙ୍କ ନେତୃତ୍ୱରେ ଭାଜପା ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଓ କଂଗ୍ରେସକୁ ଚକ୍‌ମା ଦେଇ ୩୬ ଆସନରୁ ୩୩ ଜିଲା ପରିଷଦ ଆସନକୁ ଅକ୍ତିଆର କରିଥିଲା। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, କଳାହାଣ୍ଡିରେ ଭାଜପାର ଭୋଟ ହାର ପୂର୍ବପେକ୍ଷା ଯଥେଷ୍ଟ ବଢିଛି। ସେହି ଆଧାରରେ ଏଠାରେ ଭାଜପା ପ୍ରାର୍ଥୀଙ୍କ ବିଜୟ ସମ୍ଭାବନା ଅଧିକ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଓ ଏକାଧିକ ଜନକଲ୍ୟାଣ ଯୋଜନାକୁ ପାଥେୟ କରି ବିଜେଡି ପ୍ରାର୍ଥୀ ପୁଣି ଥରେ ଏହି ଆସନରୁ ବିଜୟୀ ହେବା ପାଇଁ ଦଳ ଆଶା ରଖିଛି। କଂଗ୍ରେସ ବି ରାହୁଲ ଗାନ୍ଧୀଙ୍କ ବଳିଷ୍ଠ ନେତୃତ୍ୱକୁ ନେଇ ବିଜୟୀ ହେବା ପାଇଁ ଆଶା ବାନ୍ଧିଛି। ଏହି ପରିପ୍ରେକ୍ଷୀରେ ଭାଜପା ପଛରେ ପଡ଼ିନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ଆଧାର କରି ଏଥର ଦଳ ବିଜୟୀ ହେବ ବୋଲି ଭାଜପା କର୍ମକର୍ତ୍ତା କହିଛନ୍ତି। ଏନେଇ ଏମ୍ପି ଅର୍କକେଶରୀ ଦେଓ କହିଛନ୍ତି, ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଯୋଜନା ତୃଣମୂଳସ୍ତରରେ ପହଞ୍ଚିଛି। ପ୍ରତିଲୋକ ଉପକୃତ ହେଉଛନ୍ତି। ଦଳ ସୁଯୋଗ ଦେଲେ ନିଶ୍ଚିତ ଭାବେ ଲଢିବି ବୋଲି ସେ କହିଛନ୍ତି। ଭାଜପା ନେତା ପ୍ରଦୀପ୍ତ କୁମାର ନାଏକ କହନ୍ତି, ଟିକେଟ ପାଇବାର ମୋର ଯଥେଷ୍ଟ ସମ୍ଭାବନା ରହିଛି। ମୋଦି ସରକାରଙ୍କ ଲୋକପ୍ରିୟତା, ବିଭିନ୍ନ ଯୋଜନା ଏଥର ଦଳକୁ ନିଶ୍ଚିତ ଭାବେ ବିଜୟୀ କରାଇବ। ଗତ ପଞ୍ଚାୟତ ନିର୍ବାଚନରେ ଯାହାର ପ୍ରମାଣ ମିଳି ସାରିଛି। କଂଗ୍ରେସର ପୂର୍ବତନ ଏମ୍ପି ଭକ୍ତ ଚରଣ ଦାସ କହନ୍ତି, ଯାହାକିଛି ଉନ୍ନତି ହୋଇଛି ତାହା କଂଗ୍ରେସ ସମୟରେ ହୋଇଛି। ବିଜେଡି ଓ ଭାଜପା ସମୟରେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ହୋଇପାରିନାହିଁ। ଦଳର ହାଇକମାଣ୍ଡଙ୍କ ଉପରେ ମୋର ବିଶ୍ୱାସ ଅଛି। ସେ ଯାହା ଦାୟିତ୍ୱ ଦେବେ ତାକୁ ମାନିବି ବୋଲି ଭକ୍ତ କହିଛନ୍ତି।

## କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀର ରୂପରେଖ

୧୯୫୨ରେ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ଗଠିତ ହୋଇଥିଲା। କଳାହାଣ୍ଡି ଓ ନୂଆପଡା ଜିଲାକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ୨୦୧୧ ଜନଗଣନା ଅନୁଯାୟୀ ଏଠାକାର ମୋଟ ଜନସଂଖ୍ୟା ୨୧, ୭୯, ୫୪୪। ୨୦୧୪ ନିର୍ବାଚନରେ ଏଠାରେ ମତଦାନ ହାର ୭୬.୨୪% ରହିଥିଲା। ବିଜେଡି ସପକ୍ଷରେ ସର୍ବାଧିକ ୩୩.୧୯% ଭୋଟ ଯାଇଥିବା ବେଳେ ୨୮.୧୪% ଭୋଟ ଭାଜପା ଓ ୨୭.୫୬% ଭୋଟ କଂଗ୍ରେସ ହାତକୁ ଯାଇଥିଲା।


ଅର୍କକେଶରୀ ଦେଓ


ଭକ୍ତ ଚରଣ ଦାସ


ପ୍ରଦୀପ୍ତ ନାଏକ

# ଏଥର ତ୍ରିମୁଖୀ ଲଢ଼େଇ

**ନାରାୟଣ ପ୍ରସାଦ ବାରିକ**
ବାସୁଦେବପୁର, ୧୩।୩

ଭଦ୍ରକ ଜିଲାର ବାସୁଦେବପୁର ବିଧାନସଭା କ୍ଷେତ୍ର ଏବେ ନିର୍ବାଚନୀ ଚର୍ଚ୍ଚାର ଆଗରେ ରହିଛି। କ୍ରମାଗତ ୬ଟି ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ପରାଜିତ କରି ବିଧାୟକ ଭାବେ ନିର୍ବାଚିତ ହୋଇ ବର୍ତ୍ତମାନ ରାଜ୍ୟ ମନ୍ତ୍ରିମଣ୍ଡଳରେ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ଥିବା ବିଜୟଶ୍ରୀ ରାଉତରାୟ ଆଗାମୀ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଓ ଭାଜପା ଉକ୍ତ ଆସନକୁ ଟାର୍ଗେଟ କରି ରଣନୀତି ପ୍ରସ୍ତୁତ କରୁଛନ୍ତି। ମନ୍ତ୍ରୀ ରାଉତରାୟଙ୍କ ସ୍ଥାନରେ ତାଙ୍କ ପୁତ୍ର ତଥା ବିଜେଡି ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ ପ୍ରାର୍ଥୀ ହେବା ନେଇ ଆଲୋଚନା ହେଉଛି। ଏହି ପୃଷ୍ଠଭୂମିରେ ପରିବର୍ତ୍ତନ, ପରିବାରବାଦ ଓ ସରକାର ବିରୋଧୀ ହାୱାକୁ ଭୋଟରେ ରୂପାନ୍ତରିତ କରିବା ଲାଗି ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଓ ଭାଜପା ଆଗୁଆ ଉଦ୍ୟମ ଆରମ୍ଭ କରିଛନ୍ତି।

୧୯୮୦ ମସିହାରେ ଜନତା ଦଳ ଟିକେଟରୁ ବିଜୟଶ୍ରୀ ରାଉତରାୟ ରାଜନୈତିକ ଜୀବନ ଆରମ୍ଭ କରି ୧୯୮୦ ରୁ ୧୯୮୫ ଓ ୧୯୮୫ ରୁ ୧୯୯୦ ନିର୍ବାଚନ ଲଢି ଯଥାକ୍ରମେ କଂଗ୍ରେସ ପ୍ରାର୍ଥୀ ଜଗବନ୍ଧୁ ଦାସ ଓ ମଧୁସୂଦନ ପାଣିଗ୍ରାହୀଙ୍କ ଠାରୁ ପରାଜୟବରଣ କରିଥିଲେ । ୧୯୯୦ରେ ଦୃଶ୍ୟପଟରେ ପରିବର୍ତ୍ତନ ଘଟିଲା। ସେବେଠାରୁ ୨୦୧୪ ପର୍ଯ୍ୟନ୍ତ ୬ଟି ନିର୍ବାଚନରେ ରାଉତରାୟ ଜନତା ଦଳ ଓ ବିଜେଡିରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ହାସଲ କରି ଆସିଛନ୍ତି। ସେ କଂଗ୍ରେସ ପ୍ରାର୍ଥୀ ମୀନାକ୍ଷୀ ନାୟକଙ୍କୁ ୨ ଥର, ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଥରେ, ମାଧବାନନ୍ଦ ମଲିକଙ୍କୁ ୩ ଥର ପରାଜିତ କରି ପାରିଛନ୍ତି। ତେବେ ଆଗାମୀ ନିର୍ବାଚନରେ ସେ ଆଉ ପ୍ରାର୍ଥୀ ହେବେ ନାହିଁ ବୋଲି ନିଜ ତରଫରୁ ଘୋଷଣା କରିଥିବାରୁ ନୂଆ ରାଜନୈତିକ ସମୀକରଣ ଉପରେ ସମସ୍ତଙ୍କ ଆଖି ରହିଛି। ପୂର୍ବ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ବେଳେ ଆଗାମୀ ନିର୍ବାଚନରେ ପ୍ରଥମ ଥର ଲାଗି କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆକଳନ କରାଯାଉଛି।

ବିଗତ ୩ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ମାଧବାନନ୍ଦ ମଲିକ ୩ ମାସ ତଳେ ଦଳ ତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି। ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ନଗରପାଳ ଅଶୋକ ଦାସ ତାଙ୍କ ସ୍ଥାନରେ ଦଳର ମଙ୍ଗ ଧରିବେ ବୋଲି ଚର୍ଚ୍ଚା ହେଉଛି। ବର୍ତ୍ତମାନ କଂଗ୍ରେସର ନେତୃତ୍ୱ ନେଉଥିବା ଦାସ ଜଣେ ଯୁବନେତା । ସଂଗଠନକୁ ଅଧିକ ମଜଭୁତ କରିବା ପାଇଁ ସେ ବିଭିନ୍ନ ପଞ୍ଚାୟତ ବୁଲି ଭୋଟର ଓ ଦଳୀୟ କର୍ମୀ ତଥା ସମର୍ଥକଙ୍କୁ ଏକଜୁଟ କରିବାରେ ଲାଗିଛନ୍ତି। ପୂର୍ବ ନିର୍ବାଚନ ପରି ଦଳ ମଧ୍ୟରେ ଏବେ ନେତୃତ୍ୱ କନ୍ଦଳ ନ ଥିବା ଦଳର ନେତାମାନେ କହୁଛନ୍ତି। ତେବେ ଦଳ ପକ୍ଷରୁ ଅନ୍ୟ ଜଣେ ଯୁବନେତା ପ୍ରକାଶଜ୍ୟୋତି ମହାକୁଡ ଦଳୀୟ ଟିକେଟ ପାଇଁ ଆବେଦନ କରି ଆଶାୟୀ ଥିବା ଜଣାପଡିଛି। ଭାଜପା ପକ୍ଷରୁ ଦଳର ବରିଷ୍ଠ ନେତା ମାଧବାନନ୍ଦ ମଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତି, ଜିଲା ଉପସଭାପତି ଅଶୋକ ସାହୁ ଟିକେଟ ପାଇବାକୁ ଆଶାୟୀ ଥିବା ଚର୍ଚ୍ଚା ଜୋର ଧରିଛି। ଗତ ୨୦୦୯ ନିର୍ବାଚନରେ ଅଶୋକ ସାହୁ ପ୍ରାର୍ଥୀ ହୋଇଥିଲା ବେଳେ ୨୦୧୪ ନିର୍ବାଚନରେ ଦୀନବନ୍ଧୁ ପତି ପ୍ରାର୍ଥୀ ହୋଇଥିଲେ। ବିଜେଡି ତରଫରୁ କିଏ ପ୍ରାର୍ଥୀ ହେବେ ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ଅଶାୟୀଙ୍କ ମଧ୍ୟରେ ବିଜେଡି ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ଚର୍ଚ୍ଚାର ଆଗରେ ରହିଛନ୍ତି। ଗତ ୩ ବର୍ଷ ଧରି ସେ ନିର୍ବାଚନମଣ୍ଡଳୀରେ ଡେରା ପକାଇ ସଂଗଠନ ଦାୟିତ୍ୱ ବୁଝାଶୁଝା କରୁଛନ୍ତି। ଏହି ନିର୍ବାଚନମଣ୍ଡଳୀରୁ ଦଳ ପକ୍ଷରୁ ଅନ୍ୟ କୌଣସି ଦାବିଦାର ଆଗକୁ ଏଯାଏ ଆସି ନ ଥିଲେ ମଧ୍ୟ ବିଷ୍ଣୁବ୍ରତଙ୍କ ସମର୍ଥକମାନେ ଉତ୍ସାହିତ ରହି ସଭା ସମାବେଶ ଆୟୋଜନ କରୁଛନ୍ତି। ମନ୍ତ୍ରୀ ରାଉତରାୟ ନିଜ ସ୍ଥାନରେ ପୁତ୍ରକୁ ଅବସ୍ଥାପିତ କରି ବିଜୟୀ କରିବା ଲକ୍ଷ୍ୟରେ ପଞ୍ଚାୟତକୁ ପଞ୍ଚାୟତ ବୁଲି ନବୀନ ସରକାରଙ୍କର ଉନ୍ନତିମୂଳକ ଯୋଜନାକୁ ପ୍ରଚାରର ପ୍ରମୁଖ ମାଧ୍ୟମ କରିଛନ୍ତି। ତେବେ ଆଗାମୀ ନିର୍ବାଚନ ବିଜେଡି ଦଳ ପାଇଁ ସମ୍ମାନର ପ୍ରଶ୍ନ ହେବ ବୋଲି ଆଲୋଚନା ହେଉଛି। କଂଗ୍ରେସର ଆଶାୟୀ ପ୍ରାର୍ଥୀ ଅଶୋକ ଦାସ କହିଛନ୍ତି, ବାସୁଦେବପୁର ଭୋଟର ପରିବାରବାଦ ରାଜନୀତିରେ ପୂର୍ଣ୍ଣଚ୍ଛେଦ ପକାଇ ଆଗାମୀ ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରିବେ। ବିଜେଡିର ଆଶାୟୀ ବିଷ୍ଣୁବ୍ରତ ରାଉତରାୟ କହିଛନ୍ତି, ଭୋଟରମାନେ ବିଜେଡିକୁ ଗତ ୬ଟି ନିର୍ବାଚନରେ ବିଜୟୀ କରାଇଆସିଛନ୍ତି। ଏହି ଦଳ ପ୍ରତି ସେମାନଙ୍କର ଅକୁଣ୍ଠ ସମର୍ଥନ ରହିଛି। ଭାଜପାର ଆଶାୟୀ ପ୍ରାର୍ଥୀ ମାଧବାନନ୍ଦ ମଲିକ କହିଛନ୍ତି, ଦୀର୍ଘ ୪୦ବର୍ଷ ଧରି ସେ ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ସୁଖଦୁଃଖରେ ସାଥୀ ହୋଇଆସିଛନ୍ତି। ଭୋଟରମାନେ ତାଙ୍କୁ ନିଶ୍ଚୟ ସମର୍ଥନ ଦେବେ।

# କାହା ପାଇଁ ସମ୍ମାନର ପ୍ରଶ୍ନ, କାହା ପାଇଁ ପରିବର୍ତ୍ତନ

| ୨୦୧୪ ନିର୍ବାଚନ ଫଳାଫଳ | | |
|---|---|---|
| ବିଜୟଶ୍ରୀ ରାଉତରାୟ | ବିଜେଡି | ୭୭,୭୮୧ ଖଣ୍ଡ |
| ମାଧବାନନ୍ଦ ମଲିକ | କଂଗ୍ରେସ | ୭୧,୨୭୫ |
| ଦୀନବନ୍ଧୁ ପତି | ଭାଜପା | ୧୫,୩୩୯ |





ଅଶୋକ ଦାସ


ବିଷ୍ଣୁବ୍ରତ ରାଉତରାୟ


ମାଧବାନନ୍ଦ ମଲିକ

## ନିର୍ବାଚନ ମଣ୍ଡଳୀର ରୂପରେଖ

ଏହି ନିର୍ବାଚନମଣ୍ଡଳୀ ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ, ବାସୁଦେବପୁର ପୌରପାଳିକାର ୨୩ ୱାର୍ଡ ଓ ତିହିଡି ବ୍ଲକର ୯ପଞ୍ଚାୟତକୁ ନେଇ ଗଠିତ ହୋଇଛି। ମୋଟ ଭୋଟରଙ୍କ ସଂଖ୍ୟା ୨,୪୬,୩୨୦। ସେଥିମଧ୍ୟରୁ ୧,୨୯,୪୫୬ ପୁରୁଷ ଭୋଟର ଓ ୧,୧୬,୮୫୩ ମହିଳା ଭୋଟର ରହିଛନ୍ତି।

## ଗୌରବମୟ ଐତିହ୍ୟ

ଅତୀତରେ ଏହି ନିର୍ବାଚନମଣ୍ଡଳୀରୁ ନବକୃଷ୍ଣ ଚୌଧୁରୀ, ଡ. ହରେକୃଷ୍ଣ ମହତାବ, ନୀଳମଣି ରାଉତରାୟଙ୍କ ଭଳି ବ୍ୟକ୍ତିତ୍ୱ ନିର୍ବାଚନ ଲଢି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେହିପରି ସ୍ୱର୍ଗତ ନନ୍ଦକିଶୋର ଜେନା, ଚକ୍ରଧର ବେହେରା, ଜଗବନ୍ଧୁ ଦାସ, ମଧୁସୂଦନ ପାଣିଗ୍ରାହୀ ପ୍ରମୁଖ ନେତୃମଣ୍ଡଳୀ ବିଧାୟକ ଭାବେ ନିର୍ବାଚିତ ହୋଇ ରାଜ୍ୟ ରାଜନୀତିରେ ଏକ ପ୍ରମୁଖ ଭୂମିକା ତୁଲାଥିଲେ।

---

# ଚିନ୍ତା ବଢ଼ାଇଛି ନୂଆ ମୁହଁ

**ବସନ୍ତ ଧଳ**
ରାଉରକେଲା ଅଫିସ,୧୩।୩

ସୁନ୍ଦରଗଡ଼ ଜିଲାର ୭ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି ରଘୁନାଥପାଲ୍ଲୀ। ଷ୍ଟିଲ ଟାଉନଶିପ୍, ଫର୍ଟିଲାଇଜର ଟାଉନଶିପ୍ ସହ ଲାଠିକଟା ବ୍ଲକର ୭ ପଞ୍ଚାୟତକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ।

୨୦୦୯ ଓ ୨୦୧୪ ନିର୍ବାଚନରେ ଏହି ଆସନରୁ ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ ବିଜୟୀ ହୋଇଛନ୍ତି। ତାଙ୍କ ଅଭିଜ୍ଞତା ଓ ନିର୍ବାଚନ ମଣ୍ଡଳୀର ବିକାଶକୁ ଆଧାରକରି ଦଳ ତାଙ୍କୁ ପୁଣି ଥରେ ଟିକେଟ୍ ଦେବ ବୋଲି ସେ ଆଶା ବାନ୍ଧିଛନ୍ତି। ଏହାପରେ ବି କେତେଜଣ ନୂଆ ମୁହଁ ସାମ୍‌ନାକୁ ଆସିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ରାଷ୍ଟ୍ରାୟତ ବ୍ୟାଙ୍କ ଶାଖା ମ୍ୟାନେଜର ରହିଛନ୍ତି। ଗତ ନିର୍ବାଚନ ସମୟରୁ ସେ ଟିକେଟ ପାଇଁ ଉଦ୍ୟମ କରି ଫେଲ୍ ମାରିଥିଲେ। ଏଥର ସେ ନିଶ୍ଚିତ ଟିକେଟ ପାଇବେ ବୋଲି ଆଶା ରଖିଛନ୍ତି। ସେହିଭଳି ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସେଠୀ ଟିକେଟ ପାଇବା ଆଶାରେ ଦୀର୍ଘଦିନ ହେବ ଜନସମ୍ପର୍କ ରକ୍ଷା କରି ଆସୁଛନ୍ତି। ନିକଟରେ ସେକ୍ଟର-୫ ଭଞ୍ଜ ଭବନରେ ଏକ ସମାବେଶ ଆୟୋଜନ କରିଥିଲେ। ଆର୍ଥିକ ପଛୁଆ ଓ ଅସହାୟଙ୍କୁ ସାହାଯ୍ୟ ନେଇ ସହରରେ ତାଙ୍କର ସୁନାମ ରହିଛି। ତେବେ ନିର୍ଦ୍ଦିଷ୍ଟ କେତେଜଣ ଲୋକଙ୍କୁ ଅନୁକମ୍ପା ଦେଖାଇ ଆସୁଥିବା ତରାଇଙ୍କୁ ଏଥର ନିର୍ବାଚନ ବୈତରଣୀ ପାରିହେବାକୁ ଅସୁବିଧା ହୋଇପାରେ ବୋଲି କେତେଜଣ ଅସନ୍ତୁଷ୍ଟ ବିଜେଡି କର୍ମୀ ମତବ୍ୟକ୍ତ କରିଛନ୍ତି। ଫର୍ଟିଲାଜର ଟାଉନଶିପ୍ ତଥା ଦକ୍ଷିଣ ରାଉରକେଲାବାସୀଙ୍କୁ ଆଜି ପର୍ଯ୍ୟନ୍ତ ସରକାରୀ ଡାକ୍ତରଖାନାଟିଏ ମିଳିନାହିଁ। ମଞ୍ଜୁରୀପ୍ରାପ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଟଙ୍କା ଫେରିଯିବା ତାଙ୍କ ପାଇଁ ବୁମେରାଂ ହେବ ବୋଲି ଆଲୋଚନା ହେଉଛି। ଏ ନେଇ ସୁବ୍ରତ କହିଛନ୍ତି, ମୁଁ ନିଷ୍ଠାର ସହିତ ଲୋକମାନଙ୍କ ପାଇଁ କାମ କରିଛି। ସବୁ ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚେଷ୍ଟା କରିଛି। ମୋ ନିର୍ବାଚନ ମଣ୍ଡଳୀ ଏପରି ସ୍ଥିତିରେ ରହିଛି ସବୁ ସରକାରୀ ଯୋଜନାକୁ ସେଠାରେ କାର୍ଯ୍ୟକାରୀ କରି ହେବନାହିଁ। ସେଥିପାଇଁ କିଛି ଲୋକ ଅସନ୍ତୁଷ୍ଟ ପ୍ରକାଶ କରିଥାଇପାରନ୍ତି। ସେହିଭଳି ବିଜେଡି ଆଶାୟୀ ପ୍ରାର୍ଥୀ ପ୍ରଶାନ୍ତ ସେଠୀ କହିଛନ୍ତି, ମୁଁ ଗତ ୨୦ ବର୍ଷ ଧରି ଲୋକଙ୍କ ସେବା କରି ଆସୁଛି। ଦଳ ଚାହିଁଲେ ମୁଁ ନିଶ୍ଚିତ ପ୍ରାର୍ଥୀ ହେବି। ଅନ୍ୟଥା ଦଳ ହାଇକମାଣ୍ଡଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ବୋଲି ମାନିନେବି।

ସେହିଭଳି ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ଭାବେ ଆରଏସ୍‌ପିର ଅବସରପ୍ରାପ୍ତ କର୍ମଚାରୀ ତଥା ପାନପୋଷ ସାଂଗଠନିକ ଜିଲା ଭାଜପା ସଭାପତି ଜଗବନ୍ଧୁ ବେହେରା ପୁଣି ଥରେ ଟିକେଟ ପାଇବେ ବୋଲି କହିଛନ୍ତି। ଏଣେ ଦଳରେ ନୂଆ ମୁହଁ ବୋଲି କୁହାଯାଉଥିବା ଦୁର୍ଗା ତନ୍ତୀଙ୍କ ପାଇଁ ଉପରିସ୍ଥ ନେତାଙ୍କ ଆଶୀର୍ବାଦ ରହିଥିବା ଆଲୋଚନା ହେଉଛି। ରାଉରକେଲା ବିଧାୟକ ଦିଲୀପ ରାୟ ଭାଜପା ଛାଡିବା ତାଙ୍କ ଅନୁଗତ ଜଗବନ୍ଧୁଙ୍କ ଜିତାପଟ ନେଇ ଦଳକର୍ମୀଙ୍କ ସହଯୋଗ ରହିବ ନା ନାହିଁ ସେନେଇ ଆଲୋଚନା ଜୋର ଧରିଛି। ଏନେଇ ଜଗବନ୍ଧୁ କହିଛନ୍ତି, ଦଳର ସଂଗଠନ ବୃଦ୍ଧି ନେଇ ମୁଁ କାମ କରି ଆସୁଛି। ମୋ ସହିତ ସମସ୍ତେ ଅଛନ୍ତି। ଭାଜପାକୁ ତୃଣମୂଳସ୍ତରରେ ମଜଭୁତ କରିବାକୁ ଅନେକ କିଛି କରାଯାଇଛି। ଏନେଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ସହଯୋଗକୁ କେବେ ଭୁଲି ହେବ ନାହିଁ। ଟିକେଟ ଦାବିଦାର ହୋଇଥିଲେ ବି ଦଳର ବିଚାର ଉପରେ ମୋର ପୂର୍ଣ୍ଣ ଆସ୍ଥା ରହିଛି। ଟିକେଟ ପାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମନ୍ତ୍ରୀ ଓରାମଙ୍କ ଜନହିତକର କାର୍ଯ୍ୟ ମୋ ବିଜୟ ପଥକୁ ସହଜ କରିବ।

ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ କଂଗ୍ରେସରେ ସାମିଲ ହେବା ପରେ ଦଳରେ ନୂଆ ଆଶା ସଞ୍ଚାର ହୋଇଛି। ସେ ଏଥର ଲୋକସଭା ପ୍ରାର୍ଥୀ ହେବା ଥୟ ବୋଲି କୁହାଯାଉଛି। ତାଙ୍କ ଆଶୀର୍ବାଦରେ ରଘୁନାଥପାଲ୍ଲୀରୁ ଟିକେଟ ପାଇବାକୁ ଗାଙ୍ଗପୁର ମଜଦୁର ମଞ୍ଚ ସାଧାରଣ ସମ୍ପାଦକ ଗୋପାଳ ଦାସଙ୍କ ନାଁ ଚର୍ଚ୍ଚାରେ ରହିଛି। ସେ ଜର୍ଜଙ୍କ ସମର୍ଥନରେ ଏଥର ଟିକେଟ ପାଇ ପାରନ୍ତି ବୋଲି ଆଲୋଚନା ହେଉଛି। ଏପରି ସ୍ଥଳେ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଅନୁସୂଚିତ ବର୍ଗର ଯୁବନେତା ଗଜେନ୍ଦ୍ର ତନ୍ତି ହେମାନନ୍ଦଙ୍କ ଆଶୀର୍ବାଦରୁ ଟିକେଟ ହାତେଇବେ ବୋଲି ଏଠାରେ ଆଲୋଚନା ଜୋର ଧରିଛି। ଜର୍ଜଙ୍କ ସମର୍ଥନରେ କଂଗ୍ରେସ ଏଥର ଅସନ୍ତୁଷ୍ଟ ଭୋଟ ହାତେଇବାକୁ ଯୋଜନା କରିଛି। ଗଜେନ୍ଦ୍ର କହିଛନ୍ତି, ମୁଁ ଦଳରେ ଦୀର୍ଘ ଦିନ ହେବ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାମ କରିଛି। ପୂର୍ବ ନିର୍ବାଚନ ଲଢି ଅଭିଜ୍ଞତା ହାସଲ କରିଛି। ଏଣୁ ଭରସା ଅଛି ଦଳ ମୋତେ ଟିକେଟ ଦେବ। ଅନ୍ୟତମ କଂଗ୍ରେସ ଆଶାୟୀ ଗୋପାଳ ଦାସ କହିଛନ୍ତି, ନିର୍ବାଚନରେ ପ୍ରାର୍ଥୀ ହେବା ଅଭିଜ୍ଞତା ମୋର ବହୁ ପୁରୁଣା। ଯଦି ଦଳ ମୋତେ ଉପଯୁକ୍ତ ମନେକରେ ମୁଁ ନିର୍ବାଚନ ଲଢ଼ିବି।




| ୨୦୧୪ ନିର୍ବାଚନରେ ଭୋଟ ସଂଖ୍ୟା | | |
|---|---|---|
| ସୁବ୍ରତ ତରାଇ | ବିଜେଡି | ୪୮୮୨୨ |
| ଜଗବନ୍ଧୁ ବେହେରା | ଭାଜପା | ୩୨୭୬୮ |
| ଗଜେନ୍ଦ୍ର ତନ୍ତୀ | କଂଗ୍ରେସ | ୧୪୪୯୫ |

**ମୋଟ ଭୋଟର ସଂଖ୍ୟା**
୧,୭୫,୫୯୪

**ପୁରୁଷ ଭୋଟର**
୯୦,୧୫୭

**ମହିଳା ଭୋଟର**
୮୫,୪୧୬

**ଅନ୍ୟାନ୍ୟ ଭୋଟର**
୨୧


ସୁବ୍ରତ ତରାଇ



ଜଗବନ୍ଧୁ ବେହେରା


ଗୋପାଳ ଦାସ





## କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ
# ନୂତନ ନେତୃତ୍ୱକୁ ଅପେକ୍ଷା




**ଜଗନ୍ନାଥ ଧଳ**
**କେନ୍ଦ୍ରାପଡା ଅଫିସ, ୧୩।୩**

କେନ୍ଦ୍ରାପଡା ବ୍ଲକର ୨୭ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୨ ପଞ୍ଚାୟତକୁ ନେଇ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ। ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିକାଶ ଏକ ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନରେ ନୂଆ ନେତୃତ୍ୱକୁ ଭୋଟର ଅପେକ୍ଷା କରିଥିବା ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବରିଷ୍ଠ ନେତା ବେଦପ୍ରକାଶ ଅଗ୍ରୱାଲ ଓ ଭାଗବତ ପ୍ରସାଦ ମହାନ୍ତିଙ୍କ ବ୍ୟତୀତ ଏହି ବିଧାନସଭା କ୍ଷେତ୍ରରେ କୌଣସି ବିଧାୟକ ଦ୍ୱିତୀୟ ଥର ନିର୍ବାଚିତ ହୋଇନାହାନ୍ତି। ଏଠାରୁ ବେଦପ୍ରକାଶ ୧୯୭୪ ମସିହାରେ ଉତ୍କଳ କଂଗ୍ରେସ, ୧୯୭୭ରେ ଜନତା ପାର୍ଟି, ୧୯୯୦ରେ ଜନତା ଦଳ ଓ ୨୦୦୦ରେ ଭାଜପା ଟିକେଟରେ ବିଧାୟକ ହୋଇଥିଲେ। ସେହିପରି ଭାଗବତ ପ୍ରସାଦ ମହାନ୍ତି ୧୯୭୧ ମସିହାରେ ପ୍ରଜା ସୋସାଲିଷ୍ଟ ପାର୍ଟି(ପିଏସ୍‌ପି)ରୁ ବିଧାୟକ ହୋଇଥିବା ବେଳେ ୧୯୮୫ ଓ ୧୯୯୫ ମସିହା ନିର୍ବାଚନରେ କଂଗ୍ରେସରୁ ବିଜୟୀ ହୋଇଥିଲେ। ଏମାନଙ୍କ ବ୍ୟତୀତ ୧୯୫୧ ନିର୍ବାଚନରେ ଦୀନବନ୍ଧୁ ସାହୁ (କଂଗ୍ରେସ), ୧୯୫୨ରେ ଏନ ପୁରୁଷୋତ୍ତମ (କଂଗ୍ରେସ), ୧୯୫୭ରେ ପ୍ରହଲ୍ଲାଦ ମଲ୍ଲିକ (କଂଗ୍ରେସ), ୧୯୬୧ରେ ଧ୍ରୁବ ଚରଣ ସାହୁ (ପିଏସ୍‌ପି), ୧୯୬୭ରେ ସରୋଜକାନ୍ତ କାନୁନ୍‌ଗୋ (ପିଏସପି), ୧୯୮୦ରେ ଇନ୍ଦ୍ରମଣି ରାଉତ (କଂଗ୍ରେସ-ଆଇ) ଓ ୨୦୦୪ରେ ଓଡ଼ିଶା ଗଣ ପରିଷଦର ଉତ୍କଳ କେଶରୀ ପରିଡ଼ା ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୦୯ରୁ ଏହି ନିର୍ବାଚନମଣ୍ଡଳୀ ଅଦ୍ୟାବଧି ବିଜେଡି ଦଖଲରେ ରହିଛି। ୨୦୦୯ରେ ସିପ୍ରା ମଲ୍ଲିକ ଓ ୨୦୧୪ରେ କିଶୋର ଚନ୍ଦ୍ର ତରାଇ ବିଧାନସଭା ନିର୍ବାଚନ ଜିତିଛନ୍ତି। ଅବିଭକ୍ତ କଟକ ଜିଲାରୁ କେନ୍ଦ୍ରପଡ଼ା ଜିଲା ଗଠନକୁ ଇତିମଧ୍ୟରେ ୨୫ ବର୍ଷ ପୂରଣ ହୋଇଛି। ସେହିପରି ରାଜ୍ୟର ସର୍ବ ପୁରାତନ କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିକୁ ଚଳିତ ବର୍ଷ ୧୫୦ ବର୍ଷ ପୂର୍ତ୍ତି ହେଉଛି। ସହର ମଧ୍ୟରେ ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ହୋଇ ନ ଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଟ୍ରାଫିକ, ଗମନାଗମନ ଆଦି ବ୍ୟବସ୍ଥାର ଉନ୍ନତି ହୋଇନାହିଁ। ରାଜ୍ୟରେ ବିଜେଡି ସରକାର ୨୦୦୦ ମସିହାରୁ ଅଦ୍ୟାବଧି ଚାଲିଆସିଛି। ଇତିମଧ୍ୟରେ ଦୁଇ ବିଜେଡି ବିଧାୟକ ଏହି ବିଧାନସଭା କ୍ଷେତ୍ରରେ ନିର୍ବାଚିତ ହୋଇଛନ୍ତି। ମାତ୍ର ସହରର ଉନ୍ନୟନ ପ୍ରତି ବିଧାୟକ ଧ୍ୟାନ ଦେଇ ନ ଥିବା ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳରେ ରାସ୍ତା ଏକ ପ୍ରମୁଖ ସମସ୍ୟା। ଏଠାରେ କୃଷି ମୁଖ୍ୟ ଜୀବିକା ହୋଇଥିବା ବେଳେ ଜଳ ପରିଚାଳନା, ବଜାର ମଣ୍ଡି, ଶୀତଳ ଭଣ୍ଡାର ଆଦି ପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ସେହିଭଳି ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରକୁ ଅଣଦେଖା କରିଯାଇଥିବା ବେଳେ ଦଳୀୟ କନ୍ଦଳ କିଶୋରଙ୍କୁ ପୁନର୍ବାର ନିର୍ବାଚନରେ ଜିତିବାକୁ ଦେବ ନାହିଁ। ଅପରପକ୍ଷରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଗଣେଶ୍ୱର ବେହେରା ଏଠାରେ ଦୁଇଥର ଲଢ଼ି ପରାଜିତ ହୋଇଛନ୍ତି। ନିକଟରେ କଂଗ୍ରେସରୁ ବହିଷ୍କୃତ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା ଏହି ନିର୍ବାଚନମଣ୍ଡଳୀରେ ବିଶେଷ ସମୟ ଦେବେ ବୋଲି ସୂଚନା ମିଳୁଛି, ଯାହା ଗଣେଶ୍ୱରଙ୍କ ପାଇଁ ନିର୍ବାଚନ ବୈତରଣୀ ପାର ହେବା କଷ୍ଟକର ହେବ। ସେହିପରି ବିଜେଡିରୁ କିଶୋରଙ୍କ ବ୍ୟତୀତ ଅନ୍ୟ ପ୍ରାର୍ଥୀ ଆସିଲେ ଗଣେଶ୍ୱରଙ୍କୁ ତାହା ଭାରି ପଡିବ। ଅପରପକ୍ଷରେ ବିଜେଡି ପକ୍ଷରୁ ଜଣେ ମହିଳାଙ୍କୁ ପ୍ରାର୍ଥୀ କରାଯିବାର ସମ୍ଭାବନା ଅଛି ବୋଲି ବିଶ୍ଳେଷକମାନେ ସୂଚନା ଦେଇଛନ୍ତି। ଏଥିସହ ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ଚୟନ କରାଯାଉଥିବା ସୂଚନା ମିଳିଛି। ଗଣେଶ୍ୱରଙ୍କ ବ୍ୟତୀତ ରାଜ୍ୟ ମତ୍ସ୍ୟଜୀବୀ ଫୋରମର ହଳଧର ସେଠୀ, ଜିଲା କଂଗ୍ରେସର କର୍ମକର୍ତ୍ତା ମାନସ ମଲ୍ଲିକ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଅଛନ୍ତି। ପୂର୍ବ ନିର୍ବାଚନରେ ଭାଜପା ପ୍ରାର୍ଥୀ ଥିବା ସୁନାକର ବେହେରାଙ୍କ ସମେତ ଗୀତାଞ୍ଜଳି ସେଠୀ ଓ ଊର୍ମିଳା ସେଠୀ ଦଳୀୟ କର୍ମୀଙ୍କୁ ଏକାଠି କରି ବିଧାୟକ ପ୍ରାର୍ଥୀ ଦୌଡ଼ରେ ଅଛନ୍ତି। ଅପରପକ୍ଷରେ ବିଧାୟକ ତରାଇ ଗତ ସାଧାରଣ ନିର୍ବାଚନ ଓ ପଞ୍ଚାୟତ ନିର୍ବାଚନରେ ବାପା ଓ ସ୍ତ୍ରୀଙ୍କ ନାମରେ ହୋଇଥିବା ସତ୍ୟପାଠରେ ଚଞ୍ଚକତା କରିଥିବା ଅଭିଯୋଗ ହେଉଛି।


ଗଣେଶ୍ୱର ବେହେରା


କିଶୋର ତରାଇ


ନିରାକାର ଦାସ


ରାଜେଶ ଦାସ


ସୁନାକର ବେହେରା

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | କିଶୋରଚନ୍ଦ୍ର ତରାଇ | ୬୫,୦୩୭ |
| କଂଗ୍ରେସ | ଗଣେଶ୍ୱର ବେହେରା | ୫୯,୬୦୬ |
| ଭାଜପା | ସୁନାକର ବେହେରା | ୯,୯୮୧ |

### ୨୦୦୯ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ସିପ୍ରା ମଲ୍ଲିକ | ୬୨,୪୩୬ |
| କଂଗ୍ରେସ | ଗଣେଶ୍ୱର ବେହେରା | ୪୬,୫୦୫ |
| ଭାଜପା | ବିଜୟ କୁମାର ମଲ୍ଲିକ | ୬,୮୬୧ |

ଏଥିସହିତ ଦଳୀୟ କର୍ମୀ କିଶୋରଙ୍କଠାରୁ ଦୂରେଇ ନୂତନ ପ୍ରାର୍ଥୀ ଅନ୍ୱେଷଣରେ ଅଛନ୍ତି। ଯୁବ ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ଦାସ, ପୂର୍ବତଟ ରେଳପଥର ବରିଷ୍ଠ ପ୍ରଶାସନିକ ଅଧିକାରୀ ନିରାକାର ଦାସ, ସଚିବାଳୟରେ ଅବସ୍ଥାପିତ ଲ' ଅଫିସର ନାଗାର୍ଜୁନ ସେଠୀ, ପୂର୍ବତନ ବିଧାୟକା ସିପ୍ରା ମଲ୍ଲିକ, ତାଙ୍କ ଭଉଣୀ ସୁପ୍ରିୟା ମଲ୍ଲିକ, ଇଂ. ମୁରଲୀଧର ସେଠୀ, ସାମାଜିକ କର୍ମୀ ଦୁଷ୍ମନ୍ତ ମଲ୍ଲିକ ଏବଂ ନିର୍ମଳ ମଲ୍ଲିକ ବିଜେଡିରୁ ବିଧାୟକ ଟିକେଟ ପାଇଁ ଆଶାୟୀ ଅଛନ୍ତି। ତେବେ ବିଧାୟକ ତରାଇ ଟିକେଟ ଲବିରେ ଅଛନ୍ତି। ସେ କହିଛନ୍ତି ଯେ, ବିଗତ ୫ ବର୍ଷ ମଧ୍ୟରେ ଏହି ନିର୍ବାଚନ କ୍ଷେତ୍ରରେ ବିକାଶକୁ ପ୍ରାଥମିକତା ଦେଇଛନ୍ତି। ରାସ୍ତା, ପାନୀୟ ଜଳ, ସେତୁ, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିଛନ୍ତି। ପୂର୍ବଥରର କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରା କହିଛନ୍ତି ଯେ, କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ବରିଷ୍ଠ ନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ସମୟରେ ହୋଇଥିଲା। ଏହାପରଠାରୁ ସମସ୍ୟା ବଢ଼ିଚାଲିଛି। ସହର ଓ ଗ୍ରାମାଞ୍ଚଳରେ କୌଣସି ଉନ୍ନତି ହୋଇନାହିଁ। ଧୋୟାଞ୍ଚଳକୁ ଅଦ୍ୟାବଧି ଯୋଗାଯୋଗ ହୋଇପାରିନାହିଁ। ରାଜ୍ୟର ସର୍ବ ପୁରାତନ ମ୍ୟୁନିସିପାଲିଟି କେନ୍ଦ୍ରାପଡ଼ା ସହରକୁ ଅଣଦେଖା କରାଯାଇଛି। ଏହି ମ୍ୟୁନିସିପାଲିଟିକୁ ୧୫୦ ବର୍ଷ ହୋଇଥିବା ବେଳେ ଏଥିନେଇ କୌଣସି ଭିଜନ ଡକ୍ୟୁମେଣ୍ଟ ନିର୍ବାଚିତ ପ୍ରତିନିଧିଙ୍କର ନ ଥିଲା ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ପୂର୍ବ ନିର୍ବାଚନର ଭାଜପା ପ୍ରାର୍ଥୀ ସୁନାକର ବେହେରା କୁହନ୍ତି, ରାଜ୍ୟରେ ୧୯ ବର୍ଷ ଧରି ବିଜେଡି ଶାସନ ଚାଲିଛି। ଏଥିସହିତ ବିଜେଡି ଏଠାରୁ ଲଗାତାର ଦୁଇ ଥର ଜିତିଛି। ମାତ୍ର ନିର୍ବାଚନମଣ୍ଡଳୀରେ ଆଶାନୁରୂପ କାର୍ଯ୍ୟ ହୋଇନାହିଁ। କୃଷି ପାଇଁ ଜଳ ପରିଚାଳନା ମୁଖ୍ୟ ସମସ୍ୟା ଥିବାରୁ ଗ୍ରାମାଞ୍ଚଳରେ ଅସନ୍ତୋଷ ଲାଗିରହିଛି। ସହର ମଧ୍ୟରେ ଉନ୍ନତମାନର ଚିକିତ୍ସାଳୟ, ରାସ୍ତା, ଶିକ୍ଷା, ପାନୀୟ ଜଳ ଆଦି ଆବଶ୍ୟକ ଅଛି। ଏଥିସହିତ ଗ୍ରାମାଞ୍ଚଳର ସମସ୍ୟାକୁ ପ୍ରତିଥର ନିର୍ବାଚିତ ପ୍ରତିନିଧିମାନେ ଏଡାଇ ଯାଇଛନ୍ତି ବୋଲି ସୁନାକର କହିଛନ୍ତି।


ଦିଲୀପ ନାୟକ


ଜ୍ୟୋତିରଞ୍ଜନ ମହାନ୍ତି


ସତ୍ୟବ୍ରତ ପାତ୍ର


ସମୀର ରଞ୍ଜନ ଦାଶ


ପ୍ରଭାତୀ ପରିଡ଼ା

# କଡ଼ା ଟକ୍କରକୁ ଅପେକ୍ଷା

| ମୋଟ ଜନସଂଖ୍ୟା | ମୋଟ ଭୋଟର |
|---|---|
| ୩,୧୧,୬୪୪ | ୨,୩୬,୨୯୯ |
| ପୁରୁଷ: ୧,୫୮,୮୬୮ | ପୁରୁଷ: ୧,୨୨,୫୯୩ |
| ମହିଳା: ୧,୫୨,୭୭୬ | ମହିଳା: ୧,୧୩,୬୯୨ |
| | ଅନ୍ୟାନ୍ୟ: ୧୪ |

### ନିର୍ବାଚନମଣ୍ଡଳୀ ରୂପରେଖ

ନିମାପଡ଼ା ବ୍ଲକର ୩୨, ଗୋପ ବ୍ଲକର ୧୪ ପଞ୍ଚାୟତ ଏବଂ ନିମାପଡ଼ା ଏନ୍‌ଏସିର ୧୧ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ।

**ହେମନ୍ତ ନାୟକ**
**ପୁରୀ ଅଫିସ, ୧୩।୩**

ଜଗତ୍‌ସିଂହପୁର ଲୋକ ସଭା ଆସନ ଅନ୍ତର୍ଗତ ପୁରୀ ଜିଲାର ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ୧୦ ବର୍ଷ ହେବ ବିଜେଡି କବ୍‌ଜାରେ ରହିଛି। ଏଥର ଏହାକୁ ହାତେଇବା ପାଇଁ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଜୋର୍‌ଦାର ଉଦ୍ୟମ ଆରମ୍ଭ କରିଛନ୍ତି। ଗତ ଦୁଇଟି ନିର୍ବାଚନ ଫଳାଫଳକୁ ଦେଖିଲେ ଏଠାରେ ବିରୋଧୀଙ୍କ ଆସନ ବି ଅସ୍ଥିର। ଅର୍ଥାତ୍ ୨୦୦୯ରେ କଂଗ୍ରେସ ଏବଂ ୨୦୧୪ରେ ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିଲା। ତେଣୁ ଏଥର ଫଳାଫଳକୁ ନେଇ ପ୍ରମୁଖ ରାଜନୈତିକ ଦଳଗୁଡ଼ିକ ଅଙ୍କକଷା ଆରମ୍ଭ କରିଦେଇଛନ୍ତି। ଅନ୍ୟପକ୍ଷରେ ଗତ ଦୁଇଟି ନିର୍ବାଚନ ଜିତି ଆସିଥିବା ସମୀର ରଞ୍ଜନ ଦାଶ ଏଥର ଜିତି ହ୍ୟାଟ୍ରିକ ମାରିବା ଲକ୍ଷ୍ୟରେ ରହିଥିବା ବେଳେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା ବି ପଦ୍ମ ଫୁଟାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ସେପଟେ କଂଗ୍ରେସ ମଧ୍ୟ ବିଜେଡି ଓ ଭାଜପା ବିରୋଧରେ ରହିଥିବା ଜନମତକୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ ଆରମ୍ଭ କରିଦେଇଛି। ୨୦୦୯ ନିର୍ବାଚନମଣ୍ଡଳୀ ପୁନର୍ଗଠନ ପୂର୍ବରୁ ଏହି ଆସନ ଅନୁସୂଚିତ ଜାତିଙ୍କ ଲାଗି ସଂରକ୍ଷିତ ଥିଲା। ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ଏହା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ୨୦୦୦ରୁ ୨୦୧୪ ଯାଏ ୪ଟି ବିଧାନସଭା ନିର୍ବାଚନକୁ ଦୃଷ୍ଟି ଦେଲେ ଏଠାରେ ସବୁଥର ଅଣକଂଗ୍ରେସ ପ୍ରାର୍ଥୀ ଜିତିଆସୁଛନ୍ତି। ୨୦୦୦ ଓ ୨୦୦୪ରେ ବିଜେଡି-ଭାଜପା ମେଣ୍ଟ ଥିଲା। ଭାଜପା ନେତା ବାଇଧର ମଲ୍ଲିକ ୨୦୦୦ ଏବଂ ୨୦୦୪ରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ହେଲେ ମେଣ୍ଟ ଭାଙ୍ଗିଯିବା ପରେ ବିଜେଡି ଏହାକୁ କବ୍‌ଜା କରିଆସୁଛି। ୨୦୧୪ରେ ବିଜେଡିର ସମୀର ରଞ୍ଜନ ଦାଶ ଭାଜପାର ପ୍ରଭାତୀ ପରିଡ଼ାଙ୍କୁ ୨୯,୬୩୭ ଭୋଟରେ ପରାସ୍ତ କରି ବିଜୟୀ ହୋଇଥିଲେ। ସମୀରଙ୍କୁ ୮୬,୯୫୮ ଭୋଟ ମିଳିଥିବା ବେଳେ ପ୍ରଭାତୀ ପାଇଥିଲେ ୫୭,୩୨୧ ଭୋଟ। କଂଗ୍ରେସର ବିଶ୍ୱରଞ୍ଜନ ମହାନ୍ତି ୨୦,୭୪୮ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ୨୦୦୯ରେ ସମୀର କଂଗ୍ରେସ ପ୍ରାର୍ଥୀ ସତ୍ୟବ୍ରତଙ୍କୁ ୩୯,୧୫୪ ଭୋଟରେ ପରାସ୍ତ କରିଥିଲେ। ସମୀର ୮୦,୭୬୨ ଭୋଟ ପାଇଥିବା ବେଳେ ସତ୍ୟବ୍ରତ ୪୧,୬୦୮ ଭୋଟ ପାଇଥିଲେ। ଭାଜପାର ଶଙ୍କର୍ଷଣ ପରିଡ଼ା ୧୯,୧୮୩ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏଥର ନିମାପଡ଼ା ନିର୍ବାଚନମଣ୍ଡଳୀର ରାଜନୈତିକ ସମୀକରଣ ବେଶ୍ ଚର୍ଚ୍ଚାରେ ରହିଛି। ଭାଜପା ଏବଂ ବିଜେଡିରୁ ପ୍ରାର୍ଥୀ କିଏ ହେବ ତାହା ଏକରକମ୍ ସ୍ପଷ୍ଟ ହୋଇଥିଲେ ବି ଅନ୍ୟ ଆଶାୟୀଙ୍କ ପାଇଁ ବିଜେଡି ସାମାନ୍ୟ ଚିନ୍ତାରେ ରହିଛି। ବିଜେଡିରୁ ଟିକେଟ ପାଇ ହ୍ୟାଟ୍ରିକ ଆଶାରେ ସମୀର ରଞ୍ଜନ ଲକ୍ଷ୍ୟ ରଖିଥିବାବେଳେ ଜ୍ୟୋତିରଞ୍ଜନ ମହାନ୍ତି ଟିକେଟ ପାଇବେ ବୋଲି ଆଶାୟୀ ଅଛନ୍ତି। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ କେତେକ ବିକାଶମୂଳକ କାମକୁ ପୁଞ୍ଜି କରି ସମୀର ଭୋଟରଙ୍କ ପାଖକୁ ଯାଉଛନ୍ତି। ସେହିପରି ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଗତ ନିର୍ବାଚନରେ ସେ ଦ୍ୱିତୀୟ ସ୍ଥାନରେ ଥିଲେ। ତେଣୁ ଲଗାତର ଦ୍ୱିତୀୟଥର ଲାଗି ସେ ଏଠାରୁ ପ୍ରାର୍ଥୀ ହେଉଥିବା କର୍ମୀଙ୍କ ମହଲରେ ଚର୍ଚ୍ଚା ଚାଲିଛି। ପ୍ରଭାତୀ ମଧ୍ୟ ବିଭିନ୍ନ ସ୍ଥାନରେ ସଭା, ସମିତି କରି ସଙ୍ଗଠନକୁ ସୁଦୃଢ଼ କରିବାରେ ଲାଗିଛନ୍ତି। ହେଲେ କଂଗ୍ରେସ ଅଙ୍କ ଗୋଳମାଳିଆ ରହିଛି। ପୁରୀ ଜିଲା କଂଗ୍ରେସ କମିଟି ସଭାପତି ସତ୍ୟବ୍ରତ ପାତ୍ର ପ୍ରାର୍ଥୀ ହେବା ନିଶ୍ଚିତ ବୋଲି କର୍ମୀଙ୍କ ମହଲରୁ ଶୁଣିବାକୁ ମିଳୁଛି। କିନ୍ତୁ କଂଗ୍ରେସ ଓ ବାମପନ୍ଥୀ ମଧ୍ୟରେ ମେଣ୍ଟ ସମ୍ଭାବନା ଥିବାରୁ ଏହି ଆସନଟି ସିପିଆଇକୁ କଂଗ୍ରେସ ଛାଡ଼ିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ନିମାପଡ଼ା-ଗୋପ ନବନିର୍ମାଣ ବିକାଶ ପରିଷଦର ଅଧ୍ୟକ୍ଷ ଦିଲୀପ ନାୟକ ଏବେ ନିର୍ବାଚନମଣ୍ଡଳୀରେ ନୂଆମୁହଁ ଭାବେ ଉଭା ହୋଇଛନ୍ତି। ପ୍ରାୟ ୨ ବର୍ଷ ହେବ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତ, ଗାଁଗଣ୍ଡା, ଏନ୍‌ଏସି ଅଞ୍ଚଳ ଗସ୍ତ କରି ସଭାସମିତି କରୁଛନ୍ତି। ତାଙ୍କୁ ନେଇ ଏବେ ସବୁ ଦଳରେ ଚର୍ଚ୍ଚା ଚାଲିଛି। ବର୍ତ୍ତମାନ କଂଗ୍ରେସ ସହ ତାଙ୍କ ସମ୍ପର୍କ ବଢିଥିବା ଏବଂ ସେ କଂଗ୍ରେସରୁ ପ୍ରାର୍ଥୀ ହେଉଥିବା ଶୁଣିବାକୁ ମିଳୁଛି। କେବଳ କଂଗ୍ରେସ ନୁହେଁ, ପୂର୍ବରୁ ବିଜେଡି ଏବଂ ଭାଜପାରେ ମଧ୍ୟ ଦିଲୀପଙ୍କ ନାଁ ଉଠିଥିଲା। ପୁରୀ ଜିଲା ରାଜନୀତିରେ ସମୀରଙ୍କ ବିରୋଧୀ ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମାଙ୍କ ଶିବିର ଦିଲୀପଙ୍କୁ ବିଜେଡିକୁ ଆଣିବା ଲାଗି ଚେଷ୍ଟା କରୁଥିବା ଖବର ମଧ୍ୟ ଚର୍ଚ୍ଚା ହୋଇଥିଲା। ଏମିତି କି ବିଭିନ୍ନ ସଭାସମିତିରେ ଦିଲୀପଙ୍କ ସମର୍ଥକମାନେ ଏମିତି ଇସାରା ଦେଉଥିଲେ। ହେଲେ ସମୀର ଏହାକୁ ସେହି ସମୟରେ ଟାଳି ଦେଇଥିଲେ। ଏହାପରେ ଦିଲୀପ ଭାଜପା ଯିବା ପାଇଁ ଆଗ୍ରହୀ ଥିଲେ। ହେଲେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତିଙ୍କ ଉପସ୍ଥିତ ତାଙ୍କ ପାଇଁ ବାଧକ ସାଜିଲା। ତେଣୁ ଭାଜପା ଆଡକୁ ନ ଢଳି ଦିଲୀପ ଏବେ କଂଗ୍ରେସ ସହିତ ଯୋଡି ହୋଇଥିବା ଶୁଣିବାକୁ ମିଳୁଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସତ୍ୟବ୍ରତ ପାତ୍ରଙ୍କୁ ବାଦ୍ ଦେଇ ଦିଲୀପଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଥିବା ମଧ୍ୟ ଚର୍ଚ୍ଚା ହେଉଛି। ଟିକେଟ ସମ୍ପର୍କରେ ବିଜେଡିର ସମୀର ରଞ୍ଜନ କହିଛନ୍ତି, ସେ ଜଣେ ଶୃଙ୍ଖଳିତ ମଣିଷ। ଯେତେବେଳେ ଯେଉଁ ଦଳରେ ଅଛନ୍ତି ନିଷ୍ଠାର ସହ ସେହି ଦଳ ପାଇଁ କାମ କରିଛନ୍ତି। ନବୀନ ପଟ୍ଟନାୟକ ଯାହା ନିଷ୍ପତ୍ତି ନେବେ ସେ ତାହାକୁ ମାନି ନେବେ। ଅନ୍ୟତମ ଆଶାୟୀ ଜ୍ୟୋତିରଞ୍ଜନ କହିଛନ୍ତି, ଛାତ୍ର ଜୀବନରୁ ରାଜନୀତି ସହ ସମ୍ପୃକ୍ତ ରହିଆସିଛନ୍ତି। ନିର୍ମଳ, ସ୍ୱଚ୍ଛ ଭାବମୂର୍ତ୍ତି ଲୋକଙ୍କୁ ମୁଖ୍ୟମନ୍ତ୍ରୀ ଟିକେଟ ଦେଉଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି, ଟିକେଟ ପାଇବି ବୋଲି ସେ ଆଶା ରଖିଛନ୍ତି। ଭାଜପାର ପ୍ରଭାତୀ ପରିଡ଼ା କହିଛନ୍ତି, ଦୀର୍ଘବର୍ଷ ହେଲା ଦଳ ପାଇଁ କାମ କରିଆସୁଛନ୍ତି। ଏବେ ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ଅଛନ୍ତି। ତାଙ୍କୁ ନିର୍ବାଚନ ଲଢିବାକୁ ଦଳ ସୁଯୋଗ ଦେବ ବୋଲି ସେ ଆଶା ରଖିଛନ୍ତି। ସେହିପରି କଂଗ୍ରେସର ସତ୍ୟବ୍ରତ ପାତ୍ର କହିଛନ୍ତି, ସେ ଦଳର ଜିଲା ସଭାପତି ରହିଛନ୍ତି। ଦୀର୍ଘବର୍ଷ ହେଲା ଦଳ ସହ ରହି କାମ କରୁଛନ୍ତି। ଯେତେବେଳେ ବି ଠିଆ ହୋଇଛନ୍ତି ନିମାପଡ଼ା-ଗୋପବାସୀଙ୍କ ସମର୍ଥନ ପାଇଛନ୍ତି। ୨୦୦୯ରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେଣୁ ଏଥର ନିଶ୍ଚିତ ଦଳ ତାଙ୍କୁ ଟିକେଟ ଦେବ ବୋଲି ସେ ଆଶା ରଖିଛନ୍ତି। ଦିଲୀପ ନାୟକ କହିଛନ୍ତି ଯେ, ସେ କଂଗ୍ରେସରୁ ନିଶ୍ଚିତ ଟିକେଟ୍ ପାଇବେ। କଂଗ୍ରେସ ପକ୍ଷରୁ ଖୁବ୍‌ଶୀଘ୍ର ତାଙ୍କ ଟିକେଟ୍ ସମ୍ପର୍କରେ ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି।





### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ସମୀର ରଞ୍ଜନ ଦାଶ | ୮୬,୯୫୮ |
| ଭାଜପା | ପ୍ରଭାତୀ ପରିଡ଼ା | ୫୭,୩୨୧ |
| କଂଗ୍ରେସ | ବିଶ୍ୱରଞ୍ଜନ ମହାନ୍ତି | ୨୦,୭୪୮ |

# ବିରୋଧୀଙ୍କୁ ସୁହାଉଛି ବିଜେଡିରେ ଫାଟ

**ହର୍ଷବର୍ଦ୍ଧନ ବେହେରା/ପ୍ରଦୀପ୍ତ ପୃଷ୍ଟି**
**ଯାଜପୁର ଅଫିସ, ୧୩।୩**




ଚଳିତ ନିର୍ବାଚନରେ ଯାଜପୁର ଜିଲାରେ ୨୦୧୪ ନିର୍ବାଚନ ଅପେକ୍ଷା ୧୧,୮୯୪ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହିକ୍ରମରେ ଭୋଟଦାନ ହାର ମଧ୍ୟ ନିଶ୍ଚିତ ଭାବରେ ବଢିବାର ସମ୍ଭାବନା ଦେଖାଦେଇଛି। ଏହା ରାଜନୈତିକ ସମୀକରଣକୁ ମଧ୍ୟ ଓଲଟପାଲଟ କରିଦେବା ଆଶଙ୍କା କରାଯାଉଛି। ତଳି ଅଞ୍ଚଳର ଭୋଟରଙ୍କ ଉପରେ ନିର୍ଭର କରି ଯେଉଁ ପ୍ରାର୍ଥୀ ନିର୍ବାଚନୀ ବୈତରଣୀ ପାର ହେଉଥିଲେ ଏବେ ତାହା ଓଲଟା ହେବାକୁ ଯାଉଛି। ଏଭଳିସ୍ଥିତିରେ ଜିଲାର ମୁଖଶାଳା ଭାବେ ପରିଚିତ ବଡ଼ଚଣା ନିର୍ବାଚନ ମଣ୍ଡଳୀର ଭୋଟର ନୂଆ ମୁହଁ ଖୋଜୁଥିବା ଆଲୋଚନା ହେଉଛି। ଅନ୍ୟପକ୍ଷେ ଶାସକ ବିଜେଡିରେ ଏକାଧିକ ଆଶାୟୀ ପ୍ରାର୍ଥୀ ଦଳକୁ ବିବ୍ରାନ୍ତ କରୁଥିବା ସହ ଛାୟା ଯୁଦ୍ଧ ଚାଲିଥିବା ଦେଖାଦେଇଛି। ବିଶେଷକରି ବିଜେଡିରେ ଦୁଇ ସମାନ୍ତରାଳ ଗୋଷ୍ଠୀ ବିରୋଧୀ କଂଗ୍ରେସ ଓ ଭାଜପାକୁ ଫାଇଦା ହେବ ବୋଲି ମତପ୍ରକାଶ ପାଇଛି। ଯାଜପୁର ଜିଲାର ବଡ଼ଚଣା ବ୍ଲକକୁ ନେଇ ବଡ଼ଚଣା ନିର୍ବାଚନ ମଣ୍ଡଳୀ ଗଠିତ। ଏହି ନିର୍ବାଚନ ମଣ୍ଡଳୀରେ ଗତ ୩୫ବର୍ଷ ମଧ୍ୟରେ କଂଗ୍ରେସ ୧୫ବର୍ଷ ଏବଂ ବିଜେଡି ଓ ଏନ୍‌ସିପି ମିଳିତ ଭାବେ ୨୦ବର୍ଷ ଧରି ସଫଳତା ପାଇଛନ୍ତି। ଗତ ୫ବର୍ଷ ମଧ୍ୟରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଅନେକ ଆପରାଧିକ କାର୍ଯ୍ୟକଳାପ ତଥା ଦୁର୍ନୀତି ଅଭିଯୋଗ ଚର୍ଚ୍ଚା ପରିସରକୁ ଆସିଛି। ବହୁ ଚର୍ଚ୍ଚିତ ଟିଟୋ ଲିଙ୍କ୍, ଚଣ୍ଡିଖୋଲ ପରିବହନ ବିଭାଗରେ ଭୂତଗାଡ଼ି ମାମଲା, ଜଳ ସମ୍ପଦ ବିଭାଗରେ ଦୁର୍ନୀତି ଓ ଅନୁଦାନ ହରିଲୁଟ୍ ଆଦି ଅଭିଯୋଗ ମାମଲାରେ ବଡ଼ଚଣା ବିଧାୟକ ତଥା ସରକାରୀ ଦଳର ମୁଖପାତ୍ର ଅମରପ୍ରସାଦ ଶତପଥୀ ନିନ୍ଦିତ ହୋଇଛନ୍ତି। ଏହାବାଦ ବଡ଼ଚଣାକୁ ସବ୍‌ଡିଭିଜନ ମାନ୍ୟତା ଦାବି, ଓଡିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, କୋଣାର୍କ ଝୋଟକଳ ବନ୍ଦ ଆଦି ପ୍ରସଙ୍ଗ ଭୋଟରଙ୍କୁ ଆନ୍ଦୋଳିତ କରିଛି। ଏଥିଯୋଗୁ ବଡ଼ଚଣା ବିଜେଡି ସମର୍ଥନ ହରାଉଥିବା ଆଶଙ୍କା କରି କେତେକ ପୁରୁଖା ଓ ନୂଆ ନେତାଙ୍କୁ ନେଇ ଏକ ସମାନ୍ତରାଳ ଦଳ ଗଢିଉଠିଛି। ସେମାନେ ସିଧାସଳଖ ବିଧାୟକଙ୍କ ବିରୋଧରେ ବିଷୋଦଗାର କରି ବିଜେଡିର ଜୟଗାନ କରୁଥିବା ଶୁଣିବାକୁ ମିଳୁଛି। ୧୯ନମ୍ବର ଜିଲା ପରିଷଦ ସଭ୍ୟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ଇତିଶ୍ରୀ ସାମଲ ତାଙ୍କ ସମର୍ଥକଙ୍କ ସହ ଏବେ ଖୋଲାଖୋଲି ଅମରଙ୍କ ବିରୋଧରେ ଯାଇଛନ୍ତି। ସେହି ଦୃଷ୍ଟିରୁ ଇତିଶ୍ରୀଙ୍କ ଅସହଯୋଗ ଅମରଙ୍କୁ ଭାରି ପଡ଼ିବ ବୋଲି ଚର୍ଚ୍ଚା ଜୋର ଧରିଛି। ସେହିପରି ଅମରଙ୍କ ପାଖରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ, ସରପଞ୍ଚ ଓ ବିଜେଡି ବ୍ଲକ ସଭାପତି ଦୂରେଇ ଯାଇଛନ୍ତି। ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ରାଉତ, ରବୀନ୍ଦ୍ର ନାଥ ଶାନ୍ତି, ପୂର୍ବତନ ଯୁବ ବିଜେଡି ସଭାପତି ପ୍ରମୋଦ ଜେନା, ପୂର୍ବତନ ମହିଳା ବିଜେଡି ସଭାନେତ୍ରୀ ଦମୟନ୍ତୀ ସାମଲ ସମେତ ପୂର୍ବତନ ଏମ୍‌ପି ମୋହନ ଜେନା ଏକ ପ୍ରକାର ନୀରବ ଭାବେ ଅମରଙ୍କୁ ବିରୋଧ କରୁଛନ୍ତି। ଗତ ପଞ୍ଚାୟତ ନିର୍ବାଚନ ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ପୂର୍ବତନ ଉପାଧ୍ୟକ୍ଷ, ପୂର୍ବତନ ସରପଞ୍ଚ ପ୍ରମୁଖ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି। ବିଧାୟକ ଅମରଙ୍କ ବିରୋଧରେ ଏଭଳି ଆଚରଣ ବିଜେଡିକୁ ସଙ୍କଟରେ ପକାଇଛି। ଏହାଦ୍ୱାରା ବିଜେଡିର ବଳ ବହୁମାତ୍ରାରେ ହ୍ରାସ ପାଇଛି। ତେବେ ବିଧାୟକ ଅମର ଏଥିରେ ବିଚଳିତ ନ ହୋଇ କୌଣସି ପ୍ରକାର ଆପରାଧିକ କାର୍ଯ୍ୟକୁ ସେ ପ୍ରୋତ୍ସାହନ ଦେଇ ନାହାନ୍ତି ବୋଲି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଘରକୁ ଘର ବିକାଶ ପହଞ୍ଚିଛି। ମାସକରେ ୨୫ଦିନ ବଡ଼ଚଣାବାସୀଙ୍କ ସହ ରହିଛନ୍ତି। ଯେଉଁମାନେ ବିରୋଧ କରୁଛନ୍ତି ସେମାନଙ୍କ ସ୍ଥିତି କିଛି ନାହିଁ। ତେଣୁ ସେ ଦଳର ଟିକେଟ ପାଇ ନିଶ୍ଚିତ ଭାବେ ବିଜୟୀ ହେବେ ବୋଲି କହିଛନ୍ତି। ଇତିଶ୍ରୀ ସାମଲ କୁହନ୍ତି ବିଧାୟକଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିଛି। ବିଭିନ୍ନ ଆପରାଧିକ କାର୍ଯ୍ୟ ବଢିବା ସହିତ ସରକାରଙ୍କ ଉନ୍ନୟନମୂଳକ ଯୋଜନାରେ ଦୁର୍ନୀତି ଯୋଗୁ ଅମର ଟିକେଟ ଆଉ ପାଇବେ ନାହିଁ। ତେଣୁ ତାଙ୍କୁ ଟିକେଟ ମିଳିଲେ ଅଞ୍ଚଳର ବିକାଶ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବେ। ଏପରି କି ଯଦି ଟିକେଟ ନ ମିଳେ ତେବେ ବିଧାୟକଙ୍କ ବିରୋଧରେ ଠିଆ ହେବାକୁ ମଧ୍ୟ ପଛଘୁଞ୍ଚା ହେବେ ନାହିଁ ବୋଲି ଇତିଶ୍ରୀ କହିଛନ୍ତି।

ଗତ ୩୫ ବର୍ଷ ମଧ୍ୟରେ ଏଠାରେ ତୃତୀୟ ନେତାଙ୍କ ଛାଇ ମଧ୍ୟ ପଡ଼ିନାହିଁ। କଂଗ୍ରେସର ପୂର୍ବତନ ବିଧାୟକ ସୀତାକାନ୍ତ ମହାପାତ୍ର ୩ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ଏଥର ମଧ୍ୟ ସେ ଦାବିଦାର ଥିବା କୁହାଯାଉଛି। ସେ କହିଛନ୍ତି ଏଥର ଲଢେଇ ହେବ। ବର୍ତ୍ତମାନର ବିଧାୟକଙ୍କ ସମୟରେ ଦୁର୍ନୀତି ସୀମା ଲଂଘିଛି। ତେଣୁ କଂଗ୍ରେସର ଟିକେଟ ପାଇ ନିଶ୍ଚିତ ଭାବରେ ଅଞ୍ଚଳର ବିକାଶରେ ସହଭାଗୀ ହେବେ ବୋଲି ସୀତାକାନ୍ତ କହିଛନ୍ତି। ପିସିସି ଉପସଭାପତି ଶୁଭେନ୍ଦୁ ମହାନ୍ତି କଂଗ୍ରେସ ଟିକେଟ ପାଇବାରେ ବହୁ ଆଗରେ ରହିଛନ୍ତି। ଗତ କିଛି ବର୍ଷ ହେଲା ଲୋକଙ୍କ ସହିତ ରହି ସାଂଗଠନିକସ୍ଥିତିକୁ ସୁଦୃଢ଼ କରି ପାରିଛନ୍ତି। କଂଗ୍ରେସ ସହ ସକ୍ରିୟ ଭାବେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ସେ ଟିକେଟ ପାଇଲେ ବିଜୟ ନିଶ୍ଚିତ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି।

ଗତ ଜିଲା ପରିଷଦ ନିର୍ବାଚନରେ ଭାଜପାର ଭୋଟହାର ୨୩.୪୩ ପ୍ରତିଶତକୁ ବଢିବା ପରେ ବିଜେଡି ଓ କଂଗ୍ରେସର କେତେକ କୋଣଠେସା ନେତାଙ୍କୁ ଭାଜପା ଗ୍ରହଣ କରିବାରେ ସଫଳ ହୋଇଛି। ଗତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢିଥିବା ଅମର ନାୟକ ଭାଜପାରେ ଯୋଗଦେଇଛନ୍ତି। ତାଙ୍କ ଟିକେଟ ପାଇବା ନିଶ୍ଚିତ ବୋଲି ସେ କୁହନ୍ତି। ମୋଦିଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ତେଣୁ ଭାଜପାରୁ ଟିକେଟ ମିଳିଲେ ବିଜୟ ସହ ଅଞ୍ଚଳର ବିକାଶ ମୂଳମନ୍ତ୍ର ହେବ ବୋଲି ସେ କହିଛନ୍ତି। ଗତ ବିଧାନସଭା ନିର୍ବାଚନରେ ଭାଜପାର ବିଧାୟକ ପ୍ରାର୍ଥିନୀ ସିମନ୍ତିନୀ ଜେନା ତାଙ୍କ କେତେକ ପୁରୁଣାକର୍ମୀଙ୍କୁ ନେଇ ସଂଗଠନ ଚଳାଇଛନ୍ତି। ବିଜେଡିରେ ଦେଖାଦେଇଥିବା ଅନ୍ତର୍ଦ୍ୱନ୍ଦ୍ୱ ବିରୋଧୀଙ୍କୁ ଏଠାରେ ଭଲ ଭାବେ ସୁହାଉଛି ବୋଲି ସୀମନ୍ତିନୀ କୁହନ୍ତି। ତାଙ୍କୁ ଟିକେଟ ମିଳିଲେ ନିଶ୍ଚିତ ଭାବେ ଭାଜପା ଏଠାରେ ବିଜୟୀ ହେବ। ଯଦି ଟିକେଟ ନ ମିଳେ ତେବେ ଦଳ ପାଇଁ କାର୍ଯ୍ୟ ଜାରି ରଖିବେ ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ଛାଡିଥିବା ଜନ୍ମେଜୟ ଲେଙ୍କା ଏଯାଏ କୌଣସି ଦଳରେ ସାମିଲ ହୋଇ ନାହାନ୍ତି। ଲେଙ୍କା କୁହନ୍ତି ତାଙ୍କର ନିଜସ୍ୱ ଭୋଟ ଅଛି। ସେ ଆଗାମୀ ଦିନରେ କ'ଣ କରିବେ ତାହା ସ୍ଥିର କରି ନାହାନ୍ତି।


ଅମର ନାୟକ


ଇତିଶ୍ରୀ ସାମଲ


ସିମନ୍ତିନୀ ଜେନା


ଅମର ଶତପଥୀ


ଶୁଭେନ୍ଦୁ ମହାନ୍ତି


ସୀତାକାନ୍ତ ମହାପାତ୍ର

### ୨୦୧୪ ନିର୍ବାଚନ ଫଳାଫଳ

| | | |
|---|---|---|
| ବିଜେଡି | ଅମରପ୍ରସାଦ ଶତପଥୀ | ୫୩,୩୨୨ |
| କଂଗ୍ରେସ | ଜନ୍ମେଜୟ ଲେଙ୍କା | ୩୬,୩୮୩ |
| ସ୍ୱାଧୀନ | ଅମର କୁମାର ନାୟକ | ୨୬,୨୬୦ |

### ୨୦୦୯ ନିର୍ବାଚନ ଫଳାଫଳ

| | | |
|---|---|---|
| ଏନ୍‌ସିପି | ଅମର ପ୍ରସାଦ ଶତପଥୀ | ୪୩,୪୭୩ |
| କଂଗ୍ରେସ | ସୀତାକାନ୍ତ ମହାପାତ୍ର | ୩୨,୮୨୪ |
| ସ୍ୱାଧୀନ | ଜନ୍ମେଜୟ ଲେଙ୍କା | ୨୫,୪୦୯ |

| ୨୦୧୪- ମୋଟ ଭୋଟର ସଂଖ୍ୟା | ୨୦୧୯- ମୋଟ ଭୋଟର ସଂଖ୍ୟା |
|---|---|
| ୧,୬୪,୮୪୦ | ୧,୮୧,୫୧୦ |
| ପୁରୁଷ<br>୮୬,୨୩୧ | ପୁରୁଷ<br>୯୪,୦୬୩ |
| ମହିଳା<br>୭୮,୬୦୭ | ମହିଳା<br>୮୭,୪୪୪ |
| ଅନ୍ୟାନ୍ୟ<br>୨ | ଅନ୍ୟାନ୍ୟ<br>୩ |


ସୋନାକ୍ଷୀ

# ଘାରିଛି ସୋସିଆଲ ମିଡିଆ ନିଶା

ଦବଙ୍ଗ ଗର୍ଲ ସୋନାକ୍ଷୀଙ୍କୁ ଏବେ ସୋସିଆଲ ମିଡିଆ ନିଶା ଘାରିଛି। ବସିବା ଠାରୁ କାଶିବା ଭଳ ପରି ସେ ଏବେ ଅଧିକାଂଶ ସମୟ ସୋସିଆଲ ମିଡିଆରେ ବ୍ୟସ୍ତ ରହୁଛନ୍ତି। ତାଙ୍କ କହିବା ଅନୁସାରେ ପ୍ରଶଂସକଙ୍କ ସହ ମିଶିବାର ଆଉ ଏକ ମାଧ୍ୟମ ହେଲା ସୋସିଆଲ ମିଡିଆ। ସେମାନଙ୍କର ମତାମତକୁ ବେଶ୍ ନିଖୁଣ ଭାବରେ ଦେଖି ନିଜ ଉତ୍ତର ଦେଇଥାଆନ୍ତି। 'କରନ୍ ଜୋହରଙ୍କ 'କଳଙ୍କ' ମୋ କ୍ୟାରିୟର ପାଇଁ ଏକ ଟର୍ନିଂ ପଏଣ୍ଟ ହେବ। ଏଥିରେ ମାଧୁରୀ, ସଞ୍ଜୟ ଦତ୍ତଙ୍କ ପରି କଳାକାରଙ୍କ ସହ କାମ କରି ଅନେକ କିଛି ଶିଖିଛି। ବାକି ରହିଲା ସୋସିଆଲ ମିଡିଆ କଥା। ଏହାଦ୍ୱାରା ମୁଁ ମୋ ପ୍ରଶଂସକଙ୍କ ସହ ସିଧାସଳଖ ଯୋଡି ହୋଇପାରୁଛି ବୋଲି କହିଛନ୍ତି ସୋନାକ୍ଷୀ।

ଟେଲି ଫିଲ୍ମ

# ସଞ୍ଜ ସକାଳ


ଟେଲି ଫିଲ୍ମ 'ସଞ୍ଜ ସକାଳ'ର ଏକ ଦୃଶ୍ୟ।

ସତ୍ୟବାନ ଜଣେ ମଜୁରିଆ। ଯାହା କିଛି ରୋଜଗାର କରେ ପରିବାର ଚଳାଇବ କ'ଣ ମଦ ପିଇବାରେ ଖର୍ଚ୍ଚ କରିଦିଏ। ନିଜ ପିଲାକୁ ଖାଇବାକୁ ଦେବାକୁ ତା' ସ୍ତ୍ରୀ ସାବିତ୍ରୀ ନିଜକୁ ମଦ ବିରୋଧୀ ଅଭିଜାନରେ ସାମିଲ କରେ। ସେଥିରୁ ଯେଉଁ ଦି' ପଇସା ମିଳେ ସେଥିରେ ପରିବାର ଚଳାଏ। ହେଲେ ଏହି ସମୟରେ ସେ ଗିରଫ ହୋଇ ହାଜତରେ ଥିବା ବେଳେ ପୋଲିସ ଦ୍ୱାରା ଧର୍ଷିତା ହୁଏ। ହେଲେ ଏହାର ଫାଇଦା ନିଏ ମଦ୍ୟପ ସ୍ୱାମୀ। ନିଜ ସ୍ତ୍ରୀକୁ ଗଣିକା ସଜାଇ ପଇସା ରୋଜଗାର କରି ମଦ ପିଇବାରେ ନିଜକୁ ହଜାଇ ଦିଏ। ଏହାର ପରିଣାମ ସ୍ୱରୂପ ନିଜ ପିଲାକୁ ବିଷ ଦେଇ ନିଜେ ବିଷ ପିଇଦିଏ ସାବିତ୍ରୀ। ଆଉ ତା'ପରେ ? ଅକାଳରେ ପିଲାଟିକୁ ହରାଇ ମ୍ରିୟମାଣ ହୋଇଉଠେ ସତ୍ୟବାନ। ହେଲେ ସେ ମଦ ପିଇବା ଛାଡିଦିଏ କି ? ଏପରି ଘଟଣାକୁ କିଛି ଶିକ୍ଷା କରେ କି ? ଏସବୁର ଉତ୍ତର ରହିଛି ନିକଟରେ ରାଜ୍ୟ ଟେଲି ପୁରସ୍କାର-୨୦୧୮ରେ ଶ୍ରେଷ୍ଠ ଟେଲି ଫିଲ୍ମ ପୁରସ୍କାର ହାସଲ କରିଥିବା ଟେଲିଫିଲ୍ମ 'ସଞ୍ଜ ସକାଳ'। ଏହାର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ସତ୍ୟକାନ୍ତ ସାହୁ। ସ୍ୱର୍ଗତ ବସନ୍ତ କର ସଂଳାପ ଲେଖିଥିବା ବେଳେ ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ମାନସ ପରିଡା। ସ୍ୱାତୀ ମିଡିଆ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ଏହି ଟେଲି ଫିଲ୍ମର ବିଭିନ୍ନ ଭୂମିକାରେ ମନୋଜ ମିଶ୍ର, ଚିନ୍ତାମଣି ବିଶ୍ୱାଳ, ଶୁଭ୍ରାଂଶୁ ନାୟକ, ଭକ୍ତି ଏବଂ ଫ୍ଲୋରେନ୍ସ ପାଢ଼ୀ ଅଭିନୟ କରିଛନ୍ତି।

# ଆମୀର, ଶାହରୁଖଙ୍କ ପରେ ରଣବୀର

କିଏ ହେବ ମହାକାଶଚାରୀ ରାକେଶ ଶର୍ମା। ପ୍ରଥମେ ଏହି ଭୂମିକା ପାଇଁ ଆମୀର ଖାଁଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ଏଥିରୁ ଓହରି ଯାଇଥିଲେ। ଏହାପରେ ଏଭଳି ଭୂମିକାକୁ କିଏ ତୁଲାଇବ ସେ ନେଇ ଚିନ୍ତାରେ ପଡିଯାଇଥିଲେ ପ୍ରଯୋଜକ ରନି ସ୍କ୍ରୁୱାଲା। ଏହି ଭୂମିକା ପାଇଁ ଶାହରୁଖଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ମଧ୍ୟ ମନା କରିଦେଇଛନ୍ତି। ଏବେ ଏହି ତାଲିକାରେ ରଣବୀର କପୁରଙ୍କ ନାମକୁ ସାମିଲ କରାଯାଇଛି। ହେଲେ ସେ ଏଥିରେ ଅଭିନୟ କରିବେ କି ନାହିଁ ସେ ନେଇ ନିର୍ଦ୍ଦିଷ୍ଟ ସୂଚନା ଦେଇନାହାନ୍ତି। ସୂଚନାଯୋଗ୍ୟ ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମାଙ୍କ ଜୀବନୀକୁ ନେଇ ରନି ଏକ ବାୟୋପିକ୍ ନିର୍ମାଣ କରିବାକୁ ଯାଉଛନ୍ତି।

ଅପେରା ହାଲଚାଲ୍

# ସଙ୍ଗୀତ ନିଶାରେ ସୁମିତ୍ରା



ଗୀତ ଗାଇବା ତାଙ୍କ ପାଇଁ ଏକ ନିଶା ପାଲଟି ଯାଇଛି। ପ୍ରଥମେ ଅପେରା ମେଲୋଡିରେ ଗୀତ ଗାଇବା ପରେ ଏବେ ନାଟକର ସିକୁଏନ୍ସ ଗୀତ ଗାଇ ଦର୍ଶକଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ହେଲେ ସୁମିତ୍ରା ଦାସ। ସେ ଜଲିଉଡ୍‌ରେ ସୋମା ନାମରେ ପରିଚିତା। ସାହାଣୀ ଗଣନାଟ୍ୟରୁ ଆରମ୍ଭ ହୁଏ ତାଙ୍କ ଗାୟିକା ଜୀବନ। ବଡ଼ ଭଉଣୀ ପିଲାର ଦେଖାଶୁଣା କରିବାକୁ ଆସି ସେ ଯାତ୍ରା ଦୁନିଆରୁ ନିଜକୁ ମୁକୁଳାଇ ପାରି ନ ଥିଲେ। ସେତେବେଳେ ମେଲୋଡିରେ ଗୀତ ଗାଇବା ସହ ଛୋଟ ଛୋଟ ଚରିତ୍ରରେ ଅଭିନୟ ମଧ୍ୟ କରୁଥିଲେ। ତା'ପରେ ମା' ଗଣନାଟ୍ୟ, ତାରିଣୀ ଗଣନାଟ୍ୟ, ସାତଶଙ୍ଖ ଅପେରା, ଭବାନୀ ଗଣନାଟ୍ୟ, ପାର୍ବତୀ ଗଣନାଟ୍ୟ, କଳିଙ୍ଗକନ୍ୟା ଗଣନାଟ୍ୟ ପରେ ବର୍ତ୍ତମାନ ଧଉଳିରେ ଗାୟିକା ଭାବରେ ନିଜ କ୍ୟାରିୟରକୁ ଆଗେଇ ନେଉଛନ୍ତି ବ୍ରହ୍ମପୁରରେ ଜନ୍ମିତା ଏହି ଗାୟିକା। ତବଲା ବାଦକ ସୁବାସ ଦାସଙ୍କ ସହ ପରିଚୟ ଆଉ ତା'ପରେ ପ୍ରେମ। ବାସ୍, ପରବର୍ତ୍ତୀ ସମୟରେ ଦୁହେଁ ଘର ସଂସାର କରିବାକୁ ସ୍ଥିର କରନ୍ତି। 'ଛୋଟ ବେଳୁ ଯାତ୍ରା ଜଗତକୁ ଆସିଥିଲି। ଏବେ ୪୧ ବର୍ଷ ବୟସ ହୋଇଗଲା। ସୁଖଦୁଃଖର ସ୍ମୃତିକୁ ନେଇ ଆଗେଇ ଚାଲିଛି, ଯାହା ପଛରେ ରହିଛି ଦର୍ଶକଙ୍କ ଶୁଭେଚ୍ଛା। ବାଧାବିଘ୍ନ ଅନେକ ତ ଆସିଛି। ହେଲେ ପେଟପାଟଣା କଥା। ସବୁ କିଛିକୁ ଭୁଲି ନିଜର ଦାୟିତ୍ୱ ତୁଲାଇଛି। ଏ କ୍ଷେତ୍ରରେ ମୁଁ ଆଜି ଯେତିକି ବାଟ ଆଗେଇଛି ସେଥିପାଇଁ ସ୍ୱାମୀଙ୍କ ପ୍ରେରଣା ମୋତେ ଯଥେଷ୍ଟ ସାହାଯ୍ୟ କରିଛି। ସତେଯେମିତି ମୁଁ ସଙ୍ଗୀତ ନିଶାରୁ ନିଜକୁ ମୁକୁଳାଇ ପାରୁନି ବୋଲି କହନ୍ତି ସୁମିତ୍ରା।'

ଜଣା ଅଜଣା

# ସାବୁନ ପ୍ରିୟ ସଲମାନ୍

- ସଲମାନଙ୍କ ପ୍ରକୃତ ନାମ ହେଲା ଅବଦୁଲ ରସିଦ ସଲିମ ସଲମାନ ଖାଁ। କିନ୍ତୁ ବଲିଉଡ୍‌ରେ ସେ ସଲମାନ ଖାଁ ନାମରେ ପରିଚିତ।
- 'ଟ୍ରିଗିମିନାଲ ନ୍ୟୁରାଲାଗିଆ' ନାମକ ଏକ ଫେସିଆଲ ନର୍ଭ ଡିଜ୍‌ଅର୍ଡରରେ ସେ ପୀଡିତ ବୋଲି ଆଲୋଚନା ହୁଏ।
- ସାବୁନ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା। ତେଣୁ ସେ ନିଜ ବାଥ ରୁମ୍‌ରେ ବିଭିନ୍ନ ପ୍ରକାର ସାବୁନ ରଖିଥାଆନ୍ତି।
- ତାଙ୍କର ଇ-ମେଲ୍ ଆଇଡି ନାହିଁ। ସେ ସବୁବେଳେ ଫୋନ୍‌ରେ ହିଁ କଥା ହେବାକୁ ପସନ୍ଦ କରିଥାଆନ୍ତି।
- ସଲମାନ ନିଜ ରୁମ୍‌ରେ 'ଜୟ ହୋ' ପେଣ୍ଟିଂ ଲଗାଇଛନ୍ତି।
- ସେ କଦାପି ମୁଭି ରିଭ୍ୟୁ ପଢ଼ନ୍ତି ନାହିଁ।
- ସୁପରହିଟ୍ ଫିଲ୍ମ 'ମୈନେ ପ୍ୟାର କିୟା' ପରେ ସଲମାନ ପାଖାପାଖି ୬ ମାସ କୌଣସି ଅଫର ପାଇ ନ ଥିଲେ।
- ସଲମାନଙ୍କ ଫିଗର ହ୍ରିତିକ ରୋଶନ ଏବଂ ଅର୍ଜୁନ କପୁରଙ୍କ ବଡି ଫିଟ୍‌ନେସ୍ ରଖିବାରେ ପ୍ରେରଣା ଦେଇଛି।
- ମୁମ୍ବାଇରେ 'ଭାଇଜାନ୍' ନାମରେ ଏକ ରେଷ୍ଟୁରାଣ୍ଟ ରହିଛି, ଯାହାକୁ ସଲମାନଙ୍କ ପ୍ରଶଂସକମାନେ ତାଙ୍କୁ ମନେରଖିବା ପାଇଁ ତିଆରି କରିଛନ୍ତି।
- ନେଗେଟିଭ ରୋଲକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ। ତେଣୁ ଶାହରୁଖ ଅଭିନୀତ 'ବାଜିଗର' ଅଫରକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ।
- ପିଲାଦିନେ ସଲମାନ ଜଣେ ସୁଇମର ଥିଲେ। କେବଳ ସେତିକି ନୁହେଁ ସ୍କୁଲରେ ସେ ସୁଇମିଙ୍ଗ ଚାମ୍ପିୟନ ହେବା ସହ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି।
- ସଲମାନ ସବୁବେଳେ ଟରକୁଇଜ ଷ୍ଟୋନ୍‌ର ଏକ ବ୍ରେସଲେଟ୍ ପିନ୍ଧିଥାଆନ୍ତି, ଯାହାକୁ ସେ ଲକି ବୋଲି ଭାବିଥାଆନ୍ତି।
- ଉପହାର ଦେବାକୁ ନେଇ ସେ ଅଧିକାଂଶ ସମୟରେ ଚର୍ଚ୍ଚାରେ ରହିଥାଆନ୍ତି। ଥରେ ସେ କରୀନା କପୁରଙ୍କୁ ଏକ ବିଏମଡବ୍ଲ୍ୟୁ କାର୍, କ୍ୟାଟ୍ରିନାଙ୍କୁ ଫୋର-ବିଏଚକେ ଫ୍ଲାଟ୍ ଦେଇଥିଲେ।
- ପିଲାଦିନେ ସେ ଜଣେ ଲେଖକ ହେବାକୁ ଆଶା ରଖିଥିଲେ। ହିନ୍ଦୀ ସିନେମା 'ବାଗୀ, 'ବୀର୍', 'ଚନ୍ଦ୍ରମୁଖୀ'ର କାହାଣୀ ରଚନା କରିଛନ୍ତି।
- ବଲିଉଡ୍‌ରେ ସେ ଲଞ୍ଚିଙ୍ଗ ପ୍ୟାଡ୍ ଭାବରେ ପରିଚିତ। ଭାଗ୍ୟଶ୍ରୀ (ମୈନେ ପ୍ୟାର୍ କିୟା), ନଗମା (ବାଗୀ), ଚାନ୍ଦିନୀ (ସନମ ବେୱଫା), ଭୂମିକା ଚାୱଲା (ତେରେ ନାମ୍), ସ୍ନେହା ଉଲ୍ଲାଲ (ଲକି), ଜରିନ ଖାଁ (ବୀର), ସୋନାକ୍ଷୀ ସିହ୍ନା (ଦବଙ୍ଗ) ଏବଂ ଡେଜି ଶାହା (ଜୟ ହୋ)ରେ ବ୍ରେକ୍ ଦେଇଥିଲେ।
- ଡେଜି ଇରାନୀ ଆକ୍ଟିଂ ଇନଷ୍ଟିଚ୍ୟୁଟ୍‌ରେ ସେ ଆକ୍ଟିଂ କୋର୍ସ କରିଥିଲେ। ସେ ସମୟରେ ସାଜିଦ ଖାଁ ଏବଂ ଚଙ୍କି ପାଣ୍ଡେ ତାଙ୍କର ସହପାଠୀ ଥିଲେ।
- ଚାଇନିଜ ଫୁଡ୍ ଖାଇବାକୁ ସେ ପସନ୍ଦ କରିଥାଆନ୍ତି।
- ସଲମାନ ଏ ପର୍ଯ୍ୟନ୍ତ ପରଦା ଉପରେ କିସିଙ୍ଗ ଶଟ୍ ଦେଇନାହାନ୍ତି।
- ଏକଦା ପଛକୁ ପଛ ତାଙ୍କ ଅଭିନୀତ ପାଞ୍ଚଟି ସିନେମା 'ଦବଙ୍ଗ', 'ରେଡ୍ଡି', 'ବଡିଗାର୍ଡ', 'ଏକ ଥା ଟାଇଗର' ଏବଂ 'ଦବଙ୍ଗ-୨' ୧୦୦କୋଟି କ୍ଲବ୍‌ରେ ସାମିଲ ହୋଇଥିଲା।



ବଲଉଡର ମୋଷ୍ଟ ଏଲିଜିବ୍‌ଲ ବ୍ୟାଚେଲର ଭାବରେ ସେ ପରିଚିତ। ଦୀର୍ଘ ୨୫ବର୍ଷର ହିନ୍ଦୀ ସିନେମା କ୍ୟାରିୟରରେ ସେ ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ଅଭିନୟ କରି ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ସେ ହେଲେ ସଲମାନ ଖାଁ...

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.54 (↓ 17) | 37,752.17 (↑ 216.51) | 11,341.70 (↑ 40.50) | 33,385.00 (↑ ₹235) | 39,710.00 (↑ ₹130) |



"ଡିଜିଟାଲ ଇକୋନୋମୀର ସୁରକ୍ଷା ସମ୍ପର୍କରେ କାର୍ଯ୍ୟ କରିବାକୁ ହେବା।"
–ନନ୍ଦନ ନିଲେକାନୀ, ଅଧ୍ୟକ୍ଷ, ଆର୍‌ବିଆଇ ଡିଜିଟାଲ କମିଟି



"ଆଇଟି କ୍ଷେତ୍ରରେ ଭାରତୀୟ ଯୁବବର୍ଗଙ୍କ ନିକଟରେ ଦକ୍ଷତାର ଅଭାବ ରହିଛି।"
– ଗିନି ରୋମେଟି, ଅଧ୍ୟକ୍ଷ, ଆଇବିଏମ୍

## ସଂକ୍ଷେପରେ

### ୧୯ରେ ଜିଏସ୍‌ଟି କାଉନ୍‌ସିଲ୍ ବୈଠକକୁ ଇସିଙ୍କ ଅନୁମତି

**ନୂଆଦିଲ୍ଲୀ,୧୩-୩:** ରିଏଲ ଇଷ୍ଟେଟ ସେକ୍ଟରରେ ଜିଏସ୍‌ଟି ହ୍ରାସ ସହ ଅନ୍ୟ କେତେକ ପ୍ରସଙ୍ଗରେ ନିଷ୍ପତ୍ତି ନେବା ଲାଗି ଆସନ୍ତା ୧୯ରେ ଜିଏସ୍‌ଟି କାଉନ୍‌ସିଲ୍ ବୈଠକ ବସିବାକୁ ଯାଉଛି। ତେବେ ଏହି ବୈଠକକୁ ନିର୍ବାଚନ କମିଶନ(ଇସି) ସବୁଜ ସଙ୍କେତ ଦେଇଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ବୈଠକ ନେଇ ଅନୁମତି ମିଳିବା ପରେ ଜିଏସ୍‌ଟି କାଉନ୍‌ସିଲ୍ ସେକ୍ରେଟାରିଏଟ ପକ୍ଷରୁ ୩୪ତମ ବୈଠକ ଲାଗି ରାଜ୍ୟଗୁଡ଼ିକୁ ନୋଟିସ ପଠାଯାଇଛି। ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରବିବାରଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇସାରିଥିବାରୁ ଉକ୍ତ ବୈଠକ ନେଇ ଇସିଙ୍କ ଅନୁମତି ନେବା ଆବଶ୍ୟକ ଥିଲା। ପୂର୍ବ ବୈଠକରେ ନିର୍ମାଣାଧୀନ ଘର ଉପରେ ୫% ଏବଂ ସୁଲଭ ଘର ଉପରେ ୧% ଜିଏସ୍‌ଟି ଆଦାୟ ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହା ଏପ୍ରିଲ ପହିଲାରୁ ଲାଗୁ ହେବ। ବର୍ତ୍ତମାନ ଇନପୁଟ ଟ୍ୟାକ୍ସ କ୍ରେଡିଟ ସହ ରିଏଲିଟି ସେକ୍ଟରରେ ୧୨% ଜିଏସ୍‌ଟି ଆଦାୟ କରାଯାଉଛି।

### ଧରାପଡିଲା ୮ କମ୍ପାନୀର ୨୨୪ କୋଟି ଜିଏସ୍‌ଟି ଫାଙ୍କି


**ନୂଆଦିଲ୍ଲୀ,୧୩-୩:** ଜିଏସ୍‌ଟି ଅଧିକାରୀମାନେ ୨୨୪ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଧରିପାରିଛନ୍ତି। ୮ କମ୍ପାନୀଙ୍କ ଏକ ସମୂହ ଏହି ଟିକସ ଫାଙ୍କି ଥିଲେ। ସେମାନେ ୧୨୮୯ କୋଟି ଟଙ୍କାର ଜାଲ୍ ବିଲ୍ ତିଆରି କରିଥିଲେ। ହାଇଦ୍ରାବାଦ୍ କେନ୍ଦ୍ରୀୟ ଜିଏସ୍‌ଟି ଆୟୁକ୍ତ କାର୍ଯ୍ୟାଳୟ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କୁହାଯାଇଛି ଯେ, ଏହି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହିତ ତାଙ୍କଠାରୁ ୧୯.୭୫ କୋଟି ଟଙ୍କା ଜବତ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ମଙ୍ଗଳବାର ରାତିରେ ୮ଟି କମ୍ପାନୀର ମାଲିକଙ୍କ ଘର ଓ କାର୍ଯ୍ୟାଳୟରେ ଖାନତଲାସୀ କରାଯିବା ବେଳେ ବହୁ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଛି। ଲୁହା ଓ ଇସ୍ପାତ ଉଦ୍ୟୋଗ ସହ ଉକ୍ତ କମ୍ପାନୀଗୁଡ଼ିକ ଜଡ଼ିତ। ସେମାନେ ଟିଏମ୍‌ଟି ଲୁହାଛଡ଼ ବାସ୍ତବରେ ନ ଯୋଗାଇ ୧୨୮୯ କୋଟି ଟଙ୍କାର ଜାଲ୍ ବିଲ୍ ତିଆରି କରି ୨୨୪ କୋଟି ଟଙ୍କାର ଇନପୁଟ ଟ୍ୟାକ୍ସ କ୍ରେଡିଟ ନେଇଥିଲେ।

### ବଜାଜ ଫିନସର୍ଭରୁ ରାହୁଲ ବଜାଜଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୩-୩:** ବଜାଜ ଫିନସର୍ଭର ଅଧ୍ୟକ୍ଷ ତଥା ଅଣ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପଦରୁ ରାହୁଲ ବଜାଜ ଇସ୍ତଫା ଦେଇଛନ୍ତି ବୋଲି କମ୍ପାନୀ ପକ୍ଷରୁ ବୁଧବାର କୁହାଯାଇଛି। ମେ'ରୁ ସେ ଚେୟାରମ୍ୟାନ ଏମେରିଟସ୍ ହେବେ। ୮୦ ବର୍ଷୀୟ ବଜାଜ୍ ଗତ ୧୫ରେ ଏକ ପତ୍ର ଲେଖି ନିଜ ପଦରୁ ଇସ୍ତଫା ଦେଇଥିବା ସମ୍ପର୍କରେ ଜଣାଇଥିବା ବେଳେ ଏହା କମ୍ପାନୀର ମେ ୧୬ ତାରିଖରେ ହେବାକୁ ଥିବା ବୋର୍ଡ ବୈଠକ ଶେଷରୁ କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଛନ୍ତି। ସେହି ଦିନଠାରୁ ସେ ଏମେରିଟସ ଭାବେ ନିଯୁକ୍ତ ହେବେ।

ଆର୍‌କମ୍‌ର ପାଣ୍ଠି କଟକଣା ପ୍ରତ୍ୟାହାର

### ଏନ୍‌ସିଏଲ୍‌ଏଟି ରାୟ ସଂରକ୍ଷିତ ରଖିଲେ



**ନୂଆଦିଲ୍ଲୀ,୧୩-୩:** ଏରିକ୍‌ସନର ବକେୟା ପ୍ରଦାନ ଲାଗି ଏହାକୁ ଅର୍ଥର ଆବଶ୍ୟକତା ଥିବାରୁ ତୁରନ୍ତ ପାଣ୍ଠି ବ୍ୟବହାର ଉପରୁ କଟକଣା ପ୍ରତ୍ୟାହାର କରିବା ଲାଗି ରିଲାଏନ୍ସ କମ୍ୟୁନିକେଶନ୍ସ(ଆର୍‌କମ୍) ପକ୍ଷରୁ ଆଗତ ମାମଲାର ରାୟ ସଂରକ୍ଷିତ ରଖିଛନ୍ତି ନ୍ୟାଶନାଲ କମ୍ପାନୀ ଲ' ଆପେଲାଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଟି)। ତେବେ ଆର୍‌କମ୍‌କୁ ଋଣ ଦେଇଥିବା ବ୍ୟାଙ୍କଗୁଡ଼ିକ ଏହାକୁ ବିରୋଧ କରିଛନ୍ତି। ଉଭୟପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ ଏସ.ଜେ.ମୁଖୋପାଧ୍ୟାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ପରେ ରାୟ ପ୍ରଦାନ କରାଯିବ ବୋଲି କହିଛନ୍ତି। ଆର୍‌କମ୍ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ ଯୁକ୍ତି ବାଢ଼ିଥିଲେ। ଏସ୍‌ବିଆଇ ଦ୍ୱାରା ବନ୍ଧକ ରଖାଯାଇଥିବା ଟ୍ରଷ୍ଟ ଓ ରିଟେନ୍‌ଶନ ଆକାଉଣ୍ଟରୁ ଏରିକ୍‌ସନକୁ ଟଙ୍କା ପୈଠ ପାଇଁ ଅନୁମତି ମିଳୁ ବୋଲି ସେ ଯୁକ୍ତି ବାଢ଼ିଥିଲେ।

# ୫୩% ବଢ଼ିଲା ମୁଦ୍ରା ଯୋଜନା ଏନ୍‌ପିଏ

ନୂଆଦିଲ୍ଲୀ,୧୩-୩

प्रधानमंत्री MUDRA योजना
पूँजी, सफलता की कुंजी

- ପ୍ରଥମ ୯ ମାସରେ ଏନ୍‌ପିଏ ୧୪,୯୩୧ କୋଟି
- ମୁଦ୍ରା ଯୋଜନାରେ ୩ ଶ୍ରେଣୀରେ ଦିଆଯାଏ ଋଣ
- ଏପ୍ରିଲରୁ ଡିସେମ୍ବର ମଧ୍ୟରେ ବଣ୍ଟାଯାଇଛି ୨.୧୨ ଲକ୍ଷ କୋଟି

ଅନାଦାୟ ଋଣ (ଏନ୍‌ପିଏ) ସମସ୍ୟା ବ୍ୟାଙ୍କିଙ୍ଗ୍ ସେକ୍ଟର ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଥିବା ବେଳେ ନିଯୁକ୍ତି ସୃଷ୍ଟି ଲାଗି ପ୍ରଣୀତ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ) ସେମାନଙ୍କ ଲାଗି ବୋଝ ଉପରେ ନଳିତା ବିଡ଼ା ହେଲାଣି। ମିଡିଆ ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷ ୨୦୧୮-୧୯ର ପ୍ରଥମ ୯ ମାସରେ ମୁଦ୍ରା ଯୋଜନା ଅଧୀନରେ ଏନ୍‌ପିଏ ପରିମାଣ ୫୩% ବୃଦ୍ଧି ପାଇ ୧୪,୯୩୦.୯୮ କୋଟି ଟଙ୍କାରେ ପହଞ୍ଚିଗଲାଣି। ଯାହାକି ପୂର୍ବବର୍ଷ ୯,୭୬୯.୯୯ କୋଟି ଟଙ୍କା ଥିଲା।

କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ମାଧ୍ୟମରେ ନିଯୁକ୍ତି ସୃଷ୍ଟି ଲାଗି କେନ୍ଦ୍ର ସରକାର ଆରମ୍ଭ କରିଥିଲେ ମାଇକ୍ରୋ ୟୁନିଟ୍ସ ଡେଭଲପ୍‌ମେଣ୍ଟ ଆଣ୍ଡ ରିଫାଇନାନ୍ସ ଏଜେନ୍ସି (ମୁଦ୍ରା) ଯୋଜନା। ଅଣ କର୍ପୋରେଟ ଓ ଅଣ କୃଷି କ୍ଷେତ୍ରରେ ଋଣ ପ୍ରଦାନ କରି ଉଦ୍ୟୋଗ ପ୍ରତିଷ୍ଠା କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା। ଏହି ଋଣକୁ ୩ଟି ଶ୍ରେଣୀ 'ଶିଶୁ','କିଶୋର' ଓ 'ତରୁଣ'ରେ ବିଭକ୍ତ କରାଯାଇଛି। ଆର୍‌ଟିଆଇ ତଥ୍ୟ ଅନୁଯାୟୀ, ଏହି ୩ଟି ଶ୍ରେଣୀରେ ଋଣ ପରିମାଣ ଯଥାକ୍ରମେ ୬୪ ପ୍ରତିଶତ, ୫୨ ପ୍ରତିଶତ ଓ ୪୨ ପ୍ରତିଶତ ହାରରେ ବଢ଼ିଛି। ସେହିପରି ମାର୍ଚ୍ଚ ୩୧, ୨୦୧୮ରେ ଏନ୍‌ପିଏ ଆକାଉଣ୍ଟ ସଂଖ୍ୟା ୧୭.୮୮ ଲକ୍ଷ ଥିବା ବେଳେ ସେହିବର୍ଷ ଡିସେମ୍ବର ୩୧ ସୁଦ୍ଧା ବୃଦ୍ଧି ପାଇ ୨୮.୮୩ ଲକ୍ଷରେ ପହଞ୍ଚିଯାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ଶିଶୁ, କିଶୋର ଓ ତରୁଣ ଆକାଉଣ୍ଟରେ ଏନ୍‌ପିଏ ହାର ଯଥାକ୍ରମେ ୫୮.୩୩%, ୭୦% ଓ ୪୫% ରହିଛି। ଋଣ ପ୍ରଦାନ ମଧ୍ୟ ଧୀମା ଗତିରେ ଚାଲିଛି। ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ମାତ୍ର ୨.୧୨ ଲକ୍ଷ କୋଟି ଟଙ୍କା ଋଣ ବଣ୍ଟାଯାଇଥିବା ବେଳେ ୨୦୧୭-୧୮ରେ ୨.୪୬ ଲକ୍ଷ କୋଟି ଟଙ୍କା ଋଣ ଦିଆଯାଇଥିଲା। ଏନ୍‌ପିଏ ବୃଦ୍ଧି ସହ ଋଣ ପ୍ରଦାନ ହ୍ରାସ ପାଇବାରୁ ଗୋଟିଏ କଥା ସ୍ପଷ୍ଟ ଯେ, ୨୦୧୭-୧୮ରେ ଗ୍ରସ୍ ଏନ୍‌ପିଏ ହାର(ଏନ୍‌ପିଏ ବିଭକ୍ତ ଋଣ ପ୍ରଦାନ) ମଧ୍ୟ ଚଳିତ ବର୍ଷ ବଢ଼ି ୩.୯୬ ପ୍ରତିଶତ ହୋଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଶିକ୍ଷିତ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବାକୁ ଯାଇ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଉଦ୍ରେକ ସଦୃଶ ଉଦ୍ୟୋଗ ପ୍ରତିଷ୍ଠା ଲାଗି ମୁଦ୍ରା ଯୋଜନାରେ କୌଣସି ସମ୍ପତ୍ତି ବନ୍ଧା ରଖାଯାଏ ନାହିଁ। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ମୁଦ୍ରା ଯୋଜନାର ଏନ୍‌ପିଏ ସରକାରଙ୍କ ପାଇଁ ବଡ଼ ଚିନ୍ତାର କାରଣ ହେବ ବୋଲି କହିଥିଲେ।

# ଅଫ୍‌ଲାଇନ୍‌ରେ ସ୍ଥିତି ଦୃଢ଼ କରୁଛି ରିୟଲମି



ଭୁବନେଶ୍ୱର,୧୩-୩(ବ୍ୟୁରୋ)

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ୍ ରିୟଲମି ଅଫ୍‌ଲାଇନରେ ଏହାର ସ୍ଥିତିକୁ ଦୃଢ଼ କରୁଛି। କମ୍ପାନୀ ଏଥର ଦେଶର ୧୫୦ ସହରରେ ଏହାର ଅଫ୍‌ଲାଇନ ଉପସ୍ଥିତି ଜାହିର କରିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏ ନେଇ ସୂଚନା ଦେଇଛନ୍ତି। ପ୍ରମୁଖ ସହରଗୁଡ଼ିକରୁ କାରବାର ଆରମ୍ଭ କରି ଏହା ବର୍ତ୍ତମାନ ନିଜ ନେଟ୍‌ୱର୍କକୁ ବଢ଼ାଉଛି। ଅଫ୍‌ଲାଇନ ରିଟେଲରଙ୍କ ସହ ଯୋଡି ହୋଇ ଗ୍ରାହକଙ୍କୁ ଉନ୍ନତ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟ କରୁଥିବା ଏହା ପ୍ରକାଶ କରିଛି। ଚଳିତବର୍ଷ ଜାନୁୟାରୀରେ କମ୍ପାନୀ ଦେଶର ୧୦ ବଡ଼ ସହରରୁ ସେବା ଆରମ୍ଭ କରିଥିଲା। ନେଟ୍‌ୱର୍କରେ ନୂଆ ସହର ଯୋଡିବା ସହିତ ସାରା ଦେଶରେ ଏହା ୨୦ ହଜାର ଆଉଟଲେଟ୍ ସହ ସେବା ଯୋଗାଉଛି। ଷ୍ଟୋରଗୁଡ଼ିକରେ କମ୍ପାନୀର ସବୁ ମଡେଲ ଉପଲବ୍ଧ ରହିଛି। ମୁମ୍ବାଇ, ହାଇଦ୍ରାବାଦ, ସୁରଟ, ଲୁଧିଆନା ଭଳି ୩୫ ସହରରେ ଚାହିଦା ଭଲ ରହିଥିବା ବେଳେ ୩୦୦୦ ଷ୍ଟୋର ଦ୍ୱାରା ଏହା ଗ୍ରାହକଙ୍କ ନିକଟରେ ଉତ୍ପାଦ ପହଞ୍ଚାଉଛି। ଭୁବନେଶ୍ୱରରେ କମ୍ପାନୀର ୪୦ ପାର୍ଟନର ଷ୍ଟୋର ରହିଛି। ସାରା ରାଜ୍ୟରେ ଏହାର ୧୮୦ ପାର୍ଟନର ଷ୍ଟୋର ରହିଥିବା କମ୍ପାନୀ କହିଛି। ସେହିଭଳି ଭୁବନେଶ୍ୱରରେ ୫୫ ରିଟେଲ ଆଉଟଲେଟ୍ ଥିବା ବେଳେ ସାରା ରାଜ୍ୟରେ ଏହା ୨୫୦ ସଂଖ୍ୟା ଛୁଇଁଛି। ସେହିଭଳି ରାଜ୍ୟରେ ୬ ସର୍ଭିସ ସେଣ୍ଟର ଦ୍ୱାରା ଏହା ସେବା ଯୋଗାଉଛି। ଗ୍ରାହକଙ୍କୁ ସର୍ବୋତ୍ତମ ଅଭିଜ୍ଞତା ପ୍ରଦାନ ଦିଗରେ ପ୍ରତିଶ୍ରୁତିବଦ୍ଧ ବୋଲି ରିୟଲମି ଇଣ୍ଡିଆ ସିଇଓ ମାଧବ ସେଠ୍ କହିଛନ୍ତି।

■ ଇଡିକୁ ଚନ୍ଦା କୋଚରଙ୍କ ଉତ୍ତର

# ସ୍ୱାମୀଙ୍କ ବ୍ୟବସାୟ ସମ୍ପର୍କରେ ଜାଣିନାହିଁ

ନୂଆଦିଲ୍ଲୀ,୧୩-୩



ଭିଡିଓକନ ଗ୍ରୁପ୍‌କୁ ଋଣ ଦେବା ମାମଲାରେ ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ତଥା ଏମ୍‌ଡି ଚନ୍ଦା କୋଚର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଜେରାର ସମ୍ମୁଖୀନ ହୋଇଛନ୍ତି। ଋଣ ପ୍ରଦାନ ବେଳେ ସ୍ୱାମୀ ଦୀପକ କୋଚରଙ୍କ ସହ ଭିଡିଓକନ ଗ୍ରୁପ୍ ମାଲିକ ବେଣୁଗୋପାଳ ଧୂତ୍‌ଙ୍କ ବ୍ୟବସାୟ ସମ୍ପର୍କରେ ସେ କିଛି ଜାଣି ନ ଥିଲେ ବୋଲି ଚନ୍ଦା ଜେରା ବେଳେ କହିଛନ୍ତି।

ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂଚନାନୁଯାୟୀ, ଭିଡିଓକନ ଗ୍ରୁପ୍‌କୁ ଋଣ ପ୍ରଦାନ ନେଇ ଇଡି ପକ୍ଷରୁ ଚନ୍ଦାଙ୍କୁ ଗୁଡେଇତୁଡେଇ ପ୍ରଶ୍ନ ପଚରାଯାଇଥିଲା। ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ଭିଡିଓକନ ଗ୍ରୁପ୍‌କୁ ୩୦୦ କୋଟି ଟଙ୍କାର ଋଣ ମଞ୍ଜୁର ହେବାର ଦିନକ ପରେ କିପରି ବେଣୁଗୋପାଳ ୬୪ କୋଟି ଟଙ୍କା ଦୀପକଙ୍କ କମ୍ପାନୀ ନ୍ୟୁପାୱାର ରିନ୍ୟୁଏବୁଲ୍‌ସକୁ ଦେଲେ ବୋଲି ପ୍ରଶ୍ନ ହେବାରୁ ଚନ୍ଦା ଏହାର ଉତ୍ତରରେ କହିଥିଲେ ଯେ, ସେ ବ୍ୟାଙ୍କ କାର୍ଯ୍ୟ ସମ୍ପର୍କରେ ସ୍ୱାମୀଙ୍କ ସହ ଆଲୋଚନା କରନ୍ତି ନାହିଁ। ସ୍ୱାମୀ ମଧ୍ୟ ନିଜ ବ୍ୟବସାୟ ସମ୍ପର୍କରେ ତାଙ୍କ ସହ ଆଲୋଚନା କରି ନ ଥାନ୍ତି। ଭିଡିଓକନ ଗ୍ରୁପ୍‌କୁ ଏହାର ଯୋଗ୍ୟତା ହିସାବରେ ଆଇସିଆଇସିଆଇ ବ୍ୟାଙ୍କରୁ ୧୮୭୫ କୋଟି ଟଙ୍କା ଋଣ ଦିଆଯାଇଛି ବୋଲି ଉଲ୍ଲେଖ କରି ଚନ୍ଦା କହିଛନ୍ତି ଯେ, ଋଣ ପ୍ରଦାନ କମିଟି ସବୁ କିଛି ଯାଞ୍ଚ କରିବା ପରେ ହିଁ ଏଥିରେ ସ୍ୱୀକୃତି ପ୍ରଦାନ କରିଥିଲେ। ଋଣ ପ୍ରଦାନ ମାମଲାରେ ଚନ୍ଦା ଆପରାଧିକ ଷଡ଼ଯନ୍ତ୍ରରେ ଲିପ୍ତ ଥିଲେ ବୋଲି ପ୍ରମାଣ କରିବା ଲାଗି ସିବିଆଇ ଏବଂ ଇଡି ଦୃଢ଼ ପ୍ରମାଣ ଖୋଜୁଛି ବୋଲି ଉକ୍ତ ସୂତ୍ରରୁ ପ୍ରକାଶ। ସୂଚନାଥାଉ କି, ଧୂତ୍‌ଙ୍କୁ ବ୍ୟାଙ୍କ ପକ୍ଷରୁ ଋଣ ମଞ୍ଜୁର କରିବା ଏବଂ ଧୂତ୍ ତାଙ୍କୁ ଆଉ ଏକ ଋଣ ଦେବାର ସମୟ କାକତାଳୀୟ ମାତ୍ର ବୋଲି ଜେରାବେଳେ ଦୀପକ କୋଚର କହିଥିଲେ।

# ଟୁଇଟର ଅଧିକାରୀଙ୍କୁ ଜେଲ୍ ଧମକ

ନୂଆଦିଲ୍ଲୀ,୧୩-୩

ଆପତ୍ତିଜନକ ତଥା ଉତ୍ତେଜନାମୂଳକ ଖବର ପ୍ରଚାରକୁ ରୋକିବାରେ ଟୁଇଟର ବିଫଳ ହେଲେ ଏହାର ଶୀର୍ଷ ଅଧିକାରୀମାନେ ୭ ବର୍ଷ ଜେଲ୍ ସହ ଜରିମାନାର ସମ୍ମୁଖୀନ ହେବେ ବୋଲି କେନ୍ଦ୍ର ସରକାର ଧମକ ଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ଏଭଳି ଅପପ୍ରଚାରକୁ ରୋକିବାରେ ବ୍ୟର୍ଥ ହେବା ଅଥବା ରୋକିବାରେ ବିଳମ୍ବ କରିବା କ୍ଷେତ୍ରରେ ଦେଶରେ ଲାଗୁ ହୋଇଥିବା ଆଇଟି ଆଇନ ଅନୁଯାୟୀ ସୋସିଆଲ ମିଡିଆ କମ୍ପାନୀଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, କେତେକ କ୍ଷେତ୍ରରେ ସୋସିଆଲ ମିଡିଆ କମ୍ପାନୀ ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଛନ୍ତି। କିନ୍ତୁ ଅଧିକାଂଶ ସମୟରେ ସେମାନେ ତାହା ପାଳନ କରୁ ନ ଥିବା ଦେଖାଯାଇଛି। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଶ୍ୱର ସର୍ବବୃହତ୍ ମାଇକ୍ରୋ ବ୍ଲଗିଂ ସାଇଟ ପଦକ୍ଷେପ ନେଉନି ବୋଲି ସଂସଦୀୟ କମିଟି ଅଭିଯୋଗ କରିବା ପରେ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଟୁଇଟରକୁ ଉକ୍ତ ଧମକ ଦିଆଯାଇଛି। ଆଇଟି ଆଇନର ଧାରା ୬୯ଏ ଅନୁଯାୟୀ ଆପତ୍ତିଜନକ ଓ ଉତ୍ତେଜନାମୂଳକ ପୋଷ୍ଟକୁ ହଟାଇ ଦେବା ସହ ଏଭଳି ପୋଷ୍ଟ କରୁଥିବା ଆକାଉଣ୍ଟଗୁଡ଼ିକୁ ବନ୍ଦ କରିଦେବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଟୁଇଟରକୁ ନିର୍ଦ୍ଦେଶ ଦିଆଯାଇଛି।

# ୨୦% ବଜାର ଅଂଶ ଲକ୍ଷ୍ୟରେ ଡାଇକିନ

ଭୁବନେଶ୍ୱର,୧୩-୩(ବ୍ୟୁରୋ)

ପ୍ରମୁଖ ଏସି ନିର୍ମାଣକାରୀ କମ୍ପାନୀ ଡାଇକିନ ଓଡ଼ିଶାରେ ଏହାର ବଜାର ଅଂଶ ୨୦%କୁ ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଏସି ଶୃଙ୍ଖଳାରେ ରାଜ୍ୟରେ ଏକ ପ୍ରମୁଖ ସ୍ଥାନ ହାସଲ କରିବା ଦିଗରେ କମ୍ପାନୀ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ଡାଇକିନ ଇଣ୍ଡିଆର ଅପରେଶନ ବିଭାଗ ନିର୍ଦ୍ଦେଶକ ତଥା ବରିଷ୍ଠ ଉପସଭାପତି କୁଲଦୀପକ ଭିରମାନୀ କହିଛନ୍ତି।



ରାଜ୍ୟରେ କମ୍ପାନୀ ବର୍ତ୍ତମାନ ୧୦ରୁ ୧୨% ବଜାର ଅଂଶ ହାସଲ କରିଥିବା ବେଳେ ସାରା ଦେଶରେ ଏହାର ବଜାର ଅଂଶ ୨୦% ରହିଛି। ନୂତନ ବଜାର କୌଶଳ ଦ୍ୱାରା ରାଜ୍ୟରେ ଏସି ପେନିଟ୍ରେଶନ ବୃଦ୍ଧି କରିବାକୁ କମ୍ପାନୀ ଯୋଜନା ପ୍ରସ୍ତୁତ କରିଥିବା ସେ କହିଛନ୍ତି। ୨୦୧୮-୧୯ ଶେଷ ସୁଦ୍ଧା ରାଜ୍ୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ରୁମ୍ ଏସି ବିକ୍ରି କରିବାକୁ କମ୍ପାନୀ ସକ୍ଷମ ହୋଇଥିବା ଭିରମାନୀ କହିଛନ୍ତି। ନୂଆ ବ୍ୟବସ୍ଥା ଦ୍ୱାରା ସ୍ଥିତି ଦୃଢ଼ୀକରଣ ଦିଗରେ ଉଦ୍ୟମ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି। ଏହି ସମୟରେ କମ୍ପାନୀ ସାରା ଦେଶରେ ୮ଲକ୍ଷ ୟୁନିଟ ରୁମ୍ ଏସି ବିକ୍ରି କରିଥିବା ସେ ଉଲ୍ଲେଖ କରିଛନ୍ତି।

# ଆଇଓସି, ଓଏନ୍‌ଜିସିରୁ ପୁଣି ଅନ୍ତରୀଣ ଲାଭାଂଶ ମାଗିଲେ ସରକାର

ନୂଆଦିଲ୍ଲୀ,୧୩-୩

**ରାଜସ୍ୱ ନିଅଣ୍ଟ ଭରଣା**

ରାଜସ୍ୱ ନିଅଣ୍ଟକୁ ଭରଣା କରିବାକୁ ଯାଇ କେନ୍ଦ୍ର ସରକାର ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି) ଏବଂ ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ୍ କର୍ପୋରେଶନ(ଓଏନ୍‌ଜିସି)ଠାରୁ ଦ୍ୱିତୀୟ ଅନ୍ତରୀଣ ଲାଭାଂଶ ମାଗିଛନ୍ତି। ଷ୍ଟକ୍ ମାର୍କେଟ ନିୟାମକ ସେବିଠାରୁ ଅନୁମତି ନେବା ପରେ ଚଳିତ ଆର୍ଥିକ ବର୍ଷ ପାଇଁ ଆଉ ଏକ ଅନ୍ତରୀଣ ଲାଭାଂଶ ଦେବାକୁ ସରକାର କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆଇଓସି ପକ୍ଷରୁ ଆସନ୍ତା ୧୯ରେ ବୋର୍ଡ ବୈଠକ ଡକାଯାଇଛି ଯେଉଁଠି ଅନ୍ତରୀଣ ଲାଭାଂଶ ପ୍ରଦାନ ନେଇ ନିଷ୍ପତ୍ତି ନିଆଯିବ। ଅନ୍ୟପକ୍ଷରେ ଓଏନ୍‌ଜିସି ଆଉ ଏକ ଲାଭାଂଶ ପ୍ରଦାନକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଅନ୍ତରୀଣ ଲାଭାଂଶ ପ୍ରଦାନ କରିବାର ମାସକ ମଧ୍ୟରେ ପୁନର୍ବାର ଏହା ପ୍ରଦାନ କରିବା ସମ୍ଭବ ନୁହେଁ ବୋଲି କମ୍ପାନୀ ରୋକଠୋକ୍ ଶୁଣାଇ ଦେଇଛି। ନିୟମ ଅନୁଯାୟୀ ଗୋଟିଏ ଲାଭାଂଶ ପ୍ରଦାନର ମାସକ ମଧ୍ୟରେ କୌଣସି କମ୍ପାନୀ ପୁନରାୟ ଏହା ପ୍ରଦାନ କରିପାରିବ ନାହିଁ। ବିଶେଷ କରି ଓଏନ୍‌ଜିସି କ୍ଷେତ୍ରରେ ଏହା ଅସମ୍ଭବ। ତେବେ କମ୍ପାନୀ ଚାହିଁଲେ ଏହାକୁ ସେବି ଠାରୁ ପୂର୍ବରୁ ଅନୁମତି ନେବାକୁ ହେବ। ସୂଚନାଥାଉ କି, କେନ୍ଦ୍ର ସରକାର ଜିଏସ୍‌ଟି ବାବଦରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୩୦ରୁ ୪୦ ହଜାର କୋଟି ଟଙ୍କା କମ ପାଇବାକୁ ଯାଉଛନ୍ତି। ଫଳରେ ସରକାରଙ୍କ ପକ୍ଷରେ ରାଜସ୍ୱ ନିଅଣ୍ଟ ପରିମାଣ ବଜେଟ ଲକ୍ଷ୍ୟର ୩.୪% ମଧ୍ୟରେ ରଖିବା ଅସମ୍ଭବ ହୋଇପଡିଛି। ସୂଚନାଥାଉ କି, ଆଇଓସି ପକ୍ଷରୁ ସରକାରଙ୍କୁ ସହାୟତା କରିବାକୁ ଯାଇ ୪୪୩୫ କୋଟି ଟଙ୍କାର ବାଏବ୍ୟାକ୍ ସହ ଶେୟାର ପିଛା ୬.୭୫ ଟଙ୍କା ଅନ୍ତରୀଣ ଲାଭାଂଶ ଘୋଷଣା କରିଥିଲା।

# ଟଳିଲା ପେଟ୍ରୋଲ ପମ୍ପ ଡିଲର ନିଯୁକ୍ତି

ନୂଆଦିଲ୍ଲୀ,୧୩-୩

ସାରା ଦେଶରେ ୫୦ ହଜାର ନୂଆ ପେଟ୍ରୋଲ ପମ୍ପ ଡିଲର ନିଯୁକ୍ତ ହେବାକୁ ଥିବା ବେଳେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପେଟ୍ରୋଲିୟମ କମ୍ପାନୀଗୁଡ଼ିକ ଏହାକୁ ସାମୟିକ ଟାଳି ଦେଇଛନ୍ତି। ଇଣ୍ଡିଆନ ଅଏଲ, ହିନ୍ଦୁସ୍ତାନ ପେଟ୍ରୋଲିୟମ ଓ ଭାରତ ପେଟ୍ରୋଲିୟମ ସାରା ଦେଶରେ ପ୍ରାୟ ୭୮,୫୦୦ ନୂଆ ପେଟ୍ରୋଲ ପମ୍ପ ଡିଲର ନିଯୁକ୍ତି କରିବାକୁ ଯାଉଛନ୍ତି। ଏଥିଲାଗି ଗତବର୍ଷ ନଭେମ୍ବରରେ ଆବେଦନ ଆହ୍ୱାନ କରାଯାଇଥିଲା। ୩୯ ପ୍ରତିଶତ ସ୍ଥାନରୁ ଗୋଟିଏ ମାତ୍ର ଆବେଦନ ଆସିଥିବା ବେଳେ ଅବଶିଷ୍ଟ ସ୍ଥାନରୁ ଏକାଧିକ ଆସିଛି। ଉକ୍ତ ୩ଟି କମ୍ପାନୀ ଏକ ତୃତୀୟାଂଶ ସ୍ଥାନ ଲାଗି ଡିଲରଙ୍କ ନାମ ପୂର୍ବରୁ ଘୋଷଣା କରିସାରିଛନ୍ତି। ସେମାନଙ୍କ ମଧ୍ୟରୁ ୨୦୦୦ ବ୍ୟକ୍ତିଙ୍କୁ ଲେଟର ଅଫ୍ ଇଣ୍ଟେଣ୍ଟ (ଏଲ୍‌ଓଆଇ) ଜାରି କରାଯାଇସାରିଛି।

# ବିଏସ୍‌ଏନ୍‌ଏଲ୍,ଏମ୍‌ଟିଏନ୍‌ଏଲ୍‌କୁ ମିଳିଲା ୧୦୦୦ କୋଟି

**ନୂଆଦିଲ୍ଲୀ,୧୩-୩:** ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍‌ର କର୍ମଚାରୀଙ୍କୁ ଫେବୃୟାରୀ ଦରମା ପ୍ରଦାନ ଲାଗି କେନ୍ଦ୍ର ସରକାର ୧୦୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ବିଏସ୍‌ଏନ୍‌ଏଲ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ହୋଲି ପୂର୍ବରୁ କର୍ମଚାରୀଙ୍କୁ କମ୍ପାନୀ ୮୫୦ କୋଟି ଟଙ୍କା ଦରମା ଦେଇଦେବ। ସେହିପରି ଏମ୍‌ଟିଏନ୍‌ଏଲ୍‌କୁ ୧୭୧ କୋଟି ଟଙ୍କା ମିଳିଛି। ସୂଚନାଥାଉ କି, ଉକ୍ତ ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀକୁ ତୁରନ୍ତ ୧୦୦୦ କୋଟି ଟଙ୍କାର ସହାୟତା ପ୍ରଦାନ ଲାଗି ଟେଲିକମ୍ ମନ୍ତ୍ରୀ ମନୋଜ ସିହ୍ନା କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ଅନୁରୋଧ କରିଥିଲେ। ଏହି ବୈଠକରେ ଟେଲିକମ୍ ସଚିବ ଅରୁଣା ସୁନ୍ଦରରାଜନ ଏବଂ ଏମ୍‌ଟିଏନ୍‌ଏଲ୍ ସିଏମ୍‌ଡି ପି.କେ. ପୁରୱାର ଯୋଗ ଦେଇଥିଲେ। ଟେଲିକମ ସେକ୍ଟରରେ ଟାରିଫ ଯୁଦ୍ଧ ଚାଲିଥିବା ବେଳେ ୪ଜି ନ ଥିବା କାରଣରୁ ବିଏସଏନ୍‌ଏଲ୍ ଦିନକୁ ଦିନ କ୍ଷତି ସହି ଚାଲିଛି।

**ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**କନ୍ଧମାଳ କ୍ଷୁଦ୍ର ଜଳସେଚନ ବିଭାଜନ, ଫୁଲବାଣୀ**
**ପତ୍ର ସଂଖ୍ୟା: ୭୭୪** **ତାରିଖ: ୨୭।୦୨।୨୦୧୯**
ପ୍ରାପ୍ତେଷୁ,
ଶ୍ରୀ ସନ୍ଦୀପ କୁମାର ସେଠୀ, ବରିଷ୍ଠ କିରାଣି
ଠାରେ- ଗୋଲାପଲି ସାହି, ଗେଟ୍ ବଜାର, ଗ୍ରାମ- ବ୍ରହ୍ମପୁର
ପୋଷ୍ଟ-ବ୍ରହ୍ମପୁର
ବିଷୟ: କାର୍ଯ୍ୟରେ ଅନିୟମିତ ଅନୁପସ୍ଥିତ ସମ୍ପର୍କେ।
ସ୍ମରକ/ସୂଚନା,
**No.1395-A:-** ଏହା ସୂଚିତ କରାଯାଉଅଛି ଯେ, ସେ ନିଜ କାର୍ଯ୍ୟରେ ତା. ୩୧।୦୭।୨୦୧୮ରିଖ ଠାରୁ ଅନିୟମିତ ଅନୁପସ୍ଥିତ ରହିଥିବା ଯୋଗୁଁ ତାଙ୍କୁ କର୍ମାନ୍ତର ପ୍ରେରଣ କରାଯାଇଥିବା କାର୍ଯ୍ୟାଳୟରେ ଯୋଗଦାନ କରିବା ପାଇଁ ଏହି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୪୩୮, ତା୦୫।୧୧।୨୦୧୮, ପତ୍ର ସଂଖ୍ୟା ୩୭୪୭, ତା୦୬।୧୨।୨୦୧୮ ରିଖ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଦକ୍ଷିଣାଞ୍ଚଳ କ୍ଷୁଦ୍ରଜଳସେଚନ ମଣ୍ଡଳ, ବ୍ରହ୍ମପୁର କାର୍ଯ୍ୟାଳୟ ତରଫରୁ ପତ୍ର ସଂଖ୍ୟା ୩୫୫୨, ତା୨୫।୦୯।୨୦୧୮ରିଖ କ୍ରମାଗତ ଭାବେ ସୂଚନା ଦିଆଯାଇଥିଲେ ମଧ୍ୟ ସେ ଏଯାବତ୍ ନିଜ କାର୍ଯ୍ୟରେ ଯୋଗଦାନ ଦେଇନାହାନ୍ତି। ଏହା ସତ୍ତ୍ୱେ ନିଜ କାର୍ଯ୍ୟରେ ଯୋଗଦାନ ନକରି ଅବହେଳା କରିଛନ୍ତି ଏବଂ ନିଜର ଅନୁପସ୍ଥିତି ସମ୍ପର୍କେ କୌଣସି ଦରଖାସ୍ତ କିମ୍ବା ଅଗ୍ରିମ ଅନୁମତି ନେଇ ନାହାନ୍ତି ଯାହାକି ଓଡ଼ିଶା ସେବା ସଂହିତାର ଉପଯୁକ୍ତ ନିୟମ ଧାରାକୁ ଉଲ୍ଲଂଘନ କରୁଅଛନ୍ତି। ତାଙ୍କ ନଥିପତ୍ରରୁ ସୂଚନା ମିଳିଅଛି ଯେ, ସେ ଅଧିକାଂଶ ସମୟ ବିନା ଅନୁମତିରେ ନିଜ ଇଚ୍ଛା ଅନୁଯାୟୀ ଛୁଟିରେ ରହିବା ଅଭ୍ୟାସଗତ ଅଟେ। ଯଦିଓ ତାଙ୍କୁ ନିଜ କାର୍ଯ୍ୟରେ ନିୟମିତ ଉପସ୍ଥିତ ରହିବା ପାଇଁ ସୁଯୋଗ ଦିଆଯାଇଥିଲେ ମଧ୍ୟ ସେଥିରେ ସେ ଉନ୍ନତି କରିନାହାନ୍ତି। ଅର୍ଥାତ୍ ଅଦ୍ୟାବଧି କାର୍ଯ୍ୟରେ ଯୋଗ ଦେଇନାହାନ୍ତି।
ଏଣୁ ତାଙ୍କୁ ଏହି ସୂଚନା ସମ୍ବାଦପତ୍ର ମାଧ୍ୟମରେ ଅବଗତ କରାଯାଉଅଛି ଯେ, ସେ ଯଦି ଏହି ସୂଚନା ସମ୍ବାଦପତ୍ରରେ ପ୍ରକାଶନ ହେବା ସାତ ଦିନ ମଧ୍ୟରେ ଅନୁପସ୍ଥିତ ରହିବା ସମ୍ପର୍କେ ଉପଯୁକ୍ତ ପ୍ରମାଣପତ୍ର ସହ ନିର୍ବାହୀ ଯନ୍ତ୍ରୀ, କନ୍ଧମାଳ କ୍ଷୁଦ୍ର ଜଳସେଚନ ବିଭାଜନ, ଫୁଲବାଣୀ କାର୍ଯ୍ୟାଳୟରେ ଯୋଗଦାନ କରିବା ହେବେ। ନଚେତ୍ ତାଙ୍କ ବିରୁଦ୍ଧରେ ଓଡ଼ିଶା ସେବା ସଂହିତାର ନିର୍ଦ୍ଦିଷ୍ଟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିବେଚନା କରାଯିବ। ଏଥିପାଇଁ ତାଙ୍କଠାରୁ ପରବର୍ତ୍ତୀ କୌଣସି ପତ୍ରାଳାପ ବିଚାର ପାଇଁ ଗ୍ରହଣ କରାଯିବ ନାହିଁ।
**ନିର୍ବାହୀ ଯନ୍ତ୍ରୀ**
32040/11/0013/1819 **କନ୍ଧମାଳ କ୍ଷୁଦ୍ର ଜଳସେଚନ ବିଭାଜନ, ଫୁଲବାଣୀ**

MAHILA VIKAS SAMABAYA NIGAM
**(Govt. of Odisha Undertaking)**
**A-1 Block, Ground Floor, Toshali Bhawan, Satya Nagar, Bhubaneswar-751007, Ph. No: 2573023, E-mail: mvsn_bbsr@yahoo.com**
**Ref. 519/ MVSN** **Dt. 12.03.2019**
**Re-Schedule Notice**
**No.CAD-1786:-** In view of Model Code of Conduct in force for General Elections-2019, the Financial Bid of the Chartered Accountant Firms participated in the Tender for selection of Chartered Accountant for conducting Audit of Nutrition Operation Plan (NOP) will not be opened on dt. 14.03.2019 at 11 A.M. as scheduled. Rescheduled date of opening of Financial Bid will be hosted in the website of the Department of W&CD & Mission Shakti, www.wcdodisha.gov.in and published in the newspapers two Odia daily i.e. "The Dharitri", "The Samaj" & One English Daily i.e. "The Times of India" in all editions of State.
33003/11/0013/1819 **Sd./- Managing Director**

**BERHAMPUR UNIVERSITY**
**BHANJA BIHAR, BERHAMPUR-760007 (ODISHA)**
No. 1861/Vehicle/BU/19 Dt. 09.03.2019
**TENDER / QUOTATION CALL NOTICE**
Sealed tenders / quotations are invited from interested reputed Travel Agencies / Tour Operators or Private individuals having GST registration for providing 01 (One) Maruti Swift Dzire diesel driven vehicle with driver to be used by The Chairman, P.G. Council, Berhampur University on monthly rental basis. For general information and other terms and conditions, please visit the official website of Berhampur University www.buodisha.edu.in. The filled-in application along with signed photocopies of relevant documents should reach The Registrar, Berhampur University on 29.03.2019 (Friday) by 3.30PM positively by Speed / Registered Post only. The received Tenders / Quotations will be opened at 4.00PM on the same day.
*Sd./-*
*Registrar, BU*

❝ ମହିଳାଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ ଏହି ଘଟଣାରୁ ଶିକ୍ଷା ଲାଭ କରିଛନ୍ତି ।
– ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ କୋଚ୍



❝ ଋଷଭ ପନ୍ତ ସୁଯୋଗର ସଦୁପଯୋଗ କରି ସ୍ଥିର ପ୍ରଦର୍ଶନ କରିଛନ୍ତି । ବର୍ତ୍ତମାନ ମୋର ଲକ୍ଷ୍ୟ ହେଉଛି ଫର୍ମକୁ ଫେରି ଭାରତୀୟ ଦଳରେ ସ୍ଥାନ ହାସଲ କରିବି ।
– ଋଦ୍ଧିମାନ ଶାହ, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ଓପନିଂ ବ୍ୟାଟିଂ କଲେ ଉମେଶ ଯାଦବ



ନୂଆଦିଲ୍ଲୀ, ୧୩।୩- ଉମେଶ ଯାଦବଙ୍କ ପ୍ରଥମ ଶ୍ରେଣୀ କ୍ରିକେଟରେ ବ୍ୟାଟିଂ ଆଭରେଜ ୧୫ରୁ କମ୍ ଓ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ସ୍କୋର ୩୦, ଯାହାକି ଅଷ୍ଟ୍ରେଲିଆ ବିପକ୍ଷ ସିଡ୍‌ନୀ ଟେଷ୍ଟରେ କରିଥିଲେ। କିନ୍ତୁ ଏହା କ୍ରମାଗତ ଦୁଇଥର ରଣଜୀ ଚାମ୍ପିୟନ ବିଦର୍ଭ ଦଳର ମନୋବଳ ଭାଙ୍ଗି ପାରିନାହିଁ। ଚଳିତ ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟରେ ଉମେଶଙ୍କୁ ଓପ୍‌ନିଂ ବ୍ୟାଟିଂ କରାଇଛନ୍ତି। କର୍ଣ୍ଣାଟକ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ଉମେଶ ଟିନ୍ ଏଜ ଅଥର୍ଭ ତାଇଦେଙ୍କ ସହ ଓପନିଂ କରିଥିଲେ। ଆଶାନୁଯାୟୀ ଭାରତୀୟ ପେସର ମାତ୍ର ଦୁଇଟି ବଲ ତିଷ୍ଠି ପାରିଥିଲେ। ବିନୟ କୁମାରଙ୍କ ପ୍ରଥମ ବଲକୁ ଚୌକା ଲଗାଇବା ପରେ ହିଁ ଆଉଟ୍ ହୋଇଥିଲେ। ଦୀର୍ଘ ୧୦ ବର୍ଷର କ୍ୟାରିୟରରେ ଉମେଶ ପ୍ରଥମ ଥର ପାଇଁ ଟପ୍ ୫ରେ ବ୍ୟାଟିଂ କରିଥିଲେ। ମୁମ୍ବାଇ ବିପକ୍ଷ ମ୍ୟାଚ୍‌ରେ ଗତ ମ୍ୟାଚ୍‌ରେ ନିମ୍ନକ୍ରମରେ ଉମେଶ ୧୨ବଲରୁ ବିସ୍ଫୋରକ ୨୬ ରନ୍ କରିଥିଲେ। ଏଥିଯୋଗୁ ବିଦର୍ଭ ଟିମ ମ୍ୟାନେଜମେଣ୍ଟ ଓପନିଂ କରିବାକୁ ସୁଯୋଗ ଦେଇଥିଲା। ଏହି ମ୍ୟାଚ୍‌ରେ ବିଦର୍ଭର ସମସ୍ତ ଯୋଜନା ବିଫଳ ହୋଇଥିଲା। ଆଉ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୩୭ ରନ୍ କରିଥିଲା। ଜବାବରେ କର୍ଣ୍ଣାଟକ ଦଳ ବିଜୟ ଲକ୍ଷ୍ୟକୁ ୪ ଉଇକେଟ ହରାଇ ହାସଲ କରିନେଇଥିଲା।

# ଅଭିଷେକ, ଜ୍ୟୋତିଙ୍କୁ ସ୍ୱର୍ଣ୍ଣ

**କଟକ ଅଫିସ, ୧୩।୩**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୩୯ତମ ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପରେ ବୁଧବାରଠାରୁ ଆରମ୍ଭ ହୋଇଛି କମ୍ପାଉଣ୍ଡ ରାଉଣ୍ଡ ପ୍ରତିଯୋଗିତା । ୫୦ମିଟର ଦୂରତା ବିଶିଷ୍ଟ ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ପୁରୁଷ ଓ ସିଙ୍ଗଲ୍ସ ବିଭାଗ ଖେଳ ଶେଷ ହୋଇଥିବା ବେଳେ ଗୁରୁବାର ଦଳଗତ, ମିକ୍ସଡ ଇଭେଣ୍ଟ ହେବ। ଦିଲ୍ଲୀର ଅଭିଷେକ ବର୍ମା ପୁରୁଷ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପଞ୍ଜାବର ସଙ୍ଗମପ୍ରୀତ ସିଂ ଓ ରାଜସ୍ଥାନର ରଜତ ଚୌହ୍ୱାନ ଏହି ବର୍ଗରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ । ସେହିପରି ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ପେଟ୍ରୋଲିୟମ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡର ଜ୍ୟୋତି ସୁରେଖା । ଅଲ ଇଣ୍ଡିଆ ପୋଲିସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡର ମୋନାଲି ଚନ୍ଦ୍ରହର୍ଷ ଝାଡୋ ରୌପ୍ୟ ଓ ରାଜସ୍ଥାନର ପ୍ରିୟା ଗୁଜର ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । କମ୍ପାଉଣ୍ଡ ରାଉଣ୍ଡ ପ୍ରତିଯୋଗିତାରେ ଓଡ଼ିଶାର କେବଳ ପୁରୁଷ ତୀରନ୍ଦାଜ ମାନେ ଅଂଶ ଗ୍ରହଣ କରିଥିବା ବେଳେ ରିକର୍ଭ ରାଉଣ୍ଡ ଭଳି ପ୍ରଦର୍ଶନ ମଧ୍ୟ ନୈରାଶ୍ୟଜନକ ରହିଛି । ୩ଜଣ ପୁରୁଷ ତୀରନ୍ଦାଜ ଏହି ରାଉଣ୍ଡରେ ମୁକାବିଲା ଲଢ଼ିଥିଲେ । ଏମାନେ ହେଲେ ଇରମା ପଦିଆମି, ବିକ୍ରମ ସିଂ ଠାକୁର ଓ ପୂର୍ଣ୍ଣଚନ୍ଦ୍ର ମାଝୀ । ଇରମା ୧୦୦ତମ ସ୍ଥାନ, ବିକ୍ରମ ୧୧୪ତମ ସ୍ଥାନ ଓ ପୂର୍ଣ୍ଣଚନ୍ଦ୍ର ୧୨୩ତମ ସ୍ଥାନରେ ରହିଥିଲେ ।



ବାରବାଟୀ ଷ୍ଟାଡିୟମରେ କମ୍ପାଉଣ୍ଡ ରାଉଣ୍ଡ ପ୍ରତିଯୋଗିତାରେ ଅବସରରେ ତୀରନ୍ଦାଜମାନେ।

**ଜାତୀୟ ସିନିୟର ତୀରନ୍ଦାଜୀ**

# ଟେଷ୍ଟରେ ଆସିପାରେ ଫ୍ରି-ହିଟ୍

**ବେଙ୍ଗାଲୁରୁ, ୧୩।୩**

ଟେଷ୍ଟ କ୍ରିକେଟ ଲାଗି ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ଏମ୍‌ସିସି ୱାର୍ଲ୍ଡ କମିଟି ପକ୍ଷରୁ କିଛି ଗୁରୁତ୍ୱପୂର୍ଣ୍ଣ ସୁପାରିସ କରାଯାଇଛି। ଟେଷ୍ଟ ଫର୍ମାଟରେ ଫ୍ରି-ହିଟ୍ ଓ ଟାଇମର ବ୍ୟବସ୍ଥାକୁ ସାମିଲ କରାଯାଉ ବୋଲି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ପରେ ଆଇସିସିକୁ ସୁପାରିସ କରାଯାଇଛି। ଏହି କମିଟି ଆଗାମୀ ଟେଷ୍ଟ ଚାମ୍ପିୟନଶିପରେ ନିର୍ଦ୍ଦିଷ୍ଟ ରେଡ୍ ବଲ ବ୍ୟବହାର କରାଯିବା ନେଇ ମଧ୍ୟ କହିଛି। ଏଥିସହିତ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା କ୍ରିକେଟକୁ ସାମିଲ କରାଯିବା ପ୍ରସ୍ତାବକୁ ମଧ୍ୟ ଅନୁମତି ଦିଆଯାଇଛି। ଏମ୍‌ସିସି ସର୍ଭେ ଅନୁଯାୟୀ, ଟେଷ୍ଟ କ୍ରିକେଟରେ ଧିମା ବୋଲିଂ ହାର ବଡ଼ ସମସ୍ୟା ପାଲଟିଛି। ଯେଉଁ ଦେଶରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ନାହିଁ, ସେମାନଙ୍କ ପାଇଁ ଏହା ଏକ ସାଧାରଣ ଘଟଣା। ଟେଷ୍ଟ ମ୍ୟାଚ୍‌ରେ ପ୍ରତ୍ୟେକ ଦିନ ଦଳକୁ ୯୦ ଓଭର ବୋଲିଂ କରିବା ପାଇଁ ଅତିରିକ୍ତ ଅଧ ଘଣ୍ଟା ମଧ୍ୟ ଦିଆଯାଏ। ଏହାସତ୍ତ୍ୱେ ବହୁବାର ସମସ୍ତ ଓଭର ଖେଳାଯାଇ ପାରେନାହିଁ। ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଇବାର ଏହା ମୁଖ୍ୟ କାରଣ। ଗତ ବର୍ଷ ଖେଳାଯାଇଥିବା ସମସ୍ତ ମ୍ୟାଚ୍‌କୁ ଦୃଷ୍ଟିରେ ରଖିଲେ, ଗୋଟିଏ ଘଣ୍ଟାରେ ହାରାହାରି ୧୩.୭୭ ଓଭର ବୋଲିଂ ହୋଇଛି। ଏହା ଗତ ୭ ବର୍ଷ ଅପେକ୍ଷା ଧୀମା ବୋଲିଂ ହାର। ଧୀମା ବୋଲିଂ ହାର ପାଇଁ ଡିଆରଏସ୍ ବ୍ୟବସ୍ଥାକୁ ଦୋଷ ଦିଆଯାଇପାରେ। କିନ୍ତୁ ଏମ୍‌ସିସି କମିଟି ଅନୁଯାୟୀ ପ୍ରତ୍ୟେକ କ୍ରିକେଟର ସମୟକୁ ନେଇ ଅଧିକ ଯତ୍ନବାନ ହେବା ଦରକାର ବୋଲି ଅନୁଭବ କରିଛି। ଟାଇମର ବ୍ୟବହାର ହେବା ଦ୍ୱାରା ପ୍ରତ୍ୟେକ ଦଳକୁ ବୋଲର ପରିବର୍ତ୍ତନ କରିବା ଲାଗି ୮୦ ସେକେଣ୍ଡ ଓ ଏକ ବ୍ୟାଟ୍ସମ୍ୟାନ ଆଉଟ୍ ହେବା ପରେ ପରବର୍ତ୍ତୀ ବ୍ୟାଟ୍ସମ୍ୟାନଙ୍କୁ ୬୦ ସେକେଣ୍ଡ ମଧ୍ୟରେ କ୍ରିଜରେ ଆସି ପହଞ୍ଚିବାକୁ ପଡ଼ିବ। ଧାର୍ଯ୍ୟ ସମୟ ସୁଦ୍ଧା ଉଭୟ ଦଳ କିମ୍ବା କୌଣସି ଦଳ ଖେଳିବାକୁ ପ୍ରସ୍ତୁତ ନ ହେଲେ ସେମାନଙ୍କୁ ପ୍ରଥମ ଥର ଚେତାବନୀ ଦିଆଯିବ। ଏଭଳି ଘଟଣା ପୁନଃ ଘଟିଲେ ଦଳୀୟ ସ୍କୋରରୁ ୫ ରନ୍ କାଟ୍ କରିଦିଆଯିବ। ଡ୍ରିଙ୍କ୍ସ ଓ ଫିଲ୍ଡର ପରିବର୍ତ୍ତନ ପାଇଁ ମଧ୍ୟ ସମୟ ଧାର୍ଯ୍ୟ କରାଯିବ।

# ମହାରାଷ୍ଟ୍ର-କର୍ଣ୍ଣାଟକ ଫାଇନାଲ ଆଜି

**ଇନ୍ଦୋର, ୧୩।୩(ପି.ଟି.)**

ଘରୋଇ ଟି୨୦ ପ୍ରତିଯୋଗିତାର ସୟଦ ମୁସ୍ତାକ ଅଲି ଟୁର୍ନାମେଣ୍ଟର ଫାଇନାଲ ଲାଇନ୍‌ଅପ ଚୂଡ଼ାନ୍ତ ହୋଇଯାଇଛି। ସ୍ଥାନୀୟ ହୋଲ୍‌କର କ୍ରିକେଟ ଷ୍ଟାଡିୟମରେ ଗୁରୁବାର ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ଟ୍ରଫି ପାଇଁ ଲଢ଼େଇ ଅନୁଷ୍ଠିତ ହେବ। ଉଭୟ ମହାରାଷ୍ଟ୍ର ଓ କର୍ଣ୍ଣାଟକ ସୁପର୍ ଲିଗ୍ ପର୍ଯ୍ୟାୟରେ ୪ଟି ଲେଖାଏ ମ୍ୟାଚ୍ ଖେଳି ଅପରାଜେୟ ରହିଥିଲେ। ଦଳଗତ ପ୍ରଦର୍ଶନ ବଳରେ ମହାରାଷ୍ଟ୍ର ଫାଇନାଲରେ ସ୍ଥାନ ହାସଲ କରିଛି। ବିଶେଷକରି ଉଇକେଟ୍‌କିପର ନିଖିଳ ନାୟକ, ଅଲ୍‌ରାଉଣ୍ଡର ନୌଶାଦ୍ ଶୈଖଙ୍କ ପ୍ରଦର୍ଶନର ବେଶ୍ ପ୍ରଭାବ ରହିଥିଲା। ତେବେ ଫାଇନାଲରେ କର୍ଣ୍ଣାଟକର ଶକ୍ତିଶାଳୀ ବୋଲିଂ ଲାଇନ୍‌ଅପ୍‌କୁ ସାମ୍ନା କରିବା ମହାରାଷ୍ଟ୍ର ବ୍ୟାଟ୍ସମ୍ୟାନଙ୍କ ପାଇଁ ସେତେଟା ସହଜ ହେବନାହିଁ। ମୟଙ୍କ ଅଗ୍ରୱାଲ, କରୁଣ ନାୟାର, ମନୀଷ ପାଣ୍ଡେଙ୍କ ପରି ତାରକା ଖେଳାଳି ଦଳରେ ରହିଥିବାରୁ ଫାଇନାଲରେ କର୍ଣ୍ଣାଟକ ପଲା ଭାରି ରହିବା ନେଇ ଆଶା କରାଯାଉଛି।

# କୋହଲି, ଧୋନୀ, ସଚିନଙ୍କୁ ଗୁରୁଦାୟିତ୍ୱ ଦେଲେ ମୋଦି

**ନୂଆଦିଲ୍ଲୀ, ୧୩।୩**

ନିକଟରେ ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ଷ୍ଟାର କ୍ରିକେଟରଙ୍କ ସମେତ ପ୍ରମୁଖ ଭାରତୀୟ ବ୍ୟକ୍ତିବିଶେଷଙ୍କୁ ଗୁରୁ ଦାୟିତ୍ୱ ଦେଇଛନ୍ତି। ଭେଟେରାନ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ, ଅଧିନାୟକ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଟୁଇଟର ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଧାରଣ ନିର୍ବାଚନରେ ଦେଶବାସୀଙ୍କୁ ଭୋଟ ଦେବାକୁ ଉତ୍ସାହିତ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ଧୋନୀ, କୋହଲି ଓ ରୋହିତ କ୍ରିକେଟ ଫିଲ୍ଡରେ ସର୍ବଦା ଅସାଧାରଣ ରେକର୍ଡ କରିଛନ୍ତି। କିନ୍ତୁ ଏଥର ୧୩୦ କୋଟି ଦେଶବାସୀଙ୍କୁ ଆଗାମୀ ନିର୍ବାଚନରେ ରେକର୍ଡ ସଂଖ୍ୟାରେ ଭୋଟ ଦେବାକୁ ଉତ୍ସାହିତ କରନ୍ତୁ। ଏହା ଦ୍ୱାରା ଲୋକତନ୍ତ୍ରର ବିଜୟ ହେବ ବୋଲି ମୋଦି ବୁଧବାର ଟୁଇଟରରେ ଉଲ୍ଲେଖ କରିଛନ୍ତି। ଏଥିପୂର୍ବରୁ ମୋଦି କରିଥିବା ଟୁଇଟ୍‌ରେ କିମ୍ବଦନ୍ତୀ ଲେଗ୍ ସ୍ପିନର ଅନୀଲ କୁମ୍ବଲେ, ଭିଭିଏସ୍ ଲକ୍ଷ୍ମଣ ଓ ବୀରେନ୍ଦ୍ର ସେହ୍ୱାଗଙ୍କ ନାମ ଉଲ୍ଲେଖ କରି ଲେଖିଛନ୍ତି, କ୍ରିକେଟ ପିଚ୍‌ରେ ତୁମ ସଫଳତା ଅନେକଙ୍କୁ ପ୍ରେରଣା ଦେଇଛି। ଏବେ ଆଉ ଥରେ ଲୋକଙ୍କୁ ଉତ୍ସାହିତ କରିବାର ସମୟ ଆସିଛି। କିନ୍ତୁ ଏଥର ରେକର୍ଡ ସଂଖ୍ୟାରେ ମତଦାନ କରିବା ପାଇଁ। ସେହିଭଳି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର, ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକର ଓ ଏ.ଆର. ରେହମାନଙ୍କୁ ମଧ୍ୟ ଲୋକଙ୍କୁ ଉତ୍ସାହିତ କରିବାକୁ ମୋଦି କହିଛନ୍ତି।

# ଭାରତର ବୃହତ୍ ବିଜୟ



ଭାରତ ଓ ମାଳଦ୍ୱୀପ ମହିଳା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ବିରାଟନଗର (ନେପାଳ), ୧୩।୩**

ସ୍ଥାନୀୟ ସହିଦ ରଙ୍ଗଶାଳା ଷ୍ଟାଡିୟମରେ ଚାଲିଥିବା ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଭାରତ ଏକ ବୃହତ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୬-୦ ଗୋଲରେ ମାଳଦ୍ୱୀପକୁ ହରାଇଛି। ଗତଥରର ଚାମ୍ପିୟନ ଭାରତ ଏହି ମ୍ୟାଚ୍‌ରେ ସମ୍ପୂର୍ଣ୍ଣ ରୂପେ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ସଞ୍ଜୁ ୨୭ ଓ ୮୯ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ସେହିପରି ଡାଙ୍ଗମେଇ ଗ୍ରେସ୍ ଅଷ୍ଟମ, ସନ୍ଧ୍ୟା ରଙ୍ଗନାଥନ ୧୩, ଇନ୍ଦୁମତି କାଥିରେସାନ ୨୨ ଓ ରତ୍ନବାଳା ଦେବୀ ୪୫+୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ମାଳଦ୍ୱୀପ ଗୋଟିଏ ହେଲେ ଗୋଲ ଦେବାକୁ ସଫଳ ହୋଇ ନ ଥିଲା। ଭାରତ ଏହି ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ୪ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। କୋଚ୍ ମେମୁଲ ରକିଙ୍କ ତତ୍ତ୍ୱାବଧାନରେ ଭାରତ ବେଶ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ଏଥିସହିତ ଭାରତୀୟ ଦଳ ସାଫ୍ ଚାମ୍ପିୟନଶିପ୍‌ରେ କ୍ରମାଗତ ୨୦ତମ ବିଜୟ ହାସଲ କରିଛି।

**ଭାରତୀୟ ଦଳ:** ଆଦିତି ଚୌହାନ, ଜବାମଣି ଟୁଡୁ, ଆଶାଲତା ଦେବୀ, ସ୍ୱିଟି ଦେବୀ, ଡାଲିମା ଛିବେର, ଇନ୍ଦୁମତି କାଥିରେସାନ, ସଙ୍ଗୀତା ବାସଫୋର, ରତ୍ନବାଳା ଦେବୀ, ଡାଙ୍ଗମେଇ ଗ୍ରେସ୍, ସଞ୍ଜୁ, ସାନ୍ଧିଆ ରଙ୍ଗନାଥନ।

# ସେମିରେ ଫାଓ ଏକାଦଶ

**ଭୁବନେଶ୍ୱର, ୧୩।୩(ସ୍ପୋର୍ଟ୍ସ ବ୍ୟୁରୋ)**

**ଟାଟା ଉତ୍କଳିକା କପ୍**

ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆଠାରେ ଚାଲିଥିବା ଟାଟା ଉତ୍କଳିକା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ଫାଓ ଏକାଦଶ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଫାଓ ଏକାଦଶ ଟାଇବ୍ରେକରରେ ୬-୩ ଗୋଲରେ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନକୁ ପରାସ୍ତ କରିଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ୨ଟି ଲେଖାଏ ଗୋଲସ୍କୋର କରିବାରୁ ମ୍ୟାଚ୍ ୨-୨ରେ ଅମୀମାଂସିତ ରହିଥିଲା। ୟୁନିଟ୍-୬ ପକ୍ଷରୁ ସିଦ୍ଧାର୍ଥ ଦାସ (୧୮ତମ ମିନିଟ୍), ପିଣ୍ଟୁ ବେହେରା (୮୭ତମ) ଏବଂ ଫାଓ ଏକାଦଶର ଶେଖ୍ ଫରିଦ୍ (୨୦ତମ) ଓ ବିକି ସେଠୀ (୬୭ତମ) ଗୋଲ ସ୍କୋର କରିଥିଲେ। ଏହାପରେ ଫଳାଫଳ ପାଇଁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଫାଓ ଏକାଦଶ ୪ଟି ଓ ଆୟୋଜକ ୟୁନିଟ୍-୬ ଦଳ ଗୋଟିଏ ଗୋଲ କରିବାରେ ସମର୍ଥ ହୋଇଥିଲେ। ଏହି ମ୍ୟାଚ୍‌ରେ ଅକ୍ଷୟ କୁମାର ଦାସ, ବାସଲ ତିର୍କୀ, ନରେନ୍ଦ୍ର ସେଠୀ, ଗିରିଜା ଶଙ୍କର ଦାସ, ଜୋଶେଫ କେର୍କେଟା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଫାଓ ଏକାଦଶର ଗୋଲକିପର ସୌମ୍ୟରଞ୍ଜନଙ୍କୁ ଅତିଥି ନବରଞ୍ଜନ ପଟ୍ଟନାୟକ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଗୁରୁବାର ସାଇ ହଷ୍ଟେଲ ଓ ଆଇଜିଏଚ୍ (ରାଉରକେଲା) ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳିମାନେ।

# ସ୍ପୋର୍ଟ୍ସ ହଷ୍ଟେଲ ସେମିଫାଇନାଲରେ

**ଭୁବନେଶ୍ୱର, ୧୩।୩(କ୍ରୀଡ଼ା ପ୍ରତିନିଧି)**

ସିଟି କ୍ଲବ ଏବଂ ଏସଜିଓ ଆନୁକୂଲ୍ୟରେ ନୟାପଲ୍ଲୀର ଇନ୍ଦିରା ମଇଦାନରେ ଚାଲିଥିବା ୪ର୍ଥ ଭାଗ୍ୟଧର ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ମ୍ୟାଚରେ କଟକ ସ୍ପୋର୍ଟ୍ସ ହଷ୍ଟେଲ ଟାଇବ୍ରେକର ୪-୨ ଗୋଲରେ କ୍ଲବ-୭୩କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲରେ ବରାବର ରହିଥିଲା। ସ୍ପୋର୍ଟ୍ସ ହଷ୍ଟେଲର ଦେବରାଜ ଶାହା ୭ ଓ କ୍ଲବ-୭୩ର ରେଣ୍ଟା ମୁର୍ମୁ ୩୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ ୩ ଓ କ୍ଲବ-୭୩ ଗୋଟିଏ ଗୋଲ ଦେଇଥିଲା। ବିଜୟୀ ଦଳର ଗୋଲକିପର ଫଗୁ ବାସ୍କେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ଟି. ମୋହନ ରାଓ, ସୁଜିତ କୁମାର ପାତ୍ର, ମିର୍ଜା ସିରାଜୁଦ୍ଦିନ ବେଗ୍ ଓ ସୁଶାନ୍ତ କୁମାର ମିଶ୍ର। ହରେକୃଷ୍ଣ ଖୁଣ୍ଟିଆ ଓ ମିଳନ ପାଇକରାୟ ଅତିଥିଭାବେ ଯୋଗ ଦେଇଥିଲେ। ଗୁରୁବାର ଭୁବନେଶ୍ୱରର କିଶୋର କ୍ଲବ ଓ ୟୁନାଇଟେଡ କ୍ଲବ ମଧ୍ୟରେ ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହେବ।

# ମ୍ୟାଚ୍ ଶୀଘ୍ର ଆରମ୍ଭକୁ ବିରୋଧ କରିଥିଲା ମୁମ୍ବାଇ ଇଣ୍ଡିଆନ୍ସ

**ମୁମ୍ବାଇ, ୧୩।୩**

ଆଇପିଏଲର ରାତି ମ୍ୟାଚ୍ ୭ଟାରୁ ଆରମ୍ଭ କରାଯିବା ନେଇ ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ କରାଯାଇଥିବା ନିବେଦନକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ରତ୍ୟାଖ୍ୟାନ କରିଦେଇଛି। ଗତବର୍ଷ ମଧ୍ୟ ଆଇପିଏଲ ପ୍ରସାରଣକାରୀ ଚ୍ୟାନେଲ ସମାନ ପ୍ରସ୍ତାବ ଦେଇଥିଲା। ଏହାକୁ ମୁମ୍ବାଇ ଇଣ୍ଡିଆନ୍ସ ସମେତ କେତେକ ଫ୍ରାଞ୍ଚାଇଜ ମନା କରିଥିଲେ। ପ୍ରସାରଣ ସମୟ ପରିବର୍ତ୍ତନ କରିବା ପାଇଁ ଷ୍ଟାର ଦୁଇଟି କାରଣ ଦର୍ଶାଇଥିଲା। ପ୍ରଥମଟି ହେଉଛି ୭ଟାରେ ଆରମ୍ଭ ହେବା ଫଳରେ ମ୍ୟାଚ୍ ୧୧ଟା ପୂର୍ବରୁ ଶେଷ ହୋଇଯିବ। ଯଦ୍ୱାରା ଦେଖଣାହାରି ସଂଖ୍ୟା ଖୁବ୍ ଅଧିକ ରହିବ। ଦ୍ୱିତୀୟ ହେଲା ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକଙ୍କ ସୁରକ୍ଷା। ମ୍ୟାଚ୍ ଶୀଘ୍ର ଶେଷ ହେଲେ ଦର୍ଶକମାନେ ସୁରକ୍ଷିତ ଭାବେ ଘରେ ପହଞ୍ଚି ପାରିବେ। ମ୍ୟାଚ୍ ଆୟୋଜନ କରୁଥିବା କେତେକ ସହରରେ ଭଲ ପରିବହନ ବ୍ୟବସ୍ଥା ନାହିଁ। ଏଣୁ ଦର୍ଶକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ହେଲେ ମୁମ୍ବାଇରେ ଲୋକଙ୍କ ସୁରକ୍ଷା ନେଇ କୌଣସି ସମସ୍ୟା ନାହିଁ। ପରିବହନ କ୍ଷେତ୍ରରେ ମୁମ୍ବାଇ ଦେଶର ଅନ୍ୟତମ ଅଗ୍ରଣୀ ସହର। ଏଥିଯୋଗୁ ମୁମ୍ବାଇ ଫ୍ରାଞ୍ଚାଇଜ ପକ୍ଷରୁ ପାରମ୍ପରିକ ସମୟରେ ମ୍ୟାଚ୍ ଆୟୋଜନ ହେଉ ବୋଲି କୁହାଯାଇଥିଲା। ଏହା ବ୍ୟତୀତ ଷ୍ଟାର ସ୍ପୋର୍ଟ୍ସ ପକ୍ଷରୁ ଅପରାହ୍ନରେ ଖେଳାଯିବାକୁ ଥିବା ମ୍ୟାଚ୍ ୪ଟା ପରିବର୍ତ୍ତେ ୩ଟାରେ ଆରମ୍ଭ କରାଯାଉ ବୋଲି ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ସମଗ୍ର ଦେଶରେ ପ୍ରବଳ ଖରା ଯୋଗୁ ୩ଟାରୁ ଖେଳିବା ସହଜ ନୁହେଁ। ଆଇପିଏଲ ଫ୍ରାଞ୍ଚାଇଜ ମାନେ ବିସିସିଆଇକୁ ପତ୍ର ଲେଖିଥିଲେ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସକ କମିଟି ପାରମ୍ପରିକ ସମୟରେ ମ୍ୟାଚ୍ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଉଲ୍ଲେଖଥାଉ କି, ଷ୍ଟାର ୫ ବର୍ଷ ପାଇଁ ଅଢ଼େଇ ହଜାର କୋଟିରେ ଆଇପିଏଲ ପ୍ରସାରଣ ଅଧିକାର କିଣିଛି।

# ମୋଟର ରାଲି ମାଧ୍ୟମରେ ଶାନ୍ତି, ସୁରକ୍ଷିତ ଗାଡ଼ି ଚାଳନା ବାର୍ତ୍ତା

**ଭୁବନେଶ୍ୱର, ୧୩।୩(କ୍ରୀଡ଼ା ପ୍ରତିନିଧି)**

ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଶାନ୍ତି ଓ ସୁରକ୍ଷିତ ଗାଡ଼ି ଚାଳନା ବାର୍ତ୍ତା ନେଇ ଏକ ମୋଟର ରାଲି ଅନୁଷ୍ଠିତ ହୋଇଛି। ୬ଟି ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମୋଟର ରାଲିକୁ ସଫଳତାର ସହ ସମ୍ପନ୍ନ କରାଇ ସାରିଥିବା କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବ ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହଯୋଗରେ ଏହି ରାଲି ଆୟୋଜନ କରିଥିଲା। ମହାତ୍ମା ଗାନ୍ଧୀ ଯେଉଁ ସ୍ଥାନଗୁଡ଼ିକ ସହିତ ବିଶେଷ ସମ୍ପୃକ୍ତ ଥିଲେ ସେହି ସ୍ଥାନ ଦେଇ ରାଲି ଯାତ୍ରା କରିଥିଲା। ଫେବୃୟାରୀ ୪ ତାରିଖରେ ନୂଆଦିଲ୍ଲୀର ରାଜଘାଟଠାରେ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଏବଂ ସଡ଼କ ପରିବହନ ଓ ରାଜପଥ ବିଭାଗ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ରାଲିର ଶୁଭାରମ୍ଭ କରିଥିଲେ। କଳିଙ୍ଗ ସ୍ପୋର୍ଟ୍ସ କ୍ଲବର ଏହି କାର୍ଯ୍ୟକ୍ରମରେ ୧୯୪୪ରୁ ୧୯୪୮ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିଗତ ସଚିବଥିବା ୯୭ ବର୍ଷୀୟ ଭି. କଲ୍ୟାଣମ୍ ସାମିଲ ହୋଇଥିଲେ। ସେ ରାଲି ସହ ପୁଣେ ପର୍ଯ୍ୟନ୍ତ ୨୨୦୦ କିଲୋମିଟରରୁ ଊର୍ଦ୍ଧ୍ୱ ଯାତ୍ରା କରିଥିଲେ। ରାଲି ଆଜମେର, ଅହମ୍ମଦାବାଦ, ଲକ୍ଷ୍ନୌ, ପାଟନା, ଧାନବାଦ, ଢାକା, ଅଗରତାଲା, ଇମ୍ଫାଲ, ମନ୍ଦାଳୟ ଦେଇ ମ୍ୟାନମାରର ୟାନଗନଠାରେ ଶେଷ ଫେବୃୟାରୀ ୨୪ରେ ଶେଷ ହୋଇଥିଲା। ଯାତ୍ରା ସମୟରେ ୧୦ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଗାଡ଼ି ବ୍ୟବହାର ହୋଇଥିଲା ବୋଲି ବୁଧବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବର ସମ୍ପାଦକ ରମେଶ ମହାପାତ୍ର ପ୍ରକାଶ କରିଛନ୍ତି। ଏହି ରାଲିରେ ଭାରତୀୟ ସୈନ୍ୟବାହିନୀର ଅନେକ ଅବସରପ୍ରାପ୍ତ ଅଫିସରଙ୍କ ସମେତ ମୋଟ ୪୨ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ୧୧ ମହିଳା ସାମିଲ ଥିଲେ। ୨୧ ଦିନଧରି ଏହି ମୋଟର ରାଲି ନୂଆଦିଲ୍ଲୀଠାରୁ ୟାନଗନ ପର୍ଯ୍ୟନ୍ତ ୭୮୧୦ କିଲୋମିଟର ବିଶିଷ୍ଟ ଥିଲା। ଏଥିରେ କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବର ୧୦ ସଦସ୍ୟ ଅଂଶଗ୍ରହଣ କରିଥିଲେ ବୋଲି ରମେଶ କହିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଏସ.ଆର., ଲାଜପତ ପ୍ରସାଦ(ଚିଫ୍ ଷ୍ଟିୱାର୍ଡ, ଫେଡେରେଶନ୍ ଅଫ୍ ମୋଟର ସ୍ପୋର୍ଟ୍ସ କ୍ଲବ ଅଫ୍ ଇଣ୍ଡିଆ), ରଶ୍ମିରଞ୍ଜନ କାନୁନ୍‌ଗୋ, ଅରୁଣ କୁମାର ଭାଟିଆ, ଗୌରବ ରାଠୋର ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୨ରେ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ସ୍ମୃତିରେ କଳିଙ୍ଗ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ କଟକରୁ ଏପରି ଏକ ରାଲି କରାଯିବା ଯୋଜନା ରହିଛି ବୋଲି ରମେଶ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବର କର୍ମକର୍ତ୍ତାମାନେ।

**ମୋଟର ରାଲି**

- ୨୦୧୯ ଫେବୃୟାରୀ ୪ରୁ ୨୪
- ନୂଆଦିଲ୍ଲୀରୁ ୟାନଗନ (୭୮୧୦ କିଲୋମିଟର)
- ୧୧ ମହିଳାଙ୍କ ସମେତ ୪୨ ବ୍ୟକ୍ତିଙ୍କ ଅଂଶଗ୍ରହଣ
- କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବର ୧୦ ସଦସ୍ୟ ସାମିଲ

“ଦୋହରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ବିଶ୍ୱକପ୍‌ରେ ଭଲ ପ୍ରଦର୍ଶନ କରି ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ ପାଇଁ ଲକ୍ଷ୍ୟ ରଖିଛି।

– ଦୀପା କର୍ମକାର, ଭାରତୀୟ ମହିଳା ଜିମ୍ନାଷ୍ଟ



“୨୦୨୦ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ପୂର୍ବରୁ ଆଗାମୀ ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟ ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ସୁଯୋଗ।

– ସୁରେନ୍ଦ୍ର କୁମାର, ଭାରତୀୟ ହକି ଦଳର ଉପଅଧିନାୟକ



## ସଂକ୍ଷେପରେ

### ରେନେଡି ସିଂ ନେରୋକା ମୁଖ୍ୟ କୋଚ୍ ନିଯୁକ୍ତ



ଇମ୍ଫାଲ, ୧୩।୩(ପି.ଟି.): ପ୍ରାକ୍ତନ ଅନ୍ତର୍ଜାତୀୟ ମିଡ୍‌ଫିଲ୍ଡର ରେନେଡି ସିଂ ମଣିପୁର ବେସଡ୍ ଫୁଟ୍‌ବଲ କ୍ଲବ ନେରୋକା ଏଫ୍‌ସିର ନୂତନ ମୁଖ୍ୟ କୋଚ୍ ଭାବେ ବୁଧବାର ନିଯୁକ୍ତ ହୋଇଛନ୍ତି। ସ୍ପେନର ମାନୁଏଲ୍ ରେଟାମେରୋ ସ୍ଥାନରେ ରେଣ୍ଡିଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନିକଟରେ ଆଇ-ଲିଗ୍‌ରେ ନେରୋକା ଏଫ୍‌ସି ନୈରାଶ୍ୟଜନକ ପ୍ରଦର୍ଶନ କରି ୬ଷ୍ଠ ସ୍ଥାନରେ ଅଭିଯାନ ଶେଷ କରିଥିଲା। ଏହି କାରଣରୁ ମାନୁଏଲ୍ ନିଜ ପଦ ଛାଡ଼ିଥିଲେ। ଆଇ-ଲିଗ୍‌ରେ ନିଜର ଅନ୍ତିମ ଘରୋଇ ମ୍ୟାଚ୍‌ରେ ନେରୋକା ୨-୩ ଗୋଲରେ ରିୟଲ କଶ୍ମୀର ନିକଟରୁ ପରାସ୍ତ ହୋଇଥିଲା। ଏଥିସହ ଦଳ ଆଇ-ଲିଗ୍‌ରେ ମୋଟ୍ ୨୦ ମ୍ୟାଚ୍‌ରୁ ୨୬ ପଏଣ୍ଟ ହାସଲ କରିଥିଲା। ୩୯ ବର୍ଷୀୟ ରେନେଡି ୧୯୯୮ରୁ ୨୦୧୧ ମଧ୍ୟରେ ଜାତୀୟ ଦଳ ପକ୍ଷରୁ ୫୯ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ। ୨୦୧୧ରେ ଏସିଆନ୍ କପ୍‌ରେ ସେ ଭାରତୀୟ ଦଳର ମଧ୍ୟ ନେତୃତ୍ୱ ନେଇଥିଲେ। ୨୦୧୧ରେ ଅବସର ନେବାପରେ ରେନେଡି ୨୦୧୫-୧୬ ସିଜନରେ ଆଇଏସ୍‌ଏଲ୍ କ୍ଲବ ପୁନେ ସିଟି ଏଫ୍‌ସିର ସହାୟକ କୋଚ୍ ଦାୟିତ୍ୱ ତୁଲାଇଥିଲେ।

### ୮୦୦୦ ରନ୍ ପୂରଣ କଲେ ରୋହିତ

ନୂଆଦିଲ୍ଲୀ, ୧୩।୩(ପି.ଟି.)- ଭାରତୀୟ ଉପ- ଅଧିନାୟକ ତଥା ତାରକା ଓପନର ରୋହିତ ଶର୍ମା ଦିନିକିଆରେ ୮୦୦୦ ରନ ପୂରଣ କରିଛନ୍ତି। ବୁଧବାର ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଦିନିକିଆରେ ସେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୨୦୬ଟି ଦିନିକିଆ ଖେଳି ସେ ଏହି ସଫଳତା ପାଇଛନ୍ତି। ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ସହ ୩୧ ବର୍ଷୀୟ ରୋହିତ ଯୁଗ୍ମ ତୃତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ୮ ହଜାର ରନ ପୂରଣ କରିଛନ୍ତି। ଉଭୟ ୨୦୦ଟି ଇନିଂସ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ତେବେ ଅଧିନାୟକ ବିରାଟ କୋହଲି ୧୭୫ଟି ଇନିଂସ ଖେଳି ୮ ହଜାର ରନ ପୂରଣ କରି ବିଶ୍ୱର ଦ୍ରୁତତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ଏବି ଡି ଭିଲର୍ସ ୧୮୨ଟି ଇନିଂସ ଖେଳି ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ପଞ୍ଚମ ଦିନିକିଆରେ ରୋହିତ ୮୯ଟି ବଲର ସମ୍ମୁଖୀନ ହୋଇ ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସ୍ପିନର ଆଡାମ ଜାମ୍ପାଙ୍କ ବଲ୍‌ରେ ସେ ଷ୍ଟମ୍ପ ଆଉଟ୍ ହୋଇଥିଲେ। ସେ ବର୍ତ୍ତମାନ ୨୦୬ଟି ଦିନିକିଆ ଖେଳି ୨୨ଟି ଶତକ, ୪୧ଟି ଅର୍ଦ୍ଧଶତକ ସହ ୮୦୧୦ ରନ ସଂଗ୍ରହ କରିଛନ୍ତି।

# ଅଷ୍ଟ୍ରେଲିଆ ୩-୨ରେ ସିରିଜ ବିଜୟୀ



ଦିନିକିଆ ସିରିଜ ବିଜୟୀ ଅଷ୍ଟ୍ରେଲିଆ ଦଳ।

**ନୂଆଦିଲ୍ଲୀ, ୧୩।୩ (ପି.ଟି.)**

ସ୍ଥିର ପ୍ରଦର୍ଶନର ଅଭାବ ଟିମ୍ ଇଣ୍ଡିଆ ପାଇଁ ମହଙ୍ଗା ପଡ଼ିଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହେବା ସତ୍ତ୍ୱେ ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରି ଦିନିକିଆ ସିରିଜକୁ କବ୍‌ଜା କରିବାରେ ସକ୍ଷମ ହୋଇଛି। ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩୫ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ଏହି ଦଳ ୫ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୩-୨ରେ ଜିତିବା ସହ ବିଶ୍ୱକପ୍ ପ୍ରସ୍ତୁତିକୁ ଜୋରଦାର କରିଛି।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଓପନର ଉସ୍‌ମାନ ଖ୍ୱାଜାଙ୍କ ଶତକ ସହାୟତାରେ ୯ ଉଇକେଟ ହରାଇ ୨୭୨ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୫୦ ଓଭରରେ ୨୩୭ ରନ କରି ଅଲଆଉଟ ହୋଇଥିଲା। ୧୦୦ ରନର ଶତକୀୟ ଇନିଂସ (୧୦୬ ବଲ, ୧୦ ଚୌକା, ୨ ଛକା) ଖେଳିଥିବା ଅଷ୍ଟ୍ରେଲିଆ ଓପନର ଉସ୍‌ମାନ ଖ୍ୱାଜା ପ୍ଲେୟର ଅଫ ଦି ମ୍ୟାଚ୍ ଓ ସିରିଜ ବିବେଚିତ ହୋଇଛନ୍ତି। ଏହି ପରାଜୟ ସହ ଭାରତ ବିଶ୍ୱକପ୍ ପାଇଁ ଶ୍ରେଷ୍ଠ ଦଳ ଚୟନ ଆଶା ଅଧୁରା ରହିଛି। ୨୦୧୫ପରେ ଭାରତ ପ୍ରଥମଥର ପାଇଁ ଘରୋଇ ମାଟିରେ ସିରିଜ ପରାଜୟ ବରଣ କରିଛି। ଶେଷଥର ପାଇଁ ଦକ୍ଷିଣ ଆଫ୍ରିକାଠାରୁ ଭାରତ ଦିନିକିଆ ସିରିଜ ହାରିଥିଲା। ବିଶ୍ୱର ଏକମାତ୍ର ଦଳ ଭାବେ ଭାରତ ୨-୦ରେ ଅଗ୍ରଣୀ ହାସଲ କରିଥିଲେ ମଧ୍ୟ ଦୁଇଥର ସିରିଜ ହାତଛଡ଼ା କରିଛି। କୋଟଲା ପିଚ୍‌ରେ ମଧ୍ୟ ଭାରତ ଗତ ୩୭ ବର୍ଷ ଧରି ୨୫୦ରୁ ଊର୍ଦ୍ଧ୍ୱ ରନ ଚେଜ୍ କରିବାରେ ବିଫଳ ରହିଆସିଛି। ଶେଷଥର ପାଇଁ ୧୯୮୨ରେ ଭାରତ ୨୭୮ ରନ ଚେଜ୍ କରି ଶ୍ରୀଲଙ୍କାକୁ ହରାଇଥିଲା। ଅପରପକ୍ଷରେ ଅଷ୍ଟ୍ରେଲିଆ ୦-୨ରେ ପଛରେ ଥାଇ ପଞ୍ଚମ ଥର ପାଇଁ ସିରିଜ ବିଜୟୀ ହୋଇଛି। ୩ ସ୍ପିନର ଆଡାମ ଜାମ୍ପା, ନାଥନ ଲିୟନ ଓ ଗ୍ଲେନ ମ୍ୟାକ୍ସୱେଲ ଚମତ୍କାର ପ୍ରଦର୍ଶନ କରି ଭାରତ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ରୋହିତ ଶର୍ମା, ବିଜୟ ଶଙ୍କର ଓ ରବୀନ୍ଦ୍ର ଜାଡେଜାଙ୍କୁ ଆଉଟ କରି ଜାମ୍ପା ଭାରତୀୟ ମିଡଲ ଅର୍ଡର ବିପର୍ଯ୍ୟୟ ଘଟାଇଥିଲେ।

୨୭୩ ରନ ବିଜୟ ଲକ୍ଷ୍ୟର ପିଛା କରି ଭାରତ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ଓ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ଆତ୍ମସମର୍ପଣ କରିଥିଲା। ଦଳ ତରଫରୁ ଓପନର ରୋହିତ ସର୍ବାଧିକ ୫୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ କେଦାର ଯାଦବ ୪୪ ଓ ଭୁବନେଶ୍ୱର କୁମାର ୪୬ ରନ କରି ଆଉଟ ହୋଇଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନ ମାନେ ବିଫଳ ହୋଇଥିଲେ। ଚତୁର୍ଥ ଦିନିକିଆରେ ବୃହତ୍ ଶତକୀୟ ଇନିଂସ ଖେଳିଥିବା ଓପନର ଶିଖର ଧାୱନ ୧୨, ଅଧିନାୟକ ବିରାଟ କୋହଲି ୨୦, ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୬, ବିଜୟ ଶଙ୍କର ୧୬, ମହମ୍ମଦ ସାମି ୩, କୁଲଦୀବ ଯାଦବ ୮ ରନ କରି ଆଉଟ ହୋଇଥିବା ବେଳେ ରବୀନ୍ଦ୍ର ଜାଡେଜା ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମରା ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଜାମ୍ପା ୩, ପ୍ୟାଟ୍ କୁମିନ୍ସ, ଝେ ରିଚାର୍ଡସନ, ମାର୍କସ ଷ୍ଟୋଇନ୍ସ ୨ଟି ଲେଖାଏ ଓ ନାଥନ ଲିୟନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଶ୍ ଭଲ ଆରମ୍ଭ କରିଥିଲା। ଏକଦା ଅଷ୍ଟ୍ରେଲିଆ ୩୩ ଓଭରରେ ଗୋଟିଏ ଉଇକେଟ ହରାଇ ୧୭୫ ରନ କରି ବେଶ୍ ସୁବିଧାଜନକ ସ୍ଥିତିରେ ଥିଲା। ଚତୁର୍ଥ ଦିନିକିଆରେ ନିହାତି ମାମୁଲି ବୋଲିଂ କରିଥିବା ଭାରତୀୟ ବୋଲର କିନ୍ତୁ ପ୍ରତ୍ୟାବର୍ତ୍ତନ କରି ନିୟମିତ ଅନ୍ତରରେ ଉଇକେଟ ହାସଲ କରିଥିଲେ ଓ ଅଷ୍ଟ୍ରେଲିଆକୁ ୨୭୨ ରନରେ ସୀମିତ ରଖିବାରେ ସକ୍ଷମ ହୋଇଥିଲେ। ଦୁଇ ଓପନର ଉସ୍‌ମାନ ଖ୍ୱାଜା ଓ ଆରୋନ ଫିଞ୍ଚ୍ ପ୍ରଥମ ଉଇକେଟରେ ୭୬ ରନ ସଂଗ୍ରହ କରିଥିଲେ। ଅଧିନାୟକ ଫିଞ୍ଚ୍ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୨୭ ରନ କରିଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ସ୍ପିନ୍‌ରେ ଚକ୍‌ମା ଖାଇ କ୍ଲିନ୍ ବୋଲ୍ଡ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ଖ୍ୱାଜା ଓ ପିଟର ହ୍ୟାଣ୍ଡ୍ସକମ୍ବ ୯୯ ରନ କରି ଦଳକୁ ଭଲ ମୂଳଦୁଆ ପ୍ରଦାନ କରିଥିଲେ। ଖ୍ୱାଜା ସିରିଜର ଦ୍ୱିତୀୟ ଶତକ ହାସଲ କରି ପ୍ୟାଭିଲିୟନ ଫେରିଥିଲେ। ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ଲଙ୍ଗ ଅଫ୍ ଉପରେ ଶଟ୍ ଖେଳି ଖ୍ୱାଜା ସିଧା ବିରାଟ କୋହଲିଙ୍କ ହାତରେ ଧରାପଡିଥିଲେ। ମାତ୍ର ୭ ରନ ମଧ୍ୟରେ ଅଷ୍ଟ୍ରେଲିଆ ମୂଲ୍ୟବାନ ୩ଟି ଉଇକେଟ ହରାଇଥିଲା। ଇନ୍‌ଫର୍ମ ଧୂଆଁଧାର ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ ଜାଡେଜାଙ୍କ ବଲ୍‌କୁ ଏକ୍ସଟ୍ରା କଭର ଉପରେ ଦେଇ ମାରିବାକୁ ପ୍ରୟାସ କରିଥିଲେ ଓ କୋହଲି ତାଙ୍କ କ୍ୟାଚ୍ ନେଇଥିଲେ। ଦମ୍‌ଦାର ଫର୍ମରେ ଥିବା ହ୍ୟାଣ୍ଡ୍ସକମ୍ବ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରିଜ୍‌ରେ ଜମିଆସୁଥିବା ବେଳେ ମହମ୍ମଦ ସାମିଙ୍କ ଅଫ୍ ଷ୍ଟମ୍ପ ବାହାର ବଲକୁ ମାରିବାକୁ ଯାଇ ଉଇକେଟକିପର ରିଷଭ ପନ୍ତଙ୍କ ହାତରେ ଧରାପଡିଥିଲେ। ଚତୁର୍ଥ ଦିନିକିଆର ହିରୋ ଆଷ୍ଟନ ଟର୍ନର ୨୦ ରନ କରିଥିବା ବେଳେ ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ଏକ ବଲ୍‌କୁ ଲଙ୍ଗ୍‌ଅନ୍ ଉପରେ ଦେଇ ମାରିବାକୁ ପ୍ରୟାସ କରିଥିଲେ। ତେବେ ସେ ବଲ୍‌ର ଲେନ୍ଥ ବୁଝିବାରେ ବିଫଳ ହୋଇଥିଲେ ଓ ଜାଡେଜା ତାଙ୍କ କ୍ୟାଚ୍ ନେଇଥିଲେ। ୨୦ ରନ କରିଥିବା ବେଳେ ମାର୍କସ ଷ୍ଟୋଇନ୍ସ ଭୁବନେଶ୍ୱରଙ୍କ ବଲ୍‌ରେ ଶଟ୍ ଖେଳିବାକୁ ଯାଇ ପ୍ଲେଡ ଅନ୍ ହେବା ସହ କ୍ଲିନ୍ ବୋଲ୍ଡ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ୩ ରନ କରିଥିବା ବେଳେ ସାମିଙ୍କ ବଲ୍‌କୁ ଶଟ୍ ଖେଳିବାକୁ ଯାଇଥିଲେ। ତେବେ ବଲ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ପନ୍ତ ଏକ ସୁନ୍ଦର କ୍ୟାଚ୍ ନେଇଥିଲେ। ୮ ବଲରୁ ୨ ଚୌକା ସହ ୧୫ ରନ ସଂଗ୍ରହ କରି ପ୍ୟାଟ୍ କୁମିନ୍ସ ଭୁବନେଶ୍ୱରଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ବଲ୍ ପ୍ୟାଡ୍‌ରେ ବାଜି ଭୁବନେଶ୍ୱରଙ୍କ ହାତକୁ ଯାଇଥିଲା। ଅବଶ୍ୟ ଅମ୍ପାୟର ନିଷ୍ପତ୍ତି ନେବା ପାଇଁ ଥାର୍ଡ ଅମ୍ପାୟରଙ୍କ ସହାୟତା ନେଇଥିଲେ। ଶେଷରେ ଝେ ରିଚାର୍ଡସନ ଇନିଂସର ଅନ୍ତିମ ବଲ୍‌ରେ ଦୁଇ ରନ ନେବାକୁ ଯାଇ କୋହଲି ଓ ପନ୍ତଙ୍କ ପ୍ରୟାସରେ ରନ୍ ଆଉଟ୍ ହୋଇଥିଲେ। ସେ ୨୧ ବଲରୁ ୩ ଚୌକା ସହ ୨୯ ରନ ସଂଗ୍ରହ କରିଥିଲେ। ନାଥନ ଲିୟନ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଭୁବନେଶ୍ୱର ୩, ସାମି ଓ ଜାଡେଜା ଦୁଇଟି ଲେଖାଏ, କୁଲଦୀପ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। କୌଣସି ଉଇକେଟ ହାସଲ କରି ନ ଥିଲେ ମଧ୍ୟ ଯଶପ୍ରୀତ ବୁମ୍‌ରା କଞ୍ଜୁସ ବୋଲିଂ କରି ଭ୍ରମଣକାରୀ ବ୍ୟାଟ୍ସମ୍ୟାନଙ୍କ ଉପରେ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲେ। ୧୦ ଓଭର ବୋଲିଂ କରି ସେ ୩୯ ରନ ବ୍ୟୟ କରିଥିଲେ।

## ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ଇନିଂସ**

ଖ୍ୱାଜା-କ-କୋହଲି-ବୋ-ଭୁବନେଶ୍ୱର-୧୦୦
ଫିଞ୍ଚ୍-ବୋ-ଜାଡେଜା-୨୭
ହ୍ୟାଣ୍ଡ୍ସକମ୍ବ-କ-ପନ୍ତ-ବୋ-ସାମି-୫୨
ମ୍ୟାକ୍ସୱେଲ-କ-କୋହଲି-ବୋ-ଜାଡେଜା-୧
ଷ୍ଟୋଇନ୍ସ-ବୋ-ଭୁବନେଶ୍ୱର-୨୦
ଟର୍ନର-କ-ଜାଡେଜା-ବୋ-କୁଲଦୀପ-୨୦
କେରି-କ-ପନ୍ତ-ବୋ-ସାମି-୩
ରିଚାର୍ଡ଼ଶନ-ରନଆଉଟ-୨୯
କୁମିନ୍ସ-କ ଆଣ୍ଡ ବୋ-ଭୁବନେଶ୍ୱର-୧୫
ଲିୟନ-ନଟଆଉଟ-୧
ଅତିରିକ୍ତ-୪
**ମୋଟ(୯ ଉଇକେଟ, ୫୦ ଓଭର) ୨୭୨।**
ଉଇକେଟ ପତନ:୧/୭୬, ୨/୧୭୫, ୩/୧୭୮, ୪/୧୮୨, ୫/୨୧୦, ୬/୨୨୫, ୭/୨୨୯, ୮/୨୬୩, ୯/୨୭୨।

**ବୋଲିଂ(ଭାରତ)**

ଭୁବନେଶ୍ୱର ୧୦-୦-୪୮-୩
ସାମି ୯-୦-୫୭-୨
ବୁମ୍‌ରା ୧୦-୦-୩୯-୦
କୁଲଦୀପ ୧୦-୦-୭୪-୧
ଜାଡେଜା ୧୦-୦- ୪୫-୨
କେଦାର ୧-୦-୮-୦

**ଭାରତ ଇନିଂସ**

ରୋହିତ-ଷ୍ଟମ୍ପ-କେରି-ବୋ-ଜାମ୍ପା-୫୬
ଧାୱନ-କ-କେରି-ବୋ-କୁମିନ୍ସ-୧୨
କୋହଲି-କ-କେରି-ବୋ-ଷ୍ଟୋଇନ୍ସ-୨୦
ପନ୍ତ-କ-ଟର୍ନର-ବୋ-ଲିୟନ-୧୬
ବିଜୟ-କ-ଖ୍ୱାଜା-ବୋ-ଜାମ୍ପା-୧୬
କେଦାର-କ-ମ୍ୟାକ୍ସୱେଲ-ବୋ-ରିଚାର୍ଡ଼ଶନ-୪୪
ଜାଡେଜା-ଷ୍ଟମ୍ପ-କେରି-ବୋ-ଜାମ୍ପା-୦
ଭୁବନେଶ୍ୱର-କ-ଫିଞ୍ଚ୍-ବୋ-କୁମିନ୍ସ-୪୬
ସାମି- କ ଆଣ୍ଡ ବୋ-ରିଚାର୍ଡ଼ଶନ-୩
କୁଲଦୀପ-ବୋ-ଷ୍ଟୋଇନ୍ସ-୮
ବୁମ୍‌ରା-ନଟଆଉଟ-୧
ଅତିରିକ୍ତ-୧୫
**ମୋଟ(ଅଲଆଉଟ, ୫୦ ଓଭର) ୨୩୭।**
ଉଇକେଟ ପତନ: ୧/୧୫, ୨/୬୮, ୩/୯୧, ୪/୧୨୦, ୫/୧୩୨, ୬/୧୩୨, ୭/୨୨୩, ୮/୨୨୩, ୯/୨୩୦।

**ବୋଲିଂ(ଅଷ୍ଟ୍ରେଲିଆ)**

କୁମିନ୍ସ ୧୦-୧-୩୮-୨
ରିଚାର୍ଡ଼ଶନ ୧୦-୦-୪୭-୨
ଷ୍ଟୋଇନ୍ସ ୪-୦-୩୧-୨
ଲିୟନ ୧୦-୧-୩୪-୧
ଜାମ୍ପା ୧୦-୧-୪୬-୩
ମ୍ୟାକ୍ସୱେଲ ୬-୦-୩୪-୦।

**ଖ୍ୱାଜା ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ସିରିଜ**

# ଫେନ୍ସରେ ର୍‌ୟାକେଟ୍ ଭାଙ୍ଗିଲେ ଜୋକୋଭିଚ୍

**ଇଣ୍ଡିଆନ ୱେଲ୍ସ (ୟୁଏସ୍‌ଏ), ୧୩।୩(ଏଏଫ୍‌ପି)**

ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ପୁରୁଷ ଡବଲ୍ସ ବର୍ଗରେ ଅଘଟଣ ଦେଖିବାକୁ ମିଳିଛି। ସର୍ବିଆ ଷ୍ଟାର ସିଙ୍ଗଲ୍ସ ଖେଳାଳି ନୋଭାକ ଜୋକୋଭିଚ୍ ଓ ଫାବିଓ ଫଗନିନଙ୍କ ସହ ମିଶି ଜିନ ଜୁଲିଏନ ରୋଜର ଓ ହୋରିଆ ଟେକୁଆଙ୍କୁ ୭-୬(୬), ୨-୬, ୧୦-୬ ସେଟ୍‌ରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ମ୍ୟାଚ୍‌ର ଦ୍ୱିତୀୟ ସେଟ୍‌ରେ ପରାସ୍ତ ହେବା ପରେ ଜୋକୋଭିଚ୍ ର୍‌ୟାକେଟ୍‌କୁ



ନୋଭାକ ଜୋକୋଭିଚ୍

ଫେନ୍ସ(କୋର୍ଟର ବାଡ)ରେ ଖୁବ୍ ଜୋରରେ ମାରିଥିଲେ। ଏତେ ଜୋରରେ ମାରିଥିଲେ ଯେ, ଫେନ୍ସରେ ଗାତ ହୋଇ ଯାଇଥିଲା। ଯାହା ଉପସ୍ଥିତ ଦର୍ଶକଙ୍କୁ ସ୍ତବ୍ଧ କରି ଦେଇଥିଲା। ସିଙ୍ଗଲ୍ସ ବର୍ଗରେ ଫିଲିପ୍ କୋହେଲସ୍କ୍ରେଇବରଙ୍କଠାରୁ ପରାସ୍ତ ହେବା ପରେ ୧୫ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରାଗରେ ଏହା କରିଥିବା ଭାଷ୍ୟକାର ନିକ ଲେଷ୍ଟର କହିଛନ୍ତି। ସେ କହିଛନ୍ତି, କୋର୍ଟ ବାହାରେ ରୋଜର ଫେଡେରର ଓ ରାଫାଲ ନାଡାଲଙ୍କ ସହ ବିବାଦ ଜୋକୋଭିଚ୍‌ଙ୍କ ପରାଜୟର ମୁଖ୍ୟ କାରଣ।

## ଇଣ୍ଡିଆନ ୱେଲ୍ସରେ ବଡ଼ ବିପର୍ଯ୍ୟୟ

**ଇଣ୍ଡିଆନ ୱେଲ୍ସ(ୟୁଏସ୍‌ଏ), ୧୩।୩(ଏଏଫ୍‌ପି)**

ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟରେ ବୁଧବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଉଭୟ ପୁରୁଷ ଓ ମହିଳା ସିଙ୍ଗଲ୍ସ ବର୍ଗର ନଂ ୧ ଖେଳାଳି ଯଥାକ୍ରମେ ନୋଭାକ ଜୋକୋଭିଚ୍ ଓ ନାଓମି ଓସାକା ନିମ୍ନ ର୍‌ୟାଙ୍କ ଖେଳାଳିଙ୍କଠାରୁ ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ନିକଟରେ ପୁରୁଷ ସିଙ୍ଗଲ୍ସ ବର୍ଗରେ ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଜିତିଥିବା ଜୋକୋଭିଚ୍‌ଙ୍କୁ ୪-୬, ୪-୬ ସେଟ୍‌ରେ ୩୯ତମ ର୍‌ୟାଙ୍କ ଫିଲିପ୍ କୋହେଲସ୍କ୍ରେଇବର ହରାଇ ଦେଇଛନ୍ତି। ଜର୍ମାନୀ ଖେଳାଳିଙ୍କ ୧୫ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଜୋକୋଭିଚ୍‌ଙ୍କ ଠାରୁ କ୍ରମାଗତ ୮ ଥର ପରାସ୍ତ ହେବା ପରେ ପ୍ରଥମ ବିଜୟ ଲାଭ କରିଛନ୍ତି। ମହିଳା ବିଭାଗରେ ବିଶ୍ୱର ଶୀର୍ଷ ର୍‌ୟାଙ୍କ ଓ ଡିଫେଣ୍ଡିଂ ଚାମ୍ପିୟନ ଓସାକା ସୁଇଜରଲାଣ୍ଡ ବେଲିଣ୍ଡା ବେନସିସଙ୍କଠାରୁ ୬-୩, ୬-୧ ସେଟ୍‌ରେ ହାରିଯାଇଛନ୍ତି। କ୍ୟାରିୟରରେ ପ୍ରଥମ ଥର ପାଇଁ କୌଣସି ଟାଇଟଲ ଡିଫେଣ୍ଡ କରିବାକୁ ସୁଯୋଗ ପାଇଥିବା ଓସାକା ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ ବେନସିସଙ୍କ ନଂ ୧ ଖେଳାଳିଙ୍କ ବିପକ୍ଷରେ ଏହା ଦ୍ୱିତୀୟ ବିଜୟ। ୪ ବର୍ଷ ପୂର୍ବେ ସେ ସେରେନା ୱିଲିୟମ୍ସଙ୍କୁ ଟରୋଣ୍ଟୋ ଫାଇନାଲରେ ହରାଇଥିଲେ।



ଫିଲିପ୍ କୋହେଲସ୍କ୍ରେଇବର

# ‘ପନ୍ତଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ନାହିଁ’

କୋଲକାତା, ୧୩।୩(ପି.ଟି.)- ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ ଉତ୍‌ଥାନ ଫଳରେ ଅଭିଜ୍ଞ ରିଦ୍ଧିମାନ ଶାହଙ୍କ ସ୍ଥାନ ପ୍ରତି ବିପଦ ସୃଷ୍ଟି କରିଛି। ତେବେ ଏହାକୁ ରିଦ୍ଧିମାନ ଅସ୍ୱୀକାର କରିଛନ୍ତି। ବୈଷୟିକ ଦୃଷ୍ଟିକୋଣରୁ ରିଦ୍ଧିମାନ ଭାରତ ଶ୍ରେଷ୍ଠ ଉଇକେଟକିପର ବିବେଚିତ ହେଉଛନ୍ତି। ଏବେ ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ ବେଙ୍ଗଲ ଦଳ ତରଫରୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କାନ୍ଧରେ ଆଘାତ ସମସ୍ୟା କାରଣରୁ ସେ ଅସ୍ତ୍ରୋପଚାର କରାଇଥିଲେ ଓ ଖେଳରୁ ବେଶ୍ କିଛି ଦିନ ଦୂରେଇ ରହିଥିଲେ। ଦୀର୍ଘ ଦିନ ପରେ ସେ ପେସାଦାର କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେବେ ଏହି ସମୟରେ ପନ୍ତ ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ଶତକ ହାସଲ କରି ବ୍ୟାଟିଂରେ ଦମ୍ ଦେଖାଇଛନ୍ତି। ପନ୍ଥଙ୍କ ଉତ୍‌ଥାନ ନେଇ ଆଦୌ ଅସୁରକ୍ଷିତ ମନେ କରୁନାହିଁ ବୋଲି ରିଦ୍ଧିମାନ କହିଛନ୍ତି। ଜଣେ କ୍ରୀଡ଼ାବିତ୍ ହିସାବରେ ଆଘାତ ସମସ୍ୟାର ସମ୍ମୁଖୀନ ହେବାକୁ ହୋଇଥାଏ। ଏବେ ସମ୍ପୂର୍ଣ୍ଣ ଫିଟ୍ ହେବା ସହ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ବୋଲି ସେ କହିଛନ୍ତି। ୧୧ଟି ମୁସ୍ତାକ ଅଲି ଟ୍ରଫି ମ୍ୟାଚ୍ ଖେଳି ସେ ୩୬୦ ରନ ସଂଗ୍ରହ କରିଛନ୍ତି। ପନ୍ତଙ୍କ ଅସାଧାରଣ ବ୍ୟାଟିଂ ପ୍ରତିଭା ପ୍ରତ୍ୟାବର୍ତ୍ତନରେ ତାଙ୍କ ପାଇଁ ମୁଖ୍ୟ ପ୍ରତିବନ୍ଧକ ହେବ ବୋଲି କୁହାଯାଉଥିଲେ ମଧ୍ୟ ରିଦ୍ଧିମାନ ଏଥିରେ ଆଦୌ ବ୍ୟଥିତ ନୁହନ୍ତି ବୋଲି କହିଛନ୍ତି। ଇଞ୍ଜୁରି କାରଣରୁ ମୁଁ ବାଦ୍ ପଡିଥିଲି। ତେବେ ପନ୍ତ ଇତିମଧ୍ୟରେ ଉଚ୍ଚକୋଟୀର ପ୍ରଦର୍ଶନ କରି ପ୍ରଭାବିତ କରିଛନ୍ତି। ବର୍ତ୍ତମାନ ମୁଁ ଫର୍ମ ଫେରିପାଇବା ପାଇଁ ଚେଷ୍ଟା କରିବି ଓ ଭାରତୀୟ ଦଳରେ ସ୍ଥାନ ପାଇବାକୁ ପ୍ରୟାସ କରିବି। ତେବେ ପନ୍ତଙ୍କ ସହ ମୋର କୌଣସି ପ୍ରତିଦ୍ୱନ୍ଦ୍ୱିତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଆଶଙ୍କାରେ ସୁପର କପ୍ ଫୁଟ୍‌ବଲ

## ଆଇ-ଲିଗ୍‌ର ୭ କ୍ଲବ୍ ଓହରିବା ସମ୍ପର୍କରେ ମିନର୍ଭାର ସୂଚନା

**ଚଣ୍ଡିଗଡ଼, ୧୩।୩ (ପି.ଟି.)**


ଭୁବନେଶ୍ୱରରେ ଚଳିତ ମାସ ୧୫ରୁ ଆରମ୍ଭ ହେବାକୁଥିବା ସୁପର ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ମିନର୍ଭା ପଞ୍ଜାବ ସମେତ ଆଇ- ଲିଗ୍‌ର ୭ଟି ଫୁଟବଲ କ୍ଲବ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି ବୋଲି ଦାବି କରାଯାଇଛି। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍)ର ଅନୁଚିତ ତଥା ବୈମାତୃକ ବ୍ୟବହାରକୁ ବିରୋଧ କରି ମିନର୍ଭା ଓ ଅନ୍ୟ କ୍ଲବଗୁଡିକ ଏପରି ନିଷ୍ପତ୍ତି ନେଇଛନ୍ତି। ଟୁର୍ନାମେଣ୍ଟ ଆରମ୍ଭ ହେବାର ମାତ୍ର ଦୁଇ ଦିନ ପୂର୍ବରୁ କ୍ଲବଗୁଡିକର ଏପରି ନିଷ୍ପତ୍ତି ଏକ ପ୍ରକାର ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ପୂର୍ବତନ ଚାମ୍ପିୟନ ପଞ୍ଜାବ ସଦ୍ୟ ସମାପ୍ତ ଆଇ-ଲିଗ୍ ୨୦୧୮-୧୯ ସେସନରେ ଦଶମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ମିନର୍ଭା ସହିତ ଶିଲଂ ଲାଜଂ, ଚର୍ଚ୍ଚିଲ ବ୍ରଦର୍ସ, ରିୟଲ କଶ୍ମୀର ଓ ଇଣ୍ଡିଆନ ଆରୋଜଙ୍କୁ ବାଦ ଦେଇ ବାକି ୭ କ୍ଲବ ଓହରିଯାଇଛନ୍ତି। ମଙ୍ଗଳବାର ଏଆଇଏଫ୍‌ଏଫ୍ ସମ୍ପାଦକ କୁଶଲ ଦାସଙ୍କୁ ଚିଠି ଲେଖି କ୍ଲବଗୁଡିକ ଟୁର୍ନାମେଣ୍ଟରୁ ଓହରିଯିବା ସଂକ୍ରାନ୍ତରେ ଜଣାଇଛନ୍ତି ବୋଲି ମିନର୍ଭା ତରଫରୁ କୁହାଯାଇଛି। ଏ ନେଇ ମୋହନ ବାଗାନ ସମ୍ପାଦକ ଶ୍ରୀଞ୍ଜୟ ବୋଷ କିଛି ସ୍ପଷ୍ଟ କରି ନ ଥିଲେ ମଧ୍ୟ ଏ ଲଢ଼େଇରେ ଆମେ ସମସ୍ତେ ଏକାଠି ହୋଇଛୁ ବୋଲି ସେ ଜଣାଇଛନ୍ତି।

ଉଲ୍ଲେଖଥାଉ କି, ଭୁବନେଶ୍ୱରର ସୁପରକପ୍‌ର ଯୋଗ୍ୟତା ପର୍ଯ୍ୟାୟ ଆସନ୍ତା ୧୫ ତାରିଖରୁ ଓ ଏପ୍ରିଲ ୧୩ରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏଆଇଏଫ୍‌ଏଫ୍ ଆଇ- ଲିଗ୍ କ୍ଲବଗୁଡିକୁ ଜାଣିଶୁଣି ଅବହେଳା କରୁଛି ବୋଲି ପଞ୍ଜାବ ଅଭିଯୋଗ ଆଣିଛି। ଚଳିତ ବର୍ଷ ଫେବୃୟାରୀରେ ୮ଟି ଆଇ- ଲିଗ୍ କ୍ଲବ୍ ବିଭିନ୍ନ ସମସ୍ୟା ନେଇ ଏଆଇଏଫ୍‌ଏଫ୍‌କୁ ଚିଠି ଲେଖି ଜଣାଇଥିଲେ। ତେବେ ଏଆଇଏଫ୍‌ଏଫ୍ ତରଫରୁ କିଛି ଉତ୍ତର ଦିଆଯାଇ ନ ଥିଲା। ଟାଇଟଲ ପ୍ରାୟୋଜକ ଥିଲେ ମଧ୍ୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡିକୁ ଏଆଏଫ୍‌ଏଫ୍ ଆର୍ଥିକ ସହାୟତା ପ୍ରଦାନ କରୁନାହିଁ। ଏସିଆନ ଫୁଟବଲ କନଫେଡେରେଶନ (ଏଏଫସି) ଟୁର୍ନାମେଣ୍ଟ ଖେଳିବାକୁ ପ୍ରସ୍ତାବ ଦିଆଯାଉନାହିଁ। ଦଳଗୁଡିକୁ କୌଣସି ପ୍ରକାର ପ୍ରୋତ୍ସାହନ ପ୍ରଦାନ କରାଯାଉ ନାହିଁ ବୋଲି ପଞ୍ଜାବ ଅଭିଯୋଗ ଆଣିଛି।

ସୁପର କପ୍ ଏକ ନକ୍‌ଆଉଟ୍ ଭିତ୍ତିକ ଟୁର୍ନମେଣ୍ଟ। ଏହାକୁ ଏଆଇଏଫ୍‌ଏଫ୍ ଆୟୋଜନ କରିଥାଏ। ଏଥିରେ ଆଇ-ଲିଗ୍ ଓ ଇଣ୍ଡିଆ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳଗୁଡିକ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥାନ୍ତି। ଏହା ଭାରତର ଶ୍ରେଷ୍ଠ ନକ୍ ଆଉଟ୍ ଭିତ୍ତିକ ଟୁର୍ନାମେଣ୍ଟ ବିବେଚିତ ହେଉଛି। ୧୫ ତାରିଖରେ ମିନର୍ଭା ଓ କ୍ୱାଲିଫାଇଂ ରାଉଣ୍ଡରେ ଏଫ୍‌ସି ପୁଣେ ସିଟି ବିପକ୍ଷରୁ ଅଭିଯାନ ଆରମ୍ଭ କରିବାର କାର୍ଯ୍ୟକ୍ରମ ଥିଲା। ପରବର୍ତ୍ତୀ ପଦକ୍ଷେପ ନେବା ପୂର୍ବରୁ ମିନର୍ଭା ଏବେ ଏଆଇଏଫ୍‌ଏଫ୍‌ର ପ୍ରତିକ୍ରିୟାକୁ ଅପେକ୍ଷା କରିଛି। ମିନର୍ଭା ୧୯ଟି ମ୍ୟାଚ୍ ଖେଳି ୧୭ ପଏଣ୍ଟ ସହ ଆଇ-ଲିଗ୍ ତାଲିକାର ଦଶମସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ତୃତୀୟ ସ୍ଥାନ ଅଧିକାର କରିଥିବା ରିୟଲ କଶ୍ମୀର ସହ ମିନର୍ଭା ପୁନଃ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ନିରାପତ୍ତା ତଥା ସୁରକ୍ଷା ବ୍ୟବସ୍ଥା ପାଇଁ ମିନର୍ଭା ଶ୍ରୀନଗର ଗସ୍ତ କରିବା ପାଇଁ ମନା କରିଦେଇଥିଲା। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ଏ ଭଳି ପରିସ୍ଥିତି ଉପୁଜିଥିଲା। ଲିଖିତ ଭାବେ ମିନର୍ଭାକୁ ନିରାପତ୍ତା ନେଇ କୌଣସି ପ୍ରତିଶ୍ରୁତି ପ୍ରଦାନ କରାଯାଇ ନ ଥିଲା।

# ଜ୍ୟୋସ୍ନାଙ୍କ ଚମତ୍କାର ପ୍ରଦର୍ଶନ ଜାରି

**କାଇରୋ, ୧୩।୩(ପିଟି)**



ଭାରତୀୟ ସ୍କାଶ ଷ୍ଟାର ଜ୍ୟୋସ୍ନା ଚିନାପ୍ପା ଏଠାରେ ଚାଲିଥିବା ବ୍ଲାକ ବଲ ସ୍କାଶ ଓପନରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛନ୍ତି। ସେ ବୁଧବାର ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୬ଷ୍ଠ ସିଡ୍ ସାରା ଜେନ ପେରୀଙ୍କୁ ହରାଇ ଦେଇଛନ୍ତି। କିମ୍ବଦନ୍ତୀ ନିକୋଲ ଡେଭିଡଙ୍କୁ ହରାଇଥିବା ଜ୍ୟୋସ୍ନା ୧୧-୪, ୬-୧୧, ୧୪-୧୨, ୧୧-୯ ଗେମ୍‌ରେ ଇଂଲିଶ ଖେଳାଳିଙ୍କୁ ପରାସ୍ତ କରିଛନ୍ତି। ଗତ ୭ ବର୍ଷ ମଧ୍ୟରେ ସାରାଙ୍କ ବିପକ୍ଷରେ ଏହା ଜ୍ୟୋସ୍ନାଙ୍କ ପ୍ରଥମ ବିଜୟ। ଗତ ୨୦୧୨ ଚେନ୍ନାଇ ଓପନରେ ତାଙ୍କୁ ହରାଇଥିଲେ। ଉଚ୍ଚ ର୍‌ୟାଙ୍କଧାରୀ ସାରାଙ୍କ ବିପକ୍ଷରେ ଭାରତୀୟ ଖେଳାଳି ଆରମ୍ଭରୁ ଭଲ ପ୍ରଦର୍ଶନ କରି ପ୍ରଥମ ଗେମ୍‌କୁ ଜିତି ନେଇଥିଲେ। ଦ୍ୱିତୀୟ ଗେମ୍‌କୁ ଜିତି ଇଂଲିଶ ଖେଳାଳି ମ୍ୟାଚ୍‌କୁ ଫେରିଥିଲେ। ହେଲେ ପରବର୍ତ୍ତୀ ଦୁଇ ଗେମ୍‌କୁ ହାତେଇ ଜ୍ୟୋସ୍ନା କ୍ୱାର୍ଟର ଫାଇନାଲକୁ ଉନ୍ନିତ ହୋଇଛନ୍ତି। ସେ ଏଥିରେ ନ୍ୟୁଜିଲାଣ୍ଡର ଜୋଲି କିଙ୍ଗଙ୍କୁ ଭେଟିବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ମାର୍ଚ୍ଚ ୧୪/୨୦୧୯ Sambalpur, Thursday, March 14 / 2019

## ସଂକ୍ଷେପରେ

### ବସ୍ ଧକ୍କାରେ ବୃଦ୍ଧ ମୃତ

**ଗୁଡ଼ଭେଲା, ୧୩।୩(ଡି.ଏନ୍.ଏ.)**

ତୁଷୁରା-ଦେଓଗାଁ ରାସ୍ତାର ଡଙ୍ଗାପଥର ଛକରେ ବୁଧବାର ସନ୍ଧ୍ୟା ସାଢ଼େ ୬ଟାରେ ଏକ ବସ୍ ଧକ୍କାରେ ଦେଓଗାଁ ବ୍ଲକ କରୁଆଝର ଗ୍ରାମର କୃଷ୍ଣ ମନହିରା (୬୨)ଙ୍କ ମୃତ୍ୟୁ ଘଟିଛି। ତୁଷୁରା ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ ଓ କୃଷ୍ଣଙ୍କ ମୃତଦେହ ଜବତ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ବସ୍ ଡ୍ରାଇଭର, ହେଲପର ଫେରାର ହୋଇଯାଇଛନ୍ତି। ଓଆର୦୩-ଡି୫୩୧୬ନଂ ବସ୍ ବଲାଙ୍ଗୀର ପଟୁ ତୁଷୁରା ଆଡ଼କୁ ଆସୁଥିବାବେଳେ ସାଇକେଲରେ ଯାଉଥିବା କୃଷ୍ଣଙ୍କୁ ଧକ୍କା ଦେଇଥିଲା। ସେ ଛିଟିକି ପଡ଼ିବାରୁ ତାଙ୍କ ନାକ ଓ କାନରୁ ପ୍ରଚୁର ରକ୍ତସ୍ରାବ ହେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନିର୍ବାଚନ ପୂର୍ବରୁ ଉପସ୍ଥିତି ଜାହିର କଲେ ମାଓବାଦୀ

### ବଳଭଦ୍ରପୁରରେ ଲଗାଇଲେ ପୋଷ୍ଟର

**ଲାଞ୍ଜିଗଡ, ୧୩।୩(ଡି.ଏନ.ଏ.)**

ନିର୍ବାଚନ ପୂର୍ବରୁ ପୋଷ୍ଟର ମାରି ନିଜ ଉପସ୍ଥିତି ଜାହିର କରିଛନ୍ତି ମାଓବାଦୀ । କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନିୟମଗିରି ସୀମାନ୍ତ ବଳଭଦ୍ରପୁର ଗାଁରେ ପୋଷ୍ଟର ଓ ବ୍ୟାନର ଲଗାଇ ମାଓବାଦୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୀବ୍ର ବିରୋଧ କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଆଦିବାସୀ ବିରୋଧୀ ବୋଲି ଦର୍ଶାଇବା ସହ ସୁପ୍ରିମକୋର୍ଟ ଦ୍ୱାରା ଆଦିବାସୀଙ୍କ ଅଧିକାରକୁ ସଙ୍କୁଚିତ କରାଯାଇଥିବା ମାଓବାଦୀ ସଙ୍ଗଠନ ଅଭିଯୋଗ କରିଛି। ଆଦିବାସୀମାନଙ୍କୁ ବାସଚ୍ୟୁତ କରି ସେଠାରେ ଖଣି ଖନନକୁ ପୋଷ୍ଟର ଜରିଆରେ ତୀବ୍ର ବିରୋଧ କରାଯାଇଛି । ନିୟମଗିରି ଆନ୍ଦୋଳନର ମୁଖ୍ୟ ପୁରୋଧା ଲିଙ୍ଗରାଜ ଆଜାଦଙ୍କ ନାମରେ ଥିବା ମିଥ୍ୟା କେସ୍ ପ୍ରତ୍ୟାହାର ସହିତ ତାଙ୍କୁ ନିଃସର୍ତ୍ତ ଖଲାସ ପାଇଁ ସଙ୍ଗଠନ ଦାବି କରିଛି । ବୁଧବାର ସକାଳେ ବଳଭଦ୍ରପୁର ଗାଁର ବିଭିନ୍ନ ସ୍ଥାନର ଗଛଗୁଡିକରେ ବହୁ ସଂଖ୍ୟାରେ ହାତଲେଖା ଓ ପ୍ରିଣ୍ଟ କରାଯାଇଥିବା ମାଓବାଦୀ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ରାୟଗଡା ଓ କଳାହାଣ୍ଡି ଅଞ୍ଚଳରେ ଦୀର୍ଘ ଦିନ ଧରି ସକ୍ରିୟ ଥିବା ବଂଶଧାରା ଘୁମୁସର ନାଗାବଳୀ ଡିଭିଜନାଲ କମିଟି ଦ୍ୱାରା ଏହି ପୋଷ୍ଟର ଜାରି କରାଯାଇଥିବା ଜଣାପଡିଛି। ନିୟମଗିରିକୁ ଲାଗିଥିବା ଏହି ଅଞ୍ଚଳରେ ଏକାଧିକ ସମ୍ବେଦନଶୀଳ ବୁଥ୍ ଥିବାବେଳେ ମାଓବାଦୀଙ୍କ ଉପସ୍ଥିତି ଏବେ ପ୍ରଶାସନର ମୁଣ୍ଡବ୍ୟଥା ବଢାଇ ଦେଇଛି। ଗତ କିଛି ବର୍ଷ ହେଲା ଏ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଥିବାବେଳେ ଗତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ମାଓବାଦୀ ଭୟ ଯୋଗୁ ତ୍ରିଲୋଚନପୁରଠାରେ ନିର୍ବାଚନ ହୋଇପାରି ନ ଥିଲା ।



ବଳଭଦ୍ରପୁର ଗାଁର ବିଭିନ୍ନ ସ୍ଥାନରେ ମରାଯାଇଥିବା ମାଓବାଦୀ ପୋଷ୍ଟର ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ସରଣ୍ଡା, ୧୩।୩(ଡି.ଏନ.ଏ.)**

ଅତାବିରା ଥାନା ବରଗଡ଼-ସମ୍ବଲପୁର ୫୩ନମ୍ବର ଜାତୀୟ ରାଜପଥର ଦମଦମା ବ୍ରିଜ୍ ନିକଟରେ ଦୁର୍ଘଟଣାରେ ବୁଧବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ଭାନପୁର ଗ୍ରାମର ମୋହନ ଜାଲ(୪୪) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ମୋହନ ଓ ତାଙ୍କ ସହଯୋଗୀ ଏକ ନୂଆ ବାଇକ୍ (ନମ୍ବର ବିହୀନ) ଯୋଗେ ଅତାବିରା ଥାନା ପରମାଣପୁରକୁ ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଆସୁଥିଲେ। ଏହି ସମୟରେ ବରଗଡ଼ରୁ ସମ୍ବଲପୁର ଆଡକୁ ଯାଉଥିବା ଏକ ୱାଇଗର ଯାତ୍ରୀବାହୀ ମିନି ବସ୍ (ନଂ.ଓଡ଼ି୧୭ଡ଼ି/୪୭୨୯) ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ବାଇକ୍‌ରେ ବସିଥିବା ମୋହନ ଓ ଅନ୍ୟ ଜଣେ (ପରିଚୟ ଜଣାପଡିନାହିଁ) ଗୁରୁତର ଆହତ ହୋଇଥିଲେ । ଗ୍ରାମବାସୀ ଉଭୟଙ୍କୁ ପ୍ରଥମେ ଅତାବିରା ଡାକ୍ତରଖାନାକୁ ପଠାଇଥିଲେ । ସେଠାରେ ଡ଼ାକ୍ତର ମୋହନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଆହତଙ୍କୁ ବୁର୍ଲା ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଗାଡ଼ିକୁ ଦ୍ରୁତଗତିରେ ନେଇ ଭୋଇପାଲି ରେଲୱେ ଫାଟକ ପାଖରେ ଛାଡ଼ି ଫେରାର ହୋଇଯାଇଥିଲେ। ଖବର ପାଇ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କ ନେତୃତ୍ୱରେ ପୋଲିସ ଭୋଇପାଲି ରେଲୱ ଫାଟକକୁ ଯାଇ ଗାଡ଼ିକୁ ଜବତ କରିଥିଲେ । ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୭୨/୧୯) ରୁଜୁ ହୋଇଛି ।

■ କପି ପାଇଁ ସିସିଟିଭି କ୍ୟାମେରାକୁ ବିରୋଧ ଘଟଣା

# କାଉନସିଲ କଣ୍ଟ୍ରୋଲରଙ୍କୁ ଜଣାଇଲେ ଅଧ୍ୟକ୍ଷା

■ କଳା ବିଭାଗର ଛାତ୍ରୀଛାତ୍ର କଲେନି ବିରୋଧ
■ ସୁରୁଖୁରୁରେ ଦେଲେ ରାଜନୀତିବିଜ୍ଞାନ ପରୀକ୍ଷା

**ଦେବଗଡ଼, ୧୩।୩ (ସ୍ୱ.ପ୍ର)**

ପଶ୍ଚିମ ଓଡ଼ିଶାର ଅନ୍ୟତମ ପୁରାତନ ଦେବଗଡ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଚାଲିଥିବାବେଳେ ହଲରେ ସିସିଟିଭି କ୍ୟାମେରାକୁ ବିରୋଧ କରି ମଙ୍ଗଳବାର କେତେକ ଛାତ୍ରୀଛାତ୍ର ଗଛ ମୂଳେ ଓ ବାରଣ୍ଡାରେ ପରୀକ୍ଷା ଦେଇଥିଲେ। ଉକ୍ତ ଘଟଣା ବିଷୟରେ ସମ୍ବଲପୁରସ୍ଥିତ ଯୁକ୍ତ ଦୁଇ କାଉନସିଲ କଣ୍ଟ୍ରୋଲରଙ୍କୁ ଜଣାଇ ଦିଆଯାଇଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ସନ୍ତୋଷିନୀ ଶତପଥୀ କହିଛନ୍ତି। ବୁଧବାର ଯୁକ୍ତ ୨ କଳା ବିଭାଗର ୨୦୮ ଛାତ୍ରୀଛାତ୍ର ମଧ୍ୟରୁ ୧୯୮ ଜଣ ରାଜନୀତିବିଜ୍ଞାନ ପରୀକ୍ଷା ଦେଇଥିଲେ। କିନ୍ତୁ ମଙ୍ଗଳବାର ଭଳି କୌଣସି ଅପ୍ରୀତିକର ପରିସ୍ଥିତି ଘଟି ନ ଥିଲା। ଏପରିକି ଛାତ୍ରୀଛାତ୍ର ସିସିଟିଭି କ୍ୟାମେରାକୁ ବିରୋଧ କରି ନ ଥିବା କଣାପଡିଛି। ଫଳରେ ସୁରୁଖୁରୁରେ ପରୀକ୍ଷା ସମାପ୍ତ ହୋଇଥିଲା। ଯୁକ୍ତ ୨ ବିଜ୍ଞାନ ଛାତ୍ରୀଛାତ୍ରମାନଙ୍କର ଆସନ୍ତା ସପ୍ତାହ ୧୯ ତାରିଖ ମଙ୍ଗଳବାର ପୁନର୍ବାର ରସାୟନ ବିଜ୍ଞାନ ବିଷୟର ପରୀକ୍ଷା ଅଛି। ହେଲେ ସେ ଦିନ କି ପରିସ୍ଥିତ ହେବ ତାହା ଦେଖିବା କଥା। ସୂଚନା ଥାଉ କି ମଙ୍ଗଳବାର ଦେବଗଡ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ୧୨୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୭ ଜଣ ପରୀକ୍ଷା ଦେଉଥିଲେ। କପି ପାଇଁ କୌଣସି ସୁଯୋଗ ନ ପାଇବାରୁ ପରୀକ୍ଷା ଚାଲିବାର ପ୍ରାୟ ଏକ ଘଣ୍ଟା ପରେ ୪୪ ଛାତ୍ର ଓ ୨୪ ଛାତ୍ରୀ ସିସିଟିଭି କ୍ୟାମେରାକୁ ବିରୋଧ କରିଥିଲେ। କପି କରିବା ପାଇଁ ପରୀକ୍ଷା ହଲରୁ ବାହାରି ଗଛ ତଳେ ଏବଂ ବାରଣ୍ଡାରେ ୬୮ ଜଣ ପରୀକ୍ଷା ଦେଇଥିଲେ। ତେବେ ମହାବିଦ୍ୟାଳର ଅଧ୍ୟକ୍ଷା ଶତପଥୀ ପରୀକ୍ଷାର୍ଥୀଙ୍କୁ ବହୁବାର ବୁଝାଶୁଝା କରିଥିଲେ। ମାତ୍ର ପରୀକ୍ଷାର୍ଥୀମାନେ କପି କରିବା ପାଇଁ ଜିଦ୍ ଧରିଥିଲେ। ଏ ସମ୍ପର୍କରେ ଅଧ୍ୟକ୍ଷା ଦେବଗଡ ଜିଲାପାଳ ସୁଧାଂଶୁମୋହନ ସାମଲ ଏବଂ ଦେବଗଡ ଏସ୍‌ପି ରାହୁଲ ଜୈନ୍‌ଙ୍କୁ ଖବର ଦେଇଥିଲେ। ଖବରପାଇ ସମ୍ପୃକ୍ତ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷା ଖାତା ଜବତ କରିବା ସହ ତଦନ୍ତ କରି ଫେରିଯାଇଥିଲେ।

# ଦୁର୍ଘଟଣାରେ ୨ ମୃତ, ୩ ଗୁରୁତର

**ବଲାଙ୍ଗୀର ଅଫିସ, ୧୩।୩**

ବଲାଙ୍ଗୀର ସହର ଉପକଣ୍ଠରେ ବୁଧବାର ୩ଟି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦମ୍ପତିଙ୍କ ସମେତ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ବୁର୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି। ୫୭ ନମ୍ବର ଜାତୀୟ ରାଜପଥର ବଲାଙ୍ଗୀର ସୁଦ୍‌ପଡ଼ା କଲ୍ୟାଣ ମଣ୍ଡପ ନିକଟରେ ଭୋର ପ୍ରାୟ ୪ଟାରେ ଏକ ଟ୍ରକ୍ ଚକ ପଙ୍କଚର ହୋଇଯାଇଥିଲା। ଡ୍ରାଇଭର ସରତାଜ୍ ସିଂ ଓ ତାଙ୍କ ସହଯୋଗୀ ଗୁରଜିତ୍ ସିଂ ଚକ ବଦଳ କରୁଥିଲେ। ଏତିକିବେଳେ ଉକ୍ତ ସ୍ଥାନରେ ଅନ୍ୟ ୨ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଗୋଟିଏ ଟ୍ରକ୍ ଭାରସାମ୍ୟ ହରାଇ ଚକ ବଦଳ କରୁଥିବା ଡ୍ରାଇଭର ସରତାଜ ସିଂଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସରତାଜ ପଞ୍ଜାବ ପ୍ରଦେଶ ଚିନ୍ଦା ଅଞ୍ଚଳର ବୋଲି ଜଣାପଡ଼ିଛି। ସେହିପରି ଦୁର୍ଘଟଣାଗ୍ରସ୍ତ ଅନ୍ୟ ଏକ ଟ୍ରକ୍‌ର ଡ୍ରାଇଭର ଗାଡ଼ି ଭିତରେ ଚାପିହୋଇ ରହିଯାଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ। ସେ ପୁରୀ ଜିଲା କାକଟପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେହିପରି ସକାଳ ପ୍ରାୟ ୮ଟାରେ ୫୭ ନମ୍ବର ଜାତୀୟ ରାଜପଥର ରୋଶନୀ ପବ୍ଲିକ୍ ସ୍କୁଲ ନିକଟରେ ଏକ ଟ୍ରକ୍ ଧକ୍କାରେ ବାଇକ୍‌ରେ ଯାଉଥିବା ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ତାଙ୍କୁ ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ବିଳମ୍ବିତ ରାତିରେ ଛତାମଖନା-ଜାମସର ନିକଟରେ ଏକ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତେବେ ମୃତକଙ୍କ ପରିଚୟ ମିଳିନାହିଁ। ବଲାଙ୍ଗୀର ସହର ଉପକଣ୍ଠରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବା ସହ ଧନଜୀବନ ନଷ୍ଟ ହେବା ସାଧାରଣ ଘଟଣାରେ ପରିଣତ ହୋଇଛି। ଦୁର୍ଘଟଣା ବୃଦ୍ଧିକୁ ନେଇ ସ୍ଥାନୀୟ ଲୋକେ ଉଦ୍‌ବେଗ ପ୍ରକାଶ କରିଛନ୍ତି।



ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

# ବସ୍-ବାଇକ୍ ଧକ୍କା: ୨ ମୃତ

**ଦଶପଲ୍ଲା, ୧୩।୩(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଦଶପଲ୍ଲା ଥାନାଠାରୁ ଅନତି ଦୂରରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଶ୍ୱଜିତ ପ୍ରଧାନ ଓ କୃଷ୍ଣ ନାଏକ । ପ୍ରକାଶ ଯେ, ଦଶପଲ୍ଲା ଥାନା ଅନ୍ତର୍ଗତ ଏସାର ପେଟ୍ରୋଲ ପମ୍ପ ନିକଟସ୍ଥ ୫୭ନଂ ଜାତୀୟ ରାଜପଥ ଉପରେ ଏକ ଯାତ୍ରୀବାହୀ ବସ୍ ସହ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ବାଇକ ଆରୋହୀ ୨ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ଦ୍ୱୟ ହେଲେ ବୌଦ୍ଧ ଜିଲା ଅନ୍ତର୍ଗତ କୁଟିବାରୀ ଗ୍ରାମର ବିଶ୍ୱଜିତ ପ୍ରଧାନ ଓ କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳର କୃଷ୍ଣ ନାଏକ । ବିଶ୍ୱଜିତ୍ ଓ କୃଷ୍ଣ ବିଳମ୍ବିତ ରାତିରେ ଓଆର୦୨ଏଡବ୍ଲ୍ୟୁ୪୭୩୯ ନମ୍ବର ବିଶିଷ୍ଟ ଏକ ପଲ୍‌ସର ଗାଡ଼ି ଯୋଗେ ବୌଦ୍ଧ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଦୀକ୍ଷିତ ନାମକ ଯାତ୍ରୀବାହୀ ବସ୍ (ଓଡି୧୨ସି୬୩୪୨) ସହ ଦଶପଲ୍ଲା ସରଗଣ୍ଡା ନିକଟସ୍ଥ ଏସାର ପେଟ୍ରୋଲ ପମ୍ପ ବୁଲାଣିରେ ଧକ୍କା ହୋଇଥିଲା । ଫଳରେ ବାଇକ୍ ଆରୋହୀ ୨ଜଣ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଦଶପଲ୍ଲା ପୋଲିସ ଓ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାରକରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାସ୍ଥଳରେ ବିଶ୍ୱଜିତଙ୍କ ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ କୃଷ୍ଣଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ଉଭୟ ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି।



ଦେବଗଡ ପୋଲିସ ଉଭୟଙ୍କ ଲୋକଙ୍କୁ ବୁଝାଶୁଝା କରୁଛି।

## ବରଯାତ୍ରୀ ଶୋଭାଯାତ୍ରାବେଳେ ଗଣ୍ଡଗୋଳ, ଉତ୍ତେଜନା

**ଦେବଗଡ, ୧୩।୩(ସ୍ୱ.ପ୍ର)**

ଦେବଗଡ ଥାନା ତଥା ପୌରାଞ୍ଚଳ ୱାର୍ଡ ନଂ. ୯ ଅଧୀନ ପତ୍ରାପାଲିସାହିରେ ବୁଧବାର ବରଯାତ୍ରୀ ଶୋଭାଯାତ୍ରା ଚାଲିଥିବାବେଳେ ଗଣ୍ଡଗୋଳ ହୋଇଛି। ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି। ପରେ ପୋଲିସ ପହଞ୍ଚି ସୁରକ୍ଷା ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ସମ୍ବଲପୁର ଜିଲା ସଦର ଥାନା ତାଳପାଲି ଗ୍ରାମର ଜଣେ ଯୁବକଙ୍କ ବିବାହ ପତ୍ରାପାଲିସାହିର ଜନୈକା ଯୁବତୀଙ୍କ ସହ ସ୍ଥିର ହୋଇଥିଲା। ବୁଧବାର ଅପରାହ୍ନରେ ବରଯାତ୍ରୀ ଦଳ ବ୍ୟାଣ୍ଡ ବାଜା ଡିଜେ ବଜାଇ ଶୋଭାଯାତ୍ରାରେ ଯାଉଥିଲେ। ଏହି ସମୟରେ ନିଳବେର୍ଣ୍ଣ ସାହି ଛକ ନିକଟରେ ବରପକ୍ଷ ଏବଂ ସାହିବାସିନ୍ଦାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ସମୟରେ ମାଡପିଟ ଯୋଗୁ ୨ଜଣ ଆହତ ମଧ୍ୟ ହୋଇଥିଲେ। ଗଣ୍ଡଗୋଳ ଯୋଗୁ ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଉତ୍ତେଜନା ସୃଷ୍ଟି ହେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ବର ପକ୍ଷର ମହିଳା ଓ ପୁରୁଷଙ୍କୁ ଥାନାକୁ ଆଣି ସୁରକ୍ଷା ଦେଇଥିବା ଜଣାପଡିଛି। ତେବେ ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି।




■ ଭାରତ-ପାକ୍ ସୀମାନ୍ତରେ ସନ୍ଦିଗ୍ଧ ସନ୍ତ୍ରାସବାଦୀ ଧରାପଡ଼ିବା ଘଟଣା

# ନୂଆପଡ଼ାରେ ପହଞ୍ଚିଲେ ସୁମିତରାମ

### ୧୦ ଦିନ ପରେ ଛାଡ଼ିଲା ରାଜସ୍ଥାନ ପୋଲିସ

**ନୂଆପଡ଼ା ଅଫିସ, ୧୩।୩**

ଭାରତ-ପାକିସ୍ତାନ ସୀମାନ୍ତରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାବେଳେ ରାଜସ୍ଥାନ ପୋଲିସ ତରଫରୁ ଛାନଭିନ ଚଳାଇଥିବା ବେଳେ ନୂଆପଡା ଜିଲା ସଦର ବ୍ଲକର ସୁମିତରାମ ଜଗତଙ୍କୁ ଗିରଫ କରିଥିଲା । ପୋଲିସ ଛାନ୍‌ଭିନ ପରେ ସେ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡିଥିଲା। ଫଳରେ ପୋଲିସ ତାଙ୍କୁ ଦୀର୍ଘ ୧୦ଦିନ ପରେ ଛାଡିଦେଇଛି । ତାଙ୍କ ପରିବାର ଲୋକ ସେଠାକୁ ଯାଇ ବୁଧବାର ସନ୍ଧ୍ୟାରେ ଘରକୁ ନେଇ ଆସିଛନ୍ତି। ତାଙ୍କ ପୁଅ ଗୋବିନ୍ଦା, ବଡଭାଇ ପୁନିତରାମ ଏବଂ ଯତିରାମ ସାଙ୍ଗରେ ଧରି ଆସିଛନ୍ତି । ପ୍ରକାଶ ଯେ, ଗତ ୩ ତାରିଖରେ ରାଜସ୍ଥାନର ସୀମାନ୍ତ ସରୋଡା ଥାନା ଅଞ୍ଚଳରେ ବୁଲୁଥିବା ବେଳେ ପୋଲିସ ସନ୍ଦିଗ୍ଧ ସନ୍ତ୍ରାସବାଦୀ ସନ୍ଦେହରେ ସୁମିତରାମଙ୍କୁ ଗିରଫ କରିଥିଲା । ବାରମ୍ବାର ଜେରା ପରେ ଜଣାପଡିଥିଲା ଯେ ସେ ମାନସିକ ବିକାରଗ୍ରସ୍ତ। ତାଙ୍କ ନିଜ ଘର ଓଡିଶାର ନୂଆପଡା ଜିଲା ଖରିଆରରୋଡ ଥାନା ଅଏଁଲାଜୁବା ଗାଁରେ। ଏ ସମ୍ପର୍କରେ ସ୍ଥାନୀୟ ପୋଲିସ ନୂଆପଡା ଜିଲା ଖରିଆରରୋଡ ଜୋଙ୍କ ପୋଲିସକୁ ଯୋଗାଯୋଗ କରି ତାଙ୍କର ଫଟୋ ପଠାଇଥିଲା। ଏହା ଜଣାପଡ଼ିବା ପରେ ସୁମିତରାମଙ୍କ ପୁଅ, ଭାଇ ସେଠାକୁ ଯାଇଥିଲେ। ସମସ୍ତ ପରିଚୟ ଦେବା ପରେ ମଙ୍ଗଳବାର ପୋଲିସ ତାଙ୍କୁ ଛାଡିଥିଲା। ଟ୍ରେନ ଯୋଗେ ପରିବାର ଲୋକ ସୁମିତଙ୍କୁ ଧରିଆସିଛନ୍ତି। ଦୀର୍ଘ ଦୁଇ ଦିନର ଯାତ୍ରା ପରେ ବୁଧବାର ସନ୍ଧ୍ୟା ସାଢେ ୬ଟାରେ ପୁସପୁଲ ଟ୍ରେନରେ ଆସି ଏଠାରେ ପହଞ୍ଚିଛନ୍ତି । ନିଜ ଗାଁରେ ଦୀର୍ଘ ଦିନ ପରେ ପହଞ୍ଚିବାରୁ କାନ୍ଦି ପକାଇଥିଲେ । ଗାଁରୁ ବହୁ ଲୋକ ଆସି ତାଙ୍କୁ ପାଛୋଟି ନେଇଥିଲେ ।



ରେଳୱେଷ୍ଟେଶନରେ ପରିବାର ଲୋକଙ୍କ ସହ ସୁମିତରାମ ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ ଉତ୍ସବ ସମ୍ପନ୍ନ

**ଉଲୁଣ୍ଡା,୧୩।୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଲଡୁଲା ପଞ୍ଚାୟତ ଢେରାପଡାରେ ମନ୍ଦିର ପ୍ରତିଷ୍ଠା ଏବଂ ବିଗ୍ରହ ସ୍ଥାପନ ବୁଧବାର ସମ୍ପନ୍ନ ହୋଇଯାଇଛି। ଗ୍ରାମବାସୀଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୫୧ଜଣ ମହିଳା କଳସ ଶୋଭାଯାତ୍ରାରେ ସାମିଲ ହୋଇ କଳସ ସ୍ଥାପନ କରିଥିଲେ। ଏହି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦୁରୁପାଲି, କୁତାମୁଣ୍ଡା, ଅନନ୍ତପାଲି, ମାଟିଖାଇ ଗ୍ରାମର ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦେଇଥିଲେ। ବୁଧବାର ଅଧିବାସ ପୂଜା, ଯଜ୍ଞ ଆବାହନ ଏବଂ ମନ୍ଦିର ପ୍ରତିଷ୍ଠା ପୂଜନୋତ୍ସୋବ ପଣ୍ଡିତ ବାବୁଲା ଶତପଥୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସେହିପରି ଦହିହାଣ୍ଡି ସହ ନଗରକୀର୍ତ୍ତନ ହୋଇଥିଲା। ପୁଲେଶ୍ୱରର ବାୟକ କପିଳାସ ଏବଂ ଗାୟକ ଗୌତମଙ୍କ ସହ ବାବୁପାଲିର ବାୟକ କୃପାସିନ୍ଧୁ ଓ ଗାୟକ ମଦନଙ୍କୁ ନେଇ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପୂଜକ ପଣ୍ଡିତ ଗୋପାଳ ପାଢୀ ବିଶ୍ୱର ମଙ୍ଗଳ କାମନା କରି ଘୃତ ଯଜ୍ଞ କରିଥିଲେ। ପରେ ଏହାର ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞ କର୍ତ୍ତା ଭାବେ କିଶୋର ମେହେର ତାଙ୍କ ସ୍ତ୍ରୀ ରହିଥିବା ବେଳେ ପ୍ରତିଷ୍ଠା ପୂଜାରେ ପିଙ୍କୁ ଭୋଇ ଏବଂ ପରମେଶ୍ୱର ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ପରିଷଦ ସଭାପତି ବସୁଦେବ ମେହେର, ନରସିଂହ ନାଏକ ଏବଂ ଗଜପତି ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଧାତ୍ମିକ କାର୍ଯ୍ୟକ୍ରମରେ ଗୌନ୍ତିଆ ପ୍ରଶାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ ସନ୍ତୋଷ କୁମାର ପଣ୍ଡା, ମୁକୁନ୍ଦ ପୂଝାରି, କାମପାଳ ପାତ୍ର, ସରୋଜ ପାଣିଗ୍ରାହୀ ଜପ କରିଥିଲେ। ଗୁଲୁଠୁ ମେହେର, ମିଶିଲ ଭୋଇ, ମକରଧ୍ୱଜ ମେହେର, ବୈଶାଖୁ ଭୋଇ, ସୁରେନ୍ଦ୍ର ଭୋଇ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଆୟୋଜନରେ ସହଯୋଗ କରିଥିଲେ।

### ସଚେତନ ନାଗରିକ ମଞ୍ଚ ପ୍ରତିଷ୍ଠା ଦିବସ ୧୬ରେ

**ରାଉରକେଲା ଅଫିସ,୧୩।୩:** ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଆସନ୍ତା ୧୬ ତାରିଖ ପୂର୍ବାହ୍ନ ୧୦ାରେ ଉଦିତନଗର ସିଂହାସିନୀ ମନ୍ଦିରରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠା ଦିବସକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ଏଥିରେ ଉପସ୍ଥିତ କର୍ମକର୍ତ୍ତା ଆଲୋଚନା କରିଥିଲେ। ଏହି ଅବସରରେ ବନ୍ଧମୁଣ୍ଡାଠାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା ନେଇ ବରିଷ୍ଠ ସଦସ୍ୟ ଦାବି ଉପସ୍ଥାପନ କରିଥିଲେ। ଏହାକୁ ଅଣଦେଖା କରାଯାଇଥିବାରୁ ବୈଠକରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଏ ନେଇ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା। ସାଧାରଣ ନିର୍ବାଚନ ତାରିଖ ଘୋଷଣା ସରିଥିବାରୁ ପ୍ରତିଷ୍ଠା ଦିବସକୁ ନିରାଡ଼ମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଆଦର୍ଶ ଆଚରଣ ବିଧି କଡାକଡି ପାଳନ ହେବ

# ସୁବର୍ଣ୍ଣପୁର ଜିଲାରେ ୮ ଫ୍ଲାଇଂ ସ୍କ୍ୱାଡ୍

**ସୋନପୁର,୧୩।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ଶାନ୍ତି ଶୃଙ୍ଖଳା ସହ ସମାପ୍ତ କରିବା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ । ଏଥିପାଇଁ ଜିଲାରେ ମୋଟ ୮ଟି ଫ୍ଲାଇଁ ସ୍କ୍ୱାର୍ଡ ଗଠନ କରା ଯାଇଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ବୁଧବାର ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି । ଏହି ସ୍କ୍ୱାର୍ଡଗୁଡିକ ପୋଲିସ ଷ୍ଟେଶନ ଅଞ୍ଚଳ ଅଧିନରେ ଗଠନ କରାଯାଇଛି । ଏହା ନିର୍ବାଚନ ତାରିଖ ଘୋଷଣାଠାରୁ ନିର୍ବାଚନ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ ବୋଲି ସୂଚନା ଦିଆଯାଇଛି। ୬୪-ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିନିକା ପୋଲିସ ଷ୍ଟେଶନ ଅଞ୍ଚଳ, ଉଲୁଣ୍ଡା, ବୀରମହାରାଜପୁର ଓ ସୁବଳୟା ପୋଲିସ ଷ୍ଟେଶନ ଅଞ୍ଚଳ ଅଧୀନରେ ରହିଛି । ସେହିପରି ୬୫-ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ସୋନପୁର ପୋଲିସ ଷ୍ଟେଶନ ଅଞ୍ଚଳ, ରାମପୁର, ତରଭା ଓ ଡୁଙ୍ଗୁରିପାଲି ପୋଲିସ ଷ୍ଟେଶନ ଅଞ୍ଚଳ ଅଧୀନରେ ରହିଛି । ଏହି ଫ୍ଲାଇଁ ସ୍କ୍ୱାର୍ଡ ନିର୍ବାଚନର ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ ଗ୍ରହଣ କରିବ। ସେହିପରି କୌଣସି ପ୍ରକାରେ ମତଦାତାଙ୍କୁ ଭୟଭୀତ କରିବା, ଅସାମାଜିକ କାର୍ଯ୍ୟକଳାପ, ମାଦକଦ୍ରବ୍ୟ କାରବାର, ମାରଣାସ୍ତ୍ର ବ୍ୟବହାର ଓ ଭୋଟ ପାଇଁ ଲାଞ୍ଚ ଦେବା ଆଦି ସମ୍ପର୍କିତ ଅଭିଯୋଗ ଗ୍ରହଣ କରିବା ସହିତ ବିହିତ ପଦକ୍ଷେପ ନେବ। ସ୍କ୍ୱାର୍ଡ ନିର୍ବାଚନରେ ଭାଗ ନେଉଥିବା ପ୍ରାର୍ଥୀ ଏବଂ ରାଜନୈତିକ ଦଳଗୁଡିକ ଦ୍ୱାରା ନିର୍ବାଚନ ସମ୍ପର୍କିତ ଖର୍ଚ୍ଚ ଉପରେ ଅଭିଯୋଗ ଗ୍ରହଣ କରିବ ବୋଲି କୁହାଯାଇଛି। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ସହକାରୀ ଜିଲାପାଳ(ନିର୍ବାଚନ) ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ରାମାୟଣ ସୁଧା ଉନ୍ମୋଚନ

**ଡୁଙ୍ଗୁରିପାଲି,୧୩।୩(ଡି.ଏନ୍.ଏ.)**



ରାମାୟଣ ସୁଧା ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥି।

ଡୁଙ୍ଗୁରିପାଲି ବ୍ଲକ ଦିଗସିରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଶଶିଭୂଷଣ ମିଶ୍ରଙ୍କ ଲିଖିତ ରାମାୟଣ ସୁଧା ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଚୈତନ୍ୟ ଚରଣ ମହାରାଜଙ୍କ ପଟ୍ଟଶିଷ୍ୟ ଶ୍ୟାମାନନ୍ଦ ଦାଶ ମହାରାଜ ଯୋଗ ଦେଇ ରାମାୟଣ ସୁଧାର ଉନ୍ମୋଚିତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରବଚକ ଧୀରେନ ବଡ଼େଇ, ଦଧିବାମନ ତ୍ରିପାଠି, ବଂଶୀଧର ଦାନୀ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସୁଧୀର କୁମାର ତ୍ରିପାଠି ସଂଯୋଜନା କରିଥିବା ବେଳେ ଉମେଶ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ। ପ୍ରବଚକଙ୍କ ଦ୍ୱାରା ତୁଳସୀକୃତ ସୁନ୍ଦରାକାଣ୍ଡ ପାଠ କରାଯାଇ ହବନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯାଜ୍ଞସେନୀ ମିଶ୍ର, ରଘୁନାଥ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ସୁନା ଷଡଙ୍ଗୀ, ବଳି କୃଷ୍ଣ ଚିନ୍ଦ୍ରା, ଲକ୍ଷ୍ମୀଧର ସାହୁ, ଅଶୋକ ସାମନ୍ତରାୟ, ଅଭି ପାଢୀ, ବବୁଲୁ ମିଶ୍ର, ଜ୍ୟୋର୍ତ୍ତିମୟ ମିଶ୍ର, ସୁବ୍ରତ କୁମାର ତ୍ରିପାଠିଙ୍କ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ରଶ୍ମିରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଶ୍ରମମନ୍ତ୍ରୀ ଅସୁସ୍ଥ:ନୟାଗଡ଼ରେ ଚିକିତ୍ସିତ ହୋଇ ଫେରିଲେ

**ନୟାଗଡ଼ ଅଫିସ,୧୩।୩**

ରାସ୍ତାରେ ଯାଉଥିବାବେଳେ ଗାଡ଼ି ଭିତରେ ଅସୁସ୍ଥ ଅନୁଭବ କଲେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ। ତାଙ୍କୁ ନିକଟସ୍ଥ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସିତ ହେବାର କିଛି ସମୟ ପରେ ସୁସ୍ଥ ଅନୁଭବ କରିଥିଲେ ମନ୍ତ୍ରୀ। ପରେ ନିଜ ଗନ୍ତବ୍ୟସ୍ଥଳକୁ ଫେରିଯାଇଥିଲେ। ସୂଚନା ଅନୁସାରେ, ବୁଧବାର ରାତିରେ ମନ୍ତ୍ରୀ ସିଂ ତାଙ୍କ କାର୍ ଯୋଗେ ଭୁବନେଶ୍ୱରରୁ ବରଗଡ଼ ଯାଉଥିବା ବେଳେ ନୟାଗଡ଼ଠାରେ ତାଙ୍କ ଦେହ ଅସୁସ୍ଥ ହୋଇ ପଡିଥିଲା। ରାତି ପ୍ରାୟ ୯ଟା ୫୦ ମିନିଟ୍ ସମୟରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଓପିଡ଼ିକୁ ଯାଇଥିଲେ। ସେଠାରେ ଥିବା ଡାକ୍ତର ମନୋଜ ତ୍ରିପାଠୀ ତାଙ୍କୁ ଚିକିତ୍ସା କରିଥିଲେ। ମନୋଜଙ୍କ କହିବା ଅନୁଯାୟୀ, ମନ୍ତ୍ରୀଙ୍କ ଆଜ୍‌ମା ଥିବାରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କୁ ସେ ଏକ ଇଞ୍ଜେକଶନ୍ ଦେଇଥିଲେ । ୧୫ ମିନିଟ ବିଶ୍ରାମ ନେବା ପରେ ମନ୍ତ୍ରୀ ସିଂ ସୁସ୍ଥ ହୋଇଥିଲେ। ପରେ ସେ ବରଗଡ଼ ଅଭିମୁଖେ ଯାତ୍ରା କରିଥିଲେ।

# ବରଗଛ୍ ତଲ ପାଲଟିଛେ ପୁନୀକଁର ଘର

**ବିନିକା, ୧୩।୩ (ଡି.ଏନ୍.ଏ.)**



ଗଛତଲେ ଆଶ୍ରେ ନେଇଥିବାର ପୁନୀ ପଟେଲକଁର ସଂଗେ ପାପୀ ଗାଁବାସୀ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାର ପଁଚେତ ପାପୀ ଗାଁର ମୁଖିଆ ରାସ୍ତା ତରେ ଥିବାର ଗୁଟେ ବରଗଛ୍ ତଲେ ଝନେ ବୁଢ଼ୁଧ୍ ମହିଲା ବନେ ମାସ୍‌କେତେ ହେଲା ଆଶ୍ରେ ନେଇଥିବାର ଦେଖିବାକେ ମିଳିଛେ। ସେ ଆମର ଓଡ଼ିଆ ଭାଷା ବୁଝି କି କହି ନାଇଁପାରବାର। ପାଖାପାଖି ୭୦ ବଛରିଆ ଇ ବୁଢ଼ୁଧ୍ ମହିଲାକଁର ଅବସ୍ତା ଦେଖି ଗାଁର ଲୋକ୍ ଆହା କରି ଫିଦିନ୍ ଖାଏବା ପିଇବାକେ ଦେଉଛନ୍। ପିଁଧିବା ଉଢ଼ବାକେ କପଡ଼ାଲତା ବି ଦେଇଛନ୍। ତାକର ପାସକେ ଯାଇ ପଚରାଉଚରା କଲାରୁ ସେ କିଛି କହି ନାଇଁ ପାରଲେ। ଗୁଟେ ସାଧା କାଗଜ୍ ଦେଲାରୁ ହିନ୍ଦୀରେ ତାକର ନାଁ, ଅଂଚଲ ବିଷେରେ ଲେଖିଥିଲେ। ସେ ଲେଖିବାର ହିସାବେ ତାକର ନାଁ ପୁନୀ ପଟେଲ, ଘର ଛତିଶଗଡ଼ ରାଏଜର ରାୟଗଡ଼ ଜିଲା ଗୋହଡ଼ିଡ଼ିପା। ଇତାର ବାହାରେ ତାକର ଲାଗେଲେସରକଁର ନାଁ ମୁରଲୀ ମନୋହର ଆର କିସାନ ଚନ୍ଦ୍ରକଳା ବଲି ଲେଖିଥିଲେ। ଇ ବୁଢ଼ୁଧ୍ ମହିଲାକଁର ବାବ୍‌ଦେ ପାପୀ ଗାଁର ଦଶରଥ ତାଣ୍ଡି, ସୁରେଶ ପୁରୋହିତ, ନାରାୟଣ ନାଗ୍, ଉପିନ୍ଦ୍ର ସୁନା, ଗୌରୀ ଶଙ୍କର ଦାଶ, ଶ୍ରୀରାମ ପଧାନ ପରମୁଖ୍‌କୁଁ ପଚରାଲାରୁ ଗଲା ୬ ମାସ ହେଲା ସେ ବରଗଛ୍ ତଲେ ଆଶ୍ରେ ନେଇଛନ୍ ବଲି କହିଥିଲେ। ଆଗ୍‌କେ ଖରାଦିନ୍ ମାଡ଼ି ଆସୁଛେ ଏନ୍‌ତାଥି ବୁଢ଼ୁଧ୍ ମହିଲା ଝନ୍‌କ ଗଛତଲେ ରହିବାର ନିରାପଦ୍ ନୁହେ। ପରଶାସନ ଘଟନାକେ ଗୁରୁତ୍ ଦେଇ ପୁନୀ ପଟେଲକୁଁ ଥଇଥାନ କରବାର ସଂଗେ ତାକର ଘରକେ ପୁହୁଁଚାବାର ବେବସ୍ତା କରବାର କଥା ବଲି ଗାଁବାସୀ କହିଛନ୍। ଘଟନା ବାବ୍‌ଦେ ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକକୁଁ ପଚରାଲାରୁ ଘଟନା ବାବ୍‌ଦେ ମୋର ପାସେ ସୂଚନା ନାଇଁଥାଇ, ଯେତେ ଜଲ୍‌ଦି ହେବା ତାକର ଥଇଥାନ୍ ଦିଗେ ପଦକ୍ଷେପ ନିଆଯିବା ଆର ତାକର ପରିଚେଏ, ଘରର ଠିକ୍‌ନା ଖୁଜି ପରିବାର ହାତେ ସମରପିବାର ବେବସ୍ତା କରାଯିବା ବଲି ସେ କହିଥିଲେ। ସେନ୍‌ତା ବିନିକା ଆଇଆଇସି ରାଜେନ୍ଦ୍ର ସାମରିଆକୁଁ ପଚରାଲାରୁ ପାପୀ ଗାଁବାସୀକର ତରଫୁଁ ଆମକୁ ହେନ୍‌ତା କିଛି ସୂଚନା ନାଇଁ ମିଳି, ଯେତେ ଜଲ୍‌ଦି ହେବା ବୁଢ଼ୁଧ୍ ମହିଲାକଁର ଥଇଥାନ ଦିଗେ ପଦକ୍ଷେପ ନିଆଯିବା ବଲି କହିଥିଲେ। ଘଟନା ବାବ୍‌ଦେ ଥାନୀୟ ଭଣ୍ଡାର ପଁଚେତ୍‌ର ସରପଁଚ୍ ଲକ୍ଷ୍ମଣ ସାହୁକୁଁ ପଚରାଲାରୁ ମାନବିକ୍‌ତା ଦୁରୁଷ୍‌ଟିରୁ ବୁଢ଼ୁଧ୍ ମହିଲାକୁଁ ପଁଚେତ୍ ତରଫୁ ୧୦ କେ.ଜି. ଚାଉଲ ଦେବାର ବେବସ୍ତା କରାଯିବା ବଲି କହିଥିଲେ।

ବରଯାତ୍ରୀ ଦଳରେ ଆସି ଘରକୁ ଫେରି ନ ଥିଲେ

# କୂଅରୁ ଉଦ୍ଧାର ହେଲା ଯୁବକଙ୍କ ମୃତଦେହ

**ସୋନପୁର,୧୩।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ପିପିଲିପାଲି ଗାଁର ଏକ ପରିତ୍ୟକ୍ତ କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି । ମୃତକ ହେଲେ ବୀରମହାରାଜପୁର ଥାନା ବ୍ରାହ୍ମଣୀପାଲି ଗାଁର ସୁଶାନ୍ତ ନାୟକ(୩୦) । ସୁଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ବର୍ଗଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ସୁଶାନ୍ତ ଗତ ୧୦ ତାରିଖରେ ପିପିଲିପାଲି ଗାଁକୁ ଏକ ବରଯାତ୍ରୀ ଦଳରେ ଆସି ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ସୁଶାନ୍ତଙ୍କର କୌଣସି ପତ୍ତା ମିଳି ନ ଥିଲା । ବୁଧବାର ପିପିଲିପାଲି ଗାଁର ହୀରାଧନ ଖମାରୀଙ୍କ ବାଡି ପଟେ ଥିବା କୂଅରେ ସୁଶାନ୍ତଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ହୀରାଧନ ଏ ସମ୍ପର୍କରେ ପୋଲିସକୁ ସୂଚନା ଦେଇଥିଲେ। ବାହାଘର ଭୋଜି ସ୍ଥାନଠାରୁ ମାତ୍ର ୨୫ ମିଟର ଦୂରରେ ଥିବା ପରିତ୍ୟକ୍ତ କୂଅରୁ ଗ୍ରାମବାସୀ ପୋଲିସ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରିଛନ୍ତି। କୂଅଟି ଖୋଲା ଥିବାରୁ ଅନ୍ଧାରରେ ଜାଣି ନ ପାରି ସୁଶାନ୍ତ ପଡି ଯାଇଥିବା ସନ୍ଦେହ କରାଯାଉଛି। ତାଙ୍କ ବାମପଟ ଆଖି ପତା ପାଖରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। ମୃତ ସୁଶାନ୍ତ ବିବାହିତ । ତାଙ୍କର ୨ଟି ସନ୍ତାନ ଅଛନ୍ତି। ସୁଶାନ୍ତଙ୍କ ମୃତ୍ୟୁରେ ପରିବାରବର୍ଗ ଓ ବ୍ରାହ୍ମଣୀପାଲି ଗ୍ରାମବାସୀ ଦୁଃଖରେ ଭାଙ୍ଗି ପଡିଛନ୍ତି ।

ପୋଲ ତଳୁ ଶିଶୁକନ୍ୟା ଉଦ୍ଧାର ଘଟଣା

# ମାତାପିତାଙ୍କୁ ଠାବ କଲା ତରଭା ପୋଲିସ

**ଶିଶୁର ଉପଯୁକ୍ତ ଚିକିତ୍ସା, ଯତ୍ନ ଯୋଗାଇ ଦେବାକୁ ନିର୍ଦ୍ଦେଶ**

**ସୋନପୁର,୧୩।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ପୋଲିସ ଖାରୀ ନିକଟସ୍ଥ ସୁକତେଲ ପୋଲ ତଳୁ ଗତ ୪ ତାରିଖ ଅପରାହ୍ନରେ ଏକ ଶିଶୁ କନ୍ୟାକୁ ଉଦ୍ଧାର କରିଥିଲେ। ନବଜାତକକୁ ପ୍ରଥମେ ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ବଲାଙ୍ଗୀର ସ୍ଥିତ ସନ୍ଥ କବି ଭୀମଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । ଶିଶୁର ଓଜନ କମ୍ ଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ବୁର୍ଲା ଭୀମସାର ଓ କଟକ ଏସ୍‌ସିବିକୁ ନିଆ ଯାଇଥିଲା। ବଲାଙ୍ଗୀର ଚାଇଲ୍ଡ ଲାଇନ ଶିଶୁକୁ ବୁଧବାର ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନ କରିଥିଲା। ତେବେ ଶିଶୁର ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବାରୁ ଉପଯୁକ୍ତ ଚିକିତ୍ସା ସହ ଯତ୍ନ ନେବାକୁ ସମିତି ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଶିଶୁଟି ଏବେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଡାକ୍ତରଖାନାର ଏସ୍‌ଏନସିୟୁରେ ଚିକିତ୍ସିତ ହେଉଛି। ଅନ୍ୟପକ୍ଷେ ତରଭା ପୋଲିସ ଶିଶୁ କନ୍ୟାର ମାତାପିତାଙ୍କୁ ଠାବ କରିବାରେ ସକ୍ଷମ ହୋଇଛି। ସ୍ଥାନୀୟ ତରେଇକେଲାର ଏହି ଦମ୍ପତିଙ୍କର ଅସୁସ୍ଥ ଶିଶୁ ଜନ୍ମ ହେବା ଫଳରେ ସେମାନେ ପୋଲ ତଳେ ରଖି ଦେଇଥିବା ସ୍ୱୀକାର କରିଛନ୍ତି। ବଲାଙ୍ଗୀର ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁ ଉପସ୍ଥାନ ସମୟରେ ସୁବର୍ଣ୍ଣପୁର ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ହିମାଂଶୁ ଭୂଷଣ ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଉପସ୍ଥିତ ଥିଲେ ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବ ନୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ ହୁଅନ୍ତି କି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିବିଅନ୍ତି ତେବେ ତାଙ୍କୁ ବାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313


ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Connaught Place, Delhi

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍

## ସଂକ୍ଷେପରେ

### ନିର୍ବାଚନୀ କଟକଣା: ପୋଷ୍ଟର ହଟା ଅଭିଯାନ ଆରମ୍ଭ

**ବିଜେପୁର, ୧୩।୩ (ଡି.ଏନ.ଏ):** ବିଜେପୁର ନିର୍ବାଚନ ମଣ୍ଡଳୀରେ ନିର୍ବାଚନୀ କଟକଣା ଜାରି ହୋଇଥିବାରୁ ଏହାକୁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଉଛି । ବିଭିନ୍ନ ସରକାରୀ ଯୋଜନାକୁ ଜନାଭିମୁଖି କରିବାକୁ ସର୍ବସାଧାରଣ ସ୍ଥାନରେ ସୁଦୃଶ୍ୟ ହୋର୍ଡିଂ, ବ୍ୟାନର, ପୋଷ୍ଟର ଲଗାଯାଇଥିଲା । ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାରୁ ଏହା ମତଦାତାଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ତେଣୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁସାରେ ବ୍ଲକର ସଦର ମହକୁମା ସମେତ ଗାଁ ଗହଳରେ ଲଗାଯାଇଥିବା ହୋର୍ଡିଂ, ବ୍ୟାନର, ପୋଷ୍ଟର ହଟାଇବା ଅଭିଯାନ ଆରମ୍ଭ ହୋଇଛି । ତହସିଲଦାର ପଦ୍ମନାଭ ସାମନ୍ତରାୟଙ୍କ ନେତୃତ୍ୱରେ ସରକାରୀ କର୍ମଚାରୀ ସର୍ବସାଧାରଣ ସ୍ଥାନମାନଙ୍କରୁ ହୋର୍ଡିଂ, ବ୍ୟାନରକୁ ହଟାଉଛନ୍ତି। ସର୍ବସାଧାରଣ ସ୍ଥାନରେ ନିର୍ବାଚନୀ ବ୍ୟାନର, ପୋଷ୍ଟର ଲଗାଯାଇ ପାରିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ବିନା ସୂଚନା ଫଳକରେ ରାସ୍ତା ନିର୍ମାଣ

**ଅତାବିରା, ୧୩।୩ (ଡି.ଏନ.ଏ):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ରେଙ୍ଗାଲି କ୍ୟାମ୍ପ ପପଙ୍ଗା କେନାଲର ଥୁଆପାଲିରୁ ଲୁପୁରସିଂହା ରାସ୍ତା କଂକ୍ରିଟକରଣ କାମ ବିନା ସୂଚନା ଫଳକରେ ଚାଲିଛି । ସେହିପରି ରାସ୍ତା ନିର୍ମାଣ ବେଳେ ବାଇପାସ ସୁବିଧା ନ କରିବାରୁ ବାଟୋଇମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ଆର୍‌ଡି ଜେଇ କିଶୋର କିଶାନଙ୍କୁ ପଚରାଯିବାରୁ ରାସ୍ତା ନିର୍ମାଣ ଚାଲିଛି । ଏହି କାମରେ ସୂଚନା ଫଳକ ଲଗାଯିବା ଆବଶ୍ୟକତା ରହିଛି ବୋଲି କହିଥିଲେ ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଧର୍ମଗଡ,୧୩।୩ (ଡି.ଏନ.ଏ.)** କଳାହାଣ୍ଡି ଜିଲା ଧର୍ମଗଡ ପାରଦେଶ୍ୱର ମନ୍ଦିର ନିକଟରେ ବୁଧବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଛନ୍ତି । ମୃତକଙ୍କ ନାଁ ଦିନବନ୍ଧୁ ବିହାରୀ ଓ ତାଙ୍କ ଘର ଧର୍ମଗଡ ଥାନା ଗୋଡଞ୍ଜଳା ବୋଲି ଜଣାପଡିଛି । ସୂଚନା ଅନୁସାରେ ଅପରାହ୍ନରେ ଦିନବନ୍ଧୁ ତାଙ୍କ ଶ୍ୱଶୁର ଘର ଗାଁ କୁଣ୍ଡାମାଲରୁ ବାଇକ୍ (ନଂ.ଓଆର୦୮ଏଫ-୫୦୧୯) ଯୋଗେ ଗୋଡଞ୍ଜଳାକୁ ଫେରୁଥିଲେ। ପାରଦେଶ୍ୱର ମନ୍ଦିର ସାମ୍ନାରେ ଅନ୍ୟ ଏକ ବାଇକ୍ (ନଂ.ସିଜି୦୪ ଡିଏଲ-୯୧୪୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟେ ଛିଟକି ପଡିଥିଲେ। ଏହି ସମୟରେ ଧର୍ମଗଡ ପଟୁ ଆସୁଥିବା ଏକ ଟାଟାଏସି ଗାଡି (ନଂ. ଓଆର୦୮ ଜି-୩୯୬୪) ଦିନବନ୍ଧୁଙ୍କୁ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣା ଡାକ୍ତରଖାନାକୁ ପଠାଯାଇଛି। ତାଙ୍କ ପରିଚୟ ମିଳିପାରି ନାହିଁ । ପୋଲିସ ଗାଡ଼ିସବୁ ଜବତ କରିଛି ।

■ ଦିନକ ପରେ ରାହୁଲଙ୍କ ଗସ୍ତ

# ବରଗଡ଼ ରାଜନୀତି ଚଳଚଞ୍ଚଳ

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୧୩।୩**


ସାଧାରଣ ନିର୍ବାଚନକୁ ଆଉ ମାତ୍ର ମାସେ ବାକି । ଏହାକୁ ନେଇ ରାଜନୈତିକ ତାତି ବଢ଼ିବାରେ ଲାଗିଛି। ଦିଲ୍ଲୀରୁ ପଲ୍ଲୀକୁ ନେତାଙ୍କ ସୁଅ ଛୁଟିବାରେ ଲାଗିଛି। ଏଥିରୁ ବରଗଡ଼ ଜିଲା ବି ବାଦ୍ ପଡ଼ିନାହିଁ । ଗତ ୨୦୧୫ ସେପ୍ଟେମ୍ବର ୧୦ ତାରିଖରେ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଉପାଧ୍ୟକ୍ଷ ଥିବା ରାହୁଲ ଗାନ୍ଧୀ ବରଗଡ଼ ଜିଲାକୁ ତାଙ୍କ ପ୍ରଥମ ଗସ୍ତ କରିଥିଲେ। ସେତେବେଳେ ଜିଲାର ଅତାବିରା ବ୍ଲକ ଦେବାହାଲ ଗ୍ରାମରେ ଆତ୍ମହତ୍ୟା କରିଥିବା ଜଣେ ଚାଷୀଙ୍କ ଘରୁ ପଦଯାତ୍ରାରେ ବାହାରିଥିଲେ । ଏଆଇସିସି ଅଧ୍ୟକ୍ଷ ହେବା ପରେ ରାହୁଲ ସେହି ପଦଯାତ୍ରାର ଠିକ୍ ସାଢ଼େ ୩ ବର୍ଷ ପରେ ପୁଣି ବରଗଡ଼ ଜିଲା ଗସ୍ତରେ ଆସୁଛନ୍ତି। ବରଗଡ଼ ସହର ଉପକଣ୍ଠ ନୂଆ ସରସରା ପଡ଼ିଆର ଏକ ସାଧାରଣ ସଭାରେ ସେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ରାହୁଲଙ୍କ ଗସ୍ତ ସବୁ ଦଳ ପାଇଁ ଗୁରୁତ୍ୱ ବହନ କରୁଛି । ତାଙ୍କ ଗସ୍ତରୁ କଂଗ୍ରେସ ଫାଇଦା ଉଠାଇବାକୁ ଆଶା ରଖିଛି । ସେହିପରି ଅନ୍ୟ ଦଳ ଗୁଡ଼ିକ ରାହୁଲଙ୍କ ଗସ୍ତ ପ୍ରଭାବହୀନ ହେବ ବୋଲି କହୁଥିଲେ ମଧ ନିର୍ବାଚନକୁ ନେଇ ସେ ଯେଉଁଳି ଗୋଟିଏ ପରେ ଗୋଟିଏ ଘୋଷଣା କରି ଚାଲିଛନ୍ତି, ତାହା ବିଜେଡ଼ି ଓ ଭାଜପାର ଭୋଟ୍‌ବ୍ୟାଙ୍କକୁ ପ୍ରଭାବିତ କରିପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

### ଏମାନେ ଯାହା କହିଲେ...




“ମୌଳିକ ପ୍ରସଙ୍ଗ ଉପରେ ରାଜନୀତି ହେବା ଦରକାର । ଯେ କୌଣସି ଦଳ ହେଉନା କାହିଁକି, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ବେରୋଜଗାର ପ୍ରସଙ୍ଗକୁ ନେଇ ନିର୍ବାଚନୀ ମଇଦାନକୁ ଓହ୍ଲାଇବାର ଆବଶ୍ୟକତା ରହିଛି। ବରଗଡ଼ ଯେହେତୁ କୃଷିବହୁଳ ଜିଲା ଏବଂ ଏଠାରେ ଚାଷ ଓ ଚାଷୀ ସଙ୍କଟରେ ଅଛନ୍ତି । ଜଣେ କେନ୍ଦ୍ରୀୟ ନେତା ଏଠାକୁ ଆସି ସ୍ଥିତି ପରଖିଲେ ଏବଂ ତାଙ୍କ ଇଚ୍ଛାଶକ୍ତି ରହିଲେ ନିଶ୍ଚୟ ସମାଧାନ ବାଟ ଫିଟିବ। ରାହୁଲଙ୍କ ଗସ୍ତକୁ ନେଇ ସେଭଳି ଆଶା କରାଯାଉଛି । ମାତ୍ର ସେଥିରେ ସେ କେତେଦୂର ସଫଳ ହେବେ, ତାହା ସମୟ କହିବ ।

**ଭବାନୀ ପ୍ରସାଦ ସାହୁ, ଜିଲା ସଂଯୋଜକ, ଆପ୍**



“ରାହୁଲଙ୍କ ଗସ୍ତ ବରଗଡ଼ରେ କିଛି ପ୍ରଭାବ ପକାଇ ପାରିବ ନାହିଁ । ଦେଶରେ ଦୀର୍ଘ ୬୦ବର୍ଷ ଧରି ଶାସନ କରି ଯେଉଁ ସରକାର କିଛି କରି ପାରିଲା ନାହିଁ, ବରଂ ଦୁର୍ନୀତିକୁ ଚରମସୀମାରେ ପହଞ୍ଚାଇଲା, ସେହି ସରକାରଠାରୁ କିଛି ଆଶା କରିବା ବୃଥା । ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶରେ ନିର୍ବାଚନ ଆଗରୁ ରାହୁଲ ଅନେକ ଘୋଷଣା କରିଥିଲେ। କିନ୍ତୁ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ରାଜ୍ୟବାସୀଙ୍କ ଆସ୍ଥା ରହିଛି ଏବଂ ସାଧାରଣ ନିର୍ବାଚନରେ ଏଠାରେ ବିଜେଡ଼ି ପୁଣି ସରକାର ଗଠନ କରିବ, ଏଥିରେ ଦ୍ୱିରୁକ୍ତି ନାହିଁ ।

**ଦେବେଶ ଆଚାର୍ଯ୍ୟ, ବିଧାୟକ, ବରଗଡ଼**



“ରାହୁଲ ଗାନ୍ଧୀ ପୂର୍ବରୁ କୃଷିଋଣ ଛାଡ଼, ସର୍ବନିମ୍ନ ଆୟ ଗ୍ୟାରେଣ୍ଟି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୬୦୦ ଟଙ୍କାକୁ ବୃଦ୍ଧି ଆଦି ଜନହିତକର ପଦକ୍ଷେପ ନେଇ ଘୋଷଣା କରି ସାରିଛନ୍ତି । ପଡ଼ୋଶୀ ଛତିଶଗଡ଼ ସମେତ ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟରେ ନିର୍ବାଚନ ପୂର୍ବରୁ ସେ ଯାହା ଘୋଷଣା କରିଥିଲେ, ତାକୁ କାର୍ଯ୍ୟକାରୀ ମଧ୍ୟ କରିଛନ୍ତି । ସେଭଳି ଅନେକ ବାର୍ତ୍ତା ନେଇ ସେ ବରଗଡ଼ ଗସ୍ତରେ ଆସୁଛନ୍ତି । ରାହୁଲଙ୍କ ମୁହଁରୁ ସେହି ବାର୍ତ୍ତା ଶୁଣିବାକୁ ଅଞ୍ଚଳର ଚାଷୀ, ଯୁବକ, ଶ୍ରମିକ ସମସ୍ତେ ଚାହିଁ ବସିଛନ୍ତି। ତାଙ୍କର ଏହି ଗସ୍ତ କେବଳ ଦଳ ପାଇଁ ନୁହେଁ, ଜିଲା ପାଇଁ ମଧ୍ୟ ଲାଭପ୍ରଦ ହେବ ।

**ରବି ନାରାୟଣ ପଣ୍ଡା, ଜିଲା କଂଗ୍ରେସ ଉପସଭାପତି, ବରଗଡ଼**



“ବରଗଡ଼ ଜିଲାରେ କଂଗ୍ରେସର ଅବସ୍ଥା ମୃତ ପ୍ରାୟ । ରାହୁଲ ଏଠାକୁ ଆସି ସଞ୍ଜିବନୀ ଦେବାକୁ ଚାହୁଁଛନ୍ତି । କିନ୍ତୁ ତାହା କାମ ଦେବ ନାହିଁ । ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ ଗସ୍ତରେ ଯାଇ ସେ ଅନେକ ପ୍ରତିଶ୍ରୁତି ଦେଇଥିଲେ। ହେଲେ କିଛି କାର୍ଯ୍ୟକାରୀ ହୋଇପାରି ନାହିଁ । ବରଗଡ଼ବାସୀଙ୍କୁ ସେଭଳି ଭୂଆଁ ବୁଲାଇବାକୁ ରାହୁଲ ଏଠାକୁ ଆସୁଛନ୍ତି । ଜିଲାବାସୀ ଏହାକୁ ବେଶ୍ ଭଲ ଭାବେ ଅନୁଭବ କରି ସାରିଲେଣି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦେଶଭକ୍ତି ସାରା ଦେଶବାସୀଙ୍କୁ ଜଣା। ମୋଦିଙ୍କ ପ୍ରତି ଆସ୍ଥା ବଢ଼ୁଛି ଏବଂ ଆଗାମୀ ଦିନରେ ଭାଜପା ସରକାର ଗଠନ କରିବ ।

**-ଇରାସିସ୍ ଆଚାର୍ଯ୍ୟ, ରାଜ୍ୟ ସମ୍ପାଦକ, ଭାଜପା ଯୁବମୋର୍ଚ୍ଚା**

## ଭିତରେ ସମ୍ମିଳନୀ, ବାହାରେ ଧସ୍ତାଧସ୍ତି

**ବରଗଡ଼ ଅଫିସ୍,୧୩।୩**

ରାହୁଲଙ୍କ ଗସ୍ତ ପରିପ୍ରେକ୍ଷୀରେ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛତିଶଗଡ଼ର ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ଓଡ଼ିଶା ପ୍ରଭାରୀ ଟି.ଏସ୍ ସିଂଦେଓ ସୂଚନା ଦେଉଥିବାବେଳେ ସମ୍ମିଳନୀ କକ୍ଷ ବାହାରେ ଆସନ୍ତା ନିର୍ବାଚନ ପାଇଁ ଦଳର ଦୁଇ ଆଶାୟୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସମ୍ମିଳନୀ କକ୍ଷରେ ପଡ଼ିଥିବା ଚୌକିରେ କେତେକ ଦଳୀୟ କର୍ମୀ ବସିଥିବା ଯୋଗୁ ଖବରଦାତାମାନଙ୍କୁ ଛିଡ଼ା ହୋଇ ରହିବାକୁ ପଡ଼ିଥିଲ । ଏହା ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁଙ୍କ ଦୃଷ୍ଟିକୁ ଆସିବା ପରେ ସେ ଦଳୀୟ କର୍ମୀଙ୍କୁ ବାହାରକୁ ଯିବା ପାଇଁ ଅନୁରୋଧ କରିଥିଲେ । ଫଳରେ ଦଳୀୟ କର୍ମୀମାନେ ସେହି ସମ୍ମିଳନୀ କକ୍ଷ ବାହାରକୁ ଯାଇଥିଲେ ଏବଂ କିଛି ଦଳୀୟ ନେତୃବୃନ୍ଦ ସମ୍ମିଳନୀ କକ୍ଷ ଦ୍ୱାରରେ ପଛପଟ କବାଟକୁ ଠେଲି ରହିଥିଲେ। ଏହି ସମୟରେ ବାହାର ପଟୁ ଅନ୍ୟ ଜଣେ ଦଳୀୟ କର୍ମୀ ତଥା ଆଶାୟୀ କବାଟ ଠେଲି ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଏହାକୁ ନେଇ ସେଠାରେ ଉପସ୍ଥିତ ଦୁଇ ଆଶାୟୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ଦଳର ଓଡ଼ିଶା ପ୍ରଭାରୀ ତଥା ଛତିଶଗଡ଼ର ଜଣେ ବରିଷ୍ଠ ମନ୍ତ୍ରୀ ସମ୍ମିଳନୀ କକ୍ଷରେ ଖବରଦାତାଙ୍କୁ ସମ୍ବୋଧିତ କରୁଥିବାବେଳେ ବାହାରେ ଦୁଇ ଆଶାୟୀଙ୍କ ଏଭଳି ଧସ୍ତାଧସ୍ତି ଲୋକଙ୍କୁ ଚର୍ଚ୍ଚା ପାଇଁ ଖୋରାକ୍ ଯୋଗାଇଛି।

## ଭାଜପା କର୍ମୀଙ୍କ ଜଳାଭିଷେକ




ଭାଜପା ନେତା ଇରାସିସ୍ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

**ଅମ୍ବାଭୋନା, ୧୩।୩ (ଡି.ଏନ.ଏ)**

ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଇରାସିସ୍ ଆଚାର୍ଯ୍ୟ ବୁଧବାର ଅମ୍ବାଭୋନାର କେଦାରନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ଜଳାଭିଷେକ କରିଛନ୍ତି। ତାଙ୍କ ସହ ବହୁ ଦଳୀୟ କର୍ମୀ ମଧ ସାମିଲ ହୋଇଥିଲେ । ଏହି ଅବସରରେ ଅମ୍ବାଭୋନାଠାରେ ଆଚାର୍ଯ୍ୟଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମଧ ଦିଆଯାଇଥିଲା। ଅମ୍ବାଭୋନା ଭାଜପା ଜୋନ ସଭାପତି ପୁରୁଷୋତ୍ତମ ପାତିକାର, ଭୁକ୍ତା ଜୋନ ସଭାପତି ସତ୍ରାଜିତ ସାହୁ, ଓବିସି ସେଲ ଜିଲା ସାଧାରଣ ସମ୍ପାଦକ ତାରାଚନ ପଟେଲ, ଡ. ଚିନ୍ତାମଣି ପଟେଲ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପରେ ଭାଜପା କର୍ମୀ ବେହେରା ଗ୍ରାମକୁ ଯାଇ ନବନିର୍ମିତ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବରେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ଇରାଶିଷ ଆଚାର୍ଯ୍ୟଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ପରିବର୍ତ୍ତନ ସଂକଳ୍ପ ନେଇ ଆସୁଛନ୍ତି ରାହୁଲ-ଟି.ଏସ୍. ସିଂଦେଓ


**ବରଗଡ଼ ଅଫିସ୍,୧୩।୩**




ଖବରଦାତା ସମ୍ମିଳନୀରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ତଥା ଛତିଶଗଡ଼ର ବରିଷ୍ଠ ମନ୍ତ୍ରୀ ଖବରଦାତାଙ୍କୁ ସମ୍ବୋଧିତ କରୁଛନ୍ତି ।

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବରଗଡ଼ ଗସ୍ତରେ ଆସିବେ। ଏଥିପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମୀ ମହଲରେ ଉତ୍ସାହ ଦେଖାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ବରଗଡ଼ର ଏକ ହୋଟେଲ ସମ୍ମଳନୀ କକ୍ଷରେ ଖବରଦାତା ସମ୍ମିଳନୀ ହୋଇଥିଲା । ଏଥିରେ ଛତିଶଗଡ଼ର ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ଓଡ଼ିଶା ପ୍ରଭାରୀ ଟି.ଏସ୍ ସିଂଦେଓ ଯୋଗଦେଇ ରାହୁଲଙ୍କ ଗସ୍ତ ଉପରେ ସୂଚନା ଦେଇଥିଲେ । ନିର୍ବାଚନରେ କେବଳ ଦଳୀୟ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥାନ୍ତି, ତାହା ନୁହେଁ କଂଗ୍ରେସ ଦଳ ହିଁ ପ୍ରତିଦ୍ୱନ୍ଦିତା କରିଥାଏ ବୋଲି ସେ କହିଥିଲେ । ଏହି ଦୃଷ୍ଟିରୁ ସାଧାରଣ ନିର୍ବାଚନ ପୂର୍ବରୁ ରାହୁଲ ଏଠାକୁ ଆସୁଛନ୍ତି ଏବଂ ସେ ଦଳୀୟ ନେତା ଓ କର୍ମୀଙ୍କ ସମେତ ଅଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେବେ ବୋଲି ସିଂଦେଓ କହିଥିଲେ । କୃଷିଋଣ ଛାଡ଼, ଧାନର ଏମଏସପି ବୃଦ୍ଧି, ମହିଳାଙ୍କ ସମସ୍ୟା, ସର୍ବନିମ୍ନ ଆୟକର ଗ୍ୟାରେଣ୍ଟି ଆଦି ଉପରେ ରାହୁଲ ଘୋଷଣା କରି ଚାଲିଛନ୍ତି। ବରଗଡ଼ ଏକ କୃଷିଭିତ୍ତିକ ଜିଲା ଓ ଏଠାରେ ଚାଷୀ ଆତ୍ମହତ୍ୟା, ବିଦ୍ୟୁତ୍ କାଟ୍, ଶିକ୍ଷାରେ ଅବ୍ୟବସ୍ଥା ଆଦି ଥିବା ଯୋଗୁ ତାହା ଉପରେ ରାହୁଲ ଉଦ୍‌ବୋଧନ ଦେବେ। ସେହିପରି ଜିଏସଟି, ବିମୁଦ୍ରୀକରଣ, ରାଫେଲ ଦୁର୍ନୀତି ଆଦି ଯୋଗୁ ଗତ ୫ବର୍ଷରେ ଦେଶର ଅବସ୍ଥା ବିଗିଡ଼ି ଯାଇଛି। ଓଡ଼ିଶାରେ ଅମଲାତନ୍ତ୍ରୀଙ୍କ ଶାସନ ଚାଲିଛି। ଜନ ପ୍ରତିନିଧି ପଛରେ ପଡ଼ି ଯାଇଛନ୍ତି। ଫଳରେ ପରିବର୍ତ୍ତନର ସଂକଳ୍ପ ନେଇ ରାହୁଲ ଏଠାକୁ ଆସୁଥିବା ସେ କହିଥିଲେ । ସେହିପରି ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଏବଂ ନିୟନ କାନୁନ ଅନୁଯାୟୀ ମହାନଦୀ ବିବାଦର ସମାଧାନ ହେବ ଏବଂ କଂଗ୍ରେସ ଓଡ଼ିଶାରେ ଶାସନକୁ ଆସିଲେ ଏହା ଆହୁରି ସହଜ ହେବ ବୋଲି ସିଂଦେଓ କହିଥିଲେ । ଖବରଦାତା ସମ୍ମିଳନୀରେ ସହ ପ୍ରଭାରୀ ଶେକ୍ ମୁସ୍ତାନ ଅଲ୍ଲୀ, ବରଗଡ଼ ଜିଲା ପର୍ଯ୍ୟବେକ୍ଷକ ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ରାଜ୍ୟ ପ୍ରବକ୍ତା ହମ୍ମିଦ ହୁସେନ, ଯୁଗଳ ପ୍ରସାଦ ସିଂ, ସଞ୍ଜୟ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ ।

## କଲଙ୍ଗାପାଲିରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ



କଲଙ୍ଗାପାଲି ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଚାଲିଛି ।

**ଗାଇସିଲେଟ,୧୨।୩(ଡି.ଏନ.ଏ)**

ଗାଇସିଲେଟ ନିକଟସ୍ଥ କଲଙ୍ଗାପାଲି ଗ୍ରାମରେ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ବା ବାଲଲୀଳା ଅନୁଷ୍ଠିତ ହୋଇଯାଇଛି। ଅଲେଖ ମହିମା ଧର୍ମାବଲମ୍ବୀ ତଥା ଗ୍ରାମର ଭକ୍ତମାନଙ୍କ ଉଦ୍ୟମରେ ତିନିଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମ ହୋଇଥିଲା । ବାବା ଦାଶରଥି ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରବିବାର ଶତାଧିକ ମହିଳା ପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ । ସୋମବାର ଝାଡବତି ପ୍ରଜ୍ୱଳନ କରାଯାଇଥିଲା। ବାବା ରଷିନାଥ ଦାସ, ବନମାଳି ଦାସ, ଅଚ୍ୟୁତାନନ୍ଦ ଦାସ, ନିର୍ମଳ ଦାସ, ରାଜକୁମାର ଦାସ ଓ ବାବା ଯଶୋବନ୍ତ ଦାସ ସହଯୋଗ କରିଥିଲେ । ଯୋଗୀ ଚିନ୍ତାମଣି ଦାସ, ମନବୋଧ ଦାସ କାର୍ଯ୍ୟକ୍ରମ ତଦାରଖ କରିଥିଲେ । ବୁଧବାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା ।

## ନିଶା ନିବାରଣ ସଚେତନତା ଅଭିଯାନ

**ବୌଦ୍ଧ,୧୩।୩(ସ୍ୱ.ପ୍ର)**

ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୌଦ୍ଧଠାରେ ବୁଧବାର ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି । ଏହି ଶୋଭାଯାତ୍ରାରେ ଜିଲାର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲେ । ଦିଲ୍ଲୀର ଆଚାର୍ଯ୍ୟ ସନ୍ତୋଷାନନ୍ଦ ଅବଧୂତ, ମିଳିତ ନିଶା ନିବାରଣ ମଞ୍ଚ ଆବାହକ କେଦାରନାଥ ସାହୁ, ପ୍ରଫେସର କୁଳମଣି ନାଏକ ଓ ସର୍ବେଶ୍ୱର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ଏହି ରାଲିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ସମୟରେ ନିଶା ବ୍ୟବହାର ଓ ପ୍ରସାର ଉପରେ ଅଂକୁଶ ଲଗାଇବା ଏବଂ ଯେଉଁ ରାଜନୈତିକ ଦଳ ଓ ପ୍ରାର୍ଥୀ ନିଶା ନିବାରଣ ପାଇଁ ପ୍ରତିଶ୍ରୁତି ଦେବ ସେମାନଙ୍କୁ ସମର୍ଥନ କରିବା ନେଇ ବାର୍ତ୍ତା ପ୍ରଦାନ କରାଯାଇଥିଲା । ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ନିର୍ବାଚନରେ ମଦ ବାଣ୍ଟୁଥିବା ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ପ୍ରଚାରପତ୍ର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା ।





ବୌଦ୍ଧରେ ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି ।

■ ଅତାବିରା ବ୍ଲକରେ ବସୁନ୍ଧରା ଯୋଜନା ବାଟବଣା

## ଘରଡିହ ଯୁଗାବାରେ ପରଶାସନ ବିଫଳ

**ଜାମଟିକ୍ରା,୧୩।୩(ଡି.ଏନ.ଏ.):**

ଭୂମିହୀନମାନଙ୍କୁ ସରକାର ବସୁନ୍ଧରା ଯୋଜନାରେ ଘର ଡିହ ଯୁଗେଇ ଦେଉଛନ୍। ତାହାକୁ ଭିନେ ଭିନେ ସରକାରୀ ଯୋଜନାରେ ସାମିଲ କରି ପକା ଘର ବି ଯୁଗେଇ ଦେଉଛନ୍। ହେଲେ ସରକାରଙ୍କର ଇ ସବୁ ମହତ୍ ଯୋଜନା ବରଗଡ଼ ଜିଲା ଅତାବିରାରେ ବାଟବନା ହେଉଥିବାର ଦେଖିବାକେ ମିଲୁଛେ। ଖବର ନେବାରେ ଜନାଯାଇଛେ ଯେ, ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଁଚେତ୍‌ର କୁଲୁଣ୍ଡା ହାଇସ୍କୁଲପଡ଼ାର ୧୦ଟା ଭୂମିହୀନ ପରିବାର ଘରଡ଼ିହ ଲାଗି ବାରବାର ବ୍ଲକନୁ ଜିଲା ପରଶାସନ ତକ୍ ଗୁହାରି କରି ନିରାଶ ହେଇଛନ୍। ଏନ୍ତା କି ଜନଅଭିଯୋଗ ଶୁନାନିରେ ଇ ଦୁଃଖି ପରିବାରମାନେ ଗଲା ୫ ବଛର ହେଲା ଗୁହାରି କରିଆସୁଛନ୍। ହେଲେ କେହି ତାକର ଗୁହାରି ନାଇଁ ଶୁନୁଥିବାର ଅଭିଯୋଗ ହେଇଛେ। ୨୦୧୮ ଜୁଲାଇରେ ହେଇଥିବାର ଝରି ବର୍ଷାରେ ଇ ପରିବାରମାନକର ଘରଦୁଆର ଭାଂଗିଯାଇଥିଲା। ତାପରେ ଆଏଜ୍ ତକ୍ ଇ ପରିବାରମାନେ ବେସାହାରା ଜୀବନ୍ ବିତଉଛନ୍। ପରିବାରମାନେ ନିହାତି ଗରିବ୍ ଆର ଖଟିଖିଆ ବରଗର ହେଇଥିଲା ବେଲେ କେହି ଘରଖଁଡ଼େ ବନାବାର ଲାଗି ସକ୍ଷମ ନୁହଁନ୍। ଇଆଡ଼େ କାହାରି ଜମିବାଡ଼ି, ଘରଡ଼ିହ ନାଁଇଁନ। ଯେନ୍‌ଥିରଲାଗି ସରକାରୀ ଜାଗାରେ ଗୁଟେ ଗୁଟେ କୁରିଆ କରି ଖରା, ବର୍ଷା, ଶୀତ କାକରରେ ଜୀବନ୍ ବିତଉଛନ୍। ଯେତେ ଜଲ୍‌ଦି ହେବା ଇ ଗରିବ୍ ଦୁଃଖିକୁ ଘରଡ଼ିହ ସଂଗେ ସରକାରୀ ଯୋଜନାରେ ସାମିଲ କରି ପକାଘର ଖଁଡ଼େ ଲେଖେଁ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ାକୁଁ ପଚରାଲାରୁ ଯଦି ସେମାନେ ଭୂମିହୀନ ଆର ଘରଡିହ ଲାଗି ଆବେଦନ କରିଛନ୍ ତ ନିହାତି ଭାବେ ତାହାକୁ ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।



କୁଲୁଣ୍ଡା ହାଇସ୍କୁଲପଡ଼ାରେ ରହୁଥିବା ଗୁଟେ ଭୂମିହୀନ ପରିବାର।



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।

- ଗୌତମ ବୁଦ୍ଧ

## ସଂକ୍ଷେପରେ

### ବାସନ୍ତୀକ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଲୋଇସିଂହା,୧୩।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଦୁର୍ଗାମଣ୍ଡପଠାରେ ଆସନ୍ତା ଏପ୍ରିଲ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏନେଇ ବୁଧବାର ସନ୍ଧ୍ୟା ୬ଟାରେ ଶୁଭ ଲଗ୍ନରେ ଶୁଭସ୍ତମ୍ଭ ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା ହୋଇଥିଲା। ମାରୋହରେ ବାସନ୍ତୀକ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ରବୀନ୍ଦ୍ର ପୁଟେଲ, ଉପଦେଷ୍ଟା ଗଜାନନ ଅଗ୍ରୱାଲ, ବିଭୁତି ଭୂଷଣ ସାହାଣୀ, ଜୁଗଲ ହେର୍ଣ୍ଣାଙ୍କ ସହ ଜଗନ୍ନାଥ ମନ୍ଦିର, ଜଗନ୍ନାଥ ସଂକୀର୍ତ୍ତନ୍ୟ ଓ ଦୁର୍ଗାପୂଜା କମିଟି ସଦସ୍ୟ ଉପସ୍ଥିତଥିଲେ। ପ୍ରକାଶ ଯେ, ଲୋଇସିଂହା ଢୋଲମହୁଲ ଶାରଳା ଶକ୍ତି ପୀଠ ଆନୁକୂଲ୍ୟରେ ୧୨ ବର୍ଷ ହେଲା ବାସନ୍ତୀକ ଦୁର୍ଗାପୂଜ ଅନୁଷ୍ଠିତ ହୋଇଆସୁଛି। ଆବାହକ ମୂରଲୀ ଭୋଇଙ୍କ ତତ୍ତ୍ୱାବଧାନରେ ବସ୍ତି ଦୁର୍ଗାମଣ୍ଡପଠାରେ ଏହି ପୂଜାର୍ଚ୍ଚନା କରାଯିବ। ଏହି ଅବସରରେ ରାମାୟଣ ପରାୟାଣ, ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସାନ୍ଧ୍ୟ ଆଳତି ଅର୍ପଣ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ପରିଲକ୍ଷିତ ହୋଇଥାଏ।

### ଲୋଇସିଂହା ଭାଜପା କାର୍ଯ୍ୟାଳୟ ଶୁଭାରମ୍ଭ

**ଲୋଇସିଂହା,୧୩।୩(ଡି.ଏନ.ଏ.):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ସହ ନିର୍ବାଚନ ତାରିଖ ଘୋଷଣା ସରିଛି। ବାକି ରହିଛି ପ୍ରାର୍ଥୀଙ୍କ ନାମ ଘୋଷଣା। ଏନେଇ ଦଳୀୟ କର୍ମୀ ଏବଂ ଭୋଟରଙ୍କ ମଧରେ ଉତ୍ସୁକତା ପ୍ରକାଶପାଇଛି । ନିର୍ବାଚନ ପାଖେଇ ଆସିଥିବାରୁ ରାଜନୈତିକ ଦଳଗୁଡିକ ସଂକ୍ରୀୟ ହୋଇ ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ଲୋଇସିଂହା ନିର୍ବାଚନମଣ୍ଡଳୀର ଭାଜପା କାର୍ଯ୍ୟାଳୟ ଆଗଲପୁର ବ୍ଲକ ନଅଗାଁ(ଖ)ରେ ବୁଧବାର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀଙ୍କ ଅଧକ୍ଷତାରେ ଜିଲା ସଭାପତି ଭକ୍ତ ବନ୍ଧୁ ନାଏକ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଜିଲା ଉପସଭାପତି ରମାକାନ୍ତ ପଧାନ, ଡା.ମୁକେଶ ମହାଲିଙ୍ଗ, ଜିଲାପରିଷଦ ସଭ୍ୟା ସଭ୍ୟ, ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରାଯାଇଥିଲା।

# ବେଆଇନ ଧାନ କିଣା: ପ୍ରଶାସନ ନୀରବ

**ଗୁଡଭେଲା,୧୩।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲାରେ ଫେବୃୟାରୀ ୪ତାରିଖରୁ ଧାନ କିଣା ବନ୍ଦ ହୋଇଯାଇଛି। ହେଲେ ଗୁଡଭେଲା ବ୍ଲକ ଅଧୀନ ଟେପରାମୁଣ୍ଡା ଓ ଡଙ୍ଗାପଥର ଗ୍ରାମ ନିକଟରେ ଥିବା କେତେକ ରାଇସ ମିଲ୍‌ରେ ବେଆଇନ ଭାବେ ଧାନ କିଣା ଯାଇଥିବା ଅଭିଯୋଗ ହୋଇଛି। ଗୁଡଭେଲା ବ୍ଲକରେ ଚଳିତ ବର୍ଷ ୬ଟି ପେକ୍ସ ମାଧମରେ ୧ଲକ୍ଷ ୬୬ ହଜାର ୭୦୧ କୁଇଣ୍ଟାଲ ୬୬ କେଜି ଧାନ କ୍ରୟ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷେ ପେକ୍ସ ପଏଣ୍ଟରେ ମିଲର୍ସମାନେ ଫଲ୍ସ ଏଣ୍ଟ୍ରି କରାଇ ନିଜ ଟାର୍ଗେଟ ପୂରଣ କରିଥିବା ମଧ ଅଭିଯୋଗ ହୋଇଛି। ବର୍ତ୍ତମାନ କିଛି ରାଇସ ମିଲ୍‌ରେ ଲକ୍ଷ୍ୟଠାରୁ କମ୍ ଧାନ



ଏକ ରାଇସ ମିଲକୁ ଯାଉଥିବା ଧାନ ବୋଝେଇ ମିନି ଟ୍ରକ।

ଗଚ୍ଛିତ ଥିବାରୁ ସେହି ଟାର୍ଗେଟ ପୂରଣ କରିବା ପାଇଁ ମିଲର୍ସମାନେ ଖୋଲା ବଜାରରୁ କମ୍ ଦରରେ ଧାନ କିଣି ମିଲରେ ଭର୍ତ୍ତି କରୁଛନ୍ତି। ଏପରି କି ଖୁଲମଖୁଲା ଧାନ ବୋଝେଇ ଟ୍ରକ, ଟ୍ରାକ୍ଟର ଆଦି ମିଲକୁ ଯାଉଥିଲେ ମଧ ଯୋଗାଣ ବିଭାଗ ନୀରବ ସାଜିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରଙ୍କ ନିୟମ ରହିଛି ଯେଉଁ ମିଲର୍ସମାନେ କଷ୍ଟମ ମିଲିଂରେ ଭାଗ ନେଇ ଯୋଗାଣ ନିଗମରୁ ଧାନ ନେଇଥିବେ ସେମାନେ କୌଣସି ଟ୍ରେଡିଂ କରି ପାରିବେ ନାହିଁ । ହେଲେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ କରାଯାଇ ରାଇସ ମିଲର୍ସମାନେ ଧାନ କିଣୁଥିବା ଦେଖିବାକୁ ମିଳୁଛି। ହେଲେ ବେଆଇନ କାମକୁ ବିଭାଗୀୟ ଅଧିକାରୀମାନେ ସହଯୋଗ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଜିଲା ଯୋଗଣ ଅଧିକାରୀ ଅଭିରାମ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ମିଲର୍ସମାନେ ବଜାରରୁ ଧାନ କିଣିପାରିବେ ନାହିଁ, ଯଦି କୌଣସି ମିଲର୍ସ ଧାନ କିଣୁଛନ୍ତି ଜନସାଧାରଣ ଉକ୍ତ ଧାନ ବୋଝେଇ ଗାଡିକୁ ଧରି ବିଭାଗୀୟ ଅଧିକାରୀଙ୍କୁ ଜଣାନ୍ତୁ। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।




ନିର୍ବାଚନ ଆଚରଣବିଧି ଲାଗୁ ପରେ ମଧ ବଲାଙ୍ଗୀର ତୁଳସୀନଗର ସର୍କିଟ ହାଉସ୍ ରାସ୍ତା କଡ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ରାଜନୈତିକ ପୋଷ୍ଟର ହଟାଯାଇନାହିଁ। (ଫଟୋ–ସୁନୀଲ) ।

## ଡିକି ଭାଙ୍ଗି ଟଙ୍କା ଚୋରି: ଥାନାରେ ଏତଲା

**ଖପ୍ରାଖୋଲ,୧୩।୩(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାରେ ବୁଧବାର ମଧାହ୍ନରେ ଦୁର୍ବୃତ୍ତମାନେ ଜଣେ ଅଙ୍ଗନୱାଡି କର୍ମୀଙ୍କ ଗାଡି ଡିକି ଭାଙ୍ଗି ଟଙ୍କା ଚୋରି କରିଥିବା ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ତଲେନପାଲି ପଞ୍ଚାୟତ ଘୁଚାପାଲି ଗାଁର ଅଙ୍ଗନୱାଡି କର୍ମୀ ମଞ୍ଜୁଲା ଦୀପ ସ୍ୱାମୀ ଏବଂ ଅନ୍ୟ ଜଣେ ୱାର୍ଡ ମେମ୍ବରଙ୍କ ସହ ଧଣ୍ଡାମୁଣ୍ଡା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଆସିଥିଲେ। ଅଙ୍ଗନୱାଡି ପିଲାଙ୍କ ଖର୍ଚ୍ଚ ବାବଦକୁ ବ୍ୟାଙ୍କରୁ ୩୪ ହଜାର ଟଙ୍କା ଉଠାଇଥିଲେ। ପରେ ଟଙ୍କାକୁ ଏକ ବ୍ୟାଗରେ ଭର୍ତ୍ତି କରି ବାଇକ୍ ଡିକିରେ ରଖି ପାଖରେ ଥିବା ଏକ ହୋଟେଲକୁ ଯାଇଥିଲେ। ସେତିକିବେଳେ ଦୁର୍ବୃତ୍ତମାନେ ଗାଡି ଡିକି ଭାଙ୍ଗି ବ୍ୟାଗ ଧରି ଚମ୍ପଟ ମାରିଥିଲେ। ବ୍ୟାଗରେ ନଗଦ ୩୪ ହଜାର ଟଙ୍କା ସହିତ ଏଟିଏମ କାର୍ଡ ଓ ୩ଟି ପାସବୁକ୍ ଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା(ନଂ.୩୪/୧୯) ରୁଜୁ ହୋଇଛି।

## ଆଇନଜୀବୀଙ୍କ ବିୟୋଗରେ ଶୋକ ସଭା

**କଣ୍ଟାବାଞ୍ଜି,୧୩।୩(ଡି.ଏନ.ଏ.)**

ଟିଟିଲାଗଡ଼ ଓକିଲ ସଂଘର ବରିଷ୍ଠ ସଭ୍ୟ ଭକ୍ତବନ୍ଧୁ ସ୍ୱାଇଁଙ୍କ ପରଲୋକ ହୋଇଯାଇଛି। ଏନେଇ କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ଓକିଲ ସଂଘ ସଭାପତି ବ୍ରଜଶ୍ୟାମ ଗୁରୁ ସଭାପତିତ୍ୱ କରିଥିଲେ। ସଂଘର ବରିଷ୍ଠ ସଭ୍ୟ ବିଜୟ କୁମାର ମିଶ୍ର, କାନନ କିଶୋର ପଣ୍ଡା, ଲୋକନାଥ ମେହେର, ଦୁଃଖିଶ୍ୟାମ ଗୁରୁ, ସୁଧାଂଶୁ ମିଶ୍ର ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତି ଚାରଣ କରିଥିଲେ। ସଭାରେ ଉପସଭାପତି ଅଭିମନ୍ୟୁ ନାଗ, ସମ୍ପାଦକ ପ୍ରମୋଦ ପାଣିଗ୍ରାହୀ, ସହସମ୍ପାଦକ ବେଣୁଧର ଜାଲ, ଓମପ୍ରକାଶ ଖଣ୍ଡେଲୱାଲ, ବିଜୟ ଶର୍ମାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଯାଇ ଡ୍ରାଇଭରଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୧୩।୩**

ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ କଚେରୀ ଛକ ମୁଖ୍ୟରାସ୍ତାରେ ବୁଧବାର ଅପରାହ୍ନରେ ଜଣେ ଡ୍ରାଇଭରଙ୍କ ମୃତଦେହ ରଖି ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବଲାଙ୍ଗୀରରୁ ଯାଇଥିବା ଏକ ଯାତ୍ରୀବାହୀ ବସ୍ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ ନେଇ ପରିବାର ଲୋକେ ଅଭିଯୋଗ କରିବା ସହ କ୍ଷତିପୂରଣ ଦାବି କରିଛନ୍ତି। ମୃତ ଡ୍ରାଇଭର ହେଲେ ବଲାଙ୍ଗୀର ସହର ତାଲପାଲିପଡା ନିବାସୀ ଅରୁଣ କୁମାର ଭଞ୍ଜ। ପରିବାର ଲୋକଙ୍କ କହିବା ମୁତାବକ, ଗତ ୨୮ ତାରିଖ ଅପରାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅରୁଣ ଜୟ ମା'ଲକ୍ଷ୍ମୀ ଘରୋଇ ବସ୍‌କୁ ନେଇ



ବଲାଙ୍ଗୀର ଜିଲାପାଳଙ୍କ ଅଫିସ ସମ୍ମୁଖ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

ଝାରସୁଗୁଡ଼ା ଅଭିମୁଖେ ଯାଇଥିଲେ। ରାତି ପ୍ରାୟ ୧୨ଟାରେ ଦୁର୍ଘଟଣାରେ ଅରୁଣ ଗୁରୁତର ହୋଇ ବୁର୍ଲା ମେଡିକାଲରେ ଭର୍ତ୍ତି ହୋଇଥିବା ପରିବାର ଲୋକଙ୍କୁ ଖବର ମିଳିଥିଲା। ଏନେଇ ପରିବାର ଲୋକ ବୁର୍ଲା ମେଡିକାଲରେ ପହଞ୍ଚିଥିଲେ। ଗତ ୫ ତାରିଖ ରାତିରେ ପରିବାର ଲୋକେ ଅରୁଣଙ୍କୁ କଟକ ଓ ପରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବା ଦର୍ଶାଇ ଅନ୍ୟତ୍ର ନେବାକୁ ଡାକ୍ତର ପରାମର୍ଶ ଦେଇଥିଲେ । ପରିବାର ଲୋକେ ଅନନ୍ୟୋପାୟ ହୋଇ ଅରୁଣଙ୍କୁ ପୁଣି ବୁର୍ଲା ମେଡିକାଲକ ଆଣି ଚିକିତ୍ସା କରୁଥିଲେ। ହେଲେ ବୁଧବାର ଅରୁଣଙ୍କ ମୃତ୍ୟୁ ଘଟିଥିଲା। କେଉଁ ପରିସ୍ଥିତିରେ ଅରୁଣଙ୍କ ଦୁର୍ଘଟଣା ଘଟିଲା ଓ ସେ କିଭଳି ଭାବେ ବୁର୍ଲା ମେଡିକାଲକୁ ପହଞ୍ଚିଲେ ସେନେଇ କୌଣସି ତଥ୍ୟ ମିଳିନାହିଁ। ଘଟଣା ଦିନରୁ ସମ୍ପୃକ୍ତ ଗାଡିର କଣ୍ଡକଟର ଓ ହେଲପର କେଉଁଆଡେ ଚାଲିଯାଇଥିବା ବେଳେ ଗାଡି ମାଲିକ ମଧ କୌଣସି ସହାୟତା କରୁ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ପରିବାର ଲୋକେ ଅରୁଣଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକଟ କରିଛନ୍ତି। ମୃତ ଅରୁଣଙ୍କ ସ୍ତ୍ରୀ କୁମାରୀ ଭଞ୍ଜ, ୨ ଝିଅ ଜ୍ୟୋତ୍ସ୍ନା (୨୨), କ୍ରିଷ୍ଣା (୨୦) ଓ ପୁଅ ଜସ୍‌ପାଲ (୮) ଅଛନ୍ତି। ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ପଡାବାସୀ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସଦର ଏସ୍‌ଡିପିଓ ଶ୍ରୀକାନ୍ତ ବାରିକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ପ୍ରତ୍ୟାହାର କରାଯାଇଥିଲା।

ପୁଇଁନ୍ତଲା ବ୍ଲକ୍‌ରେ ଆଇନ୍ ଉଲ୍ଲଂଘନ ଅଭିଯୋଗ

## ଗୋପବନ୍ଧୁ ଗ୍ରାମୀଣ ଯୋଜନାରୁ ୧୨ ପଞ୍ଚାୟତକୁ ବାଦ୍

**ବଲାଙ୍ଗୀର ଅଫିସ, ୧୩।୩**

ପୁଇଁନ୍ତଲା ବ୍ଲକରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ଆଇନ୍ ଉଲ୍ଲଂଘନ କରାଯାଇ ଅନୁଦାନ ଅର୍ଥରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଜିଲାପାଳ, ଡିଆର୍‌ଡିଏ ପିଡି ଓ ଭିଜିଲାନ୍ସ ଡିଏସପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୁଇଁନ୍ତଲା ବ୍ଲକରେ ଥିବା ୨୫ଟି ପଞ୍ଚାୟତ ପାଇଁ ୨୦୧୮–୧୯ ଆର୍ଥିକ ବର୍ଷ ସକାଶେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୧ କୋଟି ୬୦ ଲକ୍ଷ ୬୫ ହଜାର ୭୦୬ ଟଙ୍କା ମଞ୍ଜୁର ହୋଇଥିବା ଦର୍ଶାଯାଇଛି। ଏହି ଅନୁଦାନ ଅର୍ଥ ୨୫ଟି ପଞ୍ଚାୟତର ପଲ୍ଲୀସଭା ଓ ଗ୍ରାମସଭାରେ ଅନୁମୋଦନ ଲାଭ କରିଥିବା ବିଜୁଳି, ପାଣି ଓ ରାସ୍ତା ପ୍ରକଳ୍ପରେ କାମ ହେବା କଥା। ମାତ୍ର ବ୍ଲକ୍‌ର ସମୁଦାୟ ୨୫ଟି ପଞ୍ଚାୟତରୁ ୧୨ଟି ପଞ୍ଚାୟତ୍‌କୁ ବାଦ୍ ଦିଆଯାଇ ୧ କୋଟି ୬୦ ଲକ୍ଷ ୬୫ ହଜାର ୭୦୬ ଟଙ୍କାକୁ ୧୩ଟି ପଞ୍ଚାୟତରେ ବେଆଇନ୍ ଭାବେ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକରେ ଏକ ଅସାଧୁମେଣ୍ଟ ସକ୍ରିୟ ରହି ଏଭଳି ବେଆଇନ୍ କାମ କରୁଥିବା ଅଭିଯୋଗ ହୋଇଛି। ବ୍ଲକର ଛତାମଖନା, ପିପିର୍ଡା, ବିଲେଇସର୍ଡା, ଅଏଁଲାସାରୀ, ପୁଇଁନ୍ତଲା, ଗଇଁନ୍ତଲା, ମଲମଣ୍ଡା, କୁରୁଲ, ଦଶପୁର, ବୁବେଲ, ରଣ୍ଡା ଓ ପଥର୍ଲା ପଞ୍ଚାୟତକୁ ବାଦ ଦିଆଯାଇଥିବା ଅଭିଯୋଗ କରାଯାଇଛି। ଛତାମଖନା ସମିତି ସଭ୍ୟ ସିଦ୍ଧାର୍ଥ ମିଶ୍ର ଓ ଅନ୍ୟମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲାପାଳ, ଡିଆର୍‌ଡିଏ ପିଡିଙ୍କୁ ଦାବିପତ୍ର ପ୍ରଦାନ କରି ଘଟଣାର ତଦନ୍ତ ଦାବି କରିଥିଲେ। ବଣ୍ଟନ କରାଯାଇଥିବା ୧୩ଟି ପଞ୍ଚାୟତରେ ଏହି ଯୋଜନା ଅର୍ଥରେ କୌଣସି କାମ କରା ନ ଯାଇ ଏହାକୁ ସ୍ଥଗିତ ରଖିବାକୁ ଦାବି କରାଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇଥିବାରୁ ଦାବିପତ୍ର ଗ୍ରହଣ କରାଯାଇଥିଲେ ମଧ ଅଧିକାରୀମାନେ କିଛି ବି ମନ୍ତବ୍ୟ ଦେଇ ନ ଥିବା ଜଣାପଡିଛି। ସମିତି ସଭ୍ୟ ମିଶ୍ର ଭିଜିଲାନ୍ସ ତଦନ୍ତ ପାଇଁ ଭିଜିଲାନ୍ସ ଡିଏସପିଙ୍କ ଅଫିସରେ ଏକ ଦାବିପତ୍ର ଦେଇଥିବା ଜଣାଇଛନ୍ତି।

# ଜିଲା ନିର୍ବାଚନ ଅଧିକାରୀଙ୍କ ବୈଠକ

**ବଲାଙ୍ଗୀର ଅଫିସ,୧୩।୩**

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆଗାମୀ ନିର୍ବାଚନରେ ଭାଗନେବାକୁ ଥିବା ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କୁ ନେଇ ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ନିର୍ବାଚନୀ ନିର୍ଦ୍ଦେଶାବଳୀ ସମ୍ପର୍କରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କୁ ଅବଗତ କରିବା ସକାଶେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅରିନ୍ଦମ ଡାକୁଆଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଭାରତୀୟ ନିର୍ବାଚନ କମିଶନଙ୍କ ନୂତନ ନିୟମ ଅନୁସାରେ ଆଗାମୀ ନିର୍ବାଚନରେ ପ୍ରାର୍ଥୀଗୁଡିକ କେଉଁ ସବୁ ବିଷୟ ପ୍ରତି ଧ୍ୟାନଦେବେ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କଲାବେଳେ ଆୟ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ସହ ପାନ୍ ନମ୍ବର ନାମାଙ୍କନ ପତ୍ରରେ ଉଲ୍ଲେଖ କରିବା ଉପରେ ସୂଚନା ଦିଆଯାଇଥିଲା। ନାମାଙ୍କନ ପତ୍ର ଦାଖଲ ସମୟରେ ନାମାଙ୍କନ ପତ୍ର ଓ ସତ୍ୟପାଠରେ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ



ନିର୍ବାଚନ ସଂକ୍ରାନ୍ତୀୟ ସୂଚନା ପ୍ରଦାନ ପାଇଁ ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନେଅତିକ ପ୍ରତିନିଧିଙ୍କ ସହ ଅନୁଷ୍ଠିତ ବୈଠକ ।

- ବିଧାନସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୨୮ ଲକ୍ଷ
- ଲୋକସଭା ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ୭୦ ଲକ୍ଷ
- ଆୟ ଖର୍ଚ୍ଚ ସହ ପାନ୍ ନମ୍ବର ଉଲ୍ଲେଖ କରିବେ
- ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀ ବିଜ୍ଞାପନରେ ଦେବେ ସୂଚନା


ବିବରଣୀ ଉଲ୍ଲେଖ କରିବେ। ପାନ କାର୍ଡ ନ ଥିଲେ ପାନକାର୍ଡ ଆବେଦନର ରସିଦ୍ ଦାଖଲ କରିବାକୁ ହେବ। ନାମାଙ୍କନ ପତ୍ରରେ କୌଣସି ସ୍ତମ୍ଭ ଅସମ୍ପୂର୍ଣ୍ଣ ରହିବ ନାହିଁ । ନୂତନ ନିୟମ ଅନୁସାରେ ଅପରାଧ ପୃଷ୍ଠଭୂମି ଥିବା ପ୍ରାର୍ଥୀଙ୍କ କ୍ଷେତ୍ରରେ ନାମାଙ୍କନ ପତ୍ର ଦାଖଲଠାରୁ ନିର୍ବାଚନ ପ୍ରଚାରର ଶେଷଦିନ ପର୍ଯ୍ୟନ୍ତ ସମ୍ପୃକ୍ତପ୍ରାର୍ଥୀ ଅତିକମ୍‌ରେ ଛାପା ଓ ବୈଦ୍ୟୁତିକ ଗଣମାଧମରେ ବିଜ୍ଞାପନ ଜରିଆରେ ପ୍ରକାଶିତ ଓ ପ୍ରସାରିତ କରିବେ। ବୈଠକରେ ଇଭିଏମ୍ ଓ ଭିଭିପାଟ୍ ମେଶିନ୍ ବାବଦରେ ଜିଲା ନିର୍ବାଚନ ଅଧିକାରୀ ଡାକୁଆ ବିସ୍ତୃତ ସୂଚନା ଦେଇଥିଲେ। ଏଥର ଇଭିଏମ୍ ବାଲାଟ୍‌ରେ ପ୍ରାର୍ଥୀଙ୍କ ଫଟୋ ରହିବ। ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ଫଟୋ ନିର୍ଦ୍ଦିଷ୍ଟ ରାଜନୈତିକ ଦଳଗୁଡିକ ଦେବେ । ପ୍ରଥମ ଥର ନିର୍ବାଚନ କମିଶନ ପ୍ରଚଳନ କରିଥିବା ମୋବାଇଲ ଆପ୍ ସି–ଭିଜିଲକୁ ଜନସାଧାରଣ ବ୍ୟବହାର କରିପାରିବେ ବୋଲି ଡାକୁଆ ସୂଚନା ଦେଇଥିଲେ। ନିର୍ବାଚନ ସମୟରେ ଟଙ୍କାବଣ୍ଟନ ଓ କୌଣସି ସ୍ଥାନରେ ଗଣ୍ଡଗୋଳର ଦୃଶ୍ୟ ସି–ଭିଜିଲ ଆପ୍ ଜରିଆରେ ଅପ୍‌ଲୋଡ କଲେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚଳିତ ନିର୍ବାଚନରେ ବିଧାନସଭା ପ୍ରାର୍ଥୀ ନିମନ୍ତେ ୨୮ ଲକ୍ଷ ଟଙ୍କା ଓ ଲୋକସଭା ପ୍ରାର୍ଥୀ ନିମନ୍ତେ ୭୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ସୀମା ଧାର୍ଯ୍ୟ କରାଯାଇଛି। ବୈଠକରେ ନିର୍ବାଚନ ଆଚରଣ ବିଧି ପାଳନ ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା । ଏପରି କି ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଅତିରିକ୍ତ ଜିଲାପାଳ ପରୀକ୍ଷିତ ସେଠୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ ମହେଶ୍ୱର ସ୍ୱାଇଁ, ବଲାଙ୍ଗୀର ଉପଜିଲାପାଳ ଭୈରବ ସିଂ ପଟେଲ, ଟିଟିଲାଗଡ ଉପଜିଲାପାଳ ସୁଧାକର ନାଏକ, ପାଟଣାଗଡ ଉପଜିଲାପାଳ ସାକ୍ତ୍ୟ କ୍ରିଷ୍ଣନ୍ କେପି, ନିର୍ବାଚନ ଅଧିକାରୀ ସୁଚେତା ପୁଷ୍ପା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ପକାଘର ଆଶ୍‌ରେ ବୁରୁଧି ମହିଲା ବସନ୍ତ

**ଲୋଇସିଂହା,୧୩।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗାଁର ବୁରୁଧି ବିଧବା ବସନ୍ତ ବିଶ୍ୱାଳ(୭୫)। ବଏସ୍‌ର ଶେଷ୍ ମୁଡ଼ସାକେ ସେ ପୁହୁଁଚି ଯାଇଛନ୍। ତାକର ରହିବାର ଲାଗି ଭଲ ଘରଖଁଡ଼େ ନାଁଇଁନ। ଅସାହା, ନିସାହା, ନିଆଁସି, ଭିନ୍ନକ୍ଷମମାନକୁ ସରକାର ଆବାସ ଯୋଜନାରେ ସାମିଲ କରି ପକାଘର ଯୁଗେଇ ଦେଉଛନ୍। ହେଲେ ନିସାହା ବିଧବା ବସନ୍ତ ସରକାରୀ ଯୋଜନାରୁ ବଁଚିତ୍ ହେଇଥିବାର ଅଭିଯୋଗ କରିଛନ୍।

ସୂଚନା ହିସାବେ, ଆଗଲପୁର ବ୍ଲକ ନଅଗାଁ(ଖ) ପଁଚେତ୍ ସଦରଗାଁର ସ୍ୱର୍ଗତ ନରସିଂହ ବିଶ୍ୱାଳକଁର ବିଧବା ମାଏକିନା ହେଉଛନ୍ ବସନ୍ତ। ତାକର ପୁଓ ନାଇଁ, ଖାଲି ଝିଁ ଦୁଇଟା। ସେମାନେ କେଭ୍‌ଠାନୁ ବିହାତୁରା ହେଇ ଶାଶ୍



ନିଜର ଦଦ୍‌ରା ଘର ଆଗେ ବିଧବା ବସନ୍ତ।

ଘରମାନକୁ ଖଟୁଛନ୍। ହେଲେ ଗୁଟେ ଝିଁ ଗାଁରେ ବିହା ହେଇଥିବାର ଲାଗି ସମିଆ ଅସମିଆରେ ବସନ୍ତକେ ଗୁଟ୍‌ରୁଛନ୍। ହେଲେ ତାକର ବି ବଡ଼ ପରିବାର ସବୁବେଲେ ଗୁଟିରବାରଟା ସମ୍ଭବ ନାଇଁ ହେବାର ବଲି ବସନ୍ତ କହିଥିଲେ। ସେ ଯେନ୍ ଘରେ ରହୁଛନ୍ ସେଟା ଗୁଟେ ପୁରନାକାଲିଆ ଘର, ମରାମତି ଅଭାବୁ ଘରଭିତରେ ଥିଲେ ବି ସୂର୍ଯ୍ୟ, ଚନ୍ଦ୍ର ଦିଶୁଛନ୍। ଘର ମରାମତି କରବାକେ ବସନ୍ତ ସକ୍ଷମ ନୁହଁନ କି ତାକର ପାସେ ସମ୍ବଲ ନାଇଁ। ସରକାରୀ ସୁବିଧା ବଏଲେ ବସନ୍ତ ଫିମାସ ପଁଚେତ୍‌ରୁ ପାଉଥିବାର ୫ କେ.ଜି. ଚାଉଲ ଆର ବିଧବା ଭତା ତାକର ସାହା ଭରସା। ହେଲେ ୫ କେ.ଜି. ଚାଉଲ ତାହାକୁ ନିହଁଟ ପଡୁଛେ। ଯେନ୍‌ଥିରଲାଗି ତାହାକୁ ମାସିକ ୩୫ କେ.ଜି. ଚାଉଲ ଆର ଆବାସ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଗଣମାଧ ଜରିଆରେ ପଁଚେତ କର୍ତ୍ତୃପକ୍ଷ ଆର ଥାନୀୟ ବ୍ଲକ ପରଶାସନକେ ଅନୁରୋଧ କରିଛନ୍। ଇ ଦିଗେ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ବସନ୍ତକୁଁ ସରକାରୀ ନିୟମ ହିସାବେ ପକାଘର ଖଁଡ଼େ ଆର ୩୫ କେ.ଜି. ଚାଉଲ ଯୁଗେଇ ଦେବାକେ ଦାବି ହେଉଛେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଡିମାଣ୍ଡ ନୋଟିସ୍


ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ଋଣଗ୍ରହୀତା: **ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କୁ** ଏହି ନୋଟିସ୍ ମାଧମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆଠଗଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମହାପାତ୍ର,** ପିତା: ନିତ୍ୟାନନ୍ଦ ମହାପାତ୍ର, ସା: ବଡ଼ଭୁଇଁଦଳ, ପୋ: ବଡ଼ଭୁଇଁ, ଥାନା: ଆଠଗଡ଼, ଜିଲ୍ଲା: କଟକ / **ଆକାଉଣ୍ଟ ନଂ.:** ୩୨୧୨୨୯୨୯୭୦୮ ଏବଂ ୩୨୮୩୮୭୦୦୪୫୭ | ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ଼ଭୁଇଁଦଳ, ଥାନା/ତହସିଲ: ଆଠଗଡ଼, ଜିଲ୍ଲା: କଟକ, ଖାତା ନଂ.: ୨୯୦/୩୪୫, ପ୍ଲଟ୍ ନଂ.: ୧୮୩୩, କ୍ଷେତ୍ର: ଏକର୦.୨୭ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଦିଗମ୍ବର ଦାସ, ପଶ୍ଚିମ: ରାହାସ ନରେନ୍ଦ୍ର, ଉତ୍ତର: ରାହାସ ନରେନ୍ଦ୍ର, ଦକ୍ଷିଣ: ରାସ୍ତା | ୦୧.୦୩.୨୦୧୯ | ୩୦.୦୪.୨୦୧୪ | ୧୬.୧୦.୨୦୧୮ ସୁଦ୍ଧା ଟ.୩୪,୭୧,୫୫୧.୫୭ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧମ ଦ୍ୱାରା ସେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୧୩.୦୩.୨୦୧୯, ସ୍ଥାନ : କଟକ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



❝ ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ଦାବି

**କୁଆଁରମୁଣ୍ଡା,୧୩।୩(ଡି.ଏନ.ଏ):** ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଏବେ ପୋଲିସ ପାଟ୍ରୋଲିଂ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଅଞ୍ଚଳରେ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଗତ ୨ସପ୍ତାହ ହେଲା ଏହି ଅଞ୍ଚଳରେ ଏକାଧିକ ଚୋରି ହୋଇଥିଲେ ମଧ୍ୟ ପୋଲିସ ଅପରାଧିମାନଙ୍କୁ ଧରିବା ଦୂରର କଥା ସେମାନଙ୍କ ଟେର ପାଇପାରୁ ନାହିଁ। ଫଳରେ ଅପରାଧିମାନେ କୁଆଁରମୁଣ୍ଡା, ପଦ୍ମପୁର, ଖୁଖୁଣ୍ଡୁବାହାଲ, କଚାରୁ, ଝାରବେଡ଼ା ଇତ୍ୟାଦି ଅଞ୍ଚଳରେ ବିଶେଷଭାବେ ସକ୍ରିୟ ରହୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଉ ଆଗଭଳି କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ହେଉନାହିଁ। ଏପରିକି ରାତ୍ରିକାଳୀନ ପାଟ୍ରୋଲିଂ ଆଦୌ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ କୁଆଁରମୁଣ୍ଡା ସଦର ଅଞ୍ଚଳର ବିଭିନ୍ନ ବସ୍ତିରେ ବହୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏ ନେଇ ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଲେ ଯେ, ଫାଣ୍ଡିରେ ଷ୍ଟାଫ ଅଭାବ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗୁରୁବାର ଠାରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଥାନାରୁ ଷ୍ଟାଫ ପଠାଇ ବ୍ୟବସ୍ଥା କରିବି ବୋଲି ଆଇଆଇସି ମାଝି କହିଛନ୍ତି। ତେବେ ଆଇଆଇସିଙ୍କ ଏହି ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

### ପିଠାର ମିଠା ଚଖାଇଦେଲା ପ୍ରଶାସନ

# କାର୍ଯ୍ୟକ୍ରମର ୩ ମାସ ପରେ ବି ମିଳୁନି ଘର

**ନୂଆପଡା ଅଫିସ,୧୩।୩**

ବ୍ଲକ ପ୍ରଶାସନ ତରଫରୁ ପିଠା କାର୍ଯ୍ୟକ୍ରମକୁ ଆମକୁ ଡାକି ନିଆଗଲା। ସେଠାରେ ଏକ କାର୍ଯ୍ୟାଦେଶ ଦିଆଗଲା। ପରେ ତାକୁ ଅଧିକାରୀମାନେ ନେଇଗଲେ। ଫଟୋ ଉଠାଇବାକୁ କହି ପୁରୁଣା ଘରକୁ ଭାଙ୍ଗିବାକୁ କୁହାଗଲା । ଅଧିକାରୀ ଫଟୋ ମଧ୍ୟ ଉଠାଇ ନେଲେ । ପରେ କାର୍ଯ୍ୟାଦେଶ ଏବଂ ଟଙ୍କା ମାଗିଲାବେଳକୁ ସମୟ ଗଡାଇଚାଲିଛନ୍ତି । ଧାର କରଜ କରି ଘର ଟିକକ ଆରମ୍ଭ କରିଛି । ହେଲେ ବର୍ତ୍ତମାନ ଘରର କାର୍ଯ୍ୟାଦେଶ କି ଟଙ୍କା ମଧ୍ୟ ମିଳୁନି । ପ୍ରଶାସନ ପିଠା ନାଁରେ ମିଠା ଚଖାଇ ଦେଇଛନ୍ତି ବୋଲି କ୍ଷୋଭ ପ୍ରକାଶ କରି କହିଛନ୍ତି ଠାକୁରପାଲି ଗାଁର ଘନଶ୍ୟାମ ବାରିକ । ବଡ ପରିବାର । ପରିବାରରେ ୧୭/୧୮ଜଣ ସଦସ୍ୟ ରହୁଛନ୍ତି। ଯେଣତେଣ ପ୍ରକାରେ କୁଡିଆ ଘରେ ରହି ଆସୁଥିଲେ । ଏବେ ଘର ଭାଙ୍ଗିଯିବା ପରେ ବାର ଦୁଆର ହେଉଛନ୍ତି ଘନଶ୍ୟାମଙ୍କ ପରିବାରବର୍ଗ ।

ପ୍ରକାଶ ଯେ, ସରକାର ଜିଲାବ୍ୟାପି ଲୋକଙ୍କୁ ଗୋଟିଏ ଷ୍ଟେଜରେ ବିଭିନ୍ନ ଯୋଜନାର ସୁଫଳ ଦେବାକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ପିଠା କାର୍ଯ୍ୟକ୍ରମ କଲେ। ହେଲେ ତାର ସୁଫଳ ଲୋକଙ୍କୁ ମିଳିପାରୁ ନ ଥିବା ଦେଖାଯାଇଛି । ପିଠା କାର୍ଯ୍ୟକ୍ରମରେ ଲୋକଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ କାର୍ଯ୍ୟାଦେଶ ଦେବାର ବାହାନା କରାଗଲା। ସେଥିରେ ଲୋକଙ୍କୁ ନେଇ ଫଟୋ ଉଠା କାର୍ଯ୍ୟକ୍ରମ କରାଗଲା । ହେଲେ ପରବର୍ତ୍ତି ସମୟରେ ଯୋରଯାର ମୂଳକତାର ନୀତିରେ ତାହା ଓଲଟପାଲଟ ହୋଇଯାଇଥିବା ଅଭିଯୋଗ ହୋଇଛି। ତାର ଏକ ଉଦାହରଣ ହେଲା ନୂଆପଡ଼ା ଜିଲା କୋମନା ବ୍ଲକ ସିଲଭା ଗ୍ରାମପଞ୍ଚାୟତ ଠାକୁରପାଲି ଗାଁର ଘନଶ୍ୟାମ ବାରିକ। ଗତବର୍ଷ ଡିସେମ୍ବର ୧୬ ତାରିଖରେ ସିଲଭା ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ପିଠା କାର୍ଯ୍ୟକ୍ରମକୁ ଘନଶ୍ୟାମଙ୍କୁ ଡକାଯାଇଥିଲା। ସେ କେତେ ଖୁସିରେ ଯାଇଥିଲେ । ସେହି ଗାଁର ଅନ୍ୟ ଦୁଇଜଣଙ୍କ ସାଙ୍ଗରେ କାର୍ଯ୍ୟାଦେଶ ଦିଆଗଲା । ପରବର୍ତ୍ତି ସମୟରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗାଁକୁ ଆସି ପୁରୁଣା ଘରକୁ ଭାଙ୍ଗିବାକୁ କହିଥିଲେ। ବାରମ୍ବାର କହିବା ପରେ ଘନଶ୍ୟାମ ଘର ଭାଙ୍ଗିଥିଲେ । ଧାରକରଜ କରି ଘର କାମ ମଧ୍ୟ ଆରମ୍ଭ କରିଛନ୍ତି । ବର୍ତ୍ତମାନ କାମ ସ୍ଲାବ ଲେଭେଲ ପର୍ଯ୍ୟନ୍ତ ସରିଛି । ହେଲେ ବାରମ୍ବାର ପଞ୍ଚାୟତକୁ ଦୌଡିଲେ ମଧ୍ୟ ତାଙ୍କୁ କୌଣସି ଟଙ୍କା ମିଳୁନାହିଁ । ଆଜିକାଲି କହି କର୍ତ୍ତୃପକ୍ଷ ଦିନ ଗଡାଇ ଚାଲିଥିବା ଘନଶ୍ୟାମ କହିଛନ୍ତି । ଏହା ଉପରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଖୀଶ୍ୟାମ ପ୍ରଧାନଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟାଦେଶ ଦିଆଯାଇନାହିଁ । ତାଲିକାର ଆପ୍ରୁଭାଲ ହୋଇପାରିନାହିଁ। ଖୁବଶୀଘ୍ର ହୋଇଯିବ ବୋଲି କହିଛନ୍ତି। ଏହା ଉପରେ ଡିଆରଡିଏ ଏପିଡି ବିଦେଶ ଘୋଷଙ୍କୁ ପଚାରିବାରୁ ଏଭଳି କୋମନା ବ୍ଲକର ୩/୪ଜଣଙ୍କ କାର୍ଯ୍ୟାଦେଶ ଆପ୍ରୁଭାଲ ହୋଇପାରିନାହିଁ । ନିର୍ବାଚନ ପରେ ଏହା ହୋଇଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, କୋମନା ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତରେ ବହୁ ଥିଲାବାଲାଙ୍କୁ ଅନିୟମିତତା କରି ଘର ଦିଆଯାଇଥିବାବେଳେ ନିରୀହ ଦୁର୍ବଳ ଲୋକଙ୍କ ଘର ମଞ୍ଜୁରୀ ହୋଇଥିଲେ ମଧ୍ୟ ପରବର୍ତ୍ତି ସମୟରେ ତାଙ୍କୁ କୌଶଳ କରି ତାଲିକାରୁ ବାଦ କରି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି ।


ଅର୍ଦ୍ଧନିର୍ମିତ ଘର ସମ୍ମୁଖରେ ସ୍ତ୍ରୀଙ୍କ ସହ ସ୍ୱାମୀ ଘନଶ୍ୟାମ ବାରିକ।


କୁଡ଼ିଆ ଘରେ ରହୁଛନ୍ତି ଘନଶ୍ୟାମଙ୍କ ପରିବାର ଲୋକ ।

- କାର୍ଯ୍ୟାଦେଶ ଫାଇଲ ଦେଇ ଫେରାଇ ନେଲେ
- ୧୭ ପରିବାର ଲୋକ ଦାଣ୍ଡରେ ଶୋଉଛନ୍ତି

### ବ୍ରାହ୍ମଣ ସମାଜ ପକ୍ଷରୁ ଏପ୍ରିଲ ପହିଲାରେ ସାମୂହିକ ବ୍ରତୋପନୟନ

**ସୁନ୍ଦରଗଡ଼, ୧୩।୩ (ଡି.ଏନ୍.ଏ)**

ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ମାର୍ଚ୍ଚ ୩୧ ଓ ଏପ୍ରିଲ ପହିଲାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର ହୋଇଛି। ଜିଲା ବ୍ରାହ୍ମଣ ସମାଜ ଉପସଭାପତି ଚିନ୍ମୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ଜିଲା ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି ବିଶେଶ୍ୱର ପୁରୋହିତଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହା ପରେ ପ୍ରତିବର୍ଷ ଭଳି ଚଳିତବର୍ଷ ପାଇଁ ବ୍ରାହ୍ମଣ ସମାଜ ତରଫରୁ ସାମୂହିକ ବ୍ରତୋପନୟନ ପାଇଁ ଦିନଧାର୍ଯ୍ୟ କରାଯାଇଥିଲା। ଏହି ବୈଠକରେ ସୁନ୍ଦରଗଡର ହେମନ୍ତ ଦାଶ, ବଳରାମ ଦାଶ, ଉପେନ୍ଦ୍ର ମିଶ୍ର, କେଶବ ସା, ମୀନକେତନ ଦାଶ, ବାଦଶା ହୋତା, ରାମେଶ୍ୱର ହୋତା, ଦୀନଦୟାଲ ପାଣିଗ୍ରାହୀ, ମୁରଲୀଧର ପଣ୍ଡା, ଆଲୋକ ପୂଜାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ବ୍ରାହ୍ମଣ ସମାଜର ସଚିବ ବେଣୁମାଧବ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ସପ୍ତାହେ ପରେ ବାର୍ଷିକ ପରୀକ୍ଷା

# ଶିକ୍ଷକ ପାଠପଢ଼ା ଛାଡ଼ି ତାଲିମରେ ନିୟୋଜିତ

**ଭବାନୀପାଟଣା,୧୩।୩ (ଡି.ଏନ.ଏ.)**

ସମସ୍ତ ୬ ରୁ ୧୪ ବର୍ଷର ଶିଶୁଙ୍କୁ ବାଧ୍ୟତାମୂଳକ ଶିକ୍ଷାଦାନ ପାଇଁ କାର୍ଯ୍ୟକାରୀ ହେଉଛି ଶିକ୍ଷା ଅଧିକାର ଆଇନ। ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଛି। କିନ୍ତୁ ଅନେକସ୍ଥଳେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ନିର୍ଭୁଲ ଭାବେ ଓଡିଆ ପଢ଼ି ପାରୁ ନ ଥିବା ଅଭିଯୋଗ ହେଉଛି । ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଉଜ୍ଜ୍ୱଳ, ଉତ୍‌ଥାନ, ଉତ୍କର୍ଷ ଆଦି ନାମରେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବର୍ଷ ତମାମ ତାଲିମ ପ୍ରଦାନ କରାଯାଉଛି । କିନ୍ତୁ ଏହି ତାଲିମ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ରହୁ ନାହିଁ । ପ୍ରତି ତାଲିମ ସମୟରେ ବିଦ୍ୟାଳୟରେ ନିୟୋଜିତ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ନିୟୋଜିତ କରାଯାଉଥିବା ବେଳେ ଅନ୍ୟ ଜଣକ ବିଦ୍ୟାଳୟ ଖୋଲି ବସୁଛନ୍ତି । ଯେଉଁଥିପାଇଁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ଅଳ୍ପ କିଛି ଦିନ ପରେ ଚଳିତଶିକ୍ଷା ବର୍ଷର ଶେଷ ପରୀକ୍ଷା ଅନୁଷ୍ଠିତ ହେବ । ଏଭଳି ସ୍ଥିତିରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦନର ଆବଶ୍ୟକତା ରହିଛି । କିନ୍ତୁ ପରିତାପର ବିଷୟ ଛାତ୍ରୀଛାତ୍ରମାନଙ୍କ ପାଠ ପଢ଼ାକୁ ଶିକ୍ଷା ବିଭାଗ ଦ୍ୱାରା ଅଣଦେଖା କରାଯାଇ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶିକ୍ଷା ବିଭାଗ ତାଲିମରେ ନିୟୋଜିତ କରାଯାଉଛି । ବହୁ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ଶତାଧିକ ଛାତ୍ରଛାତ୍ରୀ ପାଠ ପଢୁଥିଲେ ମଧ୍ୟ ମାତ୍ର ୨ଜଣ ଶିକ୍ଷକ ସେମାନଙ୍କ ପାଇଁ ନିଯୋଜିତ ହେଉଛନ୍ତି । ଏହି ଶିକ୍ଷକଙ୍କ ମଧ୍ୟରୁ ଜଣେ ମଧ୍ୟାହ୍ନ ଭୋଜନ, ନିର୍ବାଚନ କାର୍ଯ୍ୟ ସମେତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ଜଣେ ମାତ୍ର ଶିକ୍ଷକଙ୍କ ଦ୍ୱାରା ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏକା ସାଙ୍ଗରେ ଗୋଟିଏ କୋଠରି ମଧ୍ୟରେ ରଖି ପାଠ୍ୟ ଦାନ କରିବା ସମ୍ଭବ ନୁହେଁ । କେବଳ ଜଗିବା ରହିବା ସାର ହେଉଛି । ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦିଆଯାଇ ଏକ ନିର୍ଦ୍ଦିଷ୍ଟ ସମୟରେ ତାଲିମ କାର୍ଯ୍ୟ ପରିଚାଳନା କଲେ ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ ବୋଲି ଅଭିଭାବକ ମହଲରେ ଦାବି ହେଉଛି । ଏ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧୀର ଚନ୍ଦ୍ର ରଥଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ନିକଟରେ ଗୁଣାତ୍ମକ ଶିକ୍ଷାର ପ୍ରୟୋଗ ପାଇଁ ବିଭିନ୍ନ ସୂତ୍ରର ଆବଶ୍ୟକତା ରହିଛି । ତେଣୁ ସେହି ସୂତ୍ର ପ୍ରୟୋଗ ପାଇଁ ତାଲିମ ଏକାନ୍ତ ଆବଶ୍ୟକ । ଆସନ୍ତା ଶିକ୍ଷା ବର୍ଷ ପାଇଁ ଏହି ତାଲିମ ବ୍ୟବସ୍ଥା ବୋଲି ସୂଚନା ଦେଇଥିଲେ ।

# କୁଡ଼ିଆ ଘର ଭାଙ୍ଗି ବୃଦ୍ଧ ଆହତ

- ଆବାସ ଘର କାମ ସରିନି, କୁଡ଼ିଆ ଭରସା

**ନୂଆପଡା ଅଫିସ/କୋମନା, ୧୩।୩**

ନୂଆପଡ଼ା ଜିଲା କୋମନା ବ୍ଲକ ଢୋର୍ଲାମୁଣ୍ଡା ଗ୍ରାମପଞ୍ଚାୟତ କୋଟେନପଡା ଗାଁର ବୁଧୁରାମ ମାଝି (୮୦) ନାମକ ଜଣେ ବୃଦ୍ଧଙ୍କ ଉପରେ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘର ଭାଙ୍ଗି ପଡିବାରୁ ଗୁରୁତର ଭାବେ ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସରକାର ଲୋକଙ୍କୁ କୁଡିଆ ଘରେ ରହିବାକୁ ଦେବେନି। ସମସ୍ତଙ୍କ ସକାଶେ ପକ୍କା ଘର ଯୋଗାଇଦେ ବେବୋଲି ସରକାରୀ ଯୋଜନାରେ ସାମିଲ କରୁଛନ୍ତି । ହେଲେ ଠିକ ଭାବରେ କାମଗୁଡିକର ତଦାରଖ ସାଙ୍ଗକୁ ସରକାରୀ ବାବୁମାନଙ୍କ ପରିଚାଳନାଗତ ଦକ୍ଷତା ଅଭାବରୁ ଘରଗୁଡିକ ଅଧାପନ୍ତରିଆ ହୋଇ ପଡିରହୁଛି । ଲୋକେ ଗୋଟିଏ ପଟେ ପକ୍କା ଘର ଅଧାରେ ରହୁଥିବାବେଳେ ଅନ୍ୟପଟେ ବିପଦସଙ୍କୁଳ ଅବସ୍ଥାରେ କୁଡିଆ ଘରେ ରହୁଛନ୍ତି । ସେହି କୁଡିଆ ଘର ସେମାନଙ୍କୁ ବିପଦ ହେଉଛି। ଏଭଳିସ୍ଥିତି ହୋଇଛି କୋମନା ବ୍ଲକ ଢୋର୍ଲାମୁଣ୍ଡା ଗ୍ରାମପଞ୍ଚାୟତର କୋଟେନ ପଡାରେ। ସେଠିକାର ବୁଧୁରାମ ନାମକ ଜଣେ ବୃଦ୍ଧଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ମିଳିଥିଲା। ସେହି ଅନୁସାରେ ଘର ନିର୍ମାଣ କାମ ଆରମ୍ଭ କରିଥିଲେ ।

ଅଧା ଟଙ୍କା ମିଳି ଥିବାବେଳେ ବାକି ଟଙ୍କା ମିଳିପାରିନାହିଁ । ଫଳରେ ଘର ଅଧାରେ ରହିଯାଇଛି । ତେଣୁ କରି ବାଧ୍ୟ ହୋଇ ଏକ କୁଡିଆ ଘରେ ବୁଧୁରାମ ରହିଆସୁଥିଲେ। ବୁଧବାର ପୂର୍ବାହ୍ନରେ ପବନ ହେବାରୁ ଏହି କୁଡିଆ ଘର ଭାଙ୍ଗି ପଡିଥିଲା । ଘରେ ଶୋଇଥିବା ବୃଦ୍ଧଙ୍କ ଉପରେ ପଡିବାରୁ ସେ ଗୁରୁତର ଭାବେ ଆହତ ହୋଇଥିଲେ । ପଡୋଶୀ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏଭଳି ଜିଲାବ୍ୟାପି ଘର ସବୁ ଅଧାପନ୍ତରିଆ ହୋଇ ପଡିରହିଛି। ସେ ଗୁଡିକ ଉପରେ ତୁରନ୍ତ ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ସଭିଙ୍କ ଅବସ୍ଥା ଯେ ବୁଧୁରାମ ଭଳି ନ ହେବ ତାହା କହିହେବନାହିଁ ।


ଗୁରୁତର ଆହତ ବୁଧୁରାମଙ୍କୁ ଚିକିତ୍ସା କରାଯାଉଛି ।

# ସ୍ତ୍ରୀଙ୍କୁ ପିଟି ହତ୍ୟାକଲେ ସ୍ୱାମୀ

**ଲହୁଣୀପଡା, ୧୩।୩ (ଡି.ଏନ.ଏ)**

ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ ବାଡିରେ ପିଟିପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଲହୁଣୀପଡା ଥାନା ଅନ୍ତର୍ଗତ ବୁର୍ଡା ପଞ୍ଚାୟତର ରାମାରୁଡା ଗ୍ରାମରେ ମଙ୍ଗଳବାର ରାତି ପ୍ରାୟ ୧ଟାରେ ଏହି ଘଟଣା ଘଟିଛି। ରାତିରେ ଖାଇ ସାରି ସ୍ୱାମୀସ୍ତ୍ରୀ ଶୋଇଥିଲେ। କୌଣସି କାରଣ ଯୋଗୁ ରାମଚନ୍ଦ୍ର ମୁଣ୍ଡା (୨୭) ସ୍ତ୍ରୀ ଯମୁନା (୨୫)ଙ୍କ ସହିତ ଝଗଡା କରିଥିଲେ।

ଯମୁନା ବିରୋଧ କରିବାରୁ ରାମଚନ୍ଦ୍ର ଅତ୍ୟଧିକ ରାଗି ଯାଇ ଏକ ବାଡିରେ ଯମୁନାଙ୍କୁ ବାରମ୍ବାର ପ୍ରହାର କରିଥିଲେ। ରକ୍ତାକ୍ତ ଅବସ୍ଥାରେ ସକାଳ ପର୍ଯ୍ୟନ୍ତ ଯମୁନା ପଡିରହିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାମଚନ୍ଦ୍ରଙ୍କ ଘର ସାହି ମଧ୍ୟରୁ ଅନତି ଦୂରରେ ଥିବାରୁ କେହି ଜାଣିପାରି ନ ଥିଲେ। କିନ୍ତୁ କୌଣସି ମତେ ଲୋକମାନେ ଜାଣି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିବା ସହିତ ବାଡିକୁ ମଧ ଜବତ କରିଥିଲେ। ରାମଚନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଲେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବ ନ୍ତୁ !!
କୌଣସି ବି କାମ, ତୁରନ୍ତ
ସମସ୍ୟାରୁ ନିଷ୍କାସ ବାହିଁବି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅଲଗି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆସରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ବାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Connaught Place, Delhi.

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଧରିତ୍ରୀ DHARITRI

ସମ୍ବଲପୁର, ଗୁରୁବାର, ୧୪ ମାର୍ଚ୍ଚ, ୨୦୧୯



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ପୂର୍ବତନ କ୍ରୀଡ଼ାବିତ୍‌ଙ୍କ ପରଲୋକ

**ଜୁନାଗଡ,୧୩।୩(ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୁନାଗଡ ସହରର ବିଶିଷ୍ଟ ବ୍ୟକ୍ତି ତଥା ପୂର୍ବତନ କ୍ରୀଡାବିତ୍ ରାମନିବାସ ଅଗ୍ରୱାଲ(୮୧)ଙ୍କ ସୋମବାର ଭୋରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ଜୁନାଗଡ ସହରରେ ଶୋକର ଛାୟା ଖେଳିଯାଇଥିଲା। ମଙ୍ଗଳବାର ତାଙ୍କର ଶେଷକୃତ ସମ୍ପନ୍ନ କରାଯାଇଛି। ଏହି ସମୟରେ ଅନେକ ଲୋକଙ୍କ ଜନସମାଗମ ହୋଇଥିଲା। ପୁଅ କୈଳାସ ମୁଖାଗ୍ନି ଦେଇଥିଲେ।

### ଇଂଲିଶ ମିଡ଼ିୟମ୍ ସ୍କୁଲ ଉଦ୍‌ଘାଟିତ

**ଭବାନୀପାଟଣା,୧୩।୩ (ଡି.ଏନ.ଏ.)-** ଭବାନୀପାଟଣା ସଦର ବ୍ଲକ ବୋର୍ଡାଠାରେ ନୂତନ ଲୋକବିକାଶ ଇଂଲିଶ ମିଡ଼ିୟମ ସ୍କୁଲ ଉଦଘାଟିତ ହୋଇଯାଇଛି। ସ୍କୁଲ ଅଧକ୍ଷ ଗତିକୃଷ୍ଣ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୋର୍ଡା ସରପଞ୍ଚ ରାନାରାଣୀ ଜାଲ ମୁଖ୍ୟଅତିଥି, ଡୁମୁରିଆ ସରପଞ୍ଚ ସଂଜୀବ କୁମାର ମିଶ୍ର, ସମିତି ସଭ୍ୟା ମନୀଷା ଭୋଇ, ରୋଶନ ଲାଲ ଛତର, ଶିକ୍ଷକ ନାରାୟଣ ଭୋଇ, ହର ପ୍ରସାଦ ଛୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସୁଜିତ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧରେ ଧନଞ୍ଜୟ ଗହିର, ଉମେଶ ଚନ୍ଦ୍ର ଛତ୍ରିଆ, ଯୁଧିଷ୍ଠିର ଜାଲ, ଅଶ୍ୱିନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏହି ଅନୁଷ୍ଠାନ ଦ୍ୱାରା ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ସ୍କୁଲର ଅଧକ୍ଷ ସାହୁ ପ୍ରକାଶ କରିଛନ୍ତି।

# ମହାରାଷ୍ଟ୍ରରେ ୧୧ ଦାଦନ ଶ୍ରମିକ ବନ୍ଧକ

**କେସିଙ୍ଗା,୧୩।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୧୬ଜଣ ଦାଦନ ଶ୍ରମିକଙ୍କ ସହ ୫ଜଣ ଶିଶୁ ମହାରାଷ୍ଟ୍ରର ଲୁତୁର ଜିଲା ଅନ୍ତର୍ଗତ ମୁରୁଡ ଥାନା ଅଧୀନ ଏକୁର୍ଗା ଗ୍ରାମର ଇଟାଭାଟି ମାଲିକଙ୍କ ନିକଟରେ ବନ୍ଧା ପଡିଛନ୍ତି । ସେମାନଙ୍କ ମଧ୍ୟରୁ ବୁଧବାର ୫ ଜଣଙ୍କୁ ଜିଲା ଶ୍ରମ ଅଧିକାରୀଙ୍କ ଉଦ୍ୟମକ୍ରକwପମେ ଦାଦନ ସର୍ଦ୍ଦାର ଛାଡିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବରରେ କେସିଙ୍ଗା ବ୍ଲକର ଏହି ଦାଦନ ଶ୍ରମିକମାନେ ମହାରାଷ୍ଟ୍ରର ଲୁତୁର ଜିଲା ଅନ୍ତର୍ଗତ ମୁରୁଡ ଥାନା ଅଧୀନ ଏକୁର୍ଗା ଗ୍ରାମ ଇଟା ଭାଟିରେ କାମ କରିବାକୁ ଯାଇଥିଲେ । ସେଠାରେ ନିର୍ଯାତନା ଦିଆଯାଉଥିବା ଜଣାପଡ଼ିବା ପରେ କଳାହାଣ୍ଡି ଜିଲାପାଳଙ୍କଠାରେ ଦାଦନଙ୍କୁ ଉଦ୍ଧାର ପାଇଁ ଗତ ଜାନୁୟାରୀ ୧୪ ତାରିଖରେ ଦାଦନ ଶ୍ରମିକଙ୍କ ପରିବାରବର୍ଗ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଶ୍ରମ ଅଧିକାରୀ ଭୁବନେଶ୍ୱରସ୍ଥିତ ଶ୍ରମ କମିଶନରଙ୍କୁ ଜାନୁୟାରୀ ୧୮ ତାରିଖରେ ଚିଠି ନଂ. ୭୭ରେ ପ୍ରେରଣ କରିଥିଲେ। ଜିଲା ଶ୍ରମ ଅଧିକାରୀଙ୍କ ଉଦ୍ୟମକ୍ରମେ ନାନ୍ଦେଶ ଠାରୁ ଗୀତାଞ୍ଜଳୀ ଏକ୍ସପ୍ରେସରେ ନାଗପୁର ପହଞ୍ଚି ସେଠାରୁ ୫ ଜଣଙ୍କୁ ଉଦ୍ଧାର କରିଥିଲେ । ପରେ ସୁରତ ପୁରୀ ଏକ୍ସପ୍ରେସ ଯୋଗେ ନାଗପୁର ଦେଇ କଣ୍ଟାବାଞ୍ଜିରେ ବୁଧବାର ୧୨ଟାରେ ପହଞ୍ଚିଥିଲେ । କଣ୍ଟାବାଞ୍ଜି ଷ୍ଟେଶନରେ ଶ୍ରମିକମାନେ ଓହ୍ଲାଇଥିଲେ । ପରେ ଦାଦନ ସର୍ଦ୍ଦାର ଧିରଜ ଲୋହରା (ମାଝି) ଏକ ସାଧା କାଗଜରେ ୫ଜଣ ଶ୍ରମିକମାନଙ୍କଠାରୁ ଜାଲ ଦସ୍ତଖତ ନେଇଥିଲେ। ଏଥିରେ ସେମାନେ ପୂର୍ବରୁ ୨୫ ହଜାର ଟଙ୍କା ଲେଖାଏଁ ଜଣ ପିଛା ଅଗ୍ରିମ ନେଇଥିଲେ ବୋଲି ଲେଖାଯାଇଥିଲା । ଏହି ୫ ଜଣ ଶ୍ରମିକଙ୍କ ମଧ୍ୟରୁ ଅନ୍ତ ଗଉଡଙ୍କୁ ଦାଦନ ସର୍ଦ୍ଦାର ନିଜ ଗ୍ରାମ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଝୁମୁଲା ଗ୍ରାମକୁ ନେଇ ଅଗ୍ରିମ ଟଙ୍କା ଫେରସ୍ତ ପାଇଁ ଏକ ଘରେ ଅଟକ ରଖିଛନ୍ତି । ଅଗ୍ରୀମ ଟଙ୍କା ଫେରସ୍ତ କରା ନ ଗଲେ ଛାଡ଼ିବେ ନାହିଁ ବୋଲି କଣ୍ଟାବାଞ୍ଜି ଷ୍ଟେଶନରୁ ତାଙ୍କୁ ସର୍ଦ୍ଦାର ନେଇଯାଇଛି । ଏ ନେଇ କଳାହାଣ୍ଡି ଅତିରିକ୍ତ ଜିଲାଶ୍ରମ ଅଧିକାରୀ ସଂଗ୍ରାମ ଦଲାଇଙ୍କୁ ପଚାରିବାରୁ ତାଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଦାଦନ ଶ୍ରମିକମାନଙ୍କ ପାଖରେ ଥିବା ଟଙ୍କା, ମୋବାଇଲ ମଧ ଦାଦନ ସର୍ଦ୍ଦାର ଧିରଜ ଲୋହରା ଛଡେଇ ନେଇଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି ।



ମହାରାଷ୍ଟ୍ରର ଏକୁର୍ଗାର ଇଟା ଭାଟିରେ ବନ୍ଧା ପଡିଥିବା ଦାଦନ ପରିବାରବର୍ଗ ।

**ସରୁନି ଦାଦନ ଦୁଃଖ**

- ଫେରିଲେ ୫ ଶ୍ରମିକ
- ସାଦା ଧଳାକାଗଜରେ ଦସ୍ତଖତ ନେଇ ୪ଜଣଙ୍କୁ ଛାଡିଲେ ସର୍ଦ୍ଦାର
- ସର୍ଦ୍ଦାରଙ୍କ କବ୍‌ଜରେ ଜଣେ ଦାଦନ ଶ୍ରମିକ
- ଅଗ୍ରିମ ଟଙ୍କା ଫେରସ୍ତ ପାଇଁ ଦାବି କରୁଛି ସର୍ଦ୍ଦାର

# ନାବାଳିକାଙ୍କୁ ଅପହରଣ ଅଭିଯୋଗ: ଯୁବକ ଗିରଫ

**କୋକସରା,୧୩।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ନାମ ଚନ୍ଦ୍ରଶେଖର ବାଗ(୩୦)। କୋକସରା ବ୍ଲକ୍ ଗମ୍ଭାରିଗୁଡ଼ା ପଞ୍ଚାୟତ ଅଁଳାଗୁଡ଼ା ଗ୍ରାମର ବିବାହିତ ଯୁବକ ଚନ୍ଦ୍ରଶେଖର ବାଗଙ୍କ କୋକସରା ବସ୍‌ଷ୍ଟାଣ୍ଡ ପାଖରେ ଏକ ମୋବାଇଲ ଦୋକାନ ରହିଛି। ସ୍ଥାନୀୟ ଏକ କଲେଜର ଯୁକ୍ତଦୁଇ ପ୍ରଥମ ବର୍ଷ ପଢୁଥିବା ଜଣେ ନାବାଳିକା ମୋବାଇଲ ଖରାପ ହେବାରୁ ସେହି ମୋବାଇଲ ଦୋକାନକୁ ଆସି ମରାମତି ପାଇଁ ସମ୍ପୃକ୍ତ ଯୁବକଙ୍କୁ ଦେଇଥିଲେ। ପରେ ଯୁବକ ଜଣକ ବିଭିନ୍ନ ଆଳ ଦେଖାଇ ତାଙ୍କୁ ପ୍ରଲୋଭନ ଦେଖାଇବା ସହ ପରବର୍ତ୍ତୀ ଅବସ୍ଥାରେ ସୋସିଆଲ ମିଡ଼ିଆରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବଢ଼ିଥିଲା। ଯୁବକଙ୍କ କଥାରେ ପଡ଼ି ନାବାଳିକା ଗତ ୭ ତାରିଖରେ କଲେଜ ଯିବା ବାହାନାରେ ଆସି ଯୁବକଙ୍କ ସହିତ କୁଆଡେ ଫେରାର ହୋଇଯାଇଥିଲେ। ପରେ ଯୁବକ ଜଣକ ବିବାହିତ ଓ ତାଙ୍କର ଦୁଇଗୋଟି ପୁଅ ଥିବା ନାବାଳିକା ଜାଣିଥିଲେ। ଝିଅ କଲେଜରୁ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ । ହେଲେ କୌଣସି ଉତ୍ତର ନ ମିଳିବାରୁ ଝିଅର ସାଙ୍ଗମାନଙ୍କୁ ପଚାରିବାରୁ ସମ୍ପୃକ୍ତ ଯୁବକ ସହ ସମ୍ପର୍କ ଥିବା ସନ୍ଦେହରେ କୋକସରା ଥାନାରେ ଗତ ୮ ତାରିଖରେ ଝିଅ ନିଖୋଜ ନେଇ ପରିବାରବର୍ଗ ଅଭିଯୋଗ କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ଟ୍ରାକିଂ କରିବା ପରେ ଜୟପାଟଣା ବ୍ଲକ୍ ଜରିଗୁମା ଗାଁ ଆଖପାଖରେ ଥିବା ଜାଣିପାରିଥିଲା। ସେଠାକୁ ଯାଇ ସମ୍ପୃକ୍ତ ଯୁବକଙ୍କ ସ୍ତ୍ରୀଙ୍କ ବୟାନକୁ ଆଧାର କରି ଜରିଗୁମା ଗାଁଠାରୁ ଯୁବକଙ୍କ ସମ୍ପର୍କୀୟ ଘରୁ ନାବାଳିକା ସହ ତାଙ୍କୁ ଉଦ୍ଧାର କରିଥିଲା। ପରେ ନାବାଳିକା ପରିବାର ତରଫରୁ ଦିଆଯାଇଥିବା ଅଭିଯୋଗ ଓ ନାବାଳିକାଙ୍କ ବୟାନକୁ ଭିତ୍ତି କରି ସମ୍ପୃକ୍ତ ଯୁବକକୁ ଗିରଫ କରିଥିଲା । ପୋଲିସ ଘଟଣାରେ ଯୁବକଙ୍କ ସମ୍ପୃକ୍ତି ଥିବା ଠୋସ ପ୍ରମାଣ ପାଇବା ସହ ନାବାଳିକାଙ୍କ ଡାକ୍ତରୀମାଇନା କରାଇଛି। ନାବାଳିକା ଅପହରଣ ଅଭିଯୋଗରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ପୋଲିସ ଏ ନେଇ ଥାନାରେ ଫଦା ୩୬୩, ୩୬୬, ଆଇପିସ ୫୦୬ ଓ ପୋସ୍କୋ ଆକ୍ଟ ୧୨ରେ ଏକ ମାମଲା (ନଂ.୪୭/୨୦୧୯) ରୁଜୁ କରିଛି । ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ବୋଲି ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି ।



ଗିରଫ ଅଭିଯୁକ୍ତ ।

ପିଡବ୍ଲ୍ୟୁଡି ବିଭାଗର ଖାମଖିଆଲି ମନୋଭାବ

# ରାସ୍ତା ପାର୍ଶ୍ୱ ସୂଚନା ଫଳକରେ ତ୍ରୁଟି

- ପଥଭ୍ରାନ୍ତ ହେଉଛନ୍ତି ଲୋକେ

**ଜୁନାଗଡ,୧୩।୩ (ଡି.ଏନ.ଏ.)**

ଜନସାଧାରଣଙ୍କ ସୂଚନା ନିମନ୍ତେ ରାସ୍ତା ପାର୍ଶ୍ୱରେ ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ପକ୍ଷରୁ ସୂଚନା ଫଳକ ଲଗାଯାଉଛି। ଏହାର ଉଦ୍ଦେଶ୍ୟ ହେଲା ଲୋକମାନେ ସୂଚନା ଫଳକ ଦେଖି ସୁବିଧାରେ ନିଜ ଗନ୍ତବ୍ୟ ସ୍ଥାନରେ ପହଞ୍ଚିପାରିବେ। ତେବେ ବିଭାଗ ପକ୍ଷରୁ ଲଗାଯାଉଥିବା ଏହି ସୂଚନା ଫଳକରେ ତ୍ରୁଟି ରହି ଯାଉଥିବାରୁ ଲୋକମାନେ ଏବେ ପଥଭ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି। ପିଡବ୍ଲ୍ୟୁଡି ବିଭାଗର ଏପରି ଖାମଖିଆଲି ମନୋଭାବ ଯୋଗୁ ସାଧାରଣରେ ଏବେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ୨୬ ନଂ. ଜାତୀୟ ରାଜପଥ (ହାତୀନଦୀ ନିକଟ)-ଆଚିଗାଁ ପିଡବ୍ଲ୍ୟୁଡି ରାସ୍ତାରେ। ଏହି ରାସ୍ତାର ନୂଆଗୁଡା ଛକଠାରେ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ଲଗାଯାଇଥିବା ସୂଚନା ଫଳକରେ ତ୍ରୁଟି ରହିଯାଇଛି। ନୂଆଗୁଡାକୁ ଯାଉଥିବା ରାସ୍ତାର ଛକରେ ଜମୁନାବାହାଲ ଗ୍ରାମର ସୂଚନା ଫଳକ ଲଗାଯାଇଛି। ଫଳରେ ଲୋକମାନେ ଉକ୍ତ ୨ଟି ଗାଁକୁ ଯାତାୟାତ କରିବା ସମୟରେ ଦ୍ୱନ୍ଦରେ ପଡି ପଥପ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ନୂଆଗୁଡା ଛକଠାରୁ ଜମୁନାବାହାଲ ଗ୍ରାମର ଦୂରତା ପ୍ରାୟ ୫ଶହ ମିଟର। ତେବେ ପିଡବ୍ଲ୍ୟୁଡି ବିଭାଗର ଖାମଖିଆଲି ମନୋଭାବ ଓ ଦୁରଦୃଷ୍ଟି ଅଭାବ ଯୋଗୁ ଠିକ ସ୍ଥାନରେ ସୂଚନା ଫଳକ ଲଗାଯାଇ ନ ଥିବାରୁ ଅଞ୍ଚଳର ବାହାରର ଜନସାଧାରଣମାନେ ଏବେ ପଥଭ୍ରାନ୍ତ ହୋଇ ନିଜ ଗନ୍ତବ୍ୟ ସ୍ଥାନରେ ପହଞ୍ଚି ପାରୁନାହାନ୍ତି। ବିଶେଷ କରି ଏବେ ବିବାହ ଋତୁ ଚାଲିଥିବାରୁ ବରଯାତ୍ରୀମାନେ ଏହି ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଯାଇଥିଲେ ମଧ କିଛି ସୁଫଳ ମିଳିପାରିନାହିଁ। ଏ ନେଇ ପୂର୍ତ୍ତବିଭାଗ କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ଭୋଇଙ୍କୁ ପଚାରିବାରୁ ତ୍ରୁଟି ଥିବା ସୂଚନା ଫଳକକୁ ପରିବର୍ତ୍ତନ କରାଯାଇ ସେଠାରେ ଠିକ ସୂଚନା ଫଳକ ଲଗାଯିବ ବୋଲି କହିଥିଲେ। ଏଥିପ୍ରତି କଳାହାଣ୍ଡି ଜିଲାପାଳ ଦୃଷ୍ଟି ଦେବାକୁ ନୂଆଗୁଡା ଗ୍ରାମବାସୀ ଦାବି କରିଛନ୍ତି।




ନୂଆଗୁଡ଼ାକୁ ଯାଉଥିବା ରାସ୍ତାରେ ଜମୁନାବାହାଲର ସୂଚନା ଫଳକ ଲାଗିଛି।

# କେସିଙ୍ଗାବାସୀଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅବହେଳା

**ଭବାନୀପାଟଣା,୧୩।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସିଏଚ୍‌ସି ଲଗାତାର ଭାବେ ସ୍ୱାସ୍ଥ୍ୟ ବିଭାଗର ଅବହେଳାର ଶିକାର ହେଉଛି । ଏବେ ପ୍ରସୁତି ଓ ସ୍ତ୍ରୀ ରୋଗ ବିଭାଗ ଡାକ୍ତରଙ୍କୁ କେସିଙ୍ଗାରେ ନିଯୁକ୍ତି ଦେଇ ସ୍ୱାସ୍ଥ୍ୟ ବିଭାଗ ପୁଣି ନେଇଯାଇଛି । ଏହି ବିଶେଷଜ୍ଞଙ୍କ ନିଯୁକ୍ତି ପରେ ଗତ ୨୩ ଦିନ ହେଲା ଭବାନୀପାଟଣା ହେଡକ୍ୱାର୍ଟର ହସ୍ପିଟାଲକୁ ନେଇଯିବା ଯୋଗୁ ଏଠି ଗର୍ଭବତୀମାନେ ବହୁ ଅସୁବିଧାରେ ପଡିଛନ୍ତି । ୬ କୋଟି ଟଙ୍କାରୁ ଅଧିକରେ ନିର୍ମିତ ହୋଇଥିବା କୋଠା ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଖାଁ ଖାଁ ଲାଗୁଛି । ପୂର୍ବରୁ ଯାହା ଅବସ୍ଥା ଥିଲା ଏବେ ସେହି ଅବସ୍ଥା ଦେଖା ଦେଇଛି । କେସିଙ୍ଗା ହସ୍ପିଟାଲରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ପାଇଁ ଅଞ୍ଚଳବାସୀ ବାରମ୍ବାର ଆନ୍ଦୋଳନ କରୁଛନ୍ତି । ବର୍ତ୍ତମାନ ଏହି ହସ୍ପିଟାଲରେ ୩ ଜଣ ଡାକ୍ତର ସହ ଜଣେ ଶିଶୁ ବିଶେଷଜ୍ଞ ରହିଛନ୍ତି । କିନ୍ତୁ ପ୍ରସୂତି ବିଶେଷଜ୍ଞ ନ ଥିବା ଯୋଗୁ ମହିଳାମାନେ ପ୍ରସବ ପାଇଁ ବିଷମକଟକ, ବିଶାଖାପାଟଣା, ଭବାନୀପାଟଣା ଓ କେସିଙ୍ଗାରେ ଥିବା ବେସରକାରୀ ହସ୍ପିଟାଲକୁ ଯାଉଛନ୍ତି । ଏଥର ନିର୍ବାଚନରେ ବି ଅଞ୍ଚଳବାସୀ ବିଭିନ୍ନ ରାଜନୈତିକ ଦଳରୁ ନିର୍ବାଚନ ଲଢୁଥିବା ନେତୃବୃନ୍ଦଙ୍କୁ ବି ପ୍ରଶ୍ନ କରିବେ ବୋଲି ଲୋକେ ପ୍ରକାଶ କରିଛନ୍ତି ।

# ବରଯାତ୍ରୀ ଶୋଭାଯାତ୍ରାରେ ଛୁରାମାଡ଼

**କେସିଙ୍ଗା,୧୩।୩ (ଡି.ଏନ.ଏ.)**

- ଜଣେ ସଙ୍କଟାପନ୍ନଙ୍କୁ ବୁର୍ଲା ସ୍ଥାନାନ୍ତର
- ୨ ଗୁରୁତର, ୨ ଅଟକ

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ତୁର୍ଲାଖମନ ଗ୍ରାମରେ ଗତ ମଙ୍ଗଳବାର ରାତି ସାଢ଼େ ୯ଟାରେ ଏକ ବିବାହ ଉତ୍ସବ ଶୋଭାଯାତ୍ରା ବେଳେ ଛୁରାମାଡ଼ରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି । ଗୁରୁତର ବ୍ୟକ୍ତି ହେଲେ ନାରାୟଣ ସାହୁ (୪୮) । ତାଙ୍କ ଛାତିରେ ଛୁରାମାଡ ହୋଇଛି । ତାଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅତି ସଙ୍କଟାପନ୍ନ ହେବାରୁ ରାତି ୧୧ଟାରେ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଛି। ଅନ୍ୟ ଦୁଇ ଗୁରୁତରମାନେ ହେଲେ ତ୍ରିଲକ୍ଷ ସାହୁ (୪୭) ଓ ଦୈତାରୀ ସାହୁ (୨୭)। ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ବଲାଙ୍ଗୀର ଜିଲା ସଇଁନ୍ତଲା ଥାନା ଅନ୍ତର୍ଗତ ଖଜୁରପଡା ଗ୍ରାମର ଦିଲୀପ ସାହୁ (୨୨)ଙ୍କ ସହିତ ତୁର୍ଲାଖମନ ନିବାସୀ ପାଣ୍ଡବ ସାହୁଙ୍କ ଝିଅ ସହିତ ମଙ୍ଗଳବାର ବିବାହ ପାଇଁ ସ୍ଥିର ହୋଇଥିଲା । ବରଯାତ୍ରୀ ତୁର୍ଲାଖମନ ଗାଁରେ ମଙ୍ଗଳବାର ରାତି ସାଢ଼େ ୯ଟାରେ ପହଞ୍ଚି ମେଲୋଡି ପାର୍ଟି ସହ ଶୋଭାଯାତ୍ର କରୁଥିଲେ । ଏହି ସମୟରେ ତୁର୍ଲାଖମନ ଗ୍ରାମର ବାବୁଲାଲ ସାହୁଙ୍କ ସମେତ ପୁରନ୍ଦର ସାହୁ (୨୮) ଓ ସାନପୁଅ ମୁନା ସାହୁ (୨୧) ଓ ସଞ୍ଜୟ ପରାଭୋଏ (୨୭) ଦେଖିବାକୁ ଯାଇଥିଲେ। ମେଲୋଡିପାର୍ଟିର ଝିଅମାନଙ୍କୁ ପୁରନ୍ଦର ଏକ ପାଣି ପାଉଚ ଦ୍ୱାରା ପାଣି ସିଞ୍ଚନ କରିଥିଲେ। ମେଲୋଡି ପାର୍ଟିର ଝିଅମାନେ ଏହାକୁ ବିରୋଧ କରିଥିଲେ। ଏହାଦେଖି ବରଯାତ୍ରୀର ସହଯୋଗୀ ନାରାୟଣ, ତ୍ରିଲକ୍ଷ ଓ ଦୈତାରୀ ବିରୋଧ କରିବାରୁ ସେମାନଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ପୁରନ୍ଦର ପକେଟରେ ଧରିଥିବା ଏକ ଧାରୁଆ ଛୁରିରେ ନାରାୟଣଙ୍କ ଛାତିରେ ମାରିଥିଲା। ନାରାୟଣ ଗୁରୁତର ହୋଇପଡିଥିଲା। ଏହାକୁ ବିରୋଧ କରିବାକୁ ତ୍ରିଲକ୍ଷ ଓ ଦୈତାରୀଙ୍କୁ ମଧ ଛୁରା ମାଡ କରିଥିଲେ। ବିବାହ ଉତ୍ସବ ଲୋକେ ତୁରନ୍ତ ଏକ ବୋଲେରୋରେ ଆହତ ବ୍ୟକ୍ତିଙ୍କ ସହିତ କେସିଙ୍ଗା ଥାନାକୁ ଯାଇ ଏତଲା ଦେଇଥିଲେ। ଛୁରି ମାରିଥିବା ପୁରନ୍ଦର ଓ ମୁନା ଏକ ମୋଟରସାଇକେଲରେ କେସିଙ୍ଗା ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ଏ ନେଇ କେସିଙ୍ଗା ଥାନାରେ ଏକ ମାମଲା (ନଂ. ୭୬/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ବାବୁଲାଲ ସାହୁ ଓ ସଞ୍ଜୟ ପରାଭୋଏ ଏହି ଦୁଇ ଜଣ ଫେରାର ଥିବା ଜଣାପଡିଛି ।



ଛୁରାମାଡରେ ସଙ୍କଟାପନ୍ନ ନାରାୟଣ ସାହୁ ବୁର୍ଲା ମେଡିକାଲରେ ଚିକିତ୍ସିତ ହେଉଛନ୍ତି ।

# ଡଙ୍ଗରିଆଙ୍କ ନିଆରା ପରମ୍ପରା-ଘିଚା କନିଆ

**ଲାଞ୍ଜିଗଡ,୧୩।୩ (ଡି.ଏନ.ଏ.)**

ସେମାନଙ୍କ ପାଇଁ ପାହାଡ, ପର୍ବତ, ନଦୀ, ନାଳ ହେଉଛି ସବୁକିଛି । ଗଛ, ପଥର, ମାଟିଗୋଡି ସେମାନଙ୍କ ପାଇଁ ଦେବତା । ସେହି ପ୍ରକୃତିର ସନ୍ତାନ ଆଦିବାସୀ ଝରଣିଆ ଓ ଡଙ୍ଗରିଆ କନ୍ଧ ସମ୍ପ୍ରଦାୟର ଜୀବନ ଶୈଳୀ, ଧର୍ମୀୟ ଭାବନା ଭଳି ସେମାନଙ୍କ ପରମ୍ପରା ମଧ ନିଆରା । ଦେଶର ବିଲୁପ୍ତପ୍ରାୟ ଜନଜାତି ଗୋଷ୍ଠୀ ମଧ୍ୟରେ ସାମିଲ ଥିବା ଏହି ଜନଜାତିର ଲୋକେ ଆଜି ବହୁଦେଶୀୟ କମ୍ପାନୀ ସ୍ଥାପନ ପରେ ନିଜର ଜୀବନ ଜୀବିକା ହରାଇବା ଆଶଙ୍କା ରହିଥିଲେ ହେଁ ନିଜ ରୀତିନୀତି ଓ ପରମ୍ପରାକୁ ଭୁଲିନାହାନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି ସେମାନଙ୍କ ସାମାଜିକ ବନ୍ଧନକୁ ମଜଭୁତ୍ କରୁଥିବା ବୈବାହିକ ପରମ୍ପରା। ଯାହା ଦୁଇଭାଗରେ ବିଭକ୍ତ। ଗୋଟିଏ ହେଲା ମଗା କନିଆ ଓ ଆରଟି ହେଉଛି ଘିଚା କନିଆ। ବିବାହ ଯୋଗ୍ୟ ଆଦିବାସୀ ଯୁବକ ପାଇଁ ନିଜ ନିଜ ବନ୍ଧୁବାନ୍ଧବଙ୍କ ଦ୍ୱାରା ଝିଅ ଦେଖା ଓ ପ୍ରସ୍ତାବ (ମଗା ଯଚା) ପରେ ବିବାହକୁ ମଗାକନିଆ ବୋଲି କୁହାଯାଉଥିବା ବେଳେ ବିବାହ ଯୋଗ୍ୟ ଯୁବକ ନିଜ ମନ ପସନ୍ଦର ଝିଅକୁ ଉଠାଇ ଆଣିବାକୁ ଘିଚା କନିଆ ବୋଲି କୁହାଯାଏ। ଏଥିପାଇଁ ବିବାହ ଯୋଗ୍ୟ ଯୁବକଙ୍କ ଇଚ୍ଛା ହିଁ ମୂଳ ହୋଇଥାଏ। ବିଶେଷ କରି ଆଦିବାସୀଙ୍କ ପର୍ବପର୍ବାଣୀ ସମୟରେ ହିଁ କନିଆ ଘିଚା ଦେଖିବାକୁ ମିଳିଥାଏ । ଡଙ୍ଗରିଆ ଓ ଝରଣିଆ କନ୍ଧ ବହୁଳ କଳାହାଣ୍ଡି ଜିଲା ନିୟମଗିରି ସଂଲଗ୍ନ ଅଞ୍ଚଳରେ ଏହା ଦେଖା ଯାଉଥିବାବେଳେ କନିଆଘିଚା ପରେ କନ୍ୟାପକ୍ଷକୁ ମଦ, ଚାଉଳ, ପୋଢ ଆଦି ଦେବାକୁ ହୋଇଥାଏ । ଯାହାକୁ ଆଦିବାସୀ ସମ୍ପ୍ରଦାୟ ଜୁଲା ବୋଲି କହିବା ସହ ଜୁଲା ସପା ପରେ ହିଁ ବରପକ୍ଷ କନ୍ୟାଙ୍କୁ ନେଇ ଘରକୁ ଯାଇଥାନ୍ତି । ଏହା ପରେ ଭୋଜିଭାତ ହେବା ସହିତ କନ୍ୟାପକ୍ଷ ମଧ ବରପକ୍ଷଙ୍କୁ ଉପହାର ସ୍ୱରୂପ କିଛି ଦେଇଥାନ୍ତି । ଏହି ବିବାହରେ ଗାଁର ଜାନୀ, ଦିଶାରିମାନେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହିତ ବିବାହ କାର୍ଯ୍ୟ ସମ୍ପନ୍ନ କରନ୍ତି । କାହିଁ କେଉଁ କାଳରୁ ଚାଲି ଆସିଥିବା ଏହି ପରମ୍ପରା ଆଜି ବି ଡଙ୍ଗରିଆ କନ୍ଧଙ୍କ ମଧ୍ୟରେ ରହିଥିବାବେଳେ କନିଆଘିଚା ପାଇଁ ବେଳେବେଳେ ଗଣ୍ଡଗୋଳ ମଧ ହୋଇଥାଏ । କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ଅମଠାପଦର, ଆମଗୁଡା, ବେଲାଙ୍ଗବୁଣ୍ଡେଲ, ବେଲଗୁଡା, ବେରେନପିଣ୍ଡା, ଚମ୍ପାଗୁଡା, ଓଲବାହାଲି, କୁନାକାଡୁ, ଫୁଲଡୁମେର, ହରଡାଗୁଡା, ତ୍ରିଲୋଚନପୁର, ତାଡିଝୋଲା, ଲଡାଙ୍ଗ, ଖେମୁଣ୍ଡିପଦର ସମେତ ରାୟଗଡା ଜିଲା କେତେକ ଅଞ୍ଚଳରେ ବାସ କରୁଥିବା ଏହି ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଆଜି ବି ଏହି ପରମ୍ପରା ବଞ୍ଚିରହିଛି ।

ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଲା ଆଜିର ଯୁଗରେ ବେଦୀ, ହୋମନିଆଁକୁ ସାକ୍ଷୀ ରଖି ବିବାହ କରିଥିଲେ ସୁଦ୍ଧା ଅଧା ଦିନରେ ଭାଙ୍ଗି ଯାଉଥିବାବେଳେ ହାଟବାଟ କିମ୍ବା ପର୍ବପର୍ବାଣୀରେ ହାତଧରି ଘରକୁ ଆଣିଥିବା ଘିଚାକନିଆ ଓ ତାଙ୍କ ସ୍ୱାମୀ ଆଜୀବନ ସୁଖୀ ସଂସାର ବିତାଇଥାନ୍ତି । ସେହିପରି ବିବାହରେ ଯୌତୁକ ପ୍ରଥା ଆଦୌ କୌଣସି ଗୁରୁତ୍ୱ ରଖୁ ନ ଥିବାବେଳେ ଡଙ୍ଗରିଆଙ୍କ ଏହି ବିବାହକୁ ଆଦର୍ଶ ବିବାହର ଶ୍ରେଣୀଭୁକ୍ତ କରାଯାଇପାରେ। ଆଧୁନିକ ସଭ୍ୟ ସମାଜ ଝିଅ ଦେବା ପୂର୍ବରୁ ପୁଅ ଘରର ଥାଟବାଟକୁ ଗୁରୁତ୍ୱ ଦେଉଥିବାବେଳେ ସାତଶ ଡଙ୍ଗର୍‌ଲାର ଅଗମ୍ୟ ଅଞ୍ଚଳରେ ବାସ କରୁଥିବା ଏହି ପ୍ରକୃତିର ସନ୍ତାନମାନେ କିନ୍ତୁ ଗରାଏ ସଲପ କିମ୍ବା ମହୁଲି, ଗୋଟିଏ ପୋଢ ସ୍ଥାନ ବିଶେଷରେ ବୋଦା ଓ କୁକୁଡା କିଛି ମାଣ ଚାଉଳ, ମାଣ୍ଡିଆରେ ବିବାହ ସାରିଦିଅନ୍ତି । ଏପରିକି ଡଙ୍ଗରିଆ ପରିବାରରେ ପୁରୁଷ ଲୋକ କିଛି କାମ ନ କରି ବି ଚଳିଯାଏ। କାରଣ ସ୍ତ୍ରୀଟିଏ ସବୁ କାମକୁ ପାରଙ୍ଗମ ହେବା ସହିତ ପରିବାରର ବୋଝ ବି ମୁଣ୍ଡାଇବାକୁ ସକ୍ଷମ ହୋଇଥାଏ । ତେବେ ଆଧୁନିକତାର ତାଳେ ତାଳେ ସବୁକିଛି ବଦଳି ଯାଉଥିଲେ ହେଁ ଏହି ବିଲୁପ୍ତପ୍ରାୟ ଜନଜାତି ନିଜ ପରମ୍ପରାକୁ ପିଢି ପରେ ପିଢି ବଞ୍ଚାଇ ରଖିବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ବିଷୟ ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଧର୍ମଗଡ,୧୩।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ପାରଦେଶ୍ୱର ମନ୍ଦିର ନିକଟରେ ବୁଧବାର ଅପରାହ୍ଣରେ ଏକ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଛନ୍ତି । ମୃତକଙ୍କ ନାଁ ଦିନବନ୍ଧୁ ବିହାରୀ ଓ ତାଙ୍କ ଘର ଧର୍ମଗଡ ଥାନା ଗୋଡଞ୍ଜଜା ବୋଲି ଜଣାପଡିଛି । ସୂଚନା ଅନୁସାରେ ଅପରାହ୍ଣରେ ଦିନବନ୍ଧୁ ତାଙ୍କ ଶ୍ୱଶୁର ଘର ଗାଁ କୁଣ୍ଡାମାଲରୁ ବାଇକ୍ (ନଂ.ଓଆର୦୮ଏଫ-୫୦୧୯) ଯୋଗେ ଗୋଡଞ୍ଜଜାକୁ ଫେରୁଥିଲେ। ପାରଦେଶ୍ୱର ମନ୍ଦିର ସାମ୍ନାରେ ଅନ୍ୟ ଏକ ବାଇକ୍ (ନଂ.ସିଜି୦୪ ଡିଏଲ-୯୧୪୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟେ ଛିଟକି ପଡିଥିଲେ। ଏହି ସମୟରେ ଧର୍ମଗଡ ପଟୁ ଆସୁଥିବା ଏକ ଟାଟାଏସି ଗାଡି (ନଂ. ଓଆର୦୮ ଜି-୩୯୬୪) ଦିନବନ୍ଧୁଙ୍କୁ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣା ଡାକ୍ତରଖାନାକୁ ପଠାଯାଇଛି। ତାଙ୍କ ପରିଚୟ ମିଳିପାରି ନାହିଁ । ପୋଲିସ ଗାଡ଼ିସବୁ ଜବତ କରିଛି । ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ତମ୍ମୁ ପରଜା ପ୍ରକାଶ କରିଛନ୍ତି। ଟାଟା ଏସି ଗାଡିର ଡ୍ରାଇଭର ଫେରାର ଅଛନ୍ତି ।

ନାତିର ଠେଙ୍ଗାମାଡରେ ଅଜାଙ୍କ ମୃତ୍ୟୁ ଘଟଣା

# ଅଭିଯୁକ୍ତ ନାତି କୋର୍ଟଚାଲାଣ

**କୋକସରା,୧୩।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚାରବାହାଲ ପଞ୍ଚାୟତ ଘୁମେରଗୁଡ଼ାରେ ଗତ ଶନିବାର ନାତିଙ୍କ ଠେଙ୍ଗାମାଡରେ ଅଜା ବୀର ଲହଜଲ (୭୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ କୋକସରା ଡାକ୍ତରଖାନାରେ ମୃତ୍ୟୁ ଘଟଣାରେ ପୋଲିସ ନାତିଙ୍କୁ ଗିରଫ କରିଛି । ତାଙ୍କ ନାମ ଅନନ୍ତ ଲହଜଲ (୨୫) । ତାଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି । ସୂଚନା ଅନୁସାରେ ଗତ ୮ ତାରିଖରେ ଅନନ୍ତ ମଦ ନିଶାରେ ଏକ ବିବାହ ଭୋଜିରୁ ଘରକୁ ଫେରିଥିଲେ। ପରେ ପୂର୍ବ ଜମିଜମାକୁ ନେଇ ଅଜା ଓ ନାତିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅନନ୍ତ ପାଖରେ ଥିବା ଏକ ଠେଙ୍ଗାରେ ଅଜାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କରିବାରୁ ସେ ଆହତ ହୋଇଥିଲେ। ଅଜାଙ୍କୁ ଗୁରୁତର ଅବସ୍ଥାରେ କୋକସରା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଅଜାଙ୍କୁ ମାରିବା ଦେଖି କିଛି ସ୍ଥାନୀୟ ଲୋକେ ଅନନ୍ତଙ୍କୁ କାବୁ କରିବା ସହ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ସେ ମଧ୍ୟ ଆହତ ହୋଇ କୋକସରା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଖବର ପାଇ ପୋଲିସ ନାତିଙ୍କୁ ଅଟକ ରଖି ପଚରାଉଚରା ବେଳେ ସେ ଘଟଣାକୁ ସ୍ୱୀକର କରିଥିଲେ। ପରେ ତାଙ୍କୁ ପୋଲିସ ଗିରଫ କରିଥିଲା । ଏ ନେଇ କୋକସରା ଥାନାରେ ଦଫା ୩୦୨, ୪୫୨, ୫୦୬, ୧୦୯, ୩୪ ଆଇପିସି (ନଂ .୪୮/୨୦୧୯) ରୁଜୁ କରି ଅଭିଯୁକ୍ତ ନାତିଙ୍କୁ କୋର୍ଟ ଚାଲାଣ କରିଥିବା କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି ।



ଗିରଫ ଅଭିଯୁକ୍ତ ।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ଟ୍ରେନ୍ ଲାଇନରେ କଟି ବୃଦ୍ଧ ମୃତ

ଝାରସୁଗୁଡ଼ା ଅଫିସ,୧୩।୩- ଝାରସୁଗୁଡ଼ା ବଡ଼ମାଲ ଥାନା ବୃନ୍ଦାମାଲ କିଶାନପଡାଠାରେ ବୁଧବାର ଟ୍ରେନ୍ ଲାଇନରେ କଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତ ବୃଦ୍ଧ ଜଣକ ହେଲେ ବୃନ୍ଦାମାଲର ମନାତନ ରକ୍ସା(୬୨)। ବେଦାନ୍ତକୁ ଯାଇଥିବା ଘରୋଇ ଟ୍ରେନ୍ ଲାଇନରେ କଟି ସନାତନଙ୍କ ମୃତ୍ୟୁ ଘଟିଛି। ଖବର ପାଇ ବଡମାଲ ପୋଲିସ ଘଟଣା ସ୍ଥଳରୁ ମୃତଦେହ ଉଦ୍ଧାର କରିଛି। ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ରଖାଯାଇଛି।

### ଏବିଭିପିର ଜିଲା ସମ୍ମିଳନୀ

ଝାରସୁଗୁଡ଼ା ଅଫିସ,୧୩।୩- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଝାରସୁଗୁଡା ଶାଖା ତରଫରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏବିଭିପି ଓଡ଼ିଶା ପ୍ରାନ୍ତର ସହ ସମ୍ପାଦକ ବୁଧଦେବ ବାଘ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ରାଉତ ଉପସ୍ଥିତ ରହି ଭାରତ ଗୌରବ ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ସମାଜରେ କିଭଳି ଉଦାହରଣ ସୃଷ୍ଟି କରିବା ଭଳି କାମ କରିବେ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଜିଲାର ବିଭିନ୍ନ କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜିଲା ଏବିଭିପିର ରାଧେଶ୍ୟାମ ପ୍ରଧାନ, ଅଜୟ କୁମାର ସାହୁ, ସବିତା ସାହୁ, ରାମକୃଷ୍ଣ, ସୁର୍ବି ସିଂ, ଶିବାନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଗଡ,୧୩।୩ (ଡି.ଏନ.ଏ.) କଳାହାଣ୍ଡି ଜିଲା ଧର୍ମଗଡ ପାରଦେଶ୍ୱର ମନ୍ଦିର ନିକଟରେ ବୁଧବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟଠାରେ ଚିକିତ୍ସିତ ହେଉଛନ୍ତି । ମୃତକଙ୍କ ନାଁ ଦିନବନ୍ଧୁ ବିହାରୀ ଓ ତାଙ୍କ ଘର ଧର୍ମଗଡ ଥାନା ଗୋଡଞ୍ଜା ବୋଲି ଜଣାପଡିଛି । ସୂଚନା ଅନୁସାରେ ଅପରାହ୍ନରେ ଦିନବନ୍ଧୁ ତାଙ୍କ ଶ୍ୱଶୁର ଘର ଗାଁ କୁଣ୍ଡାମାଲରୁ ବାଇକ୍ (ନଂ.ଓଆର୦୮ଏଫ-୫୦୧୯) ଯୋଗେ ଗୋଡଞ୍ଜାକୁ ଫେରୁଥିଲେ। ପାରଦେଶ୍ୱର ମନ୍ଦିର ସାମ୍ନାରେ ଅନ୍ୟ ଏକ ବାଇକ୍ (ନଂ.ସିଜି୦୪ ଡିଏଲ-୯୧୪୫) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଉଭୟେ ଛିଟକି ପଡିଥିଲେ। ଏହି ସମୟରେ ଧର୍ମଗଡ ପଟୁ ଆସୁଥିବା ଏକ ଟାଟାଏସି ଗାଡି (ନଂ. ଓଆର୦୮ ଜି-୩୯୬୪) ଦିନବନ୍ଧୁଙ୍କୁ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରାଯାଇ ଭବାନୀପାଟଣା ଡାକ୍ତରଖାନାକୁ ପଠାଯାଇଛି। ତାଙ୍କ ପରିଚୟ ମିଳିପାରି ନାହିଁ । ପୋଲିସ ଗାଡ଼ିସବୁ ଜବତ କରିଛି ।

# ମଦଭାଟି ବନ୍ଦ ପାଇଁ ପ୍ରଶାସନ ଦେଲା ପ୍ରତିଶ୍ରୁତି

- ଭାଲୁପତ୍ରା ମହିଳାଙ୍କ ବିଜୟ
- ଲାଇସେନ୍ସ ପୁନଃ ନବୀକରଣ ହେବନାହିଁ
- ଆଜି ମହିଳାମାନେ ବିଜୟ ଉତ୍ସବ ପାଳିବେ
- ମାମଲା ପ୍ରତ୍ୟାହାର ପାଇଁ ପ୍ରତିଶ୍ରୁତି

ଝାରସୁଗୁଡା ଅଫିସ,୧୩।୩



ଭାଲୁପତ୍ରା ମଦଭାଟି ବନ୍ଦ ଦାବିରେ ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ରିଲେ ଅନଶନରେ ବସିଥିବା ଜନ ଜାଗରଣ ମଞ୍ଚର ସଦସ୍ୟ।

ଝାରସୁଗୁଡା ଜିଲା କିର୍ମିରା ବ୍ଲକ୍ ଭାଲୁପତ୍ରା ମଦଭାଟି ବନ୍ଦ ରହିବ ଏବଂ ଏହାର ଲାଇସେନ୍ସ ପୁନଃ ନବୀକରଣ ହେବନାହିଁ ବୋଲି ପ୍ରଶାସନିକ ପ୍ରତିଶ୍ରୁତି ମିଳିଛି। ଫଳରେ ଭାଲୁପତ୍ରା ମହିଳାଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ଗୁରୁବାର ମହିଳାମାନେ ବିଜୟ ଉତ୍ସବ ପାଳନ କରିବେ ବୋଲି ସୂଚନା ମିଳିଛି। ବୁଧବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ରିଲେ ଅନଶନରେ ବସିଥିବା ଜନ ଜାଗରଣ ମଞ୍ଚର ସଦସ୍ୟଙ୍କ ସହ ଅତିରିକ୍ତ ଜିଲାପାଳ ଜ୍ଞାନରଞ୍ଜନ ଭଞ୍ଜଦେଓ, ପିଡି ସତ୍ୟ ନାରାୟଣ ଦାଶ, ଅବକାରୀ ଅଧିକ୍ଷକ ନାରାୟଣ ମେହେର ପ୍ରମୁଖ ଆଲୋଚନା କରିଥିଲେ। ଆଲୋଚନା ବେଳେ ଭାଲୁପତ୍ରାର ମଦଭାଟି ବନ୍ଦ ରହିବ ବୋଲି ଅବକାରୀ ଅଧିକ୍ଷକ ପ୍ରତିଶ୍ରୁତି ଦେଇଥିବା ବେଳେ ଅତିରିକ୍ତ ଜିଲାପାଳ ଏହି ଭାଟିର ଲାଇସେନ୍ସ ନବୀକରଣ ହେବନାହିଁ ବୋଲି କହିଥିଲେ। ସେହିପରି ମହିଳାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର ଲାଗି ଏସ୍‌ପିଙ୍କ ସହ ଆଲୋଚନା କରାଯାଇ ପ୍ରତ୍ୟାହାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନର ସକରାତ୍ମକ ପ୍ରତିଶ୍ରୁତି ପରେ ଜନ ଜାଗରଣ ମଞ୍ଚ ତରଫରୁ ଭାଲୁପତ୍ରା ମହିଳାଙ୍କୁ ଅବଗତ କରାଯାଇଥିଲା। ପ୍ରଶାସନ ସହ ମଞ୍ଚର ରତ୍ନାକର ପ୍ରଧାନ, ପ୍ରଶାନ୍ତ ତ୍ରିପାଠୀ, ସୀଆରାମ ଦାସ, ଅଶୋକ ମିଶ୍ର, ବିଜୟ ଦାଶ, ରାମେଶ୍ୱର ତିୱାରୀ, ବିଜୟ ସାକୁନିଆ, ଅଜିତ ରଥ ଆଲୋଚନା କରିଥିଲେ। ମହିଳାମାନେ ଧାରଣା ପ୍ରତ୍ୟାହାର କରିଥିବା ନେଇ ମଞ୍ଚ ପକ୍ଷରୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୪୦ ଦିନ ହେବ ଭାଲୁପତ୍ରାର ମହିଳାମାନେ ଭାଟି ଉଚ୍ଛେଦ ଦାବିରେ ଧାରଣାରେ ବସିଥିଲେ। ଗତ ସପ୍ତାହରେ ପୋଲିସ ମହିଳାଙ୍କୁ ଧମକଚମକ ଦେବା ପରେ ସେମାନଙ୍କୁ ବିଭିନ୍ନ ମହଲରୁ ସମର୍ଥନ ମିଳିଥିଲା। ଏହାର ପ୍ରତିବାଦରେ ଜନଜାଗରଣ ମଞ୍ଚ ତରଫରୁ ୩ ଦିନିଆ ରିଲେ ଅନଶନ ଆରମ୍ଭ ହୋଇଥିଲା। ସାରଙ୍ଗଧର ମିଶ୍ର, ବିଜୟ କୁମାର ଦାସ, ସିଟୁ ପଟେଲ, ସିଆରାମ ଦାସ, ରତ୍ନାକର ପ୍ରଧାନ, ଅଶୋକ କୁମାର ମିଶ୍ର, ରିଣ୍ଟୁ ସୁତାର, ଅଜିତ ମାଝି, ଗିରିଧାରୀ ପାଣ୍ଡେ, ଅଜିତ କୁମାର ରଥ, ମନୋଜ ଦେହୁରୀ ପ୍ରମୁଖ ଅନଶନ ସ୍ଥଳରେ ଉପସ୍ଥିତ ଥିଲେ। ହେଲେ ବୁଧବାର ଅପରାହ୍ନରେ ମଞ୍ଚର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ଭାଟି ଉଚ୍ଛେଦ ନେଇ ପ୍ରଶାସନିକ ପ୍ରତିଶ୍ରୁତି ମିଳିଛି।

## ଶ୍ରମମନ୍ତ୍ରୀ ଅସୁସ୍ଥ:ନୟାଗଡ଼ରେ ଚିକିତ୍ସିତ ହୋଇ ଫେରିଲେ

ନୟାଗଡ଼ ଅଫିସ,୧୩।୩

ରାସ୍ତାରେ ଯାଉଥିବାବେଳେ ଗାଡ଼ି ଭିତରେ ଅସୁସ୍ଥ ଅନୁଭବ କଲେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ। ତାଙ୍କୁ ନିକଟସ୍ଥ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସିତ ହେବାର କିଛି ସମୟ ପରେ ସୁସ୍ଥ ଅନୁଭବ କରିଥିଲେ ମନ୍ତ୍ରୀ। ପରେ ନିଜ ଗନ୍ତବ୍ୟସ୍ଥଳକୁ ଫେରିଯାଇଥିଲେ। ମିଳିଥିବା ସୂଚନା ଅନୁସାରେ, ବୁଧବାର ରାତିରେ ମନ୍ତ୍ରୀ ସିଂ ତାଙ୍କ କାର୍ ଯୋଗେ ଭୁବନେଶ୍ୱରରୁ ବରଗଡ଼ ଯାଉଥିବା ବେଳେ ନୟାଗଡ଼ଠାରେ ତାଙ୍କ ଦେହ ଅସୁସ୍ଥ ହୋଇ ପଡିଥିଲା। ରାତି ପ୍ରାୟ ୯ଟା ୫୦ ମିନିଟ୍ ସମୟରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଓପିଡ଼ିକୁ ଯାଇଥିଲେ। ସେଠାରେ ଥିବା ଡାକ୍ତର ମନୋଜ ତ୍ରିପାଠୀ ତାଙ୍କୁ ଚିକିତ୍ସା କରିଥିଲେ। ମନୋଜଙ୍କ କହିବା ଅନୁଯାୟୀ, ମନ୍ତ୍ରୀଙ୍କ ଆଜ୍‌ମା ଥିବାରୁ ସେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କୁ ସେ ଏକ ଇଞ୍ଜେକଶନ୍ ଦେଇଥିଲେ । ୧୫ ମିନିଟ ବିଶ୍ରାମ ନେବା ପରେ ମନ୍ତ୍ରୀ ସିଂ ସୁସ୍ଥ ହୋଇଥିଲେ। ପରେ ସେ ବରଗଡ଼ ଅଭିମୁଖେ ଯାତ୍ରା କରିଥିଲେ।

## ବନ୍ଧବାହାଲ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଲଖନପୁର,୧୩।୩ (ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ବନ୍ଧବାହାଲରେ ବୁଧବାର ନବନିର୍ମିତ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶେଷ ହୋଇଛି। ଗତ ରବିବାରଠାରୁ ଏହା ଆରମ୍ଭ ହୋଇଥିଲା । ପ୍ରଥମ ଦିବସରେ ଛତର ଶୋଭାଯାତ୍ରାରେ ଅଖଣ୍ଡଦୀପ ପ୍ରଜ୍ୱଳନ କରି ସମ୍ବଲପୁର ସମଲେଶ୍ୱରୀ ମନ୍ଦିରରୁ ମା'ଙ୍କ ଆଜ୍ଞାମାଳ ବନ୍ଧବାହାଲ ଅଣାଯାଇଥିଲା । ଦ୍ୱିତୀୟ ଦିବସ ସୋମବାର ମଙ୍ଗଳାରୋପଣ, ୫୦୮କଳସ ଯାତ୍ରା, ମା'ଙ୍କ ଅନାବରଣ ଆଦି ପୂଜା କାର୍ଯ୍ୟକ୍ରମ ହୋଇଥିଲା । ତୃତୀୟ ଦିବସ ମଙ୍ଗଳବାର ମଣ୍ଡପ ପୂଜନ, ଯୁପସ୍ନାନ, ଶୋଡଷସ୍ତମ୍ଭ ପୂଜା, ଦେବୀ ସ୍ନାନ, ଆରତୀ, ପୁଷ୍ପାଞ୍ଜଳି ଆଦି ପୂଜାକାର୍ଯ୍ୟ ହୋଇଥିଲା। ଦହନା ନାମକ ଏକ ସ୍ମରଣିକାକୁ ଉନ୍ମୋଚନ କରାଯାଇଥିଲା ।

ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ଏମ୍‌ସିଏଲ୍ ଜିଏମ୍ ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ମନ୍ଦିର କମିଟି ସଭାପତି ସାମଲ ନାୟକ, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ଉପସଭାପତି ସାଲେଗ୍ରାମ ନାୟକ, ଶୁଭେନ୍ଦୁ ଶେଖର ମହାପାତ୍ର, ସ୍ମରଣିକା ସମ୍ପାଦକ ପ୍ରକାଶ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବୁଧବାର ମା'ଙ୍କ ନିତ୍ୟକ୍ରମ ପୂଜା, ଦେବୀଦେବଙ୍କ ପ୍ରାଣପ୍ରତିଷ୍ଠା, ଚଣ୍ଡୀ ହବନ, ହୋମଯଜ୍ଞରେ ଘୃତାହୂତି, ମନ୍ଦିର ଶିଖରେ କଳସ ଧ୍ୱଜା ସ୍ଥାପନ, ପୂର୍ଣ୍ଣାହୂତି ଆଦି ପୂଜାକାର୍ଯ୍ୟ ସମ୍ପାଦାନ ହୋଇଥିଲା। ଗୌନ୍ତିଆ ସଞ୍ଜୟ ସିଂହଙ୍କ ସ୍ତ୍ରୀ ପ୍ରିୟା ସିଂହ, ନିତ୍ୟାନନ୍ଦ ମହାପାତ୍ର ସ୍ତ୍ରୀ ଶୈଳେନ୍ଦ୍ରୀ ମହାପାତ୍ର, କୃଷ୍ଣଚନ୍ଦ୍ର ସିଂହ, ଗାୟତ୍ରୀ ସିଂହ, ପ୍ରଦୀପ ସେନାପତି, ପଦ୍ମିନୀ ସେନାପତି, ହରିବନ୍ଧୁ ସାହା ସ୍ତ୍ରୀ ସୌଦାମିନୀ ସାହା, ଦେବାନନ୍ଦ ପ୍ରଧାନ ସ୍ତ୍ରୀ ଲିତେଶ୍ୱରୀ ପ୍ରଧାନ, ପ୍ରଫୁଲ ବାରିକ ସ୍ତ୍ରୀ ନଳୀନି ବାରିକ, କିଶୋର ପାଢୀ ସ୍ତ୍ରୀ ସନ୍ତୋଷିନୀ ପାଢୀ, ମିତ୍ରଭାନୁ ପାଢୀ ସ୍ତ୍ରୀ ଶୈଳବାଳା ପାଢୀ, କମଳ ଲୋଚନ ନାୟକ, ଦିବ୍ୟଭାରତୀ ନାୟକ ପ୍ରମୁଖ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇ ଥିଲେ। ସେହିଭଳି ମୁଖ୍ୟ ପୂଜକ ନିରଞ୍ଜନ ପାଣିଗ୍ରାହୀ, ସହଯୋଗୀ ପୂଜକ କୈଳାସ ପଣ୍ଡା, ପିକେଶ ପୁରୋହିତ, ରିଙ୍କୁ ପଣ୍ଡା, ପ୍ରଣବ ମିଶ୍ର, ସଂସାର ପଣ୍ଡା, ସୁଶାନ୍ତ ଦେବତା, ପ୍ରଦୀପ ପୁରୋହିତ, ଦେବେନ୍ଦ୍ର ପୁରୋହିତ, ଦୁଃଖୀଶ୍ୟାମ ପୁରୋହିତ ପ୍ରମୁଖ ପୂଜାକାର୍ଯ୍ୟ ତୁଲାଇଥିଲେ। ମନ୍ଦିର କମିଟି ସଭାପତି ସାମଲ ନାୟକ, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ଉପସଭାପତି ସାଲେଗ୍ରାମ ନାୟକ, ଶୁଭେନ୍ଦୁ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ସୁବ୍ରତ ପ୍ରଧାନ, ପ୍ରଦୀପ କରାଲୀ, ଘନଶ୍ୟାମ ସିଂହ, ତରଣୀ ବେହେରା, ଦ୍ରୋଣାଚାର୍ଯ୍ୟ ପାଢୀ, ଅଖିଳ ସ୍ୱାଇଁ, ସନ୍ତୋଷ ମହାନ୍ତି, ସୁବାସ ରାୟ, ରାଜେନ୍ଦ୍ର ନାୟକ, ଶିଶୁପାଳ ଦୁବେ, କିଶୋର ସିଂହ, ପ୍ରଫୁଲ ରାୟ ପ୍ରମୁଖ ସହଯୋଗ କରିଥିଲେ।

# ତଥ୍ୟରେ ରହୁନାହିଁ ତାଳମେଳ

- ମତଦାତାଙ୍କ ସଂଖ୍ୟା ଓଲଟପାଲଟ


ଝାରସୁଗୁଡା ଅଫିସ,୧୩।୩

ସାଧାରଣ ନିର୍ବାଚନ ପାଇଁ ବାଜି ସାରିଛି ବିଗୁଲ। ଘୋଷଣା ହୋଇସାରିଛି ଦିନାଙ୍କ। ନିର୍ବାଚନକୁ ଅବାଧ ଓ ଶୃଙ୍ଖଳିତ କରିବା ପାଇଁ ସରକାରୀ ଅଧିକାରୀ ଓ କର୍ମଚାରୀ ଲାଗି ପଡିଛନ୍ତି। ହେଲେ ସରକାରୀ କର୍ମଚାରୀଙ୍କ ଅବହେଳା ଯୋଗୁ ଲୋକଙ୍କ ପାଖକୁ ଯାଇଛି ଭୁଲ ତଥ୍ୟ। ଜିଲା କାର୍ଯ୍ୟାଳୟ ତରଫରୁ ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ତଥ୍ୟ ଏବଂ ଭାରତୀୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟରେ ଫରକ ଦେଖିବାକୁ ମିଳିଛି। ଏହାସହ ଜିଲା ପ୍ରଶାସନ ଦେଇଥିବା ତଥ୍ୟ ଓଲଟପାଲଟ ହୋଇଥିବା ଅଭିଯୋଗ ହୋଇଛି।

ଭାରତୀୟ ନିର୍ବାଚନ ଆୟୋଗ ୱେବସାଇଟ୍‌ରେ ପ୍ରଦତ୍ତ ତଥ୍ୟ ଅନୁସାରେ ଝାରସୁଗୁଡା ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ରହିଛି। ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ପୁରୁଷ ଓ ମହିଳା ମତଦାତାଙ୍କ ସଂଖ୍ୟା ୨୧୬୬୫୫ ରହିଥିବା ବେଳେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ମତଦାତାଙ୍କ ସଂଖ୍ୟା ୨୦୪୨୧୯ ରହିଛି। ହେଲେ ଜିଲା ପ୍ରଶାସନ ଦେଇଥିବା ତଥ୍ୟ ସହ ଏହା ତାଳମେଳ ରହୁନାହିଁ। ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ୨୦୪୪୭ ମତଦାତା ଏବଂ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ୨୧୬୬୫୯ ମତଦାତା ବୋଲି ଜିଲା ପ୍ରଶାସନ ଦର୍ଶାଇଛି। ତେବେ ଜିଲା ପ୍ରଶାସନ ଦେଇଥିବା ତଥ୍ୟରେ ଓଲଟପାଲ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଅଦଳବଦଳ ହେଲେ ମଧ୍ୟ ସଂଖ୍ୟାରେ ମଧ୍ୟ ଊଣା ଅଧିକ ରହିଛି। ଏହି ତଥ୍ୟ ଖବରଦାତା ସମ୍ମିଳନୀରେ ପ୍ରଦାନ କରାଯାଇଥିବାରୁ ଲୋକଙ୍କ ପାଖରେ ଭୁଲ୍ ତଥ୍ୟ ପହଞ୍ଚିଛି ବୋଲି ଅଭିଯୋଗ ହେଉଛି। ନିର୍ବାଚନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାରେ ପ୍ରଶାସନର ଅବହେଳାକୁ କେତେକ ରାଜନୈତିକ ଦଳ ମନ୍ତବ୍ୟ ଦେଇଛନ୍ତି। ଏ ବାବଦରେ ନିର୍ବାଚନ ଦାୟିତ୍ୱରେ ଥିବା ସହକାରୀ ଜିଲାପାଳ ଗୋଲକ ବିହାରୀ ମଙ୍ଗରାଜଙ୍କୁ ପଚାରିବାରୁ ସେ କହିଲେ, ୧୮ ବର୍ଷ ହୋଇସାରିଥିବା ଅନେକ ମତଦାତା ଆବେଦନ କରିଥିଲେ। ଅନୁମୋଦନ ପାଇଁ ଅବଧି ରହିଥିବାରୁ ସେମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଉଛି। ତେଣୁ ସଂଖ୍ୟାରେ ତାରତମ୍ୟ ରହିଛି। ସେହିପରି ତଥ୍ୟରେ ଓଲଟପାଲଟ ହୋଇଥିଲେ ଏହାକୁ ସଂଶୋଧନ କରାଯିବ ବୋଲି ସେ କହିଛନ୍ତି।

# ପରିବର୍ତ୍ତନ ସଂକଳ୍ପ ନେଇ ଆସୁଛନ୍ତି ରାହୁଲ-ଟି.ଏସ୍. ସିଂଦେଓ

ବରଗଡ଼ ଅଫିସ୍,୧୩।୩




ଖବରଦାତା ସମ୍ମିଳନୀରେ କଂଗ୍ରେସର ଓଡ଼ିଶା ପ୍ରଭାରୀ ତଥା ଛତିଶଗଡ଼ର ବରିଷ୍ଠ ମନ୍ତ୍ରୀ ଖବରଦାତାଙ୍କୁ ସମ୍ବୋଧିତ କରୁଛନ୍ତି ।

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଶୁକ୍ରବାର ବରଗଡ଼ ଗସ୍ତରେ ଆସିବେ। ଏଥିପାଇଁ ଦଳୀୟ ନେତୃବୃନ୍ଦ ଓ କର୍ମୀ ମହଲରେ ଉତ୍ସାହ ଦେଖାଯାଇଛି । ଏହି ପରିପ୍ରେକ୍ଷୀରେ ବୁଧବାର ବରଗଡ଼ର ଏକ ହୋଟେଲ ସମ୍ମଳନୀ କକ୍ଷରେ ଖବରଦାତା ସମ୍ମିଳନୀ ହୋଇଥିଲା । ଏଥିରେ ଛତିଶଗଡ଼ର ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ଓଡ଼ିଶା ପ୍ରଭାରୀ ଟି.ଏସ୍ ସିଂଦେଓ ଯୋଗଦେଇ ରାହୁଲଙ୍କ ଗସ୍ତ ଉପରେ ସୂଚନା ଦେଇଥିଲେ । ନିର୍ବାଚନରେ କେବଳ ଦଳୀୟ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥାନ୍ତି, ତାହା ନୁହେଁ କଂଗ୍ରେସ ଦଳ ହିଁ ପ୍ରତିଦ୍ୱନ୍ଦିତା କରିଥାଏ ବୋଲି ସେ କହିଥିଲେ । ଏହି ଦୃଷ୍ଟିରୁ ସାଧାରଣ ନିର୍ବାଚନ ପୂର୍ବରୁ ରାହୁଲ ଏଠାକୁ ଆସୁଛନ୍ତି ଏବଂ ସେ ଦଳୀୟ ନେତା ଓ କର୍ମୀଙ୍କ ସମେତ ଅଞ୍ଚଳବାସୀଙ୍କୁ ଉଦ୍‌ବୋଧନ ଦେବେ ବୋଲି ସିଂଦେଓ କହିଥିଲେ । କୃଷିଋଣ ଛାଡ଼, ଧାନର ଏମଏସପି ବୃଦ୍ଧି, ମହିଳାଙ୍କ ସମସ୍ୟା, ସର୍ବନିମ୍ନ ଆୟକର ଗ୍ୟାରେଣ୍ଟି ଆଦି ଉପରେ ରାହୁଲ ଘୋଷଣା କରି ଚାଲିଛନ୍ତି। ବରଗଡ଼ ଏକ କୃଷିଭିତ୍ତିକ ଜିଲା ଓ ଏଠାରେ ଚାଷୀ ଆତ୍ମହତ୍ୟା, ବିଦ୍ୟୁତ୍ କାଟ୍, ଶିକ୍ଷାରେ ଅବ୍ୟବସ୍ଥା ଆଦି ଥିବା ଯୋଗୁ ତାହା ଉପରେ ରାହୁଲ ଉଦ୍‌ବୋଧନ ଦେବେ। ସେହିପରି ଜିଏସଟି, ବିମୁଦ୍ରୀକରଣ, ରାଫେଲ ଦୁର୍ନୀତି ଆଦି ଯୋଗୁ ଗତ ୫ବର୍ଷରେ ଦେଶର ଅବସ୍ଥା ବିଗିଡ଼ି ଯାଇଛି। ଓଡ଼ିଶାରେ ଅମଲାତନ୍ତ୍ରୀଙ୍କ ଶାସନ ଚାଲିଛି। ଜନ ପ୍ରତିନିଧି ପଛରେ ପଡ଼ି ଯାଇଛନ୍ତି। ଫଳରେ ପରିବର୍ତ୍ତନର ସଂକଳ୍ପ ନେଇ ରାହୁଲ ଏଠାକୁ ଆସୁଥିବା ସେ କହିଥିଲେ । ସେହିପରି ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ଏବଂ ନିୟନ କାନୁନ ଅନୁଯାୟୀ ମହାନଦୀ ବିବାଦର ସମାଧାନ ହେବ ଏବଂ କଂଗ୍ରେସ ଓଡ଼ିଶାରେ ଶାସନକୁ ଆସିଲେ ଏହା ଆହୁରି ସହଜ ହେବ ବୋଲି ସିଂଦେଓ କହିଥିଲେ । ଖବରଦାତା ସମ୍ମିଳନୀରେ ସହ ପ୍ରଭାରୀ ଶେକ୍ ମୁସ୍ତାନ ଅଲ୍ଲୀ, ବରଗଡ଼ ଜିଲା ପର୍ଯ୍ୟବେକ୍ଷକ ସନ୍ତୋଷ ସିଂ ସାଲୁଜା, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ରାଜ୍ୟ ପ୍ରବକ୍ତା ହମ୍ମିଦ ହୁସେନ, ଯୁଗଳ ପ୍ରସାଦ ସିଂ, ସଞ୍ଜୟ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ ।

# ନିଶା ନିବାରଣ ସଚେତନତା ଅଭିଯାନ

ବୌଦ୍ଧ,୧୩।୩(ସ୍ୱ.ପ୍ର)

ମିଳିତ ଓଡିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ବୌଦ୍ଧଠାରେ ବୁଧବାର ନିଶା ନିବାରଣ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଛି । ଏହି ଶୋଭାଯାତ୍ରାରେ ଜିଲାର ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଅଂଶଗ୍ରହଣ କରି ସହର ପରିକ୍ରମା କରିଥିଲେ । ଦିଲ୍ଲୀର ଆଚାର୍ଯ୍ୟ ସନ୍ତୋଷାନନ୍ଦ ଅବଧୂତ, ମିଳିତ ନିଶା ନିବାରଣ ମଞ୍ଚ ଆବାହକ କେଦାରନାଥ ସାହୁ, ପ୍ରଫେସର କୁଳମଣି ନାଏକ ଓ ସର୍ବେଶ୍ୱର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ମହିଳାମାନେ ଏହି ରାଲିରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ସମୟରେ ନିଶା ବ୍ୟବହାର ଓ ପ୍ରସାର ଉପରେ ଅଂକୁଶ ଲଗାଇବା ଏବଂ ଯେଉଁ ରାଜନୈତିକ ଦଳ ଓ ପ୍ରାର୍ଥୀ ନିଶା ନିବାରଣ ପାଇଁ ପ୍ରତିଶ୍ରୁତି ଦେବ ସେମାନଙ୍କୁ ସମର୍ଥନ କରିବା ନେଇ ବାର୍ତ୍ତା ପ୍ରଦାନ କରାଯାଇଥିଲା । ଜିଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ନିର୍ବାଚନରେ ମଦ ବାଣ୍ଟୁଥିବା ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ପ୍ରଚାରପତ୍ର ଜରିଆରେ ସଚେତନତା ସୃଷ୍ଟି କରାଯାଇଥିଲା ।

## ଭିତରେ ସମ୍ମିଳନୀ, ବାହାରେ ଧସ୍ତାଧସ୍ତି

ବରଗଡ଼ ଅଫିସ୍,୧୩।୩

ରାହୁଲଙ୍କ ଗସ୍ତ ପରିପ୍ରେକ୍ଷୀରେ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଛତିଶଗଡ଼ର ସ୍ୱାସ୍ଥ୍ୟ ଓ ଅର୍ଥମନ୍ତ୍ରୀ ତଥା କଂଗ୍ରେସର ଓଡ଼ିଶା ପ୍ରଭାରୀ ଟି.ଏସ୍ ସିଂଦେଓ ସୂଚନା ଦେଉଥିବାବେଳେ ସମ୍ମିଳନୀ କକ୍ଷ ବାହାରେ ଆସନ୍ତା ନିର୍ବାଚନ ପାଇଁ ଦଳର ଦୁଇ ଆଶାୟୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି । ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସମ୍ମିଳନୀ କକ୍ଷରେ ପଡ଼ିଥିବା ଚୌକିରେ କେତେକ ଦଳୀୟ କର୍ମୀ ବସିଥିବା ଯୋଗୁ ଖବରଦାତାମାନଙ୍କୁ ଛିଡ଼ା ହୋଇ ରହିବାକୁ ପଡ଼ିଥିଲ । ଏହା ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁଙ୍କ ଦୃଷ୍ଟିକୁ ଆସିବା ପରେ ସେ ଦଳୀୟ କର୍ମୀଙ୍କୁ ବାହାରକୁ ଯିବା ପାଇଁ ଅନୁରୋଧ କରିଥିଲେ । ଫଳରେ ଦଳୀୟ କର୍ମୀମାନେ ସେହି ସମ୍ମିଳନୀ କକ୍ଷ ବାହାରକୁ ଯାଇଥିଲେ ଏବଂ କିଛି ଦଳୀୟ ନେତୃବୃନ୍ଦ ସମ୍ମିଳନୀ କକ୍ଷ ଦ୍ୱାରରେ ପଛପଟ କବାଟକୁ ଠେଲି ରହିଥିଲେ। ଏହି ସମୟରେ ବାହାର ପଟୁ ଅନ୍ୟ ଜଣେ ଦଳୀୟ କର୍ମୀ ତଥା ଆଶାୟୀ କବାଟ ଠେଲି ଧସେଇ ପଶିବାକୁ ଉଦ୍ୟମ କରିଥିଲେ । ଏହାକୁ ନେଇ ସେଠାରେ ଉପସ୍ଥିତ ଦୁଇ ଆଶାୟୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିବା ଦେଖିବାକୁ ମିଳିଥିଲା । ଦଳର ଓଡ଼ିଶା ପ୍ରଭାରୀ ତଥା ଛତିଶଗଡ଼ର ଜଣେ ବରିଷ୍ଠ ମନ୍ତ୍ରୀ ସମ୍ମିଳନୀ କକ୍ଷରେ ଖବରଦାତାଙ୍କୁ ସମ୍ବୋଧିତ କରୁଥିବାବେଳେ ବାହାରେ ଦୁଇ ଆଶାୟୀଙ୍କ ଏଭଳି ଧସ୍ତାଧସ୍ତି ଲୋକଙ୍କୁ ଚର୍ଚ୍ଚା ପାଇଁ ଖୋରାକ୍ ଯୋଗାଇଛି।

# ଘରଡିହ ଯୁଗାବାରେ ପରଶାସନ ବିଫଲ

କାମଟିକ୍ରା,୧୩।୩(ଡି.ଏନ.ଏ.):

ଭୂମିହୀନମାନକୁ ସରକାର ବସୁନ୍ଧରା ଯୋଜନାରେ ଘର ଡିହ ଯୁଗେଇ ଦେଉଛନ୍। ତାହାକୁ ଭିନେ ଭିନେ ସରକାରୀ ଯୋଜନାରେ ସାମିଲ କରି ପକା ଘର ବି ଯୁଗେଇ ଦେଉଛନ୍। ହେଲେ ସରକାରକଁର ଇ ସବୁ ମହତ୍ ଯୋଜନା ବରଗଡ଼ ଜିଲା ଅତାବିରାରେ ବାଟବନା ହେଉଥିବାର ଦେଖିବାକେ ମିଲୁଛେ। ଖବର ନେବାରେ ଜନାଯାଇଛେ ଯେ, ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ପଁଚେତ୍‌ର କୁଲୁଣ୍ଡା ହାଇସ୍କୁଲପଡ଼ାର ୧୦ଟା ଭୂମିହୀନ ପରିବାର ଘରଡ଼ିହ ଲାଗି ବାରବାର ବ୍ଲକନୁ ଜିଲା ପରଶାସନ ତକ୍ ଗୁହାରି କରି ନିରାଶ ହେଇଛନ୍। ଏନ୍‌ତା କି ଜନଅଭିଯୋଗ ଶୁନାନିରେ ଇ ଦୁଖି ପରିବାରମାନେ ଗଲା ୫ ବଛର ହେଲା ଗୁହାରି କରିଆସୁଛନ୍। ହେଲେ କେହି ତାକର ଗୁହାରି ନାଇଁ ଶୁନୁଥିବାର ଅଭିଯୋଗ ହେଇଛେ। ୨୦୧୮ ଜୁଲାଇରେ ହେଇଥିବାର ଝରି ବର୍ଷାରେ ଇ ପରିବାରମାନକର ଘରଦୁଆର ଭାଂଗିଯାଇଥିଲା। ତାପରେ ଆଏଜ୍ ତକ୍ ଇ ପରିବାରମାନେ ବେସାହାରା ଜୀବନ୍ ବିତଉଛନ୍। ପରିବାରମାନେ ନିହାତି ଗରିବ୍ ଆର ଖଟିଖିଆ ବରଗର ହେଇଥିଲା ବେଲେ କେହି ଘରଖଁଡ଼େ ବନାବାର ଲାଗି ସକ୍ଷମ ନୁହଁନ୍। ଇଆଡ଼େ କାହାରି ଜମିବାଡ଼ି, ଘରଡ଼ିହ ନାଁଇଁନ। ଯେନ୍‌ଥିରଲାଗି ସରକାରୀ ଜାଗାରେ ଗୁଟେ ଗୁଟେ କୁରିଆ କରି ଖରା, ବର୍ଷା, ଶୀତ କାକରରେ ଜୀବନ୍ ବିତଉଛନ୍। ଯେତେ ଜଲ୍‌ଦି ହେବା ଇ ଗରିବ୍ ଦୁଖିକୁ ଘରଡ଼ିହ ସଂଗେ ସରକାରୀ ଯୋଜନାରେ ସାମିଲ କରି ପକାଘର ଖଁଡ଼େ ଲେଖେଁ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍। ଇ ବାବ୍‌ଦେ ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ାକୁଁ ପଚରାଲାରୁ ଯଦି ସେମାନେ ଭୂମିହୀନ ଆର ଘରଡିହ ଲାଗି ଆବେଦନ କରିଛନ୍ ତ ନିହାତି ଭାବେ ତାହାକୁ ଯୁଗେଇ ଦେବାର ବେବସ୍ତା କରାଯିବା ବଲି ସେ କହିଥିଲେ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ
ଡିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଏତଦ୍‌ଦ୍ୱାରା ଋଣଗ୍ରହୀତା: **ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କୁ** ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ଏନ୍‌ପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ତାଙ୍କର ଶେଷ ଜ୍ଞାତ ଠିକଣାରେ ରେଜେଷ୍ଟ୍ରି ଡାକ ସହିତ ଏ/ଡି ଯୋଗେ ନୋଟିସ୍ ଜାରି କରାଯାଇଥିଲା ଯାହାକି ପ୍ରଦାନ କରାଯାଇନପାରି ଫେରସ୍ତ ଆସିଅଛି, ତେଣୁ ଏହି କାରଣରୁ ଉକ୍ତ ବିଷୟରେ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଅବଗତ କରାଗଲା।

| ଆଠଗଡ଼ ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁଥିବା ସୁରକ୍ଷିତ ସମ୍ପତ୍ତିର ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ | ଏନ୍‌ପିଏ ତାରିଖ | ବକେୟା ଦେୟ |
|---|---|---|---|---|
| ଋଣଗ୍ରହୀତା: ଶ୍ରୀ ମନୋରଞ୍ଜନ ମହାପାତ୍ର, ପିତା: ନିତ୍ୟାନନ୍ଦ ମହାପାତ୍ର, ସା: ବଡ଼ଭୁଇଁଦଳ, ପୋ: ବଡ଼ଭୁଇଁ, ଥାନା: ଆଠଗଡ଼, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୧୨୨୯୨୯୭୦୮ ଏବଂ ୩୨୮୩୮୭୦୦୪୫୭ | ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଡ଼ଭୁଇଁଦଳ, ଥାନା/ତହସିଲ: ଆଠଗଡ଼, ଜିଲ୍ଲା: କଟକ, ଖାତା ନଂ.: ୨୯୦/୩୪୫, ପ୍ଲଟ୍ ନଂ.: ୧୮୩୩, କ୍ଷେତ୍ର: ଏକର୦.୨୭ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଦିଗମ୍ବର ଦାସ, ପଶ୍ଚିମ: ରାହାସ ନରେନ୍ଦ୍ର, ଉତ୍ତର: ରାହାସ ନରେନ୍ଦ୍ର, ଦକ୍ଷିଣ: ରାସ୍ତା | ୦୧.୦୩.୨୦୧୯ | ୩୦.୦୪.୨୦୧୪ | ୧୬.୧୦.୨୦୧୮ ସୁଦ୍ଧା ଟ.୩୪,୭୧,୫୫୧.୫୭ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଉପରୋକ୍ତ ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି ସେ ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ତାଙ୍କର ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩ର ଉପଧାରା (୪) ଅନୁସାରେ ଉକ୍ତ ନୋଟିସ୍‌ର **୬୦ ଦିନ** ଅତିକ୍ରାନ୍ତ ପରେ ବ୍ୟାଙ୍କ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କୁ ଜଣାଇଦିଆଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ଲିଖିତ ଅନୁମତି ବିନା ଏହି ନୋଟିସ୍‌ରେ ଦର୍ଶିତ ବନ୍ଧକ ସମ୍ପତ୍ତିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟମାଧ୍ୟମ ଦ୍ୱାରା ସେ ହସ୍ତାନ୍ତରିତ କରିପାରିବେ ନାହିଁ । ଏହି ନୋଟିସ୍‌ଟି ବ୍ୟାଙ୍କ ଦ୍ୱାରା କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ବୋଲି ମନେହେବ ତାହା ଆରମ୍ଭ କରିବାର ଅଧିକାରକୁ କୌଣସି ପ୍ରକାର ପ୍ରତିହତ କରିବ ନାହିଁ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

ତାରିଖ : ୧୩.୦୩.୨୦୧୯, ସ୍ଥାନ : କଟକ
କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଧରିତ୍ରୀ DHARITRI
ସମ୍ବଲପୁର, ଗୁରୁବାର, ୧୪ ମାର୍ଚ୍ଚ, ୨୦୧୯



ତିନୋଟି ଜିନିଷକୁ ଦୀର୍ଘଦିନ ଧରି ଲୁଚାଇ ହେବନାହିଁ। ସେଗୁଡ଼ିକ ହେଲା ସୂର୍ଯ୍ୟ, ଚନ୍ଦ୍ର ଓ ସତ୍ୟ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଘରେ ପଶି ସୁନା ଚେନ୍ ଲୁଟ୍

**ରାଉରକେଲା ଅଫିସ,୧୩।୩:** ମଙ୍ଗଳବାର ବିଳମ୍ବିତ ରାତିରେ ରେଲୱେ କଲୋନୀରେ ରହୁଥିବା ଜଣେ ରେଳ କର୍ମଚାରୀଙ୍କ ଘରେ ପଶି ଦୁର୍ବୃତ୍ତମାନେ ସୁନା ଚେନ୍ ଲୁଟି ନେଇଥିବା ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଛି। ରେଳ କର୍ମଚାରୀ ଜଣକ ରାତି ଡ୍ୟୁଟିରେ ଥିବାବେଳେ ତାଙ୍କ ସ୍ତ୍ରୀ ଏବଂ ଦୁଇ ପିଲା ଘରେ ଥିଲେ। ଏହି ସୁଯୋଗରେ କେହି ଅଜଣା ଦୁର୍ବୃତ୍ତ ପାଚେରି ଡେଇଁ ଘରେ ପଶିଥିବା ସନ୍ଦେହ ବ୍ୟକ୍ତ କରାଯାଇଛି। ମହିଳା ଓ ପିଲାମାନଙ୍କୁ ଧମକ ଦେଇ ଗୋଟିଏ ସୁନା ଚେନ୍ ଲୁଟି ଦୁର୍ବୃତ୍ତ ଫେରାର ହୋଇଯାଇଥିବା କୁହାଯାଉଛି। ଏନେଇ ପୋଲିସ ତଦନ୍ତ କରୁଛି।

### ଗୁରୁ ନାନକ ପବ୍ଲିକ ସ୍କୁଲରେ ସ୍ୱାସ୍ଥ୍ୟ ଶିବିର

**ରାଉରକେଲା ଅଫିସ,୧୩।୩:** ସେକ୍ଟର-୨୧ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ହିଁ ସମ୍ପଦ ସ୍ଲୋଗାନକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସୁସ୍ଥ ଶରୀର, ନିରୋଗ ଜୀବନ ନେଇ ପରାମର୍ଶ ଦିଆଯାଇଥିଲା। ଅଧକ୍ଷା ମନଭିନ କୌର ଉପସ୍ଥିତ ରହି କହିଥିଲେ, ମଣିଷ ସୁସ୍ଥ ରହିଲେ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ କରିବାକୁ ସକ୍ଷମ ହୋଇଥାଏ। ଏହା ବ୍ୟତୀରେକ କେବେ ସଫଳ କାର୍ଯ୍ୟ ସମ୍ପନ୍ନ ହୁଏନି। ଏଣୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ନିଜ ଜୀବନଚର୍ଯ୍ୟା ପ୍ରତି ସଚେତନ ହେବାକୁ ଅଧକ୍ଷା ପରାମର୍ଶ ଦେଇଥିଲେ।

### ସଚେତନ ନାଗରିକ ମଞ୍ଚ ପ୍ରତିଷ୍ଠା ଦିବସ ୧୬ରେ

**ରାଉରକେଲା ଅଫିସ,୧୩।୩:** ଅଗ୍ରଣୀ ସାମାଜିକ ଅନୁଷ୍ଠାନ ସଚେତନ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଆସନ୍ତା ୧୬ ତାରିଖ ପୂର୍ବାହ୍ନ ୧୦ଟାରେ ଉଦିତନଗର ସିଂହାସିନୀ ମନ୍ଦିରରେ ଅନୁଷ୍ଠିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଚିତ୍ତରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠା ଦିବସକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ଏଥିରେ ଉପସ୍ଥିତ କର୍ମକର୍ତ୍ତା ଆଲୋଚନା କରିଥିଲେ। ଏହି ଅବସରରେ ବନ୍ଧମୁଣ୍ଡାଠାରେ ଏକ ନୂତନ ରେଳ ଡିଭିଜନ ପ୍ରତିଷ୍ଠା ନେଇ ବରିଷ୍ଠ ସଦସ୍ୟ ଦାବି ଉପସ୍ଥାପନ କରିଥିଲେ। ଏହାକୁ ଅଣଦେଖା କରାଯାଇଥିବାରୁ ବୈଠକରେ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଏ ନେଇ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା। ସାଧାରଣ ନିର୍ବାଚନ ତାରିଖ ଘୋଷଣା ସରିଥିବାରୁ ପ୍ରତିଷ୍ଠା ଦିବସକୁ ନିରାଡ଼ମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସାଧାରଣ ସମ୍ପାଦକ ପି.ପି. ରାୟ, ଜଟାଧାରୀ ମାଝି, କୁଞ୍ଜ ରାଉତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିରଞ୍ଜନ ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

ରଘୁନାଥପାଲି ବିଜେଡି

# 'ଶୃଙ୍ଖଳା ଭଙ୍ଗକାରୀ ଚାହୁଁଛନ୍ତି ନୂଆ ମୁହଁ'

**ରାଉରକେଲା ଅଫିସ,୧୩।୩**



ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଦଳୀୟ କର୍ମକର୍ତ୍ତା।

ରଘୁନାଥପାଲି ବିଜୁ ଜନତା ଦଳ ନଗର ସଭାପତି ସୁଧିର ସୁନ୍ଦରାୟଙ୍କ ଅଧକ୍ଷତାରେ ବୁଧବାର ଦଳର ସେକ୍ଟର-୩ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ସାଙ୍ଗକୁ ଦଳୀୟ ନେତାଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଧାୟକ ସୁବ୍ରତ ତରାଇଙ୍କ ଅନୁପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ସମ୍ପାଦକ ଆନନ୍ଦ ମହାନ୍ତି, ମହିଳା ନେତ୍ରୀ ଇନ୍ଦିରା ନାୟକ, ବରିଷ୍ଠ ନେତା ନିରଞ୍ଜନ ଦାସ, ଚିତ୍ତ ଭୂମିଜ, କମଳାକାନ୍ତ ନାୟକ, ମନୋଜ ବେହେରା ଓ ସତ୍ୟନାରାୟଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ତରାଇ ବିଧାୟକ ଥିବା ସମୟରେ ନିର୍ବାଚନ ମଣ୍ଡଳୀରେ କରାଯାଇଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଦଳୀୟ ନେତା ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ମହାନ୍ତି କହିଥିଲେ, ଯେଉଁମାନେ ନେତୃତ୍ୱ ପରିବର୍ତ୍ତନ ବା ନୂଆ ମୁହଁ କଥା କହୁଛନ୍ତି ସେମାନେ ଦଳର ଶୃଙ୍ଖଳା ଭଙ୍ଗ କରୁଛନ୍ତି। ଏ ନେଇ ଉପସ୍ଥିତ ନେତୃମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କାହାର ଅସନ୍ତୋଷ ଥିଲେ ସେ ଦଳୀୟ ଫୋରମରେ କହିବାର ଅଧିକାର ଅଛି। ଏହା ନ କରି ନିର୍ଦ୍ଦିଷ୍ଟ କେତେଜଣ ଲୋକ ତରାଇଙ୍କ ବିରୋଧରେ ଅପପ୍ରଚାର କରିବା ଠିକ୍ ନୁହେଁ ବୋଲି ମହାନ୍ତି କହିଥିଲେ। ବିଧାୟକ ତାଙ୍କ କାର୍ଯ୍ୟକାଳରେ ଅନେକ ଉନ୍ନୟନ କାର୍ଯ୍ୟ କରିଛନ୍ତି ବୋଲି ନଗର ସଭାପତି ସୁନ୍ଦରାୟ କହିଥିଲେ। ସେ କହିଥିଲେ, ବିଧାୟକ ତରାଇ ତାଙ୍କ ନିର୍ବାଚନ ମଣ୍ଡଳୀରେ ୩ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଅନେକ ଜନହିତକର ଯୋଜନା କରିଛନ୍ତି। ରାସ୍ତା, ପାନୀୟ ଜଳ, ବିଜୁଳି, ଶିକ୍ଷା, ସ୍ୱାସ୍ଥ୍ୟ, ବନ୍ଧବାଡ଼ ଭଳି ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ କରାଯାଇଛି। ଯେଉଁ ଅଞ୍ଚଳ ଆର୍‌ଏସ୍‌ପି ଅଧୀନରେ ରହିଛି, ସେଠାରେ କିଛି ମାତ୍ରାରେ ଉନ୍ନୟନ ବାଧାପ୍ରାପ୍ତ ହୋଇଛି। ଲାଠିକଟା ବ୍ଲକ ୭ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ନିଆଯାଇଛି। ପ୍ରାୟ ୮୦ ପ୍ରତିଶତ କଂକ୍ରିଟ ରାସ୍ତା ଶେଷ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ୫୫୨ ନଳକୂପ ବସାଯାଇଛି। ୨୩୬ଟି ବସ୍ତିର ଲୋକଙ୍କ ବିକାଶ ପାଇଁ ତରାଇ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି। ପାନୀୟ ଜଳ ସମସ୍ୟା ଦୂର ନେଇ ଅମୃତ ଯୋଜନାରେ ୨୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କୋଏଲ ବ୍ୟାରେଜ ନିର୍ମାଣ ନେଇ ୩୪୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଆଗାମୀ ଦିନରେ ନିଶ୍ଚିତ ରୂପେ ଏହା ନିର୍ମାଣ କରାଯିବ ବୋଲି ନେତୃମଣ୍ଡଳୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଲାଠିକଟା ବ୍ଲକର ଟିମ୍ପୋଯୋରଠାରେ ବିଜୁ ସେତୁ ଯୋଜନାରେ ନିର୍ମାଣ ଚାଲିଥିବା ବ୍ରିଜ ଶେଷ ହେବା ପରେ ନଦୀ ଅପରପାର୍ଶ୍ୱ ପଞ୍ଚାୟତ ବାସିନ୍ଦା ନିଶ୍ଚିତ ଉପକୃତ ହେବେ। ଏହା ବ୍ଲକ ମୁଖ୍ୟାଳୟ ସହ ସିଧାସଳଖ ଯୋଗାଯୋଗ ନେଇ ବାଟ ଖୋଲିବ। ସେହିଭଳି ଦକ୍ଷିଣ ରାଉରକେଲାର ପଛୁଆ ଟାଙ୍ଗରପାଲି ବସ୍ତି ଅଞ୍ଚଳରେ ୧ କୋଟି ୨୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ରାସ୍ତାକୁ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇଥିଲା। ଷ୍ଟିଲ ଟାଉନଶିପ ଅଞ୍ଚଳରେ ରହିଥିବା ବସ୍ତି ବାସିନ୍ଦାଙ୍କ ଜଳକଷ୍ଟ ଦୂର ପାଇଁ ଏକାଧିକ ସ୍ଥାନରେ ଗଭୀର ନଳକୂପ ଖନନ କରାଯାଇଛି। ବନ୍ଧମୁଣ୍ଡା, ଶୀତଳପଡ଼ା ଓ ତର୍କେରା ଆଦି ବସ୍ତି ଅଞ୍ଚଳରେ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରିଛି। ଏପରି ଅବସ୍ଥାରେ ଯେଉଁମାନେ ବିଧାୟକଙ୍କ ସଫଳତାକୁ ନେଇ ପ୍ରଶ୍ନ ଉଠାଉଛନ୍ତି ତାହାର କିଛି ସତ୍ୟତା ନାହିଁ ବୋଲି କହିଥିଲେ ବିଜେଡି ନେତୃମଣ୍ଡଳୀ। ତେବେ ଏଥିରେ ଉପସ୍ଥିତ ଖବରଦାତାଙ୍କ କେତେକ ପ୍ରଶ୍ନକୁ ଏଡ଼ାଇ ଦେଇ ଯାହା କରାଯାଇଛି ତାହା ପୂର୍ବରୁ କେବେ ହୋଇ ନ ଥିଲା ବୋଲି କହିଥିଲେ ବିଜେଡି ନେତା।



ଆଇଜିଏଚ୍ ପକ୍ଷରୁ ଜଣେ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଉଛି।

### ପଲ୍ସ ପୋଲିଓ ଅଭିଯାନରେ ଆଇଜିଏଚ୍ ସାମିଲ

**ରାଉରକେଲା ଅଫିସ,୧୩।୩**

ଦେଶରେ ପଲ୍ସ ପୋଲିଓ ଅଭିଯାନ ଚାଲିଥିବା ବେଳେ ଏଥିରେ ସାମିଲ ହୋଇଛି ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)। ଗତ ୧୦ ତାରିଖରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ଟିକାକରଣ ଆରମ୍ଭ ହୋଇଛି। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡାକ୍ତର ଏସ୍.ଏସ୍. ପତି ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରି ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ବିଭାଗୀୟ ନିର୍ଦ୍ଦେଶକ ଆର୍.କେ. ବେହେରା, ଶିଶୁ ରୋଗ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ଏ. ଶାହା, ସରକାରଙ୍କ ପ୍ରତିନିଧି, ରୋଟାରି କ୍ଲବ ସଭାପତି ମିନତି ମହାପାତ୍ର, ଅନ୍ୟ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ। ଶତପ୍ରତିଶତ ଟିକାକରଣ ଅଭିଯାନକୁ ସଫଳ କରିବାକୁ କର୍ତ୍ତୃପକ୍ଷ ଉଦ୍ୟମ କରୁଛନ୍ତି। ଏହି ୩ ଦିନିଆ ଅଭିଯାନରେ ୧୯୬୦ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଥିଲା।



ପାନପୋଷ ଗାନ୍ଧି ଛକରେ ରାଉରକେଲା ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ପରିବର୍ତ୍ତନ ସଙ୍କଳ୍ପ ଯାତ୍ରାରେ ସାମିଲ ଦଳୀୟ କର୍ମକର୍ତ୍ତା।

## ଯୁବ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସଂକଳ୍ପ ଯାତ୍ରା

**ରାଉରକେଲା ଅଫିସ,୧୩।୩**

ପାନପୋଷ ମାହାତ୍ମା ଗାନ୍ଧୀ ଛକରେ ବୁଧବାର ଅପରାହ୍ନ ୩ଟାରେ ରାଉରକେଲା ଯୁବ କଂଗ୍ରେସ ସଭାପତି ପ୍ରବୋଧ ଦାସଙ୍କ ନେତୃତ୍ୱରେ ପରିବର୍ତ୍ତନ ସଂକଳ୍ପ ଯାତ୍ରା ଶୁଭାରମ୍ଭ କରାଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଏଥିରେ ସମାଲୋଚନା କରଯାଇଥିଲା। କଂଗ୍ରେସ କ୍ଷମତାସୀନ ହେଲେ କୃଷକ, ବ୍ୟବସାୟୀ, ଶ୍ରମିକ, ଛାତ୍ର, ଯୁବକ ଓ ମହିଳା ନିଶ୍ଚିତ ଉପକୃତ ହେବେ ବୋଲି ଏଥିରେ କୁହାଯାଇଥିଲା। ଶୋଭାଯାତ୍ରା ମୁଖ୍ୟ ମାର୍ଗରେ ଆସି ଉଦିତନଗରଠାରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ସୂର୍ଯ୍ୟକାନ୍ତ ବାରିକ, ଶିବୁ ଦୀପ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ପିସିସି ସମ୍ପାଦକ ରଶ୍ମିରଞ୍ଜନ ପାଢ଼ୀ, ବିନୋଦ ରାଉତ, ବିଜୟଶଙ୍କର ପୁରୋହିତ, ପ୍ରସନ୍ନ ବଳିଆରସିଂ, ଟୁଟୁ ମହାନ୍ତି, ରଞ୍ଜିତା ମଲ୍ଲିକ, ରାଜା ନାୟକ ଓ ଶୁକଦେବ ବଡ଼ାଇକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୟ ସଙ୍କଳ୍ପ ଯାତ୍ରାରେ ସାମିଲ ହେଲେ ବହୁ ଭାଜପା କର୍ମୀ

**ରାଉରକେଲା ଅଫିସ,୧୩।୩**

ଭାଜପା ମିଡ୍‌ଟାଉନ ମଣ୍ଡଳ ସଭାପତି କେଦାର ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ବିଜୟ ସଙ୍କଳ୍ପ ଯାତ୍ରା ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ୭ ସ୍ଥାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଦଳୀୟ ସମର୍ଥକଙ୍କ ଭିଡ଼ ଜମିଥିଲା। ଏଥିରେ ବରିଷ୍ଠ ନେତା ତପନ ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ବିଜେଡିର କୁଶାସନ ଓ କେନ୍ଦ୍ର ମୋଦି ସରକାରଙ୍କ ଜନମଙ୍ଗଳ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଯୋଜନା ନାଁରେ ଦୁର୍ନୀତିଗ୍ରସ୍ତ ରାଜ୍ୟ ସରକାର କିଭଳି ଲୋକଙ୍କୁ ଭୁଆଁବୁଲା ନୀତି କରିଛନ୍ତି ସେ ନେଇ ଉପସ୍ଥିତ ନେତୃମଣ୍ଡଳୀ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସମ୍ପାଦକ ଧିରେନ ସେନାପତି, ନିହାର ରାୟ, ରଘୁବଳ, ଭଗବାନ ରାଉତ, ନୃସିଂହ ଜେନା, ପ୍ରବାଳରଞ୍ଜନ ବାରିକ ପ୍ରମୁଖ ବକ୍ତବ୍ୟ ରଖି ବିଭିନ୍ନ କ୍ଷେତ୍ରରେ ବିଫଳ ରାଜ୍ୟ ସରକାରଙ୍କ ଅପାରଗତାକୁ ସମାଲୋଚନା କରିଥିଲେ। ଆଗାମୀ ଦିନରେ ରାଜ୍ୟରେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ସରକାର ଗଠନ ପାଇଁ ଶାସନ କ୍ଷମତା ବଦଳିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୁଣି ଥରେ ମୋଦି ସରକାର ସ୍ଲୋଗାନକୁ ଏଥିରେ ଦୋହରାଯିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ଭାଜପା ନେତା। କେବଳ ଓଡ଼ିଶା ନୁହେଁ, ଷ୍ଟିଲ ସିଟିର ବିକାଶ ପାଇଁ ଭାଜପା କରିଛି କ'ଣ ବୋଲି ପ୍ରଶ୍ନ କରାଯିବା ସହ ବିଜେଡିର ବିଫଳତାକୁ ପ୍ରସଙ୍ଗ କରାଯାଇଥିଲା। କାର୍ଯ୍ୟକ୍ରମରେ ବିନ୍ଦର ସିଂ, ଅଙ୍କୁଶ ବର୍ମା, ବାବୁ ପରିଡ଼ା, ସତ୍ୟନାରାୟଣ ସେଠ, ଯୁଗଳ ପାତ୍ର, ଜଗବନ୍ଧୁ ଜେନା, ବିନୋଦ ସିଂ ରାଜପୁତ, ରମେଶ ସିଂ, ନିଖିଳ ସୋନି ଓ ମାନସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ରାଉରକେଲା ମିଡ୍‌ଟାଉନ ଭାଜପା ମଣ୍ଡଳ ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ଯାତ୍ରା ଅଭିଯାନରେ ଅନୁଷ୍ଠିତ ପଥପ୍ରାନ୍ତ ସଭା।



ରାମନବମୀ ଉପଲକ୍ଷେ ରାଉରକେଲା ଶିବାଜୀ ମାର୍ଗ ଯୁବ ସଙ୍ଗଠନ ପକ୍ଷରୁ ଝଣ୍ଡା ପୂଜନ କରାଯାଉଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବ ନ୍ଧୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘ ।ରେ ସମାଧାନ। ଗୋଟିଏ ଫୋନ୍, ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣଙ୍କୁ ଚାକିରି ମିଳିବ। ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR


FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668, 8395864708
SCO- 106, Second Floor, Vishal Tower, Cannaught Place, Delhi.

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୪ ମାର୍ଚ୍ଚ, ୨୦୧୯



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ବ୍ରାହ୍ମଣ ସମାଜ ପକ୍ଷରୁ ଏପ୍ରିଲ ପହିଲାରେ ସାମୂହିକ ବ୍ରତୋପନୟନ

**ସୁନ୍ଦରଗଡ଼, ୧୩।୩ (ଡି.ଏନ୍.ଏ):** ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ମାର୍ଚ୍ଚ ୩୧ ଓ ଏପ୍ରିଲ ପହିଲାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର ହୋଇଛି। ଜିଲା ବ୍ରାହ୍ମଣ ସମାଜ ଉପସଭାପତି ଚିନ୍ମୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ଜିଲା ବ୍ରାହ୍ମଣ ସମାଜର ପୂର୍ବତନ ସଭାପତି ବିଶେଶ୍ୱର ପୁରୋହିତଙ୍କ ବିୟୋଗରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହା ପରେ ପ୍ରତିବର୍ଷ ଭଳି ଚଳିତବର୍ଷ ପାଇଁ ବ୍ରାହ୍ମଣ ସମାଜ ତରଫରୁ ସାମୂହିକ ବ୍ରତୋପନୟନ ପାଇଁ ଦିନଧାର୍ଯ୍ୟ କରାଯାଇଥିଲା। ଏହି ବୈଠକରେ ସୁନ୍ଦରଗଡର ହେମନ୍ତ ଦାଶ, ବଳରାମ ଦାଶ, ଉପେନ୍ଦ୍ର ମିଶ୍ର, କେଶବ ସା, ମୀନକେତନ ଦାଶ, ବାଦଶା ହୋତା, ରାମେଶ୍ୱର ହୋତା, ଦୀନଦୟାଲ ପାଣିଗ୍ରାହୀ, ମୁରଲୀଧର ପଣ୍ଡା, ଆଲୋକ ପୂଜାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ବ୍ରାହ୍ମଣ ସମାଜର ସଚିବ ବେଣୁମାଧବ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

### ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ ଦାବି

**କୁଆଁରମୁଣ୍ଡା, ୧୩।୩(ଡି.ଏନ୍.ଏ):** ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ଏବେ ପୋଲିସ ପାଟ୍ରୋଲିଂ ହେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଫଳରେ ଅଞ୍ଚଳରେ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଗତ ୨ସପ୍ତାହ ହେଲା ଏହି ଅଞ୍ଚଳରେ ଏକାଧିକ ଚୋରି ହୋଇଥିଲେ ମଧ୍ୟ ପୋଲିସ ଅପରାଧିମାନଙ୍କୁ ଧରିବା ଦୂରର କଥା ସେମାନଙ୍କ ଟେର ପାଇପାରୁ ନାହିଁ। ଫଳରେ ଅପରାଧିମାନେ କୁଆଁରମୁଣ୍ଡା, ପଦ୍ମପୁର, ଖୁଖୁଣ୍ଡୁବାହାଲ, କଚାରୁ, ଝାରବେଡ଼ା ଇତ୍ୟାଦି ଅଞ୍ଚଳରେ ବିଶେଷଭାବେ ସକ୍ରିୟ ରହୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଉ ଆଗଭଳି କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ହେଉନାହିଁ। ଏପରିକି ରାତ୍ରିକାଳୀନ ପାଟ୍ରୋଲିଂ ଆଦୌ ହେଉନାହିଁ ବୋଲି ଅଭିଯୋଗ ହେଉଛି। ଫଳରେ କୁଆଁରମୁଣ୍ଡା ସଦର ଅଞ୍ଚଳର ବିଭିନ୍ନ ବସ୍ତିରେ ବହୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଏ ନେଇ ବୀରମିତ୍ରପୁର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ କହିଲେ ଯେ, ଫାଣ୍ଡିରେ ଷ୍ଟାଫ ଅଭାବ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଗୁରୁବାର ଠାରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ଥାନାରୁ ଷ୍ଟାଫ ପଠାଇ ବ୍ୟବସ୍ଥା କରିବି ବୋଲି ଆଇଆଇସି ମାଝି କହିଛନ୍ତି। ତେବେ ଆଇଆଇସିଙ୍କ ଏହି ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ ବାକି ରହିଲା।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ପିଠା କାର୍ଯ୍ୟକ୍ରମରେ ଜନପ୍ରତିନିଧି, ସରକାରୀ କର୍ମଚାରୀଙ୍କ ହାତ ଚିକ୍କଣ

# ଆସୁଛି ଲକ୍ଷେ, ଖର୍ଚ୍ଚ ହେଉଛି ୫୦ ହଜାର

**ବଡ଼ଗାଁ, ୧୩।୩ (ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ହାତ ଚିକ୍କଣ କରୁଛି। କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସୁଥିବା ଲୋକଙ୍କୁ ଖାଇବା ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ସରକାର ୧ଲକ୍ଷ ଟଙ୍କା ଦେଉଥିଲେ ମଧ୍ୟ ଲୋକେ ପାଣିଚିଆ ଡାଲି ଓ ଭାତ ଖାଉଥିଲାବେଳେ ଅନେକ ଭୋକରେ ଘରକୁ ଫେରୁଛନ୍ତି। ୫୦ ହଜାରରୁ କମ ଟଙ୍କା ଖର୍ଚ୍ଚ କରି ବାକି ଟଙ୍କା ହେରଫେର୍ କରାଯାଉଛି। ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତର କେତେକ ଜନପ୍ରତିନିଧି ଓ ଗ୍ରାମବାସୀ ଏଭଳି ଅଭିଯୋଗ ଉଠାଇଛନ୍ତି। ଗତ ମାସ ୧୮ ତାରିଖରେ ବରଙ୍ଗାକଛାର ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ହୋଇଥିଲା। ପ୍ରାୟ ୧୫ଶହ ପଞ୍ଚାୟତବାସୀ ଯୋଗଦେଇଥିଲେ। ସେଠାରେ ଲୋକଙ୍କୁ ପାଣିଚିଆ ଡାଲି ଓ ଭାତ ଖାଇବାକୁ ଦିଆଯାଇଥିଲା। ପ୍ରାୟ ୬ଶହରୁ ୭ଶହ ବ୍ୟକ୍ତି ଖାଦ୍ୟ ନ ଖାଇ ଭୋକରେ ଫେରିଯାଇଥିଲେ। ୧ଲକ୍ଷ ଟଙ୍କା ସରକାର ଦେଉଥିବା ସତ୍ତ୍ୱେ କିପରି ଅଭାବ ହେଲା, ତାକୁ ନେଇ ପ୍ରଶ୍ନ ଉଠୁଛି। ମୁଣ୍ଡାଗାଁର ଜୟମଣୀ ନାଏକ ଫେବୃୟାରୀ ୨୨ ତାରିଖ ସୂଚନା ଅଧିକାର ଆଇନରେ ଖର୍ଚ୍ଚ ସମ୍ବନ୍ଧୀୟ ତଥ୍ୟ ମାଗିଥିଲେ। ସେଥିରେ ପିଠା କାର୍ଯ୍ୟକ୍ରମର କୌଣସି ଅଟକଳ ନ ଥାଏ ଓ କାର୍ଯ୍ୟକ୍ରମ ପାଇଁ ଏସ୍‌ଏଫ୍‌ସିରୁ ୧ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ହୋଇଥିଲା ବୋଲି ଦର୍ଶାଯାଇଛି। ଟେଣ୍ଟ ଖର୍ଚ୍ଚ ୧୫ ହଜାର ଟଙ୍କା, ସାଂସ୍କୃତିକ କାର୍ଯ୍ୟକ୍ରମରେ ୬ହଜାର, ପିଠା ବାବଦରେ ୮ ହଜାର, ପନିପରିବା ୩ହଜାର, ରାଶନ ସାମଗ୍ରୀ ୧୬ ହଜାର ଓ ରୋଷେଇ ବାବଦରେ ୨ହଜାର ଟଙ୍କା ମୋଟ ୫୦ ହଜାର ଟଙ୍କା ଖର୍ଚ୍ଚ ଦର୍ଶାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ସମିତି ସଭ୍ୟ ରବୀନ୍ଦ୍ର ଲୁଗୁନଙ୍କୁ ପଚାରିବାରେ ଦୁଃଖର ବିଷୟ ୧ଲକ୍ଷ ଟଙ୍କା ସରକାରଙ୍କଠାରୁ ମିଳିଥିଲେ ମଧ୍ୟ ଅନେକ ବ୍ୟକ୍ତି ଖାଦ୍ୟ ନ ପାଇ ଭୋକରେ ଫେରିଲେ। ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲେ ଲୋକେ ଭଲଭାବେ ଖାଇ ପାରିଥାନ୍ତେ। ୩୦ ହଜାର ଟଙ୍କାରୁ ଅଧିକ ଖର୍ଚ୍ଚ କଦାପି ହୋଇ ନ ଥିବ। ଏହାର ତଦନ୍ତ କଲେ ଅନିୟମିତତା ପଦାକୁ ଆସିବ ବୋଲି ସେ କହିଛନ୍ତି। ପିଠା କାର୍ଯ୍ୟରେ ପିଠା ଯୋଗାଇଦେବା ପାଇଁ କୁଲଗାର ସୂର୍ଯ୍ୟକାନ୍ତି ଓ ସାବିତ୍ରୀ ଏସ୍‌ଏଚ୍‌ଜି ଏବଂ ବରଙ୍ଗାକଛାରର ବୈଷ୍ଣବୀ ଏସ୍‌ଏଚ୍‌ଜିଙ୍କ ସହିତ ଯୋଗାଯୋଗ କରିଥିବା ଏସ୍‌ଏଚ୍‌ଜି ମହାସଂଘର ସମ୍ପାଦିକା ମନ୍ଦାକିନୀ ନାଏକଙ୍କୁ ପଚାରିବାରେ ୭ଶହ ପିଠା ୨ଟି ଗ୍ରୁପ ସୂର୍ଯ୍ୟକାନ୍ତି ଓ ସାବିତ୍ରୀ ଦେଇଥିଲେ। ତାଙ୍କ ୩ହଜାର ଟଙ୍କା ଓ ବରଙ୍ଗାକଛାରର ୬୫୦ ପିଠା ଦେଇଥିବା ବୈଷ୍ଣବୀ ଗ୍ରୁପକୁ ଅଢ଼େଇ ହଜାର ଟଙ୍କା ମୋଟ ସାଢ଼େ ୫ହଜାର ଟଙ୍କା ଦିଆଯାଇଥିବା କହିଛନ୍ତି। ତେବେ ସୂଚନା ଅଧିକାର (ଆରଟିଆଇ)ରେ ମିଳିଥିବା ତଥ୍ୟାନୁଯାଇ ୮ହଜାର ଟଙ୍କା ପିଠା ବାବଦରେ ଖର୍ଚ୍ଚ ଦର୍ଶାଯାଇଥିବାରୁ ଆଉ ଅଢ଼େଇ ହଜାର ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି। ଏହିପରି ଖର୍ଚ୍ଚ ଦର୍ଶାଇ ପିଠା କାର୍ଯ୍ୟକ୍ରମର ଅର୍ଥ ହଡପ କରାଯାଉଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଲୋଇସିଂହା ଭାଜପା କାର୍ଯ୍ୟାଳୟ ଶୁଭାରମ୍ଭ

**ଲୋଇସିଂହା, ୧୩।୩(ଡି.ଏନ.ଏ.)**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହେବା ସହ ନିର୍ବାଚନ ତାରିଖ ଘୋଷଣା ସରିଛି। ବାକି ରହିଛି ପ୍ରାର୍ଥୀଙ୍କ ନାମ ଘୋଷଣା। ଏନେଇ ଦଳୀୟ କର୍ମୀ ଏବଂ ଭୋଟରଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶପାଇଛି। ନିର୍ବାଚନ ପାଖେଇ ଆସିଥିବାରୁ ରାଜନୈତିକ ଦଳଗୁଡିକ ସଂକ୍ରୀୟ ହୋଇ ପଡିଛନ୍ତି। ଏହି ପରିପ୍ରେକ୍ଷୀରେ ଲୋଇସିଂହା ନିର୍ବାଚନମଣ୍ଡଳୀର ଭାଜପା କାର୍ଯ୍ୟାଳୟ ଆଗଲପୁର ବ୍ଲକ ନଅଗାଁ(ଖ)ରେ ବୁଧବାର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀ ପ୍ରଭାରୀଙ୍କ ଅଧକ୍ଷତାରେ ଜିଲା ସଭାପତି ଭକ୍ତ ବନ୍ଧୁ ନାଏକ ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ।

## ଗାର୍ଡୱାଲ କାମ ନିମ୍ନମାନର ଅଭିଯୋଗ

**ବିଶ୍ରା, ୧୩।୩ (ଡି.ଏନ.ଏ.)**

ବିଶ୍ରା ବ୍ଲକ ଅନ୍ତର୍ଗତ ଡରେଇକେଲା ଚୌକ ଠାରୁ ସାରୁବାହାଲ ପାଡହା ହାଇସ୍କୁଲ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ଦ୍ୱାରା ୨କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା ନିର୍ମାଣ, କଲଭର୍ଟ, ପୋଲ, ଗାର୍ଡୱାଲ କାମ ହେଉଛି। ରାସ୍ତା ଦୁଇ ପଟେ ଗାର୍ଡୱାଲ କାମ ଅତିଯୋରସୋରରେ ଚାଲିଛି। ହେଲେ ଉକ୍ତ ଗାର୍ଡୱାଲ କାମରେ ନିମ୍ନମାନର ସିମେଣ୍ଟ ବ୍ୟବହୃତ ହେଉଛି। ପୋଲ ଓ କଲଭର୍ଟଗୁଡିକରେ ଯେଉଁ ସିମେଣ୍ଟ ବ୍ୟବହୃତ ହେଉଛି, ସେହି ସିମେଣ୍ଟ ଗାର୍ଡୱାଲ କାମରେ କାହିଁକି ବ୍ୟବହାର ହେଉନାହିଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଥିଲେ। ବିଶ୍ରା ବ୍ଲକ ବରିଷ୍ଠ କଂଗ୍ରେସ ନେତା, ସାମାଜିକ କର୍ମୀ ମହେଶ ସିଂ ଓ ଅନ୍ୟମାନେ କାର୍ଯ୍ୟସ୍ଥଳକୁ ଯାଇ ନିମ୍ନମାନର ସିମେଣ୍ଟ ବ୍ୟବହାର ନ କରିବା ପାଇଁ ଠିକାଦାର ଓ ସୁପରଭାଇଜରଙ୍କୁ କହିଥିଲେ। ତଥାପି ଠିକାଦାର କାହାରି କଥା ଭ୍ରୁକ୍ଷେପ ନ କରି ଗାର୍ଡୱାଲ କାମରେ ସେହି ନିମ୍ନମାନର ସିମେଣ୍ଟ ବ୍ୟବହାର କରୁଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏଚ.କେ. ଷଡଙ୍ଗୀଙ୍କୁ ଅଭିଯୋଗ କରିବାରୁ ସେ କହିଲେ, ଠିକାଦାରଙ୍କୁ ନିମ୍ନମାନର ସିମେଣ୍ଟ ବ୍ୟବହାର ନ କରିବା ପାଇଁ କୁହାଯାଇଛି। ତଥାପି ଠିକାଦାର ଉକ୍ତ ସିମେଣ୍ଟ ବ୍ୟବହାର କରୁଛନ୍ତି। ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତକରି କହିଛନ୍ତି, ଉକ୍ତ ଗାର୍ଡୱାଲ ଅତି ନିମ୍ନମାନର ନିର୍ମାଣ ହେଉଛି। ଏଣୁ ବର୍ଷା ଦିନରେ ଧସିଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏପଟେ ଠିକାଦାର କହୁଛନ୍ତି, ସିମେଣ୍ଟ ଭଲମାନର। କିନ୍ତୁ ଗ୍ରାମବାସୀ ପ୍ରଶ୍ନ କରୁଛନ୍ତି, ଯଦି ଗାର୍ଡ଼ୱାଲରେ ବ୍ୟବହୃତ ସିମେଣ୍ଟ ଭଲ ତାହେଲେ ପୋଲ ତଥା କଲଭର୍ଟ କାମରେ ସେହି ସିମେଣ୍ଟ ବ୍ୟବହୃତ କାହିଁକି କରାଯାଉନି। ଯେଉଁ ସିମେଣ୍ଟ ପଞ୍ଚାୟତ ତଥା ବ୍ଲକସ୍ତରର କାମରେ ବ୍ୟବହୃତ ହେଉନାହିଁ ସେହି ସିମେଣ୍ଟ ପୂର୍ତ୍ତ ବିଭାଗ କାମରେ କିପରି ବ୍ୟବହାର ହେଉଛି ତାହା ପ୍ରଶ୍ନବାଚୀ। ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଠିକାଦାର କାହିଁକି ଅମାନ୍ୟ କରୁଛନ୍ତି ଜଣାପଡୁନି। ଏହାର ତଦନ୍ତ ପାଇଁ ଗ୍ରାମବାସୀ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ପୂର୍ତ୍ତବିଭାଗ ଦ୍ୱାରା ଚାଲିଥିବା ଗାର୍ଡ଼ୱାଲ କାମ।

## ଯୁବକଙ୍କୁ ଛୁରା ମାଡ଼ କରି ୨ ଗିରଫ

**ସୁନ୍ଦରଗଡ଼, ୧୩।୩ (ଡି.ଏନ୍.ଏ)**

ସଦର ଥାନା ଅନ୍ତର୍ଗତ ଲଙ୍କାହୁଡା ଗ୍ରାମରେ ଜଣେ ଯୁବକଙ୍କୁ ଛୁରାମାଡ ଘଟଣାରେ ବୁଧବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ଜଣ ହେଲେ ସେହି ଗ୍ରାମର ସନ୍ୟାସୀ ପଟେଲ (୬୫) ଓ ଭଷ୍ମା ଥାନା ଠିଟେଇଟାଙ୍ଗର ଗ୍ରାମର ଅଭିନ୍ନ କମାର (୬୦)। ପୋଲିସ ସୂଚନା ମୁତାବକ ଅଭିନ୍ନ କମାରଙ୍କ ଠାରୁ ଲଙ୍କାହୁଡା ଗ୍ରାମର ଉମେଶ ପଟେଲ (୪୫) କିଛି କାଠ ଆଣିଥିଲେ। ମଙ୍ଗଳବାର ଅପରାହ୍ନରେ କାଠବାବଦ ଟଙ୍କା ମାଗିବାକୁ ଯାଇଥିବା ବେଳେ ଉମେଶଙ୍କ ସହିତ ଅଭିନ୍ନଙ୍କ ପାଟିତୁଣ୍ଡ ହୋଇଥିଲା। ଏହା ପରେ ଅଭିନ୍ନ ସେହି ଗ୍ରାମରେ ରହୁଥିବା ତାଙ୍କ ସାଙ୍ଗ ସନ୍ୟାସୀଙ୍କୁ ଡାକି ଆଣିଥିଲେ। ଘଟଣାସ୍ଥଳରେ ସନ୍ୟାସୀ ପହଞ୍ଚି ଏକ ଛୁରୀରେ ଉମେଶଙ୍କ ଛାତିରେ ଭୁଷି ଦେଇଥିଲେ। ଏହି ଘଟଣାରେ ଉମେଶଙ୍କୁ ଗୁରୁତର ଆହତ ଅବସ୍ଥାରେ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଉମେଶଙ୍କ ବୟାନ ଓ ଏତାଲା କ୍ରମେ ସଦର ଥାନାରେ ଏକ କେଶ (ନଂ. ୪୭/୨୦୧୯) ରୁଜୁ ହୋଇଛି।

ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ

## ୧୯୭୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ସୁନ୍ଦରଗଡ଼, ୧୩।୩ (ଡି.ଏନ୍.ଏ)**

ସ୍ଥାନୀୟ ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟରେ ୧୯୭୦ ମ୍ୟାଟ୍ରିକ ବ୍ୟାଚର ୩୦ଜଣ ଛାତ୍ର ଦୀର୍ଘ ୪୯ ବର୍ଷ ପରେ ପ୍ରଥମ ଥର ପାଇଁ ନିଜ ବିଦ୍ୟାଳୟକୁ ମନେ ପକାଇ ଏକାଠି ହୋଇଛନ୍ତି। ସ୍କୁଲ ଜୀବନର ସ୍ମୃତି, ଅନୁଭୂତିକୁ ପରସ୍ପର ମଧ୍ୟରେ ବାଣ୍ଟି ଥିଲେ। ଆୟୋଜିତ ଏହି ନିଆରା ବନ୍ଧୁମିଳନ କାର୍ଯ୍ୟକ୍ରମର ପ୍ରାରମ୍ଭରେ ନିଜ ଗୁରୁମାନଙ୍କୁ ଫୁଲତୋଡା ଓ ଉପଢୌକନ ଦେଇ ସମ୍ମାନିତ କରି ଆଶୀଷ ଲାଭ କରିଥିଲେ। ବିଦ୍ୟାଳୟର ପୁରାତନ ଶିକ୍ଷକ ଶିବଶଙ୍କର ପୃଷେଠ, ରଘୁନାଥ ପଟେଲ ଓ ବସନ୍ତ କୁମାର ପଟେଲ ଏହି ଉତ୍ସବରେ ଉପସ୍ଥିତ ହୋଇ ଛାତ୍ରମାନଙ୍କୁ ଆର୍ଶୀବଚନ ଦେଇଥିଲେ। ପ୍ରତିବର୍ଷ ଏହି ପରମ୍ପରାକୁ ବଜାୟ ରଖି ସମାଜରେ ଥିବା ଗୁରୁଶିଷ୍ୟ ପରମ୍ପରାର ମହନୀୟତାକୁ ଅତୁଟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଯେଉଁମାନେ ଆଜି ନାହାନ୍ତି, ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତି ସାଧନ ପାଇଁ ଯଥାସାଧ୍ୟ ଚେଷ୍ଟା କରିବା ପାଇଁ ପୁରାତନ ଛାତ୍ରମାନେ ମତପୋଷଣ କରିଥିଲେ। ପୁରାତନ ଛାତ୍ର ପ୍ରଦୀପ ପଟେଲ, ନରେନ୍ଦ୍ର କୁମାର ପଟେଲ, ପ୍ରଦୀପ କୁମାର ବାନାର୍ଜୀ, ଶଙ୍କର ପ୍ରସାଦ ସେନ୍, ଡଃ ହଲାନ ଏକ୍କା, ଅବଦୁଲ ହୁସେନ୍, ଅଶୋକ କୁମାର ପଟେଲ, ଉମେଶ ଚନ୍ଦ୍ର ପଟେଲ, ଲୀଳାଧର ରାଠୋର, ସୁଧୀର କୁମାର ନାଏକ, ଜୀବର୍ଦ୍ଧନ ନାଏକ, ଯୁଧିଷ୍ଠିର ସରାଫ, ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




୧୯୭୦ ମ୍ୟାଟ୍ରିକ ବ୍ୟାଚର ବନ୍ଧୁମିଳନ।

## ବାସନ୍ତିକ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଲୋଇସିଂହା, ୧୩।୩(ଡି.ଏନ.ଏ.)**

ଲୋଇସିଂହା ଦୁର୍ଗାମଣ୍ଡପଠାରେ ଆସନ୍ତା ଏପ୍ରିଲ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ ହେବ। ଏନେଇ ବୁଧବାର ସନ୍ଧ୍ୟା ୬ଟାରେ ଶୁଭ ଲଗ୍ନରେ ଶୁଭସ୍ତମ୍ଭ ସ୍ଥାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା ହୋଇଥିଲା।

## ସ୍ତ୍ରୀଙ୍କୁ ପିଟି ହତ୍ୟାକଲେ ସ୍ୱାମୀ

**ଲହୁଣୀପଡା, ୧୩।୩ (ଡି.ଏନ.ଏ)**

ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ ବାଡିରେ ପିଟିପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଲହୁଣୀପଡା ଥାନା ଅନ୍ତର୍ଗତ ବୁର୍ଡା ପଞ୍ଚାୟତର ରାମାରୁଡା ଗ୍ରାମରେ ମଙ୍ଗଳବାର ରାତି ପ୍ରାୟ ୧ଟାରେ ଏହି ଘଟଣା ଘଟିଛି। ରାତିରେ ଖାଇ ସାରି ସ୍ୱାମୀସ୍ତ୍ରୀ ଶୋଇଥିଲେ। କୌଣସି କାରଣ ଯୋଗୁ ରାମଚନ୍ଦ୍ର ମୁଣ୍ଡା (୨୭) ସ୍ତ୍ରୀ ଯମୁନା (୨୫)ଙ୍କ ସହିତ ଝଗଡା କରିଥିଲେ। ଯମୁନା ବିରୋଧ କରିବାରୁ ରାମଚନ୍ଦ୍ର ଅତ୍ୟଧିକ ରାଗି ଯାଇ ଏକ ବାଡିରେ ଯମୁନାଙ୍କୁ ବାରମ୍ବାର ପ୍ରହାର କରିଥିଲେ। ରକ୍ତାକ୍ତ ଅବସ୍ଥାରେ ସକାଳ ପର୍ଯ୍ୟନ୍ତ ଯମୁନା ପଡିରହିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାମଚନ୍ଦ୍ରଙ୍କ ଘର ସାହି ମଧ୍ୟରୁ ଅନତି ଦୂରରେ ଥିବାରୁ କେହି ଜାଣିପାରି ନ ଥିଲେ। କିନ୍ତୁ କୌଣସି ମତେ ଲୋକମାନେ ଜାଣି ପୋଲିସକୁ ଖବର ଦେବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିବା ସହିତ ବାଡିକୁ ମଧ୍ୟ ଜବତ କରିଥିଲେ। ରାମଚନ୍ଦ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି।

## ଲହୁଣୀପଡ଼ାରେ ଇଭିଏମ, ଭିଭିପିଏଟି ସମ୍ପର୍କିତ ସଚେତନତା ଶିବିର

**ଲହୁଣୀପଡା, ୧୩।୩ (ଡି.ଏନ.ଏ)**

ଲହୁଣୀପଡା ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ମଙ୍ଗଳବାର ଇଭିଏମ୍ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣେଇ ସହକାରୀ ଜିଲାପାଳ ରବିନ୍ଦ୍ର କୁମାର ସେଠୀ, ଲହୁଣୀପଡା ତହସିଲଦାର ଆଲୋକ କୁମାର ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରିୟଦର୍ଶ ସଂଗ୍ରାମକେଶରୀ ଖୁଣ୍ଟିଆ, କୋଇଡା ତହସିଲଦାର ଦୁର୍ଯ୍ୟୋଧନ ଭୋଇ ସମେତ ପ୍ରମୋଦ ଟପ୍ପୋ, ଅଜୟ କୁମାର ସାହୁ, କୁଟାଣ ତିର୍କୀ ପ୍ରମୁଖ ଉପସ୍ଥିତ ରହି ସର୍ବସାଧାରଣଙ୍କୁ ସଚେତନ କରାଇଥିଲେ। ଆଗାମୀ ନିର୍ବାଚନରେ ଭୋଟରମାନେ କେମିତି ସହଜ ଓ ସୁବିଧାରେ ଇଭିଏମ ଓ ଭିଭିପିଏଟି ମେଶିନ ବ୍ୟବହାର କରି ନିଜର ପ୍ରାର୍ଥୀଙ୍କୁ ମତଦାନ କରିପାରିବେ ବୋଲି ଉପସ୍ଥିତ ଲୋକଙ୍କୁ ସୂଚନା ଦେଇଥିଲେ।



ଇଭିଏମ ଓ ଭିଭିପିଏଟି ମେଶିନ ବ୍ୟବହାର ସମ୍ପର୍କରେ ସଚେତନ କରାଯାଉଛି।

ଦ୍ୱିଦିବସୀୟ ଲୋକକଳା ଓ ପାଲା ସମ୍ମିଳନୀ ଉଦ୍‌ଯାପିତ

# ସଂସ୍କୃତି, ପରମ୍ପରା ବଞ୍ଚାଇବାରେ ପାଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବଡ଼ଗାଁ, ୧୩।୩ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଜୁନାପଡା ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୧୦ରୁ ଆରମ୍ଭ ହୋଇଥିବା ଦ୍ୱିଦିବସୀୟ ଲୋକକଳା ଓ ପାଲା ସମ୍ମିଳନୀ ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଜୟ ଜଗନ୍ନାଥ ଯୁବକ ସଂଘ ସୌଜନ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଉକ୍ତ ସମ୍ମିଳନୀରେ ଭୁବନେଶ୍ୱରସ୍ଥିତ ପ୍ରଜ୍ଞା ମହାବିଦ୍ୟାଳୟର ଅଧକ୍ଷ ଡ. ବୈରାଗୀଚରଣ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା ବେଗୁନିଆର ପଣ୍ଡିତ ଭାଷାରତ୍ନ ଖଗେଶ୍ୱର ମାର୍ଥା, ନିଖିଳୋତ୍କଳ ପାଲା ପରିଷଦର ମାର୍ଗଦର୍ଶକ ପ୍ରତାପ କୁମାର ବେଜି, ଗାଳ୍ପିକ ହୃଦାନନ୍ଦ ପଟେଲ, ଜିଲା ପରିଷଦ ସଭ୍ୟ ଅଶୋକ ଲାକ୍ରା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ସ୍ଥାନୀୟ ସରପଞ୍ଚ ଗଜିନ୍ଦ୍ର ବାଗ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ପଟ୍ଟନାୟକ କହିଥିଲେ, ଓଡିଶାର ପୁରପଲ୍ଲୀରେ ପାଲା ହୋଇଥାଏ। ପାଲା ତାର ନିଜସ୍ୱ କଳାକୁ ନହରାଇ ବଜାୟ ରଖିଛି। ସାହିତ୍ୟ, ସଂସ୍କୃତି, ପରମ୍ପରାକୁ ବଞ୍ଚାଇ ରଖିବାରେ ପାଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଲା କେବଳ ମନୋରଞ୍ଜନ ନୁହେଁ, ଏହା ଏକ ଚାଟଶାଳୀ ବୋଲି କହି ବିଭିନ୍ନ ଦୃଷ୍ଟାନ୍ତ ଦେଇ ବୁଝାଇଥିଲେ। ମଞ୍ଚାସୀନ ଅତିଥିମାନେ ପାଲାର ମହତ୍ତ୍ୱ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ 'ଓଡିଶାର ସାଂସ୍କୃତିକ ବିକାଶରେ ପାଲାର ଭୂମିକା' ଶୀର୍ଷକ ଆଲୋଚନା ହୋଇଥିଲା। ସକାଳେ ବୈଦିକ ଯଜ୍ଞ, ଧ୍ୱଜା ଉତ୍ତୋଳନ, ପୂର୍ବାହ୍ନରେ କୃଷ୍ଣଗୁରୁ, କୀର୍ତ୍ତନ, ଭାଗବତ, ଖଞ୍ଜଣୀ ଭଜନ ହୋଇଥିଲା। ସନ୍ଧ୍ୟାରେ କୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତିରେ ସାରସ୍ୱତ ସମାରୋହ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଦ୍ୱିତୀୟ ଦିବସରେ ବ୍ଲକ ଅଧକ୍ଷା ମିଞ୍ଜ, ଭାଜପା ଜିଲା ସଭାପତି ବଟକିଶୋର ମିଶ୍ର, ଶିକ୍ଷକ ଗଣେଷ ବାରିକ, କିରିଙ୍ଗସିରା ହାଇସ୍କୁଲର ହିନ୍ଦି ଶିକ୍ଷକ କୃଷ୍ଣଚନ୍ଦ୍ର ଶାସ୍ତ୍ରୀ, ଭାଜପାର ବିଧାନସଭା ଟିକଟ ଆଶାୟୀ ଧ୍ରୁବ କାଲୋ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦ୍ୱିତୀୟ ଦିବସରେ 'ବେଦ ଓ ବିଜ୍ଞାନ ଉଭୟ ପରିପୂରକ ନା ବିରୋଧି' ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଡ. ପଟ୍ଟନାୟକ, ପଣ୍ଡିତ ମାର୍ଥା, ଗାଳ୍ପିକ ହୃଦାନନ୍ଦ ପଟେଲ ଆଲୋଚନା ଉପସ୍ଥାପନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୪ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାମରା ଗ୍ରାମର ଚନ୍ଦ୍ରମଣୀ ରାଉତଙ୍କୁ ପାଲିଆ ପ୍ରଦୀପ, ଶିବଶଙ୍କର ଖିଲାରୀଙ୍କୁ ସଂସ୍କୃତି ଭାଗିରଥି, ପରମାନନ୍ଦ ରାଉତଙ୍କୁ ଗାୟକ ବେଦପ୍ରଭା, ବାସୁଦେବ ହୋତାଙ୍କୁ ସଂସ୍କାର ବିଭୂଷଣ, ବଣେଇର ରାଜ କୁମାର ପାତ୍ରଙ୍କୁ ଗାୟକ ଭୂଷଣ, ରେମଣ୍ଡାର ବଳରାମ ମଗରଙ୍କୁ ଗାୟକ ବିଦ୍ୟା ବିଭୂଷଣ, ଖୋର୍ଦ୍ଧାର ଭାଷ୍ୟରତ୍ନ ଖଗେଶ୍ୱର ମିର୍ଥାଙ୍କୁ ଗାୟକ ସମ୍ରାଟ, ଗରଗଡବାହାଲର ପ୍ରଫୁଲ୍ଲ କୁମାର ସାହୁଙ୍କୁ ଗାୟକ ଶିରୋମଣୀ, କାଦୋପଡାର ବିପିନ କୁମାର ବରିହାଙ୍କୁ ଗାୟକ ବାଣୀ ଭାରତୀ, ଡୁଡାଲଗାର ମନୋରମା କିଷାନଙ୍କୁ ନୃତ୍ୟମଞ୍ଜରୀ, ବାଲିଶଙ୍କରାର ଲୋକନାଥ ମହାକୁଡଙ୍କୁ ଗାୟକ ମାର୍ତ୍ତଣ୍ଡ, ଗେଲେଇବାହାଲର ଶ୍ରୀକାନ୍ତ କରାଲିଙ୍କୁ ସ୍ମୃତିପ୍ରଜ୍ଞା ସମ୍ମାନ, ପାମରାର ଶିକ୍ଷକ ଗଣେଷ ବାରିକଙ୍କୁ ସ୍ମୃତିସୁଧା ସାହିତ୍ୟ ସଂସଦ- ୨୦୧୯ ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀର ଆୟୋଜକ ଶ୍ରୁତିସୁଧା ସାହିତ୍ୟ ସଂସଦର ସମ୍ପାଦକ ଫକିର ମୋହନ ବାଡା ମଞ୍ଚ ପରିଚାଳନା କରିଥିଲେ। ସଭାପତି ନରେନ୍ଦ୍ର କୁମାର ବାରିକ ଓ ଯୁବକ ସଂଘର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।




ମଞ୍ଚାସୀନ ଅତିଥି ଓ ଉପସ୍ଥିତ କଳାକାର।